# ଡୋଗ୍ରିଟର ପାଦେରା

ଚିତ୍ତରଞ୍ଜନ ଦାସ

# ରୋହିତର ଡାଏରୀ

## ଚତୁର୍ଦ୍ଦଶ ପର୍ବ

ଚିତ୍ତରଞ୍ଜନ ଦାସ

ଏସ୍‌. ଏ. ପବ୍ଲିକେଶନସ୍‌,
ବିନୋଦ ବିହାରୀ,
କଟକ-୭୫୩୦୦୨

# ରୋହିତର ଡାଏରୀ

( ଚତୁର୍ଦ୍ଦଶ ପର୍ବ )

ଲେଖକ : ଚିତ୍ତରଞ୍ଜନ ଦାସ

ପ୍ରକାଶକ :
ନଳିନୀକାନ୍ତ ନନ୍ଦ
ଏସ୍‌ବି ପବ୍ଲିକେଶନସ୍
ବିନୋଦବିହାରୀ, କଟକ-୨

ମୁଦ୍ରଣ :
ସୁବି ପ୍ରିଣ୍ଟର୍ସ
ଦାସ ସାହି
କଟକ-୧୨

ପ୍ରଥମ ସଂସ୍କରଣ-୧୯୯୪

ମୂଲ୍ୟ-ଟ ୪୦-୦୦

## ROHITARA DIARY

Written by Sri Chittaranjan Das, Published by Sri Nalinikanta Nanda, SB Publications, Binodbehari Cuttack-2 & Printed at Subi Printers, Cuttack-12

Ist Edition-1994 Price-Rs. 40-00

ISBN 81 7404 004 8

…ସଦନକୁ ମୁଁ ପ୍ରଥମେ ଆଗ୍ରାଠାରେ ମୋ'ର ଛାତ୍ରରୂପେ ଚିହ୍ନିଲି । ତା'ପରେ ତା' ବାପାଙ୍କ ସହିତ ୧୯୫୯ରେ ମୁଁ ବଦ୍ରୀନାଥ ଓ କେଦାରନାଥ ତୀର୍ଥ ଦର୍ଶନରେ ଗଲାବେଳେ ସିଏ ମଧ୍ୟ ସାଙ୍ଗରେ ଥିଲା । ୧୯୬୦ରେ ତା' ସହିତ ମୁଁ ଗଙ୍ଗୋତ୍ରୀ, ଯମୁନୋତ୍ରୀ ଓ ଗୋମୁଖ ବି ଦେଖିଆସିଲି । ୧୯୮୧ରେ ତା'ର ନିମନ୍ତ୍ରଣରେ ମୁଁ ପୁଣି ବଦ୍ରୀନାଥ ଗଲି, ତା ଗାଆଁ ହାଟକଲ୍ୟାଣୀ ମଧ୍ୟ ଦେଖିଆସିଲି ।

ଜୀବନତୀର୍ଥରେ ସଦନ ଏବେ ମଧ୍ୟ ମୋ'ର ସଙ୍ଗୀ, ସମଧର୍ମୀ ଓ ଅନୁଜ ହୋଇ ରହିଛି । ତିବ୍ବତ, ନେପାଳ ଓ ଭାରତର ସୀମା ଯେଉଁଠାରେ ଏକାବେଳେକେ ଜଡ଼ ହୋଇ ଆସିଛନ୍ତି, ସେ ସେହିଠାରେ ଆପଣାର ଜୀବନ ପଥଟିଏ ଗଢ଼ୁଛି । କେଡ଼େ କର୍ମଠ, କେଡ଼େ କର୍ମବ୍ୟସ୍ତ ଅଥଚ ସଦାପ୍ରସନ୍ନ,— ତାହାହିଁ ସଦନ, ଶ୍ରୀ ସଦନ ପ୍ରସାଦ ମିଶ୍ର । ଏବେ ମଧ୍ୟ ସେ ମୋତେ ନିଜ ପରିବାରର ଜଣେ କରି ରଖିଛି । ମୋତେ ହିମାଳୟ ଯାଏ ପ୍ରସାରିତ କରି ରଖିଛି ।

'ଦେବାତ୍ମର ଡାଏରୀ'ର ଏହି ଚତୁର୍ଦ୍ଦଶ ପର୍ବଟିକୁ ମୁଁ ସଦନ ହାତରେ ଅର୍ପଣ କରି କେତେ ଆନନ୍ଦ ଅନୁଭବ କରୁଛି ।…

# ୧୯୭୯

୩ । ୧ । ୭୯

ବାହାରେ ଅନେକ ବ୍ୟସ୍ତତା । ମାତ୍ର ଭିତରେ କେବଳ ବିଶ୍ୱାସ । ଅନନ୍ତ ବିଶ୍ୱାସ । ଏ ସଂସାର ବଦଳିଯିବ ଏ ମଣିଷମାନେ ଆହୁରି ସୁନ୍ଦର ଦିଶିବେ, ଏହି ଆକାଶଗୁଡ଼ାକ ଆହୁରି ନିର୍ମଳ ଓ ସ୍ନେହସଜଳ ହୋଇ ଉଠିବ । ଏ ରାସ୍ତାଗୁଡ଼ାକ ମୋତେ ଆହୁରି ନିର୍ଭୟ କରିଦେବେ । ସ୍ୱପ୍ନଗୁଡ଼ାକ ମୋତେ ଆହୁରି ଅନେକ, ଆହୁରି ବିଚିତ୍ର ଅନେକ ସ୍ଥାନରେ ବନ୍ଧୁ ବାନ୍ଧିବାର ବାଟ ବତାଇଦେବେ । ଲବ୍ଧ ସତ୍ୟଗୁଡ଼ାକ ଆହୁରି ଅଧିକ ରହସ୍ୟ ଭିତରକୁ ବାଟ ବତାଇ ନେଇଯିବେ । ଏ ଘରଟା ଆହୁରି ଅଧିକ ପରିମାଣରେ ନିଜର ଘରଟାପରି ହିଁ ଲାଗିବ । ମୁଁ ନିଜକୁ ଆହୁରି ଅଧିକ ସମ୍ପୂର୍ଣ୍ଣ ଓ ଆହୁରି ଅଧିକ ପ୍ରପନ୍ନ ଭାବରେ ଦେଇଦେଇ ପାରିବି । ଏଗୁଡ଼ାକ ସବୁ ଏହି ଜୀବନରେ ହିଁ ହେବ । ଏହିଗୁଡ଼ାକ ହିଁ ମୋର ମୁହୂର୍ତ୍ତିକୁ ମୁହୂର୍ତ୍ତି ପୂର୍ଣ୍ଣ କରି ଦେବାରେ ଲାଗିଥିବ । ଏବଂ, ଏସବୁ ଲାଗି ରହିଥିଲେ ଯାବତୀୟ ଦାରିଦ୍ର୍ୟର ଅନୁଭୂତି ପରାସ୍ତ ହୋଇ ପଛରେ ପଡ଼ି ରହିଥିବ । ସଂସାରକୁ ମୁଁ କେଉଁ ଚକ୍ଷୁରେ ଦେଖେ, ଏକଥା ଭାବି ସ୍ଥିର କରିବା ଆଗରୁ ଧାଇଁ ସଂସାରଟା ଯେପରି ମୋ' ଚକ୍ଷୁ ଭିତରେ ଆସି ପୂର୍ଣ୍ଣ ହୋଇଯିବାରେ ଲାଗିଛି । ଆପଣାକୁ ଗୋଟାସୁଦ୍ଧା ଦେଇ ଦେଇ ପାରିଲେ କ'ଣ ସତରେ ଏହିପରି ହୁଏ, ଏହାହିଁ ଘଟେ ?

୪ । ୧ । ୭୯

ଭଗବାନଙ୍କୁ ବାହାରେ ଠାବ କରିବାକୁ ପ୍ରୟାସ କରି କରି ମଣିଷ ତାଙ୍କୁ ପ୍ରାୟ ହରାଇବାକୁ ବସିଲାଣି । ଆଦର୍ଶଗୁଡ଼ାକୁ ବାହାରେ ଠାବ କରିବାର ପ୍ରୟାସ କରି କରି ମଣିଷ କ୍ରମେ ଆଦର୍ଶଛଡ଼ା ହୋଇ ସାରିଲାଣି । ଭବିଷ୍ୟଟା ମଧ୍ୟ ବାହାରୁ କେଉଁଠାରୁ ଆସିବ ବୋଲି ଏକ ଭ୍ରମରେ ଘାରିହୋଇ ମଣିଷ କ୍ରମେ ସକଳ ଭବିଷ୍ୟରୁ ବିଶ୍ୱାସ ହରାଇ ବସିଲାଣି । ଏହାର ଔଷଧ ପୁଣି କ'ଣ ହୋଇପାରେ ? ଯେତେ ପରଧ୍ୱବାଦୀ ହୋଇଥିଲେ ମଧ୍ୟ ସେଇ ଆପଣାଭିତରେ ହିଁ ଭଗବାନଙ୍କୁ ଠାବ କରିବାକୁ ପଡ଼ିବ । ଯଥାର ଆଦର୍ଶଗୁଡ଼ାକୁ ମଧ୍ୟ ନିଜ ଭିତରେ ଠାବ କରିବାକୁ ପଡ଼ିବ, ଆଦର୍ଶକୁ ଆଗ ଆପଣାର ଜୀବନରେ ପରିଣତ କରିବାକୁ ପଡ଼ିବ । ଆଉ, ଭବିଷ୍ୟଟାକୁ ମଧ୍ୟ ଆପଣା ଭିତରେ, ଆପଣାର ଏହି ବର୍ତ୍ତମାନଟା ଭିତରେ ଠାବ କରିବାକୁ ପଡ଼ିବ, ଏଇଠାରୁ ହିଁ ତା'ର ମୂଳଦୁଆ ପକାଇବାକୁ ହେବ । ନିଜ

ଭିତରଟାକୁ ସ୍ପର୍ଶକାତର କରି ରଖି ବାହାରେ ଯେତେ କୀର୍ତ୍ତନ କଲେ ମଧ୍ୟ ଯାହା ଯଥାର୍ଥରେ ଲାଭ କରିବା କଥା, ତାହାକୁ କଦାପି ଲାଭ କରି ହେବନାହିଁ । ଆପଣା ଗ୍ରହଣଶୀଳତାର ଦ୍ୱାରଗୁଡ଼ାକୁ ବନ୍ଦ କରି ରଖି ମଣିଷ କୌଣସି ଆଦର୍ଶଦ୍ୱାରା କଦାପି ତ୍ରାଣ ପାଇ ପାରିବ ନାହିଁ । ଏହି ବର୍ତ୍ତମାନ ଭିତରୁ ହିଁ ଭବିଷ୍ୟର ସ୍ଫୁରଣ ସମ୍ଭବ ନହେଲେ ଭବିଷ୍ୟ ଆକାଶକୁସୁମ ହୋଇ ରହିଥିବ ।

୭ । ୧ । ୭୯

ଖାତା ସରି ସରି ଯାଏ, ଖାତା ବଢ଼ି ବଢ଼ି ଯାଏ । ସଂଗ୍ରହ ବଢ଼ି ବଢ଼ି ଯାଏ । ବାହାରକୁ ଦେଖିବା ଦେଖିବାଲାଗି ସଂଗ୍ରହର ଏହି ବୋଝଗୁଡ଼ାକ ବଢ଼ି ବଢ଼ି ଯାଏ । କିନ୍ତୁ ବୋଝଟା ମୋଟେ ବୋଝପରି ଲାଗେନାହିଁ । ବାଟଗୁଡ଼ାକ ବି ମୋତେ ବୋଝପରି ମନେ ହୁଅନ୍ତିନାହିଁ । ଅନେକ ଥାନରେ ମାୟା ଲାଗେ, ମାୟା ଲାଗିବାର ନୂଆଗୁଡ଼ାକ ସତେଅବା କାହାର ଯାଦୁସ୍ପର୍ଶ ଦ୍ୱାରା ଗଳିତ ହୋଇ ବୃହତ୍ତର ହେବାରେ ଲାଗିଥା'ନ୍ତି । ଗୋଟିଏ ଦିଗ୍‌ବଳୟ କ୍ରମେ କେତେ କେତେ ଦିଗ୍‌ବଳୟରେ ପରିଣତ ହୁଏ । ସବୁରି ନୀଡ଼ରେ ଆପଣାଲାଗି ବି ନୀଡ଼ର ସନ୍ଧାନ କରିହୁଏ । ସବୁରି ଘରେ ଆପଣାର ଠାବ କରି ହୁଏ । ସବୁରି ଯଜ୍ଞରେ ଭାଗ ନେଇ ହୁଏ । ଏ ଗୁଡ଼ାକ କ'ଣ କେବେହେଲେ ବୁଢ଼ା ହୋଇଯିବା ବୋଲି କୁହାଯାଇ ପାରିବ ? ମୁଁ ଏଗୁଡ଼ାକୁ ବୟସକୁ ନିଜର ସାଥୀ କରିନେଇ ବାଟ ଚାଲିବା ବୋଲି କହିବି, ଏହାକୁ ମୁଁ ଜୀବନ ବୋଲି କହିବି, ହଁ, ମୋ' ଯୋଗ ବୋଲି କହିବି ।

୮ । ୧ । ୭୯

ମୁଁ ଆଗ ବଦଳିଲେ ଯାଇ ଜଗତ ବଦଳିବ, ଏହାକୁ ଯେଉଁମାନେ ଅକ୍ଷରିକ ହିସାବୀ ଅର୍ଥରେ ଗ୍ରହଣ କରନ୍ତି; ସେମାନଙ୍କର କଥା ମୁଁ ଆଦୌ ବୁଝି ପାରେନାହିଁ । ସେମାନେ କହନ୍ତି, ଆଗ ଆମେ ନିଜେ ବଦଳିବା, ନିଜେ ଯଥାର୍ଥ ଭାବରେ ଯୋଗ୍ୟ ହେବା, ତା'ପରେ ଯାଇ ଜଗତର ବଦଳିବା ଲାଗି କିଛି ନା କିଛି କରିପାରିବା । ସେମାନେ ହୁଏତ କେବେହେଲେ ବଦଳିଲେ ବୋଲି ଆପଣାର ହୃଦ୍‌ବୋଧ କରାଇ ପାରନ୍ତିନାହିଁ । ଅସଲ କଥା ହେଉଛି, ନିଜେ ବଦଳି ଯାଉଥିବା ସଙ୍ଗେ ସଙ୍ଗେ ହିଁ ଆପଣାର ଚାରିପାଖରେ ରହିଥିବା ଜଗତ ମଧ୍ୟ କ୍ରମେ ବଦଳି ଯାଉଥାଏ । ଯିଏ ବଦଳେ, ପ୍ରକୃତରେ ବଦଳେ, ତା'ର ଆଖି ବଦଳିଯାଏ, ତା'ର ସମ୍ପର୍କଗୁଡ଼ାକ ବଦଳିଯାଏ, ଜୀବନ ବଞ୍ଚିବାର ସ୍ୱଭାବଗତ ଧର୍ମଗୁଡ଼ାକ ବଦଳିଯାଏ । ସିଏ ଆଉ ପୁରୁଣା ଭିତରେ ରହି ପାରେନାହିଁ । ଏଇଥିରୁ ହିଁ ପରିପାର୍ଶ୍ୱ ବଦଳିବାର ଅନୁକୂଳ ଉନ୍ମେଷଗୁଡ଼ାକ ସୃଷ୍ଟି ହୁଏ । ଏହିପରି ଅନେକ ବ୍ୟକ୍ତି ଏକାଠି ହେଲେ, ସେହିମାନଙ୍କ ଦ୍ୱାରା ହିଁ ପରିପାର୍ଶ୍ୱଟି ବଦଳିଯାଏ । ତେଣୁ ନିଜେ ସମ୍ପୂର୍ଣ୍ଣ ଭାବରେ

ବଦଳିବା ପର୍ଯ୍ୟନ୍ତ ଅପେକ୍ଷା କରିବାର ଆଉଦୌ କୌଣସି ପ୍ରଶ୍ନ ହିଁ ନଥାଏ । ଯିଏ ଅପେକ୍ଷା କରେ, ସିଏ ଅପେକ୍ଷା କରିବାକୁ ଇଚ୍ଛା କରୁଥାଏ ବୋଲି ହିଁ ଅପେକ୍ଷା କରି ବସିଥାଏ । ତାର ସମୟ କେବେ ଆସେ ନାହିଁ । ଏକ ଅହେତୁକ ଅଥଚ ସମ୍ଭବତଃ ଏକ ଇଚ୍ଛାକୃତ କୁଣ୍ଠା ହିଁ ତାକୁ କାମୁଡ଼ି ଧରିଥାଏ । ସେହି କୁଣ୍ଠାରେ ପଡ଼ି ସିଏ ନିଜକୁ ମଧ୍ୟ କେବେ ବଦଳି ପାରେନାହିଁ, ସିଏ କେବେହେଲେ ପ୍ରସ୍ତୁତ ହୋଇ ପାରେନାହିଁ । ରହୁ ରହୁ ଏକାବେଳେକେ ରହିଯାଏ ।

୯ । ୧ । ୭୯

ଘରଆଡ଼ର ଏହି ଅବସ୍ଥାକୁ ଯଦି ପ୍ରକୃତରେ ଏକ ସଙ୍କଟ ବୋଲି ଅନୁଭବ କରିଯାଉଥାଏ, ତେବେ ତାହାଭିତରେ ଆମେସବୁ କ'ଣ କରିବା ? ଆମେସବୁ ବି କ'ଣ ସଙ୍କଟଗୁଡ଼ାକ ଭିତରେ ଆର୍ତ୍ତ ପ୍ରାଣୀ ପରି ହାହାକାର—ଚିତ୍କାର କରିବା ? ଭେଲା ବୁଡ଼ିଗଲାବୋଲି ବିକଳ ହୋଇ ଆକାଶ ଆଡ଼କୁ ଅନାଇ ଆର୍ତ୍ତନାଦ କରିବା ? ଗଣ୍ଠି ଫିଟିବାର ବେଳ ଆସି ନିକଟ ହୋଇଗଲେ ସମ୍ଭବତଃ ଏହିପରି ଘରଆଡ଼ୁ ସଙ୍କଟ ମାଡ଼ି ଆସୁଥିବା ପରି ଦେଖାଯାଏ, ଏମିତି ଘରଆଡ଼ ଅସ୍ପଷ୍ଟ ଆଚ୍ଛନ୍ନ ହୋଇ ରହିଥିବା ପରି ଦେଖାଯାଏ । ଖୁଣ୍ଟଗୁଡ଼ାକ ଏମିତି ହଲି ଆସୁଥିବା ପରି ମନେହୁଏ । ପୁରୁଣାଗୁଡ଼ାକ ଏମିତି ଭାବରେ ଆମର ବିଶ୍ୱାସ ହରାଇ ବସନ୍ତି, ପୁରୁଣା ବିଶ୍ୱାସଗୁଡ଼ାକ ଏମିତି ଗୋଟାଏ ଗୋଟାଏ କୃତ୍ରିମତା ପରି ପ୍ରତୀତ ହେବାକୁ ଲାଗନ୍ତି । ତେଣୁ ବିଶ୍ୱାସ ରଖିବାକୁ ହେବ ଯେ, ଗଣ୍ଠିଗୁଡ଼ାକ ଫିଟିଯିବାକୁ ଯାଉଛି । ତେଣୁ, ଆପଣା ଭିତରେ ଗଣ୍ଠିଗୁଡ଼ାକ ଯେପରି ଉଦାର ଭାବରେ ଫିଟିଯାଏ, ଯେଉଁଥିଲାଗି ସମ୍ମତି ଦେବାକୁ ହେବ । ସମାଗତ ଦିନଟି ଲାଗି ଯେପରି ସମ୍ମତି ଘୋଷଣା କରି ସକାଳେ ସୂର୍ଯ୍ୟୋଦୟ ହୁଏ, ସେହିପରି ଏକ ସମ୍ମତି ଦେବାକୁ ହେବ । ଏବଂ ତା'ପରେ, ଖୁସୀ ହୋଇ ଯାହା ଆସୁଛି, ତାକୁ ବାଟ ଛାଡ଼ି ଦେବାକୁ ହେବ ।

୧୬ । ୧ । ୭୯

ଏହି ବାଟଗୁଡ଼ାକୁ କେଉଁ ହୃଦୟ ଭିତରେ ସେପାଖକୁ ଚାଲିଯାଇ ପାରିଲେ ଏପାଖର ପୁରୁଣା ସଂସ୍କାରଗୁଡ଼ାକ ପୁଣି ଏତେ ଦୃଢ଼ ଏବଂ ପ୍ରମତ୍ତ ଭାବରେ ଆମକୁ ଟାଣି ରଖିପାରିବ କିପରି ? ଆପଣାର ଏହି ବୃତ୍ତର ପରିଧିଟିକୁ ବୃହତ୍ତର କରିଦେଇ ପାରିଲେ ପୁନର୍ବାର ସେହି ପୁରୁଣା ବୃତ୍ତଟାର ସ୍ଥିର, ସଂସ୍କାରଗୁଡ଼ାକ ଆମକୁ ଆଉ କୋଳରେ ପକାଇ ରଖିପାରିବ କିପରି ? ଯିଏ ଆପଣାର ଦୁଆରଟିକୁ ଖୋଲି ରଖିବାକୁ ହିଁ ନିଷ୍ପତ୍ତି କରିସାରିଛି, ସିଏ ପୁନର୍ବାର ଗୁଡ଼ାଏ ସ୍ୱୀକୃତ ଅର୍ଥାତ୍ ଗୁଡ଼ାଏ ନିୟମ ଭିତରେ ଆପଣାକୁ ଲୁଚାଇ ରଖିପାରିବ କିପରି ? ଯିଏ ଆପଣାକୁ ଆପଣାର

ସାଥୀ କର, ଅର୍ଥାତ୍ ଆପଣା ଭିତରେ ଆପଣାର ସର୍ବୋତ୍ତମ ସାଥୀଟିକୁ ଆବିଷ୍କାର କରି ଜୀବନ ବଞ୍ଚିବାରେ ଆଗ୍ରହୀ ହେବ, ସିଏ ପୁଣି ମୁଖାଗୁଡ଼ାକୁ ପିନ୍ଧି ଅଭିନୟ କରିବାଲାଗି ସ୍ପର୍ଦ୍ଧା ରଖିପାରିବ ବା କିପରି ? ହଁ, ଯଦି କେବଳ ବୁଦ୍ଧିର କ୍ଷେତ୍ର-ଟିରେ ଏସବୁ ଘଟିଥାଏ, ଯଦି ବୁଦ୍ଧି ଦ୍ୱାରା ପ୍ରେରିତ ହୋଇ ଆମ ବୁଦ୍ଧିଟି ବଢ଼ିଥାଏ, ଆମେ ବାଟଟାକୁ ଭେଟି ଆସିଲୁଣି ବୋଲି ଅନୁଭବ ହେଉଥାଏ, ତେବେ ହୁଏତ ଏପରି ହୋଇ ପାରିବ; ତେବେ ହୁଏତ ପ୍ରହସନ ଲାଗିଥିବ, ବିଡ଼ମ୍ବିତ ହେବାର ଦୁର୍ଦ୍ଦଶା ଲାଗି ରହିଥିବ ।

୧୪ । ୧ । ୭୯

ସେମାନେ ବୟସ ଦେଇ ସବୁକିଛିର ବିଚାର କରନ୍ତି । ବୟସ ଦେଇ ଆୟୁଷର ବିଚାର କରନ୍ତି, ବୟସ ଦେଇ ଶକ୍ତିର ବିଚାର କରନ୍ତି । ବୟସ ଦେଇ ଉତ୍ସାହର ବିଚାର ମଧ୍ୟ କରନ୍ତି । ଅମୁକ ବୟସରେ ଶକ୍ତି ଓ ଉତ୍ସାହ ବଢ଼େ ବୋଲି କହନ୍ତି, ଅମୁକ ବୟସଟା ପାର ହୋଇଗଲେ ଶକ୍ତି ଓ ଉତ୍ସାହ ହ୍ରାସ ହେବାରେ ଲାଗେ ବୋଲି କହନ୍ତି । ସେମାନେ ଶାସ୍ତ୍ରର ପ୍ରମାଣ ଦେଇ ଏଗୁଡ଼ିକର ବଖାଣ କରନ୍ତି, ବିଜ୍ଞାନର ପ୍ରମାଣ ଦେଇ ଆପଣାର ବିଶ୍ୱାସଗୁଡ଼ାକୁ ଆହୁରି ଦୃଢ଼ କରି ରଖିଥାନ୍ତି । ସେଇମାନେ ହିଁ ବୟସ ଅନୁସାରେ ବୁଢ଼ା ହୁଅନ୍ତି, ବୟସ ଅନୁସାରେ ହିଁ ସେମାନଙ୍କର ଉତ୍ସାହ କମେ ଓ ଶକ୍ତି କମିଯାଏ । ସେମାନେ ବିଜ୍ଞାନର ନିୟମ ଅନୁସାରେ ବୁଢ଼ା ହୁଅନ୍ତି, ଉତ୍ସାହ ହରାନ୍ତି ଅଥବା ଶକ୍ତିହ୍ରାସର ସମ୍ମୁଖୀନ ହୁଅନ୍ତି । ବିଜ୍ଞାନ ସେମାନଙ୍କ ଜୀବନର ନିର୍ଦ୍ଧାରକ ହୋଇଥାଏ । ବିଜ୍ଞାନ, ଅର୍ଥାତ୍ କେତେଟା ପରୀକ୍ଷା ଏବଂ ହିସାବ ଦ୍ୱାରା ବ୍ୟବହାର ବୋଲି ନିରୂପିତ ହୋଇଥିବା ଏକ ଆପାତ ସତ୍ୟ । ଯେଉଁମାନେ କେବଳ ସେହିଗୁଡ଼ାକରେ ବିଶ୍ୱାସ କରନ୍ତି, ଅର୍ଥାତ୍ ଆପଣାର ଜୀବନକୁ କେବଳ ସେହିଗୁଡ଼ାକର ଅଧୀନ କରି ରଖନ୍ତି, ସେମାନେ ଅତ୍ୟନ୍ତ ଆଡ଼ମ୍ବର ସହିତ ସେହି ବ୍ୟବହାର ମଧ୍ୟରେ ହିଁ ରହିଯାଆନ୍ତି । ସେମାନେ ତାକୁ ଲଂଘି ପାରନ୍ତିନାହିଁ, ଆପଣାର ସଂସ୍କାରଗତ ଓ ଏପରିକି ଦୃଷ୍ଟିଗତ ସୀମା-ଗୁଡ଼ାକୁ ବି ମୋଟେ ଲଂଘି ପାରନ୍ତିନାହିଁ । ସେମାନେ ବରଂ ଏହି ଆଲୁଅ, ପବନ ଆକାଶରୁ କୌଣସି ଶକ୍ତି ବା କୌଣସି ଉତ୍ସାହ ଆହରଣ କରି ପାରନ୍ତିନାହିଁ । ସେମାନଙ୍କର ବ୍ୟବହାର ମୂଲ୍ୟାୟନର ନିୟମ ଓ ନିୟନ୍ତ୍ରଣଗୁଡ଼ାକ ସେମାନଙ୍କୁ ନିୟମ-ଗୁଡ଼ାକ ମଧ୍ୟରେ ହିଁ ଅବରୁଦ୍ଧ କରି ରଖିଥାଏ, ଖାଲି ସୀମାଧୀନ କରି ରଖିଥାଏ ।

୧୫ । ୧ । ୭୯

ଯେଉଁ ବିଜ୍ଞାନ ଶକ୍ତିଗୁଡ଼ାକ ଖାଲି ବାହାରେ ରହିଛି ବୋଲି ଅନୁମାନ କରୁଥାଏ, ସେହି ବିଜ୍ଞାନ ମଣିଷକୁ ବି ଦୁର୍ବଳ କରିଦିଏ । ଶକ୍ତି ବାହାରେ ଥାଏ,

ଶକ୍ତି ବାହାରୁ ଆସେ ଏବଂ ପୁନର୍ବାର ଆମକୁ ଛାଡ଼ି ବାହାରକୁ ଚାଲିଯାଏ, ଆମକୁ ଦୁର୍ବଳ କରି ତାହା ବାହାରକୁ ଚାଲିଯାଏ,—ଏହିପରି ବ୍ୟାଖ୍ୟାନ କରୁଥିବା ବିଜ୍ଞାନ ଆମକୁ ଭାରି ଦୁର୍ବଳ କରିପକାଏ । ବାହାର ସଂଗ୍ରହ ବଢ଼େ, ବାହାର ଭରସାଗୁଡ଼ାକ ବଢ଼େ, ବାହାରୁ ଦେଖିଲେ ସମ୍ପନ୍ନତା ଗୁଡ଼ାକ କୁଢ଼ କୁଢ଼ ହୋଇ ଜମା ହୋଇ ରହିଥାଏ । ତଥାପି ଦୁର୍ବଳତା ବଢ଼ିବାରେ ଲାଗିଥାଏ, ଅନ୍ତରର ଅନ୍ତର୍ଗତ ଜଗତରେ ଏକପ୍ରକାର ବିଚିତ୍ର ଅସହାୟତା ମଧ୍ୟ ବଢ଼ିବାରେ ଲାଗିଥାଏ । ଆଗେ ଋଷିମାନେ ତପସ୍ୟା କରି ବାହାର ଶକ୍ତିରେ ଶକ୍ତିମାନ୍ ହେଉଥିଲେ, ତାହାଙ୍କ ବଳରେ ସେମାନେ ବାହାର ଆଚରଣରେ ପ୍ରକୃତରେ କେଡ଼େ ଉଦ୍ଦଣ୍ଡ ଏବଂ ଦୁର୍ଦ୍ଧର୍ଷ ବୋଲି ମନେ ହେଉଥିଲା । ମାତ୍ର, ସେମାନଙ୍କ ଭିତରେ ଗୋଟାଏ ମୂଳଭୂତ ଅସହାୟତା ସେମାନଙ୍କୁ ଏପରି ଜବର ଭାବରେ ଓ ଏପରି ସୁନିର୍ଦ୍ଦିଷ୍ଟ ଭାବରେ କାମୁଡ଼ି ଧରିଥିଲା ଯେ ସେମାନେ ତାହାରି ତାଡ଼ନାରେ ସର୍ବଦା ସଶଙ୍କ ହୋଇ ରହୁଥିଲେ । ବାହାର ଉପରେ ଅତିରିକ୍ତ ଭାବରେ ନିର୍ଭର କରୁଥିବା ବିଜ୍ଞାନ କି ସେହିପରି ସମ୍ପତ୍ତି ବଢ଼ାଇଛି, ଯୁଝିବା ଲାଗି ଆମ ହାତରେ କେତେ କେତେ ଅସ୍ତ୍ର ଆଣି ଧରାଇ ଦେଇଛି, କିନ୍ତୁ ଆମକୁ ଭିତରେ ଭାରି ଏକୁଟିଆ କରି ରଖିଛି । ଆମେ ବସ୍ତୁପରୁ ଅର୍ଥାତ୍ ବସ୍ତୁଗତ କେତେଟା ହାରାହାରି ନିୟମରୁ ହିଁ ଆପଣାକୁ କଳନା କରୁଛୁ ଓ ତାହାର ଫଳରେ ପ୍ରାପ୍ତ ଏକ ପରିଣତି ସହିତ ହିଁ ନିୟମାନୁଗତ ହୋଇ ରହିଛୁ । ଏହି ହାରାହାରିଗୁଡ଼ାକ କି ବଦଳି ପାରିବ, ଏହି ବିଶ୍ୱାସଟା ଆମର କ୍ରମେ ଅଧିକରୁ ଅଧିକ କ୍ଷୀଣ ହେବାରେ ଲାଗିଛି । ନିୟମଗୁଡ଼ାକ ଆମକୁ ଆମର ଚତୁର୍ଦ୍ଦିଗରୁ ଏହି ସମ୍ପୂର୍ଣ୍ଣ ପର ବା ସମ୍ପୂର୍ଣ୍ଣ ଶକ୍ତିଭଣ୍ଡାରଟି ସହିତ ପ୍ରାୟ ବିଚ୍ଛିନ୍ନ କରି ରଖିଛି । ତେଣୁ, ଯାବତୀୟ ଯିବାଟାକୁ ଆମେ କେବଳ ଏକ ଶୋଚନୀୟ ହରାଇ ବସିବା ବୋଲି ସ୍ୱୀକାର କରିବାରେ ଲାଗିଛୁ, ଏକ ମାରାତ୍ମକ ମାୟାବାଦରେ ଘାରି ହୋଇ ହିଁ ସବୁକୁ ରୂପକ ବୋଲି ମାନିବାର ଜାଲ ଭିତରେ ପଡ଼ି ରହିଛୁ । ମୋ' ବାହାରେ ଯିଏ, ମୋ' ଭିତରେ ମଧ୍ୟ ସେହି ରହିଛି ବୋଲି ଅନୁଭବ କରି ପାରୁନାହୁଁ ।

୧୯ । ୧ । ୭୯

ମୋ'ର ଇଚ୍ଛା ଅନୁସାରେ ଅନ୍ୟମାନେ ବଦଳୁନାହାନ୍ତି ବୋଲି ଯଦି ମୁଁ ଅଭିମାନ କରି ଅପସରି ଯିବାକୁ ଇଚ୍ଛା କରୁଛି, ତେବେ ସେଥିରେ ମୋ'ର ପ୍ରଫୁଲ୍ଲ ହେବାର ଅଦୌ କିଛି ନାହିଁ । ସେଥିରେ ମୋ'ର କେବଳ ଏକ ପ୍ରଚ୍ଛନ୍ନ ଅହଙ୍କାରର ହିଁ ସୂଚନା ମିଳିଯାଉଛି । ହୁଏତ ମୁଁ ମୋଟେ ବଦଳୁ ନାହିଁ, ବା, ଯେତିକି ବଦଳିଛି, ତା'ଠାରୁ ଆଉ ଅଧିକ ଯିବାଲାଗି ଆଉ ସାହସ ବା ଉତ୍ସାହ ରଖି ପାରୁ-ନାହିଁ; ଏବଂ ତେଣୁ, ଅନ୍ୟମାନେ କାହିଁକି ବଦଳି ପାରୁନାହାନ୍ତି ବୋଲି ରୁଷି

ବସିବାର ଭ୍ରମ କରିବାରେ ଲାଗିଛୁ । ଯେଉଁ ଅଭିମାନୀ ଏଭଳି ଏକ ଆଳସ୍ୟକୁ ଆଦର ନେବାଲାଗି ଉତ୍ସାହ ପ୍ରକାଶ କରୁଛୁ, ସିଏ ଆହୁରି ନୀରବ ହୋଇଯାଉ, ଆହୁରି ଆତ୍ମସ୍ଥ ହେଉ । ଆପଣା ଭିତରେ ସିଏ ସମସ୍ତଙ୍କର ଆହୁରି ଅଧିକ ନିକଟବର୍ତ୍ତୀ ହେବାକୁ ଚେଷ୍ଟା କରୁ । ସେଇ ଆପଣା ଭିତରେ ହିଁ ସିଏ ସମସ୍ତଙ୍କୁ ଆହୁରି ଅଧିକ ଅନ୍ତରଙ୍ଗ ଭାବରେ ଭେଟୁ, ଯେଉଁଠି ସମସ୍ତଙ୍କୁ ଭେଟ । ସହଯାତ୍ରୀ-ରୂପେ ଭେଟୁ, ସମଧର୍ମୀରୂପେ ଭେଟୁ, । ତା' ନହେଲେ, ସଂସାରକୁ ଅନୁପଯୁକ୍ତ ବୋଲି ବିଚାର କରିବାରୁ ଯେଉଁ ଅଭିମାନର ଜନ୍ମ ହୁଏ, ତାହାର କଷାଘାତ କେବଳ ନିଜକୁ ହିଁ ଭୋଗ କରିବାକୁ ପଡ଼ିବ । ଆମେ ଯେ ତଥାପି ପୁରୁଣା ଭୟ ଓ ପୁରୁଣା ଶଙ୍କା ତଥା ପୁରୁଣା ଅହଙ୍କାରର ସଂସ୍କାରଗୁଡ଼ାକୁ ଛାଡ଼ି ପାରିନାହୁଁ, ସେଥିରୁ ପ୍ରଧାନତଃ ତାହାର ସୂଚନା ମିଳିବ । ଆଧ୍ୟାତ୍ମିକତା ଆମର ଏହି ସଂସ୍କାରକୁ ଭାଙ୍ଗି-ବାରେ ହିଁ ସହାୟତା କରୁଥିବ, ଆମକୁ ବାବାଜୀ ବା ଭଲ ମଣିଷ ହୋଇ ପଳାଇ ଯିବାର ଦୁର୍ଗତିରୁ ସର୍ବଦା ବଞ୍ଚାଇ ରଖୁଥିବ । ତେଣୁ, ଆହୁରି ତୃଷ୍ଣା ଦରକାର, ଅନ୍ୟଭିତରେ ପ୍ରବେଶ କରି ପାରିବାଭଳି ଆହୁରି ଅଧିକ ସଂବେଦନଶୀଳତା ଦରକାର, ଆହୁରି ଅଧିକ ବିଶ୍ୱାସ ଦରକାର ।

୨୭ । ୧ । ୭୯

To grow is to let others grow, to live is to let others live, selfpreservation amounts to the preservation of all, —ଆପଣାକୁ ଯେତେବେଳେ ଅନ୍ୟମାନଙ୍କ ସହିତ ଏକାତ୍ମକ କରି ବାଣ୍ଟିବାକୁ ଶିଖିହୁଏ, ଯେତେବେଳେ ଅନ୍ୟମାନଙ୍କୁ ମଧ୍ୟ ନିଜଭିତରେ ଏକାଠି ସମ୍ଭାଳି ଧରି ଜୀବନ ବଞ୍ଚିହୁଏ, ସେତିକିବେଳେ ହିଁ ଯଥାର୍ଥ ଏବଂ ସର୍ବୋତ୍ତମ ଭାବରେ ଆପଣାକୁ ବି ବଞ୍ଚିହୁଏ, ଆପଣାକୁ ରକ୍ଷା କରିହୁଏ, ଆପଣାକୁ ବିକଶିତ କରି ନେଇ-ହୁଏ । ଏ ଦେଶରେ ଆମେ ଗତ ତିରିଶି ବର୍ଷ ଭିତରେ ଏତିକି କଥା ଶିଖି ପାରିଲୁନାହିଁ ବୋଲି ଆପଣାର ବ୍ୟକ୍ତିଗତ ତଥା ସାମୂହିକ ଜୀବନରେ ଏହିଭଳି ନାନା ଦଶା ଭୋଗ କରିବାରେ ଲାଗିଛୁ । ଆପଣାର ଜୀବନଗୁଡ଼ାକୁ ମଧ୍ୟ ଆମେ ଏପରି ଭାବରେ ନିକୃଷ୍ଟ କରି ରଖିଛୁ । ଅନ୍ୟ ଅନେକଙ୍କୁ ନିକୃଷ୍ଟ, ନିନ୍ଦିତ ଓ ଅକିଞ୍ଚନ କରି ରଖି ଆମେ ପ୍ରତ୍ୟେକେ ଆହୁରି ବଡ଼ ହୋଇ ଦିଶିବୁ ବୋଲି ଯେଉଁ ମନ୍ଦ ଭ୍ରମ ଏ ଦେଶରେ ଗତ ତିରିଶି ବର୍ଷ ହେଲା କରି ଆସିଛୁ, ତାହାହିଁ ଆମ ପ୍ରତ୍ୟେକଙ୍କୁ ଏତେ ସାନ କରି ରଖିଛି । ଆମକୁ ମନରେ ସାନ କରି ରଖିଛି, ଉଦ୍ୟମରେ ସାନ କରି ରଖିଛି, ହୃଦୟରେ ବି ସାନ କରି ରଖିଛି । ଆମକୁ ପରସ୍ପର ପାଖରେ ଏତେ ନିର୍ମମ କରି ରଖିଛି, ପରସ୍ପର ଲାଗି ଏତେ ଅଯୋଗ୍ୟ କରି ରଖିଛି । ଏବଂ, ତା'ପରେ ଆମରି ଦ୍ୱାରା ଯେଉଁ ଅଯୋଗ୍ୟ ପ୍ରହସନଗୁଡ଼ାକ ଏଠି

ସୃଷ୍ଟି ହୋଇ ରହିଛି, ଆମେ ତାହାକୁ ହିଁ ନିଜର ଦେଶ ବୋଲି କହୁଛୁ । ଏହି ମଇଲାକୁଡ଼ ଉପରେ ବସି ଭବିଷ୍ୟର ସ୍ୱପ୍ନ ଦେଖୁଛୁ, ରାଜଧାନୀ ମାନଙ୍କରେ ପରେଡ଼୍ କରି ବାହାବେଳୁ, ସଙ୍କଟମାନ ସୃଷ୍ଟି କରି ସଙ୍କଟଗୁଡ଼ାକର ପୁଣି ସମାଧାନ କରିଦେଲୁ ବୋଲି ଆନନ୍ଦରେ ହରିବୋଲ ବି ଦେଉଛୁ । ଏଠି ଆମେ ଯାବତୀୟ ଭଲକୁ ଆପଣାଲାଗି ଅଧିକ କୌଶଳପୂର୍ଣ୍ଣ ଭାବରେ ସ୍ୱ ବନ୍ଦୀ ହୋଇ ପାରୁଥିବା ଏକ ସ୍ୱୈରତନ୍ତ୍ରରେ ପରିଣତ କରି ରଖିଛୁ । ସେଥିଲାଗି ବାହାରର ଏହି ଯାବତୀୟ ଅଟ୍ଟାଳିକା ଗୁଡ଼ାକ ଯେତେ ସୁରମ୍ୟ ହୋଇ ବଢ଼ିବାରେ ଲାଗିଥିଲେ ମଧ୍ୟ ଭିତରେ ଆମର ଯାବତୀୟ ଅଟ୍ଟାଳିକା କେବଳ ଭାଙ୍ଗି ପଡ଼ିବାରେ ଲାଗିଛି । ଘର-ପାଖରେ ଲକ୍ଷ୍ମୀ ଭର୍ତ୍ତି ହୋଇ ରହିଥିଲେ ମଧ୍ୟ ଆମେ ଏଠି ଏଭଳି ଭାବରେ ଅଲକ୍ଷଣା ହୋଇ ରହିଛୁ । ଏ ଅଲକ୍ଷଣୋପଦ୍ରବକୁ ଦୂର କରିବାଲାଗି ବାହାରୁ ହୁଏତ କୌଣସି ଠାକୁର ଆସି ଆମକୁ ଏକାଥରକେ ଲକ୍ଷ୍ମୀମନ୍ତ କରିଦେବେ ବୋଲି ଅନାଇ ବସିଛୁ ।

୨୭ । ୧ । ୭୯

ସେଦିନ ଭାରି ଅସ୍ୱାଭାବିକ ବି ଲାଗିଲା । ଶ୍ରୋତା ସମସ୍ତେ ଓଡ଼ିଆ, ବକ୍ତା ବି ସମସ୍ତେ ଓଡ଼ିଆ । ତଥାପି ବକ୍ତାମାନେ ଓଡ଼ିଆରେ ନକହି ଇଂରାଜୀରେ କହିଲେ ଶ୍ରୋତାମାନେ ଇଂରାଜୀରେ ଶୁଣିଲେ । ସମସ୍ତେ ସତେଅବା ତାହାକୁ ହିଁ ଅତ୍ୟନ୍ତ ସ୍ୱାଭାବିକ ବୋଲି ଧରିନେଲେ । ଏବଂ ମୋତେ ଏହି ସବୁକିଛି ଭାରି ଅସ୍ୱାଭାବିକ ଓ ଅବାଳିଆ ବୋଲି ଲାଗିଲା । ତେଣୁ, କାର୍ଯ୍ୟକ୍ରମ ଅନୁସାରେ ଯେତେବେଳେ ମୋ'ର ବକ୍ତା ହିସାବରେ ପାଳି ଆସି ପହଞ୍ଚିଲା, ସେତେବେଳେ ମୋତେ ଏହି ସବୁକିଛି ଭାରି ଅରୁଚିକର ମନେହେଲା, ମୁଁ ଆଉ କିଛି କହିବାକୁ ଇଚ୍ଛା କରୁନଥିଲି । ତେଣୁ ରଥଠଥ କେଇପଦ କହିଦେଇ ନିଜର କାର୍ଯ୍ୟଟିକୁ ଶେଷ କରିଦେଲି । ସେଠି ସମସ୍ତ ସମସ୍ୟା ସତେଅବା ଭାରି ଅଶୁଦ୍ଧିକର ଲାଗିଲା । ନିଜ ଉପରେ ବେଶ୍ ବିରକ୍ତ ବି ଲାଗିଲା । ଯୋଉଠି ସମସ୍ତେ ଖୁସୀ ହେଲେ, ଖୁସୀ ହୋଇ ପ୍ରସାଦ ବିତରଣ କଲେ ଓ ପ୍ରସାଦ ସେବନ କଲେ, ଖୁସୀ ହୋଇ ଘରକୁ ଗଲେ, ସେଠି ମୁଁ ଯେପରି ଅଦୌ କିଛି ଦେଇନଥିବା ପରି ଓ କିଛିହେଲେ ପାଇନଥିବା ପରି ଭାରି ଏକୁଟିଆ ହୋଇ ଘରକୁ ଫେରିଲି । ଏପରି ଏକ ଅସ୍ୱାଭାବିକତାକୁ ନିର୍ଲିପ୍ତ ଭାବରେ ଗ୍ରହଣ କରି ଆପଣାର କର୍ତ୍ତବ୍ୟଟିକୁ ସୁରୁଖୁରୁ ଭାବରେ କରି ଆସିବାଲାଗି ମୁଁ ମୋଟେ ସମର୍ଥ ହୋଇ ପାରିଲିନାହିଁ । ଏହି କୃତ୍ରିମତାଗୁଡ଼ାକ ଭିତରେ ଗୋଡ଼ ପୂରାଇବାକୁ ଏତେ ଟିକିଏ ବି ଇଚ୍ଛା ହେଲାନାହିଁ । ତେଣୁ ଏକମୁହାଁ ହୋଇ ସେଠୁ ପଳାଇ ଆସିଲି ।

୫ । ୪ । ୭୯

ଜନାବ ଜୁଲ୍‌ଫିକର୍ ଅଲ୍ଲି ଭୁଟ୍ଟୋଙ୍କୁ ପାକିସ୍ତାନ ସରକାର ଫାଶୀ ଦେଲେ । ଆମର ଏହି ଯୁଗରେ ଏପରି ଅନେକ ବ୍ୟକ୍ତିତ୍ୱ ଅଛନ୍ତି, ଯେଉଁମାନଙ୍କୁ କି ଇତିହାସ ଫାଶୀ ଦେଇ ସାରିଛି ଏବଂ ବର୍ତ୍ତମାନ ସତେଅବା ସେହି ନିଷ୍ପତ୍ତିଟିକୁ କାର୍ଯ୍ୟକାରୀ କରିବା ସକାଶେ ହିଁ ଏମାନେ ପରସ୍ପରକୁ ଫାଶୀକାଠରେ ଝୁଲାଇବାରେ ଲାଗିଛନ୍ତି । They have been surpassed,—ସେମାନଙ୍କ ଦ୍ୱାରା ଅଧିକ ଇତିହାସକୁ ହୁଏତ କୌଣସି ସହାୟତା ମିଳି ପାରିଲାନାହିଁ ବୋଲି ସେମାନଙ୍କୁ ଏହିପରି ବିଦାୟ ନେଇ ଚାଲିଯିବାକୁ ପଡ଼ୁଛି । ଜନାବ୍ ଭୁଟ୍ଟୋଙ୍କୁ ଇତିହାସ କୋଉଦିନୁ ଫାଶୀ ଦେଇ ସାରିଥିଲା, ପାକିସ୍ତାନର ସାମରିକ ମୁଖ୍ୟକର୍ତ୍ତା ତାଙ୍କୁ ବାହାରୁ ଦେଖିବାକୁ ଫାଶୀରେ ଝୁଲାଇ ନଥିଲେ ମଧ୍ୟ ଭୁଟ୍ଟୋ ଇତିହାସର ଆଉ ପ୍ରକୃତରେ କୌଣସି କାମରେ ଲାଗି ନଥାନ୍ତେ । ତାଙ୍କର ବୁଦ୍ଧି, ପ୍ରବୃତ୍ତି ଓ ବାସନା ତାଙ୍କୁ ଯେତିକି ଦୂର ପର୍ଯ୍ୟନ୍ତ ଇତିହାସର ନିମିତ୍ତ କରାଇ ପାରିବାଲାଗି ସମର୍ଥ ହୋଇ ପାରିଲା, ତାହା ସେ ହୋଇ ପାରିଲେ । କିନ୍ତୁ ନିମିତ୍ତ ହୋଇ ମଧ୍ୟ ସିଏ ହୁଏତ କ୍ରମେ ଆପଣାର ନିମିତ୍ତତ୍ୱ ହରାଇ ବସିଲେ । ସେମାନେ ଅଟକିଗଲେ, କ୍ଷମତା ଭିତରେ ଅଟକିଗଲେ ଏବଂ ଇତିହାସକୁ ମଧ୍ୟ ପ୍ରାୟ ଆପଣାର ଅଭୀଷ୍ଟସାଧନ ଲାଗି ଅଟକାଇ ରଖିଲେ । ଏସିଆର ଅଧିକାଂଶ ଦେଶରେ ବର୍ତ୍ତମାନ ଏପରି ଅନେକ ବ୍ୟକ୍ତିତ୍ୱ ରହିଛନ୍ତି, ଯେଉଁମାନେ କି ବାହାରୁ ଦେଖିବାକୁ ଫାଶୀରେ ଝୁଲିନାହାନ୍ତି ସତ, ମାତ୍ର ଇତିହାସ ସେମାନଙ୍କୁ ଫାଶୀ ଦେଇ ସାରିଛି । କେବଳ ରାଜନୀତିର କ୍ଷେତ୍ରରେ ନୁହେଁ, ସାମାଜିକ ଏବଂ ସାମୂହିକ ଜୀବନର ବିଭିନ୍ନ କ୍ଷେତ୍ରରେ ମଧ୍ୟ ଏହିପରି ଅନେକ ବ୍ୟକ୍ତି ଅଛନ୍ତି । ବାହାରୁ ଦେଖିବାକୁ ଏମାନେ ନେତୃତ୍ୱରେ ରହିଛନ୍ତି, ମାତ୍ର ଏମାନଙ୍କ ହାତରୁ ଅସଲ ସାମର୍ଥ୍ୟଟି କେଉଁଦିନୁ ଅପହୃତ ହୋଇ ସାରିଛି । ଏମାନେ ବଞ୍ଚିବେ, ମରି ଯାଇଥିବା ଅଧମଥ ଅନେକଙ୍କ ପରି ନାନାବିଧ ମିଛ ଅସ୍ମିତା ଏବଂ ମିଛ ଦୌରାତ୍ମ୍ୟ ଦେଖାଇ ଏମାନେ ଆପଣାକୁ କେତେ ପ୍ରତାପଶାଳୀ ବୋଲି ଦେଖାଇବେ । ମାତ୍ର ଖୁବ୍ ସମ୍ଭବ ଏମାନେ ଯାହାକିଛି କରିବେ, ତଦ୍ୱାରା ପରସ୍ପରର ବିଲୁପ୍ତ ହୋଇଯିବାରେ ଓ ଅସମର୍ଥ ପ୍ରମାଣିତ ହେବାରେ ହିଁ ଏମାନେ ସବୁଠାରୁ ଅଧିକ ପରିମାଣରେ ସାହାଯ୍ୟ କରିବେ । ଏଠି ଯେଉଁମାନେ ବର୍ତ୍ତମାନ ଜୀବନର ବିବିଧ କ୍ଷେତ୍ରରେ ସେନାପତି ହୋଇ ବାହାରିଛନ୍ତି, ସାଧକ ହୋଇ ବାହାରିଛନ୍ତି, ଇତିହାସର ପାଞ୍ଜିରେ ଏମାନେ ସମସ୍ତେ ଆଗରୁ ନିହତ ହୋଇ ସାରିଛନ୍ତି । ଅସଲ ବାରୁଦ ଆଉ କୋଉଠି ଯାଇ ପ୍ରସ୍ତୁତ ହେଉଛି, ଅସଲ ସୂତ୍ରଗୁଡ଼ିକ ଆଉ କୋଉଠି ସଜଡ଼ା ହେଉଛି ।

୮।୪।୭୯

ଅନ୍ୟମାନେ ଯେଉଁପରି କୌଣସି ପ୍ରକାର ଅନ୍ୟାୟ କରି ଖସି ନଯାଇ ପାରିବେ, ଅନେକ ସମୟରେ ନ୍ୟାୟ ବିଷୟରେ ଆମର ପ୍ରାୟ ସବୁଯାକ ଉତ୍ସାହ ସେଇଥିରେ ହିଁ ଖରଚ ହୋଇ ଯାଉଥିବା ପରି ମନେ ହୋଇଥାଏ । ଅର୍ଥାତ୍, ମୁଁ ଯୋଉ ଅନ୍ୟାୟଗୁଡ଼ାକ କରିବାରେ ଲାଗିଥାଏ, କରି ହୃଷ୍ଟ ହୋଇ ରହିଥାଏ, ସେବିଷୟରେ ମୋ'ର ପ୍ରାୟ ଆଦୌ କୌଣସି ଚିନ୍ତା ନଥାଏ । ମୁଁ ଅନ୍ୟମାନଙ୍କ ପଛରେ ସତେଅବା ପୋଲିସ୍ ପରି ଜଗି ରହିଥାଏ, ଅନ୍ୟମାନଙ୍କ ପଛରେ କୁକୁର ପରି ସମସ୍ତ ପ୍ରକାର ପ୍ରତ୍ୟୁତ୍ପନ୍ନମତିତା ଅବଲମ୍ବନ କରି ଜଗି ରହିଥାଏ । ଆମ ସମାଜରେ ଯେଉଁମାନେ ଯେତିକି ଅଧିକ ଚତୁରତାର ସହିତ ନ୍ୟାୟଗୁଡ଼ାକୁ ଜାଣିଥାନ୍ତି ଓ ଅନ୍ୟାୟଗୁଡ଼ାକ ବିଷୟରେ ଅନ୍ୟମାନଙ୍କୁ ଧରିଇ ଦେବାଲାଗି ଯେତିକି ପାରଙ୍ଗମ ହୋଇ ବାହାରିଥାନ୍ତି, ସମ୍ଭବତଃ ସେହିମାନେ ହିଁ ସବୁଠାରୁ ଅଧିକ ନିର୍ଲଜ୍ଜ ଭାବରେ ଅନ୍ୟାୟଗୁଡ଼ାକ କରୁଥାନ୍ତି ଏବଂ ଆପଣାର ଚତୁରତାଗୁଡ଼ାକୁ ତଥା ସେହି ଚତୁରତାଗୁଡ଼ାକୁ ମାନ୍ୟତା ଦେଉଥିବା ଯୁଗକୁ ବାହାବାହା ଦେବାରେ ଲାଗିଥାନ୍ତି । ନ୍ୟାୟଗୁଡ଼ାକ ପ୍ରତି ଶ୍ରଦ୍ଧା ରହିଥାଏ ବୋଲି ମଣିଷ ଯେ ଅନ୍ୟାୟ-ଗୁଡ଼ାକୁ ଉଖାରି ବୁଲିବାରେ ପ୍ରବୃତ୍ତ ହୋଇ ରହିଥାଏ, ସେକଥା ଆଦୌ ନୁହେଁ । ସିଏ ହୁଏତ ନ୍ୟାୟ ବା ଅନ୍ୟାୟ କୌଣସିଟି ବିଷୟରେ କୌଣସି ଫିକର କରୁ-ନଥାଏ । ସିଏ କେବଳ ଆପଣାକୁ ହିଁ ଲୋଡ଼ୁଥାଏ । ଆପଣାର ହିଁ ପ୍ରଲମ୍ବନ ଓ ବିସ୍ତାରଣ ଖୋଜୁଥାଏ । ଏହା କରିବାକୁ ବି ଯେ ଏକ ଅନ୍ୟାୟ ବୋଲି କୁହାଯାଇ ପାରିବ, ସେକଥା ସିଏ ଭାବିବାଲାଗି ବି ଯୋଗ୍ୟ ହୋଇ ପାରିନଥାଏ । ତା'ର ଉତ୍ସାହଗୁଡ଼ାକ ତେଣୁ ଉତ୍ତେଜନା ରୂପେ ଦିଗ୍‌ବିଜୟ କରି ବାହାରିଥାନ୍ତି, ସେଗୁଡ଼ାକ ନ୍ୟାୟର ମୁଖାତଳେ ଆତ୍ମଗୋପନ କରି ରହିଥାନ୍ତି ।

୧୯୮୦

୨୪।୧।୮୦

ବାର ବାର ଏହି ଖାତା ଉପରୁ ମୁଁ କେତେ କୁଆଡ଼େ ଦୂରଛଡ଼ା ହୋଇ ପଳାଇଯାଏ, ତଥାପି ମୋ'ର ଅସଲ ଡୋରଟି ଏହି ଖାତାଟି ସହିତ ହିଁ ଲାଗିଥାଏ । ମୁଁ କେତେ କୁଆଡ଼େ ଛନ୍ନ ହୋଇଯାଏ, କେତେ ବ୍ୟସ୍ତତା ମଧ୍ୟରେ ଅନେକ ସମୟରେ ସତେଅବା କେତେଖଣ୍ଡ ହୋଇ ରହିଥିବା ପରି ଅନୁଭବ କରୁଥାଏ । ତଥାପି, ଶାନ୍ତ ହୋଇ ଆପଣା ପାଖରେ ଆସି ବସିଗଲେ ବେଳକୁ ପୁଣି ଅସଲ

ଡୋରଟି ଅସଲ ଥାନରେ ଆସି ଲାଗିଯାଏ । ସେଥିଲାଗି ମୋତେ କୌଣସି ବିଶେଷ ଚେଷ୍ଟା କରିବାକୁ ପଡ଼େନାହିଁ, ବା କୌଣସି ବିଶେଷ ଭାବରେ ଅନୁକୂଳ ହେବାକୁ ବି ପଡେ ନାହିଁ । ବାହାରେ ଅନେକ ଘଟଣା ଘଟେ, ଯାହା ଫଳରେ କି ଅସଲ ବାଟଟି ହଠାତ୍ ବାଉଳା ହୋଇ ଗଲାପରି ମନେହୁଏ, ଅସଲ ଚିଜଟି ସତେଅବା ତହଲି ଯିବାପରି ଲାଗେ । ମାତ୍ର, ପରେ ନିଜ ପାଖକୁ ଫେରି ଆସିବାପରେ ମନେ-ହୁଏ, ଅସଲ ବାଟଟି ଯେଉଁଠି ଥିଲା, ଠିକ୍ ସେହିଠାରେ ରହିଛି; ଅସଲ ଚିଜଟି ଯେପରି ଥିଲା, ଠିକ୍ ସେହିପରି ରହିଛି । ପୁନର୍ବାର ଅସଲ ସଖାର ଦର୍ଶନ ହୁଏ, ପୁନର୍ବାର ଆପଣାର ଘର ଭିତରେ ସବୁକିଛିକୁ ଯଥାର୍ଥ ଭାବରେ ଚିହ୍ନି ହୁଏ । ହୁଏତ ପୂର୍ବାପେକ୍ଷା ଆହୁରି ଭଲ ଭାବରେ ଚିହ୍ନି ହୁଏ,—ନିଜକୁ ଆହୁରି ଅଧିକ ଆପଣାର ପରି ମନେହୁଏ ।

୨୫।୧।୮୦

ବର୍ତ୍ତମାନର ଭୂମିଟି ଉପରେ ଭବିଷ୍ୟତକୁ ମୁହୂର୍ତ୍ତ ମୁହୂର୍ତ୍ତ କରି ଗଢ଼ିବା, ଏଥିଲାଗି ଭିତରେ ଯେଉଁ ଅଟଳ ବିଶ୍ୱାସ ରହିଥିବା ଦରକାର, ପ୍ରତ୍ୟେକ ଦିନର ସୂର୍ଯ୍ୟ ପ୍ରତ୍ୟକ୍ଷ ମୋତେ ଠିକ୍ ସେହି ବିଶ୍ୱାସ ଆଣି ଦେଇ ଯାଉଥାଏ । ସେହି ବିଶ୍ୱାସ ସକାଳର ଏହି ସୌମ୍ୟମୟ ସ୍ପର୍ଶରୂପେ ମୋ'ର ଅନ୍ତର ଭିତରେ ପ୍ରବେଶ କରୁଥାଏ, ମୋ ଆଖିର ଆଲୋକ ହୋଇ ରହିଥାଏ, ମୋ'ର ଯାବତୀୟ ସମ୍ପର୍କରେ ସର୍ବପ୍ରଧାନ ସୂତ୍ର ହୋଇ ରହିଥାଏ । ତା'ପରେ ସେ ବାଟଟିଏ ପାଇବାଲାଗି ଆଉ ମୋତେ ଚିନ୍ତା କରିବାକୁ ପଡ଼େ ନାହିଁ, ସେ କଥା ମୁଁ ନିଜ ଜୀବନରୁ ଜାଣିଛି । ତେଣୁ, ଜୀବନରେ ବାଟଟିଏ ପାଇବାର ଅର୍ଥ ହେଉଛି ଏହି ଯଥାର୍ଥ ବିଶ୍ୱାସର ଯୋଗ୍ୟ ହେବା, ଯାହାକି ଏହି ବଡ଼ ସଂସାରଟିକୁ ପ୍ରତ୍ୟେକ ମୁହୂର୍ତ୍ତରେ ଆପଣାର ଘର ପରି ଅନୁଭୂତ କରାଇ ପାରୁଥିବ । ଏହି ସବୁଟିକୁ ଆପଣାର ଘର ବୋଲି ସ୍ୱୀକାର କରିନେଇ ପାରିଲେ ଆଉ ବାଟ ପାଇବାର କୌଣସି ସମସ୍ୟା ହିଁ ରହିବନାହିଁ ।

୨୬।୧।୮

ଏହି ପୃଥିବୀରେ ଆମର କାହାରି କୌଣସି ଦେଶ ନଥାନ୍ତା, କେବଳ ବାଟ ହିଁ ରହିଥାନ୍ତା, କାହାର ବାଟ ଓଗାଳି କାହାର କୌଣସି ପନ୍ଥା ବୋଲି କିଛି ନଥାନ୍ତା, ମାତ୍ର ସମସ୍ତଙ୍କର ଗୋଟିଏ ଗୋଟିଏ ଘର ରହିଥାନ୍ତା, ଯାହାକୁ ସେମାନେ ଅଧିକରୁ ଅଧିକ ସୁନ୍ଦର କରି ତିଆରି କରି ପାରୁଥାନ୍ତେ, ଅଧିକରୁ ଅଧିକ ପ୍ରଶସ୍ତ କରି ଉନ୍ମୋଚିତ ରଖି ପାରୁଥାନ୍ତେ । ଏହି ପୃଥିବୀରେ ଗୋଟାଏ ଅଂଶକୁ ଆଉଗୋଟାଏ ଅଂଶରୁ ସ୍ୱତନ୍ତ୍ର କରି ଚିହ୍ନାଇ ଦେବାଲାଗି ଅଲଗା ଅଲଗା କୌଣସି

ପତାକା ନଥାନ୍ତା, ମାତ୍ର ହୃଦସ୍ଥ ଭିତରକୁ ଜଗତଯାକର ସମସ୍ତଙ୍କୁ ଆମନ୍ତ୍ରଣ କରି ଆଣିବାକୁ ଉପଯୁକ୍ତ ଆଖିଗୁଡ଼ିକ ରହିଥାନ୍ତା, ସ୍ନେହ ରହିଥାନ୍ତା, ନିର୍ଭୟତା ରହିଥାନ୍ତା, ସହଜତା ରହିଥାନ୍ତା । କୃତ୍ରିମତା ବୋଲି ଆଦୌ କୋଉଁଠି କିଛି-ହେଲେ ନଥାନ୍ତା । ମଣିଷକୁ, ପ୍ରତ୍ୟେକ ମଣିଷକୁ ତା' ନିଜର ଗୋଟିଏ ଗୋଟିଏ ଘରଭଳି ଘର ଯୋଗାଇ ଦେବା ପରି ଏକ ଉପଯୁକ୍ତ ପରିବେଶ ଯୋଗାଇ ଦେବାକୁ ଏହି ଦେଶ ଓ ରାଷ୍ଟ୍ର ଓ ପତାକା ଗୁଡ଼ାକର ତିଆରି ହୋଇଥିଲା । ମଣିଷକୁ, ପ୍ରତ୍ୟେକ ମଣିଷକୁ ଅଧିକ ସୁନ୍ଦର, ଅଧିକ ସହଜ ଓ ଅଧିକ ଯଥାର୍ଥ ଭାବରେ ଉନ୍ମୋଚିତ କରି ଆଣିବାଲାଗି ଏହିସବୁ ଅଲଗା ଅଲଗା ସାନ ସୀମାର ତିଆରି ହୋଇଥିଲା । ତେଣୁ, ମୋ' ଦେଶର ଏହି ବିଶେଷ ଦିବସଟିରେ ମୁଁ ଅଧିକ ସହଜ ହେବାର ପ୍ରାର୍ଥନା କରିବି, ଆହୁରି ଅଧିକ ଉନ୍ମୋଚିତ ହେବାର ପ୍ରାର୍ଥନା କରିବି ।

୨୬ । ୧ । ୮୦

ମଣିଷକୁ ବେଶ୍ ବୁଝିହୁଏ, ମାତ୍ର ଅଭିନୟକାରୀଙ୍କୁ ମୋଟେ ବୁଝିହୁଏ-ନାହିଁ । ମାତ୍ର, ଏହି ଜଗତରେ ଅଧିକାଂଶ ମଣିଷ ଅଭିନୟକାରୀ ବୋଲି ଜାଣି ପୃଥିବୀଯାକର ମଣିଷଙ୍କୁ ଅବିଶ୍ୱାସ କରି ବାହାରିଲେ ଏହି ସଂସାରରେ ସବୁ ବାଟ ସତେଅବା ବନ୍ଦ ହୋଇଯାଏ । ଅବିଶ୍ୱାସ କରୁ କରୁ ଅନେକ ସମୟରେ ନିଜେ ମଧ୍ୟ ଅଭିନୟ କରିବାଲାଗି ମନହୁଏ । ଏବଂ ତା'ପରେ ସମସ୍ତଙ୍କ ଭିତରେ ନିଜକୁ କୁଆଡ଼େ ସାମିଲ କରିଦେବାକୁ ଓ ହଜାଇ ଦେବାକୁ ହୁଏ ଯେ, ତା'ପରେ ଆପଣାକୁ ବି ଆଉ ସ୍ୱତନ୍ତ୍ରଭାବେ ମୋଟେ ଚିହ୍ନି ହୁଏ ନାହିଁ । ଆପଣା ପାଖରେ ବି ବିଶ୍ୱାସର ସହିତ ବସି ହୁଏ ନାହିଁ । ସ୍ୱାର୍ଥଗୁଡ଼ାକ ସେତେବେଳେ ଏତେ ପ୍ରବଳ ହୋଇ ନିଜକୁ ଛନ୍ଦି ରହିଥାନ୍ତି ଯେ, ଭିତରେ କେଉଁଠିହେଲେ କୌଣସି ପ୍ରୀତି ରହିଛି ବୋଲି ଅନୁଭବ କରିବାକୁ ବି ଫୁରସତ ମିଳେନାହିଁ । ତେଣୁ, ସଂସାରର ସକଳ ଅଭିନୟ ସତ୍ତ୍ୱେ ତଥାପି ବିଶ୍ୱାସ ଦ୍ୱାରା ହିଁ ବିଚରଣ କରିବାକୁ ହେବ । ଅଭିନୟ ସତ୍ତ୍ୱେ ବି ବିଶ୍ୱାସ କରିବାକୁ ହେବ । ଚତୁରତାର ସହିତ ନୁହେଁ, ସହଜତା ସହିତ ହିଁ ବିଶ୍ୱାସ କରିବାକୁ ପଡ଼ିବ ।

୨୮ । ୧ । ୯୦ ୮୦

ପ୍ରଭାତେ ବିମଳ ଆନନ୍ଦେ, ବିକଶିତ କୁସୁମ ଗନ୍ଧେ,— ଏହି ବିକଶିତ କୁସୁମର ଗନ୍ଧକୁ ମୁଁ ନିଜ ଭିତରୁ ମଧ୍ୟ ଅନୁଭବ କରି ପାରୁଥାଏ ବୋଲି ବାହାରେ ବିକଶିତ କୁସୁମଟସ୍ତ ମୋତେ ଏପରି ଚହଟା ଚହଟା ବୋଲି ମନେହୁଅନ୍ତି । ଏଠି ସବୁକିଛି ଖାଲି ଚହଟାଚହଟା ବୋଲି ମନେହୁଏ । ସେଇଥିଲାଗି ସବୁକିଛି ଭଲ ଲାଗେ । ସବୁଠି ଗୀତ ପାହୁ ଆସୁଥିବା ପରି ମନେହୁଏ । ମୋ'ର ଭିତରେ, ମୁଁ ଥିରି ହୋଇ

ଅନାଇଦେଲା ମାତ୍ରକେ, ଯେଉଁ ଶିଶୁଟିକୁ ଅନୁଭବ କରିଥାଏ, ବିକାଶର ନିତ୍ୟାକାଙ୍କ୍ଷାକୁ ହିଁ ଆପଣାର ତପସ୍ୟା ରୂପେ ଗ୍ରହଣ କରିଥିବା ସେହି ନିତ୍ୟ-ବନ୍ଧୁଟି ସହିତ ମୋ'ର ଯେଉଁ ସାକ୍ଷାତ ନିତ୍ୟ ଘଟୁଥାଏ ଓ ଯେଉଁ ସାକ୍ଷାତ ମୋ'ର ଜୀବନକୁ ବାଟ ଦେଖାଇ ନେଇ ଯାଉଥାଏ, ତାହାର ଅଧିକାରରେ ମୁଁ ସଂସାରକୁ ଦେଖେ ବୋଲି ମୋତେ ସଂସାରଟା ଏଡ଼େ ଭଲ ଲାଗେ; ହୁଏତ ସେଇଥିଲାଗି ମୁଁ ନିଜ ଭିତରେ ମଧ୍ୟ ସେହି ସଂସାରକୁ ଅର୍ଥାତ୍ ସେହି ସମଗ୍ରତାକୁ ପ୍ରତ୍ୟକ୍ଷ କରିଥାଏ । ତା'ପରେ ବର୍ତ୍ତମାନ ଓ ଭବିଷ୍ୟତ ମଧ୍ୟରେ ଆଉ କୌଣସି ବିଭେଦକ ରେଖା ବି ରହେନାହିଁ ।

୨୯ । ୧ । ୮୦

ସୁନ୍ଦର କରି କହିବାକୁ ହିଁ ଅନେକ ସମୟରେ ସାହିତ୍ୟ ବୋଲି କୁହାଯାଇଥାଏ । ସୁହାଇ କରି କହିବାକୁ ହିଁ ଅନେକ ସମୟରେ ସୁନ୍ଦର କରି କହିବାର ସମବାଚୀ ବୋଲି ଧରି ନିଆ ଯାଇଥାଏ । ଏବଂ, ସେହିପରି କହିବାକୁ ଅନେକ ରସତତ୍ତ୍ୱଜ୍ଞ ରସ ବୋଲି କହିଥାନ୍ତି । ଆଗେ ରାଜାମାନଙ୍କର ସଭାରେ ସମ୍ଭବତଃ ପ୍ରାୟ ସେହିପରି ସୁନ୍ଦର କରି ଓ ସୁହାଇ କରି ସବୁ କୁହା ଯାଉଥିଲା, ରାଜାଙ୍କର ମନକୁ ଯୋଗାଇବା ପରି ସାହିତ୍ୟର ପରିବେଷଣ ହେଉଥିଲା ଓ ରାଜାଙ୍କର ମନକୁ ଯୋଗାଉ ଥିବାରୁ ହିଁ ତାହା ଆପାତତଃ ସମସ୍ତଙ୍କର ମନକୁ ବି ଭରି ଯୋଗାଉଥିଲା । ଏହି ଯୋଗାଇବାକୁ ହିଁ ସେତେବେଳେ ରସର ଦୈର୍ଘ୍ୟ ଓ ପ୍ରସ୍ଥ ବୋଲି ମାନି ନିଆ ଯାଉଥିଲା । ଏଣୁ ହେଉଥିଲା, ଏବଂ ଜୀବନ ତେଣେ ହତା ଓ ପଙ୍ଗୁ ହୋଇ ପଡ଼ି-ରହିଥିଲା । ରସଗୁଡ଼ାକୁ ଏଡ଼େ ଉଚ୍ଚକୁ ଟେକି ଦିଆଯାଉଥିଲା ଯେ, ରସଗ୍ରାହୀ ମଣିଷ ଯେ ସବାଆଗ ଗୋଟାଏ ମଣିଷ, ସେକଥା ସମସ୍ତେ ଭୁଲି ଯାଉଥିଲେ । ସୁନ୍ଦର ଜୀବନ କହିଲେ ଯେ ଏକ ସମଗ୍ର ଜୀବନକୁ ବୁଝାଏ ଏବଂ ଯଥାର୍ଥ ଭାବରେ ଜୀବନ କହିଲେ ଯେ ଏକ ଅନ୍ତର୍ଗତ ସାହସ ଏବଂ ଉନ୍ମୋଚନକୁ ଅବଶ୍ୟ ବୁଝାଇବା ଉଚିତ, ସେତେବେଳେ ସେକଥା ବୁଝିବାଲାଗି କେହି ଅପେକ୍ଷା ରଖୁ ନଥିଲେ । ତେଣୁ, ସାହିତ୍ୟ ଜୀବନର ଏକ ଆଭରଣ ହୋଇ ରହିଥିଲା, ଜୀବନଠାରୁ ଅନେକ ଦୂରଛଡ଼ା ହୋଇ ହିଁ ରହିଥିଲା ।

୧ । ୨ । ୮୦

ଆପଣାର ନିରହଙ୍କାରତା ଭିତରେ ତଥାପି କେଉଁଠି ଏକ ଦୁର୍ବାର ଅହଙ୍କାର ଘର କରି ରହିଥାଏ । ମୁଁ ଏଡ଼େ ନିରହଙ୍କାର, ଅର୍ଥାତ୍ ଅନ୍ୟ ଅନେକଙ୍କ ଅପେକ୍ଷା ବା ହୁଏତ ସମସ୍ତଙ୍କ ଅପେକ୍ଷା ଅଧିକ ନିରହଙ୍କାର, ମୁଁ କେଡ଼େ ଭଲ, ଅର୍ଥାତ୍ ହୁଏତ ସମସ୍ତଙ୍କ ଅପେକ୍ଷା ଅଧିକ ଭଲ, ଏକଥା ସମସ୍ତେ ବାରବାର କୁହନ୍ତୁ

ବାରବାର ସ୍ୱୀକାର କରନ୍ତୁ, ଏପରକି ମୋ'ର ଆଗରେ ବାରବାର କହନ୍ତୁ ଓ ସ୍ୱୀକାର କରନ୍ତୁ, ଏହିପରି ଏକ ଲାଳସା ମୋ' ଭିତରେ ଘର କରି ରହିଥାଏ । ଅନ୍ୟମାନଙ୍କ ଠାରୁ ସେହିକଥା ଶୁଣିଲେ ବା ସେହିସବୁ ସ୍ୱୀକୃତି ଲାଭ କଲେ ଯାଇ ଯେପରି ମୋ' ଭିତରେ ମୁଁ ନିରହଙ୍କାର ହୋଇ ରହିଥିବାର ଏକ ପ୍ରତ୍ୟୟ ପାଇ ପାରିବି ବୋଲି ଆଶା ରଖିଥାଏ । ସବୁ ଶୁଣିବା ପରି ଅନୁଭବ କରୁଥିଲେ ମଧ୍ୟ ମୁଁ ତଥାପି ହୁଏତ କିଛି ଶୁଣୁନଥାଏ । ତଥାପି ଆପଣା ଭିତରେ ଆପଣାକୁ ଲୁଚାଇ ରଖିଥାଏ, ଆପଣାର ତୁଚ୍ଛା ଆଚରଣ ଗୁଡ଼ାକୁ ବି ମୁଁ ଆପଣାଲାଗି କେତେ କ'ଣ କରିବି ବୋଲି ଦମ୍ଭ ଧରି ବସିଥାଏ । ଖୁସି ହେଲେ ଯାଇ ଏସବୁ ଦମ୍ଭ ଭାଙ୍ଗିଯାଏ ସଂସାର ଭିତରେ ବନ୍ଧୁତ୍ୱଦାନ ଘଟିଲେ ଯାଇ ତାହା ସମ୍ଭବ ହୁଏ, ଆପଣା ସହିତ ବନ୍ଧୁତା ବଢ଼ିବା ସଙ୍ଗେ ସଙ୍ଗେ ସେହି ଦମ୍ଭ କଟି କଟି ଯାଏ ।

୨ । ୨ । ୮୦

ଦେଖିଲି ବୋଲି କିପରି କହିବି, ନଦେଖିଲି ବୋଲି ବା କିପରି କହିବି ? ଯେତକ ଦେଖିଲି, ତା'ଠାରୁ ଆହୁରି ଅନେକ ଯୋଜନଯାଏ ଏହି ସବୁକିଛି ବିସ୍ତୃତ ହୋଇ ହୋଇଥିବା ପରି ଲାଗିଲା । ଦେଖିଥିବା ଜଣେକୁ ଯେତକ ଆପଣାର କରି ଚାହିଁଲି, ସେଇ ତା'ର ଭିତରେ ଆହୁରି କେତେ କ'ଣ ଆପଣାର କରିବାଲାଗି ବାକୀ ରହିଗଲା । ତଥାପି; ସଂଶୟବାଦୀ ପରି ମୁଁ ନଦେଖିଲି ବୋଲି କଦାପି କହି ପାରିବି ନାହିଁ । ଯଦି କିଛି ନଦେଖିଲି, ତେବେ ଏତେ ଏତେ ଭଲ ଲାଗିଲା କିପରି ଏପରି ଉଲ୍ଲାସ ଲାଗିଲା କିପରି, ଏପରି ନିଭଁସୁ ଲାଗିଲା ବା କିପରି ? ଦମ୍ଭଗୁଡ଼ାକ ଏପରି ଚୂନା ହୋଇଗଲା କିପରି ଓ ପାଚେରି ଗୁଡ଼ାକ ବି ଏପରି ଭାଙ୍ଗିପଡ଼ିଲା କିପରି ? ହଁ, ଦୂରତାଗୁଡ଼ାକ ଅତିକ୍ରାନ୍ତ ହୋଇଗଲା, ଭିତରେ କେତେ କେତେ ଅହଙ୍କାରକୁ ପ୍ରାୟ ଗୋଟାଏ ଗୋଟାଏ ଠାକୁର କରି ରଖିଥିବା ଅନ୍ଧତାଗୁଡ଼ାକ କୁଆଡ଼େ ହାଲୁକା ହୋଇ ମିଳାଇଗଲା । ଭିତରଟାଯାକ ଗୋଟାଏ ଫୁଲବଗିଚା ପରି ମନେହେଲା । ଡୋରଗୁଡ଼ାକ କେଉଁଆଡ଼େ ଯାଇ ଲାଗିଗଲା, ଏହି ଗୋଟା-ସୁଦ୍ଧା ଆକାଶ ଆଶୀର୍ବାଦ ହୋଇ ଅକାତ ହୋଇ ପଡ଼ିଲାପରି ଲାଗିଲା । ମୋତେ ପ୍ରକୃତରେ ନିଜର ଘରଟି ମିଳିଗଲା ।

୩ । ୨ । ୮୦

ଅଧିକରୁ ଅଧିକ ଉପରକୁ ଉଠିବା ସଙ୍ଗେ ସଙ୍ଗେ ଅନେକ ମଣିଷ ଏପରି ବାବାଜୀ ପରି ହୋଇଯାଆନ୍ତି କାହିଁକି ? ସେମାନେ ଜ୍ଞାନରେ ବଢନ୍ତି, ନିର୍ମଳତାରେ ବଢନ୍ତି, ସାଧୁତାରେ ବଢ଼ନ୍ତି, ମାତ୍ର ଏସବୁ ସିଦ୍ଧି ବା ସଫଳତାକୁ ହାସଲ କରିବା ସଙ୍ଗେ ସଙ୍ଗେ ସେମାନେ ଏହି ସଂସାରଲାଗି ସତେଅବା କ୍ରମଶଃ ବୁଜ ବୁଜ ହୋଇ ଆସିବା ପରି ମନେହୁଅନ୍ତି କାହିଁକି ? ଭିତର ଆଡ଼କୁ ହୁଏତ ଉଜ୍ଜ୍ୱଳ ହୋଇ

ରହୁଥାନ୍ତି, ମାତ୍ର ବାହାର ଆଡ଼କୁ ଏପରି ଉଦାସ ହୋଇ ରହୁଯାଆନ୍ତି କାହିଁକି; ଭିତର ଆଡ଼କୁ କ୍ରମେତ ଅଧିକରୁ ଅଧିକ ନିକଟବର୍ତ୍ତୀ ହୋଇ ଆସୁଥାନ୍ତି, ମାତ୍ର ବାହାରଟା ଠାରୁ ଏପରି ଦୂରଛଡ଼ା ହୋଇ ଚାଲି ଯାଉଥାନ୍ତି କିପରି ? ସେମାନେ ଏହି ସଂସାର ଭିତରେ ଏପରି ଥାଇ ବାରନ୍ତି କାହିଁକି ? ସଂସାର ଆଡ଼କୁ ବିମୁଖ ହୋଇଯାଆନ୍ତି କିପରି ? ସେମାନଙ୍କ ଭିତରେ କେଉଁ ବିଚ୍ୟୁତିର ଭୟ ଅଥବା ଏହି ସଂସାର ଭିତରେ ଖାଇଥିବା କେଉଁ ମାଡ଼ର ପରିଣାମଗୁଡ଼ାକ ସେମାନଙ୍କୁ ଏହି ସଂସାର ବିଷୟରେ ଏପରି ଉପେକ୍ଷାପରେଚେତନ କରି ରଖିଥାଏ କେଜାଣି ? ଯିଏ ଜ୍ଞାନ ଲାଭ କଲା, ଯିଏ ଯଦି ଅଜ୍ଞାନ ଲାଗି ଆକାଶକୁଣିଆ ହୋଇ ରହିଲା, ଯିଏ ସାନ୍ନିଧ୍ୟ ଲାଭ କଲା, ଯଦି ସିଏ ଏଠାରୁ ଉଦ୍‌ବେଳିତ ହୋଇ ରହିଥିବ, ବ୍ୟାକୁଳ ବାହୁଗୁଡ଼ିକ ବିଷୟରେ ବିମୁଖ ହୋଇ ରହିଲା, ଅସଲ ପ୍ରୀତିକୁ ପାଇଲା ବୋଲି ଯଦି ସିଏ ଏଠାରୁ ଯାବତୀୟ ପ୍ରୀତିକୁ ପ୍ରମାଦ ମଣିଲା ଏବଂ ତାହାକୁ ପରିହାର କରି ରହିବାକୁ ହିଁ ନିଷ୍ପାପ ଧର୍ମ ବୋଲି ଆଦରି ରହିଲା, ତେବେ ଏହି ସଂସାର ଭିତରେ ତଥାପି ଫୁଟୁଥିବା ଫୁଲମାନେ ପୁଣି କ'ଣ କରିବେ ଓ ଏଠି ତଥାପି ଅବତାର ହୋଇ ଜନ୍ମ ନେବାକୁ ଆସୁଥିବା ଓ ଆମର ଆଖି ଭିତରେ କେତେ କେତେ ରଙ୍ଗକୁ ଉଳୁଟାଇ ଦେଉଥିବା ସେହି ପରମ ପ୍ରେମାସ୍ପଦ ବି ସେମାନଙ୍କୁ ଆଉ କେଉଁଠି ଯାଇ ଖୋଜିବେ ? ତେଣୁ, ଉପଲବ୍ଧ ସକଳ ଆନନ୍ଦ ଏହି ଧରିତ୍ରୀରେ ହିଁ ଏଠି ସମସ୍ତଙ୍କ ଭିତରେ ହିଁ ସହଜ ସ୍ଫୂର୍ତ୍ତିରୂପେ ସମସ୍ତଙ୍କୁ ସ୍ୱୀକାର କରିନେବ, - ତାହାହିଁ ଅସଲ ପ୍ରାପ୍ତି, ତାହାହିଁ ଅସଲ ଗତି ।

୫ । ୬ । ୮୦

ବିଜ୍ଞ ଲୋକମାନେ ସମସ୍ତେ ମିଶି ଭାରି ଗମ୍ଭୀର ଭାବରେ କହିବାକୁ ଆରମ୍ଭ କଲେଣି ଯେ, ସଂସାର ଦିନକୁ ଦିନ ଅଧିକ ବିଗିଡ଼ି ଯାଉଛି, ମଣିଷମାନେ ଦିନକୁ ଦିନ ଅଧିକରୁ ଅଧିକ ବିଗିଡ଼ି ଯାଉଛନ୍ତି । ସେମାନେ କହୁଛନ୍ତି, ବର୍ତ୍ତମାନର ଅନୀତିଗୁଡ଼ାକୁ ତ୍ୟାଗକରି ନୀତି ଭିତରକୁ ଫେରି ନଗଲେ ଆଉ କୌଣସି ପରିତ୍ରାଣ ନାହିଁ । ନୀତି ମଧ୍ୟକୁ ଆସିବାକୁ ହେଲେ କେବଳ ସେ ପଛକୁ ଫେରିଯିବାକୁ ପଡ଼ିବ, ଜଣା ବଜାର ଗୁଡ଼ାକରେ ହିଁ ବାରବାର କରିବାକୁ ହେବ ଏବଂ ଜଣା କାନୁନ ଓ ପାରେଣିଗୁଡ଼ାକୁ ପୁନର୍ବାର ସ୍ୱୀକାର କରିନେବାକୁ ପଡ଼ିବ, ସେମାନେ ଏତିକି ବ୍ୟତୀତ ଆଉ କିଛିହେଲେ ଭାବି ପାରୁନାହାନ୍ତି । ତାହାହିଁ ବିଜ୍ଞ ଲୋକମାନଙ୍କର ସବୁଠାରୁ ବଡ଼ ଅସମର୍ଥତା, ଏବଂ ତାହାହିଁ ସେହିମାନଙ୍କର ଶାସ୍ତ୍ରଦଣ୍ଡଦ୍ୱାରା ପରିଚାଳିତ ହେଉଥିବା ଆମ ଯୁଗକେନ୍ଦ୍ର ଗୁଡ଼ାକର ବି ସବୁଠାରୁ ବଡ଼ ଦୁର୍ଭାଗ୍ୟ । ବର୍ତ୍ତମାନରୁ ଆଗକୁ ଅନାଇଲେ ଭବିଷ୍ୟତ ମଧ୍ୟକୁ ଆମ ଅନ୍ତର୍ଚକ୍ଷୁର ଅନୁରାଗ ଓ ଅଭୀପ୍ସା ଗୁଡ଼ାକ ଯେତିକି ଦୂରଯାଏ ପ୍ରସାରିତ ହୋଇଯାଇ ପାରୁଛି, ତାହାର

ସମକକ୍ଷ ହୋଇ ପାରୁଥିବା ଓ ତାହାକୁ ଏକ ସମଗ୍ର ଔଚିତ୍ୟ ପ୍ରଦାନ କରି ପାରୁଥିବା ଏକ ମାତର ଆବିଷ୍କାର କରିବାକୁ ମନ କଲେ ଆମେ ଯେ ନିଜ ଭିତରେ ଆହୁରି ଅନେକ ଅନାହୂତ ଶକ୍ତିମନ୍ତ୍ରର ଆବିଷ୍କାର କରିବାକୁ ସମର୍ଥ ହୁଅନ୍ତେ, ଆମର ବଞ୍ଚ ଓ ଅନାଗତଜନ୍ମମାନଙ୍କୁ ସେକଥା କିଏ ବୁଝାଇ କହିଦେଇ ପାରିବ ? ଆପଣାର ଅନେକ ମୌଳିକ ଅବିଶ୍ୱାସକୁ କାଟି ବାହାରି ଆସିପାରିଲେ ଯାଇ ଆମେ ସେହି ବିଶ୍ୱାସର ଯୋଗ୍ୟ ହୋଇ ପାରନ୍ତେ, ସେହି ଅଭିଜନମର ବି ଯୋଗ୍ୟ ହୋଇ ପାରନ୍ତେ ।

୬।୨।୮୦

ବୟସ ଗଡ଼ିଯାଉଛି, ମାତ୍ର ଅନୁରାଗ ମୋଟେ ଯାଉନାହିଁ । ଅନୁରାଗ ଆହୁରି ବହୁବ୍ୟାପୀ ହେଉଛି, ଅନୁରାଗ ଆହୁରି ଅନେକ ଆକାଶକୁ ହାତ ବଢ଼ାଉଛି । ସମ୍ଭବତଃ ସେହି କାରଣରୁ ହିଁ ଆପଣାକୁ ନିତି ସକାଳେ ସତେଅବା ଶିଶୁଟିଏ ପରି ହିଁ ଅନୁଭବ କରୁଛି; ହୁଏତ ସେଥିପାଇଁ ନିଜକୁ ଏତେ ଭଲ ଲାଗୁଛି, ଏ ସଂସାରଟା ଏପରି ଭଲ ଲାଗୁଛି । ବିରକ୍ତି ଭିତରୁ ଯେଉଁ ବୈରାଗ୍ୟ ଆସେ ବୋଲି ଶାସ୍ତ୍ରକାରମାନେ ଲେଖିଯାଇଛନ୍ତି, ମୋ' ଜୀବନରେ ସେହି ବିରକ୍ତିକୁ ମୁଁ ସମ୍ଭବତଃ କେବେହେଲେ ଅନୁଭବ କରିପାରିଲି ନାହିଁ । ବୟସ ବଢ଼ିଲା ସଙ୍ଗେ ସଙ୍ଗେ ମଣିଷ କାହିଁକି ଯେ ଆପଣାକୁ ଘରଛଡ଼ା ବୋଲି ଭାବିବ, ମୁଁ ଆଜିଯାଏ ସେହି କଥାଟିକୁ ମୋଟେ ବୁଝି ପାରିଲିନାହିଁ । ମୋ'ର ବୟସ ଯେତିକି ବଢ଼ୁଛି, ଏହି ଡୋର-ଗୁଡ଼ାକ ମଧ୍ୟ ସେତିକି ଅଧିକ ସଂଖ୍ୟାରେ ବଢ଼ୁଛନ୍ତି । ଏହି ଡୋର ଭାଷା ମାନୁ-ନାହିଁ, ଜାତି ମାନୁନାହିଁ, ଦେଶ ମାନୁନାହିଁ, ହୁଏତ ଏକ ଠାକୁର ଗୁଡ଼ାକୁ ବି ମାନିବାକୁ ମୋଟେ ରାଜି ହେଉନାହିଁ । ଯେଉଁମାନେ ସଂସାରଟାକୁ ଝିଙ୍କି ଆଣି ନିଜ ଭିତରେ ଭର୍ତ୍ତି କରି ରଖିବାକୁ ଇଚ୍ଛା କରୁଥାନ୍ତି, ବୟସ ବଢ଼ିବା ସଙ୍ଗେ ସଙ୍ଗେ ସତେଅବା କେଉଁ ଅସ୍ପଷ୍ଟ ଅନ୍ତର୍ଗାମୀ ଲୋଭର ବଶବର୍ତ୍ତୀ ହୋଇ ସେମାନେ ଅଧିକରୁ ଅଧିକ ଗୁଳଖ ହୁଅନ୍ତି ଓ ତେଣୁ ଅସଲ ଅନୁରାଗର ପଥଟିକୁ କୁଆଡ଼େ ହୁଡ଼ିଯାଆନ୍ତି । ସେମାନଙ୍କର ଡୋରଗୁଡ଼ାକ ସେହିମାନଙ୍କୁ ହିଁ ଦଉଡ଼ି ହୋଇ ବାନ୍ଧି ପକାଏ । ତା'ପରେ ସେମାନେ ଆପଣାର ସାନ ଘରଗୁଡ଼ିକ ଭିତରେ ବାନ୍ଧିହୋଇ ରହିଯାନ୍ତି,—ସେମାନଙ୍କର ଆଉ କୌଣସି ତୀର୍ଥଦର୍ଶନ ସମ୍ଭବ ହୁଏନାହିଁ ।

୭।୨।୮୦

ସେମାନେ ଝୁରୁଛନ୍ତି, ସେମାନେ ସଂସାରରୁ କିଛି ପାଇଲେ ନାହିଁ; କେବଳ ପ୍ରବଞ୍ଚିତ ହେଲେ, କେବଳ ଦଗା ପାଇଲେ, କେବଳ କ୍ଷତି ସହିଲେ ଓ କେବଳ ହାରିଗଲେ । ଆମର ଏହି ସଂସାରର କେତେ ବଡ଼ ବଡ଼ ମଣିଷମାନେ ଶେଷ ଜୀବନକୁ ଆସି ପ୍ରଧାନତଃ ଏହି ଅଭିଯୋଗ କରି ଯାଇଛନ୍ତି । ଏହି ସଂସାରରେ

ନିଜର ଲୋକେ ବି ହୁଏତ କେହି ନୁହନ୍ତି ବୋଲି ଘୋଷଣା କରି ଯାଉଛନ୍ତି । ମୋ' ବେଳକୁ ଏପରି ଓଲଟା କଥା ହେଲା କିପରି, କାହିଁକି ବା ଏପରି ହେଲା ' ମୁଁ ତ ଭାବୁଛି, ସଂସାରରୁ ହିଁ ମୁଁ ସବୁକିଛି ପାଇଛି, ଅପଣାକୁ ଆବିଷ୍କାର କରୁ କରୁ ମୁଁ ଏହି ସଂସାରକୁ ହିଁ ଅଧିକରୁ ଅଧିକ ଅପଣାର କରି ପାରିଛି, ଅଧିକରୁ ଅଧିକ ଆବିଷ୍କାର କରିପାରିଛି । ସଂସାର ଭିତରୁ ପଳାଇ ଆସି କେତେବେଳେ ମୁଁ ଆପଣା ଭିତରେ ଆଶ୍ରୟ ଖୋଜିଛି ଅଥବା ଆପଣା ଭିତରେ ରହିଥିବା କୌଣସି ଦିବ୍ୟ ଆତ୍ମ ପୁରୁଷକୁ ଧରି ମୁଁ ଯେ ସଂସାର ଭିତରକୁ ପଳାଇ ଯାଇଛି,—ମୋ' ଜୀବନରେ ଏପରି ମୋଟେ ଘଟିନାହିଁ । ବରଂ ଓଲଟା ଘଟିଛି । ନିଜକୁ ଚିହ୍ନିବା ସହିତ ସଂସାର ସହିତ ମୋ'ର ଯାବତୀୟ ଚିହ୍ନା ଅଧିକ ଘନିଷ୍ଠ ହୋଇଛି । ଭଗବାନଙ୍କୁ ଚିହ୍ନିବା ସଙ୍ଗେ ସଙ୍ଗେ, ଭଗବାନ କାହିଁକି ମୋତେ ଏହି ସଂସାର ଭିତରକୁ ଆଣିଲେ, ଏତେ କଷ୍ଟ ଦେଲେ ଓ ଏତେ ଧୋକା ଖୁଆଇଲେ, ତାଙ୍କୁ ତାକି ଏସବୁ କହିବାଲାଗି ଆଉ ମୋଟେ ମନ ହୋଇନାହିଁ । ଭିତରକୁ ରାସ୍ତା ଫିଟିଯିବା ସଙ୍ଗେ ସଙ୍ଗେ ବାହାରକୁ ମଧ୍ୟ ଦୃଷ୍ଟିର ଅନ୍ତରଙ୍ଗ ଦ୍ୱାରଗୁଡ଼ାକ ଅଧିକରୁ ଅଧିକ ପ୍ରସାରିତ ହୋଇଯାଇଛି । ମୁଁ ଯାହାକୁ ଭିତରେ ଦେଖିଛି, ଶେଷରେ ସେଇ ମୋତେ ବାହାରୁ ମଧ୍ୟ ପରମ ସଖାପରି ଡାକିଛି, ମୋତେ ଆକର୍ଷଣ କରିଛି, ମୋତେ ଭଲ ପାଇବାକୁ ଶିଖାଇଛି, ବୈରାଗ୍ୟର ଓ ବିରକ୍ତିର ଯାବତୀୟ ମାୟାଜାଲ ଭିତରୁ ମୋତେ ମୁକୁଳାଇ ନେଇ ଆସିଛି । ମୁଁ ଯେଉଁମାନଙ୍କୁ ପରବୋଲି ଭାବି ଚାଲି ଆସିଲି ଓ ଯେଉଁ ମାନେ ହୁଏତ ମୋତେ ପର କରି ଚାଲିଗଲେ, ସେମାନଙ୍କ ପାଖରେ ମୁଁ ଯଥେଷ୍ଟ ଭାବରେ ଆପଣାର ସ୍ପଷ୍ଟ ପରିଚୟଟି ଦେଇ ପାରିଥିଲେ ସେପରି ମୋଟେ ଘଟିନଥାନ୍ତା ବୋଲି ମୋ'ର ଅଧିକରୁ ଅଧିକ ପ୍ରତ୍ୟୟ ହେବାରେ ଲାଗିଛି । ତେଣୁ, ମୋ'ର ଦୁଆରଗୁଡ଼ାକ ହିଁ ମୁଁ ଖୋଲାକରି ରଖିବି -- ମୁଁ ଏହାକୁ ହିଁ ଅସଲ ଜୀବନ ବୋଲି ସ୍ୱୀକାର କରିନେଇଛି ।

୮ । ୬ । ୮୦

ଏହି ସଂସାର ଭିତରେ ସେମାନଙ୍କୁ ଏପରି ଏକୁଟିଆ ଲାଗେ କାହିଁକି କେଜାଣି ? ସେମାନେ କେତେ ଆଶା ରଖିଥାନ୍ତି, କେତେ ଆଦର୍ଶ ରଖିଥାନ୍ତି,—ତଥାପି ନିରାଶ ହୋଇ ପଡନ୍ତି, ସେମାନେ ଏହି ସଂସାରକୁ ତଥାପି ମାୟା ବୋଲି କହନ୍ତି । ସେମାନେ ବୋଧହୁଏ ସଫଳତାକୁ ହିଁ ସୁଖ ବୋଲି କହି ଶିଖିଥାନ୍ତି । ସଫଳତା ମିଳୁଥିବା ପର୍ଯ୍ୟନ୍ତ, ଏପରିକି ଯେକୌଣସି ପ୍ରକାରର ସଫଳତା ଯେକୌଣସି ବାଟରେ ମିଳୁଥିଲେ ମଧ୍ୟ ସେମାନେ ତାହାକୁ ହିଁ ସୁଖ ବୋଲି ଗ୍ରହଣ କରି ଶିଖି-ନଥାନ୍ତି । ତେଣେ ବାଟ ଚାଲିବା ବନ୍ଦ ହୋଇଗଲେ ମଧ୍ୟ ତଥାପି ବାଟ ଚାଲିବା

ବନ୍ଦ ହୋଇଗଲା ବୋଲି ହେତୁ କରି ପାରନ୍ତି ନାହିଁ । କାରଣ, ବାଟ ଖୋଲିବା ଯେ ପ୍ରକୃତ ସୁଖ ଓ ପ୍ରକୃତ ଧର୍ମ, ଏକଥା ସେମାନେ କ୍ରମଶଃ ପାଶୋରି ଦେବାକୁ ଆରମ୍ଭ କରିଥାନ୍ତି । ସଫଳତା ମିଳିବାକୁ ହିଁ ବାଟ ଖୋଲିବା ବୋଲି ଧରି ନେଇ-ଥାନ୍ତି ଓ ବାହାରର ବୃଦ୍ଧି ଗୁଡ଼ାକୁ ହିଁ ସଫଳତା ବୋଲି ବୁଝିଥାନ୍ତି । ସେମାନେ ସଂସାରକୁ ଆପଣାଲାଗି ହିଁ ଇଚ୍ଛା କରୁଥାନ୍ତି । ସଂସାର ଭିତରେ ଯିଏ ପ୍ରକୃତରେ ବିଦ୍ୟମାନ ଅଛନ୍ତି, ସେଇ ମୋ' ଭିତରେ ରହି ମଧ୍ୟ ମୋ'ର ନାନା ଭିତ୍ତିକୁ ଭାଙ୍ଗି ଦେବାରେ ଲାଗିଛନ୍ତି ଓ ତେଣୁ ସଂସାରର ଅସଲ ପ୍ରାଣ ଭିତରେ ଆପଣାକୁ ଅନୁଭବ କରିବାଲାଗି ମୋତେ ଦୃଷ୍ଟି ଦେଉଛନ୍ତି, ଶକ୍ତି ଦେଉଛନ୍ତି ଓ ଶ୍ରଦ୍ଧା ଦେଉଛନ୍ତି, ସେମାନେ ସେକଥା ମୋଟେ ହୃଦୟଙ୍ଗମ କରି ପାରି ନଥାନ୍ତି ତେଣୁ, ବାହାରେ କେତେ ଢୋଲ ଓ ଘଣ୍ଟା ପିଟାହୋଇ ସଫଳତାର ଯାତ୍ରା-ଗୁଡ଼ାକ ଖୋଲିଥାଏ, ମାତ୍ର ଭିତରେ ପ୍ରାୟ ସବୁଯାକ ବାଟ ଖୋଲିବା ବନ୍ଦ ହୋଇ ଯାଇଥାଏ । ଅନୁଷ୍ଠାନକର୍ତ୍ତା ଗୁଡ଼ାକ ପ୍ରାୟ ପ୍ରବଳ ଭାବରେ ବିସ୍ତୃତ ଲାଭ କରିବା ସଙ୍ଗେ ସଙ୍ଗେ ଭିତରେ କେଉଁଠି ଏକ ଅତି ଦୟନୀୟ ସଙ୍କୋଚନ ଆରମ୍ଭ ହୋଇ ଯାଇଥାଏ । ଏବଂ ସେଇଥିଲାଗି ଏତେ ଏକୁଟିଆ ଲାଗେ, ହୁଏତ ଆଦର୍ଶବାଦୀ ପରି ଗୁଡ଼ାଏ ବାଟ ଚାଲିସାରିବା ପରେ ହଠାତ୍ ଏପରି ଅବଶ ଲାଗେ, - ଏହି ସଂସାରରେ କିଛି ସମ୍ଭବ ହେବ ନାହିଁ ବୋଲି ଏକ ଅପବିଶ୍ୱାସ ବି ଭିତରେ ନିଜକୁ କେଉଁଠି କାମୁଡ଼ି ଧରିବାକୁ ଆରମ୍ଭ କରେ । ସେତେବେଳେ ମଣିଷ ନୈରାଶ୍ୟବାଦୀ ପାଲଟି-ଯାଏ, ବୁଦ୍ଧି ଦେଇ ତାହାକୁ ସମର୍ଥନ କରେ,— ଭିତରେ ସର୍ବସ୍ୱାନ୍ତ ହୋଇ ବସିଥାଏ ।

୯ । ୨ । ୮୦

ମୋ'ଠାରୁ କେଉଁମାନେ ତଳେ ଅଛନ୍ତି, ସେଇମାନଙ୍କୁ ମାପି ଚାଉଁଲି, ସେମାନଙ୍କର ସଂଖ୍ୟା ନିରୂପଣ କରି ତାହାରି ଦ୍ୱାରା ହିଁ ଆପଣାର ମାନ ଓ ଉଚ୍ଚତାଟିକୁ ଠିକ୍ କରିବାକୁ ମୁଁ ମୋଟେ ଏହି ସଂସାରକୁ ଆସିନାହିଁ । ଏହି ସଂସାର ଭିତରେ ମୁଁ ଯେତିକି ଯେତିକି ଅଧିକ ପରିମାଣରେ ଆଗକୁ ଯାଉଛି ବୋଲି ଅନୁଭବ କରୁଛି, ସେତିକି ସେତିକି ଏଠି ସମସ୍ତେ ବା ସବୁକିଛି ହିଁ ମୋ'ର ଅଧିକରୁ ଅଧିକ ନିକଟବର୍ତ୍ତୀ ହୋଇ ଆସୁଥିବାର ମୁଁ ଅନୁଭବ କରି ପାରୁଛି । ଯେଉଁମାନଙ୍କ ଠାରୁ ମୁଁ ଆପଣାକୁ ଦୂରଛଡ଼ା କରି ରଖିଥିଲି ଯେଉଁମାନଙ୍କ ଭିତରେ ମୁଁ ଜାତି ବାଛୁଥିଲି, ଶ୍ରେଣୀ ବାଛୁଥିଲି, ସେମାନଙ୍କ ସମସ୍ତଙ୍କ ଲାଗି ମୁଁ ଆପଣା ଭିତରେ ଅଧିକ ସ୍ଥାନ ତିଆରି କରିଦେଇ ପାରିଛି ବୋଲି ଅନୁଭବ କରିଛି । ତେଣୁ କାହାକୁ ଛାଡ଼ିଦେଇ ଆଗକୁ ପଳାଇ ଯିବାର, କୋଉମାନଙ୍କୁ

ପଛରେ ପକାଇ ଦେଇ ଆଗ ଯାଇ ଥାନମାଡ଼ି ବସିବାର ଅବର୍ଜିଆ ସ୍ମୃତିଗୁଡ଼ାକ ମଧ୍ୟ ସେତିକ ସେତିକ ଅସ୍ୱାଭାବିକ ଓ ତେଣୁ ଅନାବଶ୍ୟକ ବୋଲି ମନେ ବି ହୋଇଛୁ, ଏଠି ମୋ' ଘରଟି ଭିତରେ ସମସ୍ତେ ରହିଛନ୍ତି, ସେଇମାନଙ୍କ ସହିତ ମୋ'ର ଅସଲ ନାଡ଼ଟି ଲାଗିଛି ବୋଲି ମୁଁ ଆକାଶଠାରୁ ଆରମ୍ଭ କରି ଏହି ଭୂଇଁ ପରଯନ୍ତେ ସବୁ କିଛିକୁ ମୋ'ର ଆପଣାର ସଦନ ବୋଲି ଅନୁଭବ କରି ପାରିଛୁ, ଭିତରେ ଅନୁଭବ କରିଛୁ ଓ ବାହାରେ ଅନୁଭବ କରିଛୁ, ଚେତନାରେ କୋଉଠି କୋଉ ଜନ୍ମଭୂମି ଓ କର୍ମଭୂମି ରହିଛି ବୋଲି ପଛରେ ଗ୍ରୁଡ଼ି ଆସିଥିବା ବାଟଗୁଡ଼ାକର ସେହି ପୁରୁଣା ସ୍ମୃତିଟା କମଶଃ ଭୁଲିହୋଇ ଯାଇଛୁ ।

୧୦ । ୬ । ୮୦

ସ୍ମୃତିପାଖରେ ପ୍ରକୃତି ଏଡ଼େ ସୁନ୍ଦର, ତଥାପି ମଣିଷର ସେହି ଆଡ଼କୁ ଅନାଇବାକୁ ବି ବେଳ ନାହିଁ । ତା' ଭିତରେ ଗୋଟିଏ ଅସଲ ସଙ୍ଗୀ ଯେ ଏହି ପ୍ରକୃତି ସହିତ ଏକାତ୍ମକ ହୋଇ,ଏହି ପ୍ରକୃତି ପରି ବିସ୍ତୃତ ଏବଂ ଉଜ୍ଜ୍ୱଳ ହେବାଲାଗି ଅତ୍ୟନ୍ତ ବ୍ୟାକୁଳ ଭାବରେ ଅପେକ୍ଷା କରି ରହିଛି, ସେକଥା ଅନୁଭବ କରିବାଲାଗି ମଧ୍ୟ ବ୍ୟସ୍ତ ମନୁଷ୍ୟର ବେଳ ନାହିଁ । ବାହାରେ ଯେପରି, ଭିତରେ ମଧ୍ୟ ଠିକ୍ ସେହିପରି । ପ୍ରତ୍ୟେକ ମଣିଷ ଭିତରେ ବି ତା'ର ଅନ୍ତଃପ୍ରକୃତି କେତେ ବିସ୍ତୃତ ଓ ଉଜ୍ଜ୍ୱଳ ହୋଇ ଅପେକ୍ଷା କରି ରହିଛି । ସଙ୍ଗ ଲୋଡ଼ୁଛି, ସମ୍ମିଳନ ଲୋଡ଼ୁଛି । ଅନେକ ମଣିଷଙ୍କର ସେଇଆଡ଼କୁ ଅନାଇବା ସକାଶେ ମଧ୍ୟ ଆଦୌ କୌଣସି ବେଳ ନାହିଁ । ନିଜ ଆଡ଼କୁ ସଙ୍ଗୀ ପରି, ଦରଦୀ ପରି ଅନାଇ ନପାରିବ ବୋଲି ହିଁ ମଣିଷ ଭିତରଟାକୁ ଅନ୍ଧାର କରି ରଖି କେତେ କେତେ ପାଚେରି ଠିଆରି କରି ପକାଇଛି, କେତେ ବାନ୍ଧ ତିଆରି କରିଛି, କେତେପ୍ରକାରେ ସଜାଇ ହୋଇ ଅନ୍ୟପ୍ରକାର ଦେଖାଯିବ ବୋଲି ଚେଷ୍ଟା କରିବାରେ ଲାଗିଛି । ଆପଣାକୁ ଭୁଲାଇ ରଖିବାପାଇଁ ବାହାରେ ସିଏ କେତେ ଭୂଷଣ ଲଦିହୋଇଛି, ଆକଶଟାକୁ ସତେଅବା ଏକାବେଳେକେ ପୋତି ପକାଇବ ବୋଲି ବାହାରିଛି । ଏହିସବୁ କରି ତା'ର ମୋଟେ କୋଉଥି ସକାଶେ ବି ବେଳ ନାହିଁ । ଭିତର ସକାଶେ ବେଳ ନାହିଁ କି ବାହାର ସକାଶେ ବେଳ ନାହିଁ । ଭିତର ସକାଶେ ବେଳ ଥିଲେ ବାହାର ସକାଶେ ବି ଯେ ବେଳ ଅବଶ୍ୟ ଆସନ୍ତା, ଭିତରର ସଙ୍ଗୀଟିକୁ ଚିହ୍ନିଥିଲେ ଯେ ବାହାରର ସଙ୍ଗୀଟି କଦାପି ଅଚିହ୍ନା ବା ଅଲୋଡ଼ା ହୋଇ ରହନ୍ତାନାହିଁ, ଏହି ଅସଲ ମୀମାଂସାଟିର ଡୋର ମଧ୍ୟ ତା' ହାତରେ ତଥାପି ନଥିଲାପରି ଲାଗୁଛି । ସିଏ ସେହି ଡୋରଟିକୁ ବ୍ୟାକୁଳ ହୋଇ ଖୋଜୁଛି ଏବଂ ସେହି ବ୍ୟାକୁଳତାର ଉତ୍ତାପରେ ବାଟ ହୁଡ଼ି ପାଚେରି ଉଠାଇବାରେ ଲାଗିଛି, ସତର୍କ ହେବାରେ ଲାଗିଛି ।

୧୧।୬।୮୦

ପୁଣି ସେହି ପୁରୁଣା କଥାକୁ ଆଜି ପୁଣିଥରେ କହିବାକୁ ଇଚ୍ଛା ହେଉଛି : ମୁଁ ଆଦର୍ଶବାନ୍ ହେବି, ଆଦର୍ଶବାଦୀ ହେବିନାହିଁ । ନିଷ୍ଠାପର ଆଦର୍ଶବାଦୀ ଭିତରେ ବି ସମ୍ଭବତଃ ସିଏ ନିଜେ ସବା ଆଗରେ ରହିଥାଏ, ତା'ର ଅଦର୍ଶ ପଛରେ ରହିଥାଏ, ଅତ୍ୟନ୍ତ ଗୌଣ ହୋଇ ରହିଥାଏ । ସେହି ଅଦର୍ଶକୁ ଗିଳି ପକାଇ ଆତୁର କେତେ କେତେ ଇଚ୍ଛା କେତେ କେତେ ଜାଗା ମାଡ଼ି ବସି ଜବର ହୋଇ ରହିଥାନ୍ତି । ଆଦର୍ଶବାନ୍ ମଣିଷ କୋଳାହଳ କରେନାହିଁ, ସିଏ ଅନ୍ୟ କାହାର ଜୀବନକୁ ମୋଟେ ଗିଳି ପକାଇବାକୁ ଇଚ୍ଛା କରେ ନାହିଁ । ସିଏ ଅନ୍ୟମାନଙ୍କୁ ମଧ୍ୟ ଜଣେ ଜଣେ ଆଦର୍ଶବାନ୍ ବ୍ୟକ୍ତିରୂପେ ଦେଖିବାଲାଗି ସର୍ବଦା ଅନୁରାଗ ରଖିଥାଏ । ଆଦର୍ଶବାନ୍ ବ୍ୟକ୍ତି ଆଦୌ କୌଣସି ଜାଗରେ ହାରି ଯାଏନାହିଁ, କୌଣସି ଦୁର୍ଗ ବିଜୟ କରେନାହିଁ । ଆଦର୍ଶବାନ୍ ବ୍ୟକ୍ତି ହେଉଛି ଭଲ ପାଇବା ଭିତରେ ପଡ଼ିଯାଇଥିବା ବ୍ୟକ୍ତି; ସିଏ ଭଲ ପାଏ, ଅର୍ଥାତ୍ ଆପଣାକୁ ଦିଏ, ଆପଣାକୁ ଅଧିକରୁ ଅଧିକ ପରିପୂର୍ଣ୍ଣ ଭାବରେ ଦେବାକୁ ହିଁ ପ୍ରସ୍ତୁତ ହେଉଥାଏ । ସେ ତାହାକୁ ହିଁ ଅସଲ ଅଗ୍ରଗତି ବୋଲି ବିଚାର କରେ ।

୧୨।୬।୮୦

ଆଖି ବୁଜିଲା ମାତ୍ରକେ ଯେଉଁ ପରମ ଆତ୍ମୀୟତା ସବୁ ଥିବା ମୂର୍ତ୍ତିମନ୍ତ ହୋଇ ମୋ'ର ଅନ୍ତର ଭିତରେ ଠିଆ ହୋଇ ରହିଥିବା ପରି ଜଳ ଜଳ ହୋଇ ଦେଖାଯାଉଛନ୍ତି, ଆଖି ମେଲି ଦେବା ମାତ୍ରକେ ମୁଁ ଗୋଟି ଗୋଟି କରି ତାହାଙ୍କୁ ଦେଖିବାକୁ ପାଉଛି, ତାହାଙ୍କୁ ହିଁ ଅନୁଭବ କରିପାରୁଛି । ଦୂର ଓ ନିକଟ ସେହି ଆତ୍ମୀୟତାର ଅନୁରାଗ ଏବଂ ପରମ ପ୍ରତ୍ୟୟଟି ଫଳରେ ମୋ'ଲାଗି ସବୁ ଥିବା ଗୋଟିଏ ବସ୍ତୁରେ ପରିଣତ ହୋଇଯାଉଛି । ବାହାର ଯେତିକି ନିଜର ଲାଗୁଛି, ଭିତର ମଧ୍ୟ ସେତିକି ନିଜର ଲାଗୁଛି । ନିଜ ଜୀବନ ଯେତିକି ପ୍ରିୟ ଓ ଯେତିକି ନିକଟ ବୋଲି ଲାଗୁଛି, ଅନ୍ୟ ସମସ୍ତଙ୍କର ଜୀବନ, ଅର୍ଥାତ୍ ବିଶ୍ୱମୟ ସମଗ୍ର ଜୀବନ ବି ସେତିକି ପ୍ରିୟ ଓ ସେତିକି ନିକଟ ବୋଲି ଲାଗୁଛି । ମୁଁ ଏହିଗୁଡ଼ିକୁ ହିଁ ଜୀବନରୁ, ଜୀବନର ବାଟ ଚାଲୁଥିବାରୁ ଉପଲବ୍ଧି ଆଶୀର୍ବାଦ ରୂପେ ଗ୍ରହଣ କରୁଛି । ଏପାଖ ଛାଡ଼ିଲେ ଯାଇ ସେପାଖର ଅନୁଭବ ମିଳେ, ଶୁଣି ଆସିଥିବା ସେହି କଥାଟା କ୍ରମେ ମିଛ ଭ୍ରମ ବୋଲି ପ୍ରମାଣ ମିଳିଯାଉଛି । ଏହି ଜୀବନରେ, ଏହି ବାଟ ଚାଲିବାରେ ଓ ଏହି ପରିଚୟରେ, ଏ ପାଖ ନାହିଁ କି ସେପାଖ ନାହିଁ; କେବଳ ଆତ୍ମୀୟତା ହିଁ ରହିଛି, ନିକଟବର୍ତ୍ତୀ ହେବାର ଆହ୍ୱାନ ରହିଛି ।

୨୦ । ୨ । ୮୦

ମଣିଷ ଯେତେବେଳେ ଶିବକୁ ଛାଡ଼ି ସୌନ୍ଦର୍ଯ୍ୟର ବରଣ କରେ, ସେତେବେଳେ ସିଏ ଆପଣା ଭିତରେ ରହିଥିବା ଏକ ମୌଳିକ ଅବିଶ୍ୱାସ ଏବଂ ବିଭାଜନକୁ ହିଁ ପ୍ରକଟ କରି ଦେଇଥାଏ । ଯିଏ ସୁନ୍ଦର, ସେଇ ହେଉଛି ଶିବ,—ସିଏ ଯେତେବେଳେ ଯାଏ ଏହି ଅଟଳ ସତ୍ୟଟିକୁ ନିଜ ଜୀବନରେ ଗ୍ରହଣ କରିନେଇ ପାରିନଥାଏ । ଏହି ମଣିଷମାନେ ଅଶିବ ପାଖରେ ନିଜର ମନେ ମନେ ହାର ମାନି ଯାଇଥାନ୍ତି, ନିଜ ଜୀବନରେ ବି ହାର ମାନି ଯାଇଥାନ୍ତି । ଏବଂ, ସଂସାର ଭରି ଅଶିବର ଯେଉଁ ଦାରୁଣ ବୈଷମ୍ୟ ଲାଗି ରହିଥାଏ, ସେମାନେ ହୁଏତ ନିଜ ଭିତରେ ବି ତାହାର କୌଣସି ସମାଧାନ ଖୋଜି ପାଉନଥାନ୍ତି । ସେଇଥିଲାଗି ଅଶିବଗୁଡ଼ାକୁ ଛାଡ଼ିପାରିବା ଲାଗି ସୌନ୍ଦର୍ଯ୍ୟକୁ ଏକ ପଳାୟନ ପନ୍ଥା ବୋଲି ଗ୍ରହଣ କରନ୍ତି ଓ ଅତ୍ୟନ୍ତ ଅଜାଣତରେ ଆପଣା ଭିତରେ ବିଭାଜିତ ହୋଇ ପଡ଼ନ୍ତି । କାରଣ, ଯାହା ଯଥାର୍ଥରେ ସୁନ୍ଦର, ତାହା ଅଶିବ ସହିତ କଦାପି କୌଣସି ଆପୋଷ କରି ପାରେନାହିଁ; ସୌନ୍ଦର୍ଯ୍ୟ ଭିତରେ ତାହା ଶିବତ୍ୱର ବି ଅନୁଭବ କରିଥାଏ । ପ୍ରକୃତିର ଅଟଳ ତତ୍ତ୍ୱରୂପେ ସିଏ କେବଳ ଗୋଟିଏ ସମଗ୍ରତାକୁ ସ୍ୱୀକାର କରେ; ନିଜ ଜୀବନରେ ସ୍ୱୀକାର କରେ, ବିଶ୍ୱଜୀବନରେ ମଧ୍ୟ ସ୍ୱୀକାର କରେ । ସୁନ୍ଦରକୁ ଉପଭୋଗ କରିବାକୁ ସିଏ ସୁନ୍ଦର ପାଖକୁ ପଳାଇ ଯାଏନାହିଁ । ସୁନ୍ଦର ଆଉ ଶିବ ଭିତରେ ସିଏ କୌଣସି ଦ୍ୱନ୍ଦ୍ୱ ଥିବାର ଅନୁଭବ କରେନାହିଁ । ତେଣୁ, ଆପଣାର ସମର୍ପଣ କ୍ଷେତ୍ରରେ ଶିବ ଓ ସୁନ୍ଦର ଉଭୟଙ୍କ ଲାଗି ଏକାସାଙ୍ଗରେ ନିଜର ଜୀବନ ବଞ୍ଚିବାର ଆଗ୍ରହ ରଖିଥାଏ । ସିଏ ନିମିତ୍ତ ହୋଇ ବାହାରେ, ସମ୍ଭ୍ରାନ୍ତ ହୋଇ ବାହାରେ ।

୨୧ । ୨ । ୮୦

ମୁଁ ଆହୁରି ଆଲୋକ ଖୋଜେଁ, ଆହୁରି ଆନନ୍ଦ ଖୋଜେ । ଏସବୁ ମୋ' ନିଜ ସକାଶେ ନୁହେଁ, ତାଙ୍କରି ସଂସାରରେ ତାଙ୍କରି କାର୍ଯ୍ୟଲାଗି ମୁଁ ଯେପରି ଅଧିକ ଯୋଗ୍ୟ ହୋଇ ପାରିବି ଓ ଅଧିକ ପ୍ରସ୍ତୁତ ହୋଇ ରହିପାରିବି, ମୁଁ ସେଇଥିଲାଗି ଏସବୁ ଖୋଜେ । ଏବଂ, ଏକଥା ମଧ୍ୟ ସତ ଯେ, ତାଙ୍କରି ଲାଗି ଆପଣାକୁ ଅଧିକରୁ ଅଧିକ ପରିମାଣରେ ପ୍ରସ୍ତୁତ କରି ପାରୁଥିବା ସଙ୍ଗେ ସଙ୍ଗେ ମୁଁ ଏହି ଜଗତରେ, ନିଜ ବାହାରେ ମୁଁ ଅଧିକରୁ ଅଧିକ ପରିମାଣରେ ସେହି ଆଲୋକ ଏବଂ ଆନନ୍ଦକୁ ହିଁ ଅନୁଭବ କରି ପାରୁଥିବି । ତେଣୁ, ଏହି ପଥରେ ନିଜଲାଗି କିଛି ପାଇ ତୁଷ୍ଟ ଅଥବା ସନ୍ତୁଷ୍ଟ ହୋଇ ବସିଯିବା ପାଇଁ ଆଦୌ କିଛି ନାହିଁ । ପଥକୁ ଅଧିକରୁ ଅଧିକ ଗଭୀର ଭାବରେ ଚାଲିବା, ସେହି ପଥଟିକୁ ଅଧିକରୁ ଅଧିକ ଗଭୀର ଭାବରେ ଆପଣା

ଭିତରେ ଅନୁଭବ କରିବା, ଆପଣାକୁ ପ୍ରଧାନତଃ ସେହି ଧାରର ହିଁ ଏକ ପ୍ରତୀକରୂପେ ଗ୍ରହଣ କରିବା,—ତାହାହିଁ ଜୀବନ । ସେହି ଜୀବନ ହେଉଛି ଏକ ଆନନ୍ଦମୟ ଜୀବନ, ଏକ ଆଲୋକିତ ଜୀବନ । ଯିଏ ଲାଗି ରହିଥିବା ଜୀବନ, ତାହା ଏକ ସାର୍ଥକ ଜୀବନ ।

୨୨ । ୨ । ୮୦

ମାତ୍ର କୋଡ଼ିଏଟା ବର୍ଷ ଆଗରୁ ଯେଉଁମାନେ ଉଗ୍ର ରାଜନୀତିକ କ୍ରିୟାବାଦୀ ଥିଲେ, ମନ୍ତ୍ରୀପଦ ଗୁଡ଼ାକୁ ଅଧିକାର କରି ରହିଲେ ଦେଶର ଯାବତୀୟ ସମସ୍ୟାକୁ ସମାଧାନ କରିଦେଇ ହେବ ବୋଲି ଯେଉଁମାନେ ଝାଣ ଭାଷଣ ଦେଇ ବୁଲୁଥିଲେ ସେମାନେ ସମସ୍ତେ ଆଜି ଏପରି ନୈରାଶ୍ୟବାଦୀ ହୋଇପଡ଼ିଲେ କାହିଁକି କେଜାଣି ? ସେମାନେ ଆଜି ପ୍ରାୟ ସବୁପ୍ରକାରର ପନ୍ଥାରୁ ଏପରି ଶୋଚନୀୟ ଭାବରେ ବିଶ୍ୱାସ ହରାଇ ବସିଲେ କାହିଁକି କେଜାଣି ? ବିଶ୍ୱାସଗୁଡ଼ାକ କ'ଣ ବୟସ ଥିବା ପର୍ଯ୍ୟନ୍ତ ଥାଏ ଏବଂ ବୟସ ବଢ଼ିଯିବା ସଙ୍ଗେ ସଙ୍ଗେ ଭାଙ୍ଗି ରୁଜି ଯାଏ ? ଶରୀରରେ ବାର୍ଦ୍ଧକ୍ୟ ଆସି ପହଞ୍ଚିଯିବା ସଙ୍ଗେସଙ୍ଗେ କ'ଣ ବିଶ୍ୱାସଗୁଡ଼ାକ ବୁଢ଼ା ହେବାରେ ଲାଗନ୍ତି ? ନା, ମଣିଷର ବିଶ୍ୱାସ ଭିତରେ କେଉଁଠି ଏପରି କୌଣସି ଗଳଦ ଥାଏ, ଯାହାଫଳରେ କି ତାହା ଅକାଳରେ ବୁଢ଼ା ହେବାକୁ ଆରମ୍ଭ କରେ, ନାନା ପ୍ରକାରର ସାଲିସି ଦ୍ୱାରା ଆପଣାକୁ ଅସମର୍ଥ ବୋଲି ପ୍ରମାଣିତ କରେ ଓ ତା'ପରେ ମଣିଷଟା ବି କ୍ରମେ ଭାରି ପ୍ରଖର ଭାବରେ ବୁଢ଼ା ହେବାକୁ ଆରମ୍ଭ କରେ ? ଯେଉଁମାନେ ବୁଢ଼ା ହୋଇ ବସିଲେଣି, ସେମାନଙ୍କର ଅଧ୍ୟୟନ କଲେ ଆମକୁ ହୁଏତ ତାହାର କୌଣସି ସୂତ୍ର ମିଳିଯାଇ ପାରିବ ।

୨୩ । ୨ । ୮୦

ଏ ଦେଶରେ ଖାଲି ଶାସକ ବଦଳୁଥିବେ, କିନ୍ତୁ ଶାସନ ବଦଳୁନଥିବ; ଅର୍ଥାତ୍, ଦେଶ ପ୍ରାୟ ଏତେ ଟିକିଏ ହେଲେ ବି ବଦଳୁ ନଥିବ । ଶାସକମାନେ ପରସ୍ପର ବିରୁଦ୍ଧରେ ବିପ୍ଳବ କରିବାରେ ଲାଗିଥିବେ, ଏବଂ ସେମାନଙ୍କ ମଧ୍ୟରେ ଯିଏ ଯେତେବେଳେ ଜିତୁଥିବ, ଏହି ଦେଶର ଶାସନମୁକୁଟ ତାହାରି ମୁଣ୍ଡ ଉପରକୁ ଡେଇଁ ପଡ଼ୁଥିବ । କିନ୍ତୁ ଦେଶର ଭାଗ୍ୟରେ କୌଣସି ପରିବର୍ତ୍ତନ ହେବନାହିଁ । ମଣିଷପଲ ଭିତରୁ ଅଧେ ଘୁଷୁରି ହୋଇ ରହିଥିବେ, ନେତାମାନେ ଶାର୍ଦ୍ଦୂଳ ପରି ମଣିଷଭାଗ୍ୟର ଶିକାର କରୁଥିବେ,—ଠାକୁରଗୁଡ଼ାକ ଦାଣ୍ଡମନ୍ଦିରେ ଭୋଗ ଖାଉ-ଥିବେ ଓ ଆର୍ତ୍ତିତାଦ୍ୱାରା ପୀଡ଼ିତ ତଥାକଥିତ ଭକ୍ତମାନେ ସେମାନଙ୍କର ସଙ୍କୀର୍ତ୍ତନ କରିବାରେ ଲାଗିଥିବେ । ସେହି ସଙ୍କୀର୍ତ୍ତନ ଗୁଡ଼ାକୁ ହିଁ ଅନେକ ସମୟରେ ଏଠି ସାହିତ୍ୟ ଓ ସଂସ୍କୃତି ବୋଲି କୁହା ଯାଉଥିବ ଓ ସେହିଗୁଡ଼ାକୁ ନେଇ କେଡ଼େ

ସ୍ତରରେ ମଣିଷମାନଙ୍କୁ ଭୁଲାଇ ଦିଆ ଯାଇଥିବ । ଏହି ଦେଶ ପ୍ରକୃତରେ ଏକ ସ୍ୱପ୍ନ ଦେଶ । ଏଠାରେ ମଣିଷ ତା' ନିଜ ଭିତରେ କୌଣସି ସତ୍ୟର ଜାଗ୍ରତ ଅନୁଭବ କରିପାରିବା ପୂର୍ବରୁ ଆଗ ପୂଜା କରିବ ବୋଲି ପିତୁଳା ଖୋଜିବସେ, ନିଜେ ବାଟ ଚାଲିବା ପୂର୍ବରୁ ନେତା ଖୋଜିବସେ,—ପଛକୁ ଅନାଇ ଭବିଷ୍ୟତକୁ ଅନୁଭବ କରିବାର ଆନନ୍ଦ ପାଏ ଓ ବର୍ତ୍ତମାନକୁ ଅସ୍ୱୀକାର କରେ ।

୨୪ । ୨ । ୮୦

ନୈରାଶ୍ୟବାଦର ନାନା ରୂପ ରହିଛି, ଆଶାବାଦର ମଧ୍ୟ ନାନା ରୂପ ରହିଛି । ବାହାରେ ଅନେକ ସମୟରେ ତଥାକଥିତ ଆଶାବାଦ ଏପରି ଏକ ରୂପ ଧାରଣ କରେ ଯେ, ତାହା ପଛରେ ଏକ ଦୁର୍ଦ୍ଧର୍ଷ ନୈରାଶ୍ୟବାଦ ମଣିଷକୁ ଭିତରେ ଗୋଟାସୁଦ୍ଧା କାମୁଡ଼ି ଧରିଥାଏ । ବାହାରେ ମଣିଷ ଯେତିକି ଉଗ୍ର ଭାବରେ କୌଣସି ଆଶା ପଛରେ ଅର୍ଥାତ୍ ତଥାକଥିତ ଏକ ଆଦର୍ଶ ପଛରେ ଧାଇଁବାରେ ଲାଗିଥାଏ, ଯେତେବେଳେ ଏକ ସାମୂହିକ ପ୍ରଚଣ୍ଡତା ଏକ ବୃହତ୍ ଆଦର୍ଶର ଆକାର ଧାରଣ କରି ବାହାରେ ଆପଣାର କେତେ ଆଡ଼ମ୍ବର କରୁଥାଏ, ସେତେବେଳେ ମଣିଷ ନିଜ ଭିତରେ ଆଶାହତ ଆପଣାର ସବୁଯାକ ଖିଅ ହରାଇ ବସିଥାଏ । ସିଏ ଆପଣା ଲାଗି ହିଁ ସବୁ କିଛି ମାଗି ବୁଲୁଥାଏ, ଆପେ ଆଦୌ କୌଣସି ପ୍ରକାରେ ଦେବାକୁ ଚାହୁଁନଥାଏ । ଗ୍ରାସ କରି ପକାଇବାକୁ ବାହାରିଥାଏ; ମାଡ଼ି ଯିବାକୁ ବସିଥାଏ, ଉତ୍ତେଜନାକୁ ହିଁ ସାର ବୋଲି ମାନି ନେଇଥାଏ । ଏଗୁଡ଼ାକ ମୂଳତଃ ଅବିଶ୍ୱାସ । ଭିତରେ ଆପଣାକୁ ଅତ୍ୟନ୍ତ ବଞ୍ଚିତ ବୋଲି ଅନୁଭବ କରିବାକୁ ଆରମ୍ଭ କଲେ ବାହାରେ ଏହିପରି ଏକ ଉଗ୍ର ଉଚ୍ଛନ୍ନତା ଆସି ମଣିଷକୁ ମାଡ଼ି ବସିଥାଏ । ଏହି ଉଚ୍ଛନ୍ନତାକୁ ଅନେକ ସମୟରେ ଅନେକ ଲୋକ ଜାଗ୍ରତତାର ପୁଟ ଦେଇ ବି ଦେଖାଇ ହେବାକୁ ଚାହୁଁଥାନ୍ତି;—ଏବଂ ସେତେବେଳେ ତାହା ଆହୁରି ଅଧିକ ଦୟନୀୟ ହୋଇପଡ଼େ ।

୨୭ । ୨ । ୮୦

ସଂସାରକୁ ଗାଳିଦେବା ଲୋକ ମୋଟେ କମ୍ ନାହାନ୍ତି । ସଂସାରକୁ ମିଥ୍ୟା ବୋଲି କହୁଥିବା ଶାସ୍ତ୍ର ବି ଏ ସଂସାରରେ କମ୍ ଲେଖା ହୋଇନାହିଁ । କିନ୍ତୁ, ଆପଣାର ଜୀବନକୁ ପ୍ରାୟ ଜାଣିଶୁଣି ଏକ ମିଥ୍ୟାରେ ପରିଣତ କରି ଦେଉଥିବା ମଣିଷ ମଧ୍ୟ ଏହି ସଂସାରରେ ଆଦୌ କମ୍ ସଂଖ୍ୟାରେ ନାହାନ୍ତି । ଆପଣାର ମିଥ୍ୟାଗୁଡ଼ାକୁ ନପାରିବାକୁ ଅର୍ଥାତ୍ ଆପଣାର ମିଥ୍ୟାଗୁଡ଼ାକୁ ଦଣ୍ଡେଅବା କଳ ନପାଇବାକୁ ସମସ୍ତେ ସଂସାରକୁ ଖରାପ ବୋଲି କହି ଆପଣାକୁ ଏପରି ଢୋଡ଼ାଇ ରଖିବାକୁ ସମସ୍ତ ପ୍ରୟାସ କରିବାରେ ଲାଗିଛନ୍ତି । ସଂସାରଟାଯାକ ଖରାପ, ସଂସାରଟାଯାକ ମିଥ୍ୟା ଓ

ମାୟା, ତେଣୁ ତା' ଭିତରେ ମୁଁ ମଧ୍ୟ ମିଥ୍ୟା ହେବାକୁ ବାଧ୍ୟ, ବା ମୁଁ ମିଥ୍ୟା ହୋଇ ରହିଥିଲେ ମଧ୍ୟ ସେଥିରେ ମୋ'ର କିଛିହେଲେ କରିବାର ନାହିଁ,—ଏହିପରି ଗୋଟାଏ ଅଯୁକ୍ତି ଆମକୁ ଏତେ କୌଶଳରେ ବାନ୍ଧିକି ଏପରି ବାମୁଡ଼ା କରି ରଖିଛି ? ମୁଁ ଯେ ମିଥ୍ୟା ନୁହେଁ, ମୁଁ ଯେ ଏକାନ୍ତ ଅଭିପ୍ରେତ, ଏକ ସମର୍ପିତ ଅନ୍ତଃଯାତ୍ରୀର ଯାତ୍ରା ଯେ ଆଗରୁ ସୁନିର୍ଦ୍ଦିଷ୍ଟ ହୋଇ ରହିଛି ଏକଥା ଅନୁଭବ କରୁଥିବା ମଣିଷ ସଂସାରକୁ କିପରି ମିଥ୍ୟା ବୋଲି କହିବ, ସଂସାରରେ ଖଣ୍ଡତା ପ୍ରବଳ ହୋଇଗଲା ବୋଲି କହିବ ବା କିପରି ?

୨୮ । ୨ । ୮୦

ଯେଉଁମାନେ ଆପଣାକୁ ହିଁ ସଂସାରର କେନ୍ଦ୍ର ବୋଲି ମାନନ୍ତି, ସେମାନେ ନିଜ ଭିତରେ ହୁଏତ ଆଦୌ କୌଣସି କେନ୍ଦ୍ରର ସନ୍ଧାନ ପାଇନଥାନ୍ତି । ସେମାନେ ଆପଣା ଛଡ଼ା ଏହି ଜଗତରେ ବା ଆଉ କୌଣସି ଜଗତରେ ପ୍ରାପ୍ୟ କିଛିହେଲେ ଦେଖି ପାରନ୍ତି ନାହିଁ । ଅର୍ଥାତ୍ ସେମାନେ ନିଜ ଭିତରେ ବି ହୁଏତ ଆଉ କିଛି ହେଲେ ଦେଖି ପାରୁନଥାନ୍ତି । ନିଜକୁ କେବଳ ଏକ nonentity ବା ଟେକା-ପଥର ବୋଲି ଭାବୁଥାନ୍ତି । ଅନ୍ତଃସ୍ଥଳର ଏହି ନଗଣ୍ୟତାବୋଧ ବାହାରେ ଉଗ୍ରତା ହୋଇ ପ୍ରକାଶ ପାଉଥାଏ । ସେମାନେ ସବୁଠାରେ ସତେଥିବା ଚକ୍ରବର୍ତ୍ତୀ ହୋଇ ରହିବାପାଇଁ ଇଚ୍ଛା କରୁଥାନ୍ତି ଯିଏ ଭିତରେ ଆପଣାର ଅସଲ କେନ୍ଦ୍ରଟିକୁ ଅନୁଭବ କରି ସାରିଥାଏ, ସିଏ ଅନ୍ୟ ସମସ୍ତଙ୍କ କେନ୍ଦ୍ର ହୋଇ ଦେଖୁଥାଏ । ସମସ୍ତ ଜଗତକୁ ମଧ୍ୟ ସିଏ ଏକ କେନ୍ଦ୍ର ଉପରେ ପ୍ରତିଷ୍ଠିତ ହୋଇ ରହିଥିବାର ଅନୁଭବ କରୁଥାଏ । କେନ୍ଦ୍ରଟିକୁ ହରାଇ ବସିଲେ ନୈରାଶ୍ୟରେ ପଡ଼ିବାକୁ ପଡ଼େ । ସାହିତ୍ୟ, ଧର୍ମ, କଳା, ସଙ୍ଗୀତ, ଏବେ ଯୋଉଠି ଯେତେ ନୈରାଶ୍ୟବାଦ ଆପଣାକୁ କେତେ ସୁନ୍ଦର କରି ପ୍ରଚୁର କରିବାର ଚେଷ୍ଟା କରୁଛନ୍ତି, ହୁଏତ ସେହି ସବୁଠାରେ ସେଇ କେନ୍ଦ୍ରବୋଧର ଅଭାବ ରହିଛି । ଭିତରେ ଗୋଟାହୁଙ୍କା ନିସ୍ୱ ହୋଇ ବସିଥିବା ଯେଉଁ ସ୍ୱଳ୍ପମାତ୍ର ଆତ୍ମ ବାହାରେ ଭାରି ଉଗ୍ର ହୋଇ ବାହାରିଛି ଓ ପ୍ରଧାନତଃ ଆପଣାଲାଗି ହିଁ ସଂସାରଟାକୁ ଘଣ୍ଟାଚକଟା କରିବାରେ ଲାଗିଛି, ତା' ନିଜ ଭିତରେ ସିଏ ହୁଏତ ଆଉ କୌଣସି କେନ୍ଦ୍ରର ଅସ୍ତିତ୍ୱକୁ ଅନୁଭବ କରିପାରୁନାହିଁ, ତା' ଆଖି ଆଗରେ ସିଏ ଆଉ କୌଣସି କେନ୍ଦ୍ର ଦେଖି ପାରୁନାହିଁ । ତେଣୁ ସେହି କେନ୍ଦ୍ରସ୍ଥାନ ଅରଣ୍ୟ ଭିତରେ ସ୍ୱୟଂ ବର୍ବର ଚକ୍ରବର୍ତ୍ତୀ ହୋଇ ରହିବାକୁ ଇଚ୍ଛା କରୁଛି । ବର୍ବର ହୋଇ ସଂସାରଟାକୁ ବାମୁଡ଼ା ଗୋଡ଼ାଉଛି ।

୨୯ । ୨ । ୮୦

ପୁରାଣର ବର୍ଣ୍ଣନା ଅନୁସାରେ ଅସୁରମାନେ ଭାରି ପ୍ରଚଣ୍ଡ ତପସ୍ୟା କରୁ-ଥିଲେ । ସେମାନେ ଆପଣାର ତପସ୍ୟାରେ ବ୍ରହ୍ମା ଓ ଶିବଙ୍କୁ ମଧ୍ୟ ସନ୍ତୁଷ୍ଟ ଓ

ସମ୍ମୋହିତ କରି ଦେଉଥିଲେ । ଶିବ ଓ ବ୍ରହ୍ମା ପ୍ରସନ୍ନ ହୋଇ ସେମାନଙ୍କୁ ବର ଦେବାଲାଗି ଆସି ଉପସ୍ଥିତ ହେବା ମାତ୍ରକେ ସେମାନେ ଆପଣାଲାଗି ସର୍ବଦା ପ୍ରାୟ ଗୋଟିଏ ବର ମାଗୁଥିଲେ । ସେମାନେ ଅମର ହେବାର ବର ମାଗୁଥିଲେ । ଅର୍ଥାତ୍ କେହି ଯେପରି ସେମାନଙ୍କୁ କେବେହେଲେ ହତ୍ୟା କରି ନପାରିବ ଓ ସେମାନେ ଯେପରି ସବୁଦିନ ଲାଗି ବଞ୍ଚିକରି ରହିଥିବେ, ସେମାନେ ପ୍ରାୟ ସର୍ବଦା ଏହି ବରଟିକୁ ମାଗୁଥିଲେ । ଯେଉଁମାନେ ମରିବାକୁ ବେଶୀ ଡ଼ରନ୍ତି, ହୁଏତ ସେହିମାନେ ହିଁ ଏହିପରି ବର ମାଗନ୍ତି । ଆମେ ଅନେକେ ଏବେ ବି ସେହି ଅସୁରଙ୍କ ପରି ମରିବାକୁ ଭୟ କରୁଛୁ, ଅର୍ଥାତ୍ ଜୀବନକୁ ଡ଼ରୁଛୁ । ଆମେ ଏହି ସଂସାରରେ ଯେପରି ସବୁଦିନ ବଞ୍ଚିରହିବୁ,-ଆମର ଅଧିକାଂଶ ଚେଷ୍ଟା ପ୍ରାୟ ସର୍ବଦା ତାହାରିଲାଗି ଉଦ୍ଦିଷ୍ଟ ହୋଇ ରହିଛି । ଆମେ ସବୁଦିନ ବଞ୍ଚି ରହିବାର ଲୋଭରେ ହିଁ ପଇସା କମାଉଛୁ, ସାମଗ୍ରୀ-ଗୁଡ଼ାକୁ ଜମା କରିବାରେ ଲାଗିଛୁ, ଓଷା, ପୂଜାଅଁ ଓ ପର୍ବମାନ ପାଳନ କରୁଛୁ, ଠାକୁରମାନଙ୍କୁ ପୂଜୁଛୁ, ଧର୍ମକାର୍ଯ୍ୟ କରୁଛୁ, ପାଠ ପଢ଼ୁଛୁ, ଏହି ସଂସାରରେ ଅମୁକ ବା ସମୁକ ହେଉଛୁ, ଇତ୍ୟାଦି, ଇତ୍ୟାଦି । ଏସବୁ କରି କରି ଆମେ ଅସୁର ହୋଇଯାଉଛୁ । ଅସୁରଙ୍କ ପରି ଖାଲି ନିଜ ଜୀବନକୁ ନେଇ ବଡ଼େଇ କରିବାରେ ଲାଗିଛୁ, ଅନ୍ୟ ସମସ୍ତଙ୍କଠାରୁ ଅଧିକ ବଡ ହୋଇ ଦିଶିବାଲାଗି ଆମେ କେତେ ଲୋଭ କରୁଛୁ ! ସେଇଥିଲାଗି ଆମ ଜୀବନରେ ଜୀବନଲାଗି ଯାବତୀୟ ଉଦ୍ୟମ ଓ ଯାବତୀୟ ଉତ୍ତେଜନା କେବଳ ମୃତ୍ୟୁର ହିଁ ଦ୍ୟୋତକ ହୋଇ ରହିଛି । ଆମ ଭିତରେ ମୂଳଭୂତ ଭୟଗୁଡ଼ାକ ଧନକୁ ଧନ ବୃଦ୍ଧି ପାଇବାରେ ଲାଗିଛି, ହୁଏତ ସେଇଥିଲାଗି ଆମେ ପରସ୍ପରକୁ ଡରୁଛୁ, ପରସ୍ପରଙ୍କୁ ଈର୍ଷା କରୁଛୁ । ଆମର ଭିତରେ ଆମକୁ ସଭିଁର ସହିତ ସଂଯୁକ୍ତ କରି ଯେଉଁ ଡୋରିଟି ରହିଛି, ତାକୁ ଆମେ ଅନୁଭବ କରି ପାରୁନାହୁଁ ।

୩ । ୩ । ୮୦

ତାଙ୍କରି ଭିତରେ ଆପଣାକୁ ଅନୁଭବ ନକରି ମୁଁ ଯଦି ଆପଣା ଭିତରକୁ ଟାଣି ଆଣିବାର ଫିକର କରୁଥାଏ, ତେବେ ଜୀବନ କ୍ରମେ ଗୋଟିଏ ସାନ ଗଡ଼ଆରେ ପରିଣତ ହୋଇଁଯିବାର ଧର୍ମଟିକୁ ମୁଁ ଖାଲି ଚମତ୍କାର ଭାବରେ କାମୁଡ଼ି ଧରି ପଡ଼ି ରହିବାରେ ଲାଗିଯାଏ । ସଭିଙ୍କ ଭିତରେ ଆପଣାର ଅସଲ ଚେରଟିକୁ ଅନୁଭବ ନକରି ମୁଁ ଯଦି ସମସ୍ତଙ୍କୁ ସତେଅବା ଚେରଛିଣ୍ଡା କରି ଆପଣା ଭିତରକୁ ଟାଣି ଆଣିବାର ଚେଷ୍ଟା କରୁଥାଏ, ତେବେ ତଦ୍ଦ୍ୱାରା ମୋ'ର ଆପଣା ଅପଧର୍ମଟା ହିଁ କ୍ରମେ ମୋ'ଲାଗି ପଥର ପରି ହୋଇ ମୋତେ ଯୋଉଠି ସେଇଠି ଅଟକାଇ ରଖିଥାଏ । ଏହି ବୃହତ୍ତ୍ୱ ବିସ୍ତାରିତ, ସମଗ୍ର ଓ ସୁନ୍ଦର ସଂସାର ଭିତରେ ଆପଣାକୁ ପ୍ରବିଷ୍ଟ କରାଇ ନପାରି ମୁଁ ଯଦି ସଂସାରଗୋଟାକୁ ହିଁ ଟାଣିଟୁଣି ଆପଣା ଭିତରେ

ଭକ୍ତି କରିବାକୁ ଇଚ୍ଛା କରୁଥାଏ, ତେବେ ତଦ୍ଦ୍ୱାରା କ୍ରମେ ମୋତେ ହିଁ ଏହି ସବୁ କିଛି ମଧ୍ୟରେ ବି ତଥାପି ଗୃହହୀନ ହୋଇ ରହିବାକୁ ପଡେ । ବାହାରେ ପୂଜା, ସ୍ତୁତି ଓ ସ୍ତବ ସବୁ ଦ୍ୱାଦଶଧର୍ମ, ଉପକ୍ରମରେ ଚାଲିଥାଏ ସତ, କିନ୍ତୁ ଭିତରେ ମୁଁ ତଥାପି ଗୃହହୀନ ଭାବରେ ଘର ନିଅରା ହୋଇ ରହିଥାଏ । ତେଣୁ, ଆପଣାର ଏହି ପାଚେରୀଗୁଡ଼ାକୁ ହିଁ ଭାଙ୍ଗି ପକାଇବା ହେଉଛି ଅସଲ ଧର୍ମ, ଭିତରେ ଯେତେ ଯାହା ଭୟ ଓ ସଙ୍କୋଚ ରହିଛି, ସେଗୁଡ଼ିକୁ ଭୁଲି ଆପଣାକୁ ପ୍ରସାରିତ କରିପାରିବା ହେଉଛି ଅସଲ ମାର୍ଗ । ସେହି ମାର୍ଗଟିକୁ ଉଦ୍ଦିଷ୍ଟ କରି ହିଁ ଅନ୍ୟ ଯାବତୀୟ ମାର୍ଗର ନିରୂପଣ ହେବା ଉଚିତ ।

୬ । ୩ । ୮୦

ସମସ୍ତେ କହୁଛନ୍ତି, ସଂସାର ଭାସି ଯାଉଛି । ସଂସାର ଭାସିଗଲେ ମଧ୍ୟ ସେମାନେ ନିଜେ ଯେପରି ଯେଉଁଠାରେ ଅଛନ୍ତି, ସେହିଠାରେ ନିତ୍ୟନୈମିତ୍ତିକ ନିରାପଦ ଭାବରେ ଦୃଢ଼ ହୋଇ ରହିଥିବେ, ସେଥିଲାଗି ସର୍ବବିଧ ଉପାୟ ତଥା ଅପାୟର ଉଦ୍ଭାବନ କରିବାରେ ଲାଗିଛନ୍ତି । ମୁଁ ନିଜେ ମଧ୍ୟ ଭାସିଯାଉଛି, ଏପରି ଏକ ବାସ୍ତବିକ ସଙ୍କଟବୋଧ ମୋ' ନିଜଭିତରେ ନଆସିବା ପର୍ଯ୍ୟନ୍ତ ସଂସାରରେ ତିଷ୍ଠି ରହିବାରେ ମୁଁ ଯେ ଅନ୍ତରଙ୍ଗତା ସହିତ କଦାପି କିଛି କରି ପାରିବିନାହିଁ, ସେକଥା ଆମେ ଅନେକେ ପ୍ରାୟ ଭୁଲି ଯାଉଛୁ । ତେଣୁ, ସଂସାର ଭାସିଯିବାର ପ୍ରସଙ୍ଗଟି ଆମ ପାଖରେ ପ୍ରଧାନତଃ ଗୋଟିଏ ଫେସନ ହୋଇ ରହିଛି । ସେଥିଲାଗି, ଯେଉଁମାନେ ପ୍ରଗ ଶୃଙ୍ଖଳରେ ରହିଛନ୍ତି, ଅନେକ ସମୟରେ ସେଇମାନେ ହିଁ "ଦେଖ୍, ଦେଖ୍, ଭାସିଗଲା" ବୋଲି ଏଡ଼େବଡ଼ ପାଟିରେ ଚିତ୍କାର କରି କହିବାରେ ଲାଗିଛନ୍ତି । ସାହିତ୍ୟ ଭିତରେ ସାହିତ୍ୟିକ ଭାସିଯାଉଛି, ଧର୍ମ ଭିତରେ ଧାର୍ମିକ ଭାସିଯାଉଛି, ରାଜନୀତି ଭିତରେ ଦେଶର ଭାଗ୍ୟ ଭାସି ଯାଉଛି ଓ ବର୍ତ୍ତମାନର ଅରାଜକତା ଭିତରେ କୁଆଡେ ଭବିଷ୍ୟ ବି ଭାସି ଯାଉଛି । ମାତ୍ର, ଯେଉଁମାନେ ଏତେ କଥା ଏଡ଼େ ବାଗରେ କହିବାରେ ଲାଗିଛନ୍ତି, ସେମାନେ ସମସ୍ତେ ଶୃଙ୍ଖଳ-ପାଗଳ ହୋଇ ରହିଛନ୍ତି । ପ୍ରକୃତରେ ଭାସି ଯାଉଥିବା ମଣିଷ ଭାସି ଯାଉଛି ବୋଲି ହୃଦୟଙ୍ଗମ କରିବ, ସେହିଦିନ ଯାଇ ଏ ତାମସା ବନ୍ଦ ହେବ ।

୧୦ । ୩ । ୮୦

ଯେଉଁମାନେ ସଂସାରଟାକୁ ଅତ୍ୟନ୍ତ ବ୍ୟାକୁଳ ଭାବରେ କାମୁଡ଼ି ଧରି ପଡ଼ି ରହିଛନ୍ତି, ସତେଅବା ସେହିମାନେ ହିଁ ଆନୁଷ୍ଠାନିକ ଭାବରେ ବୈରାଗ୍ୟକୁ ହିଁ ସଂସାରର ସର୍ବଶ୍ରେଷ୍ଠ ଜୀବନଦର୍ଶନ ବୋଲି ଘୋଷଣା କରିବାରେ ଲାଗିଛନ୍ତି । ପରସ୍ପରର କ୍ଷତିପୂରଣକାରୀ ହିସାବରେ ଏହି ଦୁଇଟିଯାକ ଦୃଷ୍ଟି ସେମାନଙ୍କର

ଜୀବନରେ ଘଟିଥିବା ଏହିଟି ଅତ୍ୟାବଶ୍ୟକ ଅଳଙ୍କାର ହୋଇ ହେଉଛି । ତେଣୁ, ସାହାରେ ସଂସାରବୈରାଗ୍ୟର ପ୍ରଦର୍ଶନ ଯେତିକି ବଢ଼ୁଛି ଓ ବୈରାଗ୍ୟକୁ ହିଁ ଗମ୍ଭୀର ଭାବରେ ଆମ୍ଭର ଶ୍ରେଷ୍ଠ ମାର୍ଗ ବୋଲି ଗ୍ରହଣ କରି ସଂସାରରୁ ବାହାରି ଯାଇଥିବା ବୈରାଗୀମାନଙ୍କ ଲାଗି ଆନୁଷ୍ଠାନିକ ଆଦରଗୁଡ଼ିକ ବି ଆମର ଏଠି ଯେତିକି ବଢ଼ୁଛି, ଏଣେ ଭିତରେ ସଂସାରଲାଳସା ଗୁଡ଼ିକ ମଧ୍ୟ ଠିକ୍ ସେତିକି ବଢ଼ିବାରେ ଲାଗିଛି, ମଧୁରଲାଳସା ମଧ୍ୟ ବଢ଼ିବାରେ ଲାଗିଛି । ମାତ୍ର ବସ୍ତୁତଃ ମଣିଷ ସଂସାର ଅଥବା ବୈରାଗ୍ୟ କୌଣସିଟିକୁ ହିଁ ଆପଣାର ପ୍ରକୃତ ମାର୍ଗ ବୋଲି ଗ୍ରହଣ କରି ପାରୁନାହିଁ ଓ ଉଭୟ ଜାଗରେ ହିଁ ଗୋଟାଏ ଅଭିନୟକୁ ଗଣ୍ଠି କରି ଧରିଛି । ଯଥାର୍ଥରେ ଦେଖିଲେ ସଂସାର ଓ ବୈରାଗ୍ୟ ମଧ୍ୟରେ ମୋଟେ କୌଣସି ବ୍ୟବଧାନ ନାହିଁ ଏବଂ ନିଜର ଅନ୍ତର୍ଜୀବନ ମଧ୍ୟରେ ହିଁ ଏହି ଯାବତୀୟ ଦ୍ୱନ୍ଦ୍ୱ ଓ ସଂଘର୍ଷର ସମାଧାନ ହୋଇ ପାରୁଥିବା ଉଚିତ ।

୧୧ । ୩ । ୦

ଗୋଟାଏ ପାଖରେ ରାଷ୍ଟ୍ର ଓ ଆଉ ଗୋଟାଏ ପାଖରେ ମାନବିକ ସ୍ୱାଧୀନତାର ଦାବୀ,—ଗୋଟାଏ ପାଖରେ ରାଷ୍ଟ୍ରମାନେ ରାଷ୍ଟ୍ରାଧୀନ ମଣିଷମାନଙ୍କର ଅଧିକ ହିତସାଧନ କରିବା ଲାଗି ଧ୍ୟାନ ଓ ବଡ଼ ବଡ଼ ଯୋଜନା ଜାରି କରୁଥିବେ, ବାଧ୍ୟମାନଙ୍କୁ ସୁଖରେ ରଖି ଅବାଧ୍ୟମାନଙ୍କୁ ଦମନ କରିବାରେ ଲାଗିଥିବେ ଓ ଅନ୍ୟ ପାଖରେ କେତେକଣ ମଣିଷ ସ୍ୱାଧୀନ ରାଷ୍ଟ୍ରର ଅଧିବାସୀ ହୋଇଥିଲେ ମଧ୍ୟ ହାତଗୋଡ଼ ବାନ୍ଧି ଓ ମୁହଁ ବନ୍ଦ କରି ରହିବାକୁ ବାଧ୍ୟ ହେଉଥିବେ;- ଏହି ତାମସା ପ୍ରକୃତରେ ଆଉ କେତେଦିନ ପର୍ଯ୍ୟନ୍ତ ଚାଲିବ ? ରାଷ୍ଟ୍ର ଯେତେବେଳେ ଜାତୀୟତାବାଦର ଆଦର୍ଶକୁ ଅସୀମ ପରି ବ୍ୟବହାର କରି ଗୁଡ଼ାଏ ମଣିଷଙ୍କୁ ଗଧ ପରି ଶାସନ କରିବାକୁ ବାହାରେ, ଅଥବା, ଆଉ ଟିକିଏ ଅଧିକ ସ୍ପଷ୍ଟ କରି କହିଲେ, ଯେତେବେଳେ ଏକ ନ୍ୟସ୍ତସ୍ୱାର୍ଥ ବର୍ଗ କୌଣସି ଏକ ରାଜନୀତିକ ପ୍ରଜାପିତ୍ୱର ଦାବୀ ଧରି ଗୁଳିବନ୍ଧୁକ ଓ ସୈନ୍ୟବାହିନୀ ସାହାଯ୍ୟରେ ମଣିଷମାନଙ୍କୁ କେବଳ ଜର୍ସି ପିନ୍ଧାଇ ଠିଆ କରିବା ଲାଗି ମନ କରି ବସେ, ସେତିକିବେଳେ ମଣିଷର ଆଦର୍ଶ ଆଗରେ ରାଷ୍ଟ୍ରର ଉପସ୍ଥିତି ହିଁ ଘଟିଥିବା ଗୋଟାଏ ଦୌରାତ୍ମ୍ୟ ପରି ମନେହୁଏ । ସେତିକିବେଳେ ହିଁ ତଥାକଥିତ ଜାତୀୟତାବାଦୀ ରାଷ୍ଟ୍ରତାକୁ ଜୀବନକାମ୍ୟ କରି ଧରିଥିବା ଅସୁରମାନେ ଖାଲି ଦସ୍ୟୁମାନଙ୍କ ଭାବରେ ଧରା ପଡ଼ିଯାଆନ୍ତି । ସେମାନଙ୍କର ସବୁ ଆଦର୍ଶ କେବଳ ଚୁଲିକୁ ଯାଏ । ସେମାନଙ୍କର ପ୍ରବୃତ୍ତିବିକାର ଗୁଡ଼ାକ ହିଁ ଘଟିଥିବା ଗୋଟାଏ ଗୋଟାଏ ଦେଉଳରେ ପରିଣତ ହୁଅନ୍ତି । ଧନ, ବିଜ୍ଞାନ ଓ ବିଦ୍ୟାବଳ ବଢ଼ିବାରେ ଲାଗିଥିଲେ ମଧ୍ୟ ମଣିଷମାନେ ତଥାପି ପ୍ରଧାନତଃ ଅଧୀନହୋଇ ରହିବାର ଗଡ଼ ଖାଇ ପଡ଼ିଥାନ୍ତି,—ସାମନ୍ତମାନେ ପ୍ରଚଣ୍ଡ ହୋଇ

ବସିବାଲାଗି ଚମତ୍କାର ପ୍ରଶସ୍ତ ମଞ୍ଚ ପାଆନ୍ତି । ଯନ୍ତ୍ର ମଣିଷକୁ ବଳି ପକାଏ, ମଣିଷକୁ ଖାଇଯାଏ । ଯନ୍ତ୍ରକୁ ଚଳାଉଥିବା ପରିକର୍ମୀମାନେ ଗୋଟିଏ ଗୋଟିଏ ଦୁର୍ବୃତ୍ତର ପରିଧାନ ପିନ୍ଧି ଶାସନ କରୁଥାନ୍ତି ।

୧୨।୩।୮୦

ଏଇଠି ମୋ' ଆଖି ଆଗରେ ଯିଏ ସବୁକିଛିକୁ ଭରିଦେଇ ଓ ସବୁକିଛିକୁ ଉଜ୍ଜ୍ୱଳ କରିଦେଇ ଠିଆ ହୋଇ ରହିଛନ୍ତି, ମୁଁ ତାଙ୍କର । ହଁ, ମୁଁ ତାଙ୍କରି ବୋଲି ଏହି ସବୁକିଛି ଏପରି ଭଲ ଲାଗୁଛି, ଆପଣାର ଲାଗୁଛି, ଏଠି ସମସ୍ତ ଏପରି ଆତ୍ମୀୟ ପରି ଲାଗୁଛନ୍ତି । ଏଠି ସମସ୍ତ ଆକାଶ ଭରି ସେଇ ଠିଆ ହୋଇ ରହିଛନ୍ତି । ସମସ୍ତ ପବନ ଓ ସମସ୍ତ ଆଲୋକକୁ ସ୍ପର୍ଶ କରିବା ସମୟରେ ମୁଁ ସତେଅବା ତାଙ୍କୁ ହିଁ ସ୍ପର୍ଶ କରୁଥିବା ପରି ଅନୁଭବ କରୁଛି । ମୁଁ ପ୍ରକୃତରେ ଯାହାର, ତାଙ୍କୁ ହିଁ ସ୍ପର୍ଶ କରୁଥିବା ପରି ଅନୁଭବ କରୁଛି । ସେଇଥିଲାଗି ଏହି ଅନୁଭବ କରିବାର ପଥଟି ସିଧା କେଉଁଠି ବାହାରୁ ଆସି ମୋ ଭିତରେ ପ୍ରବେଶ କରିଛି ବା କେଉଁଠି ଭିତରୁ ବାହାରି ବାହାରେ ବାହାରେ ପ୍ରବେଶ କରିଛି, ମୁଁ ସେକଥାର କୌଣସି ଠିକଣା ମୋଟେ ପାଇ ପାରୁନାହିଁ । ଅନେକ ଲୋକ ଅଛନ୍ତି, ଯେଉଁମାନେ କି ଆଗ ବାହାର ଆଡ଼କୁ ମେଲା ହୋଇ ରହିଥିବା ଦ୍ୱାରଗୁଡ଼ାକୁ ବନ୍ଦ କରି ପାରିଲେ ଯାଇ ଭିତରେ ତାଙ୍କର ଅନୁଭବ ମିଳିବ ବୋଲି ପରାମର୍ଶ ଦେଇ-ଥାନ୍ତି । ଆଉରି ଅନେକ ଅଛନ୍ତି, ଯେଉଁମାନେ କି ତାଙ୍କୁ ଭିତରେ ଆଗ ନପାଇଲେ ବାହାରେ ତାଙ୍କୁ କଦାପି ପାଇ ହେବନାହିଁ ବୋଲି ତ ଏଡ଼େ ପାଟି କରି କହୁ-ଥାନ୍ତି । ଆପଣାକୁ ତାଙ୍କରି ବୋଲି ଅନୁଭବ କରୁଥିବା ମଣିଷର ଜୀବନରେ ସମ୍ଭବତଃ ଏହିସବୁ ସିଦ୍ଧାନ୍ତର ଆଉ କୌଣସି ସତ୍ୟତା ନଥାଏ । ଥରେ ତ ତାଙ୍କରି ହୋଇଯାଇ ପାରିଲେ ଭିତରେ ଓ ବାହାରେ ରହିଥିବା ଏହି ଭ୍ରାନ୍ତିକ ଦ୍ୱନ୍ଦ୍ୱର ବି ଏକାବେଳେକେ ସମାଧାନ ହୋଇ ଯାଇଥାଏ । ଆଖିଗୁଡ଼ାକୁ ଖୋଲିଦେଲେ ଯଦି ସେଇ ଆପଣାର ଆଖିଗୁଡ଼ାକୁ ଭରିଦେଇ ଠିଆହୋଇ ରହିଥିବାର ଅନୁଭବ ହୋଇଯାଏ, ତେବେ ସେତେବେଳେ ବାହାର ଦିଶେନାହିଁ ଅଥବା ଭିତର ବି ଦିଶେନାହିଁ । ସେତେବେଳେ ସେହି ଦିଶନ୍ତି, ପରିପୂର୍ଣ୍ଣ ହୋଇ ରହିଥିବା କେବଳ ଘରଗୁଡ଼ାକହିଁ ଦିଶନ୍ତି । ବଗିଚା ଗୁଡ଼ିକ ଫୁଲରେ ଭରି ଉଠନ୍ତି, ଆକାଶ ଗୁଡ଼ିକ— ଭିତରେ ଓ ବାହାରେ ରହିଥିବା ଆକାଶ ଗୁଡ଼ିକ କେତେକେତେ ଚନ୍ଦ୍ରଙ୍କ ଦ୍ୱାରା ଭରି ଉଠନ୍ତି । ସବୁଠାରେ କେବଳ ସେଇ ଠିଆହୋଇ ରହିଥିବା ହିଁ ଅନୁଭବ ହେଉଥାଏ ।

୧୩ । ୩ । ୮୦

ତୃପ୍ତି ସେଇ, ଅତୃପ୍ତି ମଧ୍ୟ ସେଇ । ସେଇ ହେଉଛନ୍ତି ମୁକ୍ତି, ବନ୍ଧନର ଡୋର ମଧ୍ୟ ସେଇ । ଆମେ ଏଠି ବନ୍ଧନଗୁଡ଼ାକୁ ଛାଡ଼ି ଯେତେବେଳେ ମୁକ୍ତି ମଧ୍ୟକୁ ଯିବାଲାଗି ତାଙ୍କ ପାଖରେ ପ୍ରାର୍ଥନା କରୁଥାଉ, ସେତେବେଳେ ବନ୍ଧନର ଏହି ପ୍ରକୃତି ବିଷୟରେ ଆମର ହୁଏତ ଆଦୌ କୌଣସି ଖିଆଲ ନଥାଏ । ଗୋଟିଏ ସ୍ତରରେ ମିଳୁଥିବା ମୁକ୍ତି ଆମକୁ ଆଉ ଏକ ସ୍ତରରେ ନାନା ସମ୍ବନ୍ଧ ଡୋରରେ ଆଣି ବାନ୍ଧିଦିଏ । ଗୋଟାଏ ସ୍ତରରୁ ମାୟା ଛାଡ଼ିଗଲେ ଆଉ ଗୋଟାଏ ସ୍ତରରେ ମାୟା ଲାଗିଯାଏ । ଅନ୍ତରର ବନ୍ଧନଗୁଡ଼ାକ ଛିଣ୍ଡି ଯାଇ ପାରିଲେ ସମଗ୍ର ସହିତ ଏକ ଅଙ୍ଗୀକାରର ବନ୍ଧନର ପର୍ଯ୍ୟାୟ ଆରମ୍ଭ ହୋଇଯାଏ । ଏଣୁ ପଳାୟନ ମୋଟେ ସମ୍ଭବ ହୁଏନାହିଁ । ବିସ୍ତୃତି ସମ୍ଭବ ହୁଏ, ପ୍ରସାରଣ ସମ୍ଭବ ହୁଏ, ପରିଚୟ ବଢ଼ି ବଢ଼ି ଚାଲିଥାଏ । ସଂସାରରେ ସବୁକିଛି ସହିତ ସମ୍ବନ୍ଧ ଲାଗିଯାଏ । ଏବଂ ସେଇଥିରୁ ହିଁ ନୂତନ ନୂତନ ଅତୃପ୍ତିର ଜନ୍ମ ହୁଏ । ତୃପ୍ତିଗୁଡ଼ାକର ଲାଳସା ଅପେକ୍ଷା ଅତୃପ୍ତି-ଗୁଡ଼ାକର ଆହ୍ୱାନ ହିଁ ଜୀବନରେ ଅଧିକ ଶକ୍ତିଶାଳୀ ପ୍ରେରଣାରୂପେ ଅନୁଭୂତ ହୁଏ । ଆମର ସାନ ସାନ ତୃପ୍ତି ଆମକୁ ଯେତେବେଳେ ପ୍ରକୃତରେ ନାନା ସାନ ସାନ ଗାତରେ ବାନ୍ଧି ପକାଉଥାଏ, ସେତେବେଳେ ଆହୁରି ଅନ୍ୟ ସ୍ତରର ନାନା ଅତୃପ୍ତି ଜୀବନରେ ନୂତନ ଦ୍ୱାରର ଉନ୍ମୋଚନ ଘଟାଏ । ଆହୁରି ଅନେକ ନୂତନ ଶ୍ରଦ୍ଧା-ଲାଗି ଯୋଗ୍ୟ କରେ । ସେତେବେଳେ ତାଙ୍କର ଆଶୀର୍ବାଦର ସ୍ପର୍ଶ ଲାଗି ତୃପ୍ତିଗୁଡ଼ିକ ସତେଅବା ଅତୃପ୍ତିରୂପେ ନବଜନ୍ମ ଲାଭ କରନ୍ତି ।

୧୪ । ୩ । ୮୦

ଆଜିକାଲି ମଣିଷ ଆଉ ଅପ୍ରିୟ କଥା କହୁନାହିଁ । କାହାର ଅପ୍ରିୟ ହେବା ଲାଗି ଆମେ ମୋଟେ ପସନ୍ଦ କରୁନାହୁଁ । ହୁଏତ ସବୁପ୍ରକାର ଅପ୍ରିୟ କାର୍ଯ୍ୟ କରୁଛୁ, ଅପ୍ରିୟ ଭାବନା ଭାବୁଛୁ ଏବଂ ଅପଚାର ଯାବତୀୟ କାର୍ଯ୍ୟରେ କେବଳ ଆପଣାର ସାନ ଗାତଟି ଭିତରେ ପଶି ସଂସାରଟାକୁ ଏଡ଼ିବାବେଳେ ସେହି ଗାତଟି ଭିତରେ ପୁରାଇ ରଖିବାକୁ ଚେଷ୍ଟା କରୁଛୁ । କିନ୍ତୁ ବାହାରେ ଅପ୍ରିୟ ହେବାକୁ ଆମେ ଆଉ ଆଦୌ କୌଣସି ସାହସ କରି ପାରୁନାହୁଁ । ଧରା ପଡ଼ିଯିବାକୁ ଖାଲି ଡରୁଛୁ । ଆପଣା ପାଖରେ ବି ଧରା ପଡ଼ିବାକୁ ଆମେ ଆଉ ସାହସ କରିବାଲାଗି ଭୟ କରୁଛୁ । ଅର୍ଥାତ୍, ନିଜ ପାଖରେ ବି କୌଣସି ଦିନ ଧରା ପଡ଼ିବା ଲାଗି ଆମେ ଭୟ କରୁଛୁ । ଆପେ ଆପଣା ପାଖରେ ବନ୍ଧୁ ହୋଇ ବସିବାକୁ ଭୟ କରୁଛୁ । ସତେଅବା ନିଜେ ନିଜର ଜନନୀ ପରି ହୋଇ ଆପଣାକୁ ନବ ନବ ଜନ୍ମ ଦେଇ ଧନ୍ୟ ହେବାଲାଗି ମଧ୍ୟ

ଆମେ ଭାରି ଭୟ କରୁଛୁ । ହୁଏତ ସେଇଥିଲାଗି ଆମେ ଅଚଳ ପଥର ଯାତ୍ରୀ-ମାନଙ୍କ ପାଖରୁ ଆଉ କୌଣସି ପ୍ରେରଣା ନେଇ ପାରୁନାହୁଁ । ଆମର ଆପଣା ଭିତରେ ଯେଉଁ ପରମ ଜନ୍ମଟି, ପରମ ଶକ୍ତିଟି ଅର୍ଥାତ୍ ପରମ ସମ୍ଭାବନାଟି ସବାଆଗ ଆମରି ଲାଗି ଅପେକ୍ଷା କରି ରହିଛି, ତାକୁ ଆମେ ସତେଅବା ଅନୁଭବ ନକରିବା ସକାଶେ ହିଁ ପଣ କରି ବସିଛୁ । ସେଇଥିଲାଗି ବାହାରେ କେତେ କେତେ ପ୍ରକାର ଉପଦ୍ରବ ବଢ଼ୁଛି, ଆମକୁ କୁଣ୍ଠିତ ଓ ବିଚ୍ୟୁତ କରି ରଖିବାଲାଗି ଏଠି କେତେ କେତେ କାନ୍ଥ ତିଆରି ହେଉଛି, ଏତେ ଶାସ୍ତ୍ରଗୁଡ଼ାକୁ ମଧ୍ୟ କାନ୍ଥ ପରି କରି ରଖାଯାଉଛି, ଆମ ଠାକୁରମାନେ ବି ଆମଲାଗି ଗୋଟାଏ ଗୋଟାଏ କାନ୍ଥ ଛଡ଼ା ଆଉ ଆଦୌ କୌଣସି ଉଦ୍ଦେଶ୍ୟର ସାଧନ କରୁନାହାନ୍ତି, ଏସବୁ କାହିଁକି ହେଉଛି ? ଆମର ଗୃହ ପାଖର ହାଉଆଟା ଭିତରେ କେଉଁଠି କି ଅମଙ୍ଗଳ ପଶିଛି ଯେ ଏପରି ହେଉଛି ? ଆମ ଶାସ୍ତ୍ରଗୁଡ଼ାକ କାହିଁକି ଏପରି ଗୋଟାଏ ରାକ୍ଷସର ରୂପ ଧରି ଆମ ବର୍ଗଗୁଡ଼ାକରେ ଦୌରାତ୍ମ୍ୟ ଆରମ୍ଭ କରି ଦେଇଛନ୍ତି ? କାହିଁକି, କାହିଁକି ଆମେ ଆପଣାକୁ ପରାଭୂତ କରି ରଖିଛୁ, ଏପରି ପରିବର୍ଜିତ କରି ରଖିଛୁ ?

୧୫ । ୩ । ୮୦

ପର୍ବତ ପାଖକୁ ଆସିଲେ ମୁଁ ମନ ଭିତରେ ମଧ୍ୟ ଏକ ବୃହତ୍ତ୍ୱ ଅନୁଭବ କରେ । ଉପରକୁ ଆକାଶ ଭିତରକୁ ଆପଣାର ଡ଼ୋରଟିକୁ ଲଗାଇ ଦେଇ ପାରିଲେ ମୁଁ ଏକ ପରମ ସୁରକ୍ଷାକୁ ଆପଣାର ପ୍ରତ୍ୟେକ ଅଂଶରେ ଅନୁଭବ କରିଥାଏ । ନଈଆଡ଼କୁ ଅନାଇ ଦେଲେ ମୁଁ ସତେଅବା ମହାସାଗର ସ୍ପର୍ଶ ପାଏ । ଏସବୁ ମୋତେ ଜୀବନର ପ୍ରତ୍ୟେକ ଦିନ ହିଁ ଅଧିକରୁ ଅଧିକ ଅନ୍ତରଙ୍ଗ ଭାବରେ ଏଣୁ ସବୁକିଛି ସହିତ ବାନ୍ଧିରଖେ, ଏଠି ବହୁକିଛି ସହିତ ଓ ସମସ୍ତଙ୍କ ସହିତ ବାନ୍ଧିରଖେ, ମାତ୍ର ଆହୁରି ଅନେକ ମଣିଷ ଅଛନ୍ତି, ଯେଉଁମାନେ କି ବୃହତ୍ ପର୍ବତଟିର ପାଖକୁ ଆସି ଆପଣାର କ୍ଷୁଦ୍ରତା ବିଷୟରେ କୁଆଡ଼େ ଭାରି ସଚେତନ ହୋଇ ପଡ଼ନ୍ତି । ନଦୀକୁ ଦେଖିଲେ ସେମାନେ କୁଆଡ଼େ ଏକାବେଳେକେ କୁଆଡ଼େ ମନ କୁଆଡ଼କୁ ଭାସିଯିବେ ବୋଲି ଆଶଙ୍କା କରିବାକୁ ଆରମ୍ଭ କରନ୍ତି । ଅଥଳ ସମୁଦ୍ରରେ ପଡ଼ିଯାଇ ଆପଣାକୁ କୁଆଡ଼େ ଭାରି ଅସହାୟ ଅନୁଭବ କରନ୍ତି । ଏହି ଆକାଶଟା ମଧ୍ୟ କୁଆଡ଼େ ସେମାନଙ୍କର ମୁଣ୍ଡଉପରେ ଆସି ଖସିପଡ଼ିବାପରି ମନେ ହେଉଥାଏ । ଏହିସବୁ ମଣିଷମାନଙ୍କ ପାଖରେ ମତେ ସବୁବେଳେ କେମିତି କେମିତି ଲାଗେ । ଏମାନେ ଯେମିତି ବାରବାର ଆକାଶ, ନଦୀ ଏବଂ ପର୍ବତର ସାନ୍ନିଧ୍ୟରେ ଆସିଥିଲେ ମଧ୍ୟ ତଥାପି କେତେକ ଏକାନ୍ତ ବ୍ୟକ୍ତିଗତ କାରଣରୁ ନିଜର

ସ୍ଥାନ ଘରଟି ଭିତରୁ ବାହାରକୁ ବାହାରି ପାରନାହାନ୍ତି । ଏମାନେ ଆପଣାର ଶତଶତ ଷଣ୍ଡ ବିଶ୍ୱାସ ସତ୍ତ୍ୱେ ତଥାପି କୌଣସି ତତ୍ତ୍ୱ ଅର୍ଜନ କରି ପାରନାହାନ୍ତି । ମନେହୁଏ, ଏମାନେ ତଥାପି ଭଗବାନଙ୍କ ପାଖରେ ଆପଣାର ପାଟେଷ୍ଟଗୁଡ଼ାକୁ ଭାଙ୍ଗି ପାରନାହାନ୍ତି । ଯାହେଉ ଭାଙ୍ଗିଲେ ଯେଉଁ ଆଶାର ତ ସତ୍ୟଂଶଟିଏ ମିଳିଯାଏ, ସେମାନେ ଏହି କଥାଟିକୁ ସ୍ୱୀକାର କରି ନେଇ ପାରନାହାନ୍ତି ।

୧୯ । ୩ । ୮୦

କେବଳ ସେମାନେ ହିଁ କଥାବାର୍ତ୍ତା କହୁଥିଲେ ଯେ, ଏଥର ବିପ୍ଳବ ଛଡ଼ା ଆଉ ଉପାୟ ନାହିଁ । ଯେଉଁମାନେ ଏହି ସାମାଜିକ ଜୀବନର ଜାଡ଼ୀୟ ବ୍ୟାଧିଲାଗି ସବାଆଗ ଦାୟୀ, ଯେଉଁମାନେ ନିଜର ଯାନଯାନ ଗାଡ଼ିଗୁଡ଼ିକ ବ୍ୟତୀତ ଆଉ କିଛିହେଲେ ଅଛି ବୋଲି କେବେହେଲେ ହୁଏତ ଅନୁଭବ ହିଁ କରନାହାନ୍ତି, ସେମାନ ବି ଏବେ କହୁଲେଣି ଯେ ଗୋଟାଏ ବିପ୍ଳବ ବ୍ୟତୀତ ଆଉ ଅନ୍ୟ ବାଟ ନାହିଁ । ମୁଁ ଏଇଟାକୁ ମିଛ କପଟ ବୋଲି କଦାପି କହୁନାହିଁ । ଅବଶ୍ୟ ଏକଥା ସତ ଯେ, ସେମାନଙ୍କର ଭିତର ଓ ବାହାର ପରସ୍ପରଠାରୁ ଏକାନ୍ତ ଭାବରେ ବିଭକ୍ତ ହୋଇ ରହିଛି । ଏମାନଙ୍କର ଭିତର ଆଉ ଭିତର ମଧ୍ୟରେ ସତେଅବା ଆଦୌ କୌଣସି ସମ୍ବାଦସୂତ୍ର ନାହିଁ । ଏମାନେ ନିଜ ଜୀବନକୁ କେବେହେଲେ ଗୋଟାଏ କରି ଅନୁଭବ କରନାହାନ୍ତି । ଏହି ସଂସାରକୁ ମଧ୍ୟ ହୁଏତ ସେମାନେ କେବେ-ହେଲେ ଗୋଟାଏ ବୋଲି ଅନୁଭବ କରନାହାନ୍ତି । ଜଙ୍ଗଲର ବାଘ ସମଗ୍ର ଜଙ୍ଗଲ-ଟାକୁ ଯଦି ଗୋଟାଏ ବୋଲି କେବେ ଅନୁଭବ କରନ୍ତା, ତେବେ ତା'ପରେ ସେ ଆଉ ବାଘ ହୋଇ ରହି ପାରନ୍ତା ନାହିଁ । ତଥାପି ମୁଁ ଭାବୁଛି, ଏମାନଙ୍କ ମୁହଁରେ ଏହି ବିପ୍ଳବର କଥା ମିଛ କପଟ କଥା ମୋଟେ ନୁହେଁ । ଖୁବ୍ ସମ୍ଭବ ଏମାନଙ୍କର ଭିତର ଆଉ ବାହାର ଭିତରେ ଟିକିଏ ଏକ କଳହ ଲାଗିବାକୁ ଆରମ୍ଭ କଲାଣି । ଭିତର ତା' ଉପାୟରେ ଆପଣାର ବେଦନାଗୁଡ଼ିକୁ ଅନୁଭବ କରୁଛି ଏବଂ ବାହାରଟା ବି ତା' ନିଜ ବାଟରେ ଏକମୁଖା ହୋଇ ବାଘ ହେବାରେ ଲାଗିଛି । ତଥାପି, ଏତିକି କ'ଣ କମ୍ କଥା ? ସେମାନେ ଅଗ ଆପଣା ପାଖରେ ସେତିକି ବିଶ୍ୱାସଘାତକତା କରନ୍ତୁ । ତା'ପରେ ଯାଇ ଭିତର ଆଉ ବାହାର ଭିତରେ ରହିଥିବା ବନ୍ଧଟାରେ ହୁଏତ କୋଉଠି ଦୋଳାଏ ପଡ଼ିଯିବ । ତା'ପରେ ଅଗ ସେମାନଙ୍କ ନିଜ ଭିତରେ ହିଁ ବିପ୍ଳବ ହେବ ।

୨୦ । ୩ । ୮୦

ମାସ୍ତ୍ୱାବାଦରେ ପ୍ରାୟ ନୂଆ ହୋଇ ରହିଥିବା ଏହି ସମାଜରେ ଯାହାର ମାସ୍ତ୍ୱାଗୁଡ଼ାକ ଏପରି ବିକୃତ ହୋଇ ଯାଉଛି, ମାନ୍ଧାଗୁଡ଼ାକ ଯାହାକୁ କୌଣସି

ଗୀତ ଭିତରେ ପକାଇ ନରକି ତା' ଜୀବନରେ ରୋଗ ପରି କାର୍ଯ୍ୟ କରେ । ତାକୁ ଏଠି ନିଷ୍ଠୁର ଅନେକ ଅସନ୍ତୋଷ ଦେଖିବାକୁ ପଡ଼ିବ ! କିନ୍ତୁ ନିସ୍ପନ୍ଦ ବା ନୈର୍ଗୁଣ୍ୟ ବୋଲି ତା' ଜୀବନରେ ଆଉ କଦାପି କୌଣସି କଥା ରହୁନାହିଁ । ସିଏ ଏହି ସଂସାରଦ୍ୱାରା ଆକୃଷ୍ଟ ହୋଇ ସତତ ଥିବା ନିଜ ଭିତରେ କ୍ରମେ ଏପରି ଅଧିକରୁ ଅଧିକ ଭାବରେ ପ୍ରବେଶ କରୁଥିବ ଯେ, କ୍ରମଶଃ ତା'ର ବିବେଚନାର ଦୃଷ୍ଟି ଆଗରେ ଭିତର ଆଉ ବାହାର ବୋଲି ଆଦୌ କୌଣସି ତାରତମ୍ୟ ରହୁନାହିଁ । ତେଣୁ; ଅନୁଶୋଚନାର ଆଉ କୌଣସି କାରଣ ନାହିଁ । ସେଠି ପ୍ରତିଦିନ ନୂଆ ନୂଆ ଘରର ଆବିଷ୍କାର କରି ହେଉଛି, ପ୍ରତିଦିନ ଏପରି ଗୋଟିଏ ଗୋଟିଏ ମୁକ୍ତିର ଆବିଷ୍କାର କରି ହେଉଛି ଯାହାକି ଗୋଟାଯାକ ଆପଣାର ମନେ-ହେଉଛି, ସେଠି ମାଟି କହିଲେ ପ୍ରକୃତରେ ଚେରଗୁଡ଼ିକୁ ହିଁ ବୁଝାଇବ, ଜାଲି କହିଲେ ପ୍ରକୃତରେ ସବୁଟିକୁ ଏପରି ଅନ୍ଧାର କରି ସମ୍ଭାର ରଖିଥିବା ଆକାଶକୁ ହିଁ ବୁଝାଇବ । ଯେଉଁଠାରେ ଶାସ୍ତ୍ରର ବିଧାନ ହିଁ ବଦଳିଯିବ, ଗ୍ରନ୍ଥର ପୃଷ୍ଠାଗୁଡ଼ାକ ଅନ୍ୟପ୍ରକାରେ ହୋଇଯିବ । ଆପଣାକୁ ସତତ ଉନ୍ମୋଚିତ କରି ରଖିବା ବ୍ୟତୀତ ଯେଉଁଠାରେ ହୁଏତ ଆଉ କୌଣସି ଧର୍ମ ରହୁନାହିଁ, କେବଳ ଆନନ୍ଦ ବ୍ୟତୀତ ଜୀବନରେ ଅନ୍ୟ ଦୃଷ୍ଟି ରହୁନାହିଁ ।

୭୨ । ୩ । ୮୦

ଆପଣାର ଜୀବନକୁ ନିରାପଦ କରି ରଖିବା ଲାଗି କେତେ ମଣିଷ କେତେ କେତେ ପ୍ରଚେଷ୍ଟା କରୁଛନ୍ତି । ଆପଣା ବିଷୟରେ ମୁଁ ଯେତିକି ବୁଝିଛି, ସେଥିରୁ ଜାଣୁଛି ଯେ ନିଜକୁ ନିରାପଦ କରି ରଖିବା ବିଷୟରେ ମୁଁ କେବେହେଲେ ଖୁବ୍‌ ବେଶୀ ଉଦ୍‌ବିଗ୍ନ ହୋଇ ପଡ଼ିନାହିଁ । ଆଘାତଟି ଯେତେ ବିପଦ ଭିତରେ ମୁଁ ପଡ଼ିଥାଏ ପଛକେ, ଏହି ଆକାଶକୁ ଅନାଇ ଦେଇ ପ୍ରକୃତରେ କେତେ ନିରାପଦ ଲାଗିଛି । ଆପଣାର ଦୁଆରଗୁଡ଼ାକ ଖୋଲିଦେଇ ଏହି ଆଲୋକ ଭିତରକୁ ବାହାରି ଆସିବା ମାତ୍ରକେ ମୋ'ର ଭିତରେ ମୋ'ର ଅଚଳ ନିରାପତ୍ତାର ଖୁଣ୍ଟାଗୁଡ଼ାକ ତଥାପି ସ୍ଥିର ମଜବୁତ ହୋଇ ରହିଥିବା ପରି ଅନୁଭୂତ ହୋଇଛି । ମଣିଷ ପାଖରେ ବସିଥିଲେ ସବୁବେଳେ କେତେ ନିରାପଦ ମନେହୋଇଛି । ବାଟରେ ଏକୁଟିଆ ଯାଉଥିବା ସମୟରେ ଭୁଲବାର ଅଜଣା ସାଥୀ ମିଳିଗଲେ ମଣିଷକୁ ଯେତିକି ଭରସା ମିଳେ, ମଣିଷ ପାଖକୁ ଗଲାବେଳେ ମୁଁ ନିଜ ଭିତରୁ ପ୍ରାୟ ସେତିକି ଭରସା ସବୁବେଳେ ପାଇଛି । ଏଠି ଏହି ସଂସାରରେ ମୋ' ନାଆଁରେ ଯେ ଆଦୌ କୌଣସି ଷଡ଼ଯନ୍ତ୍ର ଚାଲିନାହିଁ; ମୋ'ର ବାଟ ଚାଲିବା, ମୋ'ର ନିଜକୁ ଆବିଷ୍କାର କରିବା ମୋତେ ସତତ ଏହି ଭରସା ଦେଇଯାଇଛି ।

୨୨ । ୩ । ୮୦

ଋଷିମାନେ ଜଙ୍ଗଲରେ ରହୁଥିଲେ । ସେମାନେ ସଂସାରରେ ଏକ ମହତ୍ତର ଜୀବନର ପ୍ରତିଷ୍ଠା ଲାଗି ଆପଣାର ନାନା ରଚନା କରିଆରେ ଉଦ୍‌ବୋଧନ ଦେଉଥିଲେ । ତେଣେ ଉପରେ ଦେବତାମାନଙ୍କୁ ମଧ୍ୟ ସଂସାରର ଉଦ୍‌ବୋଧନ ଲାଗି ପ୍ରାର୍ଥନା କରୁଥିଲେ । ସେହି କାଳରୁ ଭାରତବର୍ଷରେ କେତେକେତେ ଯୁଗ ଅତିକ୍ରାନ୍ତ ହୋଇଗଲାଣି । ଆମେ ଏବେମଧ୍ୟ ଆମଦ୍ୱାରା ଆୟୋଜିତ ସଭାଗୁଡ଼ାକରେ ସେହି ବେଦ ଓ ଉପନିଷଦ ଗୁଡ଼ାକର ଉଦ୍‌ବୋଧନ ଦେଇ ଲୋକମାନଙ୍କୁ ଭଲ ପଥକୁ ଆସିବାକୁ ଉଦ୍‌ବୋଧନ ଦେଉଛୁ ଓ ତାହାକୁ ହିଁ ଧର୍ମକାର୍ଯ୍ୟ ବୋଲି କହୁଛୁ । ଜୀବନର ବିଭିନ୍ନ କାର୍ଯ୍ୟ ଭିତରେ ସେହି ପୁରାତନ ଯୁଗର ଧର୍ମ କେବଳ ଗୋଟିଏ କାର୍ଯ୍ୟ ଥିଲା । ଏବେ ଧର୍ମର ସେହି ଚଳଣି ଓ ସେହି ସଂଜ୍ଞା ବଦଳି ଗଲାଣି । ଏବେ ସଂସାର ଓ ଧର୍ମ ଭିତରେ କୌଣସି ପ୍ରଭେଦ ରହିଲା ଧର୍ମଗୁଡ଼ାକ ପ୍ରକୃତରେ ଅଧର୍ମ ଓ ଅସଂଯମ ପର କାର୍ଯ୍ୟ କରୁଛି । ପୁଣି, ସଂସାର ଭିତରେ ସଫଳ, ଲମ୍ପଟ ହୋଇ ରହିଥିବା ମଣିଷମାନେ ଯେତେବେଳେ ଧର୍ମର ସାଜ୍ସଜ୍ଜା ପିନ୍ଧି ସେନାପତି ସାଜୁଛନ୍ତି, ସେତେବେଳେ ସେମାନଙ୍କୁ ଦେଖି ପ୍ରକୃତରେ ହସ ମାଡ଼ୁଛି ।

୨୩ । ୩ । ୮୦

ମଣିଷ ଯେତେବେଳେ ମଦ ଖାଏ, ସେତେବେଳେ ସେ ସତେଅବା ଭାରି ଉଦାର ହୋଇଯାଏ । ସବୁ ମଣିଷଙ୍କ ଲାଗି ସବୁକିଛି କରିବାଲାଗି ପ୍ରସ୍ତୁତ ହୋଇଯାଏ ମଣିଷ ଯେ କୌଣସି ଏକ ଦୁଃଖ ବା ଅପୂରଣୀୟତାକୁ ଭୁଲିବାଲାଗି ମଦ ପିଏ, ସେକଥା ମଧ୍ୟ ସତ । ତେବେ, ସେ ପ୍ରକୃତରେ କ'ଣ ଭୁଲିବାକୁ ମଦ ପିଏ ? ଅଧିକାଂଶ ମଣିଷ ମଦ ପିଅନ୍ତି ନାହିଁ । କାରଣ, ସେମାନେ ଅତି ଚମତ୍କାର ଭାବରେ ଖାପ ଖାଇ ଯାଆନ୍ତି । ଭିତରେ ଆପଣାକୁ ଗୋଟାସୁଦ୍ଧା ଖଣ୍ଡି ଅ ରଖି ଓ ଗୋଟା ସୁଦ୍ଧା କଲା ରଖି ମଧ୍ୟ ସେମାନେ ବାହାରେ ଚମତ୍କାର ଭାବରେ ଖାପ ଖାଇଯାଇ ପାରନ୍ତି । ଯୁଗର ରୀତି ଅନୁସାରେ ସେମାନେ ଆପଣାର ଅସଲ ପ୍ରତିଷ୍ଠାଟି ସହିତ ଶତ୍ରୁତା କରି ବି ବାହାରେ କେବଳ ଆପଣାର ଗାଡ଼ିଟିକୁ ପଥବୋଲି ମନେକରି ସେଇଟି ମଧ୍ୟରେ ଲେସଡ଼ି ପଡ଼ି ଭାରି ଚମତ୍କାର ଭାବରେ ରହିଯାଆନ୍ତି । ସେମାନେ ବାହାରେ ଚତୁର ଓ ବାହାରେ ସଫଳ ଦେଖାଯିବାକୁ ଭିତରେ ଆପଣାଠାରୁ ଅଲଗା ହୋଇ ରହିଆଆନ୍ତି । ମାତ୍ର, ଯେଉଁମାନେ ସେକଥା କରି ନପାରନ୍ତି, ସେମାନେ ଆପଣା ପାଖରେ ଭାରି ହରିବଣ ହୁଅନ୍ତି । ନିଜକୁ ସେମାନେ କୋଉଠିହେଲେ ଦେଇ ପାରନ୍ତି ନାହିଁ, ସଂସାରର ଅଭିନୟ ଭିତରେ ପଶି ବି ପାରନ୍ତି ନାହିଁ । ସେମାନେ ବି

ଆଉ କୁଆଡ଼େ ପଳାଇ ଭୁଲି ରହିବାକୁ ଚାହାନ୍ତି ! ସେମାନେ ମଦ ପିଅନ୍ତି । ମଣିଷ ମୁଖ୍ୟତଃ ଏହି ଜଗତରେ ଆପଣାକୁ ଦେବାକୁ ଆସିଛି । ଯେଉଁମାନେ ନିଜର ସେହି ଧର୍ମଟିରେ ବାଧାପ୍ରାପ୍ତ ହୁଅନ୍ତି ଓ ତେଣୁ ଚରିତ ହୋଇ ବି ପାରନ୍ତି ନାହିଁ, ସେମାନେ ଆପଣାକୁ ଯଥାସମ୍ଭବ ନିର୍ଜୀବ ଓ ସୁଢ଼ସ୍ଥାନ କରି ରଖିବାଲାଗି ପଳାଇବାକୁ ଚାହାନ୍ତି । ଗେହ୍ଲାପୁଅ ପଥ ଭୁଲି ପଳାନ୍ତି ! ସେମାନେ ମଦ ପିଅନ୍ତି । ଅନ୍ତତଃ ସେହି ସମସ୍ତଙ୍କ ଲାଗି ସଂସାରକୁ ଭୁଲିଯାଆନ୍ତି, ସେହିପରି ଭାବରେ ପ୍ରତିବାଦ ଜଣାନ୍ତି, ଏବଂ ଭିତରର ଉଦାର ଦ୍ୱାରଗୁଡ଼ାକୁ ସେମାନେ ସେହି ଆଳରେ ପୁରା ଖୋଲିଦିଅନ୍ତି, ଉଦାର ହୁଅନ୍ତି । ମାତ୍ର ଉଦାର ହେବା ବିଷୟରେ ମୋଟେ କିଛି ଜାଣି ପାରନ୍ତି ନାହିଁ । ତେଣୁ ସେହି ଉଦାରତା ମଧ୍ୟରୁ ସେମାନଙ୍କର କ୍ଷତ-ଗୁଡ଼ାକ ଖାଲି ଜଳଜଳ ହୋଇ ଦିଶି ଯାଉଥାଏ ।

୨୪।୩।୮୦

ମଣିଷ, ପ୍ରତ୍ୟେକ ମଣିଷ ଯେଉଁଠି ଆପଣା ମଧ୍ୟରେ ଯଥାର୍ଥରେ ପ୍ରତିଷ୍ଠିତ ହୋଇ ରହିଛି, ସେଠାରେ ସେ ଅତ୍ୟନ୍ତ ଉଦାର, ଅତ୍ୟନ୍ତ ଅନୁରାଗୀ;—ସେଠାରେ ତା'ର ଭିତର ବାହାର କିଛି ନାହିଁ, ଆପଣା ଓ ପର ବୋଲି ମଧ୍ୟ କିଛି ନାହିଁ । ସେଠାରେ ସେ ଆପଣାକୁ ଦେବାକୁ ଚାହେଁ । କୌଣସି ପ୍ରକାର ବିଚ୍ଛିନ୍ନତା ସେଠାରେ ମଣିଷର ଧର୍ମ ନୁହେଁ । ସେଠାରେ ମଣିଷ ତା'ର ଅସଲ ଅନୁରାଗଟି ପରି ସମଗ୍ର, ସର୍ବପ୍ରବେଶକ୍ଷମ । ସେଇଟି ବାହାର ପରିବେଶର ନାନା ଚାପରେ ପଡ଼ି ଆମ ଭିତରେ ଦାବି ହୋଇ ରହିଯାଇଥାଏ । ନିଜକୁ ନାନାପ୍ରକାରେ ସ୍ଥୂଳ କରି ଆମେ ଭିତରଟାକୁ ଦବାଇ ରଖିବାର କେତେ ଶିକ୍ଷା ଅଭ୍ୟାସ କରିଥାଉ । ତଥାପି ତାହା ଭିତରେ ରହିଥାଏ । ଅପେକ୍ଷମାଣ ହୋଇ ରହିଥାଏ । ଯେତେବେଳେ ଆମେ କୌଣସି କାରଣରୁ ସଂସାରଚେତନତାରୁ ବିଚ୍ଛିନ୍ନ ହୋଇଯାଉ ଅର୍ଥାତ୍ ସେଥିରୁ ଛୁଟି ପାଇଯାଉ, ସେତିକିବେଳେ ଭିତରର ସେହି କ୍ଷୁଧା ଓ ସେହି ବ୍ୟାକୁଳତାଟି ଏକ ଅହେତୁକ ଉଦାରତା ହୋଇ ପ୍ରକାଶିତ ହୋଇଥାଏ । ଆମ ଭିତରର ଅସଲ ମଣିଷଟି ଏହି ଉଦାରତାର ମାଧ୍ୟମରେ ଆପଣାର ବ୍ୟାକୁଳତାଟିର ସଙ୍କେତ ଦେଇ ଯାଇଥାଏ । ମାତ୍ର, ଯଦି ସାଧାରଣ ଜୀବନରେ କୌଣସି ଅବଦମନର ବୋଲି ନମ ନ ଆମେ ସର୍ବଦା ଆପଣା ଭିତରର ଅସଲ ପ୍ରତିଷ୍ଠାଟି ସହିତ ସୂତ୍ର ଲଗାଇ ବଞ୍ଚି ପାରୁଥାନ୍ତୁ, ତେବେ ଆମର ଉଦାରତା ଆମର ସାଧାରଣ ସ୍ୱଭାବ ହୋଇ ରହିଥାନ୍ତା । ସେତେବେଳେ ଆପଣାକୁ ଛାଡ଼ି, ଆପଣାକୁ ଫାଙ୍କି ଦେଇ ଆଉ କୁଆଡ଼େ ପଳାଇ ଯିବାକୁ ପଡ଼ନ୍ତା ନାହିଁ । ଦୁଆର ଉନ୍ମୋଚିତ ହୋଇ ରହିଥାଏ । ସେତେବେଳେ ମଣିଷ ଯାହା, ତାହାହିଁ ହୁଏ; ଅଚଳପ୍ରତିଷ୍ଠ ହୁଏ, ସତ୍ୟପ୍ରତିଷ୍ଠ ହୁଏ ।

୨୫ । ୩ । ୮୦

ଆଉ ଏ କାନ୍ଥଗୁଡ଼ାକୁ ମୋଟେ ସହ୍ୟ ହେଉନାହିଁ । ଯେଉଁଠି ଭଗବାନଙ୍କ ନାମରେ, ଆଦର୍ଶ ନାମରେ, ଜାତୀୟତା ନାମରେ, ଏପରିକି ଭାଷା ଓ ସାହିତ୍ୟ ନାମରେ ବି କେବଳ ଭଲ ଭଲ ଗୁଡ଼ାଏ କାନ୍ଥ ଠିଆକରି ରଖିବାର ବରାଦ କରା-ଯାଉଛି, ମୁଁ ସେଠାରେ ଆପଣାଲାଗି ଏତେଟିକିଏ ହେଲେ ସ୍ଥାନ କରି ପାରୁନାହିଁ । ଏମାନେ ଏହି କାନ୍ଥଗୁଡ଼ାକୁ କାହିଁକି ଏତେ ଭଲ ପାଉଛନ୍ତି ? ଗୋଡ଼ରେ ପଥର ବାନ୍ଧି ଅଟକି ରହିବାକୁ ଏମାନେ କାହିଁକି ଏତେ ଭଲ ପାଉଛନ୍ତି ? ଗୋଡ଼ରେ ପଥର ବାନ୍ଧି ରହିଯିବାକୁ ହିଁ ଏମାନେ ଭଗବାନଙ୍କର ଆଶୀର୍ବାଦ ବୋଲି ମନେ କରୁଛନ୍ତି କାହିଁକି ? ଭିତରୁ ଏମାନଙ୍କୁ କ'ଣ କେହି ଏବିଷୟରେ ଚେତାଇ ଦେଉନାହିଁ ? ନା ସେମାନେ କ'ଣ ସେହି ଚେତାବନୀକୁ ଆଦୌ ଶୁଣିବେନାହିଁ ବୋଲି ପଣ କରି ବସିଛନ୍ତି ? ହଁ ସେମାନେ ସବୁ ଆଦର୍ଶକୁ, ସକଳ ପଥକୁ ଓ ସବୁଯାକ ଆଦର୍ଶବାଦକୁ ଏଇଠି ଏହି ଖୁଣ୍ଟରେ ହିଁ ବାନ୍ଧିରଖିବାକୁ ଇଚ୍ଛା କରୁଛନ୍ତି । ସେମାନଙ୍କର ଆପଣା ଗାତଟି ଭିତରକୁ ସେମାନେ ସମଗ୍ର ଭୁବନକୁ ଟାଣି ଆଣିବାକୁ ମନ କରୁଛନ୍ତି, ନିଜ ଜୀବନକୁ ମଧ୍ୟ ସେଥିଲାଗି ମୂଳତଃ ଏକ ଗାଡ଼ରେ ପରିଣତ କରିରଖିଛନ୍ତି । ଏହି ଗର୍ତ୍ତଲୋଭୀ ମାନଙ୍କୁ ମୁଁ ନିଜର ସାଥୀ ବୋଲି କପରି କହିବି ?

୨୬ । ୩ । ୮୦

ଏହି ଅଭିନୟ ଗୁଡ଼ାକୁ ମଧ୍ୟ ଆଉ ମୋତେ ସହ୍ୟ ହେଉନାହିଁ । ଅଭିନୟ ଗୁଡ଼ାକ ଦେଖି ଭାରି ହସ ମାଡ଼ୁଛି । ମଣିଷମାନେ ଯେ କେବଳ ଅନ୍ୟମାନଙ୍କ ପାଖରେ ନିଜକୁ ଲୁଚାଇ ରଖିବାକୁ ଅଭିନୟ କରି ବୁଲୁଥାନ୍ତି ତା' ନୁହେଁ. ସେମାନେ ନିଜ-ପାଖରେ ମଧ୍ୟ ଅଭିନୟ କରିବାରେ ଲାଗିଥାନ୍ତି । ଆପଣା ପାଖରେ ଲୁଚି ହୋଇଥାନ୍ତି, ଆପଣା ପାଖରେ ଆପଣାକୁ ଲୁଚାଇ ରଖିଥାନ୍ତି. ଆପଣାକୁ ଆପଣା ପାଖରେ କେତେପ୍ରକାରେ ଦେଖାଇ ହେବାକୁ ଚେଷ୍ଟା କରୁଥାନ୍ତି । ଏମାନେ ଠାକୁର ପୂଜା କରନ୍ତି; ଏମାନେ ଦେଶସେବା କରନ୍ତି, ଏମାନେ ଜ୍ଞାନୀ ହୁଅନ୍ତି, ଗୁଣୀ ହୁଅନ୍ତି, କେତେ କ'ଣ ହୁଅନ୍ତି, ମାତ୍ର ତଥାପି ଆପଣା ଭିତରେ ଲୁଚି ବୁଲୁଥାନ୍ତି । ଗୋଟାଏ ଫାଳରେ ଅବଧାନ ହୋଇ ଆରପାଖଟାରେ ଗୁରୁ ହୋଇଥାନ୍ତି । ଗୋଟାଏ ପାଖରେ ଦେଉଳଗୁଡ଼ାକର ପାହାଚ ଉପରେ ବସିଥାନ୍ତି, ପାହାଚଗୁଡ଼ାକୁ ଛୁଇଁକରି ରହିଥାନ୍ତି । ଏବଂ ଏଣେ ନୋଉ ଗାତରେ ତଥାପି ବସିଥାନ୍ତି, ଗାତକୁ ଭଲ ପାଉଥାନ୍ତି,— ଅଭିନୟ ଲାଗି ରହିଥାଏ ।

୨୭ । ୩ । ୮୦

ଯେତେବେଳେ ମୁଁ ଆପଣା ଭିତରୁ ଦୂରକୁ ବାହାରିଯାଇ ସେହି ଦୂରତ୍ୱ ମଧ୍ୟରୁ ଆପଣାକୁ ଦେଖିବାକୁ ସମର୍ଥ ହୁଏ, ସେତିକିବେଳେ ହିଁ ଅପଣାର ବିରାଟ

ରୂପକୁ ଅନୁଭବ କରିପାରେ । ବାଡଗୁଡ଼ିକ ଭିତରେ ପଡ଼ି ରହିଥିବା ପର୍ଯ୍ୟନ୍ତ ମୁଁ କେତେ ଅଳସ ଅଥଚ କେତେ ଦୁର୍ଦ୍ଦାନ୍ତ ହୋଇ ପଡ଼ିଥାଏ । ସତେଅବା ଆପଣାର ପର୍ବତଟାକୁ ଆପେ ମୁଣ୍ଡାଇ ତାହାରି ତଳେ ରୁଦ୍ଧ ହୋଇ ରହିଥିବା ପରି ଅନୁଭବ କରୁଥାଏ । କିନ୍ତୁ ଆପଣାକୁ ବାହାରୁଥାଇ ଦେଖୁଥିବା ସମୟରେ ଆପଣାକୁ ଏକ ବୃହତ୍ତର ଅଂଶ ପରି ଦେଖିହୁଏ । ସେତେବେଳେ ବାଡ଼ଗୁଡ଼ାକ କୋଉଠି କିଛି ନଥାଏ । କେବଳ ଆତ୍ମୀୟତା ଥାଏ, କେବଳ ଅବିଚ୍ଛିନ୍ନତା ରହିଥାଏ । ଖିଅ ସହିତ ଖିଅ ଲାଗି ରହିଥାଏ । ସବୁଟି ସହିତ ଡୋର ଲାଗି ରହିଥାଏ । କେହି କେଉଁଠି ହେଲେ ଏକୁଟିଆ ହୋଇ ରହିନଥାନ୍ତି ; ସେତେବେଳେ ଭଗବାନଙ୍କୁ ପ୍ରକୃତରେ ସଖା ବୋଲି ଅନୁଭବ କରିହୁଏ । ବର୍ତ୍ତମାନ ଓ ଭବିଷ୍ୟ ମଧ୍ୟରେ ଏକ ସହଜ ସଖ୍ୟ ସ୍ଥାପନ କରିହୁଏ ଓ ସେହି ସଖ୍ୟଟିର ଭୂମି ଉପରେ ଠିଆ ହେଲେ ଅତୀତ ମଧ୍ୟ ମହିମାମୟ ହୋଇଉଠେ । ସେହି ଡୋର ମୋତେ ଏକ ଅବଲମ୍ବନ ଆଣି ଦେଇଯାଏ, ତାହାକୁ ମୁଁ ନିଜଭିତରେ ଆବିଷ୍କାର କରେ ।

୨୮ । ୩ । ୮୦

*ମଣିଷକୁ ଦେଖିବା ମାତ୍ରକେ ମଣିଷର ଭୟ ଭାଙ୍ଗି ଯିବା ଉଚିତ ।* ଦୁଆରଗୁଡ଼ିକ ଖୋଲିଯିବା ଉଚିତ । ଆମ ଦୁହିଁଙ୍କୁ ଯେ ଗୋଟିଏ ସୂତ୍ର ଏକାଠି ବାନ୍ଧିକରି ରଖିଛି, ଆମ ଦୁହିଁଙ୍କ ମଧ୍ୟରେ ଯେ ସେହି ଗୋଟିଏ ଜୀବନଧର୍ମ ଆପଣାକୁ ପରିପୂର୍ଣ୍ଣ କରିବାର ବାସନା ରଖିଛି, ମଣିଷକୁ ଦେଖିବା ମାତ୍ରକେ ଜଣେ ମଣିଷ ସ୍ୱଭାବରେ ଆମ ଭିତରେ ମଧ୍ୟ ସେହିପରି ଏକ ଆତ୍ମୀୟତାର ଭାବ ଆସିବା ଉଚିତ । ଆମ ସମସ୍ତଙ୍କ ଭିତରେ ଯିଏ ସେତୁ ହୋଇ ରହିଛନ୍ତି, ଜନନୀରୂପେ ରହିଛନ୍ତି, ସ୍ରଷ୍ଟା ଓ ସଖ୍ୟ ହୋଇ ପ୍ରତିଷ୍ଠିତ ରହିଛନ୍ତି, ଆମେ ନିଜ ଭିତରେ ପ୍ରଧାନତଃ ତାଙ୍କୁ ହିଁ ଅନୁଭବ କରୁଥିବା ପର୍ଯ୍ୟନ୍ତ ସେହି ଅନୁଭୂତି ଆମକୁ ଏହି ବାଡ଼ ଓ ଏହି ବେରିଗୁଡ଼ାକୁ ଭାଙ୍ଗି ଦେବାରେ ହିଁ ସାହାଯ୍ୟ କରୁଥିବ । ମାତ୍ର, ଅନେକ ସମୟରେ ଏପରି ହୁଏ ଯେ, ଯାହାଙ୍କୁ ଆମେ ଭଗବାନ ବୋଲି କହୁ ବା ମାନୁ, ତାଙ୍କୁ ମୋଡ଼ି ମାଡ଼ି ଆମେ ନିଜ ଭିତରେ ଆଣି ଭର୍ତ୍ତି କରିବାକୁ ଇଚ୍ଛା କରୁଥାଉ, ତାଙ୍କୁ ଆମର କରି ବ୍ୟବହାର କରିବାକୁ ଇଚ୍ଛା କରୁଥାଉ; ତାଙ୍କରି ସାହାଯ୍ୟରେ ସତେଅବା ସାରା ପୃଥିବୀର ଗଡଟାକୁ ଜୟ କରି ନିଜେ ସର୍ବଶ୍ରେଷ୍ଠ ହୋଇ ବସିବାର ନାନା ଫିସାଦ କରିବାରେ ଲାଗିଥାଉ । ତାଙ୍କ ଓ ଆମ ଭିତରେ ନଦୀ ଓ ସମୁଦ୍ରର ସମ୍ବନ୍ଧ ପ୍ରତିଷ୍ଠିତ ଓ ଅନୁଭୂତ ହୋଇପାରିଲେ ଏହି ଜୀବନରେ ଯେ ଅନେକ ବାଡ଼ର ଆଦୌ କୌଣସି ଆବଶ୍ୟକତା ରହନ୍ତାନାହିଁ, ଆମ ଭିତରେ ପ୍ରଚ୍ଛନ୍ନ ହୋଇ ରହିଥିବା ସଂବନ୍ଧୀୟ ତପଃଶକ୍ତି ଆମକୁ ଯଦି ସେହି ସତ୍ୟଟିର ପରିଚୟ ଦେଇ ଯାଆନ୍ତା, ତେବେ ତାହା କେତେ ବଡ଼ କଥା ନହୁଅନ୍ତା ।

୨୯ । ୩ । ୮୦

ମଣିଷକୁ ଡ଼ର ଯେତେବେଳେ ମଣିଷ ଭଗବାନଙ୍କର ଅଂଶ୍ରା ନଏ, ଯେତେବେଳେ ସେ ଭଗବାନଙ୍କୁ କଦାପି ପାଏନାହିଁ । ଭଗବାନଙ୍କୁ ଡ଼ରିବା ହିଁ ସାର ହୁଏ । ସଂସାରକୁ ଡ଼ରି ଯେତେବେଳେ ଆମେ ଭଗବାନଙ୍କ ପାଖକୁ ଦଉଡ଼ି ଯାଉ, ସେତେବେଳେ କେବେହେଲେ ଭଗବାନଙ୍କର ସାନ୍ନିଧ୍ୟ ମିଳେନାହିଁ, ଭଗବାନଙ୍କୁ ଡରିବାଟା ହିଁ ସାର ହୁଏ । ଆମ ସଂସାରରେ ଏମିତି କେତେ ମଣିଷ ଭୀରୁ ହୋଇ ରହିଛନ୍ତି, ଈର୍ଷାପରାୟଣ ହୋଇ ରହିଛନ୍ତି, ଏବଂ ସେମାନେ ଭଗବାନଙ୍କ ପ୍ରତି ରହିଥିବା ଭୟଗୁଡ଼ିକୁ ନାନାପ୍ରକାର ପୂଜା, ବିଧି ଓ ଉପାସନା ଦ୍ୱାରା ଘୋଡ଼ାଇ ରଖିବାକୁ ଚେଷ୍ଟା କରୁଛନ୍ତି । ସେହି ବିଧି ଓ ଉପାସନାଗୁଡ଼ାକୁ ନେଇ କେତେ ଶାସ୍ତ୍ର ଲେଖାଯାଉଛି; ସେହି ଶାସ୍ତ୍ରଗୁଡ଼ାକୁ ହିଁ ଅନେକ ସମୟରେ ଅବୋଧ ମଣିଷ ତା'ର ସମ୍ବଳ ବୋଲି କରୁଛି । ଏବଂ, ମଣିଷ ଭିତରଟା ତଥାପି ଶୂନ୍ୟ ହୋଇ ପଡ଼ୁଛି, ନିରାଶ୍ରୟ ହୋଇ ପଡ଼ୁଛି । ତା' ଭିତରେ ତା'ର ସବୁଯାକ ଭୟ କବାଟ କିଳି ବସିଛନ୍ତି ଓ ବାହାରେ ଅଭାବଗୁଡ଼ାକର ହିଁ କେତେଭଳି କ୍ଷତିପୂରଣ ଚାଲିଛି । ହଁ, ବାହାର ଓ ଭିତରେ ମଧ୍ୟରେ ଏହି ଦ୍ୱନ୍ଦ୍ୱ ରହିଥିବା ଫଳରେ ମଣିଷର ଅଭିନୟଗୁଡ଼ିକ ମଧ୍ୟ ଭଳିଭଳି ହୋଇ ବଢ଼ିବାରେ ଲାଗିଛି । ଅବସ୍ଥାଗୁଡ଼ାକ ବଢ଼ୁଛି । ମଣିଷ କୃତ୍ରିମ ହୋଇଯିବାରେ ଲାଗିଛି ।

୩୦ । ୩ । ୮୦

ତେଣୁ, ଭୟରୁ ସମର୍ପଣ ନୁହେଁ, ଶ୍ରଦ୍ଧାରୁ ହିଁ ସମର୍ପଣ । ଆମେ ଶ୍ରଦ୍ଧାକୁ ହିଁ ଜୀବନର ଅସଲ ପ୍ରବୃତ୍ତି ଓ ଅସଲ ପ୍ରେରଣା ବୋଲି ଅନୁଭବ କରିବା ଆଗରୁ ହିଁ କୁଆଡେ ନା କୁଆଡେ ଆପଣାକୁ ବିକିଦେଇ ବିକ୍ଷିପ୍ତ କରିଦେଇ ବସିଥାଉ ଏବଂ ତାହାକୁ ହିଁ ଭଗବାନଙ୍କ ପାଖରେ ଆପଣାକୁ ସମର୍ପଣ କରିଦେଉଛୁ ବୋଲି କହିବାରେ ଲାଗିଥାଉ । ଯେତେବେଳେ ଆମେ ଗୋଟାଏ କ୍ଷେତ୍ରକୁ ଡ଼ରି ଆଉଗୋଟାଏ କ୍ଷେତ୍ର ଆଡ଼କୁ ଆକର୍ଷିତ ହେବାରେ ଲାଗିଥାଉ, ଗୋଟାଏ କ୍ଷେତ୍ରରେ ଘୃଣା କରି ଆଉଗୋଟାଏ କ୍ଷେତ୍ର ସହିତ ବାନ୍ଧିହୋଇ ରହିଥାଉ ଓ ତାହାକୁହିଁ ଶ୍ରଦ୍ଧା ବୋଲି କହୁଥାଉ ସଂସାରକୁ ଘୃଣାକରି ବା ସଂସାରକୁ ଭୟ କରି ଭଗବାନଙ୍କୁ ଶ୍ରଦ୍ଧା କରୁଥାଉ, ଆପଣାକୁ ଭୟ କରି ଆପଣାଠାରୁ ପଳାଇ ଯିବାରେ ଲାଗିଥାଉ ଏବଂ ତାହାକୁ ହିଁ ଭଗବାନଙ୍କର ସମୀପ ହେବା ବୋଲି କହୁଥାଉ । ଏହାଦ୍ୱାରା ଆମେ ଆପଣାକୁ ହିଁ ବିଡ଼ମ୍ବିତ କରି ରଖୁ, ଆପଣାକୁ ସାନଟି ଭିତରେ କିଳି ରଖିଥାଉ ଓ ବାହାରେ ଶାସ୍ତ୍ର ଲେଖା ଲାଗି ରହିଥାଏ ।

୩୧ । ୩ । ୮୦

ଶବ୍ଦଗୁଡ଼ାକ ଆଡ଼ମ୍ବରରେ ସରୁଛି, ସମ୍ଭରେ ସରୁଛି । ତେଣୁ ଅନ୍ତଃ ପ୍ରବେଶ ଲାଗି ହୁଏତ ଆଉ କୌଣସି ବେଳ ବା କୌଣସି ଉତ୍ସାହ ରହୁନାହିଁ । ଶାସ୍ତ୍ରଗୁଡ଼ାକ

ପଡ଼ି ଆମେ ବାହାରେ କେତେଟା ନିୟମ ଅର୍ଥାତ୍ କେତେଟା ସ୍ୱଭାବବୃତ୍ତିକୁ ଅଭ୍ୟାସରେ ପକାଇଦେଇ ଭିତରର ଅସଲ ଦୁଆରଟିକୁ ବାହାରୁ ବନ୍ଦ କରିଦେଇ ଆମେ ବାହାରେ ହିଁ ମାତିକରି ରହିଥାଉ । ଭିତରେ କ'ଣ ଘଟୁଛି କି ନ ଘଟୁଛି, ସେ ବିଷୟରେ ଜାଣିବାଲାଗି ମଧ୍ୟ ହୁଏତ କୌଣସି ଆଗ୍ରହ ନଥାଏ । ଉପରେ କେତେଟା ଭେକ ପିନ୍ଧି ଭିତରଟାକୁ ପତ୍ରଅଥବା ଖାଲି ପିତଳ ଖୋଳରେ ଘୋଡ଼ାଇ ଦିଆଯାଏ । ଭିତର ବିଷୟରେ ବହି ଲେଖାଯାଏ, ଭିତର ବିଷୟରେ ଶାସ୍ତ୍ରପାରାୟଣ ଏବଂ ନାମସଙ୍କୀର୍ତ୍ତନ ହୁଏ । ଭିତରକୁ କୌଣସି ଦୁଆର ଫିଟେନାହିଁ କିମ୍ବା ସେଆଡ଼କୁ କୌଣସି ପାଦ ପଡ଼େନାହିଁ । ଆମେ ସମସ୍ତେ ବାହାରେ ବାହାରେ ଧର୍ମକଥା କହୁ ଧର୍ମର କଥା ଶୁଣୁ ଧାର୍ମିକ ହେଉ, ଧର୍ମସଂସ୍ଥାପନା ହେଉଛି ବୋଲି ଓ ଦେଶରେ ଭଗବାନଙ୍କର ସହଯୋଗ ମିଳିଲା ବୋଲି କେତେ ପ୍ରକାର ଯୁକ୍ତି ଦେଖାଇ ପ୍ରମାଣିତ କରିବାରେ ଲାଗିଥାଉ । ମାତ୍ର ଭିତରେ ଧର୍ମର ସେହି ପୁରୁଣା ଅଭ୍ୟାସ ଅର୍ଥାତ୍ ପୁରୁଣା ଅପ୍ରୀତି-ଗୁଡ଼ାକ ସେହିପରି ଅଳୁଆଁ ହୋଇ ପଡ଼ିଥାଏ । ଆମେ ନିଜପାଖରେ ଅଳୁଆଁ ହୋଇ ପଡ଼ି ରହିଥାଉ । ନିଜ ଭିତରେ ସେଉଁ ଅସଲ ବନ୍ଧୁ, ଅସଲ ଗୁରୁ ଏବଂ ଅସଲ ନେତା ଆମଲାଗି ଅପେକ୍ଷା କରି କରି ରହିଯାଆନ୍ତି । ଧର୍ମର ନାମରେ ଅନେକ ମଣିଷ କାହିଁକି ସେ ଏପରି ସବୁ କରନ୍ତି ଓ ଯାହା ଦେଖାନ୍ତି, ସେହିପରି କରିବାକୁ ଭଲ ପାଆନ୍ତି. ନିଜ ଭିତରକୁ ଯେତିକି ଯେତିକି ପ୍ରବେଶ ସମ୍ଭବ ହୁଏ, ସେହି କଥାଟିର ଗୁମରକୁ ଯେତିକି ଯେତିକି ବୁଝିହୁଏ ।

୧ । ୪ । ୮୦

ଚଉକିଗୁଡ଼ାକ ପଛରେ ମୁଁ ମଣିଷମାନଙ୍କୁ ଖୋଜେ । ମାତ୍ର, ଅନେକ ମଣିଷ ଏହି ସଂସାରରେ ଅଛନ୍ତି, ଯେଉଁମାନେ କି ଚଉକିଟାକୁ ନିଜର ଆବରଣ ପରି ବ୍ୟବହାର କରୁଥାନ୍ତି । ଚଉକିଗୁଡ଼ାକର ଜରିଆରେ ବଡ଼ ହୋଇ ଦେଖା-ଯିବାକୁ ଚେଷ୍ଟା କରୁଥାନ୍ତି ଏବଂ ଚଉକି ପଛରେ ଲୁଚି ରହିବାକୁ ଇଚ୍ଛା କରୁଥାନ୍ତି । ଏମାନଙ୍କ ସହିତ ଭେଟ ହୋଇ ପାରେନାହିଁ । ସେମାନଙ୍କ ଭିତରେ ରହିଥିବା ମଣିଷଟିର ଖିଅ ପାଇବାକୁ ଯେତେ ଚେଷ୍ଟା କଲେ ମଧ୍ୟ ତଥାପି ନିରାଶ ହେବାକୁ ପଡ଼େ । ଭିତରେ ଚଉକିଗୁଡ଼ାକ ତଳେ ଯେଉଁମାନେ ଅବଶ ହୋଇ ବସିଆନ୍ତି, ଚଉକିଗୁଡ଼ାକର ଗୋଡ଼ ଛଡ଼ା ଯେଉଁମାନଙ୍କର ଚାଲିବାଲାଗି ନିଜର କୌଣସି ଗୋଡ଼ ନଥାଏ, ଚଉକିଗୁଡ଼ାକର ମୁହଁ ବ୍ୟତୀତ ଯେଉଁମାନଙ୍କର ନିଜର କୌଣସି ମୁହଁ ନଥାଏ ସେମାନଙ୍କ ସାଙ୍ଗରେ ଏକାଠି ବସି ଗୁଡ଼ାଏ ଅଭିନୟ ଓ ଗୁଡ଼ାଏ ମୁଖାର ସମ୍ମୁଖୀନ ହେବା ସମ୍ଭବ ହୋଇଯାଏ ସତ, ମାତ୍ର ବନ୍ଧୁ ବାନ୍ଧି ହୁଏନାହିଁ । ଯେଉଁ-ମାନେ ଯଷ୍ଟିର ସାହାଯ୍ୟ ନେଇ ବାଟ ଚାଲନ୍ତି, ସେମାନେ ହୁଏତ ନିଜ ଅପେକ୍ଷା

ଯଷ୍ଟି ଉପରେ ହିଁ ଅଧିକ ଭରସା ରଖିଥାନ୍ତି । ସେଠି ମଣିଷକୁ ଭଲ ପାଇବାକୁ ପ୍ରକୋପ ଦେଖି ଫେରି ଆସିବାକୁ ହୁଏ ।

୨ । ୪ । ୮୦

ସେଦିନ ଭୋଜନ ସଭାରେ ସ୍ପଷ୍ଟ ଜଣା ପଡ଼ି ଯାଉଥିଲା ଯେ; ଆମେ କେହି ଓଡ଼ିଆ ନୋହୁ ଆମେ ସମସ୍ତେ ଗୋଟାଏ ଗୋଟାଏ ଚଉକି, ଗୋଟାଏ ଗୋଟାଏ ଆସନ । ସେହି ଆସନକୁ ନେଇ ଆମର ଯାହାକିଛି । ସେହି ଆସନଟା ଉଚ୍ଚ ହେଲେ ଆମେ ଉଚ୍ଚ । ଆମର ଦରମା ଯେତକ ବେଶୀ ଆମେ ସେତକ ବଡ଼ । ଆମର ଦରମା ଓ କ୍ଷମତା, ଦରମା ଅର୍ଥାତ୍ କ୍ଷମତାଠାରୁ ଅଧିକ ଯେଉଁମାନଙ୍କର ଦରମା ଅର୍ଥାତ୍ କ୍ଷମତା କମ୍, ସେମାନେ ଆମଠାରୁ ଶ୍ରେଷ୍ଠ । ସଭାରେ ଯେଉଁଗୁଡ଼ାକ ମଣିଷ ଏହିସବୁ ବିଷୟରେ ଭାରି ସଚେତନ ଥିଲେ । ସେମାନେ ଆପଣାର ସମକକ୍ଷମାନଙ୍କ ସହିତ ହିଁ ବସୁଥିଲେ । ସେହିମାନଙ୍କ ସହିତ ହିଁ କଥା କହୁଥିଲେ । ଅଧିକାଂଶ ସମୟରେ ଇଂରାଜୀ କହୁଥିଲେ । କେତେ ଖୁଧୀରେ କେତେ କୁଆଡ଼େ ଖସି ଯାଉଥିଲେ । ଓଡ଼ିଆଜାତି ବୋଲି ଗୋଟାଏ ବସ୍ତୁ କେଉଁଠି ଅଛି ବୋଲି ଏମାନଙ୍କୁ ଦେଖି ମୋଟେ ମନେ ହେଉନଥିଲା । ଏମାନେ ଓଡ଼ିଶାରେ ବାସ କରନ୍ତି, ଏହି ମାଟିକୁ ଓ ଏହି ଭଣ୍ଡାର ଘଟଟାକୁ ଦୁହିଁ ଏମାନେ ପାଞ୍ଚ ଥାଳି ଭୋଜନ କରନ୍ତି । ଏମାନେ ଓଡ଼ିଆ ହେବାକୁ ଆହୁରି ଅନେକ ଦିନ ବାକି. ମଣିଷ ହେବାକୁ ଆହୁରି ଆହୁରି ଅନେକ ଦିନ ।

୩ । ୪ । ୮୦

ଅନେକ ସମୟରେ ଜଣେ ମଣିଷ ନିଜ ବିଷୟରେ ନିଜେ ଯାହା ଭାବୁଥାଏ, ତାହାର ସେହି ଧାରଣା ଭୁଲ ହୁଏ । ନିଜକୁ ସିଏ ନିଜେ ଯେଉଁ ଦୃଷ୍ଟିରେ ଦେଖୁଥାଏ, ସେହି ଦୃଷ୍ଟି ଭିତରେ ଅନେକ ମୋହ ଏବଂ ଅନେକ ପ୍ରମାଦ ରହି ଯାଇଥାଏ । ତା' ବିଷୟରେ ଆଉଜଣେ ଯାହା ଭାବୁଥାଏ ଓ ଆଉଜଣେ ତାକୁ ଯେଉଁପରି ଦୃଷ୍ଟିରେ ଦେଖୁଥାଏ, ଅନେକ ସମୟରେ ହୁଏତ ତାହା ହିଁ ଅଧିକତର ପରିମାଣରେ ଠିକ୍ ହୁଏ । ଅର୍ଥାତ୍, ଯଦି ମଣିଷ କେବଳ ନିଜଭିତରୁ ବାହାରିଯାଇ ସତେଅବା ବାହାରେ ଥାଇ ଆପଣାକୁ ଦେଖିବାକୁ ଓ ବିଚାର କରିବାକୁ ଶିଖିପାରିବ, ତେବେଯାଇ ହୁଏତ ସିଏ ନିଜେ ନିଜର ଉଚିତ ବିଚାର କରିପାରିବ । ଆପଣାକୁ ପ୍ରକୃତ ବନ୍ଧୁପରି ଦେଖିପାରିବ, ଅର୍ଥାତ୍ ମୋହମୁକ୍ତ ହୋଇ ଆପଣାର ବିଚାର କରିପାରିବ । ଆମେ ନାନା କାରଣରୁ ଯେଉଁ ମୋହଭିତରେ ଯାଇ ପଡ଼ି ଯାଇଥାଉ, ଅନେକ ସମୟରେ ତାହାକୁ ଏକ ମୋହ ବୋଲି ଅନୁଭବ କରିବାର ଛିଟିଏ ଆଖି ମଧ୍ୟ ଆମର ମୋଟେ ନଥାଏ । ମୋହଗୁଡ଼ାକୁ ଆମେ ଅନେକ ସମୟରେ ସତ୍ୟ ବୋଲି ହିଁ ଭାବୁଥାଉ ।

ବା; ଅନ୍ତତଃ, ସତ୍ୟକୁ ମୋହର 'ରଙ୍ଗଲୁଗା ଓ ଜରିଚମକ୍ରା' ପିନ୍ଧାଇ ଚକଚକ କରାଇ କରି ରଖିଥାଉ। ନିଜେ ନିଜର ବନ୍ଦୀ ହୋଇ ରହିଥିବ, ଅଥଚ ନିଜେ ନିଜର ବାହାରକୁ ଯାଇ ନିଜକୁ ସକଳ ଗମ୍ଭୀରତା ଏବଂ ସକଳ ପ୍ରଶସ୍ତତା ସହିତ ଦେଖି ପାରୁଥିବ, ଏକଥା ମୋଟେ ସହଜ କଥା ନୁହେଁ। ନିଜ ଜୀବନର ଛୁଞ୍ଚାଡୋରଟି ଅସଲ ଜାଗାରେ ଯାଇ ଲାଗିଗଲେ ସେକଥା ସମ୍ଭବ ହୋଇପାରେ। ତାପରେ ମଣିଷ ନିଜେ ନିଜର ସାଥୀ ହୋଇ ବାହାରିପାରେ। ସେତେବେଳେ ସମସ୍ତେ ସାଥୀ ହୋଇ ସାଙ୍ଗରେ ବାହାରିଥିଲା ପରି ମନେହୁଅନ୍ତି। ମୋହଗୁଡ଼ାକ ସତ୍ୟରେ ପରିଣତ ହୁଏ।

୫।୪।୮୦

ଏହି ସଂସାରକୁ ଭଲ ପାଇ ହାରିବାପରେ କେହି ଏହି ସଂସାରକୁ ଛାଡ଼ି ଅନ୍ୟ କେଉଁଠାକୁ ଯିବାଲାଗି କଦାପି ଇଚ୍ଛା କରିବନାହିଁ। ଏଇଠି, ଏହି ସକାଳ ସହିତ ସନ୍ଧ୍ୟା ସହିତ, ଏହି ଆଲୋକ ସହିତ ଓ ଏହି ଆକାଶ ସହିତ ଥରେ ଅସଲ ଡୋରଟି ଲାଗିଗଲେ ବା ଅସଲ ସୂତ୍ରଟି ସମ୍ଭବ ହୋଇଗଲେ, କେହି କଦାପି ଏଠୁ ଅନ୍ୟତ୍ର କୁଆଡ଼େ ପଳାଇ ଯିବାକୁ ମନ କରିବନାହିଁ। ଏଠି ମଣିଷକୁ ଅସଲ ଭାବରେ ଚହ୍ନିଲେ ମଣିଷଠାରୁ ବିମୁଖ ହୋଇ ରହିବାକୁ କଦାପି ମନ ହେବ ନାହିଁ। ଆମେ ଯେଉଁମାନେ ଏଠୁ ପଳାଇ-ଯାଉ, ଶାସ୍ତ୍ର ଭିତରେ ଆଶ୍ରୟ ନେଉ, ଠାକୁରମାନଙ୍କ ଭିତରେ ଆଶ୍ରୟ ନେଉ, ଅତୀତ ଭିତରେ ବା ସେହିପରି ଆଉ କୌଣସି **euphoria** ମଧ୍ୟରେ ଆଶ୍ରୟ ନେଉ, ସେମାନେ ବୋଧହୁଏ ଅସଲ ଡୋରଟିକୁ ଲଗାଇ ପାରିନଥାଉ। ଅସଲ ଚହ୍ଲାଟିକୁ ଚହ୍ନି ପାରିନଥାଉ। ଆମେ ଏଠି ରୁଷିକରି ବସିଥାଉ, କାରଣ ସତେଅବା କୌଣସି ଅହଙ୍କାରୀ ଟୋକା ପିଲାପରି ଆମେ ହିଁ ସବୁକିଛୁର କେନ୍ଦ୍ର ହୋଇ ରହିବାକୁ ମନ କରୁଥାଉ। ମୁଁ କେନ୍ଦ୍ର ନୁହେଁ କାରଣ ଏଠି ଯାହାକିଛି ରହିଛି, ତାହା ପ୍ରତ୍ୟେକଟି ହେଉଛି, ଏକାଧାରରେ ଗୋଟିଏ ଗୋଟିଏ କେନ୍ଦ୍ର ଓ ଗୋଟିଏ ଗୋଟିଏ ପରିଧି। ଏହି କେନ୍ଦ୍ରଗୁଡ଼ିକ ପରସ୍ପର ସହିତ ଅତ୍ୟନ୍ତ ନିବିଡ଼ ଭାବରେ ସଂଯୁକ୍ତ ହୋଇ ରହିଛନ୍ତି ଏବଂ ତାହାରି ବଳରେ ହିଁ ଏକ ବିଶ୍ୱକେନ୍ଦ୍ରର କଳନା କରି ହେଉଛି। ମୋ'ର ପରିଧିଟି ଉପଲବ୍ଧ ତଥା ଅନୁପଲବ୍ଧ କେତେ କେତେ ପରିଧିର ଆତ୍ମୀୟତା ଓ ସମ୍ଭାବନା ମଧ୍ୟକୁ ପ୍ରସାରିତ ହୋଇ ରହିଛି। ଏଠୁ ଛାଡ଼ି ମୁଁ କୁଆଡ଼େ ଯିବି, ଏଠି ମୁଁ ରୁଷିବସିବି କାହିଁକି ? ଏଠାରେ ଖେଳନାଗୁଡ଼ାକୁ ଭାଙ୍ଗିବାରେ ମୁଁ ଆନନ୍ଦ ବା ପାଇବି କାହିଁକି ? ଯେଉଁମାନେ ଏହି ସବୁକିଛୁକୁ ମାୟା ବୋଲି କହନ୍ତି ସେମାନେ ହାତ ଭିତରେ ଅସଲ ଡୋରଟିକୁ ପାଇ ପାରି ନଥାନ୍ତି ଓ ନିଜ ଭିତରେ ଅସଲ ସଖ୍ୟାଟିକୁ ଭେଟି ନଥାନ୍ତି ବୋଲି

ସଂସାରଟାକୁ ଶୂନ୍ୟ ମନେକରନ୍ତି, ସେମାନେ ନିଜକୁ ହିଁ ସ୍ୱର୍ଗଆଡ଼େ ପ୍ରକ୍ଷେପିତ କରି ରଖିଥାନ୍ତି ।

୬ । ୪ । ୮୦

ଏହି ବିଶ୍ୱଜଗତରେ ଯେତେବେଳେ ମୁଁ ନିଜକୁ ଏକମାତ୍ର କେନ୍ଦ୍ର ବୋଲି ଭାବିବାକୁ ଆରମ୍ଭ କରେ, ଯେତେବେଳେ ମୁଁ ଏଠି ରହିଥିବା ଓ ମୋତେ ଏକ ନିର୍ଦ୍ଦିଷ୍ଟ ସ୍ଥିତି ଦେଇ ରଖିଥିବା ପରିଧିଗୁଡ଼ାକୁ ପ୍ରାୟ ଭୁଲି ଯାଉଥାଏ; ଏଠି ଆମ ପରସ୍ପରକୁ ଅର୍ଥାତ୍ ମୋ' ସମେତ ଏହି ସବୁକିଛିକୁ ଏକାଠି କରି ବାନ୍ଧି ରଖିଥିବା ଏହି ସୂତ୍ରଗୁଡ଼ିକୁ ଏକାବେଳେ ଭୁଲିଯିବାକୁ ଆରମ୍ଭ କରେ । ସେଇଥିପାଇଁ ହିଁ ମୋ' ଭିତରେ ରହିଥିବା ଅସଲ ଉପାଦାନ ଓ ଅସଲ ନିୟନ୍ତ୍ରଣଶକ୍ତିଟିକୁ ଆଚ୍ଛନ୍ନ କରି ରଖି ଗୋଟାଏ ବିହ୍ୱଳ ଅହଂର ଉଦୟ ହୁଏ, ଯେଉଁ ଅହଂ ମୋ'ର ସମସ୍ତ ଆଖିକୁ ନଷ୍ଟ କରିଦିଏ, ମୋ'ର ସମସ୍ତ ଚିହ୍ନିବାକୁ ପଙ୍ଗୁ କରି ରଖେ । ତେଣୁ ଏଠି ସବୁକିଛି ଥାଇକରି ମଧ୍ୟ ମୁଁ ତଥାପି ବଞ୍ଚିତ ହୋଇ ରହେ, କେବଳ କେତେଟା ପାଚେରି ଓ ବିଚ୍ଛିନ୍ନତାର ଉଗ୍ର ବାଡ଼ ବ୍ୟତୀତ ଆପଣାର ପରିଚୟ ଦେବାଲାଗି ମୋ' ପାଖରେ ପ୍ରାୟ ଆଉ କିଛି ହିଁ ନଥାଏ । ତେଣୁ ଏହି ଜଗତରେ ମୁଁ ଏକ ପ୍ରତୀକ ହୋଇ ରହିବି, ତାଙ୍କୁ ବାହାରେ ପ୍ରକାଶ କରି ପାରୁଥିବା, ଭିତରେ ତାହାକୁ ହିଁ ଚିହ୍ନାଇ ଦେଇ ପାରୁଥିବା ଓ ଏଠି ତାଙ୍କରି ଉଦ୍ଦେଶ୍ୟର ପ୍ରତିନିଧିତ୍ୱ କରୁଥିବା ଏକ ପ୍ରତୀକ ହୋଇ ରହିବି । ମୋତେ ଅନାଇଦେବା ମାତ୍ରକେ ସଚେତ-ଅବା ସକଳ ବିଶ୍ୱର ସର୍ବୋତ୍ତମ ସ୍ୱୀକୃତି ଅନୁଭୂତ ହୋଇଯାଇ ପାରୁଥିବ । ଅତ୍ୟନ୍ତ ସ୍ୱାଭାବିକ ଭାବରେ ଅନୁଭୂତ ହୋଇ ପାରୁଥିବା ଯେକୌଣସି ପ୍ରତୀକ ମଧ୍ୟରେ କୃତ୍ରିମତା ପଶିଗଲା ମାତ୍ରକେ ତାହା କେତେବେଳେ ଯେ ଏକ ପିତୁଳାରେ ପରିଣତ ହୋଇଯାଏ, ଆମେ କେହି ସେକଥା ଜାଣି ପାରୁନାହିଁ, ମୋ' ଆଖିରେ ମୁଁ କେବେହେଲେ ଏପରି କୌଣସି କୃତ୍ରିମତା ଓ ଭାବପ୍ରବଣତା ଆଣି ପୁରାଇ ଦେବିନାହିଁ, ଯାହାଫଳରେ କି ମୁଁ ପ୍ରତୀକଗୁଡ଼ିକୁ ପିତୁଳା ପରି ଦେଖିବାର ଦୁର୍ଗତି ଭିତରେ ଆସି ପଡ଼ିଯିବି । ପ୍ରତୀକ ନିହିତ ଅନ୍ତରବସ୍ଥିତ ସତ୍ୟଟିର ହିଁ ପରିଚୟ ଦିଆଇଦିଏ । ମୁଁ ମୋର ସମସ୍ତ ଜୀବନ ଦେଇ, ମୋ'ର ଯାନବଡ଼ ଯାବତୀୟ ଦେଖିବା ଏବଂ ଚିହ୍ନିବା ଦେଇ କେବଳ ସେଇ ପରିଚୟଟିକୁ ହିଁ ସମସ୍ତଙ୍କ ପାଖରେ ଦିଆଇଦେଇ ପାରୁଥିବି । ମୋତେ ଅନାଇଲା ବେଳକୁ ଯେପରି "ମୁଁ" ବୋଲି କିଛି ଦିଶୁନଥିବ: ମାତ୍ର, ମୁଁ ଯାହାର ପ୍ରତୀକ, କେବଳ ସେଇ ଦିଶୁଥିବ, ସୂତ୍ରଗୁଡ଼ିକ ଦିଶୁଥିବ, ସମ୍ବନ୍ଧଗୁଡ଼ିକ ଦିଶୁଥିବ, ସେତୁଗୁଡ଼ିକ ଦିଶି ଯାଉଥିବ ।

୭ । ୪ । ୮୦

ଉକ୍ତି ଯେ କୃତ୍ରିମ ହୋଇପାରେ, ଅନେକ ଭକ୍ତଙ୍କର ଆଚରଣରୁ ତାହାର ଦୃଷ୍ଟାନ୍ତ ମିଳିଥାଏ । ଜ୍ଞାନ ଯେ ଅନେକ ସମୟରେ ଚେତନାର ମଳିଚମଗୁଡ଼ାକୁ ବ

ଭେଦ କରି ପାରୁନଥାଏ, ଅନେକ ଜ୍ଞାନୀଙ୍କର ସମ୍ପର୍କରେ ଆସିଲେ ତାହାର ଅନୁଭବ ହୋଇଥାଏ । କିନ୍ତୁ ଭକ୍ତ କାହିଁକି କୃତ୍ରିମ ହୁଏ ? ଜ୍ଞାନ କାହିଁକି ଦେହର ଉପର-ସ୍ତରରେ ହିଁ ଏକ ଅଗଣିତ ଆଡ଼ମ୍ବର ହୋଇ ରହିଥାଏ ? କାରଣ ମଣିଷ ତା'ର ଦୁଆରଗୁଡ଼ାକୁ ଖୋଲି ଦେବାଲାଗି ରାଜି ନଥାଏ, କାରଣ ସିଏ ତଥାପି ଅଦୀକ୍ଷିତ ହୋଇ ରହିଥାଏ । ଦୀକ୍ଷାର ସନ୍ତକଗୁଡ଼ାକୁ ମାଳମାଳ କରି ପିନ୍ଧିଥାଏ, ଦୀକ୍ଷା ନେଇଛି ବୋଲି କହି ହେଉଥାଏ । ତଥାପି ଦୀକ୍ଷା ନେଇ ନଥାଏ, ଦୀକ୍ଷିତ ହୋଇନଥାଏ । ଦୀକ୍ଷା ନେବାକୁ ଆପଣା ପାଖରେ ମୋଟେ ରାଜି ହୋଇ ନଥାଏ । ସିଏ ହୁଏତ ବାହାରେ କେତେ ଗୁରୁ କରିଥାଏ ଓ କେତେ କେତେ ଗୁରୁଙ୍କ ପାଖରେ ଯାଇ ମୁଣ୍ଡିଆ ମାରୁଥାଏ, ମାତ୍ର ଆପଣାକୁ ଆପଣାର ସାଥୀ କରି ତଥାପି ପାଇନଥାଏ, ଆପଣା ପାଖରେ ଉପସ୍ଥିତ ହୋଇନଥାଏ, ଆପଣା ଭିତରର ଅସଲ ବାଳକଟିକୁ ସିଏ ତଥାପି ନାନାପ୍ରକାର ଆକଟ ଭିତରେ ଭୟାବଦମିତ କରି ରଖିଥାଏ । ସଂସାରରେ କେତେ କ'ଣ ସୁନ୍ଦର ହୋଇ ଦିଶିବ ବୋଲି ଉଦ୍ୟମ କରୁଥାଏ, ମାତ୍ର ଆପଣା ଭିତରେ ପ୍ରାୟ ଆଦୌ କୌଣସି ସାଗରନିର୍ଭରର ଅଭୟ ପାଇନଥିବା ହେତୁ ପ୍ରାୟ ଉଚ୍ଛିନ୍ନ ହୋଇ ରହିଥାଏ । ଉଚ୍ଛିନ୍ନ ହେବାକୁ ଉଦ୍ବେଜନା ଆସେ । ସେହି ଉଦ୍ବେଜନାଟା ହିଁ ନିଜକୁ ନିଜଠାରୁ ଅନେକ ଦୂର କରି ରଖିଥାଏ, ସକଳ ଗବାକ୍ଷକୁ ବନ୍ଦ କରି ରଖିଥାଏ ।

୮ । ୪ । ୮୦

ସଂସାରକୁ ମାୟା କହି ସଂସାରପ୍ରତି ଉଦାସ ହୋଇ ରହିଥିବା ମଣିଷ ବୋଧହୁଏ ଏହି ସୁନ୍ଦର ଘରଟି ଭିତରେ ତଥାପି ଭାରି ଦୁଃଖୀ ହୋଇ ରହିଥାଏ । ଦେହ ଭିତରେ, ଅନ୍ନ ଭିତରେ ଅର୍ଥାତ୍ ଜଡ଼ ଭିତରେ ଆନନ୍ଦର ପ୍ରତ୍ୟକ୍ଷ କରି ପାରୁନଥାଏ ବୋଲି ସମ୍ଭବତଃ ସିଏ ଅନେକ ସମୟରେ ଏଠି ଭାରି ଦେହକଷଣ ବି ପାଏ । ପ୍ରକୃତିକୁ ମଧ୍ୟ ସେ କେବଳ ଦେହ ବୋଲି ମନେ କରି ଦୂରଛଡ଼ା ହୋଇ ରହିଥାଏ, ମୁଣ୍ଡପୂର୍ତ୍ତିର ବାହାରେ ଆଉ କେଉଁଠି ତଥାକଥିତ ଓ ତା'ର ଶାସ୍ତ୍ରୋକ୍ତ ଚିନ୍ମୟତା ଗୁଡ଼ାକୁ କାମୁଡ଼ି ଧରିବ ବୋଲି ବାହାରିଥାଏ । ତେଣୁ ସେ ପାହାଡ଼ ଚଢ଼ିବାକୁ ଭଲ ପାଏନାହିଁ, ଫୁଲରେ ଲଦିହୋଇ ରହିଥିବା ଗୋଟାଏ ଗଛକୁ ଦେଖି ମଧ୍ୟ ସିଏ ହାଲୁକା ହୋଇଯାଏନାହିଁ । ହୁଏତ ଆଖି ବୁଜି ବସିଲେ ଯାଇ ହାଲୁକା ହୋଇପାରିବ ବୋଲି ଭାବିବାରେ ଲାଗିଥାଏ । ତାକୁ ବାଟ ଚାଲିବାକୁ କଷ୍ଟ ହୁଏ, ପର୍ବତ ଚଢ଼ିବାକୁ କଷ୍ଟ ଲାଗେ । ଏହି ଚାଲିବା ବାଟକୁ ସିଏ ତା'ର ଅନ୍ତରସ୍ଥ ସାଧନାବାଟଠାରୁ ହୁଏତ ଅଲଗା କରି ଦେଖୁଥାଏ । ସେଇଥିଲାଗି ସିଏ କୁଆଡ଼େ ଯିବାକୁ ମନ କରେନାହିଁ । ତା'ପାଖକୁ ଯେଉଁମାନେ ଆସନ୍ତି, ସେ ସେମାନଙ୍କୁ ଉଦାସ ହୋଇ ରହିବାର, ଦୂରଛଡ଼ା ହୋଇ ରହିବାର ଅନ୍ୟମନା

ହୋଇ ରହିବାର ପରାମର୍ଶ ଦେଉଥାଏ ଓ ତାହାକୁହିଁ ଅର୍ଥାତ୍ ଏହି ପରାମର୍ଶ ଦେବାକୁହିଁ ସେ ଲୋକହିତ ସାଧନ କରିବା ବୋଲି କହୁଥାଏ । ଲୋକକୁ ଅସ୍ୱୀକାର କରି, ଏଇଠୁ ସେଯାଏ, ବାହାରକୁ ଅନନ୍ତଯାଏ ପଡ଼ିଥିବା ପଥକୁ ଅସ୍ୱୀକାର କରି ସେ ଲୋକହିତସାଧନର ବି ଚିନ୍ତା କରୁଥାଏ ଓ ତାହାଦ୍ୱାରା ଏହି ସଂସାର ବଦଳିଯିବ ଓ ସଂସାରର ଦୁଃଖ ଦୂର ହୋଇପାରିବ ବୋଲି ଭାବୁଥାଏ । ଭଗବାନ ଏହି ଉଦାସ ମଣିଷମାନଙ୍କୁ ଅଧିକ ଶ୍ରଦ୍ଧାର ଭାଜନ କରନ୍ତୁ, ସେମାନେ ଏଇଠି ଆମ ଭିତରକୁ ଆସନ୍ତୁ, ଅଧିକ ସୁସ୍ଥ ହୁଅନ୍ତୁ, ସଂସାର ଭିତରେ ମଧ୍ୟ ହାଲୁକା ହୋଇ ଶିଖନ୍ତୁ, ସ୍ନେହଶୀଳ ହୋଇ ଶିଖନ୍ତୁ ।

୧୦ । ୪ । ୦

ଉଚ୍ଚ ଜାଗାକୁ ଗଲେ କୁଆଡ଼େ ମଣିଷର ମନ ବି ଉଚ୍ଚକୁ ଚାଲିଯାଏ, ଏବଂ ପୁଣି ନୀଚ ଜାଗାକୁ ଆସିଲେ ସେହି ମନ କୁଆଡ଼େ ପୁନର୍ବାର ନୀଚକୁ ଚାଲିଆସେ । ମୁଁ ସେଦିନ ଉଚ୍ଚ ଜାଗାରେ, - ସେହି ବିସ୍ତୃତ ଉପତ୍ୟକା ମଧ୍ୟରେ ନିଜକୁ ଏକାନ୍ତ ଅନ୍ତରଙ୍ଗ ଭାବରେ ପ୍ରସାରିତ କରି ଦେଇ ଦେଇ ସେହିକଥା ଭାବୁଥିଲି । ସେଥିଲାଗି ତଳେ ରହିଥିବା ଏହି ସଂସାରଟା ଭିତରୁ ଅନେକ ମଣିଷ କୁଆଡ଼େ ସେମାନଙ୍କର ମନକୁ ଏକ ଉଚ୍ଚ ସମତଳ ଯୋଗାଇ ଦେଇ ପାରିବାକୁ ଉଚ୍ଚ ପାହାଡ଼ ଉପରକୁ ପଳାନ୍ତି । ସେଠାରେ ଆଶ୍ରମ କରନ୍ତି, ସଂସାରକୁ ମାୟା ବୋଲି କହନ୍ତି । ମୁଁ ଅନେକ ସମୟରେ ଏହି ସଂହତିକୁ ମୋଟେ ବୁଝି ପାରେନାହିଁ । ଆପଣାର ହୃଦୟକୁ ଅସ୍ୱୀକାର କରି ମୁଁ ସେହି ସଂହତିକୁ ମୋଟେ ସ୍ୱୀକାର କରିନେଇ ପାରେନାହିଁ । ହୃଦୟ ଭିତରର ଅନାଇବା ସମୟବେଳେ ସେ ଉଚ୍ଚ ଓ ନୀଚର ଆଦୌ କୌଣସି ବ୍ୟବଧାନ ରହେନାହିଁ, ସେତେବେଳେ ସେ ଆକାଶ ମଧ୍ୟ ଏହି ସାନ ଘରଟି ସେ କୁଆଡ଼େ କେତେ ଉଚ୍ଚତା ମଧ୍ୟରେ ଆପଣାକୁ ଆବିଷ୍କାର କରିବାକୁ ଆରମ୍ଭ କରେ, ସଙ୍ଗ, ଇଚ୍ଛାଗୁଡ଼ାକ ସେ ଶିର ଲଂଘନ କରି ଆପଣାକୁ ପବିତ୍ର କରିଦେଇ ପାରନ୍ତି; ମୁଁ ସେକଥା ବାରମ୍ବାର ଅନୁଭବ କରିଆସିଛି । ଯେଉଁମାନେ ସାନ୍ନିଧ୍ୟ ପାଇବାକୁ ହେଲେ ହିଁ ବାହ୍ୟ ଉଚ୍ଚତାଗୁଡ଼ାକୁ ଆଗ ମନ କରନ୍ତି ଓ ଏଠାରେ ଏହି ସାଂସାରିକ କ୍ଷେତ୍ରଗୁଡ଼ିକୁ ତୁଚ୍ଛ ବୋଲି କହନ୍ତି, କେତେବେଳେ ମନେହୁଏ, ସେମାନେ ହୁଏତ ସାନ୍ନିଧ୍ୟ ଲାଭ କରିବା ଅପେକ୍ଷା ପଳାଇ ଯିବାକୁ ହିଁ ଅଧିକ ମନ କରି ବସିଥାନ୍ତି ଓ ସେହି ପଳାଇ ଯିବାଟାକୁ ହିଁ ଧର୍ମଜୀବନ ବୋଲି କହିବାକୁ ଚେଷ୍ଟା କରୁଥାନ୍ତି । ସେମାନେ ଏହି ସଂସାରଠାରୁ ଅଲଗା ହୋଇ ଦିଶିବାକୁ ବି ଚେଷ୍ଟା କରନ୍ତି,— ଗେରୁଆ ପିନ୍ଧନ୍ତି, ଗେରୁଆ ଦିଶନ୍ତି, ଏବଂ ତାହାଦ୍ୱାରା ହିଁ ହୁଏତ ଆପଣାର ଅସଲ ବାସନାଗୁଡ଼ାକୁ ଲୁଚାଇ ରଖିଥାନ୍ତି । ସେମାନେ ଏଇଠି ଥାଇ ଆମ ସମସ୍ତଙ୍କୁ ସାନ ଆଖିରେ ଦେଖିବେ ବୋଲି ରହିଥାନ୍ତି ।

୧୧ । ୪ । ୮୦

ଅରାଜକତା କହିଲେ ସମ୍ଭବତଃ ଏହାହିଁ ବୁଝାଏ । କିଏ କେଉଁଦିନ କୋଉ ଦଳରେ ଯାଇ ଭର୍ତ୍ତି ହୋଇଯାଉଛି, ତାହାର କିଛି ଠିକଣା ନାହିଁ । ଦଳଗୁଡ଼ାକ ପ୍ରାୟ ପ୍ରତିଦିନ ଭାଙ୍ଗୁଛନ୍ତି, ପ୍ରତିଦିନ ଗଢ଼ା ହେଉଛନ୍ତି । ମଣିଷର ମନ ଭିତରେ ସବୁ ଘାଟଗୁଡ଼ାକ ଏକାବେଳେକେ ମାରି ହୋଇଗଲେ ମଣିଷ ଯେପରି ଶ୍ରଦ୍ଧାବିହୀନ ଓ ଶ୍ରୀହୀନ ହୋଇ ଖାଲି ପବନରେ ଉଡ଼େ ଏବଂ ତଥାପି କୋଉଠି ଟିକିଏ ଭୂଇଁ ପାଇଯିବ ବୋଲି ହନ୍ତସନ୍ତ ହେଉଥାଏ, ଏ ନେତାମାନେ ବର୍ତ୍ତମାନ ପ୍ରାୟ ସେହିପରି ହେଉଛନ୍ତି । ଭିତରେ ଅସଲ ଜାଗାରେ ମରିଗଲେ ଯାହା ହୁଏ, ଏମାନଙ୍କର ତାହାହିଁ ହେଉଛି, ଏବଂ ଦେଶଟା ବି ଏତେ ଅଳ୍ପଜ୍ଞ, ଏଠି ବାହାରେ ସାଧୁତା ଓ ସଂସ୍କୃତିର ତାମସାଗୁଡ଼ାକ ପୂର୍ବପରି ସମାନ ଆଡ଼ମ୍ବରରେ ଚାଲିଛି । ଗୋଟାଏ ପାଖରେ ଯେଉଁମାନେ ନିଜ ଶରୀରରେ ସାତଥର ଉଲଗ୍ନ ହୋଇ ସାରିଲେଣି ଏବଂ ମହତ ହରାଇ ସାରିଲେଣି, ସେଇମାନେ ସଭାରେ ସଂସ୍କୃତି କରୁଛନ୍ତି, ସାହିତ୍ୟ କରୁଛନ୍ତି ଓ ଡିଣ୍ଡିମ ବଜାଇବାରେ ଲାଗିଛନ୍ତି । ସେହି ଡିଣ୍ଡିମଗୁଡ଼ାକ ହିଁ ଅନ୍ଧକାରରେ ପ୍ରଚଣ୍ଡ ଓ ଉଗ୍ର ହୋଇ ରହିଥିବା ଏହି ଜନ୍ମଭୂଇଁ ଗୁଡ଼ାକରେ ବେଳେବେଳେ ଏକମାତ୍ର ସତ୍ୟବୋଲି ମନେ ହେଉଛି । ଗୋଟାଏ ଯୁଗ ସରିଗଲା ପରି ଲାଗୁଛି । ଗତ ପ୍ରାୟ ଶହେବର୍ଷର ପ୍ରାୟ ପ୍ରତ୍ୟେକ ସ୍ୱପ୍ନ ଓ ପ୍ରତ୍ୟେକ ଫଳ ଆପଣାକୁ ନିଷ୍ଫଳ ବୋଲି ପ୍ରମାଣିତ କରୁଛନ୍ତି । ଏକ ନୂତନ ଆନୁଗତ୍ୟ ଓ ନୂତନ ଶ୍ରଦ୍ଧା, ଏକ ନୂତନ ଆସ୍ଥା ଆବସ୍ଥାର ହିଁ ମଣିଷକୁ ପୁଣି ଭୂଇଁ ପାଖକୁ ଫେରାଇ ଆଣିପାରିବ ।

୧୬ । ୪ । ୮୦

ଗୋଟାସୁଦ୍ଧା ଆପଣାକୁ ହିଁ ଭଲ ପାଇବାକୁ ଯେଉଁମାନେ ତତ୍ପର ହୋଇ ଦେଶ ଭିତରେ ପଶନ୍ତି, ସମାଜ ଭିତରେ ପଶନ୍ତି, ଧର୍ମ ଭିତରେ ପଶନ୍ତି ଅଥବା ସାହିତ୍ୟ ଭିତରେ ପଶନ୍ତି, ଆମେ ସେମାନଙ୍କୁ କେଉଁ ବିବେକ ଦେଇ ସ୍ୱୀକାର କରିବା ? ଏମାନଙ୍କୁ ଆମେ ସେହିଭଳି ଗୋଟିଏ ଗୋଟିଏ ଶିଶୁ ବୋଲି ସ୍ୱୀକାର କରିବା, ଯେଉଁମାନେ କି ଏକାବେଳେକେ ଆଁ କରି ସବୁକିଛିକୁ ଗିଳିଦେବାକୁ ହିଁ ଜୀବନଧର୍ମର ପରମଶୈଳୀ ବୋଲି ବିଶ୍ୱାସ କରି ଆସିଛନ୍ତି । ସେମାନେ ପ୍ରକୃତରେ ଆପଣାକୁ ଗିଳି ପକାଇବା ବ୍ୟତୀତ ଆଉ କିଛିହେଲେ କରିପାରି ନାହାନ୍ତି । ଆପଣାର ସବୁ ଆଖିକୁ ସେମାନେ ଗୋଟାସୁଦ୍ଧା ଗିଳି ପକାଇଛନ୍ତି । ସେମାନଙ୍କର ସାହିତ୍ୟରେ ଆକାଶ, ପବନ ଓ ଆଲୁଅ ବିଷୟରେ ଗୁଡ଼ାଏ ସ୍ତୁତି ଗାନ କରି ଯାଉଥିଲେ ମଧ୍ୟ ସେମାନେ କେବଳ ଆପଣା ଭିତରେ ବନ୍ଦୀ ହୋଇ ରହିଛନ୍ତି, ଆପଣାକୁ ଗିଳି

ସଂସାରଟାକୁ ଗିଳିଲେ ବୋଲି ମନେ କରି ମାତାଲ ହୋଇ ରହିଛନ୍ତି । ସେମାନଙ୍କର ଦେଶ ପେଟ୍ରମାନଙ୍କ ପେଟ ଭିତରେ ହିଁ ଅର୍ଦ୍ଧପାଚିତ ଅବସ୍ଥାରେ ରହିଛି । ସେମାନଙ୍କର ଠାକୁରଗୁଡ଼ାକ ବି ସେମାନଙ୍କ ଗର୍ଭସାତ୍ କୋଇ ରହିଛନ୍ତି । ସେଇଥିଲାଗି ସେମାନେ ଧର୍ମ, ସାହିତ୍ୟ ଓ ଜାତି କିମ୍ବା ସମାଜର କ୍ଷେତ୍ରରେ ଖାଲି ଗୋଟାଏ ଜଳାଶୟ ଭିତରେ ସନ୍ତରଣ କରିବାରେ ହିଁ ଲାଗିଛନ୍ତି ।

୧୩ । ୪ । ୮୦

ନିଜକୁ ଜାଣିବା, ନିଜ ଭିତରେ ପ୍ରବେଶ କରିବା—ଏହି କଥାଗୁଡ଼ିକୁ ନେଇ କେତେ ଅନାଚାର କରି ନହୋଇଛି ! ନିଜ ପ୍ରତି କେତେକେତେ ଅବିଚାର କରି ନହୋଇଛି । ନିଜକୁ ଜାଣିବାର ଧର୍ମ, ବାସନା ଭିତରେ ପଡ଼ି ଯେଉଁମାନେ ସଂସାର ଛାଡ଼ି ଚାଲିଗଲେ, ସଂସାରରୁ ବାହାରେ ରହି ଆପଣାକୁ ଜାଣିଲେ, ପରମେଶ୍ୱର ତଥା ଅନ୍ତରବାସୀ ଅନ୍ତର୍ଯାମୀଙ୍କୁ ଏକାଠି କଳ୍ପନା କରି ଶାସ୍ତ୍ର ଲେଖିଲେ, ଦର୍ଶନ ଗଢ଼ିଲେ ଓ ଧର୍ମର ଅବତାରଣାମାନ କଲେ, ସେମାନେ ଆମକୁ କେଉଁ ଦ୍ୱନ୍ଦ୍ୱରେ ନପକାଇଲେ ! ନିଜକୁ ଜାଣିବାର ଅର୍ଥ ସମଗ୍ର ଜଗତକୁ ଏକ ନିବିଡ଼, ଆତ୍ମୀୟତାର ସ୍ପର୍ଶ ଦେଇ ଜାଣିବା, ନିଜକୁ ଛୁଇଁ ପାରିବାର ଅର୍ଥ ହେଉଛି ଜଗତ ବୋଲି କୁହାଯାଉଥିବା ସବୁକିଛିଟି ସହିତ ଏକ ଅବିଚ୍ଛିନ୍ନ ଡୋର ଲଗାଇ ସବୁଟିକୁ ଏକାବେଳେକେ ସ୍ପର୍ଶ କରିବାର ଗୌରବ ଅର୍ଜନ କରିବା । ଯେଉଁମାନେ ସଂସାର ଛାଡ଼ିଲେ, ସେମାନେ ନିଶ୍ଚିତ ଏକାବେଳେକେ ଏତେବଡ଼ ଗୋଟାଏ ସାହସ କରିପାରିଲେ ନାହିଁ । ସେମାନେ ଅଳପ ସାଧ୍ୟ ନିଜପାଇଁ ସବୁକିଛି ପାଇବାଲାଗି ନିଜାଶ୍ରମକୁ ଚାଲିଗଲେ, କେବଳ ନିଜର ନିଜ ପ୍ରାଣାରାମଙ୍କୁ ପାଇଲେ ହୁଏତ ଅନ୍ଧାରକୁ ମାନିନେଲେ ।

୧୪ । ୪ । ୮୦

ଆମର ଧର୍ମ ଅନେକ ସମୟରେ ଆମକୁ ବଡ଼ ଅହଙ୍କାରୀ କରିପକାଏ । ତା'ର କାରଣ ହେଉଛି ଯେ, ଆମେ ଧର୍ମ ଭିତରେ ଖାସ୍ ନିଜଲାଗି କୌଣସି ସମ୍ପତ୍ତି ବା ବିଭୂତି ଲୋଡୁଥାଉ । ଠାକୁରଙ୍କ ଠାରୁ ସତେଅବା କୌଣସି ସମ୍ପତ୍ତିକୁ ଅପହରଣ କରିଆଣି ଅମେ କେବଳ ନିଜେ ସେଇଥିରେ ଧନୀ ହୋଇ ରହିବାକୁ ଇଚ୍ଛା କରୁଥାଉ । ଆମେ ଯେତେ ଯାହା ଉଗ୍ରତା କିମ୍ବା ଯେତେ ଯାହା ଭାବପ୍ରବଣତା ଦେଖାଇଲେ ମଧ୍ୟ ସେକଥା ମୋଟେ ହୋଇପାରେନାହିଁ । ଫଳରେ ଆମର ଯାବତୀୟ ପୂଜା ଓ ପଇତା ସତ୍ତ୍ୱେ ଆମେ ତଥାପି ଅଗସ୍ତ୍ୟ ହୋଇ ରହିଯାଉ । ଅସଲ କଥା ହେଉଛି, ନିଜର ଅହଙ୍କାରଗୁଡ଼ାକୁ ସମର୍ପଣ କରିଦେଇ ନିଜ ଭିତରେ

ଖାଲି ହୋଇଯାଇ ପାରିଲେ ଯାଇ ଭଗବାନଙ୍କ ଲାଗି ଆଳ ହୁଏ । ଦୁଆର ଖୋଲି-ଦେଇ ପାରିଲେ ଯାଇ ସିଏ ଆସିଲେ ବୋଲି ଅନୁଭବ କରିହୁଏ । ଏଠି ସବୁକିଛି ସହିତ ଛିଅ ଲଗାଇ ପାରିଲେ ଯାଇ ତାଙ୍କର ଛିଅ ଲାଗିଲା ପରି ଲାଗେ । ଏତିକି ସମ୍ଭବ ହୋଇଯିବା ପରେ ଅଧିକାଂଶ ସମୟରେ ଆଉ କୌଣସି ପ୍ରକାରର ଧର୍ମ ଯଥେଷ୍ଟ ବୋଲି ମନେ ହୁଏନାହିଁ । ଯେତେବେଳେ ଆକାଂକ୍ଷାଗୁଡ଼ାକ ଏଇଠି ଏଇ ଧୂଳିଠାରୁ କଳ୍ପିତ ଯାବତୀୟ ଊର୍ଦ୍ଧ୍ୱ ପର୍ଯ୍ୟନ୍ତ ଲାଗି ରହିଥାଏ ! ତା'ପରେ କେବଳ ଆପଣାକୁ ହିଁ ତାଙ୍କର ବିତରଣ କରିବା'ଲାଗି ଛୋଟିଏ ଭୂଇଁରେ ପରିଣତ କରିଦେବା ହିଁ ଜୀବନର ଏକମାତ୍ର ଅସଲ କାମ ହୋଇ ରହେ, ଅସଲ ଆନନ୍ଦ ହୋଇ ରହେ । ତାପରେ ଖାସ ନିଜର ବୋଲି ରହେନାହିଁ, ନିଜର ସ୍ୱତନ୍ତ୍ର ପରିଚୟଟିକୁ ଦେବାଲାଗି ତା'ପରେ ଆଉ କୌଣସି ଭେକର ପ୍ରୟୋଜନ ରହେ-ନାହିଁ । ଏହି ସବୁକିଛି ମଧ୍ୟରେ ନିଜକୁ ଅଭ୍ୟାଗତ ହୋଇ ରହିଥିବା ପରି ମନେହୁଏ । କାନ୍ଥସବୁ ଭୁଷୁଡ଼ିପଡ଼ୁ, ପିତୃଙ୍କର ଆଶୀର୍ବାଦ ମିଳେ ।

୧୫ । ୪ । ୮୦

ଆଉ ହାଲୁକା ଲାଗିବ । ଆଉ ଖୁସୀ ଲାଗିବ । ଆଉ ନିଜଘରେ ରହିଥିବା ପରି ମନେହେବ । ନିଜ ଭିତରେ ବି ଏହି ଆଲୋକ ଏବଂ ସ୍ପନ୍ଦନକୁ ଅନୁଭବ କରି-ହେବ । ଆଉଜଣେ ମଣିଷକୁ ଦେଖିବା ମାତ୍ରକେ ତାକୁ ଅସଲ ପଥରେ ଜଣେ ଯାତ୍ରୀବାଟୋଇ ବୋଲି ମନେ ହେଉଥିବ । ବେଶ ବଡ଼ାଇ ବିଶ୍ୱାସ କରିହେବ ଯେ ମୁଁ ବାଟରେ ଅଛି । ନିଶ୍ଚିତଯାଇ ଜାଣିବ ଯେ ମୁଁ ଅସଲ ଆଶୀର୍ବାଦଟିକୁ ପାଉଛି, ଅସଲ ଅଧିକାରଟିକୁ ପାଉଛି । କାତରତା କମି କମି ଯାଉଥିବ, ନିଜକୁ ମୋଟେ ଏକୁଟିଆ ଲାଗୁନଥିବ । ଏକୁଟିଆ ପଡ଼ିଥିବା ସମୟରେ ମଧ୍ୟ କଦାପି ଏକୁଟିଆ ଲାଗୁନଥିବ । ଅନ୍ଧାର ଭିତରେ ଆଲୁଅ ଦିଶୁଥିବ । ଡୋରି ଲାଗିବାରେ କୌଣସି ହେଲା ନଥିବ, ଡୋରି ଲାଗିବାକୁ ଭୟ ବି ନଥିବ । ଜାଣି ଭୁଲିଯିବାର ଭୟ ବି ନଥିବ । ତେବେ ଯାଇ ହେବ । ଯୋଉମାନେ ବାଟ ଭୁଲିବେ ବୋଲି ଆଉ ଅନ୍ୟ-ମାନଙ୍କ ଠାରୁ ଅଲଗା ହୋଇ ରହିବାକୁ ମନ କରୁଥାନ୍ତି, ସେମାନେ ଏସବୁ ବାଟକୁ ବୁଝି ପାରନ୍ତିନାହିଁ । ସେମାନେ ବାଟଗୁଡ଼ାକୁ ଟଙ୍କ ପକାଇବାକୁ ଇଚ୍ଛା କରୁଥାନ୍ତି, ସିଂହାସନଗୁଡ଼ାକ ଉପରେ ଆପେ ଯାଇ ବସିବେ ବୋଲି ଶରଧା ରଖିଥାନ୍ତି । ସେହି ଶ୍ରଦ୍ଧା ଭକ୍ତକୁ ଦୂର କରାଏ, ଉଦ୍ଧତ ବି କରାଏ, ଭଗବାନଙ୍କର ସଂସାରରେ ଅଲଗା କରି ରଖେ । ଭକ୍ତଗୁଡ଼ାକ ବିଦ୍ୱେଷରେ ପରିଣତ ହୁଏ ।

୧୬ । ୪ । ୮୦

ଏହି ଦେଶର ରାଜନୀତି ଭିତରେ ରହିଥିବା ମଣିଷକୁ ଦେଖି ଅଦ୍ଭୁତ କାବା ଲାଗୁଛି । ଏହି ମଣିଷ ସତେଯେପରି ଆଉ କୌଣସିଥିରେ ହିଁ ବିଶ୍ୱାସ କରୁନାହିଁ ।

ଗୋଟାଏ ଭବିଷ୍ୟ ଯେ ରହିଛି ଏବଂ ତାହା ଯେ ଅନେକ ମନୀଷଙ୍କର ଅନୁରାଗ ଏବଂ ଆତ୍ମଦାନ ଦେଇ ଗଢ଼ାହେବ, ସେକଥା ବର୍ତ୍ତମାନର ଉପରିଷ୍ଠ ମନୀଷମାନେ ସତେ ଅବା ମୋଟେ ବିଶ୍ୱାସ କରୁନାହାନ୍ତି । ତେଣୁ ଅତ୍ୟନ୍ତ ଅନୁରାଗହୀନ ଭାବରେ ସେମାନେ ନିଜର ଗାଦିଟିଏ କରି, ତାହାକୁ ହିଁ ଅନେକ ସମ୍ପତ୍ତି ଏବଂ ଅନେକ କ୍ଷମତାଦ୍ୱାରା ସଜାଇ ତାକୁ ଆପଣା ଜୀବନର ସର୍ବୋଚ୍ଚ ପର୍ବତ ବୋଲି ମନେ କରୁଛନ୍ତି । ଏବଂ, ଏହି ପର୍ବତଟା ଉପରେ ଏପରି ଦମ୍ଭ ସହିତ ବସି ସେମାନେ ପ୍ରକୃତରେ କେଡ଼େ ଅସୁନ୍ଦର ଦେଖା ଯାଉଛନ୍ତି, ସେମାନେ ଯେତିକି ଯେତିକି ଅଧିକ ଚଳାଖ ହେଉଛନ୍ତି, ଅଧିକ ଆତ୍ମକାତର ହୋଇ ପଡ଼ୁଛନ୍ତି, ସେତିକି ସେତିକି ଅଧିକ ଅବନିଆ ଦେଖା ଯାଉଛନ୍ତି । ଏମାନେ କେହି ରହିବେ ନାହିଁ । ତଥାପି ଦେଶ ରହିବ । ତଥାପି ମନୀଷ ରହିବ, ଭବିଷ୍ୟର ସ୍ୱପ୍ନ ତଥାପି ରହିବ ।

୧୭ | ୪ | ୮୦

ଆଉ ବସ୍ତୁସବୁଡ଼ାକ ମୋଟେ ଦେଖା ଯାଉନାହିଁ । କେବଳ ରାସ୍ତାଟା ହିଁ ଦେଖାଯାଉଛି । ଏହି ରାସ୍ତା ସରିବାର ନୁହେଁ । କାରଣ ଏହି ରାସ୍ତା ହେଉଛି ଏକ ଆବିଷ୍କାରର ରାସ୍ତା । ଆପଣାକୁ ଜାଣିବାର, ଆପଣା ମଧ୍ୟରେ ଆପଣାର ପରମମିତ୍ରକୁ ଆବିଷ୍କାର କରିବାର ଓ ତାହାରି ଫଳରେ ହିଁ ଏହି ସମଗ୍ର ସବୁକିଛି ସହିତ ଅତ୍ୟନ୍ତ ପ୍ରତ୍ୟକ୍ଷ ଭାବେ ଯୋଡ଼ି ହୋଇ ଯିବାର ଯେଉଁ ପ୍ରକ୍ରିୟାଟି,— ଏଥିରେ ଶେଷ ବା କେଉଁଠି ? କୌଣସି ମନ୍ଦିର, କୌଣସି ଭେକ ବା କୌଣସି ଗୋଷ୍ଠୀର ବେଢ଼ା ଏହି ପ୍ରକ୍ରିୟାଟିକୁ କଦାପି ବାଡ଼ ଦେଇ ରଖି ପାରିବନାହିଁ । ପଇତାଗୁଡ଼ାକ ବଦଳି ବଦଳି ଯାଉଥିବ । ଏଥିଲାଗି ଗୋଟାଏ ପଇତା ଛାଡ଼ି ଯେ ଆଉ ଗୋଟାଏ ପଇତାକୁ ପିନ୍ଧିବାକୁ ପଡ଼ୁଥିବ, ସେକଥା ମୋଟେ ନୁହେଁ । ମାତ୍ର, ଗୋଟାଏ ପଇତା ଭିତରେ ଗୁଡ଼ାଇ ହୋଇ ରହିଯିବାର ଅଭିମାନକୁ କାଟି କାଟି ଯିବାକୁ ପଡ଼ୁଥିବ । ଆପଣାକୁ ଶ୍ରଦ୍ଧା କଲେ ଘରଟି ପ୍ରତି ରହିଥିବା ଶ୍ରଦ୍ଧାଟାକୁ ଯେ କାଟିକରି ଚାଲିଯିବାକୁ ପଡ଼େ, ସେକଥା ଆଦୌ ନୁହେଁ । ନିଜର ଶ୍ରଦ୍ଧାକୁ ଆକାଶ ଭିତରକୁ ବିସ୍ତାରିତ କରିଦେଇ ପାରିଲେ ତାହାରି ଦ୍ୱାରା ଘରପ୍ରତି ରହିଥିବା ଶ୍ରଦ୍ଧା ମଧ୍ୟ ଧନ୍ୟହୁଏ । ଜୀବନ କୂଳ ଭାଙ୍ଗି ଏକ କୂଳ ପାଏ । ପ୍ରକୃତ ଘରର ସନ୍ଧାନ ମିଳେ, ପ୍ରକୃତ ପରିଚୟଟି ହୋଇଯାଏ ।

୧୮ | ୪ | ୮୦

ଏବଂ, ସେହି ପରିଚୟରୁ ଅସଲ ଜୀବନର ଆରମ୍ଭ ହିଁ ହୁଏ । ଅନେକେ ତାକୁ ଯାତ୍ରାର ଶେଷ ବୋଲି କହନ୍ତି, ଶେଷ ବୋଲି ଗ୍ରହଣ କରନ୍ତି । ଏତିକି ଉପଲବ୍ଧି କରି ସେମାନେ ମୁକ୍ତ ହୋଇଗଲେ ବୋଲି କହନ୍ତି. ଏଠୁ ବଳେ

ବନ୍ଧନକୁ ଛିଣ୍ଡାଇଦେଇ ମାସ୍ତାକାଟି ଖସିଗଲେ ବୋଲି କହନ୍ତି । ଏହିପରି ପଳାଇଯାଇ ସେମାନେ ଅସ୍ଥାକୁ ଲାଭ କରନ୍ତି; ଜଗତ ଯେପରି ସେମାନଙ୍କୁ ସ୍ପର୍ଶ କରି ନପାରିବ, ସେଥିଲାଗି ସେମାନେ ଭୂଇଁରୁ କେତେ ଦୂରରେ ଉର୍ଦ୍ଧ୍ୱ ଅବସ୍ଥାନ କରୁଥାନ୍ତି । ମୁଁ କହିବି, ଏକାବେଳେକେ ଓଲଟା କଥା । ତଥାକଥିତ ମୁକ୍ତି ପାଇବା ପୂର୍ବରୁ ସେମାନେ ଏକୁଟିଆ ବାନ୍ଧି ହୋଇଥିଲେ ଏବଂ ତଥାକଥିତ ମୁକ୍ତି ଲାଭ କରିବାରେ ସେମାନେ ଏକୁଟିଆ ଅଟକେଇଁ ଆପଣା ମୁକ୍ତିର ବାଡ଼ ଭିତରେ ବାନ୍ଧି ହେବାକୁ ଯାଆନ୍ତି । ନାହିଁ ଏହିଠାରୁ ଅସଲ ଜୀବନ ହିଁ ଆରମ୍ଭ ହୁଏ, ଅସଲ ସଂଗ୍ରାମ ଆରମ୍ଭ ହୁଏ । ଏହି ସଂଗ୍ରାମରେ ସମଗ୍ର ଅର୍ଥାତ୍ ମହାନ୍‌ଙ୍କ ସହିତ ଡୋର ଲାଗିଯାଇ ବନ୍ଧୁହୁଏ । ସମଗ୍ରଟିକୁ ସେତିକି ବେଳେ ଅନୁଭବ କରାହୁଏ । ସେତେବେଳେ କୃପଣତା ଯାଏ, ଭୟ ଯାଏ, ସବୁପ୍ରକାର କାତରତା ଯାଏ, ମାଗିବାର କାଙ୍ଗାଳ-ପଣିଆ ଯାଏ; ସେତେବେଳେ ନିଜକୁ ଦେଇଦେବା ହିଁ ଅସଲ ସାଧନା ହୁଏ । ଏହାର ନାମ ଆତ୍ମଦାନ ବୋଲି ଘୋଷିତ ହୁଏ ।

୧୯ । ୪ । ୮୦

ନେତାମାନେ ଦେଶ ସଂସ୍ଥାକର ମୂର୍ଦ୍ଧାକୁ ପଛଅଡ଼କୁ ଫେରାଇ ଦେଇ ମୁଖ୍ୟତଃ ନିଜ ନିଜର ଆସନ ଓ ଅଧିକୃତ ଗଡ଼କୁ ଦୃଢ଼ ରଖିବାକୁ ଚେଷ୍ଟା କରୁଛନ୍ତି । ଅତୀତ ପ୍ରତି ଯଦି ସେମାନଙ୍କର ପ୍ରକୃତରେ ଏକ ସ୍ପଷ୍ଟ ଆଗ୍ରହ ରହିଥାନ୍ତା, ତେବେ ସେହି ଅତୀତ ହିଁ ସେମାନଙ୍କୁ ଭବିଷ୍ୟତ ଲାଗି ପ୍ରେରଣା ଦେଇ ପାରନ୍ତା, ସେମାନଙ୍କ ଭିତରେ ରହିଥିବା ଶିଥିଳତା ଓ ଉପେକ୍ଷାବୃତ୍ତିକୁ କେତେ ଜୀବନାଭିମୁଖୀ ହୋଇ ଚାଲି ଯାଆନ୍ତା । ସେମାନେ ନିଜକୁ ପ୍ରଥମତଃ ଗୋଟାଏ ଗୋଟାଏ ପଦ ବା ଆସନ ବୋଲି ନଭାବି ଆପଣାକୁ ମଣିଷ ବୋଲି ଭାବି ପାରନ୍ତେ, ଆପଣାକୁ ଦେଇ ଶିଖନ୍ତେ ଓ ସେଇଥିରୁ ଆନନ୍ଦ ପାଇ ବଞ୍ଚନ୍ତେ । କିନ୍ତୁ ଏହି ଅତୀତର ଆଗ୍ରହ ହେଉଛି ସେମାନଙ୍କର ସମସ୍ତଙ୍କୁ ଶୀତଳ କରି ରଖିବାର ଆଗ୍ରହ । ଏମାନେ କେହି ଆଗକୁ ଯିବାକୁ ଚାହାନ୍ତି ନାହିଁ, ଏମାନେ ଏଇଠି କୋଠା କରି ରହିବାକୁ ଇଚ୍ଛା କରନ୍ତି, ସେହି କୋଠାଗଡ଼ାକୁ ହିଁ ସେମାନେ ସ୍ୱର୍ଗ ବୋଲି ଅନୁଭବ କରୁଥାନ୍ତି । ତେଣୁ ଏମାନେ ଅତୀତର କଥା କହିଲା ବେଳେ ମଧ୍ୟ ନିଜେ ଭାରି ଅବନିଆ ଦିଶୁଛନ୍ତି । ଏମାନଙ୍କର ଆପଣା ଜୀବନରେ ହୁଏତ କୌଣସି ଯଥାର୍ଥ ଚେର ନାହିଁ, -ଖାଲି ଗଡ଼ାଏ ସ୍ୱାର୍ଥ ହିଁ ରହିଛି । ତେଣୁ, ଅତୀତ ମଧ୍ୟରେ ରହିଥିବା ପ୍ରେରଣା ଓ ମହିମାକୁ ଏମାନେ ମୋଟେ ବୁଝି ପାରୁନାହାନ୍ତି ।

୨୦ । ୪ । ୮୦

ଅନେକ ମଣିଷ ଏଠାରେ ସବୁକିଛି ନେଇକରି ଯିବାକୁ ଇଚ୍ଛା କରୁଥାନ୍ତି । ଏବଂ, ଯାହା ଆଦୌ ସାଙ୍ଗରେ ନେଇ ନହେବ, ସେମାନେ ଏଠାରେ ସେହିସବୁକୁ

ସଂଗ୍ରହ କରିବାରେ କେତେ ବ୍ୟସ୍ତ ହୋଇ ରହିଥାନ୍ତି । ସେମାନେ ଏଠି ଘଟୁଥିବା ଆଉ କିଛି ହେଲେ ଦେଖି ପାରୁନଥାନ୍ତି । ନିଜ ଭିତରକୁ ଅନାଇ ବି ହୁଏତ ଆଉ କିଛି ହେଲେ ଦେଖି ପାରୁନଥାନ୍ତି । ଏମାନେ ସବୁବେଳେ ଉପରେ ଉପରେ ଥାଆନ୍ତି, ଉପରେ ଉପରେ ମାତିଥାନ୍ତି, ଉପରେ ଉପରେ ଗାଧୁଥାନ୍ତି, ଏବଂ କେତେଟା ବିଧିକୁ ମାନି ଧର୍ମରେ ଅଛନ୍ତି ବୋଲି ଅନୁଭବ କରୁଥାନ୍ତି । ଏମାନେ ଏଠାରେ ହୁଏତ କୌଣସି ଡୋର ଲଗାଇ ପାରନ୍ତିନାହିଁ, ଏବଂ ଏଠାରେ ଡୋର ଲଗାଇ ଜାଣିଲେ, ମଣିଗୁଡ଼ିକୁ ଏକାଠି ଗୋଟିଏ ମାଳାରେ ଗୁନ୍ଥି ରଖିଥିବା ଯେଉଁ ସୂତାଟିକୁ ନିଜର ସାନ ବଡ ପ୍ରତ୍ୟେକ ଅନୁଭବ ମଧ୍ୟରେ ଜାଣିହୁଏ, ଚିହ୍ନିହୁଏ, ସେମାନେ ସେଇଟିକୁ ମୋଟେ ଚିହ୍ନି ପାରନ୍ତିନାହିଁ । ତେଣୁ, ସେମାନେ ଏଠୁ ପ୍ରକୃତରେ କ'ଣ ନେଇ ଯାଇପାରିବେ ? ଯିଏ ହୃଦୟକ୍ଷେତ୍ରରେ ଏଠାରେ ଏକାକୀ ହୋଇ ରହିଛି; ଧାର୍ମିକ ଓ ନିଃସଙ୍ଗ ହୋଇ ରହିଛି, ସିଏ ଏଠାରୁ ସାଙ୍ଗରେ କ'ଣ ନେଇ ଯାଇପାରିବ ? ଏଠି ମୁଁ ଯାହାକୁ ପ୍ରକୃତରେ ନିଜର କରି ପାରିଲି, ଯେତିକି ଲାଗି ମୋ'ର ଖିଅଗୁଡ଼ିକୁ ପ୍ରସାରିତ କରିଦେଇ ପାରିଲି, ହୁଏତ ସେତିକି ମୁଁ ଏଠୁ ଚାଲିଗଲା ପରେ ମଧ୍ୟ ମୋ' ସାଙ୍ଗରେ ରହିବ, ସେତିକି ହିଁ ମୋ'ର ଅସଲ ପୁଞ୍ଜି ଓ ଅସଲ ଧନ ହୋଇ ରହିବ ।

୨୧ । ୪ । ୮୦

ଏହି ସଂସାରରେ ମୋ'ର ଯାବତୀୟ ପରିଚୟ, ଯାବତୀୟ ସମ୍ପର୍କ ଓ ଯାବତୀୟ ଅର୍ଜନ, ଏସବୁ ମୋ' ଜୀବନରେ ତୀର୍ଥଦେଖାର ଆନନ୍ଦ ହୋଇ ସଞ୍ଚିତ ହୋଇ ରହିଲା । ଯଦି ମୁଁ ଏଗୁଡ଼ାକୁ ସମ୍ପତ୍ତି ବୋଲି ବିଚାର କରି ମୋ' ନିଜ ଗାତଟି ମଧ୍ୟରେ ନେଇ ଭରି ରଖିବାକୁ ଇଚ୍ଛା ବା ଚେଷ୍ଟା କରିଥାନ୍ତି, ତେବେ ନିଜ ଆଖିରେ ମଧ୍ୟ ମୁଁ କେତେ ପର ପର ଦେଖା ଯାଉଥାନ୍ତି, ନିଜପାଖରେ ମଧ୍ୟ ମୁଁ ପ୍ରକୃତରେ କେତେ ଅସହ୍ୟ ହୋଇ ରହିନଥାନ୍ତି ! ଭଲ ହେଲା, ଏହିସବୁ ପରିଚୟ ମୋ'ର ହୋଇ ରହିଲା, ମୋ' ସହିତ ଖିଅ ଲଗାଇ ରହିଲା, ମୋତେ ଧନ୍ୟ କଲା; ତଥାପି ମୁଁ ଏଗୁଡ଼ାକୁ ସବୁଠାରୁ ବୁହି ଆଣି ନିଜର ସମ୍ପତ୍ତି କରି ରଖିବାକୁ କେବେହେଲେ ବି ମନ କଲିନାହିଁ । ମୋ'ର ସମ୍ପର୍କଗୁଡ଼ାକ ମୋତେ ସମସ୍ତଙ୍କର ଦୁଆରରେ ପ୍ରବେଶ କରିବାର ଅଧିକାର ଦେଲା ସତ, ମାତ୍ର ମୁଁ କୌଣସି ଦ୍ୱାରରେ ମଧ୍ୟ କୌଣସି ସ୍ୱାଧିକାର-ପ୍ରମତ୍ତତା ଦେଖାଇବାକୁ ମନ କଲିନାହିଁ । ଦୁଃଖ ହେଉଥିଲେ ନିଜ ଭିତରେ ଓ ନିଜ ବାହାରେ ମଧ୍ୟ ଯେଉଁ ନାନା ଦୁର୍ଗତି ଭୋଗ କରିବାକୁ ହୁଏ, ମୋତେ ସେଗୁଡ଼ିକରୁ ରକ୍ଷା ମିଳିଲା ତାହା ମିଳିଗଲା ।

୨୨ । ୪ । ୮୦

ଏହି ସଂସ୍କୃତିରେ ନିର୍ଦ୍ଦୟ, ନିର୍ମମ ଓ ନୃଶଂସ ହେବାଲାଗି ଯେଉଁ ମଣିଷମାନେ ନିଜକୁ ଅତ୍ୟଧିକ ପ୍ରଶ୍ରୟ ଦେଇ ଆସିଛନ୍ତି, ଏଠି ସେହିମାନେ ହିଁ ପ୍ରଧାନତଃ ଅନ୍ୟକୁ ଦୟା ଦେଖାଇବାର କଥା କହୁଛନ୍ତି । ସେମାନେ ଜୀବେଦୟା ନେଇ ଶାସ୍ତ୍ର ଲେଖିଛନ୍ତି, ଅଥଚ ଆପଣାର ଅଠ ପହରଯାକକୁ ମୋଟା କରି ରଖିବେ ବୋଲି ସବୁପ୍ରକାର ଅସ୍ୱୀକୃତି ଏବଂ ଅମାନୁଷିକତା ଲାଗି ବାଟ ଛାଡ଼ି ଦେଇଛନ୍ତି । ମଣିଷକୁ ମଣିଷ ବୋଲି ସ୍ୱୀକାର କରାଯାଇଥିଲେ ହୁଏତ ଆମର ସଂସ୍କୃତି ତଥାପି ଜୀବନର ସମ୍ବେଦନମୂଳକ ଆକୃତି ଗୁଡ଼ିକର ଅଧିକ ନିକଟବର୍ତ୍ତୀ ହୋଇ ରହି ପାରିଥାନ୍ତା । ଏବେ ବି, ତଥାକଥିତ ସ୍ୱାଧୀନତା ପାଇବାର ତ୍ରିଂଶାଧିକ ବର୍ଷ ପରେ ଏଠାରେ ମଣିଷ ଅପର ମଣିଷକୁ ମଣିଷ ବୋଲି ସ୍ୱୀକାର କରୁନାହିଁ, ଏହି ଭୂମିରେ ଏତେହଜାର ବର୍ଷର ଆଧ୍ୟାତ୍ମିକତାର ଚର୍ଚ୍ଚା ଓ କର୍ଷଣ ପରେ ବି ଆମେ ଏଠାରେ ଆମର ସତ୍ୟକୁ ଓ ଆମ ଭଗବାନଙ୍କୁ ପ୍ରତ୍ୟେକ ମଣିଷ ଭିତରେ ଅନୁଭବ କରି ପାରିଲୁନାହିଁ । ସେହି ଅନୁଭବଟି ରହିଥିଲେ ଏଠି ଦୟାର ବ୍ୟାଖ୍ୟା ଅନ୍ୟପ୍ରକାର ହୋଇଥାନ୍ତା, ତାହା ମୁଖ୍ୟତଃ ଏକ identificationକୁ ବୁଝାଉଥାନ୍ତା, ଏବଂ ତଦ୍ଦ୍ୱାରା ଅନେକ କପଟତାରୁ ରକ୍ଷା ମିଳିଥାନ୍ତା ।

୨୩ । ୪ । ୮୦

ଠାକୁରଙ୍କ ପାଖକୁ ଆସିବାର ଅର୍ଥ ହେଉଛି ଏ ଜୀବନ ସହିତ ଅଧିକ ନିବିଡ଼ ଭାବରେ ନିକଟବର୍ତ୍ତୀ ହୋଇ ରହିବା । ଆପଣା ସହିତ ନିବିଡ଼ ପରିଚୟ ଲାଭ କରିବାର ଅର୍ଥ ହେଉଛି ସମସ୍ତଙ୍କର ଆହୁରି ଅଧିକ ନିକଟବର୍ତ୍ତୀ ହୋଇ ଆସିବା । ବୈରାଗ୍ୟ କହିଲେ ସତେଅବା ଆପଣା ଭିତରର କୌଣସି ନିୟମ ଓ ନ୍ୟାୟଦ୍ୱାରା ପରିଚାଳିତ ହୋଇ ମୁଁ ଯାବତୀୟ ପ୍ରକାରର ଅଳିତା ପ୍ରତି ହିଁ ଏକ ବିମୁଖତା ବୋଲି ବୁଝିଥାଏ । ଅଳପକୁ ଅଳପ ବୋଲି କହିବା,—ଏହାହିଁ ଯଥାର୍ଥ ବୈରାଗ୍ୟ । ବୈରାଗ୍ୟ ଆମକୁ ଏକ ବୃହତ୍ତର ଶ୍ରଦ୍ଧା ଆଡ଼କୁ ପରିଚାଳିତ କରି ନେଇଯାଏ । ସେହି ଶ୍ରଦ୍ଧାର ବଶବର୍ତ୍ତୀ ହୋଇ ପାଚେରୀଗୁଡ଼ାକ କୁଆଡ଼େ ଭାଙ୍ଗି ପଡ଼ନ୍ତି । ଭିତରେ ସେହି ଶ୍ରଦ୍ଧାଟି ହିଁ ଜୀବନର, ପରିଚୟର ଅସଲ ପ୍ରେରଣା ହୋଇ ରହିଥିଲେ ମଣିଷର ପାଖକୁ ଆସିଲାମାତ୍ରେ ସତେଅବା ନିଜର ଭିତରେ ହିଁ ତାହାକୁ ସ୍ପର୍ଶ କରୁଥିବା ପରି ମନେହୁଏ । ସଂସାର ଗୋଟାକଯାକ ସତେଅବା କେଉଁ ସେତୁର ଆତ୍ମୀୟତା ଦ୍ୱାରା ବାନ୍ଧିହୋଇ ରହିଥିବା ପରି ଲାଗେ । କେତେ ଶାନ୍ତି ମିଳେ ଏତିକି ଉପଲବ୍ଧି ଦ୍ୱାରା । କାରଣ, ତା'ପରେ ଏଠି ଆଉ ମୋତେ ଡର ମାଡ଼େ ନାହିଁ ମୋତେ ଏକୁଟିଆ ଲାଗେନାହିଁ । ଆପଣାଲାଗି ଅଲଗା କିଛି ମାଗିବାକୁ ମନ ହୁଏନାହିଁ । ଆପଣା ଜୀବନର ସର୍ବୋତ୍ତମ ଅବସ୍ଥାଟି ଫଳରେ ଏହି ଜଗତଟାଯାକ

ଆପଣାର ପରପର ମନେହୁଏ । ନିଜକୁ ଦେଇଦେବା ହିଁ ଏକମାତ୍ର ଧର୍ମ ହୋଇ ରହେ ।

୨୪ । ୪ । ୮୦

ମଣିଷ ଏଠି ଖାଲି ପାହାଚକୁ ପାହାଚ ଉଠି ଚାଲିଯିବ । ଖାଲି ବୟସରେ ବରଷକୁ ବରଷ ଅତିକ୍ରମ କରିଯିବା ନୁହେଁ, ସିଏ ଆପଣାର ଭିତରକୁ ମଧ୍ୟ ପାହାଚକୁ ପାହାଚ ଉଠିଯାଇ ପାରୁଥିବ । ଅର୍ଥାତ୍, ସିଏ ଅଧିକରୁ ଅଧିକ ନିକଟବର୍ତ୍ତୀ ହୋଇଆସି ପାରୁଥିବ । ଆପଣା ଭିତରେ ତଥା ଆପଣା ବାହାରେ ଯେଉଁଠି ଭିତର ଆଉ ବାହାର ମଧ୍ୟରେ କୌଣସି ଭେଦ ନାହିଁ, ସେହି ପରମ ଆତ୍ମୀୟତାର ସ୍ଥାନଟିକୁ ସିଏ ସତତ ଗତି କରିବାରେ ଲାଗିଥିବ । ଏହି ଗତିଲାଗି ଭିତର ବଳ ଓ ଉତ୍ସାହ ଯୋଗାଇଦେବା, ଏହି ଗତିଲାଗି ବାହାରର ସାମୂହିକ ପରିବେଶଟିକୁ ଅନୁକୂଳ ଅର୍ଥାତ୍ ଆନନ୍ଦମୟ କରି ଗଢ଼ିବା ଏବଂ ଏହି ଗତିଲାଗି ଅସଲ କରୁଣାଟିର ଅଧିକରୁ ଅଧିକ ଭଜନ ବି ହେଉଥିବା,—ତାହାହିଁ ଶିକ୍ଷା । ତା'ପରେ ତୁମେ ଏଇଟା ପଢ଼ାଅ କି ସେଇଟା ପଢ଼ାଅ, ସେଥିରେ ଆଦୌ କୌଣସି ବାଧା ନାହିଁ । ଆମେ କୌଣସି ପ୍ରକାର କୈଫିୟତର ସାହାଯ୍ୟ ନେଇ ବି ନିଜକୁ କୌଣସି ଅମୁହାଁ ଗଳି ଭିତରେ ନେଇ ପୂରାଇ ଦେବାନାହିଁ, କୌଣସି ତଥାକଥିତ ଆଦର୍ଶ ପାଖରେ ଯାଇ ଅଟକି ଯିବାନାହିଁ । ଏହି ପୃଥିବୀରେ ଆମେ କୌଣସି ଜାତି ବାରିବାନାହିଁ,—ଆମ ନିଜକୁ ଏକ ପଥ ପରି, ଏକ ସତତ ଶ୍ରଦ୍ଧାମୟ ଓ ସମର୍ପଣ-ଶୁଦ୍ଧ ପଥ ପରି ଅନୁଭବ କରୁଥିବା,—ଆମର ଭିତରେ ଓ ବାହାରେ ଆମକୁ ଏଥିଲାଗି ଯାହାକିଛି ଉପଯୁକ୍ତ ଆଖିଗୁଡ଼ିକୁ ଯୋଗାଇ ଦେଉଥାଏ, ତାହାହିଁ ଶିକ୍ଷା ।

୨୭ । ୪ । ୮୦

ଏହି ଯାବତୀୟ ଜ୍ଞାନ ଓ ବିଜ୍ଞାନ ସତେଅବା ଗୋଟାଏ ଜାଗାକୁ ଯାଇ ହାର ମାନି ଯାଇଥିବା ପରି ମନେ ହୋଇଥାନ୍ତି । ଏମାନେ ସମସ୍ତେ ପରାମର୍ଶ ଦିଅନ୍ତି. ସତେଅବା କେତେ ବିଜ୍ଞତାର ସହିତ ସେମାନେ ଅବାଟଗୁଡ଼ାକୁ ଅବାଟ ବୋଲି ପ୍ରମାଣ କରି ଦେଖାଇ ଦେବାରେ ଆପଣାର କେତେ ବଖାଣକୁ ବାଣ୍ଟିବାରେ ଲାଗିଥାନ୍ତି । ମାତ୍ର ସେମାନେ ଆମ ଭିତରେ ବାଟ ଚାଲିବାର ଅସଲ ପ୍ରେରଣାଟିକୁ ଆଣି ଯୋଗାଇଦେଇ ପାରନ୍ତିନାହିଁ । ସେଇଟିକୁ କେହି ଯୋଗାଇ-ଦେଇ ପାରେନାହିଁ । ସେଇଟି ନିଜ ଭିତରୁ ହିଁ ଆସିଥାଏ । ଜୀବନର ଅସଲ ସ୍ୱୀକୃତି ଓ ସେଥିଲାଗି ଅସଲ ଅସ୍ୱୀକୃତି ଗୁଡ଼ାକ ଆମ ଭିତରୁ ହିଁ ଆସିଥାଏ । ଏବଂ, ସେହି ସ୍ୱୀକୃତି ଏବଂ ଅସ୍ୱୀକୃତିଗୁଡ଼ାକ ଦ୍ୱାରା ହିଁ ଆମ ଜୀବନର ପ୍ରକୃତ ବାଟଟି ନିରୂପିତ

ହୋଇଥାଏ । ଆଉ ସବୁକିଛି ବୁଦ୍ଧିର ସ୍ତରରେ ଥାଏ; ପାଣ୍ଡିତ୍ୟର ସ୍ତରରେ ଥାଏ, ହୁଏତ କେବଳ ଏକ ଚତୁରତାର ସ୍ତରରେ ହିଁ ରହି ଯାଇଥାଏ । ଜ୍ଞାନ ଓ ବିଜ୍ଞାନ ତଥ୍ୟ ଯୋଗାଇ ଦିଅନ୍ତି, କାରଣ ଯୋଗାଇ ଦିଅନ୍ତି, କିନ୍ତୁ ଭିତରେ ଥିବା ଅସଲ ବିନ୍ଦୁଟି ହିଁ ଅସଲ ନିର୍ଦ୍ଦେଶଗୁଡ଼ିକୁ ଦିଏ, ଅସଲ ସ୍ୱଳବାଗୁଡ଼ିକୁ ସମ୍ଭବ କରେ । ସକଳ ଅଭିନବତ୍ୱକୁ ସେଇ ଅଭିନବତ୍ୱ ବୋଲି ପ୍ରମାଣିତ କରିଦିଏ ।

୨୮ । ୪ । ୮୦

ଜ୍ଞାନ ଓ ବିଜ୍ଞାନରେ ପରଷାପାବ ପୂର୍ଣ୍ଣ ହୋଇ ରହିଥାଏ, ତଥାପି କେତେ ସଙ୍କୋଚ ଏବଂ କେତେ କୁଣ୍ଠାର ପାଚେରି ଠିଆ ହୋଇ ରହିଥାଏ । ସେଠି ସେହି ଜ୍ଞାନ ଓ ବିଜ୍ଞାନଗୁଡ଼ିକ ମଣିଷକୁ ଗୋଟାଏ ଦୁର୍ଦ୍ଦମ ଅହଙ୍କାରୀ କରି ଗଢ଼ିବାରେ ହିଁ ସମ୍ଭବତଃ ଅଧିକ ସାହାଯ୍ୟ କରିଥାଏ । ତେଣୁ, ଜ୍ଞାନ ଓ ବିଜ୍ଞାନର ଏତେ ନିକଟବର୍ତ୍ତୀ ହୋଇ ରହିଥିଲେ ମଧ୍ୟ ଆମେ ତଥାପି ଜୀବନଠାରୁ ଦୂରବର୍ତ୍ତୀ ହୋଇ ରହିଥାଉ, ଅନେକ ଜ୍ଞାନପ୍ରାଚୁର୍ଯ୍ୟ ମଧ୍ୟରେ ତଥାପି ସ୍ୱଭାବତଃ କୃପଣ ହୋଇ ରହିଥାଉ ନାନା ଅଲ୍ପତାଜନିତ ସ୍ୱାର୍ଥରେ ନାନାପ୍ରକାରେ କ୍ଷୁଦ୍ର ହୋଇ ରହିଥାଉ । ଅସଲ ଥାନଟିରେ ଆମର କବାଟଗୁଡ଼ାକ ଖୁବ କଠୋର ଭାବରେ ବନ୍ଦ ହୋଇ ରହିଥାନ୍ତି । ଭିତର ଆଡ଼କୁ ବନ୍ଦ ହୋଇ ରହିଥାନ୍ତି, ବାହାର ଆଡ଼କୁ ବି ବନ୍ଦ ହୋଇ ରହିଥାନ୍ତି । ତେଣୁ, ଭିତରେ ବା ବାହାରେ କୌଣସି କ୍ଷେତ୍ରରେ ମଧ୍ୟ ଅସଲ ସମ୍ମିଳନ ଓ ଅସଲ ସ୍ପର୍ଶଗୁଡ଼ିକ ମୋଟେ ଘଟି ପାରେନାହିଁ । ଏପରି ଅନେକ ଜ୍ଞାନୀ ଓ ବିଜ୍ଞାନୀ ରହିଛନ୍ତି, ଯେଉଁମାନଙ୍କର ମୁହଁକୁ ଅନାଇଦେବା ମାତ୍ରକେ ହିଁ ସେମାନଙ୍କର କବାଟଗୁଡ଼ାକ କିଳାହୋଇ ରହିଥିବା ପରି ଅନୁଭବ ହୋଇଥାଏ । ଏବଂ, ଆହୁରି ଗୋଟାଏ ଗୋଟାଏ ଥାନରେ ମୁହଁକୁ ଅନାଇଦେବା ମାତ୍ରକେ ଏକାବେଳେକେ ଭିତରକୁ ବାଟ ଦିଶିଯାଏ ।

୨୯ । ୪ । ୮୦

ଆମ ନିଜ ନିଜର ଜୀବନକୁ ହିଁ ଆମେ ତାଙ୍କରି ଲାଗି ଏକ ସମ୍ପତ୍ତିରେ ପରିଣତ କରି ପାରନ୍ତେ, ତାହାହିଁ ଯଥାର୍ଥ ସାଧନା । ମାତ୍ର ତା' ନକରି ଆମେ ନିଜର ସ୍ୱପକ୍ଷରେ ଅଧିକରୁ ଅଧିକ ସମ୍ପତ୍ତି ଜମା କରି ରଖିବାକୁ ହିଁ ଜୀବନର ବ୍ରତ ବୋଲି ଗ୍ରହଣ କରିନେଇଛୁ ଏବଂ ତାହାକୁ ହିଁ ସମୃଦ୍ଧ ବୋଲି କହିବାରେ କେତେ ଆନନ୍ଦ ମଧ୍ୟ ପାଉଛୁ । ସମୃଦ୍ଧ କହିଲେ ଆମେ ଆପଣା ଜୀବନର ଆସ୍ଥାନଟିକୁ ବୁଝୁନାହୁଁ, ମାତ୍ର ତା'ଠାରୁ ଅନେକ ଅଧିକ ପରିମାଣରେ ଏହି ସବୁଗୁଡ଼ାକୁ ବୁଝୁଛୁ, ସଜ୍ଜାଗୁଡ଼ାକୁ ବୁଝୁଛୁ, ଗଦା ଗଦା ହୋଇ କେତେ ଅହଙ୍କାର ସହିତ ଗଦା କରିହୋଇ ରଖାଯାଇଥିବା ସମ୍ପଦଗୁଡ଼ାକୁ ହିଁ ବୁଝୁଛୁ ।

ସାମୂହିକ ସ୍ତରରେ ଆମର ସେହି ଉତ୍ତେଜନାଗୁଡ଼ାକ ଆମକୁ ହୁଏତ ଆହୁରି ଅଧିକ ପରିମାଣରେ ଗୋଟିଏ ଗୋଟିଏ ଅପାହଜରେ ପରିଣତ କରି ରଖୁଛି, କୌଣସି ଆଧାର କିମ୍ବା ଆସ୍ଥାନ ହୋଇ ପାରିବାର ଯାବତୀୟ ସମ୍ଭାବନାକୁ ତାହା ମାଟି କରି ପକାଉଛି । ନିଶା ଖାଇବାର ପ୍ରକରଣଗୁଡ଼ାକ ବଢ଼ିବା ସଙ୍ଗେ ସଙ୍ଗେ ଆମର କବାଟଗୁଡ଼ାକ ଆହୁରି ଦୃଢ଼ ଭାବରେ କିଳି ହୋଇ ରହି ଯାଉଛନ୍ତି । ଆମର ତଥାକଥିତ ସମ୍ପତ୍ତିମାନ ଆମ ନିଜର ହିଁ କାରଣ ହେଉଛନ୍ତି, ଆମକୁ ଉଗ୍ର କରି ରଖୁଛନ୍ତି ।

୩୦ । ୪ । ୮୦

ସଂସାରରୁ ଯିଏ ବିଦାୟ ହୋଇ ଚାଲିଯାଏ, ତାଙ୍କ ବିଷୟରେ ଅନ୍ୟ ସଂସାରୀମାନେ ଭାବନ୍ତି । ସେହିମାନେ ହିଁ ସଂସାରକୁ ମାୟା ବୋଲି କହନ୍ତି ଓ ଯିଏ ଏହି ମାୟାକୁ ଛିଣ୍ଡାଇଦେଇ ଚାଲିଗଲା, ସିଏ ମୁକ୍ତି ପାଇଗଲା ବୋଲି କହିଥାନ୍ତି । ମାତ୍ର ତଥାପି ସଂସାରଟାକୁ ଗୋଟାସୁଦ୍ଧା ମାୟା ଅର୍ଥାତ୍ ଅସତ୍ୟରେ ପରିଣତ କରି ରଖିବାରେ ସେମାନେ ପୂର୍ଣ୍ଣମାତ୍ରାରେ ସହଯୋଗ କରିବାରେ ଲାଗିଥାନ୍ତି । ଯିଏ ସଂସାରରୁ ଚାଲିଯାଏ ତାକୁ ଦେଖି, ଆମେ ପ୍ରତ୍ୟେକ ଯେ ଦିନେ ନା ଦିନେ ଏଠୁ ବିଦାୟ ନେଇ ଚାଲିଯିବାକୁ ବାଧ୍ୟ ହେବା, ସେହି ଚିନ୍ତାର ଉପରେ କ'ଣ ସେମାନେ ଏହି ସଂସାରକୁ ଫାଶ ବୋଲି କହୁଥାନ୍ତି କି ? ଏହି ସଂସାରଟାକୁ ଯଦି ମୁଁ ପ୍ରକୃତରେ ଫାଶ ବୋଲି ଅନୁଭବ କରୁଥାନ୍ତି, ତେବେ ସେହି ଫାଶକୁ ଫାଶ ବୋଲି ଜାଣି ତାକୁ ଫିଟାଇବାର ଚେଷ୍ଟା ମଧ୍ୟ ମୁଁ ଏଠାରେ କରୁଥାନ୍ତି, ମୁଁ ଏଠାରେ ସତ୍ୟର ପ୍ରତିଷ୍ଠା ଲାଗି ସହଯୋଗ କରୁଥାନ୍ତି, ଏଠି ପାଚେରୀଗୁଡ଼ାକୁ ଭାଙ୍ଗିବାରେ ସାହାଯ୍ୟ କରୁଥାନ୍ତି । କିନ୍ତୁ ସେହି କଥାଟି ଆମ ଅନେକଙ୍କ ଦ୍ୱାରା ହୋଇ ପାରେନାହିଁ । କାଦୁଅ ଭିତରେ ନାକ ପର୍ଯ୍ୟନ୍ତ ବୁଡ଼ିକରି ଠିଆ ହୋଇଥିବା ବେଳେ ଆମର ସବୁ କୋଳାହଳ ହଠାତ୍ ଦିନେ ବନ୍ଦ ହୋଇଯାଏ, ଆମପାଇଁ ସବୁ ନୀରବ ହୋଇଯାଏ, ଆମ ଖେଳନାଗୁଡ଼ାକୁ ଆମଠାରୁ ଛଡ଼ାଇ ନିଆଯାଏ ।

୧ । ୫ । ୮୦

ଶ୍ରମିକ ପ୍ରଥମେ, ତା'ପରେ ଯାଇ ନାଗରିକ । ପ୍ରତ୍ୟେକ ମଣିଷ ଯେଉଁଠି ନିଜକୁ ସବାଆଗ ଜଣେ ଶ୍ରମିକ ବୋଲି ଅନୁଭବ କରୁଥିବ, ସେଠାରେ, ସିଏ ଯେଉଁ ନଗରରେ ବା ଗ୍ରାମରେ ବାସ କରୁଥାଉ ପଛକେ, ସିଏ ଯେଉଁ ଦେଶରେ ଜନ୍ମିଥାଉ କିମ୍ବା ବଢ଼ିଥାଉ ପଛକେ, ନାଗରିକ ଆଉ ଶ୍ରମିକ ଭିତରେ ସେଠି ହୁଏତ ଆଦୌ କୌଣସି ଦ୍ୱନ୍ଦ୍ୱ ବା ବିରୋଧ ରହିବନାହିଁ । ଯେଉଁ ଦେଶରେ ବା ଯେଉଁ ସମାଜରେ ଅଶ୍ରମିକମାନେ ଏକାଠି ସଭାରେ ବା ମହୋତ୍ସବରେ ବସି ଶ୍ରମିକ ଓ ଶ୍ରମର ମର୍ଯ୍ୟାଦା

ବିଷୟରେ ପୁଲକିତ ପ୍ରସ୍ରବଣମାନ ବୁହାଇବାରେ ଲାଗିଥାନ୍ତି, ସେଠାରେ ମଣିଷର ସ୍ୱ ଆବିଷ୍କାର-କ୍ଷେତ୍ରରେ ତଥାପି ସେପରି କେତେ ନା କେତେ ବ୍ୟାଧି କାମୁଡ଼ି ଧରି ରହିଥାଏ । ଯେତେବେଳେ ଅର୍ଥାତ୍ ସେହି ସମାଜରେ ଆମେ ହୁଏତ କେହି ଶ୍ରମିକ ହେବାକୁ ଇଚ୍ଛା କରୁନଥାଉ, ଅଥଚ ଅନ୍ୟର ଶ୍ରମ ଉପରେ ସୁଖରେ ବସିବାର ଅସ୍ୱାଭାବିକ ବାଟଟାକୁ ଜୀବନର ଧର୍ମ ବୋଲି ଗ୍ରହଣ କରି ନେଇଥାଉ । ଶ୍ରମକୁ ଭଲ ପାଇବା ତ ଆହୁରି ଦୂରର କଥା । ନାଗରିକତାର ଅପମୀତ ଆମ ସାମାଜିକ ଦୃଷ୍ଟି ଗୁଡ଼ାକ ଭିତରେ ପଶିବା ଦିନଠାରୁ ଆମେ ଏବେ ନିଜକୁ ଶ୍ରମିକ ବୋଲି କହିବାକୁ ବି ଅନେକ ସମୟରେ ଲଜ୍ଜା ଅନୁଭବ କରି ଶିଖିଲୁଣି । ତେଣୁ; ଅସଲ ପ୍ରତିକାର ହେଉଛି ଯେ, ସମାଜରେ ଶ୍ରମିକ ବୋଲି ଗୋଟାଏ ସ୍ୱତନ୍ତ୍ର ବର୍ଗ କିଛି ରହିବନାହିଁ, ଯେଉଁମାନଙ୍କୁ କି ଅନ୍ୟ ସମସ୍ତେ ଉଚିତ ସମ୍ମାନ ଦେବେ, ସ୍ୱୀକୃତି ଦେବେ । ସମସ୍ତେ ଆପଣାର ଶ୍ରମଗତ ପରିଚୟଟିକୁ ହିଁ ଅସଲ ପରିଚୟ ବୋଲି ଅନୁଭବ କରିବେ । ଜୀବନରେ ଶ୍ରମକୁ ସାଙ୍ଗରେ ନେଇ ଅଗ୍ରସର ହେବେ, ଶ୍ରମକରି ସମସ୍ତେ ଧନ୍ୟ ହେବେ ।

୨ । ୫ । ୮୦

ଜଣେ ଜଣେ ମଣିଷଙ୍କୁ ଦେଖିଲେ ତାଙ୍କର ଅତି ନିକଟକୁ ଯାଇ କହିବାକୁ ମନ ହୁଏ, ବାବୁ ତୁମର ରୂପ ଅଛି, ଧନ ଅଛି, ବିଦ୍ୟା ଅଛି, ତଥାପି ତୁମେ ଏପରି କାଡ଼ ଦେଇ ବାଡ କରି ଅଲଗା ହୋଇ ବସିଛ କାହିଁକି ? ତୁମର ଧନଗୁଡ଼ାକୁ ତୁମେ ଏପରି ଏକୁଟିଆ ଓ ତେଣୁ ଅବର୍ଜିଆ କରି ରଖିଛ କାହିଁକି ? କାହିଁକି ତୁମେ ନିଜ ଭିତରକୁ ଅନ୍ୟମାନଙ୍କୁ ପଶିବା ସକାଶେ ବାଟ ଛାଡ଼ିଦେଇ ପାରୁନ, ନିଜ ଭିତରକୁ କାହିଁକି ଅନ୍ୟମାନଙ୍କୁ ଡ଼ାକିନେଇ ପାରୁନ ? ତୁମେ କାହାକୁ କାହିଁକି ଏପରି ଭୟ କରୁଛ, ଯେଉଁ ଭୟ କି ବାହାରେ ତୁମକୁ ଏପରି ଉଗ୍ର ଏବଂ ଭିତରେ ଏପରି ଦୁଃଖୀ କରି ରଖିଛି ?—ଏମିତି କେତେ କ'ଣ କହିବାକୁ ଇଚ୍ଛା ହୁଏ, ଘର ଭିତରକୁ ପଶିଯାଇ ଏକାବେଳେକେ ସବୁ ଗବାକ୍ଷଗୁଡ଼ାକୁ ଖୋଲିଦେବା ସକାଶେ ଇଚ୍ଛା ହୁଏ । ସେମାନଙ୍କୁ ଏହି ଫୁଲ ସାଙ୍ଗରେ, ପବନ ସାଙ୍ଗରେ ଓ ଆଲୁଅ ସାଙ୍ଗରେ କୁଆଡ଼େ ମନ କୁଆଡେ ଉଡ଼ାଇ ନେବାଲାଗି ଇଚ୍ଛା ହୁଏ । କହିବାକୁ ମନ ହୁଏ, ସଦା ସତର୍କ ହୋଇ ରହିବାଟାକୁ ହିଁ ତୁମେ ଜୀବନର ସବୁଠାରୁ ଅଧିକ ମହତ୍ତ୍ୱପୂର୍ଣ୍ଣ ଧର୍ମ ବୋଲି ଧରିନେବାକୁ ଏହି ବର୍ଣ୍ଣମୟ ଗନ୍ଧମୟ ଓ ସଖ୍ୟମୟ ଜଗତକୁ ଆସିଥିଲ, ତେବେ ତୁମେ ନିଜକୁ ଯାବତୀୟ ସଖ୍ୟଠାରୁ ଏପରି ଭାବରେ ବଞ୍ଚିତ କରି ରଖିଲ ବା କାହିଁକି ? ନିଜ ଭିତରେ ଯେଉଁଠି ଅସଲ ସଖ୍ୟଟିକୁ ଲାଭ କଲେ ଅର୍ଥାତ୍ ଅସଲ ବନ୍ଧୁଟିକୁ ଚିହ୍ନିଲେ ପୃଥିବୀଟାଯାକ ହିଁ ସଖ୍ୟମୟ ଓ ବନ୍ଧୁପୂର୍ଣ୍ଣ ବୋଲି ଅନୁଭବ

ହୁଏ, ସେଠାରେ ତୁମେ ଏପରି ଉସ୍ଥାଳୁ ବଦେଶୀ ହୋଇ ରହିଗଲ କପରି ? ଆଶ୍ଚର୍ଯ୍ୟ ଲାଗେ, ପ୍ରକୃତରେ ଭାରି ଆଶ୍ଚର୍ଯ୍ୟ ଲାଗେ,—ସେମାନେ ଏପରି ଏକୁଟିଆ ହୋଇ ରହିପାରନ୍ତି କପରି, ଆପଣାର ସବୁକଥରୁ ଅନୁରାଗକୁ ସେମାନେ ଏପରି ଗୋଟାଏ ଗୋଟାଏ ଉତ୍ତେଜନାରେ ପରିଣତ କରିଦେଇ ପାରିଥାନ୍ତି କପରି ? ଫୁଲଗୁଡ଼ାକୁ ଏପରି ଭାବରେ ଅଛୁଆଁ କରି ରଖିପାରନ୍ତି କପରି ? ପ୍ରକୃତରେ ଭାରି ଆଶ୍ଚର୍ଯ୍ୟ ଲାଗେ ।

୩ । ୫ । ୮୦

ଅହଂକାରୀ ମଣିଷ ଯେତେବେଳେ ତା' ଦେଶକୁ ଲୋଡ଼େ; ସେତେବେଳେ ସିଏ ଦେଶଟାକୁ ବ ପ୍ରଧାନତଃ ତା' ଅହଂର ହିଁ ଏକ ପ୍ରସାରିତ ରୂପ ବୋଲି ଗ୍ରହଣ କରିନିଏ । ଯେତେବେଳେ ଅହଙ୍କାରୀ ମଣିଷ ଦେଶକୁ ଲୋଡ଼େ, ସେତେବେଳେ ଦେଶଟାସାକକୁ ଆଣି ସିଏ ଆପଣା ପୁଅଝିଅ ଗୁଡ଼ାକର ଗାତଭିତରେ ଭର୍ତ୍ତି କରି ରଖିବାପାଇଁ ଇଚ୍ଛା କରୁଥାଏ । ହୁଏତ ଆମର ଅହଂଟା ବ ଏପରି ଗୋଟିଏ ଉପାଦାନ, ଯିଏ ଅଳପରେ ମୋଟେ ସନ୍ତୁଷ୍ଟ ରହି ପାରେନାହିଁ, ଅଳପ ଗ୍ରାସି ମୋଟେ ସନ୍ତୁଷ୍ଟ ରହି ପାରେନାହିଁ, ଗ୍ରାସଟା ହିଁ ତା'ର ଆଦର୍ଶରେ ପରିଣତ ହୋଇଯାଏ, ଆଦର୍ଶ ନାମରେ ଉଦରଭରଣା ହିଁ ତା'ର ଏକମାତ୍ର ଲୋଡ଼ିବାରେ ପରିଣତ ହୋଇଯାଏ । ଆପଣାର ଭରଣାଗୁଡ଼ାକୁ ହିଁ ସିଏ ନାନା ନାମ ଦେଇ ନାନା ବସ୍ତ୍ର ଦେଇ ସଦା ଆପ୍ୟାୟିତ ଏବଂ ସଦା ବନ୍ଦନନ୍ଦିତ କରି ରଖିଥାଏ । ଏବଂ ସେହି ମଣିଷମାନେ ଯେତେବେଳେ କ୍ଷମତାକୁ ଆସନ୍ତି, ଆମ ଭାଗ୍ୟଗୁଡ଼ାକ ଉପରେ ମୁକୁଟ ପିନ୍ଧି ବସନ୍ତି, ସେତେବେଳେ ସେମାନେ ଦେଶ ମଧ୍ୟରେ ତୁଚ୍ଛା ଆପଣାକୁ ହିଁ ଦେଖାଇବାକୁ ଚେଷ୍ଟା କରୁଥାନ୍ତି । କିଏ ସେହି ଦୁର୍ଭାଗ୍ୟକୁ ସମ୍ଭ୍ରାନ୍ତତନ୍ତ୍ର ବୋଲି କହେ, ଆଉକିଏ ଧନକତନ୍ତ୍ର କହେ,—ମୁଁ ତାହାକୁ ତୁଚ୍ଛା ଅହଂତନ୍ତ୍ର ବୋଲି କହିବି । ଅହଂତନ୍ତ୍ରଟା ରହିଥିବା ପର୍ଯ୍ୟନ୍ତ ମୂର୍ତ୍ତିଗୁଡ଼ିକ ଖାଲି ଜବର ହୋଇ ପୂଜା ପାଉଥାନ୍ତି ସିନା, ମାତ୍ର ଜୀବନ ପରିହୃତ ହୋଇ ରହିଥାଏ, ଯାବତୀୟ ତନ୍ତ୍ର ବଞ୍ଚନାର ଏକ ତନ୍ତ୍ରରେ ପରିଣତ ହୋଇଯାଏ ।

୪ । ୫ । ୮୦

ଏମାନେ ସମସ୍ତେ ଭାବୁଛନ୍ତି, ଦେଶଟା ରହୁ ବା ନରହୁ ପଛକେ, ଏମାନେ ଯେକୌଣସି ମତେ ରହିବେ । ତା'ର ବୋଧହୁଏ ଏକ ପ୍ରଧାନ କାରଣ ହେଉଛି ଯେ, ଦେଶ କହିଲେ ସେମାନେ ଗୋଡ଼ି ଓ ମାଟିରେ ତିଆରି ହୋଇଥିବା ଏକ ଭୌଗୋଳିକ ଆୟତନ ବୋଲି ବୁଝୁଛନ୍ତି, ଏକ ଜର୍ଜର ଭୂଇଁ ବୋଲି ଭାବୁଛନ୍ତି । ଦେଶ କହିଲେ ଯେ ସବାଆଗ ମଣିଷମାନଙ୍କୁ ବୁଝାଏ, ସେକଥା ଏମାନଙ୍କର ମର୍ମକୁ

ଏପର୍ଯ୍ୟନ୍ତ ଭେଦ କରି ପାରିନାହିଁ । ଭେଦ କରି ନପାରିବାର ହୁଏତ ନାନା କାରଣ ରହିଛି । କିନ୍ତୁ ସବୁଠାରୁ ଅସଲ୍ କାରଣ ହେଉଛି, ଏହି ବ୍ୟକ୍ତିମାନେ ମଣିଷମାନଙ୍କ ଲାଗି ଆପଣାର ଦ୍ୱାରଗୁଡ଼ିକୁ ବନ୍ଦ କରି ରଖିଛନ୍ତି । ଯେଉଁଠାରେ ସମ୍ମୁଖକୁ ଅନାଇଲେ ଆଗେ ମଣିଷମାନେ ମୋଟେ ଦୃଷ୍ଟିଗୋଚର ହୁଅନ୍ତିନାହିଁ, ସେଠାରେ ତଥାକଥିତ ଲକ୍ଷ୍ମୀମନ୍ତମାନେ ଅଧିକରୁ ଅଧିକ ନୃଶଂସ ହେବାଲାଗି ଭାରି ପ୍ରଶ୍ରୟ ପାଇଥାନ୍ତି । ସେମାନେ ଯାବତୀୟ ଭୂମିକୁ ପ୍ରଧାନତଃ ଏକ ଭୋଗର ଭୂମି ବୋଲି ଅନୁଭବ କରନ୍ତି । ଆପଣାର କେବଳ ଭୋଗମୟ ରୂପଟାକୁ ହିଁ ସ୍ୱୀକାର କରି ପାରୁଥାନ୍ତି । ଅନ୍ୟ ମଣିଷମାନଙ୍କ ସହିତ ସଖ୍ୟ ଯୋଡ଼ିଲେ ମଣିଷ ଭିତରେ ଅନେକ ଅନାବିଷ୍କୃତ ଦ୍ୱାରର ଆବିଷ୍କାର ହୁଏ । ତା'ପରେ ଆଉ କାହାକୁ ବି ଗିଳି ପକାଇବାକୁ ମନ ହୁଏନାହିଁ, କାହାକୁ ଆତ୍ମସାତ୍ କରି ଆଗକୁ ମାଡ଼ିଯିବାକୁ ମନ ହୁଏନାହିଁ ।

୫ । ୫ । ୮୦

ଆମେ କୌଣସି ସତ୍ୟକୁ ଗିଳିପକାଇ ନିଜ ଆକାରରେ କରି ରଖିବାକୁ କୌଣସି ଚେଷ୍ଟା କରିବାନାହିଁ । ଆମେ ନିଜେ ସତ୍ୟ ଆଡ଼କୁ ପ୍ରସାରିତ ହୋଇଯିବା. ସତ୍ୟକୁ ଆମ ଆପଣା ମଧ୍ୟକୁ ପ୍ରବେଶ କରିବାକୁ ଦେବା, ସଞ୍ଚାରିତ ହେବାକୁ ଦେବା । ଆମର ଧର୍ମ, ଏହି ଜୀବନ ସହିତ ଆମର ଯାବତୀୟ ସମ୍ପର୍କ, ଆମେ କରୁଥିବା ଯାବତୀୟ କର୍ମ,— ଆମଲାଗି ଏହି ପ୍ରସାରଣ ଏବଂ ଏହି ସଞ୍ଚରଣର ହିଁ ଗୋଟିଏ ଗୋଟିଏ ମାଧ୍ୟମ ଓ ଗୋଟିଏ ଗୋଟିଏ ଭୂମି ହୋଇ ରହିଥାଉ । ଏପରି ହୋଇପାରିଲେ ଆମ ଜୀବନରୁ ଈର୍ଷାର ଭାର, ଭୟର ଭାର ଓ ତ୍ରାସର ଭାର ପ୍ରକୃତରେ ଅନେକ ଗୁଣରେ କମ୍ ହୋଇଯାଇ ପାରିବ । ତା'ପରେ ଆମେ ମଣିଷ ଦେଖିବା ମାତ୍ରକେ କଦାପି ଦୁଆର ବନ୍ଦ କରି ରଖିବାକୁ ମନ କରିବାନାହିଁ । ମଣିଷକୁ ଦେଖିବା ମାତ୍ରକେ କଦାପି ଗିଳି ପକାଇବାକୁ ବି ମନ କରିବାନାହିଁ । ସେତେ-ବେଳେ ଆମେ ନିଜଭିତରେ ଭାରି ଉଲ୍ଲାସ ହୋଇଯାଇ ପାରିବା, ସେତେବେଳେ ଏହି ଧରଣୀ ବି ଆମକୁ ଭାରି ଉଲ୍ଲାସ ଲାଗିବ ।

୬ । ୫ । ୮୦

ଆମେ ସମସ୍ତେ ପାଠ ପଢ଼ୁଛୁ । କିନ୍ତୁ କେହି ହୁଏତ କୌଣସି କିଛି ଲାଗି ପାଠ ପଢ଼ୁନାହୁଁ । ଆମ ଜୀବନଟାକୁ ମଧ୍ୟ ଆମେ ହୁଏତ କୌଣସି କିଛିଲାଗି ବଞ୍ଚିବାକୁ ଇଚ୍ଛା କରୁନାହୁଁ । ଆପଣାଠାରୁ ବୃହତ୍ତର କିଛିଲାଗି, ସୁନ୍ଦରତର ଓ ବ୍ୟାପକତର କିଛିଲାଗି, ଜୀବନ ବଞ୍ଚିବାରେ ଯେ ଆପଣା ଜୀବନର ପ୍ରକୃତ ସାର୍ଥକତା

ମିଳିଥାଏ, ସେଗୁଡ଼ାକ ବିଷୟରେ ଆମର ପାଠ ଆମକୁ ଆଦୌ କିଛିହେଲେ କହେ-ନାହିଁ, ଆମ ଜୀବନରେ ଏପରି କୌଣସି ଆବଶ୍ୟକତା ରହିଛି ବୋଲି ଆମର ବାତାବରଣରୁ ଆମେ ହୁଏତ କୌଣସି ପ୍ରେରଣା ପାଉନାହିଁ । ଆମର ଚାରିପାଖରେ କେବଳ ସଫଳ ମଣିଷମାନେ ହିଁ ଭିଡ଼ ହୋଇ ରହିଥାନ୍ତି । ସେମାନେ ପରସ୍ପରକୁ ଈର୍ଷା କରୁଥାନ୍ତି, ପରସ୍ପରକୁ ମାଡ଼ି ଚକଟି ଆଗକୁ ମାଡ଼ିଯିବାକୁ ଚେଷ୍ଟା କରୁଥାନ୍ତି, ଏବଂ ଉପରେ ଗୋଟାଏ ଆବରଣ ପରି ବା ଅଭିନୟ ଭଳି କେତେଟା ନୀତି, କେତେଟା ତଥାକଥିତ ଆଦର୍ଶ କିମ୍ବା ତଥାକଥିତ ଜୀବନ ମୂଲ୍ୟର କଥା କହୁଥାନ୍ତି, ଆମର ଜୀବନ ଭିତ୍ତି ethicsରୁ ହୁଏତ ଏତେଟିକିଏ ଭିତରକୁ ଭେଦ ପାରୁ-ନଥାଏ; — ଏବଂ କେତେଟା ଭିତ୍ତି ନିୟମ ମାନିବାକୁ ହିଁ ଆମେ ethics ବୋଲି ମାନି ନେଇଥାଉ । ପ୍ରାୟ ପ୍ରକୃତିବଶ ଭାବରେ ଆମେ ସମସ୍ତେ ଏକାକୀ ବାଟ ଚାଲୁଥାଉ ଓ ତେଣେ ସେହି ଏକାକୀ ହୋଇଥିବା ଜନିତ ଶୂନ୍ୟତାକୁ ଭରି ରଖିବା ନିମିତ୍ତ କେଉଁଠି ଉତ୍ତେଜିତ ଭାବରେ ଆହୁରି କେତେ କ'ଣ କରିବାରେ ଲାଗିଥାଉ । ସେହି ଉତ୍ତେଜନା ଓ ଅଳସତାଗୁଡ଼ାକୁ ଆମେ ସଂସ୍କୃତି ବୋଲି କହୁ, ସାନ୍ତ୍ୱନାପରି ବ୍ୟବହାର କରୁ ।

୭ । ୫ । ୮୦

ଏହି ପୃଥିବୀରେ ଦଳେ ମଣିଷ ବନ୍ଧୁକ ଓ ବୋମାର ବଳରେ ପୃଥିବୀଟାକୁ ଯେଉଁଠି ସେଇଠି ରଖିବାକୁ ଚେଷ୍ଟା କରୁଛନ୍ତି । ସେମାନେ ଜାତୀୟତାବାଦକୁ ନିଜର ଆଉଏକ ପ୍ରଧାନ ଅସ୍ତ୍ରରୂପେ ବ୍ୟବହାର କରୁଛନ୍ତି । ଏବଂ ପୃଥିବୀର ଅଧିକାଂଶ ମଣିଷ ବି ଚେତନାଗତ ବିବର୍ତ୍ତନର କ୍ଷେତ୍ରରେ ଏବେ ମଧ୍ୟ ଜାତୀୟତାର ସ୍ତରରେ ରହିଛନ୍ତି । ସେମାନଙ୍କୁ ସାହିତ୍ୟ, ଧର୍ମ ଓ ଅର୍ଥନୀତିର ନାନା ମୋହକ ଶୁଆଇ ଏପରି ଭାବରେ ଏକପ୍ରକାର ଅବିବେକୀ ଉତ୍ତେଜନା ଏବଂ ଆତ୍ମସନ୍ତୋଷ ଭିତରେ ବୁଡ଼ାଇ ରଖି ଦିଆଯାଇଛି ଯେ ସେମାନେ ଆପଣାକୁ ମଣିଷ ବୋଲି ଭାବିବା ପୂର୍ବରୁ ଆଗ ଆପଣାର ନାଗରିକତାର ପରିଚୟରୁ ହିଁ ପ୍ରବଳ ସାନ୍ତ୍ୱନା ଲାଭ କରିବାର ଫାନ୍ଦରେ ପଡ଼ି ଯାଇଛନ୍ତି । ଏହି ଜାତିଗୁଡ଼ାକର ଔଚିତ୍ୟ ଯେ କ୍ରମେ ଆପଣାକୁ ଅନାବଶ୍ୟକ ପ୍ରମାଣ କଲାଣି; ପୃଥିବୀର ରାଜନୀତି ତାହା ସ୍ୱୀକାର କରିବାକୁ ପ୍ରସ୍ତୁତ ହୋଇ ପାରୁନାହିଁ । କାରଣ ତଦ୍ଦ୍ୱାରା ପୃଥିବୀରେ ବର୍ତ୍ତମାନ ଅଧିକାଂଶ ଦେଶରେ ପ୍ରତିଷ୍ଠିତ ହୋଇ ରହିଥିବା ରାଜନୀତିକ ନେତୃତ୍ୱ ଅର୍ଥାତ୍ ରାଜନୀତିକ କ୍ଷମତା ହୁଏତ ଏକାବେଳେକେ ଭୁଷୁଡ଼ି ପଡ଼ିବ ବୋଲି ନେତାମାନେ ଭୟ କରୁଛନ୍ତି । ସେମାନେ ସେଇଥିଲାଗି ମଣିଷର ବାଟକୁ ଓଗାଳି ବସିଛନ୍ତି ।

୮ । ୫ । ୮୦

ବାହାରେ ଏମାନଙ୍କର କେତେ କେତେ ଗୁଣ, କିନ୍ତୁ ଭିତରେ ଖାଲି ଲଙ୍ଗଡ଼ାଗୁଡ଼ାକ ଜକା ହୋଇ ରହିଥିବା ପରି ଦେଖାଯାଉଛି । ସମ୍ଭ୍ରମଗୁଡ଼ାକୁ ସତେଅବା ପୁଚ୍ଛ ପରି ଟେକିଧରି ବାହାରେ ଏମାନେ କେତେ ଅଳୀକ ମୂଳକ ସହିତ ନାଚି ପାରୁଛନ୍ତି, ତଥାପି ଭିତରେ ଏମାନେ ହୁଏତ ମୋଟେ କାହାରିପାଇଁ ବଞ୍ଚୁନାହାନ୍ତି । ଉପରେ କେତେବଡ଼ କଥାମାନ କହି ପାରୁଛନ୍ତି, ଅଥଚ ଭିତରେ କୌଣସି ବାଟରେ ଏମାନଙ୍କର ପାଦ ପଡ଼ୁନାହିଁ । କେତେ ବଡ଼ ଆସନମାନ ବାଛି ଏମାନେ କେବଳ ତାହାରି ଉପରେ ଯାଇ ବସୁଛନ୍ତି, ମାତ୍ର ଭିତରେ ଏମାନଙ୍କର ଜୀବନରେ ଆଦୌ କାହାରିଲାଗି ଆସନ ସଜଡ଼ା ହେଇନାହିଁ ବା ଆଦୌ କାହାରି ବରଣ ହୋଇ ପାରିନାହିଁ । ଏମାନେ କାହାଲାଗି କ'ଣ କରି ପାରିଥାନ୍ତେ ? କନଥାଁ ନଥିଲେ ମଧ୍ଯ ଯେଉଁମାନେ ଜୀବନଟାଯାକ ଖାଲି ବରବେଶ ସାଜିବାରେ ବ୍ୟସ୍ତ ହୋଇ ରହିଲେ ସେମାନେ ଏହାଠାରୁ ଆଉ ଅଧିକା କ'ଣ ହୋଇ ପାରିଥାନ୍ତେ ? ଏମାନେ ସମସ୍ତେ ଆମ ସ୍ୱାଧୀନ ଭାରତବର୍ଷକୁ ଭୋଗିଲେ, ଆମ ସମସ୍ତଙ୍କୁ ଭୋଗିଲେ । ଭୋଗରେ ଭ୍ରଷ୍ଟା ହେଲେ, ଭୋଗ ଲାଗି ମୁଖା ପିନ୍ଧି ରହିଲେ, ଶୂନ୍ୟ ଓ ଉଗ୍ର ହୋଇ ରହିଲେ ।

୯ । ୪ । ୮୦

ଏମାନେ ସମସ୍ତେ ଭାବୁଛନ୍ତି, ସେମାନଙ୍କର ସବୁକିଛି ଏତିକି ଭିତରେ ହିଁ ସୀମାବଦ୍ଧ ରହିଛି ଓ ତାହା ଏହି ଗୋଟିଏ ସଂସାରର ପରିଧି ଭିତରେ ସରିଯିବ । ଏମାନେ, ଯେଉଁମାନେ କ୍ଷମତାରେ ଅଛନ୍ତି, ସେମାନେ ସତେଅବା ସେହିପରି ବିଶ୍ୱାସ କରୁଛନ୍ତି ଓ ଏହି ଗୋଟାଏ ମଉକାରେ ସେମାନେ ଯେପରି ଯଥାସମ୍ଭବ ଅଧିକ ହାସଲ କରିପାରିବେ, ସତେଅବା ସେଇଥିଲାଗି ବ୍ୟସ୍ତ ଓ ଉନ୍ମାଦଗ୍ରସ୍ତ ହୋଇ ରହିଛନ୍ତି । ସେମାନେ ଅଧିକରୁ ଅଧିକ କ୍ଷମତା ଲୋଡ଼ୁଛନ୍ତି, ଅଧିକରୁ ଅଧିକ ପଇସା ଲୋଡ଼ୁଛନ୍ତି, ଅଧିକରୁ ଅଧିକ ଯଶ ଲୋଡ଼ୁଛନ୍ତି, ଏବଂ ଭାରି ବ୍ୟାକୁଳ ଭାବରେ ଏହି ସବୁକିଛି ଲାଗି ଅଧିକରୁ ଅଧିକ ସ୍ୱୀକୃତି ମଧ୍ୟ ଲୋଡ଼ୁଛନ୍ତି । ସେମାନଙ୍କୁ କିଏ ବିଶ୍ୱାସ ଦେଇ କହିଦେଇ ପାରିବ ଯେ, ଏହି ଗୋଟିଏ ଜୀବନରେ କଦାପି ସବୁ ଶେଷ ହୋଇ ଯିବନାହିଁ ? ଆମର ଗୋଟିଏ ଜୀବନ ଯେ ପରବର୍ତ୍ତୀ ଜୀବନ ଲାଗି ଏକ ସେତୁପରି କାର୍ଯ୍ୟ କରେ, ସେକଥା ସେମାନଙ୍କୁ କିଏ ବୁଝାଇ କରି କହିପାରିବ ? ଜୀବନର ଅସଲ ବିଶ୍ୱସତିକୁ ନିଜକୁ ହିଁ ଅର୍ଜନ କରିବାକୁ ହୁଏ । ନିଜେ ନିଜର ଅସଲ ଦ୍ୱାରଟିକୁ ଖୋଲି ନପାରିଲେ ସେହି ବିଶ୍ୱାସ କଦାପି ସମ୍ଭବ ହୁଏନାହିଁ । ଏବଂ ଏଠି ଯଥାର୍ଥ ଭୂମିରେ ଭଲ ନପାଇଲେ କୌଣସି ଦ୍ୱାର ଖୋଲିବା ସମ୍ଭବ ହୋଇ ପାରେନାହିଁ । ଆମେ ସବୁଯାକ ମଣିଷ ଭଲ ପାଇବା ନାଆଁରେ ସଂସାରଟାକୁ ଯାଉଛୁ

ଆଣି ନିଜଭିତରେ ପୂରାଇବାକୁ ହିଁ ଚେଷ୍ଟା କରୁଥାଉ । ଭଲ ପାଇବା କହିଲେ ଯେ ନିଜକୁ ଦେଇଦେବାକୁ ବୁଝାଏ ପ୍ରସାରିତ କରିଦେବାକୁ ହୁଏ, ଆପଣାକୁ କେତେ-ହେଲେ ପ୍ରସାରିତ କରିଦେବାକୁ ମନ ନକରିଥିବା ଏହି ଅତ୍ୟନ୍ତ ପ୍ରେମୀମାନଙ୍କୁ ସେକଥା କିଏ ବୁଝାଇ କହିବ, କିଏ ସେମାନଙ୍କୁ ସାଙ୍ଗରେ ଆଣିବାକୁ ସମର୍ଥ ହେବ ?

୧୦।୫।୮୦

ଆର୍ଥିକ ଦାରିଦ୍ର୍ୟ ଦୂର ହୋଇଗଲେ ମନୁଷ୍ୟଜୀବନର ସର୍ବବିଧ ଦାରିଦ୍ର୍ୟ ଦୂର ହୋଇ ଯିବନାହିଁ ବୋଲି ତଥାପି ଯେ ଏହି ପୃଥିବୀରେ ଅଧିକାଂଶ ମଣିଷଙ୍କୁ ଦରିଦ୍ର ରଖି ନାନା ଅବହେଳା ପ୍ରଦର୍ଶନ କରାଯାଉଥିବ, ଅଳ୍ପ କେତେଜଣ ସମ୍ପନ୍ନଙ୍କର ଉପେକ୍ଷା ଦ୍ୱାରା ଅନେକ ମଣିଷଙ୍କୁ ଅପମାନିତ ଓ ଆହତ କରାଯିବାରେ ଲାଗିଥିବ, ସେକଥା ମୋ'ମନକୁ ଆଦୌ ପାଉନାହିଁ । ଏହିଭଳି କଥା ପୃଥିବୀର ଅଧିକାଂଶ ଧର୍ମରେ କୁହାଯାଇଛି ଓ ସେହି ଧର୍ମର ମହନ୍ତଗୁଡ଼ାକୁ କେବଳ ଧନବାନ ମାନେ ହିଁ ପୂଜାବୂଜା ଦେଇ ଗଢ଼ିଛନ୍ତି । ପ୍ରାୟ ସେହିମାନେ ହିଁ ଶାସ୍ତ୍ରଗୁଡ଼ାକୁ ଅଧିକାର କରି ରହିଛନ୍ତି ଓ ଆପଣାର ସ୍ଥିତିଗୁଡ଼ିକୁ ବଜାୟ ରଖିବାଲାଗି ଅଧିକାଂଶ ସ୍ଥଳରେ ଶାସ୍ତ୍ରଗୁଡ଼ିକର ଅନୁକୂଳ ବ୍ୟାଖ୍ୟା ମଧ୍ୟ କରିଛନ୍ତି । ମୁଁ ତ ହୁଏତ ଓଲଟା କହିବି ଯେ, ମଣିଷର ଅତ୍ୟାବଶ୍ୟକ ପ୍ରୟୋଜନଗୁଡ଼ିକ ମେଣ୍ଟିଲେ ଏବଂ ପ୍ରତ୍ୟେକ ମଣିଷ ଆପଣାକୁ ମଣିଷପରି ଅନୁଭବ କରିବାକୁ ଆରମ୍ଭ କଲେ ଯାଇ ମଣିଷ ହୁଏତ ବୁଝିବାକୁ ସମର୍ଥ ହେବ ଯେ ଆର୍ଥିକ ଦାରିଦ୍ର୍ୟ ଘୁଞ୍ଚିଗଲେ କଦାପି ସର୍ବବିଧ ଦାରିଦ୍ର୍ୟର ନିରାକରଣ ହେବନାହିଁ,ଧର୍ମର କଥା କହି ମଣିଷକୁ କଦାପି ସବୁଦିନ ସକାଶେ ଶୀତଳ କରି ରଖାଯାଇ ପାରିବନାହିଁ ।

୧୧।୫।୮୦

ଆପଣାକୁ କେନ୍ଦ୍ର କରି ଯେଉଁମାନେ ସଂସାରଯାକ ଉପରେ ଘୋଡ଼ା ଚଢ଼ି ବୁଲିବାରେ ଲାଗିଥାନ୍ତି; ସେମାନଙ୍କ ସହିତ ମୁଁ ନାହିଁ । ଯେଉଁମାନେ ଆପଣାର ଯଶ, ଧନ, ରୂପ, କାନ୍ତି ବା ଆହୁରି କେତେ କ'ଣ ବଢ଼ିବ ବୋଲି ସଂସାରଟାକୁ କାମରେ ଲଗାଉଥାନ୍ତି, ସେମାନଙ୍କ ସହିତ ମୁଁ ନାହିଁ । ଯେଉଁମାନେ ଆପଣାକୁ ନେଇ ସବାଉଚ୍ଚ ଜାଗାରେ ରଖିବେ ବୋଲି ରାଜନୀତି କରୁଥାନ୍ତି, ସେମାନଙ୍କ ସହିତ ମୁଁ ନାହିଁ । ଯେଉଁମାନେ ପୁଣ୍ୟ ଅର୍ଜିବେ, ମୁକ୍ତି ପାଇବେ ଓ ସ୍ୱର୍ଗରେ ବସିବେ ବୋଲି ଧର୍ମର ଆଚରଣ କରନ୍ତି, ସେମାନଙ୍କ ସହିତ ମୁଁ ମୋଟେ ନାହିଁ । ମାତ୍ର, ସେମାନଙ୍କୁ ଛାଡ଼ିଦେଲେ ମୁଁ ସଂସାର ଭିତରେ ଅଛି, ରାଜନୀତିରେ ଅଛି, ଧର୍ମରେ ଅଛି, ସବୁକିଛି ମଧ୍ୟରେ ରହିଛି । ମୁଁ ମୋ' ବାଟକୁ ବାଛି ନେଇଛି । ଏବଂ ସେହି ବାଛିବାକୁ ହିଁ ସାମ୍ପ୍ରତିକ ଜୀବନ ଏବଂ ସାମ୍ପ୍ରତିକ ଅଙ୍ଗୀକାରର ସର୍ବପ୍ରଥମ କଥା

ବୋଲି ଜାଣିଛୁ । ଏଗୁଡ଼ାକୁ ଛାଡ଼ି ଯେଉଁମାନେ ସଂସ୍କୃତ କରି ବୁଲନ୍ତି, ମୁଁ ସେମାନଙ୍କୁ ଆଦୌ କିଛି କହୁନାହିଁ ସତ, ମାତ୍ର ସେମାନଙ୍କ ସହିତ ଯେ ମୁଁ ନାହିଁ, ମୋ'ର ପ୍ରତ୍ୟେକ ପଦକ୍ଷେପରେ ମୁଁ ସେହି ବିଷୟରେ ଅତି ସ୍ପଷ୍ଟ ହୋଇ ରହିଥିବି ।

୧୨ । ୫ । ୮୦

ଯେଉଁମାନେ ପଇସା ପାଖରେ ଆପଣାର ଜୀବନଟାକୁ ବିକି ଦେଇଥାନ୍ତି, ଭଗବାନ ସେମାନଙ୍କ ସହିତ ସେମାନଙ୍କର ଆପଣା ବାଟରେ କାରବାର କରନ୍ତି । ଭଗବାନ ସେମାନଙ୍କୁ ପଇସା ଉପରେ ପଇସା ଦେଉଥାନ୍ତି । ଗାତ ପରେ ଗାତ ପୂରି ପୂରି ଯାଉଥାଏ, ମାତ୍ର ଗାତଗୁଡ଼ାକ ପୂରିବାରେ ଲାଗିଥିବା ସଙ୍ଗେ ସଙ୍ଗେ ତେଣେ ଭିତରର ଗାତଗୁଡ଼ାକ ଅର୍ଥାତ୍ ଅଭାବଗୁଡ଼ାକ ଆହୁରି ଅଧିକ ପୋଲ ହେବାରେ ଲାଗିଥାଏ । ବାହାରେ ପାଞ୍ଚ ହାତ ପଚାଶ ଅର୍ଣ୍ଣିକୁ ପୂରାଇ ପଇସା ରୋଜଗାର କରୁଥିବା ମଣିଷ ଆପଣାକୁ ତଥାପି ଅକିଞ୍ଚନ ଓ ଅଲପ ବୋଲି ଅନୁଭବ କରୁଥାଏ, ଏତେ ପାଇକରି ସେ ଆପଣାକୁ ତଥାପି ଅରକ୍ଷିତ ପରି ଅନୁଭବ କରୁ-ଥାଏ ଓ ଆହୁରି ପଇସା ହେଲେ ସିଏ ଆପଣାକୁ ସୁରକ୍ଷିତ କରି ରଖିପାରିବ ବୋଲି ଭ୍ରମ କରିବାରେ ଲାଗିଥାଏ । ପୁରାଣର ମହିଷାସୁର ବା ମହାରାବଣମାନେ ଏହିଭଳି ଫାନ୍ଦରେ ପଡ଼ି ଯାଇଥିଲେ । ସେମାନେ ଅଧିକ କ୍ଷମତା ଚାହୁଁଥିଲେ, ଅଧିକ କ୍ଷମତା ହିଁ ସେମାନଙ୍କୁ ଅଧିକ ସୁରକ୍ଷା ଦେଇପାରିବ ବୋଲି ଭ୍ରମରେ ପଡ଼ୁଥିଲେ ଓ ସେହି ଭ୍ରମରେ ପ୍ରଚଣ୍ଡରୁ ପ୍ରଚଣ୍ଡ ହୋଇ ଘୋର ତପସ୍ୟା କରୁଥିଲେ । ଆମର ଏହି କାଳରେ ବି ଯେଉଁମାନେ ପଇସାଦ୍ୱାରା ନିଜର ଗାତଗୁଡ଼ାକୁ ଅର୍ଥାତ୍ ଖାଲିଗୁଡ଼ାକୁ ପୂରଣ କରିବାର ଫାନ୍ଦରେ ପଡ଼ିଥାନ୍ତି, ସେମାନେ ବି କମ୍ ଉପଃଶାନ୍ତ ହୋଇ ରହିନଥାନ୍ତି, କମ୍ ସନ୍ତାପ ପାଇନଥାନ୍ତି । ମାତ୍ର ସେମାନେ କେବଳ ନିଜପାଇଁ ଭଗବାନଙ୍କୁ ଖୋଜୁଥାନ୍ତି । ତେଣୁ ନିଜର ଗାତଗୁଡ଼ାକୁ ହିଁ ଅଧିକରୁ ଅଧିକ ବୈଦୂର୍ଯ୍ୟମୟ ଓ ଐଶ୍ୱର୍ଯ୍ୟପୂର୍ଣ୍ଣ କରି ଦେଖୁ ଦେଖୁ ବୁଢ଼ା ହୁଅନ୍ତି । ଗାତ-ଗୁଡ଼ାକ ଗାତ ହୋଇ ରହିଥାଏ, ଜୀବନ ବୁଢ଼ା ହୋଇଯାଏ । ସମର୍ପଣର ଅଯୋଗ୍ୟ ହୋଇ ରହିଥାଏ । ଜୀବନରେ ସକଳ ପ୍ରକାର ଭେଟ ଅସମ୍ଭବ ହୋଇ ରହିଥାଏ ।

୧୩ । ୫ । ୮୦

ସଂସାରର ବିକୃତ ଭିତରୁ ପଳାଇ ଯିବାଲାଗି ଅନେକ ସମୟରେ ଲୋକେ ଯେଉଁ ସଂସ୍କୃତ ଭିତରେ ଆଶ୍ରୟ ଗ୍ରହଣ କରନ୍ତି, ସେହି ସଂସ୍କୃତ ମଧ୍ୟ ସେମାନଙ୍କର ସମଗ୍ର ଜୀବଟି ଉପରେ ଏକ ବିକୃତ ପରି କାର୍ଯ୍ୟ କରୁଥାଏ । ଅସୁନ୍ଦର ପାଖରୁ

ପଳାଇବା ଉଦ୍ଦେଶ୍ୟରେ କେତେକ ଲୋକ ଯେଉଁ ତଥାକଥିତ ସୁନ୍ଦର ଉପାସନା କରିବାକୁ ବ୍ୟାକୁଳ ହୁଅନ୍ତି, ସେହି ସୁନ୍ଦର ସେମାନଙ୍କର ସମଗ୍ର ଜୀବନର ଭୂମିଟି ଉପରେ ଏକ ଅତ୍ୟନ୍ତ ଅସୁନ୍ଦର ଆବରଣ ପରି କାର୍ଯ୍ୟ କରୁଥାଏ । ଅଧର୍ମ ଓ ଅନିତ୍ୟତା ଦ୍ୱାରା ପୀଡ଼ିତ ଏହି ସଂସାର ଭିତରୁ ପଳାଇଯିବା ଉଦ୍ଦେଶ୍ୟରେ ଅନେକ ମଣିଷ ଯେଉଁ ତଥାକଥିତ ଧର୍ମର ଶରଣ ନିଅନ୍ତି, ସେହି ଧର୍ମ ସେମାନଙ୍କୁ ପ୍ରାୟ ଗୋଟାସୁଦ୍ଧା ଗିଳି ପକାଏ, ସେହି ଧର୍ମ ଅଫିମ ପରି କାର୍ଯ୍ୟ କରେ, ସେହି ଧର୍ମ ସଂସାର ଏବଂ ସ୍ୱର୍ଗ ଭିତରେ ଗୋଟାଏ ଅଲଂଘ୍ୟ ପ୍ରାଚୀର ସୃଷ୍ଟି କରି ରଖେ, ଅର୍ଥାତ୍ ମଣିଷକୁ ତା'ର ନିଜ ଭିତରେ ମଧ୍ୟ ଦୁଇଭାଗରେ ବିଭକ୍ତ କରି ରଖେ । ଭଗବାନ କହିଲେ ସେତେବେଳେ କେତେଟା ଜଣେ ବା ଠାକୁରଙ୍କୁ ବୁଝାଏ ଏବଂ ଆଚରଣ କହିଲେ କେତେଟା ନିୟମ ମାନିବାକୁ ହିଁ ବୁଝାଏ ।

୧୪ । ୫ । ୮୦

ଆମେ ଯଦି ନୀରବ ହୋଇ ପାରିଥିବା, ଆମେ ଯଦି ଆପଣା ଭିତରେ ଆପଣାର ଯଥାର୍ଥ ବନ୍ଧୁ ହୋଇ ପାରିଥିବା, ତେବେ ଆଜିର ଏହି ସକାଳଟିର ଅନ୍ତର ଭିତରକୁ ଅନାଇଦେବା ମାତ୍ରକେ ହିଁ ଆମର ପୂର୍ଣ୍ଣ ପ୍ରତ୍ୟୟ ହୋଇଯିବ ଯେ ଅନ୍ତର ସହିତ ବାହାରର ଓ ବାହାର ସହିତ ଅନ୍ତରର କେତେକେତେ ଖିଅ କେତେ କୁଆଡ଼କୁ ଲାଗି ରହିଛି । ବିଚ୍ଛିନ୍ନତା ବୋଲି ପ୍ରକୃତରେ କୌଣସି ବସ୍ତୁ ହିଁ ନାହିଁ । ଏହି ଜଗତରେ ଆମେ ସମସ୍ତଙ୍କ ସହିତ ଗଣ୍ଠା ହୋଇ ରହିଛୁ । ନାନା କାରଣରୁ ଆମର ନିଜ ସହିତ ନାନା ବିବାଦ ଲାଗେ ବୋଲି, ଅର୍ଥାତ୍ ଆମର ଭିତରର କୌଣସି ଏକ ବିଶେଷ ଉପାଦାନ ଯେତେବେଳେ ଅନ୍ୟ ଯାବତୀୟ ଉପାଦାନ ବିରୁଦ୍ଧରେ ବିଦ୍ରୋହ କରିଉଠେ, ଏକା ଅଧିପତି ହୋଇ ରହିବାକୁ ଇଚ୍ଛା କରେ, ହୁଏତ ସେତିକିବେଳେ ତାହାରି ଆଳରେ ଆମର ଅସଲ ଖିଅଗୁଡ଼ାକ ଗୋଟିଗୋଟି ହୋଇ ଛିଡ଼ିଯାଏ । ଅଧୀଶ୍ୱର ହେବାର ଉତ୍ତେଜନା ଆମକୁ ପରିଶେଷରେ ଏପରି ଏକ ଶୋଚନୀୟ ସ୍ଥିତିରେ ଆଣି ପକାଏ ଯେ, ସେତେବେଳେ ଆମେ ସମସ୍ତଙ୍କ ଠାରୁ ବିଚ୍ଛିନ୍ନ ହୋଇ ରହିବାର ଦୁର୍ଭାଗ୍ୟଟିକୁ ଭୋଗ କରିବାକୁ ବାଧ୍ୟ ହେଉ ।

୧୫ । ୫ । ୮୦

ମରିବା ସମୟରେ ମଧ୍ୟ ଆମେ ଏହି ସୁନ୍ଦର ସଂସାରକୁ ଦେଖୁ ଦେଖୁ ମରିବା । ଏହି ସଂସାର ଯେ ମୋଟେ ଅନିତ୍ୟ ନୁହେଁ, ଏଠି ଯେ ଆମର ଏକ ଘର ରହିଛି, ଅନେକ ଚେର ରହିଛି, ଏହି ସଂସାରରେ ଆମର ଯେ ଏକ ଇତିହାସ ରହିଛି, କେତେ ଖିଅ କେତେଆଡ଼କୁ ଲାଗିଛି, ଆମକୁ କେତେ ସ୍ପର୍ଶରେ ଏଠି ଧନ୍ୟ କରି ରଖିଛି, ଆମେ ମରିବା ସମୟରେ ସେସବୁ ଅନୁଭବ କରିବାକୁ ସମର୍ଥ

ହେବା । ଏଇଠି ଅସଲ କୃତଜ୍ଞତା । ସବୁ ପାଇଥିବାର କୃତଜ୍ଞତା । ଏହାପରେ ମୁଁ ଯେଉଁଠାକୁ ଯିବି, ସେଠାରେ ମଧ୍ୟ ମୋ'ର ଗୋଟିଏ ଘର ରହିଛି, ମୋ'ର ଅନେକ ଡେରା ରହିଛି, ଏହିପରି ଏକ ସ୍ୱାଭାବିକ ବିଶ୍ୱାସଜନିତ କୃତଜ୍ଞତା । ଏହି କୃତଜ୍ଞତା ଦେହର ଯାବତୀୟ ଯନ୍ତ୍ରଣାକୁ କୁଆଡ଼େ ଦୂର କରିଦେବ । ମୃତ୍ୟୁ ପାଖରେ ଅସଲ ପରୀକ୍ଷା ହୋଇଯିବ । ମୋ' ମୁହଁର ହସଟା ହିଁ କହିବ । ମୋତେ ଯିଏ ଯେତେ ଭୟ ଦେଖାଇବାକୁ ଆସୁଥିଲେ ମଧ୍ୟ ମୁଁ ଡରିନାହିଁ, ମୋ'ର ଡ଼ୋରଗୁଡ଼ାକୁ ଯେତେ ଯିଏ କାଟିଦେବାକୁ ଆସୁଥିଲେ ମଧ୍ୟ ସେଗୁଡ଼ାକ ତଥାପି ଟାଣ ହୋଇ ରହିଛି, — ତାହାର ବଳିଷ୍ଠ ଘୋଷଣା ସମ୍ଭବ ହେବ । ମୁଁ ଜୀବନରେ ଯଥାର୍ଥରେ କ'ଣସବୁ ପାଇଛି, ସ୍ମରଣ ସମୟରେ ମୋ' ମୁହଁ ଉପରର ହସରୁ ତାହାହିଁ ଅତ୍ୟନ୍ତ ସ୍ୱାଭାବିକ ଭାବରେ ଜଣାପଡ଼ି ଯାଉଥିବ । ମୋ' ଅଶ୍ରୁ ଭିତରେ ମୁଁ ସେତେବେଳେ ମୋ'ର ଚିହ୍ନା ସବୁଯାକ ମୁହଁର ପ୍ରତିବିମ୍ବକୁ ଦେଖିବାକୁ ପାଉଥିବି । ସେହି ଅଶ୍ରୁ ଦୁଃଖର ଅଶ୍ରୁ ନୁହେଁ, ଆତ୍ମୀୟତାର ।

୧୭ । ୫ । ୮୦

ସ୍ମୃତିଗୁଡ଼ାକ କେବଳ ପଛକୁ ନୁହେଁ, ସ୍ମୃତିଗୁଡ଼ାକ ଅଗକୁ ବି । ଯେତେବେଳେ ସ୍ମୃତି ସହିତ ଏକ ସ୍ୱପ୍ନ, ଏକ ମହାନ୍ ଲକ୍ଷ୍ୟ ଏବଂ ସମ୍ଭାବନା ସଂଯୁକ୍ତ ହୋଇ ରହିଥାଏ, ସେତେବେଳେ ସ୍ମୃତିର ସ୍ମରଣ କରୁ କରୁ କେବଳ ପଛକୁ ଯିବାକୁ ପଡ଼େନାହିଁ । ଭବିଷ୍ୟତଟି ସତେଅବା ତା'ସହିତ ଏକାଠି ବାନ୍ଧି-ହୋଇ ରହିଥିବା ପରି ମନେ ହେଉଥାଏ । ଏବଂ, ସେହି ଭବିଷ୍ୟତ ଭଲ ଲାଗେ ବୋଲି ଅତୀତର ସ୍ମୃତି ମଧ୍ୟ ଭଲ ଲାଗେ, ଭବିଷ୍ୟ ଟାଣୁଥାଏ ବୋଲି ଅତୀତ ମଧ୍ୟ ଟାଣିବାରେ ଲାଗିଥାଏ । ଭବିଷ୍ୟତକୁ ଦେଖି ଡର ମାଡ଼େନାହିଁ ବୋଲି ଅତୀତ ଏପରି ମନୋହର ମନେ ହୋଇଥାଏ । ଭବିଷ୍ୟତ ପାଖରେ ଏକ ସମର୍ପଣ ସମ୍ଭବ ହୋଇଥାଏ ବୋଲି ଅତୀତର ଯାବତୀୟ ସ୍ମୃତି ଭିତରକୁ ପ୍ରବେଶ କରି ନିଜକୁ ସବୁବେଳେ କେଡ଼େ ବିଶ୍ୱାସ ବି ଲାଗୁଥାଏ । ସ୍ନେହ, ସୁଖ, ସଙ୍ଗ — ଏଗୁଡାକ କେବଳ ଅତୀତର ନୁହେଁ, ଏଗୁଡ଼ାକ ଭବିଷ୍ୟ ମଧ୍ୟରେ ଥିବା ଏକ ସମଗ୍ର ସ୍ୱପ୍ନର ଅନ୍ତର୍ଗତ, ଭବିଷ୍ୟଲାଗି ଯଥାର୍ଥ ଅନୁରାଗର ଯୋଗ୍ୟ ହୋଇ ପାରିବା ନିମନ୍ତେ ତାହା ଗୋଟିଏ ଗୋଟିଏ ସୋପାନ । ଏହି ସୋପାନଗୁଡ଼ିକୁ ମୁଁ କେବେ ଅସ୍ୱୀକାର କରିନାହିଁ । ମୁଁ ଏଗୁଡ଼ିକୁ ସବୁଗୁଡ଼ିକୁ ଏକାଠି ସମ୍ଭାରି ରଖି ଭବିଷ୍ୟତକୁ ମନ କରିଛି, ବର୍ତ୍ତମାନକୁ ଆବିଷ୍କାର କରିଛି, ଜୀବନକୁ ବି ଭଲ ପାଇଛି ।

୧୭ । ୫ । ୮୦

ଏହି ସଂସାରରେ ନିନ୍ଦା ପ୍ରଶଂସା କିଛି ନାହିଁ । କେବଳ ନିଜନିଜର ଦୃଷ୍ଟି-କୋଣଟା ରହିଛି । ସେହି ଦୃଷ୍ଟିକୋଣରେ ହିଁ ପାର୍ଥକ୍ୟ ହୋଇଥାଏ । ସେହି

ପାର୍ଥକ୍ୟକୁ ଅନେକେ ସହି ପାରନ୍ତିନାହିଁ, ଅର୍ଥାତ୍ ସ୍ୱାଭାବିକ ବୋଲି ଗ୍ରହଣ କରି ପାରନ୍ତିନାହିଁ । ସେଇଥିରୁ ଈର୍ଷା ଆରମ୍ଭ ହୁଏ, ଆପଣା ଭିତରର ଯାବତୀୟ ସମୀଚୀନତା ଭାରି ନିର୍ମମ ଭାବରେ ଦୂଷିତ ହୋଇଯାଏ, ଦୃଷ୍ଟି ଦୃଷ୍ଟି ଭିତରେ ରହିଥିବା ଅଦୃଶ୍ୟ ପରିପୂରକତାଟି ଆଉ ମୋଟେ ଅନୁଭବ କରି ହୁଏନାହିଁ । ମଣିଷମାନେ ତଦ୍ୱାରା ଖାଲି ଯେ ଏକଆଖିଆ ହୋଇଯାଆନ୍ତି କେବଳ ନୁହେଁ, ଅନେକ ସମୟରେ ସେମାନେ ଭାରି ଏକଗୁଣିଆ ହୋଇ ପଡ଼ନ୍ତି । ଆପଣାର ଗୋଟାଏ ଦୃଷ୍ଟିକୋଣକୁ ଆହୁରି ଶାଣିତ ଅର୍ଥାତ୍ ଆହୁରି ସଙ୍କୀର୍ଣ୍ଣ କରି ସେତେବେଳେ ପୃଥିବୀଟାଯାକର ସବୁ ଗଢ଼ାକୁ କାଟି ଆସିବାକୁ ଭାରି ମନ ହୁଏ । ସେଇଥିରେ ଶକ୍ତି ସରେ, ଉତ୍ସାହଗୁଡ଼ାକ ବି ସରେ । ଅନେକ ସମୟରେ ଏହାରି ସକାଶେ ନିଜର ପ୍ରାପ୍ତ ସବୁ ବାଟଚଲା ଏବଂ ସବୁ ବନ୍ଧୁଦେଖା ବନ୍ଦ ହୋଇଯାଏ । ଏହି ଧରିତ୍ରୀ ଭିତରେ ଖାଲି ଶତ୍ରୁମାନେ ଦିଶନ୍ତି, ଖାଲି ସପତ୍ନୀମାନେ ଦିଶନ୍ତି ।

୧୮ । ୫ । ୮୦

ବଞ୍ଚିରହିବା ଲାଗି ଏହି ସଂସାରରେ ଅନେକ କିଛି ସାଧନସାମଗ୍ରୀ ରହିଛି । ମାତ୍ର, ସେହିସବୁ ବିରକ୍ତିକରତା ରହିଥିଲେ ମଧ୍ୟ ତଥାପି ନିଜଭିତରେ ଜୀବନପ୍ରତି ଅସଲ ଶ୍ରଦ୍ଧାଟିକୁ ସଂଜୀବିତ କରି ରଖି ତାହାଦ୍ୱାରା ଅଶ୍ରଦ୍ଧା ଏବଂ ଅମିଳର ସମ୍ମୁଖୀନ ହେବାଲାଗି ପ୍ରକୃତରେ ଭିତରେ କେତେ ବିଶ୍ୱାସ ରହିଥିବା ଦରକାର ! ଅନ୍ୟମାନେ ଏହି ବିଶ୍ୱାସକୁ ହୁଏତ ଧୈର୍ଯ୍ୟ ବୋଲି କହିବେ, ମୁଁ ସେହି ଧୈର୍ଯ୍ୟକୁ ବିଶ୍ୱାସ ବୋଲି କହିବି । ସେହି ବିଶ୍ୱାସଟି ବଳରେ ହିଁ ଆମେ ସଂସାରଟା ଯାକକୁ ସତେଅବା ଏକ ବନ୍ଧୁଘର ବୋଲି ଅନୁଭବ କରିବାକୁ ସମର୍ଥ ହେବା । ତା' ନହେଲେ, ଅନ୍ୟମାନଙ୍କ ଭିତରେ ନିଜର ଶତ୍ରୁମାନଙ୍କର ସନ୍ଧାନ କରୁ କରୁ ଶେଷରେ ଆମେ ନିଜ ଭିତରେ ହିଁ ବନ୍ଧୁ ଓ ଶତ୍ରୁ, ଏହିପରି ଦୁଇଭାଗରେ ବିଭକ୍ତ ହୋଇ ବସିବା ଏବଂ ତାପରେ କେବଳ ବିନାଶର ହିଁ ଗୋଟାଏ ଗୋଟାଏ ନିମିତ୍ତ ବନି ରହିବା । ଅପର ପ୍ରତ୍ୟେକ ମଣିଷ ଭିତରେ ଏପରି ଏକ ସୂତ୍ର ରହିଛି, ଯାହାକି ମୋ' ସହିତ ବି ଲାଗିଛି, ବର୍ତ୍ତମାନର ଯାବତୀୟ ବିରକ୍ତିକରତା ଓ ଅଶ୍ରଦ୍ଧା ଭିତରେ ତଥାପି ଏଭଳି ଗୋଟିଏ ସୂତ୍ର ରହିଛି, ଯାହାକି ସତେଅବା ଶ୍ରଦ୍ଧାର ଓ ଆକାଙ୍କ୍ଷାର ଏକ ସେତୁପରି ହୋଇ ଭବିଷ୍ୟ ସହିତ ଲାଗିଛି । ଏତିକି ଆବିଷ୍କାର କରିପାରିଲେ, ତେବେଯାଇ ମୁକ୍ତି ମିଳିବ, ତେବେଯାଇ ଉତ୍ତେଜନା ଯିବ, ଅଶ୍ରଦ୍ଧାଗୁଡ଼ାକ କ୍ରମେ ବଶ ହୋଇ ଆସିବେ ।

୧୯ । ୫ । ୮୦

ଭିତରେ କୋଉଠି ଗୋଟାଏ କ'ଣ ଥାଏ, ଯିଏକି ସବୁ କଥାରେ ବାହାଦୁରି ନେବାକୁ ଇଚ୍ଛା କରୁଥାଏ । ଅପଣାର ଶ୍ରେଷ୍ଠ ସଂସାରଟିଏ ତିଆରି କରି

ଓ ଗୃହପାଖରେ ହୁଡ଼ ବୁଲାଇଦେଇ ସିଏ ତା' ଭିତରେ ବାଦଶାହ ହୋଇ ବସିବାକୁ ଇଚ୍ଛା କରୁଥାଏ । ବାରବାର ଅପଦସ୍ଥ ହେଉଥାଏ, ତଥାପି ଇଚ୍ଛା କରୁଥାଏ । ଉଚ୍ଚ ହୋଇ ବସିବାକୁ ଇଚ୍ଛା କରୁଥାଏ । ଉଚ୍ଚ ହୋଇ ଦିଶିବ ବୋଲି ସିଏ କେତେ କ'ଣ ଆଣି ଗଦା କରୁଥାଏ, ଭଲ ହୋଇ ଦିଶିବ ବୋଲି ଆପଣାକୁ କେତେ ପ୍ରକାରେ ମୁଖା ପିନ୍ଧାଇ ରଖିବାକୁ ମନ କରୁଥାଏ, ବଡ଼ ଓ ସମ୍ମାନାସ୍ପଦ ହୋଇ ଦିଶିବ ବୋଲି ଆପଣାକୁ କେତେପ୍ରକାରେ କୃତ୍ରିମ କରିବାରେ ଲାଗିଥାଏ । କିନ୍ତୁ ନିଜ ପାଖରେ କେବଳ ହାସ୍ୟାସ୍ପଦ ହେବାହିଁ ସାର ହୁଏ । କାରଣ ଯେଉଁ ଭିତରେ ରହି ଆଉ ଗୋଟାଏ ଏପରି ଜଣେ ବି ଛଟପଟ ହେଉଥାଏ,ଯିଏକି ମୋଟେ ଅଧିଶ୍ୱର ହେବାକୁ ଇଚ୍ଛା କରୁନଥାଏ । ସିଏ ବନ୍ଧୁ ହେବାକୁ ଚାହୁଁଥାଏ, ବାଟୋଇ ହୋଇ ବାହାରିବାକୁ ଚାହୁଁଥାଏ; ସିଏ ଆଉକାହା ଲାଗି ବଞ୍ଚିବାକୁ ଚାହୁଁଥାଏ, ଭଲ ପାଇବାକୁ ଅର୍ଥାତ୍ ଦ୍ୱାର ଖୋଲିଦେବାକୁ ଚାହୁଁଥାଏ । ତାକୁ ମୁଖାଗୁଡ଼ାକ ଲଜ୍ଜାଜନକ ବୋଧ ହେଉଥାଏ । ଦମ୍ଭଗୁଡ଼ାକ ବାଡ଼ ପରି ମନେ ହେଉଥାଏ । ଦୁହିଁଙ୍କ ଭିତରେ ବେଶ୍ ଏକ ଯୁଦ୍ଧ ଲାଗେ । କିନ୍ତୁ ଶେଷରେ ଦୁଆର ଖୋଲିବାର ହିଁ ବିଜୟ ହୁଏ ।

୨୦ । ୫ । ୮୦

ଅନେକ ମଣିଷ ଅଛନ୍ତି, ଯେଉଁମାନଙ୍କୁ ସ୍ଥିର ହୋଇ ଅନାଇଦେବା ମାତ୍ରକେ ହିଁ ସତେଅବା କେବଳ ବାଡ଼ଗୁଡ଼ାକ ଯିବାଆଗ ଜଳଜଳ ହୋଇ ଦିଶିଯାଏ । ଉପରେ ସେମାନଙ୍କର ଜ୍ଞାନ, ଧନ, ଯଶ ଓ ଗର୍ବକୁ ନେଇ କେତେ ଆଲିମ୍ପନ ପଡ଼ିଥାଏ, କେତେ କୋମଳ ଗାଲିଚା ବିଛା ହୋଇ ରହିଥିବା ପରି ମନେ ହେଉଥାଏ । ମାତ୍ର ଭିତରେ ଖାଲି ପାଚେରିଗୁଡ଼ାକ ଛିଡ଼ାହୋଇ ରହିଥାଏ । ଭିତରକୁ ବାଟ ନଥାଏ । ଭିତର ଦାରିଦ୍ର୍ୟ ବାହାରେ ଏପରି ଏକ ମର୍ମନ୍ତୁଦ ଅଥଚ ହାସ୍ୟାସ୍ପଦ ଦୃଶ୍ୟର ରଚନା ହୋଇ ହେଉଥାଏ ଯେ ବାହାରଟା ସତେଅବା ଭିତରକୁ ସ୍ୱୀକାର ହିଁ କରୁଥାଏ, ଅଥବା ସ୍ୱୀକାର କରିବାକୁ ଭୟ କରୁଥାଏ ସେଠି ସେହି ଭୟଟା ହିଁ ଦରଦରଗୁ ଦଖଲ କରି ବସିଥାଏ । ଗୃହ ଦୁଆରକୁ କିଳି ବସିଥାଏ । ବାହାରକୁ କେତେ ଆଡ଼ମ୍ବର ଓ ଆନୁଷଙ୍ଗିକ ଛାପ ମୋଟା ହୋଇ ରହିଥିଲେ ମଧ୍ୟ ଭିତରେ କେବଳ ଦାରିଦ୍ର୍ୟଟା ହିଁ ଆପଣାର ଲାଜକୁ ଲୁଚାଇ ରଖିବାକୁ ନିତ୍ୟ ଚେଷ୍ଟା କରୁଥାଏ ।

୨୨ । ୫ । ୮୦

ବେଳେ ବେଳେ କେବଳ ଆପଣାକୁ ହିଁ ଆପଣାର ସାଥୀ କରିନେବାକୁ ପଡ଼େ । ଅନ୍ୟ ସମସ୍ତେ ଏଡ଼େ ମୁହଁ କରି ବାଟ ଆଡ଼େଇ ଚାଲି ଯାଉଥାନ୍ତି । ଚିହ୍ନା

ମଣିଷମାନେ ସତେଅବା ଚାହିଁ ବି ପାରୁନଥାନ୍ତି । ସେତିକବେଳେ ଯଦି ଆପଣା ସହିତ ବି ବିବାଦ ଲାଗେ, ଯଦି ଆପଣାଘରେ ବି ଠାବ ନ ମିଳେ, ତେବେ ଆପଣାକୁ ସତେଅବା ଆଉ ମୋଟେ ପାଇ ହୁଏନାହିଁ । ସେହି ଗ୍ଲାନିରୁ ମୁଁ ନିଜକୁ ନିଜେ ରକ୍ଷା କରିବି, ମୁଁ ସେହି ଏକାକିତ୍ୱ ଓ ଅପରତ୍ୱକୁ ଅସ୍ୱୀକାର କରିବି । ତେବେ ଯାଇ ଡ଼ୋର ତଥାପି ଲାଗିରହି ପାରିବ, ବିଶ୍ୱାସର ଘରଟି ତଥାପି ସୁରକ୍ଷିତ ହୋଇ ରହିଥିବ । ଭିତରେ ଏହି ଅସଲ ବିଶ୍ୱାସଟାକୁ ଭାଙ୍ଗିଦେଇ ଓ ଅସଲ ସାହଚର୍ଯ୍ୟଟିକୁ ଅସ୍ୱୀକାର କରି ଯେଉଁମାନେ ବିଶ୍ୱାସ ପାଇବେ ବୋଲି ଏବଂ ଭରସା ପାଇବେ ବୋଲି ବାହାରେ ଏଠିକି ସେଠିକି ଦଉଡ଼ୁଥାଆନ୍ତି, ସେମାନେ ହୁଏତ ଗୁଡ଼ାଏ ଖୋଳ ପାଇଯାଆନ୍ତି, ଯାହାଦ୍ୱାରା କି ସେମାନେ ନିଜକୁ ଘୋଡ଼ାଇ ରଖନ୍ତି, ଗୁଡ଼ାଏ ମୁଖା ପାଇଯାଆନ୍ତି ଯାହାଦ୍ୱାରା କି ଆପେ ଆପଣାର ସମ୍ମୁଖୀନ ହେବାରୁ ସେମାନଙ୍କୁ ଆପାତତଃ ଗୋଟାଏ ପ୍ରକାରର ରକ୍ଷା ମିଳିଥାଏ । ମୁଁ ଆପଣା ପାଖରେ କେବେ-ହେଲେ ପର ହୋଇ ଯିବିନାହିଁ । ସଂସାରରେ ମୁଁ ଯେତେବେଳେ ଯାହା ହରାଇବି, ସେପରି ତାହାକୁ ମୁଁ ଆପଣା ପାଖରେ ସର୍ବଦା ପାଇପାରିବି । କାରଣ, ଆପଣା ପାଖରେ ପାଇଲେ ମୁଁ ତାକୁ ସଂସାର ଭିତରେ ବି ପୁନର୍ବାର ପାଇବି । ମଣିଷ ଆପଣାଠାରେ ବିବାଦ କରି, ନିଜର ଅନେକ ଗ୍ଲାନିଦ୍ୱାରା ଆପଣାଠାରୁ ଛିଅ ଛଡ଼ାଇଦେଇ ସଂସାରରେ କେତେ କ'ଣ ଆଲମ୍ବନ ଖୋଜି ବୁଲୁଥାଏ, ବାହାରର କେତେ କ'ଣ ଫର୍ମୁଲା ଅନୁସାରେ ଆପଣାକୁ ସୁଗଠିତ ଓ ସଂଗତ କରି ଦେଖାଇ-ବାର ଚେଷ୍ଟା କରୁଥାଏ; — ତଥାପି ହାରିବାରେ ଲାଗିଥାଏ, ତଥାପି କ୍ଷୀଣ ହେବାରେ ଲାଗିଥାଏ । ଆପଣା ପାଖରୁ ବଞ୍ଚିତ ହୋଇ ରହିଥାଏ । ମୁଁ ଏହି ଭିତରେ ଆହ୍ୱାନ ଓ ଭିତରର ଚେରଟିକୁ ଏବେ ବି ଛାଡ଼ିନାହିଁ । ସେଇଥିଲାଗି ବଞ୍ଚିଛି । ମୋ'ର ଆକାଶ ମୋ' ଭିତରକୁ ବି ବିସ୍ତୃତ ହୋଇ ରହିଛି ।

୨୩ । ୫ । ୮୦

ଏଠି ଗ୍ରହଆଡ଼କୁ ଅନାଇବା ବେଳକୁ ଖାଲି ପୃଥିବୀଟା ଦେଖାଯାଉଛି । ଦେଶ ବୋଲି ମୋଟେ ଦେଖାଯାଉନାହିଁ । ଆଫ୍ରିକା ମହାଦେଶ ଗୋଟାସୁଦ୍ଧା ଆଗେ ପ୍ରାୟ ସେହିପରି ଗୋଟାଏ ପୃଥିବୀପରି ଦେଖା ଯାଉଥିଲା । ମୋଟେ ଗୋଟାଏ ଗୋଟାଏ ଦେଶପରି ଦେଖା ଯାଉନଥିଲା । ମଣିଷକୁ ଯେତେବେଳେ ମାଟି ଭଲଲାଗେ ପାଣି ଭଲ ଲାଗେ, ଅରଣ୍ୟ ଓ ଆକାଶ ଭଲ ଲାଗନ୍ତି, ସେତେବେଳେ ସେ ବୋଧହୁଏ ଗ୍ରହଆଡ଼କୁ ଅନାଇ କେବଳ ପୃଥିବୀକୁ ହିଁ ଦେଖେ, ତା' ଚେରଗୁଡ଼ାକ ଏକା ବେଳେକେ ମାଟି ଭିତରେ ଯାଇ ଭେଦିକରି ରହିଥାଏ । ଏସବୁକୁ ପ୍ରାୟ ଏକ ବିକୃତମସ୍ତ ଖଣ୍ଡ ଓ ସୀମାର ଅସ୍ୱାଭାବିକତା ଦେଇ ମଣିଷମାନେ ଯେତେବେଳେ

ଏହାଙ୍କ ମଧ୍ୟରେ କେତେଟା ଦେଶକୁ ଆବିଷ୍କାର କରନ୍ତି ଓ ତାହାକୁ ନେଇ ମୁଗ୍ଧ ହୋଇ ଯାଆନ୍ତି, ସେତେବେଳେ ଏହି ଅରଣ୍ୟ ଏବଂ ଏହି ଆକାଶ ଦେଖାଯିବା ଆଗରୁ ସେମାନେ ମମତାଗୁଡ଼ାକୁ ବୋଧହୁଏ ଆଗ ଦେଖନ୍ତି; ଅହଙ୍କାରଗୁଡ଼ାକୁ ସମ୍ଭବତଃ ସବାଆଗ ଅନୁଭବ କରନ୍ତି । ତା'ପରେ ମମତାକୁ ନେଇ ସାହିତ୍ୟ ଲେଖାହୁଏ, ଅହଙ୍କାରକୁ ରସ ଭିତରେ ପକାଇ ପାଣି କରି ବସାଇ ଦିଆଯାଏ, ଆପଣାର ଆନନ୍ଦଟିକୁ, ଚେର ଲଗାଇ ଜୀବନଟିକୁ ବଞ୍ଚୁଥିବାର ଏହି ସ୍ୱାଭାବିକ ଆନନ୍ଦଟିକୁ ବିକୃତ କରି ଜାତୀୟତାର ଅଭିବ୍ୟକ୍ତି ବୋଲି କୁହାଯାଏ ଏବଂ ସେହି ତଥାକଥିତ ଜାତୀୟତାକୁ ଅନେକ କବି ଗର୍ବ ବୋଲି କହନ୍ତି, ସେତେବେଳେ ସେମାନେ ଏକ ପ୍ରଚଣ୍ଡ ମୂଳଜଡ଼ତାର ବଶବର୍ତ୍ତୀ ହୋଇ ନିଜର ଜନନୀଠାରୁ ମଧ୍ୟ ଜନ୍ମଭୂମିକୁ ଗରୀୟସୀ ବୋଲି କହନ୍ତି । କଳହ କରନ୍ତି, ଅନୁଭୂତି ଗୁଡ଼ାକୁ ମସ୍ତିଷ୍କର ସ୍ତରକୁ ଖସାଇ ଆଣନ୍ତି, ଭାବଗୁଡ଼ାକୁ ତ ବୁଦ୍ଧିର ସ୍ତରକୁ ଖସାଇ ଆଣନ୍ତି । ସେମାନେ ଆଉ ଉଦ୍ଧାସ ହୋଇ ପାରନ୍ତିନାହିଁ, ମଣିଷକୁ ଦେଖିବା ଆଗରୁ ସରହଦଗୁଡ଼ାକୁ ଦେଖନ୍ତି, ସରହଦ ଅନୁସାରେ ଜାତି ବାଛିବାକୁ ଆରମ୍ଭ କରନ୍ତି । ଏହାକୁ ମୂଳତଃ ଏକ ବନ୍ଦୀଜାତୀୟତା ବୋଲି ହିଁ କୁହାଯିବ । ଅସଲ ଜାତିକୁ ଭୁଲିଲେ, ନିଜ ଭିତରର ଅସଲ ସତ୍ୟଟିକୁ ଭୁଲିଲେ ଓ ଆମ ସମସ୍ତଙ୍କୁ ବାନ୍ଧି ରଖିଥିବା ଅସଲ ଡୋରଗୁଡ଼ିକୁ ଭୁଲିଲେ ମଣିଷ ଯେଉଁ ଅଳ୍ପତାଗୁଡ଼ାକୁ ସବୁକିଛି ବୋଲି କହେ, ସେହି ଅଳ୍ପତା ହିଁ ଏହି ବନ୍ଦୀଜାତୀୟତାକୁ ଔଚିତ୍ୟ ଦେଇ ବଞ୍ଚାଇ ରଖିଥାଏ ।

୨୪ । ୫ । ୮୦

କାଳ କୁଆଡ଼େ ଅନନ୍ତ ଓ ମଣିଷ ତା' ଭିତରେ କୁଆଡ଼େ ମୋଟେ କିଛି ନୁହେଁ ବୋଲି ଅନେକ ମଣିଷ କହିଥାନ୍ତି ଓ ଆପଣାର ପଠିତ ଶାସ୍ତ୍ରମାନଙ୍କରୁ ସେମାନେ ତାହାର ଏକ ସମର୍ଥକ ପ୍ରମାଣ ବି ପାଇଥାନ୍ତି । ଏହି ଲୋକମାନେ ସଂସାରକୁ ଉଦାସୀନ ଏବଂ ନିଷ୍ଠୁର କରି ରଖିବାରେ ଭାରି ସାହାଯ୍ୟ କରନ୍ତି । ଏହି ମଣିଷ ନଥିଲେ କାଳଟା ବି କେଉଁଠି ଥାଆନ୍ତା ଓ ତାହାକୁ କିଏ ଅନୁଭବ କରୁଥାନ୍ତା, ସେମାନେ ସେକଥାଟିକୁ ମୋଟେ ସମନା କରି ପାରନ୍ତିନାହିଁ । ମଣିଷ ହିଁ କାଳକୁ ଅନୁଭବ କରୁଛି, କାରଣ ଏହି ମଣିଷ ଭିତରେ ହିଁ କାଳ ଆପଣାକୁ ପରିପୂର୍ଣ୍ଣ କରି ଚାଲିଛି । ମଣିଷ ସ୍ୱୟଂ କାଳସ୍ଥ ହୋଇ କାଳର ଅଭିପ୍ରାୟଗୁଡ଼ିକୁ ବହନ କରି ଚାଲିଛି । ମଣିଷ କାଳାତୀତ ହୋଇଥିବାରୁ ହିଁ ଏକ କାଳାତୀତର କଳ୍ପନା କରି ପାରୁଛି । ସିଏ ସୃଷ୍ଟି କରି ପାରୁଛି, ସୁନ୍ଦରର କଳ୍ପନା କରି ପାରୁଛି, ଅସୁନ୍ଦରକୁ ସୁନ୍ଦର କରି ଗଢ଼ିବାର ସ୍ୱପ୍ନ ବି ଦେଖିପାରୁଛି, ସେଥିଲାଗି ସାହସ କରିପାରୁଛି । ମଣିଷ ଓ ମଣିଷ ଭିତରେ ଯେଉଁସବୁ ଅସଲ ସମ୍ପର୍କ, ସେସବୁ ଏହି କାଳକୁ ଅତିକ୍ରମ କରିବାର ସମ୍ପର୍କ, ଆକାଶର ଓ ଅଦୃଶ୍ୟର ଅନନ୍ତତା ଓ ବ୍ୟାପ୍ତତା ମଧ୍ୟକୁ ହାତ

ବଢାଇବାର ସମ୍ପର୍କ । ସେହି ସମ୍ପର୍କ ତାକୁ ଆପଣା ଭିତରେ ମଧ୍ୟ ସେହି କାଳା-ତୀତ ଅଭିପ୍ସାଗୁଡ଼ାକୁ ଭାରି ସ୍ୱାଭାବିକ ଭାବରେ ଯୋଗାଇଦେଇ ଯାଇଛି । ଏକ ବିସ୍ତାର ଏବଂ ନିତ୍ୟପରିଚୟ ଯୋଗାଇଦେଇ ଯାଇଛି । ତା'ର ଜୀବନକୁ ପ୍ରକୃତରେ ଏକ ଦର୍ଶନରେ ପରିଣତ କରି ପାରିଛି; ହଁ, ଏକ ସ୍ପର୍ଶନରେ ମଧ୍ୟ ପରିଣତ କରି ରଖିଛି ।

୨୬ । ୫ । ୮୦

ଅନେକ କଥାରେ ମୁଁ ମୋଟେ ରାଜି ହୋଇ ପାରିଲିନାହିଁ । ମଣିଷ ଯେ ସ୍ୱଭାବତଃ ଖରାପ, ସେହି କଥାରେ ରାଜି ହୋଇ ପାରିଲିନାହିଁ । ଏହି ଜଗତର ଭବିଷ୍ୟତଟା ଯେ ଅନ୍ଧକାରମୟ ଓ ଅନିଶ୍ଚିତ, ସେ କଥାରେ ରାଜି ହୋଇ ପାରିଲି-ନାହିଁ । ଚତୁରତା ଏହି ଜୀବନରେ ସଫଳତା ଲାଭ କରିବାର ସବୁଠାରୁ ବଡ ଉପାୟ, ସେକଥାରେ ବି ରାଜି ହୋଇ ପାରିଲିନାହିଁ । ସତର୍କ ହେବାକୁ ରାଜି ହୋଇ ପାରିଲିନାହିଁ । ଭିତରେ କାହାକୁ ଅସ୍ୱୀକାର କରୁଥିଲେ ମଧ୍ୟ ବାହାରେ ତାକୁ ଖୋସାମତ କରିବାକୁ ରାଜି ହୋଇ ପାରିଲିନାହିଁ । ଏହିସବୁ ରାଜି ନହେବା ପୃଷ୍ଠରେ ସ୍ଥିରନିଶ୍ଚିତ କୌଣସି ଗାଣିତିକ ପ୍ରମାଣ ପାଇଲିନାହିଁ ବୋଲି ଯେ ମୁଁ ଏଗୁଡ଼ାକରେ ରାଜି ହୋଇପାରିଲି ନାହିଁ, ସେକଥା ମୋଟେ ନୁହେଁ । ଏଗୁଡ଼ାକରେ ରାଜି ନହେବାରେ ଯେ ଅଧିକ ସଂଗ୍ରାମ ଓ ଅଧିକ କଷ୍ଟଭୋଗ କରିଛି, ତାହାର ପ୍ରମାଣ-ଗୁଡ଼ାକୁ ପାଇ ମଧ୍ୟ ମୁଁ ସେଥିରେ ରାଜି ହୋଇ ପାରିଲିନାହିଁ । ମୋ, ଭିତରୁ ବାହାର ନିର୍ଦ୍ଦେଶ ମାନ ମୁଁ ଏସବୁଥିରେ ରାଜି ହୋଇ ପାରିଲିନାହିଁ । ମୋ' ଭିତରର ଯେଉଁ ବିଶ୍ୱାସ ବାହାରର ଯାବତୀୟ ବିଶ୍ୱାସର ଜନନୀ ହୋଇ ରହିଛି, ସେହି ବିଶ୍ୱାସର ବୋଲ ମାନ ମୁଁ ରାଜି ହୋଇ ପାରିନାହିଁ । ମୋ'ରି ଭିତରେ ରହି ମଧ୍ୟ ଯିଏ ଭବିଷ୍ୟ ମଧ୍ୟକୁ ପ୍ରଲମ୍ବିତ ହୋଇ ରହିଛି, ଯିଏ ମୋତେ ଏହି ବୃତ୍ତିଟି ଭିତରେ ମଧ୍ୟ ଆହୁରି ଅନେକ ବୃତ୍ତିର ସ୍ପର୍ଶ ଆଣି ଦେଇଯାଉଛି, ତାହାକୁ ଆପଣାର ଅତି ଘନିଷ୍ଠ ଆପଣାର ବୋଲି ଅନୁଭବ କରି ମୁଁ ସେହିସବୁ କଥାରେ ରାଜି ହୋଇ ପାରିଲିନାହିଁ । ଅନେକ ଗୁରୁଜନଙ୍କର କଥା ମାନ ମୁଁ ଏସବୁ କ୍ଷେତ୍ରରେ ମୋଟେ ସାବଧାନ ହୋଇ ପାରିଲିନାହିଁ । ଧରା ପଡ଼ିଗଲି । ଯିଏ ଭିତରେ କୋଉଦିନୁଁ ଧରା ଦେଇ ସାରିଛି, ବାହାରେ ଧରା ପଡ଼ିବାକୁ ସମ୍ଭବତଃ ତା'ର ଯେ ଆଉ କୌଣସି ଅସୁବିଧା ନଥାଏ, ନିଜ ଜୀବନରେ ସେହି କଥାଟିକୁ ଜାଣିଲି ।

୨୭ । ୫ । ୮୦

ଏ ଜୀବନ ମୋଟେ ଅନିତ୍ୟ ନୁହେଁ, ଏହି ଜୀବନ ମୋଟେ ନିରର୍ଥକ ନୁହେଁ । ସଂସାରଯାକର ଦୁଃଖ, ବିଦାୟ ଏବଂ ବିଚ୍ଛେଦକୁ ଆପଣା ଭିତରେ

ଏକଠାଳ କରି ପଡେଥିବା ଖଣ୍ଡେ ମେଘପରି ଅଥବା କୌଣସି ଏକ ଗଛର ଅନୁରାଗୀ ଡାଳଗୁଡ଼ାକ ପରି ଆକାଶକୁ ଅନାଇଲେ ଏହି ସତ୍ୟଟିକୁ ହିଁ ଅସଲ ସତ୍ୟ ବୋଲି ଉପଲବ୍ଧ ହୋଇଥାଏ । ସକାଳଗୁଡାକ ପଡେଥିବା ଜନନୀ ପରି ମୋତେ ସବୁବେଳେ ଏହି ସତ୍ୟଟିର ସ୍ପର୍ଶ ଦେଇଯାଆନ୍ତି ଓ ତଦ୍ଦ୍ୱାରା ମୋତେ ନୂତନ ଆଖି ଦେଇଯାଆନ୍ତି, ନୂତନ ପଥ ଦେଇଯାଆନ୍ତି, ମୋ'ର ଯାବତୀୟ ପରିଚୟକୁ ସେମାନେ ଏକ ନୂତନ ପରିଚୟରେ ପରିଣତ କରିଦେଇ ଯାଆନ୍ତି । ଯେଉଁମାନେ ଏହି ସଂସାରକୁ ଓ ଜୀବନକୁ ଅନିତ୍ୟ ବୋଲି କହନ୍ତି ଓ ସେଇଥିରୁ ଗୋଟାଏ ଦର୍ଶନ କାଢ଼ି ତାହାକୁ ହିଁ ଆଧାର କରି କେତେ ନା କେତେ ଅଭିଯୋଗ ବାଢ଼ିଦେବାରେ ଲାଗିଥାନ୍ତି, ଏହି ସକାଳ ସମୟରେ ସେମାନଙ୍କୁ ବି ସାଙ୍ଗ କରି ଆଣିବାକୁ ଭାରି ମନ ହୁଏ, ସେମାନଙ୍କ ସାଙ୍ଗକୁ ସଂଖୋଳି ଆଣିବା ସକାଶେ ଭାରି ମନ ହୁଏ । ସେମାନଙ୍କର ଦୁଆରଗୁଡ଼ାକୁ ଭେଦକରି ସେମାନଙ୍କ ଭିତରେ ଲୁଚି ଅଥବା ଲୁଡ଼ି ବସିଥିବା ଅସଲ ମଣିଷଟିକୁ ଯାଇ ସ୍ପର୍ଶ କରିବାକୁ ମନ ହୁଏ । ସେମାନେ କ'ଣ ସକାଳ ହେବାପରେ ତଥାପି ନିଦରୁ ଉଠିନଥାନ୍ତି ? ସେମାନେ କ'ଣ ଏହି ସକାଳଗୁଡ଼ାକୁ କେବଳ ନିଜେ ଭୋଗ କରିବେ ବୋଲି ଅଣ୍ଟା କରି ବସିଥାନ୍ତି ଓ ତାହା ନହୋଇ ପାରିଲେ ସକାଳଟାକୁ ସମ୍ପୂର୍ଣ୍ଣ ଅସ୍ୱୀକୃତ କରି ରଖିବାଲାଗି ପଣ କରିଥାନ୍ତି, ଏକୁଟିଆ ହୋଇ ବସିଥାନ୍ତି ?

୨୮ । ୪ । ୮୦

ପିଲାମାନେ ବାପମାଆଙ୍କୁ ଡରାଇଦେଲେ କୁଆଡେ ବାପମାଆମାନେ ସେମାନଙ୍କ ଉପରେ ରାଗନ୍ତି । ଏଗୁଡ଼ାକ ମିଛ କଥା । ପ୍ରକୃତ କଥା ହେଉଛି, ବାପମାଆମାନେ ପିଲାମାନଙ୍କୁ ଆପଣାର ସମ୍ପତ୍ତି ବୋଲି ମନେ କରନ୍ତି, ସର୍ବଦା ସେମାନେ ନିଜ ବୋଲି ମାନି ନଚାଲି ବାପମାଆଙ୍କର ବୋଲି ମାନି ଚାଲନ୍ତୁ ବୋଲି ବିଶ୍ୱାସ କରୁଥାନ୍ତି । ସେମାନଙ୍କର ନିଜର ଆଦୌ କୌଣସି ବୋଲି ଅଛି, ଅର୍ଥାତ୍ ଅନ୍ତର୍ଗତ ଆବଶ୍ୟକତା ରହିଛି, ସେକଥା ବାପମାଆମାନେ କେବେହେଲେ ସ୍ୱୀକାର କରନ୍ତିନାହିଁ । ପିଲାମାନେ ପିଲା ଥିବା ପର୍ଯ୍ୟନ୍ତ ବାପମାଆ ମାନଙ୍କର ପ୍ରଧାନତଃ ଆନନ୍ଦବର୍ଦ୍ଧନ କରୁଥିବେ, ସୋନେ ସେହିପରି ଏକ ଅନୁରାଗ ରଖିଥାନ୍ତି, ତେଣୁ ଉଗ୍ର ହୁଅନ୍ତି, ଈର୍ଷାପରବଶ ହୁଅନ୍ତି, ଆପଣାର ଅନ୍ତଃବିରକ୍ତି ଗୁଡ଼ାକର ଦୁଃଖକୁ ସେମାନେ ପିଲାଙ୍କଠାରେ ମେଣ୍ଟାଇ ଦେବାକୁ ଉତ୍ସାହ ପାଆନ୍ତି । ସମ୍ଭବତଃ ସେହିପରି ଏକ ପ୍ରୟୋଜନରୁ ହିଁ ଆମର ତଥାକଥିତ ପ୍ରଜାଧର୍ମୀ ପରିବାର ଗୁଡ଼ାକର ଉଦ୍ଭବ ହୋଇଆସିଛି ! ଭକ୍ତି, ସମ୍ମାନ, ଶ୍ରଦ୍ଧା ଓ ସ୍ନେହ ପ୍ରଭୃତି ଗୁଣର ଏକ ଅନୁରୂପ ସଙ୍କଳନରୂପଣ ବି ହୋଇଆସିଛି, ଅସ୍ୱୀକୃତ ହିଁ ରାଜା ହୋଇ ଆସିଛି ।

୨୯।୫।୮୦

ଏହି ଦେଶରେ ଆମେ ସମସ୍ତେ ଯେପରି ଭଗବାନଙ୍କ ପାଖରେ ଅଙ୍ଗୀକାର କରି ଆସିଛେଁ ଯେ ଆମେ ନିଜଟି ବ୍ୟତୀତ ଆଉ କାହାଲାଗି କିଛି କରିବାନାହୁଁ । ଅର୍ଥାତ୍ ଯାହାକିଛି କରିବାଁ, ସେଥିରୁ ଲାଭ ମାରି ନିଜ ଗାତଟିରେ ପୁରାଇବା, ନିଜପାଇଁ ଆହାର ଠୁଳ କରିବା । ଆମେ କେହି କାହାରିପାଇଁ ବଞ୍ଚିବାନାହିଁ,—ସଂସାର ଆମକୁ ମୋଟେ ଭଲ ଲାଗିବନାହିଁ । କାଳେ କେତେବେଳେ ଭିତରେ ସହଜ ପଥଟିରେ କୋଉଠି ଦୁଆରଟିଏ ଖୋଲିଯିବ, ସେଥିଲାଗି ସଂସାରକୁ ମାୟା ବୋଲି କହୁଥିବା,—ମିଥ୍ୟା ବୋଲି କହୁଥିବା । ଖାଲି ନିଜର ତଥାକଥିତ ସଂସାରଟିକୁ ଭରିବାରେ ଲାଗିଥିବା, ବାଟ ଚାଲିବା ସମୟରେ ସାଥୀ ବାଟୋଇ-ମାନଙ୍କୁ ପାଇଲେ ଆଗ ସେମାନଙ୍କୁ ଡରିବା, ସେମାନଙ୍କୁ ଅବିଶ୍ୱାସ କରିବା, ସେମାନଙ୍କ ପ୍ରତି ଦୂରସ୍ଥତା ଆଚରଣ କରିବା । ବେଳେବେଳେ ମନେ ହୁଏ, ଆମର ଧର୍ମଦୃଷ୍ଟି ଓ ଆମର ଧନଦୃଷ୍ଟି ସତେଅବା ଗୋଟିଏ ସାଧାରଣ ସୂତ୍ରରେ ଏଠି ଗଅଁଠା ହୋଇ ରହିଛି । ଦୁଇଟିଯାକ ମିଶି ଏକ ଗର୍ତ୍ତଦୃଷ୍ଟି, ଚତୁର ଗର୍ତ୍ତଦୃଷ୍ଟିରେ ପରିଣତ ହୋଇ ରହିଛି ।

୩୦।୫।୮୦

ଏଥର ଆମେ ପ୍ରତ୍ୟେକେ ନିଜ ନିଜକୁ ଭେଟ୍ ଦେବା ! ଆମେ ନିଜଉପରେ ନିଜେ ଆସ୍ଥା ସ୍ଥାପନ କରିବା; ମଣିଷର ଭାଗ୍ୟ ଉପରେ ଆସ୍ଥା ସ୍ଥାପନ କରିବା । ଆମ ଜୀବନରେ ଯେ କେଉଁଠି ଭଲ ପାଇବା ରହିଛି, ପରସ୍ପର ଲାଗି ସ୍ଥାନଟିଏ ରହିଛି,—ଆମେ ଆପଣା ଭିତରେ ତାହାର ଏକ ପ୍ରତ୍ୟୟ ଖୋଜି ବାହାରିବା ଏବଂ ତାହାକୁ ହିଁ ଭେଟ ଦେବା । ଯିଏ ନିଜେ ବାହାରୁ ସବୁକିଛିକୁ ଆପଣାର ଗହ୍ୱରଟି ଭିତରକୁ ଟାଣିନେଇ ନିରାପଦ ଭାବରେ ପୂର୍ଣ୍ଣଯଶସ୍ୱୀ ହୋଇ ରହିବାର ସ୍ୱପ୍ନ ଦେଖୁଥାଏ, ତା'ର କୌଣସି ଦେଶ ନାହିଁ, ତା'ର କୌଣସି ଘର ନାହିଁ । ସିଏ ନେତା ହୋଇ ଉପରେ ବସିଥିଲେ ମଧ୍ୟ ତା'ର ଏସବୁ ମୋଟେ କିଛି ନାହିଁ । ସେମାନଙ୍କ ଭିତରୁ ଆମେ କାହାକୁ ବାଛିବା, କାହାକୁ ତ୍ୟାଗ କରିବା ? ଅନେକ ସମୟରେ ଆମେ ଆମ ଭିତରର ପ୍ରକୃତ ମଣିଷଟିକୁ,—ଅନୁରାଗୀ, ସଙ୍ଗକାମୀ ଓ ସହଯୋଗୀ ମଣିଷଟିକୁ ଦଳେଇ ଗୋଟାଏ ମିଛ ନିରାପତ୍ତା ଏବଂ ମିଛ ଯଶସ୍ୱିତାର କ୍ଷୁଦ୍ର କାତରତାଗୁଡ଼ାକୁ ଲୋଡ଼ିଛୁ ବୋଲି ଆମେ ହୁଏତ ଏହି ନେତାମାନଙ୍କୁ ନେତା ବୋଲି ମାନିଛୁ । ମଣିଷକୁ ନମାନି ହୁଏତ ଏହିମାନଙ୍କୁ ମାନିଛୁ । ଏଣିକି ସେହି ସ୍ଥିତି ବଦଳିଯାଉ, ଏଣିକି ଆମର ଭିତରେ ଅନ୍ୟ ଏକ ନେତୃତ୍ୱ ଆମକୁ ପରିଚାଳିତ କରୁ,—ଆମର ଅନୁରାଗ ପ୍ରସାରିତ ହୋଇଯିବାକୁ ଭୟ ନକରୁ ।

୩୧ । ୫ । ୮୦

ମୁଁ ଏମାନଙ୍କୁ କାହାକୁ ହେଲେ ଶ୍ରେଷ୍ଠ ଦେବନାହିଁ । ମୁଁ ଏହି ଦେଶକୁ ଶ୍ରେଷ୍ଠ ଦେବ । ଏହି ଦେଶରେ ବାସ କରୁଥିବା କୋଟି କୋଟି ମଣିଷଙ୍କୁ ଶ୍ରେଷ୍ଠ, ଦେବ । ଅର୍ଥାତ୍, ମୁଁ ଆପଣାକୁ ଆଉଥରକ ଲାଗି ଏହି ଦେଶ ପାଖରେ ଓ ଏହି ମଣିଷ ପାଖରେ ଅଙ୍ଗୀକୃତ କରି ରଖିବି । ମୋ'ର ଯାହାକଛି ଅର୍ଜନ, ଯାହାକଛି ଗୌରବ ଓ ଯାହାକଛି ଅନୁଭବ,—ସବୁ ଖାଲି ମୋ' ଘରପାଖରେ ରହିଥିବା ମଣିଷମାନଙ୍କ ଲାଗି ସମର୍ପିତ ହୋଇ ରହିବ । ଏହି ମଣିଷମାନଙ୍କ ଭିତରେ ରହି ମୁଁ କେବେହେଲେ କୌଣସି ଅଭିନୟ କରିବନାହିଁ । ଏହି ମଣିଷମାନଙ୍କୁ ମୁଁ କଦାପି ମୋ'ଠାରୁ ଅଲଗା ବୋଲି ଭାବିବିନାହିଁ, ମୁଁ ଏଠି ଏହି ଦେଶର ଭାଷାକୁ ଭଲ ପାଇବି, ଏହି ଦେଶର ସାଂସ୍କୃତିକ ମୂଲ୍ୟଗୁଡ଼ିକୁ ଭଲ ପାଇବି, ଏଠାରେ ଲାଗିଥିବା ମୋ'ର ଯାବତୀୟ ଚେରକୁ ମୁଁ ଭଲ ପାଇବି, ମୁଁ ସେଗୁଡ଼ାକୁ ନିଜର ବୋଲି ସ୍ୱୀକାର କରିନେବି । ସେଗୁଡ଼ିକୁ ନେଇ ଗର୍ବ କରିବି, ସେଗୁଡ଼ିକରୁ ବଳ ପାଇବି । ସେହି ବଳକୁ ଆପଣା ଭିତରେ ହିଁ ଅନୁଭବ କରିବି, ସେହି ବଳରେ ବଳୀୟାନ ହେବି । ଏତିକ ବ୍ୟତୀତ ଆଉ ଯାବତୀୟ କଥାକୁ ମୁଁ ତୁଚ୍ଛା ଅସାଧୁତା ବୋଲି କହିବି ।

୧ । ୬ । ୮୦

କୌଣସି ବ୍ୟକ୍ତିର ମୃତ୍ୟୁ ବେଳକୁ ହିନ୍ଦୁ ସମାଜରେ ଯାହାସବୁ ହୁଏ, ସେଗୁଡ଼ାକୁ ଦେଖିବା ସମୟରେ ମୋ'ର ମତେଅବା ଧର୍ମାନ୍ତର ଗ୍ରହଣ କରିବାକୁ ମନ ହୁଏ । ମରିବାର ପରେ ପରେ ଆତ୍ମୀୟମାନେ ପ୍ରେତରେ ପରିଣତ ହୋଇ-ଯାଆନ୍ତି ଏବଂ ତା'ପରେ ଯାହାକଛି କର୍ମ ହୁଏ, ସୁଧୀମାନେ ତାହାକୁ ପ୍ରେତକର୍ମ ବୋଲି କହନ୍ତି । ଶ୍ରାଦ୍ଧ ଭିତରେ ପ୍ରତୀକାତ୍ମକତାର କ୍ଷେତ୍ରଗୁଡ଼ିକରେ ଏତେ ଟିକଏ ହେଲେ ଶ୍ରଦ୍ଧା ନଥାଏ । ଗୋଟାଏ ପାଖରେ ଯଜମାନର ପଇସା ଖର୍ଚ୍ଚ କରିବାର ଅର୍ଥାତ୍ ପଇସା ପ୍ରଦର୍ଶନ କରିବାର ଶ୍ରଦ୍ଧା ଥାଏ ଓ ଅନ୍ୟପକ୍ଷରେ ଶ୍ରାଦ୍ଧାନୁଷ୍ଠାନକାରୀ ବ୍ରାହ୍ମଣର ପଇସା ନେବାର ଶ୍ରଦ୍ଧା ଥାଏ । ସେହି ମୂଳଭୂମିଟି ଉପରେ ବିଧି; ନିୟମ ଓ ଉପଚାରଗୁଡ଼ାକ ଖଣ୍ଡ ମଜବୁତ ହୋଇ ଠିଆ ହୋଇଥାଏ । ସମସ୍ତେ ଏହି ଗୁଡ଼ାକ କରି ଶୁଦ୍ଧ ହୁଅନ୍ତି, ଶୁଦ୍ଧ କରନ୍ତି, ଅଶୁଦ୍ଧିମୁକ୍ତ ହୁଅନ୍ତି, ଯିଏ ଗଲା, ମୁଁ କିନ୍ତୁ ତାହାର ସ୍ପର୍ଶଟାକୁ ମୋ' ଦେହରେ ମଧ୍ୟ ଅନୁଭବ କରୁଥାଏ ।

୬ । ୬ । ୮୦

ଯିଏ ଗଲା, ତାକୁ ଧନ୍ଧ ରଖିବାଲାଗି ଏକ ବୃହତ୍ତର ବୃତ୍ତରେ ବିଶ୍ୱାସ କରିବାକୁ ପଡ଼େ । ଆମେ ଏଠାରେ ଯେତିକ ବୃତ୍ତ ଭିତରେ ରହିଛୁ, ଦେଖୁଛୁ,

ମୂଳ ଲଗାଉଛି ଓ ଅତଯାତ ହେଉଛି, ସେହି ବୃକ୍ଷଟି ଠାରୁ ଅଧିକ ବଡ଼ ଆଉ-ଗୋଟିଏ ବୃକ୍ଷ ମଧ୍ୟକୁ ଆପଣାକୁ ପ୍ରସାରିତ କରନେବାକୁ ହୋଇଥାଏ । ସେହି ପ୍ରସାରଣରେ କୌଣସି ନିର୍ଦ୍ଧାରିତ ସୀମା ନଥାଏ । କାରଣ, ଅନୁରାଗ ଅର୍ଥାତ୍ ବିଶ୍ବାସଗୁଡ଼ାକ ପ୍ରସାରିତ ହେବା ସଙ୍ଗେ ସଙ୍ଗେ ସେହି ବୃକ୍ଷର ମଧ୍ୟ ପ୍ରସାରଣ ଘଟିବାରେ ଲାଗିଥାଏ । ଆମ ଚେତନାରେ ନୂଆ ନୂଆ ଦ୍ୱାର ଅର୍ଥାତ୍ ନୂଆ ନୂଆ ଅଙ୍ଗୀକାର ଖୋଲିଯିବାରେ ଲାଗିଥାଏ । ଏହି ଚେତନା ଯେ ମୋ'ର ନୁହେଁ, ମୁଁ ଯେ ଯଥାର୍ଥରେ ସେହି ଚେତନାର ହିଁ ଗୋଟିଏ ଅଂଶ, ସେହି ସତ୍ୟାନୁଭୂତିଟି କ୍ରମଶଃ ଉପଲବ୍ଧ ହେବାରେ ଲାଗିଥାଏ । ସେହି ଅନୁଭୂତି ଆମକୁ ଆପଣାର ନାନା ଗଣ୍ଠି ଏବଂ ନାନା ଜୁଗୁପ୍‌ସା ମଧ୍ୟରୁ ଉଦ୍ଧାର କରେ । ତାପରେ ଆଉ କେଉଁଠାରେ ବି ଡୋରଗୁଡ଼ାକ ଛିଡ଼ି ଯାଏନାହିଁ । ଡୋରଗୁଡ଼ାକ କେବଳ ଲମ୍ବି ଲମ୍ବି ଯାଉଥାଏ, ଯାହା ଆଜି ଦୂର ଥିଲା, ତାହା କାଲି ନିକଟ ହୋଇ ଆସୁଥାଏ । ଯାହା ଅଗୋଚର ହୋଇ ରହିଥିଲା, ତାହା ଗୋଚର ହେବାକୁ ଲାଗେ । ତା'ପରେ ବିଚ୍ଛେଦର ଅନ୍ୟ ଅର୍ଥ ହେବାକୁ ଲାଗେ । କାରଣ ସେତେବେଳେ ଅନୁରାଗର ବି ଏକ ଅନ୍ୟ ଅର୍ଥ ହୋଇଯାଏ । ଜୀବନର ଅନ୍ୟ ଅର୍ଥ ହୁଏ ତେଣୁ ମରଣ ଏକ ଅନ୍ୟ ବ୍ୟଞ୍ଜନା ଲାଭ କରେ ।

୩ । ୬ । ୮୦

ଦୁଆରବନ୍ଧରେ ଆସି ଗୋଡ଼ ଦେଲାବେଳକୁ ଭିତର ବାହାର ସତେଅବା ଏକାଠି ହୋଇ ଗଲାପରି ମନେହୁଏ । ସତେଅବା ନିଜକୁ ହିଁ କୌଣସି ଘରକୁ ବାଟ ବତାଇ ଦେଉଥିବା ଗୋଟିଏ ଦୁଆରବନ୍ଧ ପରି ମନେହୁଏ । ଆପଣାକୁ ସତେଅବା ଏକ ସେତୁପରି ମନେହୁଏ । ସେତେବେଳେ ସମର୍ପିତ ହେବାଲାଗି ଆଉ ସ୍ୱତନ୍ତ୍ର ପ୍ରାର୍ଥନା କରିବାକୁ ପଡ଼େନାହିଁ । ସେତେବେଳେ ସମଗ୍ର ଦୃଷ୍ଟିକୋଣ ଓ ସମସ୍ତ ସମ୍ବନ୍ଧ ହିଁ ଏକ ସମର୍ପଣର ଦୃଷ୍ଟିକୋଣ ଓ ସମର୍ପଣର ସମ୍ବନ୍ଧରେ ପରିଣତ ହୋଇଯାଏ । ସେତେବେଳେ ସବୁ ହାଲୁକା ଲାଗେ, ସବୁ ହାଲୁକା ହୋଇଯାଏ । କଠିନ ବୋଝଗୁଡ଼ାକ ମଧ୍ୟ ଭାରି ହାଲୁକା ହୋଇଯାଏ । ଭିତରେ ରହିଥିବା ଯୁକ୍ତି-ଗୁଡ଼ାକ, ବୁଦ୍ଧିଗୁଡ଼ାକ ସତେଅବା ଫୁଲର ପାଖୁଡ଼ା ହୋଇ ଚତୁର୍ଦ୍ଦିଗରେ ଉଡ଼ିବାକୁ ଲାଗନ୍ତି ଓ ଦୃଷ୍ଟିର ସମଗ୍ର ଆକାଶଟିକୁ କେଡ଼େ ସହଜ ଭାବରେ ଦେଖାଇ ଦିଅନ୍ତି । ସବୁଯାକ ବୁଦ୍ଧି ସେତେବେଳେ ଶ୍ରଦ୍ଧାର ଚରଣତଳେ ଆସି ପଡ଼ିଯାଏ । ଏବଂ ଚରଣତଳେ ପଡ଼ି ସେହି ସ୍ୱାଭାବିକ ଅଙ୍ଗୀକାରଟି ଫଳରେ ସତେଅବା ସ୍ୱୟଂ ଶ୍ରଦ୍ଧାରେ ପରିଣତ ହୋଇଯାଏ । ବାଟଟି ଜଳଜଳ ଦିଶିଯାଏ, ଗୋଡ ଆପେ ଆପେ ବାହାରିଯାଏ ।

୪ । ୬ । ୮୦

ଆମେ ଯେଉଁମାନେ କାଲିପାଇଁ ଅପେକ୍ଷା କରି ବସିଛୁ, ଆମକୁ ଆଜି ମଧ୍ୟ ସେହି କାଲିଟିକୁ ବଞ୍ଚିବାର ପ୍ରୟାସ କରିବାକୁ ହେବ । ଜୀବନର ସକଳ ବିଶ୍ୱାସକୁ ମୂଳ କରି ଆମେ ଯେଉଁମାନେ ଏକ ଅନ୍ୟ ପ୍ରକାର, ଅନ୍ୟ ସମ୍ବନ୍ଧର ଏବଂ ଅନ୍ୟ ସୁଷମାର କାଲିପାଇଁ ସ୍ୱପ୍ନ ଦେଖୁଛୁ, ଆମକୁ ଆଜି ମଧ୍ୟ ସେହି ବିଶ୍ୱାସର ପ୍ରମାଣ ଦେବାକୁ ପଡ଼ିବ । କାଲିପାଇଁ ଅପେକ୍ଷା କରିବା, କାଲି ଉପରେ ବିଶ୍ୱାସ ରଖିବା, —ତାହାର ଅର୍ଥ ହେଉଛି ଆଜି ମଧ୍ୟ କାଲି ପାଇଁ ନିଜ ଭିତରକୁ ବାଟ ଛାଡ଼ିଦେବା, କାଲିପାଇଁ ନିଜର ଦୁଆରଟିକୁ ଖୋଲା କରି ରଖିବା, ନିଜକୁ କାଲିଲାଗି ସର୍ବତୋଭାବେ ସମ୍ମତ ଅର୍ଥାତ୍ ନମନୀୟ କରି ରଖିବା । ଏତିକି ନହୋଇ ପାରିଲେ କେବଳ ଗୋଟାଏ ଗୋଟାଏ କଠିନ ଆଦର୍ଶବାଦୀ ହୋଇ ରହିବାରେ ହିଁ ଆମର ସବୁଯାକ ସ୍ଫୂର୍ତ୍ତି ଫିମ୍ପି ମାରିଯାଏ, ଜଡ ହୋଇଯାଏ । ଆଦର୍ଶବାନ୍ ହେବା ସମ୍ଭବ ହୁଏ ନାହିଁ, କର୍ମିଷ୍ଠ ହେବାର ଅଧିକାରଟି ହାତଛଡ଼ା ହୋଇଯାଏ । ତେଣୁ, ଆମ ଜୀବନରେ କାଲି କହିଲେ ଏକ ସକଳାଙ୍ଗ ଅର୍ଥରେ ପ୍ରଥମେ ଆଜିକୁ ମଧ୍ୟ ବୁଝାଇବା ଉଚିତ ।

୫ । ୬ । ୮୦

ସଂସ୍କୃତିର ସର୍ବଦା ଏକ ସମୀକ୍ଷା ହେଉଥିବା ଉଚିତ, ନଚେତ୍ ସଂସ୍କୃତି ଆମଲାଗି ହୁଏତ ଗୋଟିଏ ଗଡ଼ିଆରେ ପରିଣତ ହୋଇଯିବାର ଭୟଟି ସବୁବେଳେ ରହିଥିବ । ପୃଥିବୀରେ ହୁଏତ ଅଧିକାଂଶ ଲୋକଙ୍କ ଲାଗି ସଂସ୍କୃତି ଏହିପରି ଏକ ଗଡ଼ିଆରେ ପରିଣତ ହୋଇ ରହିଛି ବା ଖୁବ୍ ବେଶୀ ହେଲେ ଗୋଟିଏ ବଳାପଦୀର୍ଘିକାରେ ପରିଣତ ହୋଇ ରହିଛି । ତାହା ଆମକୁ ବାନ୍ଧିହୋଇ ରହିବାରେ ଅଧିକ ସାହାଯ୍ୟ କରିଛି । ଆମକୁ ଅଧିକରୁ ଅଧିକ ଉନ୍ମୋଚିତ ହୋଇଯିବାରେ ଅଥବା ପରସ୍ପ ପରସ୍ପ ହୋଇ ଖୋଲିଯିବାରେ ହୁଏତ ପ୍ରାୟ କୌଣସି ସାହାଯ୍ୟ କରିପାରିନାହିଁ । ପୁଣି, ଯେତେବେଳେ ସେହି ସଂସ୍କୃତି ନାନା କାରଣରୁ ଆପଣାର ଚାରିପାଖରେ ନାନା ଅନନ୍ୟତା ଅର୍ଥାତ୍ ଅହମିକାର ବାଡ଼ ଠିଆ କରି ରଖିବାକୁ ମନ ବଳାଇଛି, ଯେତେବେଳେ ତାହା ଜୀବନର କମ୍ତମ ପ୍ରସ୍ଫୁରଣରେ ମଧ୍ୟ ହୁଏତ ଏକ ପ୍ରତିବନ୍ଧକ ପରି କାର୍ଯ୍ୟ କରିଛି । ବାହାରେ ଦେଉଳ ତୋଳା ହୋଇଛି, ଦାଣ୍ଡରେ କେତେ କୃତ୍ରିମ ବାଜିଛି,—କିନ୍ତୁ ଭିତରେ ସତେଅବା ଏକ ବିଚ୍ଛିନ୍ନତାଧର୍ମୀ ଉଚ୍ଛୃଙ୍ଖଳତା ଓ ଗତିହୀନତା ଆମକୁ ଆପଣା ମାର୍ଗରେ କୁଅଡ଼େ ଘସାଇ ଘସାଇ ନେଇଯାଇଛି । ସେହି ଦୃଷ୍ଟିରେ ଦେଖିଲେ ଆମ ସଂସ୍କୃତି ପ୍ରତି

ଆମର ଦୃଷ୍ଟିଗତ ସମ୍ବନ୍ଧ ଆମକୁ ସ୍ଥାଣୁ କରି ରଖିଛି, ବ୍ୟାଧିତ କରି ରଖିଛି ଦ୍ୱେଷୀ, ଓ କ୍ଷୁଦ୍ର କରି ରଖିଛି ।

୭ । ୭ । ୮୦

ତାଙ୍କୁ ଆବିଷ୍କାର କରିବାର ପ୍ରକୃତ ଅର୍ଥ ହେଉଛି ପରସ୍ପରକୁ ଆବିଷ୍କାର କରିବା । ସେହି ଅମରଧାମକୁ ଆବିଷ୍କାର କରିବାର ଅର୍ଥ ହେଉଛି ଏହି ଧାମକୁ ମଧ୍ୟ ଏକ ଅମରଧାମ ବୋଲି ଅନୁଭବ କରିବା । ସେହି ପରମପଦକୁ ଆବିଷ୍କାର କରିବାର ଅର୍ଥ ହେଉଛି, ତାଙ୍କର ପଦ ଯେ ଏଇଠ ପଡ଼ିଛି ଅର୍ଥାତ୍ ଏଠି ସବୁକିଛି ଯେ ତାହାଙ୍କରିହିଁ ସ୍ପର୍ଶ କରି ରହିଛି, ସେହି ସତ୍ୟଟିକୁ ଆବିଷ୍କାର କରିବା ଅଥାତ୍ ତାହାକୁ ନିଜ ଭିତରେ ଅନୁଭବ କରିବା । ଏହି ଅନୁଭୂତିଟି ହେଉଛି ଆତ୍ମ ଆବିଷ୍କାର । ଯେଉଁମାନେ ତାଙ୍କୁ ଆବିଷ୍କାର କରିବାକୁ ବାହାରି ଏଠାରେ ସବୁକିଛି ପ୍ରତି ଉଦାସ ହୋଇ ପଳାଇ ଯାଆନ୍ତି, ସେମାନେ ପ୍ରକୃତରେ କାହାକୁ ଆବିଷ୍କାର କରିଥାନ୍ତି କେଜାଣି ? ପଥକୁ ଆବିଷ୍କାର କରୁ କରୁ ସେମାନେ ହୁଏତ ଏକ କନ୍ଦପଲ୍ଲୀର ଗର୍ଭକୁ ଆବିଷ୍କାର କରନ୍ତି । ଘରପରି ଘରଟିଏ ଆବିଷ୍କାର କରୁ କରୁ ସେମାନେ ହୁଏତ ବାଡ଼ଗୁଡ଼ାକୁ ଆବିଷ୍କାର କରନ୍ତି ଓ ସେହିଗୁଡ଼ିକ ଭିତରେ ବନ୍ଦୀକ ହୋଇ ରହିଯାଆନ୍ତି ! ସେମାନେ ନିଜେ ନିଜଠାରୁ ଅଲଗା ହୋଇ ରହନ୍ତି, ନିଜ ପାଖରେ ଅସ୍ପୃଶ୍ୟ ହୋଇ ରହିଥାନ୍ତି ।

୭ । ୭ । ୮୦

ପୁରୁଣା ସରକାର ଗଲେ, ନୂଆ ସରକାର ଗଢ଼ାହେଲା । ପୁରୁଣା ବରମାନେ ବିଦା ହୋଇଗଲେ, ନୂଆ ବରମାନେ ମଣ୍ଡଣି ହୋଇ ଆସିଲେ ! ମାତ୍ର ସେହି ପୁରୁଣା ରାଜନୀତଷ୍ଟା ହିଁ ଚାଲିବ, କୋଠାଘର ମାନଙ୍କରୁ ନିର୍ମମ ବୁଦ୍ଧିଗୁଡ଼ାକ ମଣିଷମାନଙ୍କର ଭାଗ୍ୟକୁ ବଦଳାଇ ଦେବ ବୋଲି ସେଇ ଆଗପରି କେତେ ଅଭିନୟ କରିବେ । କିଛି ବଦଳାଇ ପାରୁନଥିଲେ ମଧ୍ୟ ସବୁ ବଦଳି ଯାଉଛି ବୋଲି ସିଏ କେତେ ବଡ଼ ପାଟିକରି କହିବ । ସେହି କଥାଗୁଡ଼ାକୁ ସତ ବୋଲି ପରତେ କରାଇ ଦେବାକୁ ଦଳେ ଜ୍ଞାନୀଗୁଣୀଆ ବି ରହିଥିବେ । ଏବଂ, ସେହି ପୁରୁଣା ଅସ୍ୱାଭାବିକତା ଓ ଓ ହେରେଫେରିଗୁଡ଼ାକ ଏବେ ମଧ୍ୟ ଦେଖିବାକୁ ମିଳିବ । ସରକାର ବଦଳିଗଲେ ଯେ ଭାଗ୍ୟ ବଦଳିଯାଏ, ବରମାନେ ବଦଳିଗଲେ ଯେ ଶ୍ରଦ୍ଧାଗୁଡ଼ାକ ମଧ୍ୟ ଯଥାର୍ଥ ଠାବ ପାଇଯାଆନ୍ତି, ଏକଥା ସତ ନୁହେଁ ବୋଲି ଆଉଥରେ ପ୍ରମାଣିତ ହୋଇଯିବ । ସରକାର ଦ୍ୱାରା ଯଥାର୍ଥରେ କିଛି ବଦଳିବ ନାହିଁ । ଓଲଟି ସରକାରମାନେ ସେହି ପୁରୁଣାଗୁଡ଼ାକୁ ହିଁ ନୂଆ କରି ଲଗାଇ ପ୍ରତିଷ୍ଠିତ କରି ରଖିବେ । ମଣିଷକୁ

ବାରବାର ପ୍ରଭୂଭକ୍ତ କରି ରଖିବାକୁ ଚେଷ୍ଟା କରୁଥିବେ । ତାକୁ ତା'ର ଅସଲ ଉନ୍ମୋଚନଗୁଡ଼ିକ ଆଡ଼କୁ ଆଦୌ ଯିବାକୁ ଦେଉନଥିବେ ।

୮ । ୬ । ୮୦

କାହାର ଅତି ଆପଣାର ହୋଇଯାଇ ପାରିଲେ ସାରା ସଂସାରଟା ବି କେଡ଼େ ଆପଣାର ଲାଗେ । ଏଠାରେ ମୋତେ କିଏ ଜଣେ ସ୍ନେହଡ଼ୋରରେ ବାନ୍ଧିଛି, ଏକଥା ଅନୁଭବ କରିବା ସଙ୍ଗେ ସଙ୍ଗେ ଆପଣାର କାନ୍ଥଗୁଡ଼ାକ ପ୍ରତି ଯେତେଥିବା ସବୁ ମାୟା ତୁଟିଯାଏ । ମାୟା ଏକ ଶ୍ରଦ୍ଧାରେ ପରିଣତ ହୋଇଯାଏ, ମାୟାଗୁଡ଼ିକ ଡ଼ୋରରେ ପରିଣତ ହୋଇଯାଆନ୍ତି । କେତେକ ଲୋକଙ୍କର କ୍ଷେତ୍ରରେ ହୁଏତ ଓଲଟା ବି ହୁଏ । ସେମାନେ କାହାକୁ ଭଲ ପାଇଲେ କିମ୍ବା କେହି ସେମାନଙ୍କୁ ଭଲ ପାଇଲେ ସେମାନେ ସତେଅବା ଅଣସରଘର ଭିତରେ ଯାଇ ପ୍ରବେଶ କରନ୍ତି । କାନ୍ଥଗୁଡ଼ାକ ଉଚ୍ଚ ଉଚ୍ଚ ହୋଇଯାଏ, ମୋହଗୁଡ଼ାକ ଆହୁରି ଉଚ୍ଚ ହୋଇ କାନ୍ଥଗୁଡ଼ାକର ସ୍ପର୍ଦ୍ଧାକୁ ଆହୁରି ଅଧିକ ପରିମାଣରେ ବଢ଼ାଇ ଦିଅନ୍ତି । ସେମାନେ ଆପଣା ସହିତ ଲାଗିଥିବା ଡ଼ୋରଟିକୁ ନେଇ ସତେଅବା ଏକ ଗାତ-ଭିତରେ ଯାଇ ପଶିଯାଆନ୍ତି । ସଂସାରକୁ ଏକଘରକିଆ କରି ରଖନ୍ତି, ଅର୍ଥାତ୍ ଭାରି ଈର୍ଷାପୂର୍ଣ୍ଣ ଓ ଅହଂକାରୀ ଭାବରେ ସଂସାର ଭିତରେ ନିଜେ ଏକଘରକିଆ ହୋଇ ରହନ୍ତି । ଭଲ ପାଇବା ନାଆଁରେ ଯେତେବେଳେ ଏହି ଦୁର୍ଦ୍ଦଶା ଆସି ଘୋଟେ, ସେତେବେଳେ ମଣିଷ ନିଜ ସହିତ ନିଜ ଗୁରୁଙ୍କୁ ଓ ନିଜର ସ୍ୱୀକୃତ ଠାକୁରମାନଙ୍କୁ ନେଇ ଗାତ ଭିତରେ ପଶିଯାଏ । ସିଏ ଅଲଗା ଭେକ ଲଗାଏ, ଅଲଗା ସଂପ୍ରଦାୟ ଗଢ଼େ ଓ ସେହି ବାଡ଼ଗୁଡ଼ାକ ଭିତରେ କେତେ ନା କେତେ ଫୁଲେଇ ହେବାରେ ଲାଗିଥାଏ । ଆଖିଗୁଡ଼ାକ ସାନ ହୋଇ ଆସନ୍ତି, ଯାବୁଡ଼ି ନଧରିଲେ ସେତେବେଳେ ହୁଏତ ଆଦୌ କୌଣସି ନିର୍ଭର କରି ହୁଏନାହିଁ । ଦଉଡ଼ିରେ ବାନ୍ଧି ନରଖିବା ପର୍ଯ୍ୟନ୍ତ ପାଇଲି ବୋଲି ବିଶ୍ୱାସ କରି ହୁଏନାହିଁ ।

୯ । ୬ । ୮୦

ମୋ'ର ଯାବତୀୟ ଆତ୍ମୀୟତା, ମୋତେ କୌଣସି ଗୋଟିଏ ଘରର ଘେର-କାନ୍ଥ ଭିତରେ ବାନ୍ଧି ନରଖୁ, ମୋ'ର ଯାବତୀୟ ଭଲ ପାଇବା, ଆପଣାର ବୋଲି ଅନୁଭବ କରିବା ଏବଂ ଆପଣାର କରିନେବା ମୋତେ କୌଣସି ପ୍ରକାରେ କୃପଣ କରି ନପକାଉ । ମୋ'ର ସକଳ ଆତ୍ମୀୟତା ମୋ'ଲାଗି ଜୀବନରେ ଏକ ଗଣ୍ଠି ହୋଇ ନଆସୁ । ତାହା ମୋ' ଭିତରେ ଗଣ୍ଠି ପରେ ଗଣ୍ଠି ଫିଟାଇ ଦେବାକୁ ସମର୍ଥ ହେଉ । ପାଚେରୀ ସେପାଖରେ ଯାହାସବୁ ରହିଛି, ତା' ଭିତରେ ମଧ୍ୟ ମୋ' ଲାଗି କେତେ ସ୍ନେହ, କେତେ ଖିଅ ଓ କେତେ ଦ୍ୱାର ଅପେକ୍ଷା କରି ରହିଛି । ଆପଣାର

ବିଶ୍ୱାସ ମଧ୍ୟରେ ସେହି ନିର୍ଭରଟିକୁ ପାଇଯିବା ମାତ୍ରକେ ହିଁ ମୁଁ ଆଉ ସେପାଖଗୁଡ଼ାକୁ କଦାପି ଡ଼ରିବନାହିଁ । ମୋ' ଆତ୍ମୀୟତା ମୋତେ ଏହିପରି ନିର୍ଭୟ କରି ପାରିବାର ହିଁ ଅଧିକାର ପାଉ । ମୋ'ର ଯାବତୀୟ ଶ୍ରଦ୍ଧା ମୋ' ଦୁଆରଗୁଡ଼ିକୁ ଖୋଲି ରଖିବା ଲାଗି ଯେ ଗ୍ୟ ହେଉ । ତେବେ ହୁଏତ ସବୁ ସମ୍ଭବ ହୋଇଯିବ । ସକଳ ଜୁଗୁପ୍ସାର ଅନ୍ତହେବ ।

୧୦ । ୭ । ୮୦

ବୁଢ଼ାମାନେ ମନ୍ତ୍ରୀ ହୁଅନ୍ତୁ, ଭିତରେ ଦାରିଦ୍ର୍ୟଦ୍ୱାରା ହିଁ ପୀଡ଼ିତ ହୋଇ ଆସିଥିବା ବ୍ୟକ୍ତିମାନେ କ୍ଷମତାସୀନ ହୁଅନ୍ତୁ ପଛକେ, ଆମେ ଯେଉଁମାନେ ଭବିଷ୍ୟ-ଲାଗି ଏବଂ ମନୁଷ୍ୟ ଅଭ୍ୟୁଦୟର ଅସଲ ସତ୍ୟଟି ଲାଗି ସମର୍ପିତ ହୋଇ ରହିଛୁ, ଆମେ ଏସବୁ କିଛି ହେବୁନାହିଁ । ଆମେ ଖିଅ ଲଗାଇବୁ, ଆମେ ସାଙ୍ଗ ହୋଇ ବାହାରିବୁ; ଆମେ ପରସ୍ପରକୁ ଆତ୍ମୀୟରୂପେ ଗ୍ରହଣ କରି ବଞ୍ଚିବୁ ଓ ଏହି ସଂସାରରେ ସମସ୍ତଙ୍କର ଆତ୍ମୀୟରୂପେ ଜୀବନ ବଞ୍ଚିବୁ । ଅଭ୍ୟୁଦୟର ବାଟ କଦାପି କ୍ଷମତାର ବାଟ ନୁହେଁ । ସମସ୍ତଙ୍କ ଲାଗି ଅଧିକରୁ ଅଧିକ ଯୋଗ୍ୟ ହେବାକୁ ହିଁ ଅସଲ ମଣିଷ ଆପଣା ପାଖରେ ରହିଥିବା ଯାବତୀୟ ଶକ୍ତି ଏବଂ ଯାବତୀୟ କ୍ଷମତାକୁ ବ୍ୟବହାର କରିଥାଏ । ଆଗ କ୍ଷମତା ଆସିଲେ ତା'ପରେ ଯାଇ ସେ ଯଥାଯୋଗ୍ୟ ଭାବରେ ସମସ୍ତଙ୍କର ଆତ୍ମୀୟରୂପେ ଠିଆ ହୋଇ ପାରିବ ଏବଂ ସମସ୍ତଙ୍କୁ ଆତ୍ମୀୟତା ଦେଇ ପାରିବ ବୋଲି ଫିକର କରି ଯିଏ ଅନ୍ୟ ଧନ୍ଦାରେ ପଶିଥାଏ, ସିଏ କଦାପି କାହାରି ଲାଗି ଯୋଗ୍ୟ ହୋଇ ପାରେନାହିଁ । ସିଏ କେବଳ ଆପଣାଲାଗି ଲଣ୍ଡଭଣ୍ଡ ହେବାରେ ଲାଗିଥାଏ । ଆପଣା ଭିତରେ ଅଯୋଗ୍ୟ ହୋଇ ରହିଥାଏ ।

୧୧ । ୭ । ୮୦

ଅନୁଭବ କରୁଥିବା ସମସ୍ତେ କହୁଛନ୍ତି ଏଠି ମଣିଷ ଉପରେ ମଣିଷର ଶୋଷଣ ଅତିରିକ୍ତ ହୋଇ ପଡ଼ିଲାଣି, ମଣିଷ ଉପରେ ମଣିଷର ନିର୍ମମତା ଅତିରିକ୍ତ ହୋଇ ପଡ଼ିଲାଣି । ସେମାନେ ଆପଣାର ସୂକ୍ଷ୍ମ ବିଶ୍ଳେଷଣ ବଳରେ ଏସବୁ କଥାକୁ ଅଙ୍କ ପରି ଟେକ୍ ଠୋକ୍ କହି ଦେଉଛନ୍ତି ସିନା; ମାତ୍ର ତଥାପି ସତେ ଯେପରି କିଛି ହେଉନାହିଁ, ସେହିପରି ସଂଯତ, ଶାନ୍ତ ଓ ଅନାସକ୍ତ ଭାବରେ ସେମାନେ ଏଗୁଡ଼ାକୁ ଦେଖିବାରେ ଲାଗିଛନ୍ତି ଓ ଆପଣାର ନିଜ ନିଜ କାମଗୁଡ଼ିକୁ କରିବାରେ ଲାଗିଛନ୍ତି । ନିଜନିଜର ତଥାକଥିତ କାମଗୁଡ଼ିକର ଜରିଆରେ ସେମାନେ ଅବିରତ ସେହି ଶୋଷଣ ଓ ସେହି ନିର୍ମମତାଗୁଡ଼ାକୁ ବହୁବଳିତ କରି ରଖିବାରେ ସହାୟକ ହେଉଛନ୍ତି । ତେବେ ଏହି ରାତି ପୁଣି କିପରି ପାହିବ ? ଆମ ଦେଶରେ ଜ୍ଞାନ, ଆମ ଦେଶର ବିଜ୍ଞାନ, ଆମ ଦେଶର ବିବେକ ଯଦି ଯଥେଷ୍ଟ ପରିମାଣରେ ଅସହିଷ୍ଣୁ ଓ

ନମନୀୟ ହୋଇ ମଣିଷ ଯେଉଁଠାରେ ଅଛି, ସେଠାଏ ନଆସି ପାରିଲା, ତେବେ ତା'ପରେ ଆମେ ଆଉ କାହାଉପରେ ଭରସା ରଖି ଏସବୁ ଦିନେ ନା ଦିନେ ଅବଶ୍ୟ ବଦଳିବ ବୋଲି କହି ପାରିବା ? ଆଖି ଖୋଲିବା ମାତ୍ରକେ ଯେଉଁଠାରେ ସବାଆଗ ମଣିଷ ଦେଖାଯାନ୍ତି; ଆଗକୁ ପାଦ ପକାଇବା ମାତ୍ରକେ ଯେଉଁଠାରେ ପାଦତଳେ ଭୂଇଁଟା ରହିଛି ବୋଲି ସବାଆଗ ଅନୁଭବ ହୁଏ, ସମ୍ଭବତଃ କେବଳ ସେହିଠାରେ ହିଁ ଜ୍ଞାନ ପ୍ରସବସମର୍ଥ ହୁଏ, ବିବେକ ମଧ୍ୟ ପ୍ରଭାବସମର୍ଥ ହୁଏ ବିଜ୍ଞାନ ଯଥାର୍ଥ ଭାବରେ ଗତିସମର୍ଥ ହୁଏ। ତା'ନହେଲେ ବାହାରେ ବିଜ୍ଞାନୀ ଦମ୍ଭଟା ଯେତେ ଫଟଫଟ ହେଉଥିଲେ ମଧ୍ୟ ଭିତରେ ଅସଲ ଅନୁରକ୍ତିର ଖଟୁଲିଗୁଡ଼ିକ ଉପରେ ସେହି ପୁରୁଣା ଦିଅଁମାନ ବସି ରହିଥାନ୍ତି ଆମ ଚୁଟିକୁ ଧରି ବସି ରହିଥାନ୍ତି।

୧୬।୭।୮୦

ନିଜ ଭିତରୁ ଯେତେବେଳେ ନିଜର ଅସଲ ବନ୍ଧୁଟିର ସ୍ପର୍ଶଲାଭ ସମ୍ଭବ ହୁଏ, ସେତେବେଳେ ସଂସାର ଭଲ ଲାଗେ, ସଂସାର ଭାରି ଭଲ ଲାଗେ। ସଂସାର ଯଥାର୍ଥରେ ନିଜର ଘର ପରି ମନେହୁଏ। ଏହି ଘରେ ଆମେ ସଂସାରର ସମସ୍ତଙ୍କୁ ହିଁ ସ୍ଥାନ ଦେଇ ଦେଖିବାକୁ ସମର୍ଥ ହେଉ। ସଂସାରର ସମସ୍ତେ କାହିଁକି ମୋ'ର ଆପଣାର, ସେହି ବିଷୟରେ ଗୁଡ଼ାଏ ଶାସ୍ତ୍ରପ୍ରମାଣ ମିଳିଗଲେ ହିଁ ନିଜଭିତରେ ସମସ୍ତଙ୍କୁ ଜାଗା ଦେଇ ପାରିବା ମୋଟେ ସମ୍ଭବ ହୁଏନାହିଁ। ଅନେକ ଲୋକ ଅଛନ୍ତି ଯେଉଁମାନେ କି ହୁଏତ ଶାସ୍ତ୍ରପାଇଁ ଆପଣାକୁ ଗୋଟାସୁଦ୍ଧା ଖୋଲି ଦେଇଥାନ୍ତି, ତଥାପି ଆପଣାକୁ ସ୍ୱାଭାବିକ ଭାବରେ ଖୋଲିଦେଇ ପାରି ନଥାନ୍ତି। ଏମାନଙ୍କୁ ଆଗ ନିଜ ଭିତରେ ନିଜ ବନ୍ଧୁଟିର ପରିଚୟ ଲାଭ କରିବାକୁ ହୁଏ, ଅସଲ ବନ୍ଧୁଟିର ସ୍ପର୍ଶ ଲାଭ କରିବାକୁ ହୋଇଥାଏ। ସେହି ସ୍ପର୍ଶଟି ମିଳିଯାଇ ପାରିଲେ ସଙ୍କୋଚ ଯାଏ, ଭୟ ଭାଙ୍ଗେ। ତା'ପରେ ସେହି ନିଜ ଭିତରୁ ହିଁ ଅସଲ ଖିଅଗୁଡ଼ିକ ମିଳିଯାଏ; ଚିହ୍ନିବାର, ଅନୁଭବ କରିବାର ଅସଲ କାଠିଗୁଡ଼ିକ ମିଳିଯାଏ। ଏବଂ ସେହିଗୁଡ଼ିକର ସାହାଯ୍ୟରେ ଆପଣାକୁ ସବୁଟି ସହିତ ବାନ୍ଧିରଖିବା ସମ୍ଭବ ହୁଏ, ସହଜ ହୋଇଯାଏ। ତା'ପରେ ଆପଣାର ଭିତରକୁ ଅଥବା ଆପଣାର ବାହାରକୁ ଅନାଇବା ବେଳକୁ ମୋଟେ ଡର ଲାଗେନାହିଁ, ମୋଟେ ଏକୁଟିଆ ଲାଗେନାହିଁ। କାନ୍ଥଗୁଡ଼ାକ ଉପରେ ବିଶ୍ୱାସ ତୁଟିଯାଏ, ହୁଏତ ବିଶ୍ୱାସର ସଂଜ୍ଞାଗୁଡ଼ାକ ହିଁ ଏକାବେଳକେ ବଦଳିଯାଏ। ସେତେବେଳେ ଜ୍ଞାନ, ଭକ୍ତି, ଶ୍ରଦ୍ଧା, ଅନୁରାଗ ଓ ଅଭୟ କହିଲେ ଏକାବେଳକେ ଅନ୍ୟ କଥାଗୁଡ଼ିକୁ ବୁଝାଏ, ଅନ୍ୟ ସମ୍ପଦଗୁଡ଼ିକୁ ବୁଝାଏ। ନିଜର ଘରଟି ଭିତରେ ନିଜ ଘରଟିର ମାଧ୍ୟମରେ ହିଁ ସଂପୂର୍ଣ୍ଣ ଆକାଶଟିର ପରିଚୟ ମିଳେ, ସ୍ପର୍ଶ ମିଳିଯାଏ।

୧୩ । ୬ । ୮୦

ଯାହାକୁ ଆମେ ଭଗବାନ ବୋଲି ମାନୁଛୁ, ତାଙ୍କର ସାହାଯ୍ୟରେ ଅଥବା ଆମ ଭାଷାରେ କହିଲେ ତାଙ୍କର କୃପାବଳରେ ଏହି ସଂସାରରେ ସୁଖରେ ଶାନ୍ତିରେ ରହିବାଲାଗି ଯଦି ଆମେ ଇଚ୍ଛା କରୁଥାଉ, ତେବେ ଆମର ସେହି ସୁଖ ଓ ଶାନ୍ତିର କାମନା ଆମକୁ ଖୁବ୍ ବେଶୀଦୂର ଆଗକୁ କଦାପି ନେଇଯାଇ ପାରିବନାହିଁ । ଅର୍ଥାତ୍, ତାହା ଆମ ଭିତରେ ପ୍ରାପ୍ତ କୌଣସି ଦ୍ୱାରର ଉନ୍ମୋଚନ ଘଟାଇ ପାରିବନାହିଁ । ଏବଂ ଦ୍ୱାରର ଉନ୍ମୋଚନ ନଘଟିଲେ ମୁଁ କେବଳ ଜ୍ଞାନ, ଭକ୍ତି ଅଥବା କର୍ମର ଗୋଟାଏ ଗାତ ହୋଇ ରହିଯିବି, ଗୋଟାଏ କୂପ ହୋଇ ରହିଯିବି ସବୁକିଛିକୁ ତାହାର ଭିତରକୁ ଟାଣିବାଲାଗି ଇଚ୍ଛା କରୁଥିବି, ସବୁକିଛିକୁ କେବଳ ମୋ' କ୍ଷୁଦ୍ର ତାର ଯାବତୀୟ ମୋହ ଏବଂ ଉତ୍ତେଜନା ଦେଇ କ୍ଷୁଦ୍ର କରି ରଖୁଥିବି, ଦେଉଳ କରି, ରଖୁଥିବି, ଧଅଁ କରି ରଖୁଥିବି ଓ ସେଇଥିରୁ ଗୋଟାଏ ଜାତିର ଉଦ୍ଭାବନ କରାଇ ମୁଁ ତାହାର ଭିତରେ ତାତି କରି ରହୁଥିବି । ତେଣୁ, ସୁଖ ଓ ଶାନ୍ତିର ବାଟ ମୋତେ ମୋ' ନିଜଭିତରେ ହିଁ ଅଧିକରୁ ଅଧିକ ଦମ୍ଭଯୁକ୍ତ କରି ବାନ୍ଧି ରଖିବାରେ ଲାଗିଥିବ, ମୋ'ର ଆଖିଗୁଡ଼ାକୁ ତାହା ଆହୁରି ଅଧିକ ଆବୃତ ଏବଂ ରଙ୍ଗମୁକ୍ତ କରି ରଖୁଥିବ । ନା,— ସେବାଟ ମୋଟେ ନୁହେଁ । ବାଟ ହେଉଛି ଅନୁରାଗର ଉନ୍ମୋଚନର ଓ ସମର୍ପଣର;— ଗୋଟାଯାକ ତାହାର ଲାଗି ପ୍ରସ୍ତୁତ ହେବାର, ଅର୍ଥାତ୍ ନିଜ ଭିତରେ ତାହାର ଆବିଷ୍କାର କରିବାର, ତାହାକୁ ହିଁ ଅନୁଭବ କରିବାର ।

୧୪ । ୬ । ୮୦

ବାରବାର ସେଇ ଗୋଟିଏ କଥା,— ଏସବୁ ମୋ' ସକାଶେ ନୁହେଁ, ମୁଁ ହେଉଛି ଏହି ସବୁକିଛି ସକାଶେ । ଏହି ଜଗତ ମୋ' ସକାଶେ ନୁହେଁ, ମୁଁ ହେଉଛି ଏହି ଜଗତ ସକାଶେ । ଭଗବାନ ମୋ' ସକାଶେ ନୁହନ୍ତି, ମୁଁ ଭଗବାନଙ୍କ ସକାଶେ । ମୁଁ ଯାହାକୁ ନିଜର ଆଦର୍ଶ ବୋଲି କହୁଛି, ସେହି ଆଦର୍ଶ କଦାପି ମୋ ଆଦର୍ଶ ନୁହେଁ । ଯେଉଁଠାରେ ସେହି ଆଦର୍ଶ ମଧ୍ୟରେ ମୁଁ ସମସ୍ତଙ୍କୁ ଅନ୍ତର୍ଭୁକ୍ତ ହୋଇ ରହିଥିବାର ଅନୁଭବ କରିପାରୁଛି, ଯେଉଁଠାରେ ତାହା ସମସ୍ତଙ୍କର ଭବିଷ୍ୟ ଓ ଭବିତବ୍ୟ ମଧ୍ୟକୁ ପ୍ରସାରିତ ହୋଇ ରହିଛି, ସେହିଠାରେ ମୁଁ ସେହି ଆଦର୍ଶର ସକାଶେ । ଅର୍ଥାତ୍, ମୋ' ଜୀବନରେ ଆଗକୁ ଯିବାର ଯାବତୀୟ ପ୍ରେରଣା ହେଉଛି ନିଜ ଭିତରକୁ ଆହୁରି ଅଧିକ ଗଭୀରକୁ ଯାଇ ପାରିବାର ପ୍ରେରଣା, ଯେଉଁଠାରେ କି ମୋ' ସହିତ ଲାଗିଥିବା ସବୁଯାକ ଛିଅକୁ ଅତ୍ୟନ୍ତ ଆପଣାର ବୋଲି, ଆପଣା ଅସ୍ତିତ୍ୱର ସକଳ ଔଚିତ୍ୟରୂପେ ଅନୁଭବ କରିପାରିବ । ତେଣୁ,

ମୋ'ର ଜ୍ଞାନ,ମୋ'ର ଅର୍ଜନ,ମୋ'ର ଗୌରବ,—ଏସବୁ କିଛି ମୋ'ର ନୁହେଁ । ଏପରିକି, ମୋ'ର ଖ୍ରୀଷ୍ଟତା ମଧ୍ୟ ଗୋଟାସୁଦ୍ଧା ମୋ'ର ନୁହେଁ ତାହା ଏହି ସମଗ୍ର ଦର୍ପଣଟିର ।

୧୫ । ୭ । ୮୦

ଯୋଉମାନେ ଏତେ ଆଡମ୍ବର କରି ସାରା ସଂସାରଟାକୁ ବଦଳାଇ ଦେବେ ବୋଲି ବାହାରିଛନ୍ତି, ସେମାନେ ଆପଣାକୁ ସତେ କେଡ଼େ ଅବର୍ଜିଆ କରି ରଖି-ନାହାନ୍ତି ! ନିଜ ଭିତରେ ସତେଅବା କୋଉ ଅସୁରଗୁଡ଼ାଙ୍କୁ ମୋଟେ ସାଧି ନପାରି ସେମାନେ ବାହାରେ ସେହି ଅସୁରମାନଙ୍କୁ ସଂହାର କରିବେ ବୋଲି ବାହାରିଛନ୍ତି ଓ ସେହି ଯୁଦ୍ଧରେ ଆପଣାକୁ ଲୁଚାଇ ରଖିବାପାଇଁ ଗୁଡ଼ାଏ ଢାଲ ବା ଆବରଣର ବ୍ୟବହାର କରିବାରେ ଲାଗିଛନ୍ତି । ଖଣ୍ଡା ବୋଲି ଗୁଡ଼ାଏ ଶାସ୍ତ୍ରର ବ୍ୟବହାର କରୁଛନ୍ତି ଅଥବା ଗୁଡ଼ାଏ କ୍ଷମତାର ବ୍ୟବହାର କରୁଛନ୍ତି । ମଣିଷ ଆପଣା ଭିତରେ ଅନେକ ସ୍ଥାନରେ ପରାଭୂତ ହୋଇ ରହିଥିଲେ ପ୍ରାୟ ଠିକ୍ ଏମିତି ବାହାରେ ଦୁର୍ବିସ୍ମ ହୋଇ ରହିଥାଏ, ଠିକ୍ ଏହିପରି ଭାବରେ । ଭାରି ଅସ୍ୱାଭାବିକ ହୋଇ ରହିଥାଏ । ବାହାରର ଏହି ଦୁର୍ବିସ୍ମତାକୁ କଦାପି ନିଜଭିତରେ ପରାଭୂତ ହୋଇ ରହି ଜୟ କରିଯାଇ ପାରିବନାହିଁ । ଭିତରେ ଆପଣାର ପରାଭବଗୁଡ଼ାକୁ ସାଧି କରିପାରିଲେ ଯାଇ ବାହାରେ ମଣିଷ ସହଜ ହେବ, ସହଯୋଗୀ ହୋଇ ବାହାରି ପାରିବ ।

୧୭ । ୭ । ୮୦

ଭୋଟ ପାଇବାପରେ ଏମାନେ ପୁଣି ସଭା କରିବାକୁ ଆରମ୍ଭ କଲେଣି । ସ୍ୱୀକୃତି ପାଇବାପରେ ମଣିଷ ନୀରବ ହୋଇ ଯାଆନ୍ତା, ଆପଣାର ଅଧିକ ଗମ୍ଭୀରକୁ ଚାଲିଯାଆନ୍ତା, ଆପଣାର ଅର୍ଥାତ୍ ଆପଣା କର୍ତ୍ତବ୍ୟର ଅଧିକ ଭାଜନ ହୁଅନ୍ତା,—ତେବେଯାଇ ସିଏ ଏହିସବୁ କ୍ଷମତା ଉପରେ କ୍ଷମତାଧାରୀ ହୋଇ ଶୋଭା ପାଆନ୍ତା, ଯାବତୀୟ ସିଂହାସନ ଉପରେ ପ୍ରକୃତରେ ଏକ ମସ୍ତକ ବା ମୁକୁଟ ପରି ଶୋଭା ପାଆନ୍ତା । ମାତ୍ର ଏଠି ସବୁକିଛି ଓଲଟା ହେବାରେ ଲାଗିଛି । ଆମେ ତଳେ ରହିଯାଉଛୁ ଓ ଆମ ହାତରେ ଦିଆ ଯାଇଥିବା କ୍ଷମତା ଆମଉପରେ ସତେଅବା ଗୋଟାଏ ମଦଭଣ୍ଡ ହୋଇ ଲଦିହୋଇ ରହୁଛି, ଆମକୁ ଗ୍ରାସ କରି ପକାଉଛି, ଆମର ଯାବତୀୟ ନିଜସ୍ୱ ଶୋଭା, ନିଜସ୍ୱ ଗୌରବ ଓ ନିଜସ୍ୱ ଆସ୍ଥାକୁ ତାହା କୁଆଡ଼େ ପୋତି ପକାଉଛି । ଆମେ ଅଧିକ ଫୁଲିଗଲା ପରି ଦେଖାଯାଉଛୁ ସତ, ମାତ୍ର ତାହାର ଭିତରେ କୁଆଡ଼େ ମରି ପଚି ଯାଉଚି । ତୁଚ୍ଛା ଧନ୍ଦାଗୁଡ଼ାକର ହିଡ଼ାଡ଼ରେ ଆମର ଅସଲ ଗଳାଟି କୁଆଡ଼େ ଲୁକ୍କାୟିତ ହୋଇ ରହୁଛି । ଏହି

କ୍ଷମତା ଆମକୁ ଅବସନ୍ନ କରି ପକାଉଛି, ନାନା ମନ୍ଦ ଶ୍ଳଥତା ଭିତରେ ସତେଅବା ଆମକୁ ଗୋଟାଏ ଅନ୍ତଃରୋଗୀ ପରି କରି ରଖୁଛି । ଆମର ଉଦ୍ଧତତାଗୁଡ଼ାକ ଅର୍ଥାତ୍ ଭିତରେ ରହିଥିବା ନ୍ୟୂନତାଗୁଡ଼ାକ ସତେଅବା ଗୋଟାଏ ଭାବପ୍ରବଣତାରେ ପରିଣତ ହୋଇ ଯାଉଛି । ଆମକୁ ଅପୁରୁଷ କରି ପକାଉଛି, ଆମର ଭିତରେ ଥିବା କେଉଁ ଦୁର୍ଦ୍ଦାନ୍ତ ହାତରେ ଆମକୁ କ୍ରୀଡ଼ନକ କରି ରଖୁଛି ।

୧୭ । ୭ । ୮୦

ଏହି ଦେଶ ମୋ'ର ଭୂମି, ଏହି ଦେଶରି ଉପାଦାନ ମୋତେ ମୂଳରୁ ଗୋଟିଏ ବିଶିଷ୍ଟ ବ୍ୟଞ୍ଜନ ଦେଇ ଗଢ଼ିଛି, ମୋ'ର ଯାବତୀୟ ଆକାଙ୍କ୍ଷାକୁ ଏକ ବିଶିଷ୍ଟ ଅବଲମ୍ବନପଥ ଯୋଗାଇ ଆସିଛି । କିନ୍ତୁ ତଥାପି ମୋ'ର ସମ୍ପତ୍ତି ନୁହେଁ । ତାହା ମୋ'ର ଗୌରବର କାରଣ ହେବ ସତ, ମାତ୍ର କଦାପି ମୋ' ଦମ୍ଭ ବୃଥାଭିମାନର କାରଣ ହୋଇ ପାରିବନାହିଁ । ତାହା ମୋ' ଭିତରେ ମୋତେ ନିଜକୁ ଲୁଗ୍ଣଇକରି ରଖିବାଲାଗି ଆଦୌ କୌଣସି ପ୍ରଶ୍ରୟ ଦେବନାହିଁ । ତାହା ମୋ'ଲାଗି ବିଚରଣର ଏକ କ୍ଷେତ୍ର ହୋଇ ରହିବ, ଏକ ଆକାଶ ହୋଇ ରହିବ । ତାହା ମୋ'ଲାଗି ଗୋଟିଏ ଘର ହୋଇ ରହିବ । ସେଇଠି ଠିଆ ହୋଇ ମୁଁ ନିଜର ଯୋଗ୍ୟ ହେବି, ସମସ୍ତଙ୍କର ଯୋଗ୍ୟ ହେବି; ସତ୍ୟର ଯୋଗ୍ୟ ହେବି, ତ୍ରିଭୁବନକୁ ମୋ'ର ଭିତରେ ଦେଖିବି ଓ ନିଜକୁ ତ୍ରିଭୁବନ ମଧ୍ୟରେ ପ୍ରସାରିତ କରିଦେଇ ପାରିବି । ମୋ' ଦେଶ ମୋ' ଲାଗି ଏପରି ଏକ ସୁନ୍ଦର କାର୍ଯ୍ୟ କରିବ, ଯାହାକି ମୋତେ ଅଲଗା କରି କୌଣସି ପ୍ରକାରେ ବାନ୍ଧି ରଖିବାର ଫିକର କରିବନାହିଁ, କିନ୍ତୁ ମୋତେ ସବୁଟି ସହିତ, ଜୀବନର ଅନ୍ତରଙ୍ଗତମ ଆହ୍ୱାନଟି ସହିତ ସଂଯୁକ୍ତ କରି ରଖି ପାରୁଥିବ ।

୧୮ । ୭ । ୮୦

ଏମିତି ସକାଳୁ ବର୍ଷା ହେଉଥାଏ,—ଆକାଶଟାଯାକ ସଦ୍ୟସ୍ନାତ ହୋଇ ସନ୍ତୁଷ୍ଟ ହୋଇ ଅନାଇ ରହିଥାଏ, ଗଛର ପତ୍ରଗୁଡ଼ାକ ସତେଅବା କାହାର ସ୍ନେହାଶ୍ରୁ ଭିତରେ ସ୍ନାନ କରି ଆସିଥିବା ପରି ଉଜ୍ଜ୍ୱଳ ହୋଇ ହାଲୁକା ହୋଇ ଠିଆ ହୋଇ ରହିଥାନ୍ତି । ଠିକ୍ ଏତିକିବେଳେ ନିଜକୁ ବି ଭାରି ହାଲୁକା ଲାଗେ, ଭାରି ଉଜ୍ଜ୍ୱଳ ଲାଗେ । ଆପଣାକୁ ଅଲଗା କରି, ସତର୍କ କରି ଓ ବିଚ୍ଛିନ୍ନ କରି ଭାବିବାପାଇଁ ଯେତିକି ବୁଦ୍ଧି ଦରକାର, ସେହି ବୁଦ୍ଧିଟିକକ ମଧ୍ୟ ସତେଅବା ଆଉ କାହାର ବୋଲି ମାନି କୁଆଡ଼େ ଉଶ୍ୱାସ ହୋଇଯାଇଥାଏ,—କେତେ ବିଶ୍ୱାସରେ ସତେଅବା ଭାରି ହାଲୁକା ହୋଇଯାଇଥାଏ । ଠିକ୍ ସେତିକିବେଳେ ଆପଣା ଆଡ଼କୁ ଅନାଇଦେବା ମାତ୍ରକେ ସତେଅବା ଆକାଶଟା ଯାକ ଗୋଟାସୁଦ୍ଧା

ଧୋଇଯାଏ, ଏ ଗଛ ଆଉ ପତ୍ରମାନେ ସମଗ୍ରେ ଧୋଇଯାଆନ୍ତି । ବାଟଗୁଡ଼ାକର ସବୁ କାଦୁଅ କୁଆଡ଼େ ଦୂର ହୋଇଯାଏ, ଗ୍ଲାନି ଆସିଥିବାର ସକଳ ସନ୍ତାପ ଦୂର ହୋଇଯାଏ ।

୧୯ । ୬ । ୮୦

ଏହି ଜୀବନ ଅନନ୍ତ, ସମ୍ଭବତଃ ଏହି ଅନୁଭୂତିଟିକୁ ଏକ ସତ୍ୟରୂପେ ଅଙ୍ଗେ ନିଭାଇବାକୁ ଆମେ ଏହି ନାନା ଅନ୍ତ ନାନା ସୀମାଯୁକ୍ତ ସଂସାରରେ ବିଚରଣ କରୁଥାଉ । ଏବଂ ସମ୍ଭବତଃ ସେଇଥିଲାଗି ଏଠି ଅହରହ ନାନା ସୀମା ଓ ନାନା ବନ୍ଧ ଖାଲି ଭାଙ୍ଗିଯିବାରେ ହିଁ ଲାଗିଥାଏ । ଆଗରେ ଘେରା ହୋଇଥିବା ପାଚେରି-ଗୁଡ଼ାକ ଭାଙ୍ଗି ଭାଙ୍ଗି ଯାଉଥାନ୍ତି, ନିଜ ଭିତରେ ଟଣାହୋଇ ରହିଥିବା ପରଦା-ଗୁଡ଼ାକ ଅପସରି ଯିବାରେ ଲାଗିଥାନ୍ତି; ଏବଂ ଆପଣା ଭିତରେ ହିଁ ଆପଣାର ଅସଲ ବନ୍ଧୁ ଅର୍ଥାତ୍ ସୁହୃତ୍ଟିର ଦର୍ଶନ ମିଳିଯିବାରେ ଲାଗିଥାଏ । ସେହି ସୁହୃତ୍ ସଂସାର ଭିତରକୁ ବି ବାଟ କଢ଼ାଇନିଏ, ସେହି ସୁହୃତ୍ ସଂସାର ସହିତ ଚିହ୍ନା କରାଇନିଏ । ସଂସାର ଭିତରେ ଯେ ମୋ'ର ଚେରଟି କେତେ କୁଆଡ଼େ ବ୍ୟାପି କରି ରହିଛି ଓ ସଂସାରର ଚେରଗୁଡ଼ାକ ବି ମୋ'ଭିତରେ ବିସ୍ତାରି ଅନୁସ୍ୟୂତ ବିସ୍ତାରି ରହିଛନ୍ତି, ମୋତେ ସେହି ସତ୍ୟଟିକୁ ଅତ୍ୟନ୍ତ ବାସ୍ତବ ଭାବରେ ଅନୁଭବ କରିବାରେ ନିତ୍ୟ ଅବସରଟିକୁ ଦେଇଯିବାରେ ଲାଗିଥାଏ । ତା'ପରେ ଯୁକ୍ତି ସଂଗ୍ରହ କରି ବୁଝିବାଲାଗି ଆଉ ଆଦୌ କୌଣସି ଆବଶ୍ୟକତା ନଥାଏ । ଚିହ୍ନା ହୋଇଯିବା ପରେ ସେହି ଚିହ୍ନାଟିର ମାଧ୍ୟମରେ ହିଁ ସବୁକିଛି ବୁଝିହୁଏ । ସବୁକିଛିକୁ ସତ୍ୟରୂପେ ଅନୁଭବ କରିହୁଏ । ତା'ପରେ ଏହି ହୃଦୟର ସୀମାଗୁଡ଼ାକୁ କଳିବାଲାଗି ଆଉ ମୋତେ ଆଖିପାଏନାହିଁ ।

୨୦ । ୬ । ୮୦

ମଣିଷ ଯେତେବେଳେ ଅନ୍ୟମାନଙ୍କୁ ଡରେ, ସେତେବେଳେ ସିଏ ପ୍ରକୃତରେ ଆପଣାର ଆପେ ସମ୍ମୁଖୀନ ହେବାକୁ ହିଁ ଡରୁଥାଏ । ଆପଣା ଭିତରେ କେଉଁଠି କେତେ ଖାଲ, ଖାତ, ଅନ୍ଧାର ଓ ଅବର୍ଜିଆର ସମ୍ମୁଖୀନ ହେବାକୁ ସିଏ ଡରୁଥାଏ । ହୁଏତ ସିଏ ସେଗୁଡ଼ିକୁ ସମ୍ଭାରି ଧରି ରଖିବାକୁ ଚାହୁଁଥାଏ । ଏହି ସବୁକିଛି ଉପରେ ଗୋଟାଏ ମୁଖା ଘୋଡ଼ାଇଦେଇ ସେଇଟାକୁ ସିଧା ସଂସାରରେ ବାଟ ଚାଲିବାକୁ ଅର୍ଥାତ୍ ପରିଚିତ ହେବାକୁ ଇଚ୍ଛା କରୁଥାଏ । ଏହିପରି ମୁଖାର ଆଶ୍ରିତ ହୋଇ ରହି ସିଏ ଆପଣାଠାରୁ ଆପେ କଳି କାଟି ବାହାରେ ବାହାରେ ବୁଲୁଥାଏ । ଏବଂ ସେଇଥିଲାଗି ଅନ୍ୟମାନଙ୍କୁ ସେମାନଙ୍କର ମୁଖାଗୁଡ଼ାକ ଦ୍ୱାରା ହିଁ ଚିହ୍ନିବାର ଭ୍ରମରେ ପଡ଼ି ଯାଇଥାଏ । ନିଜର ମୁଖାଗୁଡ଼ାକୁ ଖୋଲିଦେଲେ ସିଏ

ହୁଏତ ନିଜର ସମ୍ମୁଖୀନ ହୋଇ ପାରନ୍ତା, ହୁଏତ ଆପଣାର ଘରଟିକୁ ସିଏ ସମ୍ପୂର୍ଣ୍ଣ ଭାବରେ ଚିହ୍ନି ପାରନ୍ତା । ମାତ୍ର ଆପଣାର ଅନ୍ତରଙ୍ଗ ହେବାକୁ ତାକୁ ଭାରି ଡର ମାଡୁଥାଏ । ଅନ୍ୟମାନଙ୍କର ଅନ୍ତରଙ୍ଗ ହୋଇ ପାରିବାର ଯାବତୀୟ ପଥ ତାକୁ ଭାରି ଦୁଃସାଧ ବୋଲି ଲାଗୁଥାଏ । ସିଏ ନିଜ ଭିତରେ ଗୋଟାଏ କବାଟ ଲଗାଇ ଦେଇ ସଂସାର ଭିତରକୁ ଯାଏ ।

୨୧।୬।୮୦

ଏହି ଦିନଗୁଡ଼ାକ ସରି ଯାଉନାହିଁ । ଏହି ଦିନଗୁଡ଼ିକ ପ୍ରକୃତରେ ଆସୁଛି । ଏଗୁଡ଼ିକ ଫୁଲ ହୋଇ ନୂଆ ଚିନ୍ତା ଓ ନୂଆ ଆରାଧନା ଲାଗି ପ୍ରସ୍ତୁତ ହେଉଛନ୍ତି । ଏଗୁଡ଼ିକ ଭବିଷ୍ୟଦର୍ଶନର କାରଣ ହେବାରେ ଲାଗିଛନ୍ତି । ଏଗୁଡ଼ିକ ମୋ'ର ଅସଲ ପଥରେ ଗୋଟିଏ ଗୋଟିଏ ଖୁଣ୍ଟ ହୋଇ ରହୁଚନ୍ତି, ମୋ'ର ଅସଲ ଜନନୀ ପାଖରେ ମୋତେ ପହଞ୍ଚାଇ ଦେବାଲାଗି ଏମାନେ ସମସ୍ତେ ଜଣେ ଜଣେ ଜନନୀ ପରି କାର୍ଯ୍ୟ କରୁଛନ୍ତି । ଏହିପରି ଭାବରେ ଯେତେବେଳେ ମୋ'ର ଅତୀତଟି ସହିତ ଭବିଷ୍ୟ ଲାଗିକରି ରହିଛି, ମୋ'ର ଉର୍ଦ୍ଧ୍ୱଟି ସହିତ ମୋ'ର ସଞ୍ଚିତ ଗଭୀର ଗୁଡ଼ିକ ଲାଗିକରି ରହିଛନ୍ତି, ଠିକ୍ ସେତିକିବେଳେ ମୋ' ଭିତରେ ଏହି ଅବିଚ୍ଛିନ୍ନତା ଏବଂ ଏହି ଅମରତ୍ୱର ଅନୁଭବଟି ଆସି ସମ୍ଭବ ହୋଇ ଯାଉଛି କି ? ଆଗେ ଏସବୁର ଅନୁଭବ ସମୟରେ ମୁଁ ସତେଅବା ଭାରି ବିହ୍ୱଳ ହୋଇ ପଡୁଥିଲି । ଏବେ ତାହା ଅତ୍ୟନ୍ତ ସ୍ୱାଭାବିକ ବୋଲି ଲାଗୁଛି, ଏହି ଖିଅଟି ଭିତରେ ମୁଁ କୁଆଡେ ମନ କୁଆଡ଼େ ସ୍ୱାଭାବିକ ଭାବରେ ବାନ୍ଧିହୋଇ ଯାଉଛି ।

୨୨।୬।୮୦

ପିଲାମାନଙ୍କୁ ଏକ ଭଲ ପାଇବାର ବସ୍ତୁ ବୋଲି ମନେକରି ଆମେ ଅନେକ ସମୟରେ ସେମାନଙ୍କୁ ଭଲ ପାଇଥାଉ । ଲୋକମାନଙ୍କୁ ଦୟା ଦେଖାଇବାର ବସ୍ତୁ ବୋଲି ମନେ କରି ଆମେ ଯେମିତି ଅନେକ ସମୟରେ ଦୟା ଦେଖାଇଥାଉ ପ୍ରାୟ ଠିକ୍ ସେମିତି । କିନ୍ତୁ ସେମାନଙ୍କୁ ଆମେ ମଣିଷ ବୋଲି ସ୍ୱୀକାର କରି ମର୍ମତଃ ଆମର ସମକକ୍ଷ ଭାବରେ ସ୍ୱୀକାର କରିନେବୁ ଅର୍ଥାତ୍ ଭଲ ପାଇପାରିବୁ କେତେବେଳେ ? ହୁଏତ ସେଥିଲାଗି ଆଗ ଆପଣାକୁ ମଣିଷ ପରି ଭଲ ପାଇବାକୁ ପଡ଼ିବ, ଆଗ ଆପଣାକୁ ଜଣେ ମଣିଷ ବୋଲି ସ୍ୱୀକାର କରିବାକୁ ପଡ଼ିବ । ଆପଣାର ବସ୍ତୁ, ଆପଣାର ଅଧିକାର ଓ ତଜ୍ଜନିତ ଦୌରାତ୍ମ୍ୟ, ଆପଣାର ଯାବତୀୟ କ୍ଷମତା ଏବଂ ଆପଣାର ଯାବତୀୟ ଆସନ ସତ୍ତ୍ୱେ ସବା ଆଗ ଆପଣାକୁ ମଣିଷ ବୋଲି ସ୍ୱୀକାର କରିନେଇ ପାରିଲେ ଯାଇ ହୁଏତ ସେକଥା ହେବ । ଆମେ ପିଲା ଥିଲାବେଳେ କେହି ଆମକୁ ମଣିଷ ବୋଲି

ସ୍ୱୀକାର କରିନାହାନ୍ତି ବୋଲି କ'ଣ ଆମେ ଆମର ଏହି ଦାରିଦ୍ର୍ୟଟି ଦ୍ୱାରା ସଦା-ଉତ୍ତେଜିତ ରହି ଆମ ଗୃହପାଖରେ ରହିଥିବା ପିଲଙ୍କ ଉପରେ ଦାଉ ସାଧିବାରେ ଲାଗିଥିବା ? ଆମେ ଯଦି ଏହି ଜଗତକୁ ବଦଳାଇବାକୁ ଇଚ୍ଛା କରୁଥିବା, ନିଜେ ବଦଳିବାକୁ ଇଚ୍ଛା କରୁଥିବା ତେବେ ଏପରି ହେବା ମୋଟେ ଉଚିତ ନୁହେଁ ।

୨୩ । ୭ । ୮୦

ପୁଅ ଘରେ ଏକାବେଳେକେ ଏକା । ସେଇପୁଅ ସେଇ ଝିଅ । ବାପା ଆଉ ମାଆ ଦୁଇଜଣଙ୍କର ଦୃଷ୍ଟି ଓ ଯତ୍ନ ତା'ଉପରେ ଏକାବେଳେକେ ଅଜାଡ଼ି ହୋଇ ପଡ଼ିବା ଏକାନ୍ତ ସ୍ୱାଭାବିକ । ମାତ୍ର ତଥାପି ପୁଅକୁ ଭାରି ଏକୁଟିଆ ଲାଗିବା କଥା । ଏହି ଘରେ ଆଉଗୋଟିଏ ଛୁଆ ଥାଆନ୍ତା କିମ୍ବା ଆଉ କେତୋଟି ଛୁଆ ଥାଆନ୍ତେ, ଯେଉଁ-ମାନଙ୍କ ସହିତ ସିଏ ଖେଳୁଥାଆନ୍ତା, ଏକାଠି ବସି ଖାଉଥାଆନ୍ତା, କଳି କରୁଥାଆନ୍ତା । ଏଇଥିରୁ ଅନେକ ପ୍ରକାର ଅରୁଚି ଜାତ ହୋଇଥାଏ । ତାକୁ ଭୋକ କରେନାହିଁ, ସିଏ ହାଉଁ ହାଉଁ କରି ଅସୁରଙ୍କ ପରି କିଛି ଖାଇବାକୁ ମନ କରେନାହିଁ, ଅଝଟ କରେନାହିଁ କିମ୍ବା ନିଜେ ଆଉ କାହାକୁ ବଳିଯିବାକୁ ଇଚ୍ଛା କରେନାହିଁ । ଉଦ୍ୟମ, ଉତ୍ସାହର ଘରେ ଯେତେ ଆଗରେ ଯାଇ ରହିବା କଥା, ସିଏ ଆଦୌ ସେତେ ଆଗରେ ନଥାଏ । ଏହାର କେବଳ ଗୋଟିଏ ପ୍ରତିକାର ରହିଛି । ବାପାମାଆଙ୍କୁ ସେହି ପୁଅଟିର ସାଙ୍ଗ ହେବାକୁ ପଡ଼େ । ତା' ସହିତ ଖେଳିବାକୁ ପଡ଼େ; ତା' ସହିତ ଅଜଟ କରିବାକୁ ପଡ଼େ, ଏକାଠି ଖଟ ଉପରେ କିଛି ସମୟ ଗଡ଼ିବାକୁ ପଡ଼େ । ତେବେଯାଇ ଏହି ଘରେ ପିଲା ତା' ସାଙ୍ଗକୁ ଆଉ କେହି ଅଛନ୍ତି ବୋଲି ଅନୁଭବ କରେ । ପରିବେଶରୁ ଉତ୍ସାହ ପାଏ, ଆହ୍ୱାନ ପାଏ । କିନ୍ତୁ ଏହି ସଖ୍ୟ ଯୋଗାଇ ପାରିବା ପ୍ରକୃତରେ କେତେ କଷ୍ଟ ! ନିଜକୁ ଭୁଲି ପୁଅ ସହିତ ତା'ର ସମବୟସୀ ହୋଇ ପାରିଲେ ଯାଇ ତାହା ହୁଏ ।

୨୪ । ୭ । ୮୦

ଆମେ ସବୁ ଗୋଟିଗୋଟି ହୋଇ ଖସି ଯାଉଥିବା, ତଥାପି ମଣିଷସମାଜ ରହିବ, ଦେଶ ରହିବ—ଭବିଷ୍ୟଗୁଡ଼ାକ କେବଳ ବର୍ତ୍ତମାନର ଦୌରାତ୍ମ୍ୟଦ୍ୱାରା କଦାପି ନଷ୍ଟ ହୋଇ ଯିବନାହିଁ । ଆମେ ହୁଏତ ଠିକ୍ ଯାଇ ସବୋଚ୍ଚ ସିଂହାସନଟି ଉପରେ ବସିବାର ଉପକ୍ରମ କରୁଥିବା ସମୟରେ, ସିଂହାସନଟି ଯେପରି ଥିଲା, ଠିକ୍ ସେହିପରି ରହିଥିବ, କିନ୍ତୁ ଆମେ କୁଆଡ଼େ ମନ କୁଆଡେ ଖସି ଚାଲିଯିବା । ଏହି ଖସି ଚାଲିଯିବାର ଆଦୌ କୌଣସି କାରଣ ଆଖିକୁ ଦେଖା ଯାଉନଥିବ, ମାତ୍ର ଆମେ ତଥାପି ଖସି ଚାଲିଯିବା, ଅସ୍ତମିତ ହୋଇଯିବା; — ଆଗରେ ଥିବା କେଉଁ ପାହାଚ ଲାଗି ଆମେ ସତେଅବା ଗୋଟାଏ ପାହାଚ ହୋଇ ରହିଯିବା । ସଂସାରରେ

ଗଙ୍ଗର ଗର୍ବିତତା ଭାଙ୍ଗୁଥିବା ସମୟରେ ଏସବୁ ଯେ ଘଟେ, ତାହା କଦାପି ଏକ ଅନ୍ଧବିଶ୍ୱାସ ନୁହେଁ, ଆଦୌ ଏକ ଦୁର୍ବଳ ବିଶ୍ୱାସ ନୁହେଁ । ଏହା ସତ୍ୟ, ଏକ ଅନ୍ୟ ସ୍ତରରେ ଆମର ସବୁକିଛି ଦମ୍ଭ ଓ ଦାମ୍ଭିକତାକୁ ତାହାର ଚୂଡ଼ାନ୍ତ ସର୍ବ-ଶେଷ ପର୍ଯ୍ୟାୟକୁ ନେଇ ଚାଲି ଯାଉଥିବା ଏକ ସତ୍ୟ । ସେଇଥିଲାଗି ସମ୍ଭବତଃ ଡ଼ୋର ବାନ୍ଧି ରହିବାକୁ ହୁଏ, ସେଇଥିଲାଗି ହାର ମାନିବାକୁ ହୁଏ । ନମିତ ହେବାକୁ ହୁଏ । ଭାରତୀୟ ରାଜନୀତିରେ ନମିତ ହେବାର ରୀତିଟି ଯେ କୋଉଦିନୁଁ ପ୍ରତ୍ୟାଖ୍ୟାତ ହୋଇ ରହିଥିଲା, ଆମକୁ ତାହାର ସ୍ମରଣ କରାଇଦେବା ଲାଗି ହୁଏତ ଏପରି ଘଟିଲା ।

୨୫ । ୭ । ୮୦

ଏମିତି କର୍ମଭାର ପରେ କର୍ମଭାରରେ ମୁଁ ନିତି ହାଲୁକା ହୋଇ ଯାଉଥିବି । ମୁଁ ଯେ ପ୍ରକୃତରେ ଅତି ପାଖରେ ରହିଛି, ତାହାର ଅନୁଭୂତିକୁ ମୁଁ ବାରବାର ଲାଭ କରିବାରେ ଲାଗିଥିବି । ଯେତେବେଳେ କାମଗୁଡ଼ାକୁ ଉପରୁ ଆଣି ଲଦି ଦିଆଯାଏ, ସେତେବେଳେ କାମଟା ବୋଝ ବୋଲି ମନେହୁଏ । ମାତ୍ର ଯେତେ-ବେଳେ ଏହି କର୍ମଗୁଡ଼ାକୁ ଆପଣାଆଡ଼ୁ ହିଁ ସ୍ୱୀକାର କରି ନିଆଯାଇ ପାରେ, ସେତେବେଳେ ତାହା କର୍ମବିମୋଚନର କାରଣ ହୁଏ । ମୋ'ର ପ୍ରକୃତରେ କେଡ଼େ ଭାଗ୍ୟ ଯେ ମୁଁ ଏହି ବିମୋଚନର ଅଧିକାରୀ ହୋଇପାରୁଛି । ବିମୁକ୍ତ ହୋଇ ଯେ ଆଦୌ କୁଆଡ଼କୁ ପଳାଇ ଯିବାକୁ ପଡ଼େନାହିଁ, ବିମୁକ୍ତ ହୋଇ ଯେ ପାଖକୁ ଆସିବାକୁ ହୁଏ, ଆହୁରି ପାଖକୁ ଆସିବାକୁ ହୁଏ, ସେହି କଥାଟିକୁ ମୋ'ର ସାନବଡ଼ ଯାବତୀୟ କର୍ମରେ ଅଙ୍ଗେ ନିଭାଇବାର ସୁଯୋଗ ମୁଁ ପାଇପାରୁଛି । ତେଣୁ ଖାଲି ନିଜକୁ ଯେ ହାଲୁକା ମନେହେଉଛି ତା' ନୁହେଁ, ସାରା ସଂସାରଟା ହିଁ ଅତ୍ୟନ୍ତ ହାଲୁକା ମନେହେଉଛି । ବିଶ୍ୱାସ ଯେ ପ୍ରକୃତରେ ମଣିଷକୁ ହାଲୁକା ହିଁ କରିଦିଏ, ମୁଁ ସେହିକଥା ଅନୁଭବ କରିବାରେ ଲାଗିଛି ।

୨୬ । ୭ । ୮୦

ପଛକୁ ଅନାଇବା ମୋଟେ ଖରାପ ନୁହେଁ, ମାତ୍ର ପଛକୁ ଅନାଇବା ସଙ୍ଗେ ସଙ୍ଗେ ଆଗକୁ ଅନାଇବାର ଏବଂ ଆଗକୁ ବାଟ ଚାଲିବାର ଶକ୍ତି ମଧ୍ୟ ରହିଥିବା ଦରକାର । ଆମେ ଯେଉଁମାନେ ଖାଲି ପଛଟାକୁ ଅନାଇ ରହିଥାଉ, ପଛଟା ଏପରି ହୋଇଥିଲେ ବର୍ତ୍ତମାନଟା ଏପରି ହୋଇଆନ୍ତା ବୋଲି ଆମେ ଯେଉଁମାନେ ଅନେକ ସମୟରେ ଛଟପଟ ହେବାରେ ଅଭ୍ୟସ୍ତ ହୋଇ ଯାଇଥାଉ, ସେମାନେ ନିଜ ଭିତରେ ଅସଲ ଯାତ୍ରୀଟିକୁ ଆଦୌ ଚିହ୍ନି ପାରିନଥାଉ । ସେହି ଯାତ୍ରୀ ଏକାବେଳେକେ ଅତୀତ ବର୍ତ୍ତମାନ ତଥା ଭବିଷ୍ୟତକୁ ନିଜ ଭିତରେ ସମ୍ଭାର

ଧରିଥାଏ, ଆମର ଯାବତୀୟ ଅସନ୍ତୋଷକୁ ସିଏ ଗୋଟିଏ ଡୋରରେ ବାନ୍ଧି ରଖିଥାଏ ଓ ସେହି ଡୋରଟିକୁ ମର୍ଜି ରଜ୍ଜୁପରି ବ୍ୟବହାର କରି ଆମକୁ ଆଗକୁ ବାଟ ଦେଖାଇ ନେଉଥାଏ ।

୧୭ । ୭ । ୮୦

ଏମାନେ ସମସ୍ତେ ଏପରି କ୍ଷମତାଲୋଭୀ ହେଲେ କିପରି ? ଏମାନେ ସମସ୍ତେ ଏପରି କ୍ଷମତାଲୋଭୀ ହେଲେ କାହିଁକି ? କ୍ଷମତାରେ ପଶି ପଶି ଏମାନଙ୍କୁ କ୍ଷମତାଗୁଡ଼ାକ ଏପରି ଅତିପ୍ରବଳ ଭାବରେ ଗ୍ରାସ କରି ପକାଇଲା କିପରି ? ଯେଉଁ ଦେଶରେ ଏତେବେଶୀ ପରିମାଣରେ ଅନାବାଦୀ ହୋଇ ଜମିଗୁଡ଼ାକ ପଡ଼ିରହିଛି, ସେଠାରେ ସ୍ୱାଭାବିକ ମଣିଷ ଆଗ ଜଣେ କୃଷୀ ହେବାକୁ ମନ କରିବ । ଏ ଦେଶରେ ଯେତେବେଳେ ମଣିଷମାନେ କୋଟିସଂଖ୍ୟାରେ ଅଲୋଡ଼ା, ଅସନା ଓ ସହାୟହୀନ ହୋଇ ପଡ଼ି ରହିଛନ୍ତି, ସେତେବେଳେ ଏଠି ଯେକୌଣସି ସ୍ୱାଭାବିକ ମଣିଷ ଆଗ ଗୋଟାଏ ହୃଦୟ ନେଇ ସେମାନଙ୍କ ପାଖକୁ ଯିବ, ସାଥୀ ହୋଇ ସେମାନଙ୍କ ପାଖରେ ଯାଇ ଠିଆ ହେବ,—ଆପଣାକୁ କାମରେ ଲଗାଇ ପାରିବା-ଲାଗି ସିଏ ହାତ ବଢ଼ାଇବା ମାତ୍ରକେ କେତେ କେତେ କ୍ଷେତ୍ର ପାଇଯିବ । ମାତ୍ର, ଯେଉଁ କ୍ଷମତାକାଙ୍ଗାଳମାନେ କ୍ଷମତାପ୍ରବଳ ହେବାକୁ ହିଁ ଜୀବନର ଏକମାତ୍ର ଶିକ୍ଷା ବୋଲି ଗ୍ରହଣ କରି ନେଇଛନ୍ତି, ସେମାନେ କ'ଣ କେବେହେଲେ ଆଖିଗୁଡ଼ାକୁ ଖୋଲି ଚାରିଆଡ଼କୁ ଅନାଇ ଦେଖିବାକୁ ମନ କରନାହାନ୍ତି ? ନା, ସେମାନେ ଏହି ଦେଶରେ କେବଳ କେତୋଟା ଜନ୍ତୁଙ୍କୁ ହିଁ ଦେଖିଛନ୍ତି, ଓ ସେହିମାନଙ୍କ ସହିତ ପ୍ରତିଦ୍ୱନ୍ଦ୍ୱିତା କରିବାକୁ ଜୀବନର ଧର୍ମ ବୋଲି ଗ୍ରହଣ କରି ନେଇଛନ୍ତି ?

୧୮ । ୭ । ୮୦

ଅଳସ ଲାଗେ, ନୀରସ ଲାଗେ । ସେତେବେଳେ ଖାଲି ଅପେକ୍ଷା କରି ରହିବାକୁ ହିଁ ମନ ହୁଏ । ଆପଣାକୁ ସତେଅବା ଗୋଟିଏ ରାସ୍ତାପରି କରି ପକାଇ ରଖିବାକୁ ହୁଏ ଓ ତା' ଉପରେ ସମସ୍ତର ଶଗଡ଼ଗୁଡ଼ାକୁ ଚାଲି ଯିବାଲାଗି ଛାଡ଼ି-ଦେବାକୁ ହୁଏ । ଏହିପରି ଭାବରେ ହଠାତ୍ ଏପରି ଗୋଟାଏ ମୁହୂର୍ତ୍ତ ଆସି ପହଞ୍ଚେ, ଯେତେବେଳେ କି ଅସଲ ପଥଟି ବାରି ହୋଇଯାଏ,—ତା'ପରେ ଆଉ କୌଣସି କନ୍ଦଳ ବି ରହେନାହିଁ । ନିଜ ସହିତ କନ୍ଦଳ ରହେନାହିଁ କି ସଂସାର ସହିତ ବି କନ୍ଦଳ ରହେନାହିଁ । ସେତେବେଳେ ଆପଣା ଭିତରର ବନ୍ଧୁଟି ପୁଣି ଆପଣା ଭିତରେ ଅନୁଭୂତ ହେବାକୁ ଲାଗେ । ଆପଣାକୁ ନେଇ ସମ୍ପୂର୍ଣ୍ଣ ଭାବରେ ଜୀବନ ବଞ୍ଚିବାର ଖିଅଟି ମିଳିଯାଏ । ବିଶ୍ୱାସଗୁଡ଼ାକ ମିଳିଯାଏ,—ଅଳସପଣ ଗୁଡ଼ାକ ପୁଣି ସତେଅବା କେତେ ନୂତନ ଶ୍ରଦ୍ଧା ଅର୍ଥାତ୍ ନୂତନ ପଥଚାରଣାରେ

ପରିଣତ ହୋଇ ଅତ୍ୟନ୍ତ ସ୍ୱାଭାବିକ ଭାବରେ ବାହାରି ପଡ଼ନ୍ତି । ସଂସାର ଭିତରେ ଘରଟିଏ ପାଇଲେ ମଣିଷକୁ ସମ୍ଭବତଃ ଠିକ୍ ସେହିପରି ଲାଗୁଥିବ । ଅନ୍ଧାର ଭିତରେ ଦିକ୍‌ମଣ୍ଡଳ ଉପରେ କୋଉଠି ନାଲି ଛିଟିକାଟିଏ ଦେଖିବାକୁ ପାଇଲେ ଉଷା ଲାଗି ଅପେକ୍ଷା କରି ରହିଥିବା ଚଢ଼େଇଟିକୁ ବି ଠିକ୍ ଏହିପରି ଲାଗୁଥିବ । ଏହି ସ୍ଥିତିଟି ଜୀବନରେ କ୍ରମେ ଭାରି ଚହ୍ଲା ହୋଇ ଗଲାଣି ।

୨୯ । ୭ । ୮୦

ଭିତରେ କୌଣସି ଅସମ୍ମତି ନାହିଁ । ଭିତରେ କୌଣସି ପ୍ରକାରର ସଂକୋଚ କାନ୍ଥ ହୋଇ ମୋତେ ଏଇଠି ଧକାଇ ରଖିବାକୁ ମୋଟେ ଇଚ୍ଛା କରୁନାହିଁ । ତେଣୁ ବାହାରର ପ୍ରତୀତଗୁଡ଼ାକୁ ମୋଟେ ବିଶ୍ୱାସ କରିବାକୁ ମନ ବଳୁନାହିଁ । ବାହାରର ଏହି ପ୍ରତୀତଗୁଡ଼ାକୁ ଅସମସ୍ତୁର ବଶବର୍ତ୍ତୀ ହୋଇ ମଣିଷ ଅନେକ ସମୟରେ ସଂସାର ବୋଲି କହିଥାଏ । ସେହି ସଂସାର ତାକୁ ଆଗକୁ ଯିବାକୁ ବାଟ ଛାଡ଼ୁନାହିଁ ଓ ତାକୁ ବାନ୍ଧିରଖିଛି ବୋଲି କହି ସିଏ ନିଜପାଖରେ ଏକ ସାନ୍ତ୍ୱନା ଲାଭ କରିଥାଏ ଏବଂ ବାହାରେ ଅଭିଯୋଗ କରି ବୁଲୁଥାଏ । ମୋ'ର ଆଦୌ କୌଣସି ଅଧିକାର ନାହିଁ ଯେ, ମୁଁ ନିଜକୁ ସର୍ବଦା ପ୍ରସ୍ତୁତ ବୋଲି ଭାବୁଥିବି ଏବଂ କେବଳ ଏକ ପ୍ରତୀ ,ର ବଶବର୍ତ୍ତୀ ହୋଇ ବାହାର ସଂସାରକୁ ବାଧା ବୋଲି କହି ହେଉଥିବି । ସେହି ବାଧା ହିଁ ମୋତେ ଆଗକୁ ଯିବାକୁ ଦେଉନାହିଁ କହିଲା କରିବାରେ ଲାଗିଥିବି । ମୋ' ଭିତରେ ମୁଁ ପ୍ରସ୍ତୁତ ହୋଇଗଲେ ସଂସାର ମଧ୍ୟ ପ୍ରସ୍ତୁତ ହୋଇଗଲା ପରି ଅନୁଭବ ହେବ । ତା'ପରେ, ସଂସାର ମୋତେ ବାଟ ଛାଡ଼ିଲେ ଯାଇ ଯେ, ମୁଁ ଯାଇ ପାରିବି, ସେପରି କେବେହେଲେ ହେବନାହିଁ । ସଂସାରଟାକୁ ମୁଁ ମୋ'ର ସାଙ୍ଗରେ ନେଇକରି ଯିବି । ବିଶ୍ୱାସର କୁଠାରରେ ସେତେବେଳେ ମୁଁ ତଥାକଥିତ ସଂସାରର କାନ୍ଥ ଓ କବାଟଗୁଡ଼ାକୁ ଭାଙ୍ଗିଦେଇ ପାରିବି । କବାଟ ସମ୍ପୂର୍ଣ୍ଣ ଭାବରେ ଫିଟିଯିବ । ମୋ' ଭିତରେ ଫିଟିଗଲା ମାତ୍ରକେ ବାହାର ମଧ୍ୟ ଫିଟିଯିବ । ମୋତେ ଅଟକାଇ ରଖିବାର ଆଉ କୌଣସି କୈଫିୟତ୍ ହିଁ ରହିବନାହିଁ ।

୩୦ । ୭ । ୮୦

ଆମର ସବୁ କୂଳର ସେଇ ହେଉଛନ୍ତି ଏକମାତ୍ର କୂଳ, ସବୁ ଗତିର ଏକମାତ୍ର ଗତି । ସେଇ ମାଡ଼ଟି ପରି ଆଶ୍ରୟ ଦିଅନ୍ତି, ଘରଟି ପରି ନିର୍ଭର ଦିଅନ୍ତି ! ତଥାପି ସେଇ ପଥଟିଏ ପରି ବାହାର କରି ନିଅନ୍ତି । ନିକଟ ହୋଇ ଆମର ଗୋଡ଼ତଳେ ରହିଥିବା ଭୂଇଁଟିକୁ ଟାଣି କରି ଅନୁଭବ କରାନ୍ତି; ପୁଣି ସେଇ ଦୂରର ଏକ ବନ୍ଧୁ ପରି ଆଗକୁ ଆଗକୁ ଦଉଡ଼ାଇ ନେଇ ଯାଉଥାନ୍ତି । ଏହିପରି ଦଉଡୁ ଦଉଡୁ

ଏପରି ଏକ ବେଳ ଆସେ ବା ପର୍ଯ୍ୟାୟ ଆସେ, ଯେତେବେଳେ କି ସେହି ପଥଉପରେ ବି ଗୃହର ପୂର୍ଣ୍ଣାନୁଭବ ମିଳେ, ଚାଲିଯାଉଥିବା ସମୟରେ ମଧ୍ୟ ନୀଡ଼ରେ ରହିଥିବାର ପୂର୍ଣ୍ଣ ଓ ନିଶ୍ଚିନ୍ତ ନିର୍ଭର ମିଳି ଯାଉଥାଏ । ସେତେବେଳେ ସମଗ୍ର ସଂସାର ହିଁ ଏକ ଘର ଓ ନୀଡ଼ ପରି ବୋଧ ହୁଏ । ମୁଣ୍ଡ ଉପରର ଆକାଶଟା ସତେଅବା କେଉଁ ଅନନ୍ତ ନିର୍ଭୟ ଓ ଅନନ୍ତ ନିର୍ଭରର ବିସ୍ତାର କରି ଆମକୁ ଆଶ୍ରୟ ଦେଇ ରହିଥିଲା ପରି ବୋଧ ହୁଏ । ସେତେବେଳେ ଘର ବୋଲି ଆପଣାର ଏକାନ୍ତ ବୋଲି କିଛି ଲୋଡ଼ିବାର ଯାବତୀୟ ଉତ୍ତେଜନା ଆପେ ଆପେ ବନ୍ଦ ହୋଇଯାଏ । ଏହି ସଂସାରରେ ଆଉ କେଉଁଠିହେଲେ ଡର ମାଡ଼େନାହିଁ, କେଉଁଠି ହେଲେ ଅବିଶ୍ୱାସ କରିବାକୁ ମନ ହୁଏନାହିଁ । ସମସ୍ତେ ଅପଣାର ଲାଗନ୍ତି, ସବୁକିଛି ଆପଣାର ମନେହୁଏ ।

୨ । ୭ । ୮୦

ଅନ୍ଧାର ମୋଟେ ବଢ଼ି ବଢ଼ି ଯାଉନାହିଁ, ମୋହଗୁଡ଼ାକ କଟି କଟି ଯାଉଛି । ଆଗରୁ କେତେଗୁଡ଼ାଏ ମୋହ ପରିବାର ନାମରେ, ସଂସ୍କୃତି ନାମରେ ଓ ଧର୍ମ ନାମରେ ଆମକୁ ଏପରି ଜବର କରି ବାନ୍ଧି ରଖିଥିଲା ଯେ,ସେଗୁଡ଼ାକୁ ଆମେ ଗୋଟିଏ ଗୋଟିଏ ବ୍ୟବସ୍ଥା ବୋଲି କହୁଥିଲୁ ଏବଂ ସେହି ବ୍ୟବସ୍ଥା ଆମକୁ ଅନେକ ସମୟରେ ଆଲୁଅବୋଲି ମନେ ହେଉଥିଲା । ସେହି ଆଲୁଅ ଭିତରେ ହିଁ ଆମେ କେତେଗୁଡ଼ାଏ ସଂସ୍କାରକୁ ଦେବତାପରି ପୂଜା କରି ଆସିଥିଲୁ । ସେହି ଦେବତାମାନେ କ୍ରମେ ବିଦାୟ ନେଇ ଯାଉଛନ୍ତି, ସେକଥା ମୋଟେ ନୁହେଁ । ସେମାନଙ୍କର କାମ ସରିଗଲା ବୋଲି ସେମାନେ ବିଦାୟ ନେଇ ଯାଉଛନ୍ତି । ସେମାନେ ଆଗକୁ ଆମର ଆଉ ସାଥୀ ହୋଇ ପାରିବେନାହିଁ । ଆଗର ବାଟଗୁଡ଼ାକରେ,ସ୍ୱପ୍ନଗୁଡ଼ାକରେ ଅର୍ଥାତ୍ ମୂଲ୍ୟବୋଧ ଗୁଡ଼ାକରେ ସେମାନଙ୍କର ମୁଦ୍ରା ଆଉ କୌଣସି କାମ ଦେବନାହିଁ । ସେତିକି ବୁଝିବାଲାଗି ଆମ ଅନେକଙ୍କର ଯାହା ଡେରି ହେଉଛି । ଏବଂ ସେଇଥିଲାଗି ବିଡ଼ମ୍ବନାଗୁଡ଼ାକ ଦୌରାତ୍ମ୍ୟ ଦେଖାଇ ଆମ ଉପରେ ଅଧୀଶ୍ୱର ହୋଇ ବସିବାଲାଗି ଚେଷ୍ଟା କରୁଛନ୍ତି । ଏଇଟା ବି ଯିବ, ଅତି ନିକଟରେ ଚାଲିଯିବ ।

୩ । ୭ । ୮୦

ଆମେ ଯେଉଁମାନେ ଭିତରେ ଖରି ଚାଲାଖ ହୋଇ ରହିଲୁ, ସେମାନେ ପ୍ରକୃତରେ ଖରି ହାରି କରି ରହିଲୁ । ଆମସହିତ ଯୁଗଟାକୁ ବି ଏକାବେଳେକେ ହରାଇକରି ରଖିଲୁ । ଚାଲାଖ ହେଲେ ଯେ ମଣିଷ ସଫଳ ହୁଏ,ଏହି ଭ୍ରାନ୍ତିଟା ଆମକୁ ଏତେ ଅଧିକ ପରିମାଣରେ କାମୁଡ଼ି ରହିଲା ଯେ,ଆମେ ଆପଣାର ଯାବତୀୟ ଦ୍ୱାରକୁ

ବନ୍ଦ କରି ନାନାବିଧ କୃତ୍ରିମତାକୁ ସତେଅବା ଗୋଟାଏ ଗୋଟାଏ ଧର୍ମପରି ଗ୍ରହଣ କରିନେଇ ଭିତରେ ଭାରି ଉତ୍ତେଜିତ ଓ ତେଣୁ ଅସ୍ୱାସ୍ଥ୍ୟ ହୋଇ ବସିରହିଲୁ । ଆପଣାର ମୂଳଭୂତ ଅସ୍ୱାସ୍ଥ୍ୟତା ଗୁଡ଼ାକୁ ଲୁଚାଇ ରଖିବାକୁ ଉପରେ କେତେ ଅମୁଧ ଅଥବା କେତେ ଅଳଙ୍କାର ଦ୍ୱାରା ଆପଣାକୁ ସଜ୍ଜିତ କରି ରଖିଲୁ । ଏହାଦ୍ୱାରା ଅସଲ ଭେଟଗୁଡ଼ାକୁ ଓ ଅସଲ ପରିଚୟଗୁଡ଼ାକୁ ଆମେ ଭାରି ବିଡମ୍ବିତ କରି ରଖିଲୁ । ସଂସାରରେ ଆମକୁ ଉଚ୍ଛୁଆଳ କରି ରଖି ଆମ ବଜାରଗୁଡ଼ାକ ବଢ଼ିଲା, ଆମର ଅସଲ ଆଖିଗୁଡ଼ାକୁ ଘୋଡ଼ାଇ ପକାଇ ଅଭିନୟଗୁଡ଼ାକ ବଢ଼ିଲା, ଆମର ଅସଲ ଖୋଜାଗୁଡ଼ାକୁ ହେଳା କରି ଆମର କୃତ୍ରିମତା ଗୁଡ଼ାକ ହୁ ହୁ ହୋଇ ବଢ଼ିଲା । ଘରଟାକୁ ଘୋଡ଼ାଇ ପକାଇ ପାଚେରିମାନେ ଅଧିକ ଶାଳୀନ ଏବଂ ଅଧିକ ସୁନ୍ଦର ଦେଖାଗଲେ । ଏତକ ନହୋଇଥିଲେ କ'ଣ ମୋଟେ ଚଳିନଥାନ୍ତା ?

୪ । ୭ । ୮୦

ସମସ୍ତଙ୍କର ଅଭିଯୋଗ କେବଳ ନିଜକୁ ନେଇ । ସେମାନଙ୍କର ଏଇଟା ହୋଇ ପାରିଲାନାହିଁ, ସେମାନେ ଅମୁକ ଜାଗାକୁ ବଦଳି ହୋଇଗଲେ ବା ଆଉକୋଉ ଜାଗାକୁ ବଦଳି ହୋଇ ଯାଇ ପାରିଲେନାହିଁ,—ଏହିପରି ଯାବତୀୟ ନାନା ଅଭିଯୋଗ । ସେମାନେ ଏହି ସଂସାରଠାରୁ ସବୁକିଛି ଚାହାନ୍ତି, ଏହି ସମାଜଠାରୁ ବି ସବୁକିଛି ଚାହାନ୍ତି । ମୁଁ କାହାରିଠାରୁ କିଛି ଚାହେଁନାହିଁ । ମୁଁ ଯାହା ଚାହେଁ, ମୁଖ୍ୟତଃ ଓ ଧର୍ମତଃ ନିଜଠାରୁ ଚାହେଁ । ନିଜସହିତ ମୁଁ ପୂରା ବନ୍ଧୁ ହୋଇ ରହିବାକୁ ଚାହେଁ, ନିଜକୁ ସବାଆଗରେ ରଖି ସଂସାରର ବାଟଟିକୁ ଚାଲିବାକୁ ଚାହେଁ । କେବଳ ସେତିକି ନୁହେଁ, ମୁଁ ଈପ୍ସିତ ଭବିଷ୍ୟଗୁଡ଼ିକୁ ଏହି ମୁହୂର୍ତ୍ତଠାରୁ ହିଁ ନିଜ ଭିତରେ ବଞ୍ଚିବାକୁ ଚାହେଁ । ଆପଣା ଭିତରକୁ ଅନାଇବା ବେଳେ ଅର୍ଥାତ୍ ଆପଣାକୁ ସ୍ପର୍ଶ କରିବାବେଳେ ମୁଁ ଅତୀତ, ବର୍ତ୍ତମାନ ଓ ଭବିଷ୍ୟତ ବିଷୟରେ କିଛି ବିଚାର କରି ପାରେନାହିଁ,—ମୁଁ କେବଳ ଗୋଟାଏ ମହିମାମୟ ପଥକୁ ହିଁ ଅନୁଭବ କରିବାରେ ଲାଗିଥାଏ । ଲାଭ କ୍ଷତି କିଛି ହିସାବ କରି ପାରେନାହିଁ, କେବଳ ଆପଣା ଭିତରେ ଜଣେ ବନ୍ଧୁ ମୋତେ ସତେବାଟ ଦେଖାଇ ନେଇ ଯାଉଥିବା ପରି ଅନୁଭବ କରେ । ତାହାର ବୋଲମାନେ ।

୫ । ୭ । ୮୦

ଯେଉଁମାନେ ଚତୁର ହୋଇ ମୋ' ଆଗକୁ ବାହାରିଗଲେ ବୋଲି ଧରିନେଲେ, ସେମାନଙ୍କୁ ମୁଁ ସତେଅବା ମୋ'ର କେତେ ପଛରେ ଦେଖିବାକୁ ପାଉଛି । ସେମାନେ ଯେପରି ଆଉ ଆଗକୁ ଯିବାଲାଗି ମୋଟେ ପ୍ରସ୍ତୁତ ନୁହନ୍ତି । ତେଣୁ ସେମାନେ ଯେଉଁଠି ରହିଥିଲେ, ସେହିଠାରେ ହିଁ ଗୋଟିଏ ଗୋଟିଏ ଠାକୁର ଥାପି

ରହିଗଲେ, – ହେଉ ଠାକୁରଗୁଡ଼ାକ ଭିତରେ 'ଆପଣାର ପୂଜା କଲେ, ସଫଳ ହେଲେ । ସେମାନେ ପ୍ରକୃତରେ ଭିନ୍ନ ବିଫଳ ହୋଇଗଲେ । ମୋ'ର ଚତୁର୍ଦ୍ଦିଗରେ ମୁଁ ରାଜନୀତି, ଧର୍ମ, ଶିକ୍ଷା ଓ ସେବା ପ୍ରଭୃତି ଯାବତୀୟ କ୍ଷେତ୍ରରେ ପ୍ରାପ୍ତ ଏହି ଚତୁରତା ଏବଂ ଏହି ବିଫଳତା ଗୁଡ଼ାକୁ ହିଁ ଦେଖିବାକୁ ପାଉଛି । ଏମାନେ ବାହାରେ କେତେ କୋଳାହଳ କରୁଛନ୍ତି, —ମାତ୍ର ଭିତରେ ବିଫଳ ହୋଇ ବସି-ଛନ୍ତି, ସୂତ୍ର ହରାଇ ବସିଛନ୍ତି ।

୭ । ୭ । ୮୦

ସୁଅ ଉପରକୁ ବାଟ ଚାଲିଚାଲି ସୁଅଟାକୁ ଆଉ ମୋଟେ ଡ଼ର ମାଡୁନାହିଁ । ସୁଅ ବିରୁଦ୍ଧରେ ସଂଗ୍ରାମ କରିବା, – ଯଦି ମୁଁ ଏହାକୁ ହିଁ ଜୀବନର ଧର୍ମ ବୋଲି ଗ୍ରହଣ କରିଥାନ୍ତି, ତେବେ ମୁଁ ହୁଏତ ଅନ୍ୟପ୍ରକାର ଅନୁଭବ କରୁଥାନ୍ତି । ମୋ'ର ନିଜ ବାଟଟି ଚାଲିବା ହେଉଛି ମୋ'ର ଅସଲଧର୍ମ । ଯେଉଁ ବାଟଟି ଚାଲିଲେ ଏହି ଜୀବନଗତ କବୁଲତାକୁ ମୁଁ ଅଙ୍ଗେ ନିଭାଇ ପାରିବି, ଜୀବନ ଜୀବନ ମଧ୍ୟରେ ରହିଥିବା ଅନ୍ତରଙ୍ଗ ସମ୍ବନ୍ଧଟିକୁ ମୁଁ ଆପଣାର ଅନ୍ତର ଭିତରେ ଅନୁଭବ କରିପାରିବି ସେହି ବାଟଟିକୁ ଚାଲିବାକୁ ହିଁ ମୁଁ ଆପଣାର ଧର୍ମ ବୋଲି ଗ୍ରହଣ କରି ନେଇଛି । ସେହି ବାଟରେ ଚାଲିବାକୁ ଯାଇ ଯଦି ସୁଅ ଉପରକୁ ବା ସୁଅ ବିରୁଦ୍ଧରେ ଯିବାକୁ ପଡ଼େ, ତେବେ ସେଥିରେ ମଧ୍ୟ ମୋ'ର ଆପତ୍ତି ନାହିଁ, ଅଭିଯୋଗ ମଧ୍ୟ ନାହିଁ । ଅନେକ ମଣିଷ ବାଟଗୁଡ଼ାକୁ ମାଡ଼ି ବସିଥାନ୍ତି, ଅନେକ ସ୍ଥଳରେ ସେମାନେ ବାଟ ଗୁଡ଼ାକୁ ଗୋଟାଏ ଗୋଟାଏ ପାଚେରୀରେ ପରିଣତ କରି ରଖିଥାନ୍ତି । ସେମାନେ ମୋଟେ ବାଟ ଚାଲନ୍ତିନାହିଁ, ବାଟ ଚାଲିବାକୁ ହୁଏତ ଭୟ ବି କରନ୍ତି । ସେମାନେ ପାଚେରୀଗୁଡ଼ାକୁ ଆଦର କରନ୍ତି । ମୁଁ ଆଦର ନେଇ ପାରିବିନାହିଁ, ଏହି ଆକାଶ ମୋତେ ଆଗକୁ ଆଗକୁ ଟାଣି ନେଉଥିବ ।

୭ । ୭ । ୮୦

ବୁଦ୍ଧି ଏକ ବିଚକ୍ଷଣ ସହଯୋଗୀ ରୂପେ କାମ ଦେଇ ପାରିବ, ଆମେ ଖାଲି ବୁଦ୍ଧିର ପାଲରେ ପଡ଼ିନଗଲେ, ହେଲା, ଅର୍ଥାତ୍ ଗୋଟାସୁଦ୍ଧା ବୁଦ୍ଧିଆ ହୋଇ ନପଡ଼ିଲେ ହେଲା । ଯଦି ଭିତରେ ହୃଦୟଟା ହିଁ ଆମ ଜୀବନର ଅସଲ ଆଖିରୂପେ ତିଆରି ହୋଇ ରହିଥିବ, ତେବେ ବୁଦ୍ଧିଦ୍ୱାରା ଆମେ ପ୍ରକୃତରେ କେତେ କ'ଣ ଯଥାର୍ଥ ସାହାଯ୍ୟ ପାଇପାରିବା । ମାତ୍ର, ଜୀବନରେ ଏପରି ଗୋଟାଏ ଗୋଟାଏ ଦୁର୍ଗତିର ବେଳ ଆସି ପହଞ୍ଚିଯାଏ, ଯେତେବେଳେ କି ଆମେ ବୁଦ୍ଧିଆ ବନୁ ବନୁ ହୃଦୟଟାକୁ ପୁରାପୁରି କଳାକରି ରଖିଦେଉ, ଲାଜରେ ହୃଦୟଟାକୁ ଲୁଚାଇ ରଖୁ, — ଆମ ଭିତରେ ହୁଏତ କେଉଁଠି ହୃଦୟଟାଏ ରହିଛି ବୋଲି ସ୍ୱୀକାର କରିବାକୁ ମଧ୍ୟ

ସଙ୍କୋଚ ବୋଧ କରୁ । ଅଧିକ ବୁଦ୍ଧିଆ ହେବାକୁ ଆମେ ଆମର ପରିଭାଷା ଅନୁସାରେ ବୌଦ୍ଧିକତା ଅଥବା ବୈଜ୍ଞାନିକତା ବୋଲି କହୁ ଓ ସେହି ନୂଆ ପୋଖରୀଟି ଭିତରେ ପ୍ରବେଶ କରୁଥିବା ବ୍ୟକ୍ତି ପାଇଁ ହୃଦୟଟାକୁ ଅବୈଜ୍ଞାନିକ ଅର୍ଥାତ୍ ପରିହାର୍ଯ୍ୟ ବୋଲି ଧରି ନିଆଯାଏ । ସୂତା ଛୁଡ଼ିଗରେ ସୂତ୍ରଗୁଡ଼ାକ ଦ୍ୱାରା ଜୀବନକୁ ମାପିବା କଳିବା ଓ ବିଶ୍ଳେଷଣ କରିବା ଯାଇ ସମ୍ଭବ ହୁଏ ବୋଲି ତାʼପରେ କୁହାଯାଏ । ବୁଦ୍ଧିଗୁଡ଼ାକ ଅତିଶକ୍ତ ହେବା ସଙ୍ଗେ ସଙ୍ଗେ ମଣିଷ ଯେ ଅସଲ ସୂତାଗୁଡ଼ିକୁ ହରାଇବସେ, ଅସଲ ବିଦ୍ୟାର ବେଖରଟିକୁ ହରାଇବସେ, ଏହାର ଉଦାହରଣ ବୌଦ୍ଧିକତାର ଅନେକ କ୍ଷେତ୍ରରୁ ମିଳିଯାଇ ପାରିବ । ହୃଦୟର କି ଗୋଟାଏ ବୁଦ୍ଧି ଅଛି, ଗୋଟାଏ ଆଖି ରହିଛି । ହୃଦୟର ସମଗ୍ର ବ୍ୟାଣିଟି ଉପରେ ବିଶ୍ୱାସ କରିପାରିଲେ ଯାଇ ଆମକୁ ସେହି ଆଖିଗୁଡ଼ିକ ପ୍ରାପ୍ତ ହୋଇଥାଏ । ସେହି ଆଖିଟି-ବଳରେ ଆମର ବୁଦ୍ଧିଟା ମଧ୍ୟ ଏକ ଅନ୍ୟ ଧାରାରେ ମନ୍ତୁରା ହୋଇଯାଏ । ବୌଦ୍ଧିକତାର ବାଟଟାକୁ ଧର୍ମବାଟ ବୋଲି ଗ୍ରହଣ କରିବା ଆଗରୁ ଆମେ ସମସ୍ତେ ଯେ ଜଣେ ଜଣେ ମଣିଷ ଭାବରେ ସଂସାରରେ ପ୍ରବେଶ କରିଥାଉ, ସେହି କଥାଟିକୁ ମନେ ରଖିଥିବା ପର୍ଯ୍ୟନ୍ତ ଆଉ ଅକାରଣରେ ହୃଦୟଟାକୁ ପାସୋରି ବସିବାର ଦୁର୍ଗତିକୁ ମୋଟେ ଭୋଗିବାକୁ ପଡ଼େନାହିଁ । ହୃଦୟ ହିଁ ଆମର ବୁଦ୍ଧିକୁ ହୃଦୟବନ୍ତ କରେ, ଶତଚକ୍ଷୁ କରେ; ତାକୁ ଏକାବେଳେକେ ସହସ୍ର ଜାଗାରେ ପ୍ରବେଶ କରିବାର ସାମର୍ଥ୍ୟ ଦିଏ ।

୮।୭।୮୦

ମୋʼ ଭିତରେ ପ୍ରବେଶ କରି ମୁଁ ଦେଖିବାକୁ ପାଏ ଯେ, କେବଳ ମୁଁହିଁ ଆଦୌ କେନ୍ଦ୍ରରେ ରହି ମୋʼ ଜୀବନକୁ ପରିଚାଳିତ କରୁନାହିଁ । ସେଠାରେ ଆଉ ଏକ ଶକ୍ତିଦ୍ୱାରା ମୁଁ ଏକ ଯନ୍ତ୍ରରୂପେ ବ୍ୟବହୃତ ହେଉଛି । ସେଠାରେ ମୋʼ ଜୀବନକୁ କେବଳ ମୋʼର ଜୀବନ ବୋଲି ଆଦୌ କୁହାଯାଇ ପାରିବନାହିଁ । ତାହାକୁ ମୋʼର ଜୀବନ ନୁହେଁ, ବୋଲି ମଧ୍ୟ କୁହାଯାଇ ପାରିବନାହିଁ । ମୋʼ ସହିତ ଏହି ବିଶ୍ୱମୟ ଜୀବନ କିପରି ଅନ୍ତରଙ୍ଗ ଭାବରେ ଯେ ଲାଗି ରହିଛି, କେବଳ ଭିତରେ ଯାଇ ପ୍ରବେଶ କରି ପାରିଲେ ଯାଇ ସେକଥାର ଅନୁଭବ ହୋଇଥାଏ । ବାହାରେ ବାହାରେ ରହିଥିବା ପର୍ଯ୍ୟନ୍ତ କେବଳ ଦୂରତାଗୁଡ଼ାକ ଆଖିକୁ ଗିଳି ପକାଇବା ପରି ହୋଇ ରହିଥାନ୍ତି, ସଂସାରଟା ସତେଅବା କେତେ କେତେ ଦୁର୍ଗର ଗୁଡ଼ାଏ କାନ୍ଥପରି ଦେଖା ଯାଉଥାଏ ଏବଂ ସେହି ଦୁର୍ଗରେ ଆତ୍ମରକ୍ଷା କରିବାଟା ହିଁ ସବୁଠାରୁ ବଡ଼ ଧର୍ମ ଓ ବଡ଼ ଚତୁରତା ବୋଲି ମନେ ହେଉଥାଏ । ଆଖି ବୁଜି ଭିତରକୁ ପ୍ରବେଶ କଲେ କାନ୍ଥଗୁଡ଼ାକ ଖିଅରେ ପରିଣତ ହୋଇଯାଏ । ଆପଣାର

ଆସ୍ତୀପୃଭାବ ହିଁ ସବୁଠାରୁ ବଡ଼ ଧର୍ମ ବୋଲି ଲାଗେ । ଏହି ଅସ୍ତୀପୃତା ମୋତେ ନିଜକୁ ବି ଅଧିକ ଐଶ୍ୱର୍ଯ୍ୟବନ୍ତ କରେ । ଏହି ସଂସାରରେ ସବୁଠାରେ ମୋ'ର ଘର ରହିଛି ବୋଲି ମୋତେ ଏକ ଗଭୀର ପ୍ରତ୍ୟୟ ମଧ୍ୟ ଦେଇଯାଏ ।

୯ । ୭ । ୮୦

ମଣିଷ ଭିତରେ ବିନୟ ରହିଥିବା ଦରକାର, ସାହସ ବି ରହିଥିବା ଦରକାର । ସାହସ ନିର୍ଭୟତାରୁ ଆସେ । ଯେଉଁମାନେ ନିର୍ଭୟ ହୋଇ ପାରନ୍ତି-ନାହିଁ ବୋଲି ବାଧ୍ୟ ହୋଇ ବିନୟ ଆଚରଣ କରନ୍ତି, ସେମାନେ ମନୁଷ୍ୟ ଜୀବନର ଅନେକ ଅଭ୍ୟୁଦୟ ପଥକୁ ଉଗାଳି ବସିଥାନ୍ତି । ସେହିଭଳି ବିନୟୀ ଲୋକମାନଙ୍କୁ ଆହୁରି ଅଧିକ ବିନୟୀ ଅର୍ଥାତ ଆହୁରି ଅଧିକ ଭୟାଳୁ କରି ରଖିବାର ଉଦ୍ଦେଶ୍ୟରେ ଯେଉଁ ନୀତି ଓ ବିଧିମାନ ତିଆରି ହୁଏ, ସେଗୁଡ଼ାକ ମଣିଷର ଘରଟିକୁ ଅଧିକତର ପରିମାଣରେ ଅନ୍ଧାର କରି ହିଁ ରଖିଥାଏ । ତାହା ଆମ ପାରସ୍ପରିକ ସମ୍ପର୍କରେ ସଂସାରରେ ଅନେକ ଅନ୍ୟାୟକୁ ପ୍ରଶ୍ରୟ ବି ଦେଇଥାଏ । ବିନୟୀ ମଣିଷ ଆପଣା ଭିତରେ ରହିଥିବା ସାହସର ଅଗ୍ନିବହ୍ନିକୁ ଯେତିକି ଯେତିକି ଲୁଚାଇ ରଖିବାକୁ ଚେଷ୍ଟା କରୁଥାଏ, ସିଏ ସେତିକି ପରିମାଣରେ ସେହି ଅନ୍ୟାୟଗୁଡ଼ାକୁ ସ୍ୱୀକାର ମଧ୍ୟ କରି ନେଉଥାଏ । ବର୍ତ୍ତମାନ ସଂସାର ଯେଉଁ ଶାନ୍ତିରେ ଚାଲିଛି, ପ୍ରାୟ ସେହିପରି ଶାନ୍ତିରେ ଚାଲିଥାଏ,— ତେଣୁ, ଏହି ଦୁର୍ଦ୍ଦଶା ଭିତରୁ ମୁକୁଳି ଆସିବାକୁ ହେଲେ ବିନୟ ପଛରେ ସାହସ ରହିଥିବା ଏକାନ୍ତ ଦରକାର ।

୧୦ । ୭ ୮୦

ଯାହା ସମ୍ଭବ ହୋଇଥାନ୍ତା. ସେହି ଦୃଷ୍ଟିରେ ବର୍ତ୍ତମାନକୁ ଦେଖିଲେ ହୁଏତ ଖାଲି ନିରାଶ ଲାଗୁଛି । କିନ୍ତୁ ଭବିଷ୍ୟତ ଲାଗି ବର୍ତ୍ତମାନ ଜରିଆରେ ଯାହା ଅଭିପ୍ରେତ ହୋଇ ରହିଛି; ସେହି ଦୃଷ୍ଟିରୁ ବର୍ତ୍ତମାନକୁ ଦେଖିଲେ ପୁଣି ନିଜଭିତରେ କେତେ ନା କେତେ ବଳର ଆବିଷ୍କାର କରିହେଉଛି । ଆପଣାକୁ ଏହି ସଂକଳ ସଂଗ୍ରାମ ମଧ୍ୟରେ ଏକାକୀ ଦେଖୁଥିବା ସମୟରେ ଅନେକ କ୍ଷେତ୍ରରେ ସାହସ ପାଏ ନାହିଁ, ମାତ୍ର, ଆପଣାକୁ ପୂର୍ଣ୍ଣସମର୍ପିତ ଅର୍ଥାତ୍ ପୂର୍ଣ୍ଣନିଯୁକ୍ତ ଏକ ସାଧନଯନ୍ତ୍ର ରୂପେ ଅନୁଭବ କରିବା ମାତ୍ରକେ ଆଉ ମୋତେ ଏକୁଟିଆ ଲାଗେନାହିଁ । ଏକୁଟିଆ ନଲାଗିବା ମାତ୍ରକେ ହିଁ କେତେ ନା କେତେ ସାହସ ମିଳେ । ଆପଣାକୁ ନେଇ କେତେ କ'ଣ ସମ୍ଭବ ହୋଇପାରିବ ବୋଲି ଅନୁଭବ ହେବା ମାତ୍ରକେ ଏହି ଜଗତ ଦେଇ ଏଠି କେତେ କ'ଣ ସମ୍ଭବ ନିଶ୍ଚୟ ହେବ ବୋଲି ଏକ ଦୃଢ଼ ପ୍ରତ୍ୟୟ ଆଗକୁ ବାଟ ଦେଖାଇ ନେଇଯାଏ ।

୧୧ । ୭ । ୮୦

ନିଜ ଭିତରେ ବାଟଗୁଡ଼ାକ ଯେତିକ ଯେତିକ ସ୍ପଷ୍ଟ ହୋଇ ଦିଶିଆସୁଛି, ବାହାରେ କୋଳାହଳ କରିବାର ବୃତ୍ତିଗୁଡ଼ାକ ସେତିକ ସେତିକ ଥମି ଆସିବାରେ ଲାଗିଛି । ଅସ୍ଥିରତା ଅନେକ କମି କମି ଆସୁଛି । ନିଜ ଭିତରେ ଅଧିକରୁ ଅଧିକ ମଣିଷଙ୍କୁ ସାଥୀବାଛେଇ ପରି ଅନୁଭବ କରିବା ସମ୍ଭବ ହେଉଛି । ଏହି ଭିତରେ ସତେଅବା କେତେ ମଣିଷଙ୍କ ପାଇଁ ସ୍ଥାନ ରହିଛି, କେତେ କେତେ ଖିଅ ଲଗାଇ କେତେ ସ୍ୱପ୍ନ ଦେଖିବାଲାଗି ସ୍ଥାନ ରହିଛି, ବଳ ରହିଛି, ଧୈର୍ଯ୍ୟ ବି ରହିଛି । ଅନେକ ମଣିଷ ଅଛନ୍ତି, ଯେଉଁମାନେ କି ବାହାରେ ନିଜ ନିଜର କେତେଟା ପିଠୁଲାକୁ ସବୁକିଛି ବୋଲି ମନେକରି ଭାରି ଉତ୍ତେଜିତ ହୋଇ ବସିଥାନ୍ତି । ସେମାନେ କେତେ କେତେ ଯୁଦ୍ଧ ଲଢନ୍ତି, କେତେ କେତେ ଦୁର୍ଗ ଜୟ କରନ୍ତି, ଆପଣାର କାନ୍ଥଗୁଡ଼ାକୁ ଅଧିକରୁ ଅଧିକ ଜବର କରି ଠିଆ କରିବାରେ ଲାଗିଥାନ୍ତି । ମୋ' କାନ୍ଥଗୁଡ଼ାକ ଭାଙ୍ଗି ଭାଙ୍ଗି ଯାଉଛି । ତେଣୁ ଖିଅଗୁଡ଼ାକ ବଢି ବଢି ଯାଉଛି । ଦୁର୍ଗ ଜୟ କରିବାରେ ଲାଗିଥିବା ଉତ୍ତେଜିତ ମଣିଷମାନଙ୍କ ସକାଶେ ମଧ୍ୟ ମୋ' ଭିତରେ ଏକ ସ୍ଥାନ ରହିଛି, ମୁଁ ସେମାନଙ୍କୁ ବି ମୋ'ର ଭିତରେ ଦେଖିପାରୁଛି । ସେମାନଙ୍କୁ ବି ମୁଁ ବନ୍ଧୁପରି ଅନୁଭବ କରୁଛି, ମୋ'ର ଜଣେ ଜଣେ ସାଥୀ ବାଛେଇ ପରି ଅନୁଭବ କରୁଛି ।

୧୬ । ୭ । ୮୦

ଗୋପବନ୍ଧୁ ଆମରି ଭିତରେ ସବୁଦିନ ଜୀଇ ରହିବେ । ଆମେ ଯେଉଁମାନେ ଏହି ସମାଜକୁ ବଦଳାଇବାକୁ ଚାହୁଁଛୁ, ଆମେ ଯେଉଁମାନେ ନିଜକୁ ଆଗ ଜଣେ ଜଣେ ମଣିଷ ବୋଲି ଭାବୁଛୁ ଓ ମଣିଷ ମଣିଷ ମଧ୍ୟରେ ଲାଗି ରହିଥିବା ଖିଅଟିକୁ ହିଁ ଜୀବନରେ ପୂର୍ଣ୍ଣତା ଏବଂ ଆନନ୍ଦ ଆଣି ଦେବାରେ ଅସଲ ସୂତ୍ରରୂପେ ଅନୁଭବ କରୁଛୁ, ସେହିମାନଙ୍କ ଲାଗି ଗୋପବନ୍ଧୁ ସବୁଦିନ ଲାଗି ବଞ୍ଚି ରହିବେ । ଏପରି ମଣିଷ ସବୁ ଯୁଗରେ ଅବଶ୍ୟ ରହିବେ । ଯେତେ କମ୍ ସଂଖ୍ୟାରେ ହେଲେ ମଧ୍ୟ ରହିବେ । ଗୋପବନ୍ଧୁଙ୍କ ଲାଗି କୌଣସି ସଭା ନହେଲେ ମଧ୍ୟ ସେମାନେ ଗୋପବନ୍ଧୁଙ୍କୁ ମନେ ରଖିବେ, ତାଙ୍କୁ ଆପଣାର ସାଥୀ ବୋଲି ଅନୁଭବ କରିବେ, ଆପଣାର ଅତି ନିକଟ ବୋଲି ଅନୁଭବ କରିବେ । ଓଡ଼ିଶାରେ ଯେ ଏମିତି ଜଣେ ହୃଦୟ ଥିବା ବ୍ୟକ୍ତି, ସଂକଳ୍ପ ଥିବା ବ୍ୟକ୍ତି ଏବଂ ସଦାକର୍ମଠ ବ୍ୟକ୍ତି ପ୍ରକୃତରେ ବିଚରଣ କରୁଥିଲେ, ସେହି କଥାଟା ହିଁ ଓଡ଼ିଶାର ଲୋକଙ୍କୁ ସବୁଦିନ ଲାଗି ଅନେକ ପ୍ରେରଣା ଦେଇ ଯାଉଥିବ । ଆଜି ତାଙ୍କର ଦିନରେ ଆପଣା ଭିତରକୁ କାନ ଡେରି ମୁଁ ସତେଅବା ସେହି କଥାଟିକୁ ଶୁଣିବାକୁ ପାଉଛି । ଯଥାର୍ଥ ସତ୍ୟ, ଯଥାର୍ଥ ସମର୍ପଣ

ଓ ଯଥାର୍ଥ ଅନ୍ତରଙ୍ଗତା କଦାପି ବ୍ୟର୍ଥ ହୋଇ ଯାଏ ନାହିଁ । ତାହା ବଞ୍ଚି ରହିଥାଏ, ତାହା ଯୁଗଯୁଗେ ଅନେକ ହୃଦୟଙ୍କୁ ଆଲୋଡ଼ିତ କରେ, ଅନେକ ମଣିଷଙ୍କୁ ଅନ୍ତରଙ୍ଗ କରେ । ଓଡ଼ିଶାରେ ମଧ୍ୟ ଠିକ୍ ସେହିକଥା ଘଟିବ ।

୧୩ । ୭ । ୮୦

ପ୍ରକୃତି, – ଯାହାକୁ ଆମେ ଆମର ଅଯଥେଷ୍ଟ ଅପରିପୂର୍ଣ୍ଣ ଭାଷାରେ ବହିଃପ୍ରକୃତି ବୋଲି କହୁଥାଉ,—ଅର୍ଥାତ୍ ସୁନ୍ଦର ଅରଣ୍ୟ, ସୁନ୍ଦର ପାହାଡ଼ ଓ ସବୁଟି ଭିତରେ ଭେଦ ବିସ୍ତାରି ରହିଥିବା ଏହି ସୁନ୍ଦର ଆକାଶ,—ଏସବୁ ଅନ୍ତଃପ୍ରକୃତିକୁ ମଧ୍ୟ କେଡ଼େ ସହଜରେ ସ୍ପର୍ଶ କରିପାରେ ! ଏସବୁ କେତେ ସହଜରେ ଅନ୍ତଃପ୍ରକୃତି ମଧ୍ୟରେ ଆପଣାକୁ ପ୍ରତିବିମ୍ବିତ କରି ଦେଇପାରେ । ସମ୍ଭବତଃ ବାହାରେ ସୁନ୍ଦର ଦୃଶ୍ୟ ଦେଖିବା ସମୟରେ ଭିତରର କେତେ କେତେ ସୌନ୍ଦର୍ଯ୍ୟ ମଧ୍ୟକୁ ମୁକୁଳି ଯାଉଥିଲା ପରି ଅନୁଭବ ହୋଇଥାଏ । ବାହାରେ ହାଲୁକା ଲାଗିଲେ ଭିତରେ ବି ହାଲୁକା ଲାଗେ । ବାହାରେ ଏକ ପ୍ରସାରକୁ ଅନୁଭବ କଲୁ କଲୁ ଭିତରେ ମଧ୍ୟ ପ୍ରସାର ମିଳେ, ପାଚେରୀଗୁଡ଼ାକ ଭାଙ୍ଗି ଭୁଷୁଡ଼ିପଡ଼େ, ଭୟଗୁଡ଼ାକ ଭାଙ୍ଗିଯାଏ, ସଙ୍କୋଚଗୁଡ଼ାକ ଦୂର ହୋଇଯାଏ । ସେହି କାରଣରୁ, ଭିତରେ ସଂଶୟମାନେ ପ୍ରବଳ ହେବାକୁ ଲାଗିଲେ ମଣିଷ ସତେଅବା ତା'ର ଆଉ ଅନ୍ତର ଭିତରକୁ ଅର୍ଥାତ୍ ବହିଃପ୍ରକୃତି ଭିତରକୁ ଚାଲିଯାଏ । ସୁନ୍ଦରକୁ ଦେଖି ନିଜେ ବି ନିଜ ଭିତରେ ରହିଥିବା ସୁନ୍ଦର ଓ ଶାନ୍ତର ଅନୁଭବ କରେ । ସେ ନିଜଭିତରେ ଏହି ଅନନ୍ତ ପ୍ରସାରକୁ ଅନୁଭବ କରେ, ପରମବନ୍ଧୁକୁ ଅନୁଭବ କରେ, ସିଏ ଅସଲ ପଥଟିକୁ ଅନୁଭବ କରେ । ଏବଂ, ଅସଲ ପଥଟିକୁ ପାଇଲେ ଭିତର ବାହାର ଭେଦ ମେଣ୍ଟିଯାଏ ।

୧୪ । ୭ । ୮୦

ବାଧ୍ୟ ହୋଇ କହିବା ସମୟରେ କହିଲାପରି ଲାଗେନାହିଁ । କହିବାକୁ ମନ କରି କହୁଥିବା ସମୟରେ କହୁଥିବା ପରି ମୋଟେ ଅନୁଭବ ହେଉନଥାଏ । କଥାଗୁଡ଼ାକୁ ଆଦୌ ଭାବିକରି କହିବାକୁ ପଡ଼େନାହିଁ । ସେତେବେଳେ ମସ୍ତିଷ୍କଟା ସତେଅବା ଆଉ କାହାର ଯନ୍ତ୍ରପରି ବ୍ୟବହୃତ ହେଉଥାଏ । ଆପଣାର ବିମୋଚନ ହୋଇଗଲା ପରି ଅନୁଭବ କରୁଥାଏ । ଏମିତି ନିଜକୁ ଯନ୍ତ୍ରରୂପେ ସମ୍ମତ ଓ ପ୍ରସ୍ତୁତ କରି ପାରିଲେ ସବୁଠାରେ ଠିକ୍ ଏହିପରି ବିମୋଚିତ ହୋଇ ଗଲାପରି ମନେହୁଏ । ମାତ୍ର ବାଧ୍ୟ ହୋଇ କିଛି କଲାବେଳେ ଏସବୁଥିରୁ ବଞ୍ଚିତ ହୋଇ ରହିବାକୁ ହୋଇଥାଏ । ସେତେବେଳେ ସତେଅବା ପ୍ରୟୋଜନରେ ପଡ଼ି କେତେପ୍ରକାରେ କୃତ୍ରିମ ହେବାକୁ ପଡ଼େ, ଆପଣାକୁ କେତେପ୍ରକାରେ ସଜାଇବାକୁ ପଡ଼େ, ଦେଖାଇ

ହେବାକୁ ବି ପଡ଼େ । ତଥାପି କିଛି ହୋଇ ପାରେନାହିଁ । ଉପବାସୀ ଭିତରଟା ତଥାପି ଠିକ୍ ସେହିପରି ଉପବାସୀ ରହି ଗଲାପରି ଲାଗୁଥାଏ । କହିବା ଯେ କେବଳ କହିବା ନୁହେଁ, କୌଣସି କାର୍ଯ୍ୟ କରିବା ଯେ କେବଳ ସେହି କାର୍ଯ୍ୟଟିକୁ ହିଁ କରିବା ନୁହେଁ, ସେହି କଥାଟି ପ୍ରମାଣିତ ହୋଇଯାଏ । ଭିତରେ ଯେଉଁ ସମଗ୍ର 'ମୁଁ' ଟି ରହିଛି, ତାହାରି ସମ୍ମତି ଦରକାର ହୋଇଥାଏ । ତାହାର ସମଗ୍ର ଯୋଜନାର ଅଂଶରୂପେ ଯାହାକିଛି କୁହାଯାଏ ବା ଯାହାକିଛି କରାଯାଏ, ହୁଏତ କେବଳ ତାହାହିଁ ସ୍ୱାଭାବିକ ହୋଇଥାଏ । ଆଉସବୁ ବାହାରେ ବାହାରେ ଚାଲିଯାଏ । ତାହା ଭିତରଟାକୁ ମୋଟେ ଖୁସୀ କରି ପାରେନାହିଁ, କେଉଁଠି ହେଲେ କୌଣସି ଗଣ୍ଠି ଫିଟିଗଲା ପରି ଲାଗେନାହିଁ, ଆପଣାକୁ ଦେଇଦେଲା ପରି ମୋଟେ ଲାଗେନାହିଁ । ଦାରିଦ୍ର୍ୟ ଗୁଡ଼ାକ ସେହିପରି ଦାରିଦ୍ର୍ୟ ହୋଇ ରହନ୍ତି । ଖିଅଗୁଡ଼ାକୁ ମୋଟେ ଯାଉଁଟି ଆଣି ହୁଏନାହିଁ, ଲଗାଇ ହୁଏନାହିଁ ।

୧୫ । ୭ । ୮୦

ଜଗନ୍ନାଥଙ୍କୁ ପବନ ପରି ବ୍ୟବହାର କରି ଗୁଡ଼ାଏ ଏତେବଡ଼ ପାଟି କରି ଗର୍ଜନ କଲେ ଜଗନ୍ନାଥ ଆମ ଭିତରକୁ ଏତେ ଟିକିଏ ବି ଭେଦ ପାରିବାକୁ ସମର୍ଥ ହେବେନାହିଁ । ନିଜର ନାଥଙ୍କୁ ଜଗତର ନାଥ ବୋଲି ଦେଖିଲେ ଅର୍ଥାତ୍ ଅନୁଭବ କଲେ ଯାଇ ଜଗନ୍ନାଥ ସର୍ବଦା ଆମ ସାଙ୍ଗରେ ରହିଥିବା ପରି ଲାଗିବେ । କାଲି ଜଣ ଜଣ କରି କେତେ ପଣ୍ଡିତ ଉତ୍କଳବାସୀଙ୍କୁ ଶୁଣାଇବା ପାଇଁ ବଡ଼ ଦାଣ୍ଡରେ ବସି ଜଗନ୍ନାଥଙ୍କୁ ଲଗାଇ କେତେ କ'ଣ କହିଗଲେ, ଆପଣାର ଦାମ୍ଭିକ ଏବଂ ଭାବପ୍ରବଣ ଅହଂଗୁଡ଼ାକର କେତେ କ'ଣ ପରିତର୍ପଣ କରିଗଲେ । ସନ୍ଧ୍ୟା ପରେ ଘରକୁ ଫେରି ସେମାନେ ପ୍ରକୃତରେ ଭାରି କ୍ଳାନ୍ତ ଅନୁଭବ କରିଥିବେ । ଏବଂ, ଏସବୁ ଗର୍ଜନ ତର୍ଜନ କରିବା ପୂର୍ବରୁ ସେମାନେ ଚିରାଚରିତ ଭାବରେ ସ୍ୱଳ୍ପାବନ-ଚେତନାର ସ୍ତରରେ ଯେଉଁଠାରେ ଥିଲେ, ଭାରି ଆଗ୍ରହରେ ପୁଣି ସେହିଠାକୁ ଫେରି ଯାଇଥିବେ । ଜଗନ୍ନାଥ ପିତୁଳା ନୁହନ୍ତି. ପିତୁଳାଗୁଡ଼ାକର ପଛରେ ଯାହା ରହିଛି, ତାହାର ସମୀପବର୍ତ୍ତୀ ହେବାଲାଗି କୁଆଡ଼େ ଏହି ପିତୁଳା ମାନଙ୍କର ଭିଆଣ ହୋଇଛି ବୋଲି ଶାସ୍ତ୍ରକାରମାନେ କହିଛନ୍ତି । ଆମେ ଯେ ଏପରି ଦସ୍ତୁମସ୍ତୁ ଭାବରେ ଏକ ସମୂହରୂପେ ଏହି ପିତୁଳାଗୁଡ଼ାକ ପାଖରେ ଅଟକିଗଲୁ, ଆମର ଏହି କ୍ଷେତ୍ରରେ ଏକ ମୋହଭଙ୍ଗ ଘଟାଇବା ଲାଗି ଅନ୍ୟ ଶାସ୍ତ୍ରମାନ ପୁଣି କେଉଁଦିନ ଲେଖାହେବ ? ଆମ ଜୀବନ ଭିତରେ ବିନା କୋଳାହଳରେ ଜଗନ୍ନାଥଙ୍କର ରଥଯାତ୍ରା କେଉଁଦିନଠାରୁ ଆରମ୍ଭ ହେବ ? ଜଗନ୍ନାଥ ହୁଏତ ସେହି ଦିନଟି ପାଇଁ ଅପେକ୍ଷା କରି ରହିଛନ୍ତି ।

୧୬ । ୭ । ୮୦

ଈର୍ଷା,—ତାହା ଅପର ବିରୁଦ୍ଧରେ ଯେତେବେଶୀ ବିଦ୍ରୋହ ନୁହେଁ, ନିଜ ବିରୁଦ୍ଧରେ ତାହାଠାରୁ ଆହୁରି ବେଶୀ ବିଦ୍ରୋହ । ନିଜ ଭିତରେ ଅସଲ ସତ୍ୟଟି

ପ୍ରତି ଯେତେବେଳେ ଅପ୍ରକୃତ କୌଣସି କାରଣରୁ ଅବିଶ୍ୱାସ ଜନ୍ମେ, ଅର୍ଥାତ୍ ଯେଇଠି ସହିତ ଯେତେବେଳେ କିଏ ଛୁଇଁଯାଏ ସେତିକିବେଳେ ହୁଏତ ତାହାର ଆଡ଼କୁ ଅନାଇ ମଣିଷର, ଈର୍ଷା ହୁଏ, ବାହାରର ମଣିଷମାନଙ୍କ ଆଡ଼କୁ ଅନାଇ ଈର୍ଷା ହୁଏ, ସେହି ବାହାରେ କେଉଁଠାରେ କ'ଣ ଅବାଗିଆ ହୋଇ ପଡ଼ିବା ପରି ଲାଗେ । ତେଣୁ, ଆପଣା ସହିତ ଆହୁରି ଶ୍ରଦ୍ଧାର ସହିତ ବ୍ୟବହାର କରିବାକୁ ହେବ, ଉତ୍ତେଜନା ଗୁଡ଼ାକୁ ସଣମିତ କରି ଆଣିବାକୁ ପଡ଼ିବ । ମୋ'ର ଇଚ୍ଛା ଗୁଡ଼ାକର ପୂରଣ ଲାଗି ଯେ ମୁଁ ଏହି ସଂସାରକୁ ଆସିନାହିଁ, ଆଉ ଏକ ବିଶ୍ୱଗତ ଅଭିପ୍ରାୟରେ ଖୁସୀ ହୋଇ ସହଯୋଗ କରି ପାରିବାକୁ ଯେ ମୁଁ ଏଠାକୁ ଆସିଛି, ସେହି ବିଶ୍ୱାସକୁ କ୍ରମେ ଏକ ସ୍ୱଭାବରେ ପରିଣତ କରିନେବାକୁ ପଡ଼ିବ । ମଣିଷ ଅଗ ନିଜର ଶତ୍ରୁ ହୋଇଯାଏ, କୌଣସି କାରଣରୁ ନିଜ ଭିତରେ ସିଏ ଗୋଟାଏ କ'ଣକୁ ହୁଏତ ପସନ୍ଦ କରି ପାରୁନଥାଏ । ସେତିକିବେଳେ ସେହି ଅସ୍ୱୀକୃତି ହୁଏତ ପ୍ରକ୍ଷେପିତ ହୋଇ ଅନ୍ୟମାନଙ୍କ ପ୍ରତି ଈର୍ଷାରେ ବା ଅସହିଷ୍ଣୁତାରେ ପରିଣତ ହୁଏ ।

୧୭।୭।୮୦

ମଣିଷ ଯେତେବେଳେ ମଣିଷର ଯଥାର୍ଥ ସଙ୍ଗୀ ଏବଂ ସହକର୍ମୀ ହୋଇ ବାହାରେ, ସେତେବେଳେ ଭଗବାନ ସେମାନଙ୍କର ସାଥୀ ହୋଇ ବାଟ ଚାଲିବାକୁ ଆସନ୍ତି । କାରଣ ସେତେବେଳେ ସେମାନେ ନିଜ ନିଜ ଭିତରେ ଅର୍ଥାତ୍ ପରସ୍ପର ଭିତରେ ଭଗବାନଙ୍କର ଆବିଷ୍କାର କରିଥାନ୍ତି ଓ ଯେଉଁ କାର୍ଯ୍ୟ କରୁଥାନ୍ତି, ତାହାକୁ ସର୍ବଥା ଭଗବାନଙ୍କର କାର୍ଯ୍ୟ ବୋଲି କୁହାଯାଇ ପାରିବ । ମଣିଷ ସବୁ ସମୟରେ ଆଉ ଜଣେ ମଣିଷର ଯଥାର୍ଥ ସାଥୀ ହୋଇ ପାରେନାହିଁ । କାରଣ, ସେତେବେଳେ ସେ ନିଜକୁ ହିଁ ଲୋଡ଼ୁଥାଏ, ନିଜକୁ ଜାକି ରଖିବା ହୁଏତ ତା'ର ସବୁଠାରୁ ଅସଲ ଧର୍ମ ହୋଇ ରହିଥାଏ । ନିଜ ଭିତରେ ସେ ଭଗବାନଙ୍କୁ ମଧ୍ୟ ଜାକି ରଖିବାକୁ ଇଚ୍ଛା କରୁଥାଏ । ଆଗେ ରାକ୍ଷସମାନେ ନିଜେ ବଳିଷ୍ଠ ଓ ନିଜେ ପ୍ରତାପୀ ହେବେ ବୋଲି ଯେପରି ଭଗବାନଙ୍କର ଶରଣ ପଶୁଥିଲେ, ସିଏ ପ୍ରାୟ ସେଇଥିଲାଗି ଭଗବାନଙ୍କୁ ଲୋଡ଼ୁଥାଏ । ନିଜେ ଏକୁଟିଆ ଦିଗ୍‌ବିଜୟୀ କରି ଏକାଧିକାରୀ ହୋଇ ରହିବ ବୋଲି ମନ କରୁଥାଏ । ସେଇଥିପାଇଁ ଧର୍ମ ଆଚରଣ କରୁଥାଏ, ବିଦ୍ୟାର ସଂଗ୍ରହ କରୁଥାଏ, ଯଶ ଓ ଖ୍ୟାତି କମାଇବାରେ ଲାଗିଥାଏ । ସେତେବେଳେ ସେ କାହାରି ସାଥୀ ହୋଇ ପାରେନାହିଁ । ହୁଏତ ନିଜକୁ ବି କୁଆଡ଼େ ଭୁଲି ରହିଥାଏ, ନିଜକୁ ଘରି ଶ୍ରେଷ୍ଠ କରି ରଖିଥାଏ । ତେଣୁ ଆଉ କାହାର ସାଥୀ ହୋଇ ପାରିବା ଲାଗି ତା' ଭିତରେ ଆଦୌ କୌଣସି ଯୋଗ୍ୟତା ନଥାଏ । ବାଡ଼ଗୁଡ଼ାକ ପ୍ରବଳ ଧର୍ମ ଓ ପ୍ରବଳ ଶୀଳ ହୋଇ ତାକୁ ମାଡ଼ି ବସିଥାନ୍ତି । ସିଏ ବାଟ ଚାଲି ପାରେନାହିଁ ଓ ତେଣୁ କୌଣସି ସାଥୀଲାଗି ମନ ବି କରି ପାରେନାହିଁ ।

୧୮ । ୭ । ୮୦

ମୁଁ ବଦଳି ଯାଉଛି ବୋଲି ଭିତରୁ ଏକ ନିର୍ଭୟ ପ୍ରତ୍ୟୟ ପାଉଥିଲେ ମୁଁ ମୋ' ଦ୍ୱାରା ମଧ୍ୟ ଏହି ସଂସାର ବଦଳି ଯାଉଛି ବୋଲି ଅତ୍ୟନ୍ତ ସ୍ୱାଭାବିକ ଭାବରେ ଏକ ନିର୍ଭୟ ପ୍ରତ୍ୟୟ ପାଇପାରିବି । ମୁଁ ଭଲ ଉପରେ ବିଶ୍ୱାସ ରଖିଥିଲେ ଯାଇ ବୃହତ୍ତର ସଂସାର ମଧ୍ୟ ଭଲର ହିଁ ଆବିଷ୍କାର କରୁଛି ଏବଂ ଅଗ୍ରଗତ କରିବାରେ ଲାଗିଛି ବୋଲି ମୁଁ ବିଶ୍ୱାସ କରିବାକୁ ସମର୍ଥ ହେଉଥିବି । ବିଶ୍ୱାସ କଦାପି ଏକ ବାହାରୁ ଶିଖା ଯାଇଥିବା ପାଠରୂପେ ବ୍ୟବହୃତ ହୋଇ ପାରିବ ନାହିଁ । ଭିତରେ ଅସଲ ଗୃହ ହୋଇ ପାରିଥିଲେ ଯାଇ ନିଜର ସମଗ୍ର ଜୀବନରେ ଓ ଜୀବନଗତ ସମଗ୍ର ଦୃଷ୍ଟିରେ ଆମେ ବିଶ୍ୱାସର ପାଠଟିକୁ ଆୟତ୍ତ କରି ପାରିବା, ବିଶ୍ୱାସକୁ ହିଁ ଜୀବନର ଅସଲ ପାଠରୂପେ ଗ୍ରହଣ କରି ପାରିବା । ବିଶ୍ୱାସ ଆଗ ଆପଣାର ଅସଲ ସଙ୍ଗୀ ହୋଇ ରହିପାରିଲେ ଯାଇ ଆମେ ଅସଲ ଜ୍ଞାନ, ଅସଲ ଭକ୍ତି ଏବଂ ଅସଲ କର୍ମର ଭାଜନ ହୋଇ ପାରିବା । ସେହି ବିଶ୍ୱାସ ମୋ' ବାହାରୁ କୁଆଡ଼ୁ ମୋ' ଭିତରକୁ ଆସିବ ନାହିଁ । ହୁଏତ ତାହା ମୋ'ରି ଭିତରେ ଆବିଷ୍କୃତ ହେବ ଏବଂ ତାହାରି ଦ୍ୱାରା ମୋ'ର ସମସ୍ତ ସଂସାରସମ୍ପର୍କକୁ ମୁଁ ସଂକ୍ରାମିତ ଓ ଅନୁପ୍ରେରିତ କରି ରଖିପାରିବି । ଆପଣାକୁ ଆପଣାର ସଙ୍ଗୀ କରି ବାଟ ଚାଲିବାର ସାହସ କରିପାରିଲେ ଯାଇ ହୁଏତ ମୁଁ ନିଜ ଭିତରେ ସେହି ଅସଲ ବିଶ୍ୱାସର ଯୋଗ୍ୟ ହୋଇ ପାରିବି,—ତା'ପରେ ସଂସାରଟା ବି ମୋ'ର ସଙ୍ଗୀ ହୋଇ ରହିବ ।

୨୦ । ୭ । ୮୦

ମୋ'ରି ସାଙ୍ଗରେ ଆହୁରି ଅନ୍ୟମାନେ ବି ବଡ଼ ହେଲେ; ସେମାନେ ଟଙ୍କା କମାଇଲେ, ବଡ଼ଲୋକ ହେଲେ, ଜୀବନରେ ତ୍ରିଭୁଜାକାର ହେଲେ, ଚତୁର୍ଭୁଜାକାର ହେଲେ । ବହୁଭୁଜାକାର ହେଲେ । ମୁଁ ଯେତିକି ଯେତିକି ବଡ଼ ହେଲି, କୌଣସି ନା କୌଣସି ନିର୍ଦ୍ଦିଷ୍ଟ ଆକାରର ହେବା ଅର୍ଥାତ୍ ନିର୍ଦ୍ଦିଷ୍ଟ ଆୟତନରେ ରହିବା ମୋ'ଲାଗି ସତେ ଅବା ଅଧିକରୁ ଅଧିକ ଅସମ୍ଭବ ବୋଲି ବୋଧ ହେଲା । ମୋ'ର ସୀମା ଓ ବାଡଗୁଡ଼ାକ କୁଆଡ଼େ ଭାଙ୍ଗି ଗଲା, ମୋ'ର ଆପଣା ଅଙ୍ଗନଗୁଡ଼ାକ କୁଆଡ଼େ କେଉଁଆଡ଼େ ଖିଅପରି ହୋଇ ଏଠି ଜୀବନରେ କେତେକେତେ ମଣିଷ ଓ କେତେକେତେ କ୍ଷେତ୍ର ସହିତ ବାନ୍ଧିହୋଇ ରହିଲେ । ନିଜର ଏକ ସ୍ୱତନ୍ତ୍ର ପରିଚୟ, ନିଜର ଏକ ସ୍ୱତନ୍ତ୍ର ଢଙ୍ଗ ଓ ସ୍ୱତନ୍ତ୍ର ସୀମାଲି ଦେଖାଇ ପାରିବାର ସମ୍ଭାବନା ଅଧିକରୁ ଅଧିକ କମ୍ ହୋଇ ଆସିଲା । ଏସବୁ ଫଳରେ ଗୋଟାଏ ଭାରି ବଡ଼ ଲାଭ ହେଲା । ମୋତେ ଆଉ ଏଠି ମୋଟେ ଏକୁଟିଆ ଲାଗିଲା ନାହିଁ । କାହାରି ପାଖରୁ ଆପଣାକୁ ନିରାପଦ କରି ରଖିବାର

ଜାତ୍ୟାଭିମାନ ମୋତେ ଆଉ କୌଣସି ପ୍ରକାରେ ଗିଳିକରି ରହିଲା ନାହିଁ । ଏଠି ଓଳଟି ଭାରି ଭଲ ଲାଗିଲା, ସବୁରି ସହିତ ମୋ'ର ଛିଅ ଲାଗି ରହିଛି ବୋଲି ମନେହେଲା । ନିଜର କୌଣସି ସ୍ୱତନ୍ତ୍ର ପରିଚୟ ରହିଲାନାହିଁ, ସ୍ୱତନ୍ତ୍ର ଜାତି ବୋଲି ବି କିଛି ରହିଲାନାହିଁ । ନିଜର ଗୋଟିଏ ଅଲଗା ଘର ମୁଁ କେଉଁଠିହେଲେ ବି ଗଢ଼ି ପାରିଲିନାହିଁ । ଏହାଦ୍ୱାରା ହୁଏତ ସବୁଠାରୁ ଅଧିକ ଭଲ ହେଲା ।

୨୧ । ୭ । ୮୦

ମୋ' ସମାଜ ମୋ' ଭିତରେ ରହିଛି, ଏହି କଥାଟି ସତ, ମୋ' ସମାଜ ମୋ' ବାହାରେ ବି ରହିଛି, ଏହି କଥାଟା ବି ଠିକ୍ ସେତିକି ପରିମାଣରେ ସତ । ଏବଂ, ମୋ' ସମାଜ ଯେ ସର୍ବପ୍ରଥମେ ମୋ' ବାହାରେ ରହିଛି, ଭାରତବର୍ଷ ପରି ଗୋଟିଏ ଦେଶରେ ତାହାର ଏକ ବିଶେଷ ତାତ୍ପର୍ଯ୍ୟକ ମହତ୍ତ୍ୱ ରହିଛି । ଆମେ ସମସ୍ତେ ସତେଅବା ଏକ ପ୍ରାଚୀନ ସଂସ୍କାରଦ୍ୱାରା ବଶୀଭୂତ ହୋଇ ଆମ ବାହାରେ ରହିଥିବା ସମାଜଟାକୁ ଚିରକାଳ ଅସ୍ୱୀକାର କରି ଆସିଛୁ । ଆମେ ଆଖି ବୁଜି କେବଳ ଆପଣାର ବ୍ୟକ୍ତିଗତ ସାଧନାଟିକୁ ଚିରକାଳ ଅସ୍ୱୀକାର କରିଆସିଛୁ । ଆମେ ଆଖି ବୁଜି କେବଳ ଆପଣାର ବ୍ୟକ୍ତିଗତ ସାଧନାଟିକୁ କରିଛୁ, ଅର୍ଥାତ୍ ଆପଣାର ବ୍ୟକ୍ତିଗତ ବୃଦ୍ଧି ଲାଗି ହିଁ ବ୍ୟକ୍ତିଗତ ବାଟଟିଏ ଖୋଜିଛୁ ଓ ବ୍ୟକ୍ତିଗତ ବଢ଼ିଲାଗୁଡ଼ିକୁ କରିବାକୁ ହିଁ ଆମ ଜୀବନର ସର୍ବଶୋଭାମୟ ମହିମା ବୋଲି ଜ୍ଞାନ କରି ଆସିଛୁ । ଏହି ସ୍ଥିତି ଯେତେଶୀଘ୍ର ବଦଳିଯାଏ, ଆମ ସମସ୍ତଙ୍କ ଲାଗି ତାହା ସେତେ ଅଧିକ କଲ୍ୟାଣର କଥା ହେବ । ବାହାରକୁ ଅସ୍ୱୀକାର କରି ଯେ ମୋଟେ ଭିତରକୁ ଅନାଇ ହୁଏନାହିଁ, ଆମକୁ ଏହି ବଡ଼ ସତ୍ୟଟିକୁ ସ୍ୱାଭାବିକ ଭାବରେ ଅନୁଭବ କରିବାକୁ ହେବ । ଆମ ଶାସ୍ତ୍ରଗୁଡ଼ାକର ମଧ୍ୟ ଏବେ ଏହିପରି ଭାବରେ ବ୍ୟାଖ୍ୟା କରାଯିବା ଉଚିତ । ଆମ ଆଦର୍ଶଗୁଡ଼ାକର ମଧ୍ୟ ଏହି ନୂତନ ବ୍ୟଞ୍ଜନା ବାହାରି ପାରିବା ଉଚିତ । ତେବେ ଯାଇ ଏଠି ପ୍ରତ୍ୟେକ ମଣିଷ ହୁଏତ ଯଥାର୍ଥ ଭାବରେ ନିଜକୁ ଚିହ୍ନିପାରିବ । ତା'ର ନିଜକୁ ଚିହ୍ନିବାଟି ମଧ୍ୟରୁ ଆଉ ଅନ୍ୟମାନେ କଦାପି ବାଦ୍ ଯିବେନାହିଁ । ଭିତର ସହିତ ରହିଥିବା ବାହାରର ଦ୍ୱନ୍ଦ୍ୱ କଟିଯିବ,— ନିଜକୁ କଳି ରଖିବାର ଦାରିଦ୍ର୍ୟ ଦୂର ହୋଇଯିବ ।

୨୨ । ୭ । ୮୦

ମୁଁ କେତେଠାରୁ କେତେ କ'ଣ ଖୋଜେ । ଏହି ସଂସାରକୁ ନେଇ ମୁଁ କେତେ କ'ଣ ସ୍ୱପ୍ନ ଦେଖେ । ଏବଂ ଆପଣାକୁ ହିଁ ଯାବତୀୟ ଖୋଜିବାରେ ଏବଂ ସ୍ୱପ୍ନ ଦେଖିବାରେ ଏକ କର୍ମିଭାବରେ ବ୍ୟବହାର କରିବାକୁ ଇଚ୍ଛା କରୁଥାଏ । ଆପଣାକୁ ଦେଇ ପାରିବାର ସତତ ଆଗ୍ରହ ମୋ'ଜୀବନରେ ଏକ ସତତ ଖୁସି ଏବଂ ସତତ ଅସନ୍ତୋଷ

ରୂପେ ଅଭିବ୍ୟକ୍ତ ହେବାରେ ଲାଗିଥାଏ । ସେହି ଅସନ୍ତୋଷ ମୋତେ ଅଧିକରୁ ଅଧିକ ପ୍ରେରିତ ହୋଇ ରହିବାରେ ସାହାଯ୍ୟ କରେ । ସେହି ଅସନ୍ତୋଷ ମୋତେ ସର୍ବଦା ସତେଅବା ଅଉଗୋଟିଏ ସ୍ଥାନ ସହିତ ଗଇଁଠାଇ ରଖିଥାଏ କିମ୍ବା ଭବିଷ୍ୟ ସହିତ ଗଇଁଠାଇ ରଖିଥାଏ । ଅହି ଅସନ୍ତୋଷ ମୋତେ ଯାବତୀୟ ପ୍ରକାରର ଖାପ ଖାଇ ରହିଯିବାର ଅଳସତାରୁ ବଞ୍ଚାଇ ରଖେ । ଏହି ଜୀବନଟାରେ ଅଧିକ ସାର୍ଥକତା ରହିଛି ଅଥବା ଖାପ ଖାଇଯିବାର ଜୀବନରେ ଅଧିକ ଆନନ୍ଦ ରହିଛି, ସେକଥା ବିଚାର କରିବାକୁ ହିଁ କୌଣସି ବେଳ ନଥାଏ । ମୋ'ର ଆଖି ଆଗରେ କେତେ ମଣିଷ କେତେ ଚମତ୍କାର ଭାବରେ ଖାପ ଖାଇଯାଇ ସତେଅବା କେତେ ଆଗେଇ ଯିବାପରି ଦେଖା ଯାଉଥାନ୍ତି । ସେମାନେ ଉପରକୁ କେଡ଼େ ଖୁସୀ ବି ଦେଖା ଯାଉଥାନ୍ତି । ସେମାନଙ୍କ ପ୍ରତି ମୁଁ କେବେହେଲେ କୌଣସି ଈର୍ଷା ଅନୁଭବ କରେନାହିଁ, ମାତ୍ର, ମୁଁ ଯେ ଏତିକରେ କଦାପି ସନ୍ତୁଷ୍ଟ ହୋଇ ରହିପାର ନଥାନ୍ତି, ମୁଁ ସେକଥାକୁ ମଧ୍ୟ ଖୁବ୍ ଭଲକରି ବୁଝିପାରେ । ମୋ'ର ଅନ୍ତଃସ୍ୱଭାବଟିକୁ ଜାଣିଥିବାରୁ ମୁଁ ଏକଥା ବୁଝିପାରେ ।

୨୩ । ୭ । ୮୦

The centre must be able to hold : ସେହି କେନ୍ଦ୍ରଟି ସହିତ ଆମର ଖାଲି ଖିଅ ଲାଗି ରହିଥିଲେ ହେଲା, ଅର୍ଥାତ୍ ଅସଲ ଖିଅଟି ସେହି କେନ୍ଦ୍ରଟି ସହିତ ଲାଗି ରହିଥିଲେ ହେଲା । ବେଳେବେଳେ ଆପଣା ଭିତରେ ମୁଁ ସତେଅବା ନାନାଭାଗରେ ବିଭକ୍ତ ହୋଇପଡ଼େ । ଏ ଭାଗଟା ସେ ଭାଗଟାଠାରୁ ସତେଅବା ଫାଙ୍କିଦେଇ ଲୁଚିକରି ବୁଲିବାକୁ ଇଚ୍ଛା କରୁଥାଏ ଏବଂ ହୁଏତ ତାହାକୁ ଏହି ଜୀବନର ସତେଅବା ସବୁଠାରୁ ବଡ଼ କୁଶଳତା ବୋଲି ବିଚାର କରୁଥାଏ । ମୋ' ବାହାରେ ବି ମୁଁ ବେଳେବେଳେ କେତେ ଭାଗରେ ବିଭକ୍ତ ହୋଇ ରହିଥାଏ । କୋଉଠି ଭିତରେ ଯାଇ ପଶିଯିବାକୁ ନଙ୍ଗନଙ୍ଗ ହେଉଥାଏ ତ ଆଉ କେଉଁଠାରୁ ଚୋର ପରି ଲୁଚି ରହିଥାଏ । ଏହିସବୁ ଦୁର୍ଭାଗ୍ୟ ମୁହୂର୍ତ୍ତରେ ହିଁ କେନ୍ଦ୍ର ସହିତ ଲାଗିଥିବା ଖିଅଟି ଆଉ ହାତକୁ ନଲାଗିଲା ପରି ମନେହୁଏ । ସେତେବେଳେ ଭାରି ମ୍ରିୟମାଣ ହୋଇ ମୁଁ ଯେତେବେଳେ କେନ୍ଦ୍ରଟିକୁ ଦୋଷ ଦେବାପାଇଁ ବାହାରେ, ସେତେବେଳେ ମଧ୍ୟ କେନ୍ଦ୍ରଟି ଠିକ୍ ଜାଗାରେ ରହିଥାଏ, ମାତ୍ର ଖିଅଟି ମୋ' ହାତରେ ନଥାଏ । ମୋ' ଭିତରେ ସେତେବେଳେ ଆଦୌ କୌଣସି ଏକତ୍ୱ ନଥାଏ । ଆପଣାକୁ ଜାଣି ଜାଣି ହାତଛଡ଼ା କରି ବସିଥିବାର ଗୁଡ଼ାଏ ଆକୁଳତା ହିଁ ରହିଥାଏ । ସେହି ଆକୁଳତାଗୁଡ଼ାକୁ ନେଇ ଦୁଃଖଭୋଗର ଉପନ୍ୟାସ ରଚନା କରିବାକୁ ମନ କଲେ ତାହା ମୋତେ ଆହୁରି ଦରିଦ୍ର କରି ପକାଏ, ଆହୁରି ନିଃସ୍ୱ କରି ରଖେ ।

୨୪ । ୭ । ୮୦

କେନ୍ଦ୍ରଟି ସେହି ଭିତରେ ଥାଏ, ସେହି ଭିତରୁ ହିଁ ମିଳେ । ଅଧିକାଂଶ ସମୟରେ ବାହାରେ କିଛି ଛାଡ଼ି ଯାଉଥିବା ପରି ଲାଗିଲେ ଭିତରେ ବି କେନ୍ଦ୍ରଟି ସହିତ କିଛିଅଛି ଛାଡ଼ି ଛାଡ଼ି ଯାଉଥିବା ପରି ମନେହୁଏ । ବାହାରେ ନାନା କାରଣରୁ ଆପଣାକୁ ଏକୁଟିଆ ଲାଗୁଥିବା ବେଳେ ଭିତରେ ଆପଣାର ଘରେ ମଧ୍ୟ ଏକୁଟିଆ ଲାଗିବା'କୁ ଆରମ୍ଭ କରେ । ଭିତରର ଯେଉଁ ଦର୍ପଣଟି ଉପରେ ଆମେ ମନ କଲେ ବାହାରଟି ଦେଖାଯାଏ ଓ ବାହାରର ଯେଉଁ ଦର୍ପଣଟି ଉପରେ ଆମେ ମନ କଲେ ଭିତରଟି ବି ଦେଖାଯାଏ, ସେଗୁଡ଼ିକ ହାତଛଡ଼ା ହୋଇଗଲେ ବୋଧହୁଏ କେନ୍ଦ୍ରଚ୍ୟୁତ ହୋଇଯିବା ପରି ମନେହୁଏ । ସେହି ଦୁଇଟିଯାକ ଦର୍ପଣ ପ୍ରକୃତରେ ଗୋଟିଏ । ବେଳେବେଳେ ତାକୁ ଆମେ ବାହାରେ ସମ୍ମୁଖରେ ଧରି ଭିତରକୁ ଦେଖିବାରେ ଲାଗିଥାଉ ଓ ବେଳେବେଳେ ଆପଣାର ଭିତରେ ଆପଣା ଭିତରଟାକୁ ସମ୍ମୁଖରେ ଧରି ବାହାରଟାକୁ ଦେଖିବାରେ ଲାଗିଥାଉ । ଏହିପରି ଦେଖୁ ଦେଖୁ ବାହାର ଭିତର ଏକାବେଳେକେ ବି ଦେଖିହୁଏ । ବାହାର ଆଉ ଭିତରକୁ ଆପଣାର ଅସଲ ଅନୁଭବର ଘରଟି ଭିତରେ ଆଉ ମୋଟେ ଅଲଗା କରି ବାରି ହୁଏନାହିଁ । ଏହି ବାରି ନହେବାର, ଅର୍ଥାତ୍ ଗୋଳମାଳିଆ ହୋଇଯିବାର ଅଥଚ ଏକ ସମଗ୍ର କିଛି ରହିଛି ବୋଲି ଅନୁଭୂତ ହେଉଥିବାର ଅବସ୍ଥାଟିକୁ ଆମେ ଜୀବନର ପରିଭାଷା ଅନୁସାରେ ଶ୍ରଦ୍ଧା ବୋଲି କହୁ ।

୨୫ । ୭ । ୮୦

ମଣିଷ ସତ୍ୟ ହେଉ, କୃତ୍ରିମ ନହେଉ; ଅର୍ଥାତ୍ ଆପଣାକୁ ଭଲ ବୋଲି ଦେଖାଇବାକୁ ସେ କୌଣସି ଚେଷ୍ଟା ନକରୁ । ଆପେ ଯଥାର୍ଥରେ ଭଲ ହେଲେ ନିଜ ଭିତରେ ସହିବା ଶକ୍ତିଟି ଯେ କ୍ରମଶଃ ବିକଶିତ ହୋଇଆସେ, ଆପଣା ଭିତରେ ଯେ କ୍ରମେ ସମସ୍ତଙ୍କ ସକାଶେ ଅଧିକରୁ ଅଧିକ ସ୍ଥାନ ହୋଇଯାଏ, ମୁଁ ସେକଥା ନିଜର ଅନୁଭବରୁ ଜାଣିଛି । କିନ୍ତୁ, ଆମ ସମାଜରେ ଅନେକ ଚତୁର ମଣିଷ ଅଛନ୍ତି, ଯେଉଁମାନେ କି ନିଜକୁ ଜଣେ ଜଣେ ଭଲ ମଣିଷ ବୋଲି ସାବ୍ୟସ୍ତ କରିବାକୁ ଅନବରତ ଚେଷ୍ଟା କରୁଥା'ନ୍ତି, ମାତ୍ର ତେଣେ ଅନ୍ୟକୁ ମୋଟେ ସହି ପାରୁନଥାନ୍ତି । ନିଜେ ଭଲ ହେଲେ ଭଲ ଉପରେ ବିଶ୍ୱାସ ବଢେ । ଭଲ ଉପରେ ବିଶ୍ୱାସ ବଢ଼ିଲେ ତଥାକଥିତ ଖରାପଗୁଡ଼ାକୁ ସହି ପାରିବାର ଅର୍ଥାତ୍ ଈର୍ଷା ନକରିବାର ଶକ୍ତି ବଢ଼େ । ଅର୍ଥାତ୍, କୌଣସି ଏକ ଖରାପ ସତ୍ତ୍ୱେ ଜଣେ ମଣିଷ ଭିତରେ ଯେ ତଥାପି ଭଲ ରହିଛି ଓ ସେହି ଭଲକୁ ଉତ୍ଥିତ କରି ଆଣିବାକୁ ଯେ ସେହି ମଣିଷକୁ ସବୁପ୍ରକାର ସଖ୍ୟ ଓ ସହାନୁଭୂତି ମିଳିବା ଦରକାର,

ନିଜ ଭିତରେ ସେହି ବିଶ୍ୱାସଟି ବଢ଼ୁଥାଏ । ଏବଂ, ଏହି ବିଶ୍ୱାସ ଅର୍ଥାତ ସହାନୁଭୂତିଶୀଳତା ରହିଥିବା ପର୍ଯ୍ୟନ୍ତ ମଣିଷ ପ୍ରକୃତରେ କୃତ୍ରିମ ହୋଇ ପାରେନାହିଁ, ଆପଣା'କୁ ଭଲ ବୋଲି ଦେଖାଇ ହେବାକୁ ସେ ମୋଟେ ଚେଷ୍ଟା କରି ପାରେନାହିଁ । ତେଣୁ, ଆମ ଭିତରେ ଅସଲ ସହାନୁଭୂତିଗୁଡ଼ାକ ହିଁ ବଢ଼ୁ । ତେବେ ଆମେ ଭଲର ଅଧିକ ନିକଟବର୍ତ୍ତୀ ହୋଇପାରିବା, ତାହାର ଅଧିକ ସ୍ୱଜନ ହେବା ।

୨୬ । ୭ । ୮୦

ଅନେକ ମଣିଷ ଭବିଷ୍ୟତକୁ ନିରାପଦ ରଖିବା ଉଦ୍ଦେଶ୍ୟରେ ସର୍ବଦା ବର୍ତ୍ତମାନଟାକୁ ପକ୍କା କରି ଗଢ଼ିବାକୁ ଚେଷ୍ଟା କରୁଥାନ୍ତି । ଭବିଷ୍ୟତର କୌଣସି ଆପଦ ଯେପରି ସେମାନଙ୍କ ଜୀବନ ଭିତରକୁ ପଶି ପାରିବନାହିଁ, ସେମାନେ ସେଥିଲାଗି ବର୍ତ୍ତମାନର ଚାରିପାଖରେ ଦୃଢ଼ ପାଚେରିମାନ ଗଢ଼ି ସବୁକିଛିକୁ ଦୋରସ୍ତ କରି ରଖିବାରେ ଲାଗିଥାନ୍ତି । ଆଉରି କେତେ ମଣିଷ ବର୍ତ୍ତମାନ କହିଲେ ଭବିଷ୍ୟ ଲାଗି ଆପଣାର ଦୁଆରଟିକୁ ଖୋଲି ରଖିବାକୁ ହିଁ ଚାହୁଁଥାନ୍ତି । ସେମାନେ ବର୍ତ୍ତମାନକୁ ଅବହେଳା କରନ୍ତିନାହିଁ ସତ, ମାତ୍ର ଭବିଷ୍ୟତର ଆଶଙ୍କାରେ ବର୍ତ୍ତମାନର ଦୁଆରଗୁଡ଼ାକୁ କିଳି ରଖିବାଲାଗି ଆଦୌ କୌଣସି ଉଦ୍ୟମ କରୁନଥାନ୍ତି । ବର୍ତ୍ତମାନ ଉପରେ ସେମାନଙ୍କର ବିଶ୍ୱାସଥାଏ, ତେଣୁ ଭବିଷ୍ୟ ଉପରେ ମଧ୍ୟ ସେମାନଙ୍କର ବିଶ୍ୱାସ ରହିଥାଏ । ସେମାନଙ୍କର ନିଜ ଉପରେ ବିଶ୍ୱାସ ରହିଥାଏ । ବିଶ୍ୱାସ ରହିଥିଲେ ଯାଇ ଆପଣାର ଦୁଆରଟିକୁ ଖୋଲିଦେଇ ପାରିବା ସମ୍ଭବ ହୁଏ । ବିଶ୍ୱାସ ଥିଲେ ନିଜକୁ ଏକ ଯନ୍ତ୍ରରେ ପରିଣତ କରିହୁଏ, ଏକ ଆସ୍ଥାନରେ ପରିଣତ କରିହୁଏ । ଏବଂ, ସେହି ଆସ୍ଥାନଟିର ଅନୁଭୂତି ମଧ୍ୟରେ ରହିଥିବା ପର୍ଯ୍ୟନ୍ତ ଭବିଷ୍ୟତକୁ ଡର ମାଡ଼େନାହିଁ କିମ୍ବା ବର୍ତ୍ତମାନକୁ ମଧ୍ୟ ଡର ମାଡ଼େନାହିଁ । ଆସ୍ଥାନ ଉପରେ ପରମବନ୍ଧୁ ରୂପେ ଆସୀନ ହୋଇ ରହିଥିବା କିଏ ଜଣେ ଚଳାଇ ନେଉଥିବା ପରି, ବାଟ ଦେଖାଇ ନେଉଥିବା ପରି ଏବଂ ଦମ୍ଭ ଦେଇ ଯାଉଥିବା ପରି ମନେହୁଏ । ସେଇଥିରୁ ହିଁ ପର୍ବତ ପରି ବଳ ଆସେ ।

୨୭ । ୭ । ୮୦

ଭୈରବବାବୁଙ୍କ ଭିତରେ ରହିଥିବା ଖେଳାଳି ଆମର ସ୍ମୃତିମଧ୍ୟରେ ଦୀର୍ଘ ଅନେକ ଦିନ ପର୍ଯ୍ୟନ୍ତ ବଞ୍ଚିରହିବ । ସିଏ ପ୍ରଧାନତଃ ଖେଳାଳି ଥିଲେ । ଖେଳୁ ଖେଳୁ ରାଜନୀତିରେ ଆସି ପଶି ଯାଇଥିଲେ । ରାଜନୀତିର ଖେଳରେ କେତେବେଳେ ହାରୁଥିଲେ ଓ କେତେବେଳେ ଜିତୁଥିଲେ । ରାଜନୀତି ଭିତରେ ସାଧାରଣତଃ

ଅଚେନାଲୋକମାନେ ପଶିଥାନ୍ତି । ଭୈରବବାବୁ ଅଧିକାଂଶ ସମୟରେ ଏହି ଅଚେନାଲୋକ-ମାନଙ୍କଠାରୁ ହିଁ ହାରି ଯାଉଥିଲେ । ସେମାନଙ୍କ ସହିତ ସମକକ୍ଷ ଭାବରେ ଟକ୍କର ଦେଇ ପାରିବାଲାଗି ସେ ବେଳେବେଳେ ହୁଏତ ଅଚେନାଲୋକମାନଙ୍କ ପରି ହେବାକୁ ମଧ୍ୟ ଚେଷ୍ଟା କରୁଥିଲେ । ଏବଂ ସେତେବେଳେ ସେ ନିଜପାଖରେ ବି ହାରି ଯାଉଥିଲେ । ନିଜ ପାଖରେ ହାରିବାର ତାଙ୍କର ସେହିସବୁ ମୁହୂର୍ତ୍ତରେ ଯିଏ ତାଙ୍କ ସହିତ ସାକ୍ଷାତ କରିଥିବ, ସେତେବେଳେ ସିଏ ପ୍ରକୃତରେ କେତେ ଯେ ମ୍ରିୟମାଣ ହୋଇପଡ଼ନ୍ତି, କେତେ ଦୋହଲି ଯାଆନ୍ତି, ଭିତରଟା ଯାକ କେତେ ବିକଳାଙ୍ଗ ପରି ଦିଶନ୍ତି, ସେ ସେକଥା ନିଶ୍ଚୟ ଲକ୍ଷ୍ୟ କରିଥିବ । ନିଜ ଭିତରେ ଥିବା ଖେଳାଳିଟିକୁ ଖୋଜିବାକୁ ବି ସେତେବେଳେ ହୁଏତ ତାଙ୍କର ମୋଟେ ମନେ ରହେନାହିଁ । ନିଜକୁ ହରାଇ ବସିବାପରି ସିଏ ସତେଅବା ଆଉ କାହାପରି ଦେଖା ଯାଉଥାନ୍ତି । ପୁନର୍ବାର ନିଜର ଅସଲ ପରିଚୟ ଅର୍ଥାତ୍ ଅସଲ ସ୍ୱଭାବଟି ମଧ୍ୟକୁ ଫେରିଆସିବା ପର୍ଯ୍ୟନ୍ତ ତାଙ୍କୁ ଏହିପରି ହରକତ ହେବାକୁ ପଡୁଥିଲା । ସେତେ-ବେଳେ ତାଙ୍କୁ ପ୍ରାୟ ଜୋର କରି ତାଙ୍କୁ ସ୍ୱଜନିତ ଭିତରୁ ଟାଣି ଆଣିବାଲାଗି ଇଚ୍ଛା ହେଉଥିଲା, ତାଙ୍କର ଅସଲ ଚେତାଟି ଭିତରେ ତାଙ୍କୁ ପୁଣି ଆଣି ସଚେତନ କରି-ଦେବାକୁ ସେତେବେଳେ ଭାରି ମନ ହେଉଥିଲା ।

୨୮ । ୭ । ୮୦

‘ମୋକ୍ଷ ପାଇବେ ବୋଲି ଯେଉଁମାନେ ସଂସାରରୁ ପଳାଇଯାଆନ୍ତି ଓ ଯେଉଁମାନେ ସଂସାର ଭିତରେ ରହି ଏକାନ୍ତ ଭାବରେ ଆପଣାର ସଫଳତା ଲାଗି ଲାଗିଥାନ୍ତି, ସେମାନେ ଉଭୟେ ଗୋଟିଏ ଧାତୁରେ ଗଢ଼ା ହୋଇଥିବା ମଣିଷ । ଏମାନେ ଉଭୟେ କେବଳ ନିଜ କଥା ହିଁ ଭାବନ୍ତି, ନିଜର ସୁଖ କଥା ଭାବନ୍ତି । ଗୋଟିଏ ପକ୍ଷ ଏହି ସଂସାର ଭିତରେ ଆପଣାର ସୁଖ କଥା ଭାବୁଥାଏ, ଆଉ ପକ୍ଷଟି ସଂସାରର ବାହାରେ ନିଜର ସୁଖ କଥାଟି ଭାବୁଥାଏ । ସେମାନେ ଆଖି ବୁଜି କେବଳ ନିଜ ସୁଖର ସାଧନା ହିଁ କରୁଥାନ୍ତି । ଗୋଟିଏ ପକ୍ଷ ଆପଣାକୁ ଉଚ୍ଚରେ ଅଲଗା କରି ରଖିଥାଏ ଏବଂ ଅପରପକ୍ଷ ବି ସେହିପରି ନିଜକୁ ଗାତ ଭିତରେ ନେଇ ରଖିଥାଏ । ଉଭୟେ ଗୁହାଭିତରେ ରହିଥାନ୍ତି । ଉଭୟେ ଧର୍ମପାଳନ କରୁଥାନ୍ତି; ଗୋଟିକୁ ସଂସାରଧର୍ମ ବୋଲି କୁହାଯାଏ ଓ ଆରଟିକୁ ସନ୍ନ୍ୟାସଧର୍ମ ବୋଲି କୁହା-ଯାଏ । ଦୁଆର ଖୋଲିଲେ; ସମ୍ମିଳିତ ହୋଇପାରିଲେ, ଆପଣାର ଜୀବନରେ ଅନ୍ୟମାନଙ୍କ ଲାଗି ଥାନ କରିପାରିଲେ ଯେଉଁ ବିମୋଚନର ଓ ଉନ୍ମୋଚନର ଅନୁଭବ ହୋଇଥାଏ, ଏହି ଉଭୟେ ସେଇଟି ବିଷୟରେ କୌଣସି ଧାରି ଧାରନ୍ତିନାହିଁ;—ସେହି ବଣିକଟି ସହିତ ଏମାନଙ୍କର କୌଣସି ପରିଚୟ ହୋଇ

ପାରେନାହିଁ । ଆପଣାର ଏକାନ୍ତ ପଥଟିରେ ବାଇ ହୋଇ ଏମାନେ ଜୀବନ ସହିତ ଜୀବନର ଲଗିଥିବା ସକଳ ସୂତ୍ରକୁ ଛଡ଼ାଇ ଦେଇ ଉଗ୍ର ଓ ନିଃସ୍ୱ ହୋଇ ବସିଥାନ୍ତି ।

୨୯ । ୭ । ୮୦

ଏମିତି ଝୁ ଝୁ ବର୍ଷା ହେଉଥିବା ସମୟରେ ନିଜ ଭିତରେ ନିଜକୁ ଏପରି ଏକ ଗ୍ରହଣପାତ୍ର ପରି ମନେହୁଏ, ଯାହାଉପରେ କି ଜଗତର ସକଳ ଆଶୀର୍ବାଦ ଏବଂ ଜନନୀର ସକଳ କରୁଣା ଅଯାଚିତ ଭାବରେ ଆସି ଅକାତ୍ର ହୋଇ ପଡ଼ୁଛି । ଆପଣାକୁ ସତେଅବା ଶ୍ୟାମଳ ଦୂର୍ବାଦଳର ଏକ ଅଙ୍ଗନ ପରି ମନେହୁଏ ଯିଏକି ଆପଣାର ସକଳ ସ୍ପର୍ଶସାମର୍ଥ୍ୟର ଦ୍ୱାରକୁ ଉନ୍ମୋଚିତ କରି ରଖିଥାଏ ଏବଂ ଆପଣାକୁ କେବଳ ଏହିପରି ଭାବରେ ଉନ୍ମୋଚିତ କରି ରଖିବ ବୋଲି ହିଁ ପଣ କରିବାରେ ଲଗିଥାଏ । ଏହି ଜୀବନରେ ପ୍ରକୃତରେ କିଛିହେଲେ ମାଗିବାକୁ ନାହିଁ । ଆଗରୁ ସବୁ ମୋ'ଲାଗି ଦିଆ ସରିଛି । ଏହି ବିସ୍ତୃତ ପୃଥିବୀର ଉତ୍ତରାଧିକାର ସତେଅବା ମୋ'ର ସ୍ୱପ୍ନଗୁଡ଼ାକୁ ଶତପକ୍ଷ କରି ମୋ'ର ଆକାଶ ଭିତରେ ଆସି ନୀଡ଼ ବାନ୍ଧି ରହିଛି । ଏହି ଶୀତଳ ପବନ ମୋ' ଭିତରେ ସଂସାରର ସବୁ ଆଶୀର୍ବାଦର ନିର୍ଭର ହୋଇ ଛୁଇଁ ଛୁଇଁ ଯାଉଛି । ତେଣୁ, ଖାଲି ଦେବାର କଥା । ଆପେ ଦେଉଥିବା ପର୍ଯ୍ୟନ୍ତ ଭିତରଟା ଯେ ଏତେ ପୂର୍ଣ୍ଣ ହୋଇ ରହିଥିବା ପରି ଲାଗେ, ସେକଥା ମୋତେ କୌଣସି ବହି ବୁଝାଇ କହି ପାରିନଥିଲେ । ତାହାକୁ ମୁଁ ଏହି ବରଷା ଆଡକୁ ଓ ଏହି ପୃଥିବୀ ଆଡ଼କୁ ନିଜର ଦୁଆରଟିକୁ ଖୋଲିଦେବା ପରେ ଯାଇ ଶିଖିଲି । ଅଭିଯୋଗ କରୁଥିବା ମଣିଷ କେବେହେଲେ ଖୁସୀ ହୋଇ କିଛି ଦେଇ ପାରେନାହିଁ ବୋଲି ତାକୁ କେଉଁଠି ହେଲେ କିଛି ମିଳିଲାନାହିଁ ବୋଲି ଅଭିଯୋଗ କରିବାରେ ଲଗିଥାଏ । ଭଗବାନଙ୍କୁ ଲାଞ୍ଚ ଦେଇ ଭଗବାନଙ୍କର ପରୀକ୍ଷା କରିବାରେ ଲଗିଥାଏ । ସିଏ ସେହି ପରୀକ୍ଷାର ସ୍ତରରେ, ସେହି ଅଭିଯୋଗର ସ୍ତରରେ ଅର୍ଥାତ୍ ସେହି ଅନୁଦ୍‌ଘାଟିତ ସ୍ତରଟିରେ ହିଁ ରହିଯାଏ । ସିଏ ଅଭିଯୋଗ କରି କରି ଖାଲି ଶୁଖିଯିବାରେ ଲଗିଥାଏ । ଏହି ବିପୁଳ ବରଷା ତା'ର କିଛିହେଲେ କରି ପାରେନାହିଁ । ତା'ର ଗୋଟିଏ ହେଲେ ମୂଳକୁ ମଧ୍ୟ ଉଲ୍ଲସିତ କରିଦେଇ ପାରେନାହିଁ ।

୩୦ । ୭ । ୮୦

ଜୀବନର ପ୍ରତ୍ୟେକ ଦିନ ଗୋଟିଏ ଗୋଟିଏ ମନ୍ଦିରଦର୍ଶନ, ଗୋଟିଏ ଗୋଟିଏ ତୀର୍ଥଦର୍ଶନ । ନିଜ ଭିତରେ ନିଜର ଅନ୍ତର୍ପଥ ଉପରେ ମନ୍ଦିରଦର୍ଶନ ଏବଂ ନିଜ ବାହାରେ ଏହି ବୃହତ୍ତର ସଂସାର ମଧ୍ୟରେ ବି ମନ୍ଦିରଦର୍ଶନ । ଆପଣାର

ଭିତର ଓ ବାହାର ଦୁଇ ପ୍ରସ୍ଥକୁ ସତେଅବା ଗୋଟିଏ ବେଢ଼ ଓ ଗୋଟିଏ ବ୍ୟଞ୍ଜନାରେ ଏକାଠି କରି ସେହି ଗୋଟିଏ ଖିଅ ଯେ ସବୁଆଡ଼େ ଲମ୍ବି ରହିଛି ଓ ସବୁକିଛିକୁ ଏପରି ଏକାତ୍ମକ କରି ରଖିଛି, ତାହାର ଆବିଷ୍କାର କରିବା ଓ ସେହି ଅସଲ ସଖ୍ୟଟିକୁ ଅନୁଭବ କରିବା, ମୋ' ଲାଗି ସେଇ ହେଉଛି ମନ୍ଦିରଦର୍ଶନ । ଏହି ମନ୍ଦିରଟିକୁ ମୁଁ ଭିତରେ ଓ ବାହାରେ ଦର୍ଶନ କରିପାରେ ବୋଲି ଜଗତର ପ୍ରତ୍ୟେକ ତୀର୍ଥ ଓ ମନ୍ଦିରକୁ ମଧ୍ୟ ମୁଁ ଯଥାର୍ଥ ଭାବରେ ଦର୍ଶନ କରିବାକୁ ସମର୍ଥ ହୁଏ । ବାହାରର ମନ୍ଦିର ଓ ବାହାରର ମୂର୍ତ୍ତିକୁ ଦର୍ଶନ କଲାବେଳେ ମୋ'ର ପ୍ରକୃତରେ ଏକ ଅନ୍ତଃଦର୍ଶନ ହୋଇଯାଏ । ମୋ' ନିଜ ବାସନାଟିର ମହିମାରେ ଓ ସତେଅବା କେତେକେତେ ଖିଅର ସ୍ପର୍ଶରେ ମୋ' ନିଜ ଭିତରଟା ମଧ୍ୟ ସତେଅବା ଏକ ତୀର୍ଥପରି ଅନୁଭୂତ ହୁଏ । ତା'ପରେ, ଯେଉଁଠି ଯାହାକିଛି ସହିତ ସାକ୍ଷାତ ହୁଏ, ତାହା ମୋତେ ଆହୁରି ଅଧିକ ଖୋଲି ଖୋଲି ଦିଏ, ଆହୁରି ନିର୍ଭୟ କରେ । ବିଶ୍ୱାସ ବଢ଼ିଲେ ଅର୍ଥାତ୍ ଅନୁଭବ ବଢ଼ିଲେ ଯେଉଁ ନିର୍ଭୟତା ସତେଅବା ଏକ ସ୍ୱଭାବରେ ପରିଣତ ହୋଇଯାଏ, ଏଠାରେ ମୁଁ ସେହି ନିର୍ଭୟତାର କଥା କହୁଛି । ସେହି ନିର୍ଭୟତା ଏକ ଆନନ୍ଦରୁ ହିଁ ନିଃସୃତ ହୋଇ ଆସେ । ଆନନ୍ଦଂ ବ୍ରହ୍ମଣୋ ବିଦ୍ୱାନ୍ ନ ବିଭେତି କଦାଚନ । ସେହି ନିର୍ଭୟତା ମୋତେ ଏଠି ସବୁକିଛିଟି ସହିତ ଏକାଠି ଯୋଡ଼ି ଦେଇଯାଏ ।

**୩୧ । ୭ । ୮୦**

ଏ ଖାତା ଏଇଠୁ ସରିଗଲା, କିନ୍ତୁ ଜୀବନ ମୋଟେ ସରିଲାନାହିଁ । ଜୀବନଟା ସରିଯିବାକୁ ଯଦି ମୁଁ ଏହି ଖାତା ସରାଇ ଦେବାକୁ ତରତର ହେଉଥାନ୍ତି, ତେବେ ଏହି ଖାତାର ସ୍ୱଭାବ ଏକାବେଳେକେ ଅନ୍ୟପ୍ରକାର ହୋଇଥାନ୍ତା । ଅନେକ ଲୋକ ଜୀବନଟାକୁ ସରାଇ ଦେବା ପାଇଁ ସେହିପରି ଧର୍ମକାର୍ଯ୍ୟ କରିବାରେ ସବୁବେଳେ ଭାରି ତର ତର ହେଉଥାନ୍ତି । ଏ ଜୀବନ ଯେ କେବେ ସରିବନାହିଁ, ଏହି ଯାତ୍ରା ଯେ କେବେ ସରିବନାହିଁ, ଏହି ସ୍ୱପ୍ନ ଦେଖା ଓ ଡ଼ୋରି ବନ୍ଧା ଯେ, କେବେହେଲେ ବି ସରିବନାହିଁ, ଏହିପରି ଗୋଟାଏ ଖୁସି ଅର୍ଥାତ୍ ଏହିପରି ଗୋଟାଏ ଜିଦ୍ ନେଇ ଯିଏ ଜୀବନ ବଞ୍ଚୁଛି, ତା'ପାଇଁ କୌଣସି ଖାତା କେବେହେଲେ ବି ସରିବନାହିଁ । ତା'ର ଖାତାଗୁଡ଼ାକ କେବଳ ପଦପଦକେ ଫୁଟି ଉଠୁଥିବା ଗୋଟିଏ ଫୁଲର ଗୋଟିଏ ଗୋଟିଏ ପାଖୁଡ଼ା ହୋଇ ରହିଥିବେ । ନୂଆ ଦେଶର ଗୋଟିଏ ଗୋଟିଏ ମାଇଲଖୁଣ୍ଟ ହୋଇ ରହିଥିବେ, ନୂଆ ଆବିଷ୍କାରର ଗୋଟିଏ ଗୋଟିଏ ଅନ୍ତରଙ୍ଗ ସଂସ୍କରଣ ହୋଇ ରହିଥିବେ । ତେଣୁ, ଏଖାତା ସେହିପରି ଆରଖାତାକୁ ଗଅଁଠାଇ ରଖିବାଲାଗି କେବଳ ଗୋଟିଏ ଡ଼ୋରି ହୋଇ ରହିବ, କେବଳ ଗୋଟିଏ ପାହାଚ

ହୋଇ ରହିବ, ଯାହାକି ମୋ'ର ଦୃଷ୍ଟିକୁ ଆହୁରି ଆଗକୁ ଲମ୍ବାଇ ନେବାପାଇଁ ମୋ'ଲାଗି ଏକ ଆହ୍ୱାନ ହୋଇ ରହିଥିବ । ମୋ' ଉପଲବ୍ଧିଗୁଡ଼ିକର ଦେହରେ ତାହା ଏକ ଅବୟବ ହୋଇ ରହିବ ।

୧।୮।୮୦

ଗୋଟାଏ ଖାତା ସରି ଆଉଗୋଟାଏ ଖାତା ଆରମ୍ଭ ହେଉଛି । ଗୋଟାଏ ବର୍ଷ ଯାଇ ଆଉଗୋଟାଏ ବର୍ଷ ବି ଆରମ୍ଭ ହେଉଛି । ଏଗୁଡ଼ାକ ଗୋଟିଏ ଗୋଟିଏ ପାହାଚ । ଏଗୁଡ଼ିକ ପ୍ରକୃତରେ ସରି ଯାଉନାହିଁ । ଏଗୁଡ଼ିକ ପ୍ରକୃତରେ ମୋ' ସାଙ୍ଗେଧାଙ୍ଗେ ଚାଲିଛନ୍ତି । ଯୁଗ ବଦଳି ଯାଉଛି, ହାଉଆ ବଦଳି ଯାଉଛି; କୁଆଡ଼େ ମଣିଷମାନେ ବି ବଦଳି ଯାଉଛନ୍ତି, ଅନ୍ୟପ୍ରକାରେ ହୋଇ ଯାଉଛନ୍ତି । ତଥାପି ଭିତରେ ସେହି ପିଲାଟା ସବୁଦିନେ ସେହିପରି ପିଲା ହୋଇ ରହିଛି, ସବୁଦିନେ ସେହିପରି ସାଙ୍ଗ ହୋଇ ରହିଛି । ସବୁଦିନେ ବାଟ ଚାଲିବାକୁ ନୂଆ ନୂଆ ପ୍ରେରଣା ପାଉଛି ଓ ପ୍ରେରଣା ଦେଉଛି । ସାରା ପୃଥିବୀଟାକୁ ସତେଅବା ସାଙ୍ଗ କରିବ ବୋଲି ସିଏ କେଡ଼େ ସାହସ ଓ କେଡ଼େ ସରାଗରେ ବାହାରିଛି । ସାଙ୍ଗ କରିବ ଅର୍ଥାତ୍ ଅନ୍ତଃପ୍ରବେଶ କରିବ । ବାଟ ଚାଲିବା ସଙ୍ଗେ ସଙ୍ଗେ ନିଜର ସଂସାରଟା ଯେପରି ଆପେ ବିସ୍ତୃତ ହେବାରେ ଲାଗିଥାଏ, ତାହାହିଁ ମୋ' ଲାଗି ପୃଥିବୀ, ମଣିଷ, ଜୀବନ ପ୍ରଭୃତି ଶବ୍ଦର ନୂତନ ନୂତନ ସଂଜ୍ଞା ଆଣି ଦେଇ ଯାଉଥାଏ । ଏସବୁ ସତେଅବା ଗୋଟିଏ ଗୋଟିଏ ନୂତନ ଆବିଷ୍କାର ପରି ଲାଗୁଥାଏ । ଆପଣାକୁ ଆବିଷ୍କାର କଲାପରି ଲାଗୁଥାଏ । ଆପଣା ଭିତରେ ସମସ୍ତଙ୍କୁ ଓ ସମସ୍ତଙ୍କ ଭିତରେ ଆପଣାକୁ ଆବିଷ୍କାର କଲାପରି ଲାଗୁଥାଏ ।

୨।୮।୮୦

ମୁଁ ଯେତେବେଳେ ଆପଣାକୁ ଠିକ୍ ଆପଣାପରି ପାଏ, ସେତେବେଳେ ଆପଣା ସହିତ ଏହି ସବୁଟିକୁ ବି ପାଏ, ଆପଣା ସହିତ ଏହି ସମସ୍ତଙ୍କୁ ପାଏ । ଶ୍ରଦ୍ଧାକୁ ପାଏ, ଏକ ସାଗରର ସ୍ପର୍ଶ ପାଏ, ଏକ ଆକାଶର ବିସ୍ତୃତି ପାଏ;—ଗୋଟିଏ ଖିଅ ଏଠି ସବୁଟିକୁ ଓ ଆମ ସମସ୍ତଙ୍କୁ ବାନ୍ଧି ରଖିଥିଲା ପରି ଅନୁଭବ ହୁଏ । ତେଣୁ, ଯେଉଁମାନେ ଜଗତ ସହିତ ସକଳ ବନ୍ଧନକୁ ଛିଣ୍ଡାଇ ଦେଇ ଆପଣା ପାଖକୁ ବାହୁଡ଼ି ଆସନ୍ତି ଏବଂ ଆତ୍ମସମାହିତ ଅଥବା ପୂର୍ଣ୍ଣମୁକ୍ତ ହୋଇ ରହିଲେ ବୋଲି କହନ୍ତି, ସେତେବେଳେ ମୁଁ ସେମାନଙ୍କର ସଶଙ୍କ ଭୀରୁ ଅନ୍ତଃସତ୍ତାଟିର ଚାରିପାଖରେ ରହିଥିବା ବାଡ଼ଟିକୁ ଖୁବ ସ୍ପଷ୍ଟ ଭାବରେ ଦେଖି ପାରୁଥାଏ ସତ, ମାତ୍ର ସେମାନେ କିପରି କୋଉଠି କ'ଣ ପ୍ରକୃତରେ ପାଇଲେ, ମୁଁ ସେକଥା ମୋଟେ ଜାଣି ପାରେନାହିଁ ।

ଆପଣାକୁ ପାଇବାର ଅର୍ଥ ହେଉଛି ଆପଣାକୁ ସେହି ଯଥାର୍ଥ ସମୁଦାୟଟି ରୂପେ ପାଇବା, କେନ୍ଦ୍ର ଓ ପରିଧିକୁ ଉଭୟକୁ ପାଇବା । ଏହି ପରିଧିକୁ ଯେ ପ୍ରକୃତରେ କେଉଁଠାରେ ଚିହ୍ନଟ କରି ଆସ୍ତୃତନସିଦ୍ଧ କରି ରଖି ଦିଆ ଯାଇନାହିଁ, ସେହି ସତ୍ୟଟିର ଆବିଷ୍କାର କରିବା । ଏହି ଆବିଷ୍କାର ଦ୍ୱାରା ଆପଣାକୁ କୌଣସି ଜଙ୍ଗଲ ଭିତରେ ଆଉ ହଜାଇବାକୁ ପଡ଼େନାହିଁ, ଜଙ୍ଗଲ ଭିତରେ ଅସଲ ଝିଅଗୁଡ଼ାକର ଆବିଷ୍କାର ପରେ ଆପଣାର ଅସଲ ଘରଟି ଅନୁଭୂତ ହେବାକୁ ଲାଗେ । ଆତ୍ମା ଆକାଶ ପର୍ଯ୍ୟନ୍ତ ବିସ୍ତୃତ ହୋଇଯାଏ । ଆତ୍ମା ଓ ଆକାଶ ଭିତରେ ସେତେବେଳେ ଆଉ କୌଣସି ଭେଦ ରହେନାହିଁ । ମୁଁ ନିଜକୁ ଆକାଶରୂପେ ବି ପାଏ; ଶ୍ରଦ୍ଧାଦ୍ୱାରା ନିଜ ପାଖରେ ନିଜକୁ ଧରିହୁଏ ବୋଲି ଏକ ସତ୍ୟ ଉଦ୍‌ଘାଟିତ ହୋଇଯାଏ ।

୩ । ୮ । ୮୪

ମୋ' ଜୀବନକୁ ନିରାପଦ, ନିଷ୍କଣ୍ଟକ କରି ରଖିବାକୁ ମୋ' ଭିତରର ଭୀରୁ ଯେଉଁ ଭଗବାନଙ୍କୁ ସମ୍ପୂର୍ଣ୍ଣ ଭାବରେ ନିଜର କଲ୍ୟାଣ ଲାଗି ଆବିଷ୍କାର କରିଛି, ସିଏ ମୋ'ର ଅସଲ ଭିତରେ ରହିଥିବା ଭଗବାନ ନୁହନ୍ତି । ଯାହାଙ୍କୁ ମୁଁ ମୋ' ଜୀବନର ଏହି ସାନ ଗାଡ଼ିଟିକୁ ନିରାପଦ କରି ରଖିବାଲାଗି ତା' ଭିତରକୁ ଟାଣି ଆଣିଛି, ସିଏ ହେଉଛି ମୋ' ନିଜ ଭୀରୁତା ଏବଂ ମୋ' ନିଜ କ୍ଷୁଦ୍ରତାର କେବଳ ଏକ ଅନ୍ୟନାମ ମାତ୍ର । ବେଳେବେଳେ ଆମ ସମାଜ ମଧ୍ୟ ଏହିପରି ଭୀରୁ ହୋଇ ରହିବାକୁ ଓ ଏହିପରି କ୍ଷୁଦ୍ର ହୋଇ ରହିବାକୁ ମନ କରିଥାଏ । ସମାଜ ବି ଭଗବାନଙ୍କୁ ନିଜ ଗାତ ଭିତରକୁ ଟାଣି ତାଙ୍କୁ କ୍ଷୁଦ୍ର କରି ରଖିବାକୁ ଚେଷ୍ଟା କରିଥାଏ । ତାଙ୍କୁ କେତେପ୍ରକାରେ ନିଜର କାମରେ ଲଗାଇବାକୁ ଫିକର କରିଥାଏ । ତାଙ୍କୁ ନାୟକ କରି କେତେ ପୁରାଣ ଓ କେତେ ଉପନ୍ୟାସ, କେତେ କର୍ମକାଣ୍ଡପଦ୍ଧତି ଓ କେତେ ଦୃଷ୍ଟାନ୍ତ ବୃତ୍ତାନ୍ତ ଲେଖାହୁଏ । କେତେ ସ୍ୱାର୍ଥକାମିତାକୁ ସୁନା ଗୁଡ଼ଣି କରିଦେଇ ଧାର୍ମିକତା ଓ ଏପରିକି ଆଧ୍ୟାତ୍ମିକତା ବୋଲି ଦେଖାଇ ଦିଆଯିବାକୁ ଚେଷ୍ଟା କରାଯାଏ । କେତେ ବିଧି ଓ ଅବିଧିର ବିଗ୍ରହ ବାହାରେ । କେତେ ଭୟକୁ ଭକ୍ତି ନାମରେ ଚଳାଇ ଦିଆଯାଏ । କେତେ ଭକ୍ତିକୁ ଅତ୍ୟନ୍ତ ସଙ୍କୁଚିତ କରି ରଖି କେବଳ ଏକ ଅସହାୟତାର ଭାବନା ମଧ୍ୟରେ ଗୃପି ଦିଆ-ଯାଏ । ଏଗୁଡ଼ାକ ଇତିହାସରେ ବାରବାର ହୋଇ ଆସିଛି । ଆମ ସମାଜରେ ଏଇଗୁଡ଼ାକ ହିଁ ଭଣଭଣ ହୋଇ ରହିଛି ଓ ଜୀବନର ସୁବାସନା ଗୁଡ଼ିକୁ ପରାଭୂତ କରି ରଖିଛି । ଏହାଦ୍ୱାରା ଧର୍ମଜୀବନର ଯେ କେତେ ଗ୍ଲାନି ହୋଇଛି, ଜୀବନର ଅସଲ ଧର୍ମର ଅଭ୍ୟୁଦୟ ଘଟିଲେ ଯାଇ ଆମେ ତାହାକୁ କଳିବାକୁ ସମର୍ଥ ହେବା ।

୪।୮।୮୦

ଏମାନେ ସମସ୍ତେ ବାହାରେ ଯେଉଁ ବୀରତ୍ୱ ଦେଖାଉଛନ୍ତି, ତାହା ଅସଲ ବୀରତ୍ୱ ନୁହେଁ । ଏମାନେ ପ୍ରଧାନତଃ ସମସ୍ତଙ୍କ ପାଖରେ ଆପଣାକୁ ଜାହିର କରିବାକୁ ଇଚ୍ଛା କରୁଛନ୍ତି, ଅନେକ ସମୟରେ ଅନ୍ୟମାନଙ୍କ ଉପରେ ମଧ୍ୟ ଆପଣାକୁ ଜାହିର କରି ରଖିବାକୁ ଚେଷ୍ଟା କରୁଛନ୍ତି । ତଦ୍ୱାରା ଅନେକ କୋଳାହଳ ହେଉଛି ସତ, ମାତ୍ର ଅସଲ ବୀରତ୍ୱଗୁଡ଼ାକ ତଥାପି ତଳେ ପୋତି ହୋଇ ରହୁଛି । ଆପଣାକୁ ଅନ୍ୟମାନଙ୍କ ଉପରେ ମଡ଼ାଇଦେବା,—ଏହା ମୋଟେ ବୀରତ୍ୱ ନୁହେଁ ।

ଆପେ ଭିତରର ବୀର ପରି ପ୍ରସ୍ତୁତ ହେବା, ନିର୍ଭୟ ଭାବରେ ଆପଣା ଭିତରେ ରହିଥିବା ଜ୍ଞାନ, କର୍ମ ଓ ଭକ୍ତିକୁ ବିକଶିତ କରି ଆଣିବା, ନିର୍ଭୀକ ଭାବରେ ବାଟ ଚାଲିବା ଅର୍ଥାତ୍ ଆପଣାକୁ ଉତ୍ସର୍ଗୀକୃତ କରି ରଖି ବାଟ ଚାଲିବା,—ତାହାହିଁ ବୀରତ୍ୱ, ତାହାହିଁ ଆମକୁ ଆମ ଭିତରେ ଓ ବାହାରେ ଦିବ୍ୟତାର ପରିଚୟ ଦେଇପାରିବ । ନିଜ ଭିତରେ ସମଗ୍ର ଜୀବନ ଉପରେ ଓ ତାହାକୁ ସମଗ୍ର ଭାବରେ ଧରି ରଖିଥିବା ସମଗ୍ର ପ୍ରକୃତି ଉପରେ ବୀର ପରି ବିଶ୍ୱାସ କରିପାରିଲେ ଯାଇ ଆମେ ଅସଲ ବୀରତ୍ୱର ଭାଜନ ହୋଇ ପାରିବା । ସେତେବେଳେ ଆମେ କାହାକୁ ଡରିବାନାହିଁ, କାରଣ ଆମ ଜୀବନର ମାନଚିତ୍ରଟି ଉପରେ ସେତେବେଳେ ସମସ୍ତଙ୍କ ଲାଗି ସ୍ଥାନ ରହିଥିବ । ସେତେବେଳେ କେଉଁଠିହେଲେ ଶତ୍ରୁଦୁର୍ଗ ବା ବିଦେଶ ପରି ଲାଗୁନଥିବ । ଅର୍ଥାତ୍, ଅନୁରାଗର କ୍ଷେତ୍ରରେ ଏକ ଉନ୍ମୋଳନ ଘଟିପାରିଲେ ଯାଇ ଆମେ ଯଥାର୍ଥରେ ବୀରତ୍ୱର ଭାଜନ ହୋଇ ପାରିବା ।

୧୯।୮।୮୦

ଏକାବେଳେକେ ଡେଇଁକରି ଘରକୁ ଉଣେଇଶି । ପ୍ରାୟ ଦୁଇ ସପ୍ତାହ ଲାଗି ବାହାରକୁ ଯିବାକୁ ପଡ଼ିଲା । ଏଇ ଖାତାକୁ ସାଙ୍ଗରେ ନେଇ ଯିବ ବୋଲି ଭାବିଥିଲି, ମାତ୍ର ସାଙ୍ଗରେ ନେବାକୁ ଭୁଲିଗଲି ।

ଏ ଖାତା ମୋ' ସାଙ୍ଗେ ସାଙ୍ଗେ ଥିଲା । ନାନା ଅଭିଜ୍ଞତା ମଧ୍ୟରେ ମୁଁ ପ୍ରତ୍ୟହ ସେଥିରେ କେତେ କ'ଣ ଲେଖି ରଖିବାରେ ଲାଗିଥିଲି । ସେଗୁଡ଼ାକ କୋଉଠି ଅକ୍ଷରରେ ଲିପିବଦ୍ଧ ହୋଇ ରହିଲାନାହିଁ ସତ, ମାତ୍ର ମୋ'ର ସତ୍ତା-ଉପରେ ଖୁଣ୍ଟ ପରି ପୋତାହୋଇ ରହିଲା, ବେଳେବେଳେ ମୋ' ଆକାଶରେ ଖଚିତ ହୋଇ ରହିଲା । ମୁଁ ଶାସ୍ତ୍ର ପଢ଼େ, ସିଦ୍ଧାନ୍ତଗୁଡ଼ିକ ସହିତ ପରିଚିତ ହୁଏ । ମାତ୍ର ମୋ'ର ଅନୁଭବଗୁଡ଼ାକ ହିଁ ମୋତେ ସବୁଠାରୁ ଅଧିକ ଧୈର୍ଯ୍ୟ ଆଣି ଦେଇ

ଯାଇଥାନ୍ତି । ମଣିଷ ବିଷୟରେ ବହିରୁ ମୁଁ କେତେ କ'ଣ ପଢ଼େ । ମାତ୍ର, ମଣିଷ ସହିତ ପ୍ରତ୍ୟକ୍ଷ ସମ୍ପର୍କରେ ଆସି ମୁଁ ଯାହାକିଛି ପାଏ, ତାହାହିଁ ମୋ' ଭିତରେ ମଣିଷ ବିଷୟରେ ସବୁଠାରୁ ଅଧିକ ମୂଲ୍ୟବାନ୍ କଥାରୂପେ ସାଇତା ହୋଇ ରହେ । ସେହିଗୁଡ଼ିକର ମାଧ୍ୟମରେ ହିଁ ମୁଁ ସଂସାରକୁ ଚିହ୍ନେ । ତାହାଦ୍ୱାରା ଆପଣାକୁ ଦ୍ୱାର ପରେ ଦ୍ୱାର ଉନ୍ମୋଚିତ କରି ନେଇଯିବାରେ ସବୁଠାରୁ ଅଧିକ ସାହାଯ୍ୟ ପାଇଥାଏ । ତେଣୁ, ଏହି ଖାତାରେ ବେଳେବେଳେ କିଛି ଲେଖାହୋଇ ନପାରିଲେ ମଧ୍ୟ କିଛି ନଷ୍ଟ ହୁଏନାହିଁ କିଛି ନିରର୍ଥକ ହୋଇ ଯାଏନାହିଁ । କିଛି ହଜେନାହିଁ ।

୨୦ । ୮ । ୮୦

ଗୋଟିଏ ପ୍ରକାର ଭୟରୁ ମଣିଷ କ୍ରମଶଃ ଚତୁର ହେବାକୁ ଶିଖେ । ଭୟରୁ ଅବିଶ୍ୱାସ ଜନ୍ମଲାଭ କରେ ଏବଂ ସେହି ଅବିଶ୍ୱାସ କ୍ରମେ ମଣିଷକୁ ଚତୁର ହେବା-ଲାଗି ପ୍ରରୋଚନା ଦିଏ । ଏହି ଚତୁରତାର ଅର୍ଥ ହେଉଛି,– ମୁଁ ବଞ୍ଚିବି, ଯେକୌଣସି ପ୍ରକାରେ ବଞ୍ଚିବି । ଅନ୍ୟମାନେ ଯେପରି ମୋ'ର କୌଣସି ଅନିଷ୍ଟ କରି ପାରିବେନାହିଁ, ସେଥିଲାଗି ମୁଁ ସେମାନଙ୍କ ବିଷୟରେ ଆଗରୁ ସାବଧାନ ହେବି ଏବଂ ଦରକାର ପଡ଼ିଲେ ସେମାନଙ୍କର କୌଣସି ଅନିଷ୍ଟ କରି ସେମାନଙ୍କୁ ଡେଇଁ ଚାଲିଯାଇପାରିବି । ଏଗୁଡ଼ାକ ଚତୁରତା ନୁହେଁ, ଏଗୁଡ଼ାକ ନିର୍ବୋଧତା ।

ପୁଣି ସେହି ମୂଳ ବିଶ୍ୱାସ । ମୋ' ଭିତରେ ଯିଏ ରହିଛି, ଅନ୍ୟ ପ୍ରତ୍ୟେକଙ୍କ ଭିତରେ ମଧ୍ୟ ସେହି ସତ୍ୟ ରହିଛି । ତେଣୁ, ମୋ' ଭିତରେ ଏଠୁ ସେଯାଏ ଗୋଟିଏ ଡୋରି ଲାଗିରହିଛି । ସେହି ଡୋରିଟିକୁ ଅନୁଭବ କରିବା, ସେଇଟିକୁ ହିଁ ସବୁଠାରୁ ବଡ଼ ସତ୍ୟ ରୂପେ ସ୍ୱୀକାର କରିବା,—ଆମେ ତାହାରି-ଦ୍ୱାରା ହିଁ ଜୀବନର ସର୍ବୋତ୍କୃଷ୍ଟ ପରିଚୟ ପାଇ ପାରିବା, ଜୀବନର ସର୍ବୋତ୍କୃଷ୍ଟ ପରିଚର୍ଯ୍ୟା କରିପାରିବା । ସେଇଟା ଅନେକଙ୍କର ଜୀବନରେ ସମ୍ଭବ ହୋଇ ପାରେନାହିଁ । ତା' ବଦଳରେ ଗୁଡ଼ାଏ ତଥାକଥିତ ଚତୁରତା ହିଁ ସେମାନଙ୍କର ଜୀବନକୁ ନିତ୍ୟବିକଳ କରି ରହିଥାଏ, ଜୀବନକୁ ଭାରି ଅସୁନ୍ଦର ଏବଂ ଉତ୍ତପ୍ତ କରି ରଖିଥାଏ । ତେଣୁ, ସେହି ଭୟକୁ ଡେଇଁପାରିଲେ ଯାଇ ମଣିଷ ତା'ର ସେହି ବିନାଶକାରୀ ଚତୁରତାରୁ ମଧ୍ୟ ପରିତ୍ରାଣ ପାଇପାରିବ ।

୨୧ । ୮ । ୮୦

ଏମାନେ ସମସ୍ତେ ନିଜର ବାଟଟିକୁ ହିଁ ସର୍ବଶ୍ରେଷ୍ଠ ବାଟ ବୋଲି କହିବାକୁ ସମ୍ଭବତଃ ବାଟଟିଏ ପାଇଥିଲେ, ନିଜର ବାଟଟିକୁ ଚାଲିବାଲାଗି ବାଟଟିଏ ପାଇ-ନଥିଲେ । ଏମାନେ କେଡ଼େ ଉତ୍ସାହରେ କେବଳ ନିଜର ବାଟଟିକୁ ସର୍ବଶ୍ରେଷ୍ଠ

ବାଟ ବୋଲି ଜାହିର କରିବାରେ ଲାଗିଛନ୍ତି, ଏବଂ ଆପଣାର ଜୀବନରେ ସତେଅବା କେଉଁ ଗାତ ଭିତରେ ଯାଇ ପଶିକରି ରହିଛନ୍ତି । ଯିଏ ବାଟ ଭୁଲେ, ସେଇ ବାଟୋଇମାନଙ୍କୁ ଆପଣାର ସହଯାତ୍ରୀ ରୂପେ ଚିହ୍ନିବାର ରହସ୍ୟଟିକୁ ପାଇଯାଏ । ସେହି ଲୋକ ହିଁ ସମଗ୍ର ସଂସାରଟିକୁ ସ୍ୱୀକାର କରିବାକୁ ଶିଖେ । ସିଏ ଆପଣାକୁ ଯଥାର୍ଥ ଭାବରେ ସ୍ୱୀକାର କରିନେଇ ପାରିଥାଏ ।

ଗାତରେ ପଶି ବାଟର ଜାହିର କରୁଥିବା ଏହି ଲୋକମାନେ ହୁଏତ ଜୀବନରେ କାହିଁହେଲେ ସ୍ୱୀକାର କରି ପାରନାହାନ୍ତି । ସେମାନେ ସଂସାରର ବାଟଟାକୁ ନେଇ ଗାତରେ ପୂରାଇ ରଖିଛନ୍ତି ଏବଂ ତାହାକୁ ହିଁ ଆଉ କୌଣସି ନଭୁଲିବାର ଏକ କୈଫିୟତ ରୂପେ ଗ୍ରହଣ କରି ନେଇଛନ୍ତି । ଆପଣାର ବାଟଟିକୁ ଭୁଲୁଥିଲେ ସେମାନେ କେଡ଼େ ଅନ୍ୟପ୍ରକାର ହୋଇଥାନ୍ତେ, କେଡ଼େ ଅନ୍ୟପ୍ରକାର ଦିଶୁଥାନ୍ତେ । ସେହି ବାଟ ସେମାନଙ୍କୁ କ୍ରମପ୍ରସାରିତ ହେବାରେ ସାହାଯ୍ୟ କରୁଥାନ୍ତା; ସେମାନେ ଯେଉଁଠାରେ ଅଛନ୍ତି, ସେଠାରୁ ସେମାନଙ୍କୁ ବାହାର କରି ଆଣୁଥାନ୍ତା । ସେମାନଙ୍କୁ ପ୍ରକୃତରେ ମୁକ୍ତ କରି ଆଣିଥାନ୍ତା । କିନ୍ତୁ, ନିଜ ବାଟକୁ ସର୍ବୋତ୍ତମ ବୋଲି କହିବାର ଏହି ଫାଶଟା ଭିତରେ ସେମାନେ ଏପରି ଦମ୍ଭମୟ ଏବଂ ଉଗ୍ର ହୋଇ ବାନ୍ଧିହୋଇ ରହିଗଲେ କାହିଁକି ?

୨୨।୮।୮୦

ସମ୍ପ୍ରସାରଣ ହେଉଛି ସବୁଠାରୁ ବଡ଼ ସମସ୍ୟା । ମଣିଷ ଯଦି ଆପଣାର ସ୍ନେହ, ସହାନୁଭୂତି ପ୍ରଭୃତିର ଶକ୍ତିକୁ ସାନ ସାନ ପ୍ରଥମକାଳୀନ ସୀମାଗୁଡ଼ିକ ମଧ୍ୟରୁ କ୍ରମଶଃ ବଡ଼ ବଡ଼ ସୀମା ଭିତରକୁ ସମ୍ପ୍ରସାରିତ କରିଦେଇ ପାରୁଥାନ୍ତା, ତେବେ ତା'ର ନିଜର ଜୀବନଟା ତାକୁ କେଡ଼େ ଅନ୍ୟପ୍ରକାର ଲାଗୁଥାନ୍ତା ଓ ତଦ୍ଦ୍ୱାରା ଆମର ଏହି ସଂସାରଟା ମଧ୍ୟ କେଡ଼େ ଅନ୍ୟପ୍ରକାର ହୋଇ ପାରୁଥାନ୍ତା ! ତଦ୍ଦ୍ୱାରା ଆମର ଅର୍ଥନୀତି ବଦଳି ଯାଆନ୍ତା, ରାଜନୀତି ବଦଳି ଯାଆନ୍ତା, ଆମର ସମାଜ ତଥା ସମ୍ବନ୍ଧର ସକଳ ବିଜ୍ଞାନ ମଧ୍ୟ କେଡ଼େ ଅନ୍ୟପ୍ରକାର ହୋଇ ପାରନ୍ତା ! ହୁଏତ ବିଜ୍ଞାନର ସଂଜ୍ଞାଟା ମଧ୍ୟ ଅନ୍ୟପ୍ରକାର ହୁଅନ୍ତା, ଆମ ଜୀବନର ଅଭୀପ୍ସାତ୍ମକ ପରିଧିଗୁଡ଼ାକର ଧର୍ମ ବି ଅଲଗା ପ୍ରକାରର ହୋଇପାରନ୍ତା ।

ଆମର ତଥାକଥିତ ଗୁଣଗୁଡ଼ାକ ଯେତେବେଳ ପର୍ଯ୍ୟନ୍ତ ଆମର ଶ୍ରେଷ୍ଠ-ସୀମାଗୁଡ଼ିକ ଭିତରେ ସୀମାବଦ୍ଧ ହୋଇ ରହିଥାଏ, ସେତେବେଳେ ଯାଏ ସେଗୁଡ଼ାକ ଅଧିକାଂଶତଃ ଗୋଟାଏ ଗୋଟାଏ ଅବଗୁଣ ପରି କାର୍ଯ୍ୟ କରେ । ସେଗୁଡ଼ାକୁ ନେଇ ଆମ ସାହିତ୍ୟରେ କେତେ ଆଡ଼ମ୍ବରମୟ ଭାବପ୍ରବଣତା ସହିତ ମଙ୍ଗଳକାବ୍ୟ-ମାନ ଲେଖା ହେଉଥାଏ, ମାତ୍ର ଏଣେ ଆମେ ଆପଣା ଭିତରେ ପ୍ରାୟ ଗୋଟିଏ

ଗୋଟିଏ ରହସ୍ୟ ହୋଇ ରହିଥାଉ, ଆପଣା ପାଖରେ ପ୍ରାୟ ଅନୁଦ୍‌ଘାଟିତ ହୋଇ ରହିଥାଉ ।

୨୩ । ୮ । ୮୦

ଅନେକ ସମୟରେ ଅତୀତ ମନେ ପଡ଼ିଯାଏ । ଅତୀତ ସତେଅବା ଭବିଷ୍ୟତର ଏକ ଅଂଶ ହୋଇ ରହିଥିବା ପରି ହିଁ ମନେ ହୁଏ । ଯାହା ଯାଏ, ତାହା ପ୍ରକୃତରେ ଚାଲି ଯାଉନଥାଏ, ତାହା ପ୍ରକୃତରେ ଅନେକ ସ୍ୱପ୍ନ ଓ ଅନେକ ଯାତ୍ରାର ମୂଳଦୁଆ ହୋଇ ଭିତିବାପରି ରହିଯାଏ । ସେହି ସ୍ୱପ୍ନ ଅନେକ ସମୟରେ ଶ୍ରଦ୍ଧାରୂପେ, ସେତୁରୂପେ ଅତୀତକୁ ଭବିଷ୍ୟତ ସହିତ ଗଅଁଠାଇ ରଖିଥାଏ, ଅତୀତକୁ ଭବିଷ୍ୟ ଭିତରେ ଭେଦାଇ ରଖିଥାଏ । ସେହି ସ୍ୱପ୍ନ ଯେତେବେଳେ ଜୀବନର ସର୍ବପ୍ରଧାନ ଉତ୍ପ୍ରେରକରେ ପରିଣତ ହୁଏ, ସେତେବେଳେ ଅତୀତ ଆଉ କୌଣସି ପ୍ରକାରେ ବାନ୍ଧି ରଖି ପାରେନାହିଁ । ସେତେବେଳେ ତାହା ସତେଅବା ଏକ ଅଧିକାଳତନରେ ପରିଣତ ହୋଇଯାଏ ଓ ଆମ ସାଙ୍ଗେ ସାଙ୍ଗେ ରହିଥାଏ । ଆମକୁ ସ୍ପର୍ଶ କରି ରହିଥିଲା ପରି ମନେ ହୋଇଥାଏ ।

ମୋ'ର ଅତୀତ ପ୍ରତି ଯେଉଁ ଶ୍ରଦ୍ଧା ଅଛି, ଏତିକ ହେଉଛି ତାହାର ଇତିବୃତ୍ତ । ସେହି ଶ୍ରଦ୍ଧା ମୋତେ କଦାପି ଭାବପ୍ରବଣ କରିନାହିଁ । ମୋ'ର ଆଖିକୁ ତାହା ଅଧିକ ଉଜ୍ଜ୍ୱଳ କରିଛି, ଅଧିକ ଅର୍ଥସମର୍ଥ କରି ପାରିଛି । ମୋତେ ଅଧିକ ଦେଖିବାକୁ ସମର୍ଥ କରିଛି । ଅଧିକ ଅନୁଭବ କରିବାକୁ ଏବଂ ଅଧିକ ଏକାତ୍ମକ ହୋଇ ପାରିବାକୁ ମୋତେ କ୍ରମଶଃ ପ୍ରସ୍ତୁତ କରିଆଣିଛି । ମୋତେ ପ୍ରସାରଣର ଯୋଗ୍ୟ କରି ଆଣିଛି ।

୨୪ । ୮ । ୮୦

କେତେ ଜାଗାରେ ଫେଲ୍ ମାରିଲି, କେତେ ମଣିଷଙ୍କ ପାଖରେ ବିଫଳ ହେଲି, ନିରସ୍ତ ଓ ପରାଭୂତ ହୋଇ ଫେରିଆସିଲି । କେତେ କେତେ ସ୍ୱପ୍ନ କେତେ ଦୁଆରୁ ସତେଅବା ମାଡ଼ଖାଇ ଫେରି ଆସିଲା । ତଥାପି ସ୍ୱପ୍ନଦେଖା ସରିଲା ନାହିଁ, ତଥାପି ବାଟ ଚାଲିବା ସରିଲା ନାହିଁ । ଏହି ବାଟ ଚାଲିବା ମୂଳତଃ ମୋ' ଭିତରେ ହିଁ ବାଟ ଚାଲିବା । ସେଠି ମୁଁ ପାହାଚକୁ ପାହାଚ ଉଠି ଉଠି ଚାଲିଗଲି । ସେଠାରେ କେବେହେଲେ କୌଣସି ପ୍ରକାରର ଅସ୍ୱୀକୃତି ସହିବାକୁ ପଡ଼ିଲାନାହିଁ । ବିଶ୍ୱାସ ବଢ଼ିଲା, ଅନୁରାଗ ବଢ଼ିଲା;—ତେଣୁ, ଜୀବନ କହିଲେ ଯେ ଆପଣାକୁ ଦେଇଦେବାକୁ ବୁଝାଏ, ସେହି ଅନୁଭୂତିଟି ମଧ୍ୟ ବଢ଼ିଲା ।

କିଏ କହୁଛି, ଏତେ ବିଶ୍ୱାସ କରି ମୁଁ ଭୁଲ୍ କଲି । ମାପି ଚୁପି ଓ ଅଙ୍କ ହିସାବ କରି କେହି କଦାପି ବିଶ୍ୱାସ କିମ୍ବା ଅବିଶ୍ୱାସ କରେନାହିଁ । ଭିତରେ

ଆପଣା ସହିତ ଯେଉଁ ସମ୍ପର୍କଟି ରହିଥାଏ, ବାହାରକୁ ବାହାରିବା ମାତ୍ରକେ ସେହି ସମ୍ପର୍କଟି ହିଁ ଆପଣାକୁ ବିଶ୍ୱାସ ଅଥବା ଅବିଶ୍ୱାସ ରୂପେ ଅଭିବ୍ୟକ୍ତ କରେ । ଯଦି ବିଶ୍ୱାସ ନକରିଥାନ୍ତି, ତେବେ ଏ ସଂସାର କଦାପି ଏତେ ସୁନ୍ଦର ଦିଶିନଥାନ୍ତା, ଏହି ବୃହତ୍ ଘରଟି କଦାପି ଏତେ ଆପଣାର ବୋଲି ମନେ ହୋଇନଥାନ୍ତା, – ମୋ'ର ଡୋରି ବାନ୍ଧିବା ଗୁଡ଼ାକ ହୁଏତ କେବଳ ଭଲ ଭଲି କୃତ୍ରିମତାରେ ପର୍ଯ୍ୟବେସିତ ହୋଇ ରହିଥାନ୍ତା ।

୨୫ । ୮ । ୮୦

ଏବେ ବି ଅନେକେ ଭାବୁଛନ୍ତି ଯେ, ଭାରତବର୍ଷକୁ ଯଦି ହିନ୍ଦୁ ପ୍ରଭୂତ୍ୱ ଲେଉଟି ଆସେ, ତେବେ ତଦ୍ଦ୍ୱାରା ଭାରତବର୍ଷର ଅନେକ ସମସ୍ୟାର ସମାଧାନ ହୋଇଯିବ । କହିବା ବାହୁଲ୍ୟ, ନିଜକୁ କେବଳ ହିନ୍ଦୁ ବୋଲି ଭାବୁଥିବା କେତେକ ବ୍ୟକ୍ତି ଏପରି ଭାବୁଛନ୍ତି ।

ହିନ୍ଦୁତ୍ୱ ଗୋଟାଏ ପାଟେଣ୍ଟ ନୁହେଁ ଯେ ଆମେସବୁ ଆପଣାକୁ ତାହାର ଭିତରେ ବନ୍ଦ କରି ରଖିବା । ହିନ୍ଦୁତ୍ୱ ମଧ୍ୟ ଏକ ମାର୍ଗ । ମାର୍ଗଗୁଡ଼ାକର ବିଧାନ ହୋଇଥାଏ ମୂଳତଃ ବାଟ ଚାଲିବାଲାଗି, ନିଜ ଭିତରେ କିଛି ହେବାଲାଗି ଓ ସେହି ଅନୁସାରେ ବାହାରର ସ୍ଥିତିଗୁଡ଼ାକରେ ମଧ୍ୟ କେତେକ ପରିବର୍ତ୍ତନ ଆଣିବାଲାଗି । ଆମେ ଅନେକେ ବାଟ ଚାଲିବାକୁ ରାଜି ନଥାଉ । ଆମେ ବାଟ ଚାଲିବାର ଯାବତୀୟ ପ୍ରେରଣାକୁ ବାକ୍ସ ଭିତରେ ବନ୍ଦ କରି ରଖି ସେହି ବାକ ସବୁଡ଼ାକୁ ନେଇ ଗର୍ବ ଅନୁଭବ କରିବାରେ ହିଁ ଅଧିକ ମନ ଦେଉ । ଏଇଥିରୁ ଏକ ଆତ୍ମବିଡ଼ମ୍ବନାର ସୃଷ୍ଟି ହୁଏ । ସେହି ବିଡ଼ମ୍ବନାକୁ ଆତ୍ମଗ୍ଳାନି ଉପୁଜେ ଓ ସେହି ଗ୍ଳାନି ଆମ ବାହାରେ ନାନାବିଧ ଘୃଣା, ନାନା ଅସ୍ୱୀକାର ଓ ନାନା ବିଚ୍ଛିନ୍ନତାବୋଧୀ କୁସଂସ୍କାରରୂପେ ଆତ୍ମପ୍ରକାଶ କରେ । ଶୂନ୍ୟଗୁଡ଼ାକ ଉପରେ ବିଜୟଲାଭ ନକରିଥିବା ପର୍ଯ୍ୟନ୍ତ ସେହି ତାମସା ନାନା ଆଭରଣମଣ୍ଡନ ଓ ନାନା ଉତ୍ତେଜନା ସହିତ ଆମକୁ ପ୍ରାୟ କାବୁ କରି ରଖିଥାଏ ।

୨୭ । ୮ । ୮୦

ଆଜି ଏଠି ବି ସେମିତି ବର୍ଷା ହେଉଛି, ପ୍ରାୟ ପଚିଶିବର୍ଷ ତଳେ ଚମ୍ପତମୁଣ୍ଡାରେ ଯେପରି ବର୍ଷା ହେଉଥିଲା । ଏଠି ଏହି ସହରରେ ଥାଇ ମଧ୍ୟ ମୁଁ ଚମ୍ପତମୁଣ୍ଡାର ବିଦ୍ୟାଳୟଟିକୁ ଘେରି ରହିଥିବା ଅରଣ୍ୟ ଓ ପାହାଡ଼ଗୁଡ଼ିକୁ ଦେଖିବାକୁ ପାଉଛି । ଅରଣ୍ୟ, ପାହାଡ଼ ଓ ଆକାଶ, – ହୃଦୟ ଦେଇ ଏଗୁଡ଼ିକୁ ଦେଖିପାରିଲେ ଅର୍ଥାତ୍ ଏଗୁଡ଼ିକ ଭିତରେ ଆପଣାର ପ୍ରାଣତନ୍ତ୍ରୀଗୁଡ଼ିକୁ ଅନୁଭବ କରିପାରିଲେ ସଂସାରରେ ମଣିଷମାନେ ବି ଯେ କେତେ ଭଲ ଲାଗନ୍ତି ଓ କେତେ

ମହନୀୟ ଦିଶନ୍ତି, ସେକଥା ମୁଁ ସବୁଠାରୁ ଅଧିକ ସତ୍ୟରୂପେ ସେହି ଚମ୍ପାଡମୁଣ୍ଡାରେ ଶିଖିଥିଲି । ସେହି ଦିନଠାରୁ ଚମ୍ପାଡମୁଣ୍ଡାକୁ ମୁଁ ସାଙ୍ଗରେ ନେଇ ବୁଲୁଛି । ହୁଏତ ସେଇଥିପାଇଁ ଜୀବନର ନାନାପ୍ରକାର ଜଙ୍ଗଲରେ ମୁଁ ଏତେ ଉଶ୍ୱାସ ହୋଇ ବୁଲିପାରୁଛି ।

ସେଇଠି ଆମ ସମସ୍ତଙ୍କୁ ଏକାଠି ସମ୍ଭାଳି ଧରି ଯେଉଁ ବିଦ୍ୟାଳୟଟି ଗଢ଼ି ଉଠିଥିଲା, ଆଜି ତାହାର ଜନ୍ମଦିନ । ସେଦିନ ବିଶେଷ ଭାବରେ ଝଡ଼ିବରଷା ହେଉଥିଲା ଓ ଆମର ହୃଦୟଗୁଡ଼ାକୁ ପ୍ରସନ୍ନ ଓ ଶ୍ୟାମଳ କରି ରଖିବାରେ ତାହା ଯେ କେତେ ସାହାଯ୍ୟ କରୁଥିଲା, ସେକଥା ମୋ'ର ଆଜି ମଧ୍ୟ ମନେ ଅଛି । ସେଗୁଡ଼ାକ ଖାଲି ସ୍ମୃତି ହୋଇ ରହିନାହିଁ, ସେଗୁଡ଼ାକ କାଳକ୍ରମେ ମୋ'ର ରକ୍ତମାଂସରେ ପରିଣତ ହୋଇ ଯାଇଛି । ମୋ' ଭାଷାର ଶବ୍ଦରୂପେ ମୋ'ର ହୃଦୟନୟନ ଆଗରେ ଉଦ୍‌ଭାସି ଉଠୁଛି, ମନ କଲା ମାତ୍ରକେ ଉଦ୍‌ଭାସି ଉଠୁଛି । ଏଠି ଯାବତୀୟ ରାସ୍ତାକୁ ବି ଉଦ୍‌ଭାସିତ କରିଦେଉଛି ।

୨୭।୮।୮୦

ଯେଉଁଦିନ ଏକୁଟିଆ ସମସ୍ତ କଟେ, ଖାସ୍ ସେହିଦିନ ହିଁ ମୁଁ ନିଜର ଦର୍ପଣ ଉପରେ ସମସ୍ତ ସଂସାରକୁ ଦେଖିବାକୁ ପାଏ । ଯେଉଁମାନେ ସାଙ୍ଗରେ ଆସୁଥିଲେ ଅଥଚ ବାଟରେ ରହିଗଲେ, ସାଙ୍ଗ ଛାଡ଼ି ଚାଲିଗଲେ, ମୋତେ ଅପର ମଣିଲେ, ଇତର ମଣିଲେ, ଏହି ଏକୁଟିଆ ଘରର ସାନ ଥାନଟି ଭିତରେ ମୁଁ ଯେପରି ସେହିମାନଙ୍କୁ କୋଉଠି ନା କୋଉଠି ଠାବ କରିବାକୁ ଚେଷ୍ଟା କରୁଥାଏ । ସେମାନେ ସାଥିରେ ନଆସିଲେ ମୋ'ର ଏହି ଯାତ୍ରା ସତେଅବା ଅପୂରଣ ରହିଯିବ ବୋଲି ଲାଗୁଥାଏ ।

ଏଗୁଡ଼ାକ ଦୁଃଖ ନୁହେଁ, ଶାସ୍ତ୍ରରେ ଯାହାକୁ ବିରହ ବୋଲି କୁହନ୍ତି, ତାହା ବି ନୁହେଁ । ଏହା ଏକ ଆକାଙ୍‌କ୍ଷା, ନିଜ ସହିତ ସମସ୍ତଙ୍କୁ ପାଇବାର ଏକ ଅନୁରାଗ । ନିଜକୁ ତଥାପି ଯଥାସମ୍ଭବ ଅଧିକ ସଂପ୍ରସାରିତ କରି ରଖିବାର ଇଚ୍ଛା । ସେତେବେଳେ ମୁଁ ସବୁରି ଦୁଆରେ ଯାଇ ହାତ ବାଡ଼ାଏ, ସବୁରି ଅଗଣାରେ ଯାଇ ଅପେକ୍ଷା କରି ଠିଆ ହୁଏ । ସେମାନଙ୍କୁ ସାଥିରେ ଆସିବାଲାଗି କେତେ ନିବେଦନ କରି କହେ । ଅନ୍ତତଃ ମୋ' ତରଫରୁ ଯେପରି କୌଣସି ଅଭିମାନ ବା ବୃଥା ମାନ ନରହିବ' ତାହାର ପରୀକ୍ଷା ନେବାକୁ ମୁଁ ଏପରି କରିଥାଏ । ମୋ' ଦୁଆର ଯେପରି କାହାରି ସକାଶେ ବି କେବେହେଲେ ବନ୍ଦ ହୋଇ ନରହେ, ମୁଁ ନିଜ ପାଖରେ, ନିଜ ଭିତରେ ରହିଥିବା ଅସଲ ସଙ୍ଗୀଟି ପାଖରେ ସେହି ପ୍ରାର୍ଥନା କରିବାରେ ଲାଗିଥାଏ ।

୨ । ୮ । ୮୦

ଏ ଜୀବନରେ ଅନେକ ସାଥୀ ଦରକାର ଯେଉଁମାନଙ୍କ ସହିତ ଏକାଠି ବାଟ ଚାଲିହେବ । ସମସ୍ତେ ଯେ ଗୋଟିଏ ବାଟରେ ଚାଲିବେ, ଗୋଟିଏ ପଇତା ପକାଇବେ, ସେକଥା ଆଦୌ ନୁହେଁ । ମାତ୍ର ସମସ୍ତେ ବାଟ ଚାଲୁଥିବେ, ଅନବରତ ବାଟ ଚାଲୁଥିବେ, ଶ୍ରଦ୍ଧାର ସହିତ ବାଟ ଚାଲୁଥିବେ । କୌଣସି ପ୍ରକାର କାରଣ ଦେଖାଇ ମଧ୍ୟ ମୋଟେ କୌଣସି ଜାଗାରେ ଅଟକିଯାଇ ନଥିବେ । ଏହିପରି ସାଥୀ ମଣିଷ କେତେଜଣଙ୍କୁ ଦେଖିଲେ ପ୍ରକୃତରେ ଆଉ ମୋଟେ କୌଣସି ଦୁଃଖ ରହିବନାହିଁ । ପଥର କଷ୍ଟ ମୋଟେ କଷ୍ଟ ବୋଲି ଲାଗିବନାହିଁ ।

ଏଠି ଲୋକମାନେ କାହାନ୍ତି ଅଧିକାଂଶ ମଣିଷ ହୁଏତ କୌଣସି ବାଟ ଚାଲିବାକୁ ଚାହୁଁନାହାନ୍ତି । ଚିଚ୍ଛା ନବପତ୍ରଗୁଡ଼ାକୁ ଚାହୁଁଛନ୍ତି । ସେମାନେ ଯାହାକିଛି ଚାହୁଁଛନ୍ତି, ଆପଣାର କ୍ଷୁଦ୍ର ଅସ୍ତିତ୍ୱଟି ଓ କ୍ଷୁଦ୍ର ଭବିଷ୍ୟତଟି ଲାଗି ଚାହୁଁଛନ୍ତି । ଆପଣାର ବ୍ୟକ୍ତିଗତ ଭଲ ଓ ମଙ୍ଗଳ ଲାଗି ଯାହା କିଛି ଇଚ୍ଛା କରୁଛନ୍ତି । ଏମାନେ କାହାରି ସାଙ୍ଗ ହୋଇ ପାରିବେନାହିଁ । ଏମାନେ ଜୀବନରେ ହୁଏତ ଆଦୌ କୌଣସି ସାଙ୍ଗ ଚାହୁଁନାହାନ୍ତି ।

ସେହି ଅଚଳ ସାଙ୍ଗଟିକୁ ନିଜ ଭିତରେ ଆବିଷ୍କାର କରି ବାଟ ଚାଲିବାକୁ ହେବ, ଏଠିକି ବିଶ୍ୱାସ ରହିଛି ବୋଲି ଏପର୍ଯ୍ୟନ୍ତ ମୁଁ ବାଟ ଚାଲି ପାରୁଛି । ସେହି ସାଙ୍ଗ ମତେ କେବେ ଭ୍ରମରେ ପକାଇନାହିଁ, କେବେ ଦୁଆର ପାଖରୁ ଫେରାଇ ଦେଇନାହିଁ ।

୨୯ । ୮ । ୮୦

ଭଗବାନଙ୍କ ସଂସାରଟା ଯେତିକି ନିକଟ ବୋଲି ଅନୁଭବ ହେଉଛି, ମୋ' ଚାରିପାଖରେ ରହିଥିବା କୁସଂସ୍କାର ବା କୁତ୍ସିତତାଗୁଡ଼ାକୁ ସଂସାର ବୋଲି ମାନି ନେବାକୁ ସେତିକି କୁଣ୍ଠା ବୋଧ ହେଉଛି । ଏଇଟାକୁ ସ୍ୱୀକାର କରିନେଲେ ଭଗବାନଙ୍କୁ ସତେଅବା ଅସ୍ୱୀକାର କରିବାପରି ହେବ ବୋଲି ମନେ ହେଉଛି ।

ଆପଣାକୁ ଏଠାରେ ଯେତେବେଳେ ଯାବତୀୟ କୁତ୍ସିତତା ଏବଂ ସୌନ୍ଦର୍ଯ୍ୟ-ହୀନତା ସହିତ ମୁଁ ଖାପ ଖୁଆଇ ନେବାରେ ଲାଗିଥାଏ, ସେତେବେଳେ ଭିତରକୁ ସତେଅବା ଆଦୌ କିଛିହେଲେ ଦେଖା ଯାଏନାହିଁ, ସେତେବେଳେ ନିଜର ଦ୍ୱାରଗୁଡ଼ିକ ବି ସତେଅବା ବନ୍ଦ ହୋଇ ରହିଥାଏ । ଆପଣାର ଘରଟାକୁ ଆପଣା ପାଖରେ ଲୁଚାଇ ଦାଣ୍ଡକୁ ଭଲ ବା ଘଟଣ ହୋଇ ଦଶିବାର ସେହି ଖିରୁ ଏବଂ ଦୁଷ୍ଟ ପ୍ରବୃତ୍ତିଟି ଜୀବନର ସବୁଠାରୁ ବଡ଼ ବୃତ୍ତି ହୋଇ ରହିଥିବା ପର୍ଯ୍ୟନ୍ତ ଏହି

ଘରଟା ଭିତରୁ ସବୁକିଛୁ ଆମ୍ପିସୃତା କୁଆଡ଼େ ବିଦାୟ ନେଇ ଚାଲି ଯାଇଥିବା ପରି ମନେ ହେଉଥାଏ । ଘର ଭିତରଟାକୁ ଏପରି ଅସ୍ୱୀକାର କରି ଦାଣ୍ଡକୁ ସୁନ୍ଦର ଦିଶିବାକୁ ଚେଷ୍ଟା କରିବା ଯେ ପ୍ରକୃତରେ କେଡ଼େବଡ଼ ଦାରିଦ୍ର୍ୟ, ଯିଏ ସେକଥାଟି ବିଷୟରେ ସଚେତନ ହୋଇଥିବ, ସିଏ ତାହା କିଛିସ୍ତ ହୃଦୟଙ୍ଗମ କରି ପାରିଥିବ ।

ନାହିଁ,—ଏହି କ୍ଷେତ୍ରରେ କୌଣସି ସାଲିଶ୍ ନାହିଁ । ଅସଙ୍ଗତି ସହିତ ସାଲିଶ୍ ନାହିଁ, ଅଭିନୟ ସହିତ ସାଲିଶ୍ ନାହିଁ; ଏହି ଯାବତୀୟ ଅଜୀବନ ସହିତ ମଧ୍ୟ ଆଦୌ କୌଣସି ପ୍ରକାର ସାଲିଶ୍ ନାହିଁ ।

୩୦ । ୮ । ୮୦

ଯେଉଁମାନେ ଯନ୍ତ୍ର ଭିତରେ ପଶି ଏକାବେଳେକେ ଯାନ୍ତ୍ରିକ ହୋଇ ଯାଇଛନ୍ତି, ସେମାନେ ସବୁତେଯେପରି ଆଉ ସମସ୍ତଙ୍କୁ ମଧ୍ୟ ଯନ୍ତ୍ରଭିତରେ ପଶିବାକୁ ବାଧ୍ୟ କରିବାଲାଗି ସଂକଳ୍ପ କରି ବସିଛନ୍ତି । ସରକାର କହିଲେ କ'ଣ କେବଳ ଏହିପରି ଗୋଟାଏ ଯନ୍ତ୍ରକୁ ହିଁ ବୁଝାଇବ ? ଯେଉଁମାନେ ସେହି ଯନ୍ତ୍ରଟାକୁ ଚଳାଇବା ସକାଶେ ନିଯୁକ୍ତ ହୋଇ ରହିଛନ୍ତି, ସେମାନଙ୍କର କ'ଣ ପ୍ରକୃତରେ କୌଣସି ସ୍ୱପ୍ନ ନାହିଁ, ଏହି ଦେଶକୁ ନେଇ ସ୍ୱତନ୍ତ୍ର ଭାବରେ କୌଣସି ଭବିଷ୍ୟାନୁରାଗ ନାହିଁ ? ସେମାନେ କ'ଣ ଏହି ଜୀବନରେ କୌଣସି କିଛିକୁ ଭଲ ପାଆନ୍ତିନାହିଁ, ଯେଉଁଠାରେ କି ସେମାନେ ଆପଣାକୁ ଜଣେ ଜଣେ ମଣିଷ ଭାବରେ ନିର୍ମଳ କରି ଦେଇ ପାରିବେ ?

ଏହି ଯାନ୍ତ୍ରିକ ଅମଣିଷଗୁଡ଼ାକ ଯନ୍ତ୍ର ବ୍ୟତୀତ ଆଉ କାହାରି ପରିଚର୍ଯ୍ୟା କରିବେନାହିଁ ବୋଲି ଯେତେ ବଦ୍ଧପରିକର ହୋଇ ବସିଥିଲେ ମଧ୍ୟ ଆମକୁ ତଥାପି ମଣିଷ ହିସାବରେ ଅଗ୍ରସର ହେବାକୁ ପଡ଼ିବ, ଯନ୍ତ୍ର ଇଚ୍ଛା କରୁନଥିବ ତଥାପି ମଣିଷ ପରି ବଞ୍ଚିବାକୁ ପଡ଼ିବ । ଇତିହାସର କୌଣସି ଯୁଗରେ ହୁଏତ ଯନ୍ତ୍ରମାନେ ପୃଥିବୀକୁ ବଦଳିବା ଲାଗି ବାଟ ଗ୍ରୁଡିଦେଇ ନାହାନ୍ତି । ମଣିଷ ଯନ୍ତ୍ରକୁ ଅସ୍ୱୀକାର କରିଛି, ତେବେଯାଇ ତା'ର ଏହି ପୃଥିବୀରେ ସିଏ କିଛି ପରିବର୍ତ୍ତନ ସମ୍ଭବ କରି ପାରିଛି । ଶହେ ପ୍ରକାରର ଯାନ୍ତ୍ରିକତା ସତ୍ତ୍ୱେ ଆମଭିତରେ ତଥାପି ଯେଉଁଠାରେ ମଣିଷ ବଞ୍ଚିରହିଛି, ଯେଉଁଠି ତଥାପି ସ୍ୱପ୍ନ ଲାଗି ସ୍ଥାନ ରହିଛି, ଏକ ସୁନ୍ଦର ଭବିଷ୍ୟତର ଅନୁରାଗ ଲାଗି ସ୍ଥାନ ରହିଛି, ଆମକୁ ଯାବତୀୟ ପରିବର୍ତ୍ତନ ଅସ୍ତମାରମ୍ଭ ସେହିପରି ହିଁ କରିବାକୁ ପଡ଼ିବ । କାରଣ, ଅସଲ ବିଶ୍ୱାସ ସେହିଠାରେ ହିଁ ରହିଛି ।

୩୧ । ୮ । ୮୦

ସେଇଠି ଯୋଡ଼ିଏ ମନୁଆ ବନ୍ଧୁ ବସିଛନ୍ତି, ସେଇ ବେଳେବେଳେ ସମ୍ମତି ଖାଡ଼ପରି ସବୁକିଛି କରି ଦେଇଯାଏ, ମାଗିଲା ମାତ୍ରକେ ସବୁ ଆଣି ଦେଇଯାଏ,

ଘର ଖୋଲିଦେଇ ରତ୍ନଭଣ୍ଡାର ଗୁଡ଼ାକୁ ଦେଖାଇ ଦେଇଯାଏ, କେତେ ବିଶ୍ୱାସ ଓ ବଳ ଦେଇଯାଏ । ସେଇ ଘର ବେଳେବେଳେ କେଡ଼େ ଆପଣାର ଲାଗେ, ଖୋଜିଲା ମାତ୍ରକେ ସବୁକିଛି ମିଳିଯାଏ । ମାତ୍ର, ଆଉ ବେଳେବେଳେ, ସେଠି କୋଉ ସାଙ୍ଗ କାହିଁକି ଏପରି ଅପ୍ରସ୍ତୁତ ହୋଇଥାଏ କେଜାଣି, ଟାଣିଲେ ଓଟାରିଲେ ମଧ୍ୟ ହୁଁ କି ଚୁଁ ହୁଏନାହିଁ । ଯେତେବେଳେ ସବୁଯାକ ଦୁଆର ଏକାବେଳେକେ ବନ୍ଦ ହୋଇ ରହିଥାଏ, ନିଜର ଘରଭିତରେ କିଛି ଚିହ୍ନି ହୁଏ ନାହିଁ, ତାହା ଆପଣାର ଘର ବୋଲି ମୋଟେ ମନେ ହୁଏନାହିଁ । ଏହା ମଧ୍ୟ ଗୋଟାଏ ପ୍ରକାର ପ୍ରମାଦ, ଗୋଟାଏ ପ୍ରକାରର ଦୁର୍ଗତି ।

ଯେତେବେଳେ ନିଜକୁ ଶିଶୁଟି ପରି ଲାଗେ, ସେତେବେଳେ ସବୁ ହାଲୁକା ହୋଇଯାଏ । ଆପଣାକୁ ଲୁଚାଇ ରଖିବାର ସବୁ ଦୁର୍ବୁଦ୍ଧି ଅନ୍ତର୍ହିତ ହୋଇଯାଏ । ଆପଣାର ଅସଲ ସାଙ୍ଗଟି ସଙ୍ଗେ ସଙ୍ଗେ ରହିଥିବା ପରି ମନେହୁଏ । ଜୀବନ ସତେଅବା ସୂର୍ଯ୍ୟକିରଣ ପରି ମନେହୁଏ । ନିଜ ଭିତରେ ସବୁଯାକ ରାସ୍ତା ଅତ୍ୟନ୍ତ ସ୍ପଷ୍ଟ ଭାବରେ ଦେଖା ଯାଉଥାଏ । ଏବଂ, କାହାର ବନ୍ଧୁ ସଦୃଶ ହାତର ଇଙ୍ଗିତରେ ନେଉଥିବା ପରି ସେତେବେଳେ ସବୁକିଛି ସହଜ ହୋଇଯାଏ, ସ୍ୱାଭାବିକ ହୋଇଯାଏ । ଭିତର ବାହାର ସବୁ ସହଜ ଲାଗେ, ଆପଣାର ଘରପରି ଲାଗେ । ସେତେବେଳେ ଯେତେ କାମ କଲେ ମଧ୍ୟ ମୋଟେ କ୍ଳାନ୍ତ ଲାଗେନାହିଁ । ଏକୁଟିଆ ରହିଥିଲେ ମଧ୍ୟ ସମସ୍ତ ଜଗତ ସାଙ୍ଗରେ ରହିଥିବା ପରି ଅନୁଭବ ହୋଇଥାଏ ।

୧ । ୯ । ୮୦

ଭିତରେ ମଣିଷ କିଛି ପାଇନଥିବା ସମୟରେ ହୁଏତ ବାହାରେ ପାଇବା ବିଷୟରେ କେତେ କୋଳାହଳ କରୁଥାଏ । ନିଜେ କିଛି ହୋଇ ପାରୁନଥିବା ସମୟରେ ବାହାରେ ଉପଦେଶ ଦେଇ ବୁଲୁଥାଏ । ନୀତି କ'ଣ ଓ ଅନୀତି କ'ଣ ସେବିଷୟରେ ନିଜ ଭିତରେ ନିଜ ସହିତ ସମାଧାନ ନକରି ପାରିଥିବା ପର୍ଯ୍ୟନ୍ତ ସିଏ ବାହାରେ ନୈତିକତା ବିଷୟରେ କେତେ କ'ଣ କଥାମାନ କହି ବୁଲୁଥାଏ । ଯିଏ ଆପଣାକୁ ନେଇ ଆଦୌ କୌଣସି ସମାଧାନ ପାଇଥାଏ, ସିଏ ଅସଲ ବାଟଟିକୁ ଚାଲିବାର ରୀତିଟିକୁ ଅଙ୍ଗେ ନିଭାଇଥାଏ । ତେଣୁ, ବାହାରେ ସିଏ ଅନ୍ୟକୁ ହୁଏତ କୌଣସି ଉପଦେଶ ଦେବାକୁ ମନ କରେନାହିଁ । ସିଏ ପାଖକୁ ଆସେ; ଆତୁର ପାଖକୁ ଆସେ, ବନ୍ଧୁପରି ପାଖକୁ ଆସେ, ବନ୍ଧୁପଣ ଗ୍ରହଣ କରେ,—ସାଙ୍ଗରେ ବାଟ ଚାଲେ । ବାଟ ପ୍ରତି ଶ୍ରଦ୍ଧା ଜନ୍ମାଏ, ବାଟ ଚାଲିବାଲାଗି ଉଦ୍‌ବୋଧନ ଦିଏ ।

ସଂସାରରେ ବର୍ତ୍ତମାନ ସେହିଭଳି ଅନେକ ବନ୍ଧୁଙ୍କର ଆବଶ୍ୟକତା ରହିଛି । ଉପଦେଷ୍ଟା ନୀତିବାଦୀଙ୍କର ଆଦୌ କୌଣସି ଆବଶ୍ୟକତା ନାହିଁ ।

ଜୀବନରେ ଆମେ ଆଉକିଛି ନହୋଇ ପାରିବା ପଛକେ, ଏହିପରି ବନ୍ଧୁ ହୋଇ ପାରିବାକୁ ଚେଷ୍ଟା କରିବା । ଆମର ଧର୍ମ, ଆମର ସାହିତ୍ୟ ଓ ଆମର ଯାବତୀୟ ସଂଗ୍ରହ ଆମକୁ ସେହି ଦିଗରେ ଅଧିକରୁ ଅଧିକ ଅଗ୍ରସର କରାଇନେଉ ।

୨ । ୯ । ୮୦

ଫୁଲର ପାଖୁଡ଼ାଗୁଡ଼ାକ ତଳେ ଶେଯପରି ବିଛାଇ ହୋଇ ରହିଛି । ବାସନାରେ ଏହି ଅପରାହ୍ଣଟାକ ମହକ ଉଠୁଛି । ମୁଁ ଭାବୁଛି ମୋ' ଭିତରେ କୋଉଠି ଏହିପରି ଆଉକିଛି ରହିଛି, ଯେଉଁଠାରେ କି ଏହି ଫୁଲ ଫୁଟୁଛି, ଫୁଲର ପାଖୁଡ଼ା ଦ୍ୱାରା କେତେ ଭୂଇଁ ଗୋଟାସୁଦ୍ଧା ଧଳା ହୋଇଯାଉଛି, ଏବଂ, ସେଇଥି ସକାଶେ ସିନା ଫୁଲର ବାସନାଟା ମୋ'ତେ ଏତେ ଭଲ ଲାଗୁଛି ଫୁଲପାଖୁଡ଼ାରେ ଆଚ୍ଛାଦିତ ହୋଇ ରହିଥିବା ଏହି ବଗିଚାକୁ ଅନାଇଦେବା ମାତ୍ରକେ ସିନା ମୁଁ ନିଜ ଭିତରେ କେତେ କେତେ ଆଦର ଓ ଅନୁରାଗର ଜାଗାକୁ ସ୍ପର୍ଶ କରି ଆସିଲା-ପରି ଅନୁଭବ କରୁଛି !

ଏସବୁ ଜଗତରେ ହୁଏତ ମୋଟେ ପୁନରାବୃତ୍ତି ହୁଏନାହିଁ । ଫୁଲ ନିତି ଫୁଟେ, ତଥାପି ନିତି ଏକାପରି ଫୁଟେନାହିଁ । ଆମେ ନିତି ସେହି ଫୁଲକୁ ଦେଖୁ, ତଥାପି ନିତି ସେହି ଏକା ଫୁଲକୁ ମୋଟେ ଦେଖୁନାହୁଁ । ଏହି ଆଖିକୁ ସବୁ ନୂଆ ନୂଆ ଦିଶେ, ଆଖିରେ ସବୁ ନୂଆ ହୋଇ ଉଙ୍କିମାରି ଉଠେ, ନୂତନ ସ୍ପର୍ଶ ଅନୁଭବ ହୁଏ । ନିଜ ଭିତରେ ନୂଆ ସକାଳ ହୋଇ ଆସୁଥିବା ପରି ଓ ନୂଆ ବନ୍ଧୁଲାଭ ଘଟୁଥିଲା ପରି ଅନୁଭବ ହୁଏ । ଏବଂ ଯେଉଁମାନେ ଫୁଲଟିଏ ଫୁଟିବା ମାତ୍ରକେ ତାକୁ ଛିଣ୍ଡାଇ ନେଇ ଘରକୁ ପଳାଇବା ପାଇଁ ମନ କରନ୍ତି, ସେମାନଙ୍କ ଭିତରେ ପ୍ରକୃତରେ କ'ଣ ହେଉଥାଏ ବୋଲି ସେମାନେ ଏପରି କରନ୍ତି ?

୩ । ୯ । ୮୦

ଆଗାମୀ ଦଶବର୍ଷ ମଧ୍ୟରେ ଯୁଦ୍ଧ ଅବଶ୍ୟମ୍ଭାବୀ ବୋଲି ପୃଥିବୀ—ରାଜ-ନୀତିର କେତେକ ନେତା ପ୍ରକାଶ୍ୟରେ କହିବାକୁ ଆରମ୍ଭ କଲେଣି । ଏବଂ, ଏଥର ସେମାନଙ୍କ ନେତୃତ୍ୱରେ ପୃଥିବୀରେ ଯେଉଁ ଯୁଦ୍ଧ ହେବ, ସେଥିରେ ମନୁଷ୍ୟଜାତିର ସମ୍ପୂର୍ଣ୍ଣ ବିନାଶ ହେବ ବୋଲି ମଧ୍ୟ ସେମାନଙ୍କର ସେବା କରୁଥିବା ବୈଜ୍ଞାନିକ-ମାନେ କେଉଁଦିନୁଁ କହି ଆସୁଛନ୍ତି ।

ଏମାନେ କରୁଥିବା କଥାଗୁଡ଼ାକ ଠିକ୍ ହେଉ ବା ନହେଉ, ଏମାନେ ଯେ ମନୁଷ୍ୟଜାତିର ମଡ଼େଲ୍ ନୁହନ୍ତି ସେକଥା ଭଲ କରି ଜାଣି ରଖିବାକୁ ପଡ଼ିବ । କୌଣସି କାରଣରୁ ହେଉ ପଛକେ, ଆପଣାକୁ ବିଲୁପ୍ତ କରିଦେବାକୁ ହିଁ ମଣିଷ

କଦାପି ଏହି ପୃଥିବୀକୁ ଆସିନଥିଲା । ଯଦି ସିଏ ବିଲୁପ୍ତିର ବାଟଟିକୁ ଆଦରିନିଏ, ତେବେ ତାହା କେବଳ ତାହାରି ନିର୍ବୋଧତା ହିଁ ହେବ । ଯେଉଁମାନଙ୍କୁ ସିଏ ନେତା ବୋଲି ସ୍ୱୀକାର କରି ଆସିଛି, ସେମାନେ ଯଦି ତାକୁ ବିଲୋପ ଆଡ଼କୁ ପରିଚାଳିତ କରି ନେଇଗଲେ, ତେବେ ତାହା ତା'ର ସ୍ୱୀକୃତିଟାକୁ ହିଁ ଭୁଲ୍ ବୋଲି ପ୍ରମାଣ କରିବ ।

ଏମାନେ ଯାହା କହନ୍ତୁ ପଛକେ, ତଥାପି ଭିତରଟା ମୋଟେ ମାନିବାକୁ ରାଜି ନୁହେଁ । ଭିତର କହୁଛି, ମୁଁ ବିଲୁପ୍ତ ହେବିନାହିଁ, ମୁଁ ନିର୍ମାଣ କରିବି, ମୁଁ ଜୀବନକୁ ଲୋଡ଼ିବି, ମୁଁ ସମସ୍ତଙ୍କ ସହିତ ମିଶି ଏହି ପୃଥିବୀକୁ ସୁନ୍ଦର କରି ଗଢ଼ିବି ।

୪ । ୯ । ୮୦

ସଂସାରକୁ ଆହୁରି ଅଧିକ ସୁନ୍ଦର କରି ଗଢ଼ିବେ ବୋଲି ଯେଉଁମାନେ ଦଶବର୍ଷ ଭିତରେ ଗୋଟାଏ ବିଶ୍ୱ ମହାସମର ଲଢ଼ିବାକୁ କଳ୍ପନା କରୁଛନ୍ତି, ସେମାନେ ଆମ ସଂସାରକୁ ଅସୁନ୍ଦର କରି ରଖିବାରେ ସବୁଠାରୁ ଅଧିକ ଚକ୍ରାନ୍ତ କରୁଛନ୍ତି । ଏହି ଅମଣିଷମାନେ ପୃଥିବୀର ସବୁ ଦେଶରେ ଅଛନ୍ତି । ଏମାନେ କ୍ଷମତାରେ ଅଛନ୍ତି । କ୍ଷମତାକୁ ଦେଶଲାଗି ନୁହେଁ ନିଜଲାଗି ଚାହୁଁଛନ୍ତି । ନିଜ ଭିତରେ ନାନାପ୍ରକାର ଦାରିଦ୍ର୍ୟ ସେମାନଙ୍କୁ ମଣିଷର ଅସଲ ଭାଗ୍ୟକୁ ଅନୁଭବ କରିବାକୁ ମୋଟେ ବାଟ ଛାଡ଼ି ଦେଉନାହିଁ । ସେମାନଙ୍କୁ ସେହି ଦାରିଦ୍ର୍ୟଟା ହିଁ ବାହାରେ ପ୍ରକୃତରେ ଏତେ ଉଗ୍ର କରି ରଖିଛି ।

ଏହି କ୍ଷମତାର ଶେଷ ମୃତ୍ୟୁରେ । ଏମାନେ ଆମ ସମସ୍ତଙ୍କୁ ମରିବାଲାଗି ହିଁ ପ୍ରବର୍ତ୍ତାଇବାରେ ଲାଗିଛନ୍ତି । ଏବଂ ସେଥିଲାଗି ସଂସାରରେ ଜାତୀୟତାବାଦ ଏବଂ ଆଦର୍ଶବାଦ ନାମରେ ଏତେ ଅନ୍ଧକାର ଓ ଉଗ୍ରତାକୁ ସୃଷ୍ଟି କରି ରଖାଯାଇଛି । ଏଣେ ସାଧାରଣ ମଣିଷର ବିବେକକୁ ଭୁଣ୍ଡି ଦେଇ ବାନ୍ଧି ରଖିବାକୁ ନାନାଭଳି ଭୋଗ ଅର୍ଥାତ୍ ନାନାଭଳି ସର୍କସ୍‌ର ସୃଷ୍ଟି କରି ରଖାଯାଇଛି । ଆମେ ସମସ୍ତେ ଭୋଗରେ ରହିଛୁ, ସାହିତ୍ୟ ଓ ସଂସ୍କୃତିବିଳାସରେ ରହିଛୁ, ଦେଶର ମହିମା ବଢ଼ାଉଛୁ;—ଏବଂ ମଣିଷକୁ ଶସ୍ତା କରି ରଖିବାରେ ସହଯୋଗ କରୁଛୁ ।

୫ । ୯ । ୮୦

ମାଂସାହାରୀଙ୍କ ଭିତରେ ବ୍ରହ୍ମଚାରୀ ହୋଇ ରହିବା ଯେତିକି କଷ୍ଟକର, ଶାର୍ଦ୍ଦୁଳମାନଙ୍କ ଭିତରେ ତଥାପି ମଣିଷ ହୋଇ ରହିବା ଅର୍ଥାତ ଜୀବନ ବଞ୍ଚିବା, ପ୍ରକୃତରେ ସେତିକି କଷ୍ଟକର । ଯେଉଁମାନେ ମୃତ୍ୟୁରେ ହିଁ ବିଶ୍ୱାସ କରନ୍ତି ଓ ତେଣୁ ସତେ ଅବା ଆପଣାର ବିଶ୍ୱାସଗତ ଧର୍ମଟିର ରକ୍ଷା କରିବାକୁ ଯାଇ ଅନ୍ୟମାନଙ୍କୁ

ଗିଳି ପକାଇବାରେ ଲାଗିଥାନ୍ତି, ସେମାନଙ୍କୁ ବି ଗୋଟାଏ ପ୍ରକାରର ମାୟାବାଦୀ ବୋଲି କହିବାକୁ ହେବ । ସେମାନେ ସବୁକିଛିକୁ ଅନିତ୍ୟ ବୋଲି କହନ୍ତି, ଅସାର ବୋଲି କହନ୍ତି । ସେମାନେ ଯାହାକୁ ନିତ୍ୟ ଓ ସାର ବୋଲି ମାନନ୍ତି, ସିଏ ଏହି ଧୂଳିଭିତରେ ନଥାନ୍ତି, ସଂସାର ଭିତରେ ନଥାନ୍ତି । ବ୍ରହ୍ମ ସେମାନଙ୍କ ଲାଗି ଏସବୁର ବାହାରେ ହିଁ ଥାନ୍ତି ।

ଏଠି ଚତୁରମାନଙ୍କ ଭିତରେ ସ୍ନେହରେ, ପ୍ରେମରେ ଓ ନିଜକୁ ପ୍ରସନ୍ନ ଭାବରେ ଦେଇଦେବାରେ ବିଶ୍ୱାସ କରିବା ପ୍ରକୃତରେ କଷ୍ଟକର । ସେଥିଲାଗି ଅନେକ ଟାଣ ହେବାକୁ ପଡ଼ିବ । ନିଜର ବିଶ୍ୱାସରେ ଟାଣ ହେବାକୁ ପଡ଼ିବ । ମୁଁ ଯେ ମୋଟେ ଗୋଡ଼ି ବା ମାଟି ନୁହେଁ, ସଂସାରରେ କୌଣସି ମଣିଷ ଯେ ଗୋଡ଼ି ବା ମାଟି ନୁହନ୍ତି ଏଠି ଅଧିକସଂଖ୍ୟକ ମଣିଷଙ୍କୁ ଗୋଡ଼ିମାଟି ପରି ବ୍ୟବହାର କରାଯାଉଥିଲେ ମଧ୍ୟ ତଥାପି ନିଜ ଭିତରେ ସେହି ବିଶ୍ୱାସଟିକୁ ଜୀଆଇ ରଖିବାକୁ ହେବ । ସେହି ବିଶ୍ୱାସର ଆଖିରେ ନିଜକୁ ଦେଖିବାକୁ ହେବ, ଅନ୍ୟ ସମସ୍ତଙ୍କୁ ଦେଖିବାକୁ ହେବ ଏବଂ ଭବିଷ୍ୟକୁ ବି ଦେଖିବାକୁ ହେବ । ଏବଂ ଏତିକି କରିବା, କୌଣସି କୃତ୍ରିମତା ବା କୋଳାହଳ ନକରି ଏତିକି କରିବା,—ଏହା କ'ଣ ସହଜ କଥା ?

୭ । ୯ । ୮୦

କାମଗୁଡ଼ାକ ଆଉ ବ୍ୟସ୍ତ କରିପାରୁନାହାନ୍ତି ବା ଭୟ ଦେଖାଇ ପାରୁନାହାନ୍ତି । କାମଗୁଡ଼ାକ ପାଖରେ ମୁଁ କୌଣସି ପ୍ରକାର ଆତ୍ମସମର୍ପଣ କରିଛି ବୋଲି ଯେ ଏପରି ହେଉଛି, ସେକଥା ମୋଟେ ନୁହେଁ । ମୋ' କାମଗୁଡ଼ିକୁ ମୁଁ ନିଜେ ଆଦରି ନେଇଛି, ସେହିସବୁ କାମ କରିବାଲାଗି ମୁଁ ସ୍ୱୟଂ ସ୍ୱୀକୃତି ଦେଇଛି ବୋଲି ସେପରି ହେଉଛି ।

ଆପଣାର କେନ୍ଦ୍ରଟିକୁ ଛୁଇଁପାରିଲେ ଅର୍ଥାତ୍ ଆପଣାର ବାଟଟିକୁ ପାଇଯିବା ପରେ ଆଉ କୌଣସି କାର୍ଯ୍ୟ ବୋଝପରି ଲାଗେନାହିଁ । ଜୀବନଟା ବି ମୋଟେ ବୋଝପରି ଲାଗେନାହିଁ । ତା'ପରେ ସତେଅବା ଆଉ କାହାରି ଯନ୍ତ୍ର ହୋଇଗଲି ପରି ମନେହୁଏ । ସେତେବେଳେ ସଂସାର ଆଉ ନିଜ ଭିତରେ କୌଣସି ବିରୋଧ ରହିଥିବାର ମନେ ହୁଏନାହିଁ । ସବୁଟିକୁ ନେଇ ଖୁସୀ ଲାଗେ । ସଂସାରଟା ମୋଟେ ଅନିତ୍ୟ ବୋଲି ମନେ ହୁଏନାହିଁ ।

ତେଣୁ, କାମକୁ ମୋ'ର ଡ଼ର ନାହିଁ । ମୋ' ମନ୍ଦିରଟିକୁ ଯିବାଲାଗି ମୋତେ ଡର କାହିଁକି ମାଡ଼ିବ ? ଜାଲରେ ପଡ଼ିଯିବାକୁ ବି ଡର ନାହିଁ । କାରଣ,

ମୋ' ନିଜର ନିଷ୍ପତ୍ତି ଅନୁସାରେ ହିଁ ଯଦି ମୁଁ ଯାବତୀୟ କ୍ଷେତ୍ରରେ ପ୍ରବେଶ କରିବି, ତେବେ ମୋତେ ଆଉ କିଏ କାହିଁକି ବାଧା ପକାଇବାକୁ ଆସିବ ?

୭।୯।୮୦

ଜ୍ଞାନ ଆଉ ଶ୍ରଦ୍ଧାର ମିଳନ ଘଟି ପାରୁଥିଲେ ଆମ ଶିକ୍ଷାଳୟ ମାନଙ୍କରେ ଅସମ୍ଭବ ସମ୍ଭବ ହୋଇ ପାରୁଥାନ୍ତା । ଆମ ବିଶ୍ୱବିଦ୍ୟାଳୟ ମାନଙ୍କରେ ମଣିଷ ମଣିଷ ଭିତରେ ଏକ ସନ୍ଦୀପିତ ଆନନ୍ଦମୟ ସମ୍ପର୍କ ପ୍ରତିଷ୍ଠିତ ହୋଇ ପାରିଥାନ୍ତା କିନ୍ତୁ ସେପରି ହୋଇ ପାରୁନାହିଁ । ଜ୍ଞାନର କ୍ଷେତ୍ରରେ ରହିଥିବା ବ୍ୟକ୍ତିମାନେ ପୋଷାକୀ ମୁହୂର୍ତ୍ତ ଗୁଡ଼ାକରେ ବାବୁ ହୋଇ ରହିଛନ୍ତି ଏବଂ ଆଠପହରିଆ ଜୀବନରେ ହୁଏତ କେବଳ ଜଣେ ଜଣେ ଚାକିରିଆ ହୋଇ ରହିଛନ୍ତି ।

ଶ୍ରଦ୍ଧା ବିନା ଜ୍ଞାନ ଯେ ମୋଟେ ସମ୍ଭବ ନୁହେଁ, ସେମାନଙ୍କୁ ପରଖି ଦେଖିଲେ ତାହାର ପ୍ରମାଣ ମିଳିଯାଉଛି । ଜ୍ଞାନର ଅନୁଶୀଳନରେ ଶ୍ରଦ୍ଧାର ବିକାଶଲାଗି ବି ଏକ ଅନୁକୂଳ କ୍ଷେତ୍ର ମିଳି ଯାଉଥାନ୍ତା, ତାହା ଏମାନଙ୍କ ଦ୍ୱାରା ମୋଟେ ସମ୍ଭବ ହେଉନାହିଁ । ସାମ୍ପ୍ରତିକ ଜୀବନ ଓ ସାମ୍ପ୍ରତିକ ସାଧନାରେ କେତେ କେତେ ସୁଯୋଗକ୍ଷେତ୍ରକୁ ଏମାନେ ପ୍ରାୟ ଅପମାନିତ କରି ରଖିଛନ୍ତି । ଏହାଦ୍ୱାରା ଆମେ କେତେ କ'ଣରୁ ବଞ୍ଚିତ ହେଉଛୁ । ତଥାପି ଆଡମ୍ବରଗୁଡ଼ାକ ଚାଲିଛି । ତଥାପି ଫମ୍ପାଗୁଡ଼ାକ ଅଧିକ ପ୍ରତାପ ସହିତ ଆମ ଚକ୍ଷୁପ୍ରସାର ବୁଦ୍ଧିକୁ ଅଳପ ସୀମାବଦ୍ଧ କରି ରଖିଛନ୍ତି । ଏସବୁର ପ୍ରତିକାର କରିବାଲାଗି ଜ୍ଞାନ ଓ ଶ୍ରଦ୍ଧା ଉଭୟକୁ ଜୀବନର ଯଥାର୍ଥ ଅଭିଳାଷ କରି ବାହାରିଥିବା ଅନେକ ଅନ୍ୟପ୍ରକାରର ମଣିଷ ଦରକାର ।

୮।୯।୮୦

ଯୁବକମାନେ ବି ସାହିତ୍ୟ କଲାବେଳେ ଯେଉଁଠାରେ ମନ୍ତ୍ରୀମାନଙ୍କୁ ଲୋଡ଼ନ୍ତି, ସେଠାରେ ସାହିତ୍ୟ ଆଉ ଯୁବକ ଉଭୟଙ୍କୁ ହିଁ ଦୁର୍ଭାଗ୍ୟ ବୋଲି କହିବାକୁ ହେବ । ଏସବୁ ସ୍ଥାନରେ ବାର୍ଦ୍ଧକ୍ୟର ହିଁ ଜୟଜୟକାର ହେବାରେ ଲାଗିଥାଏ । ରାଜନୀତିରେ ବାର୍ଦ୍ଧକ୍ୟ ପଶିଯିବା ପରେ ରାଜନୀତିର ପୂଜ୍ୟ ଆସନସ୍ଥମାନେ ଯେତେବେଳେ ସାହିତ୍ୟ ଭିତରକୁ ଆସନ୍ତି, ସେତେବେଳେ ସାହିତ୍ୟ ମଧ୍ୟ ବୁଢ଼ା ହୁଏ । ଯୁବକମାନେ ବୁଢ଼ାଙ୍କ ପରି ହେବାକୁ ଚେଷ୍ଟା କରନ୍ତି । ବୁଢ଼ାମାନଙ୍କ ପରି ଚତୁର ହୁଅନ୍ତି, ବୁଢ଼ାଙ୍କ ପରି ଭୀରୁ ହୁଅନ୍ତି ଏବଂ ବୁଢ଼ାମାନଙ୍କ ପରି ନିରାପଦତାକୁ ହିଁ ସବୁଠାରୁ ଅଧିକ ପ୍ରଶସ୍ତ ଧର୍ମ ବୋଲି ଆଦର କରନ୍ତି ।

ପ୍ରଦର୍ଶିତ ନଗ୍ନପଣ୍ୟ ଗୁଡ଼ାକର ପାଟେଣ୍ଟକୁ ସ୍ୱର୍ଗି ଯୁବକ ଆହୁରି ଅଧିକକୁ ମନ କରିବ, ଲୋଭଗୁଡ଼ାକ ଭିତରେ କ୍ଷୁଦ୍ର ହୋଇ ଲୁଚି ଯାଇଥିବା ବୁଢ଼ାମାନଙ୍କୁ ଅସ୍ୱୀକାର କରି ସାହିତ୍ୟ ଆହୁରି ଆହୁରି ଅଧିକକୁ ମନ କରିବ । ତେବେଯାଇ ବେଳ ଜାଣି ମେଘ ବରଷିବ । ତେବେଯାଇ ଛୁଟି ଯାଇଥିବା ଖିଅଗୁଡ଼ାକ ପୁନର୍ବାର ଲୋଡ଼ା ହେବେ । ଭୁଲି ଯାଇଥିବା ବାଟଗୁଡ଼ାକ ପୁନର୍ବାର ମନେ ପଡ଼ିଯିବ । ଆଡ଼ମ୍ବର ଭିତରେ ମନ୍ତ୍ରୀମାନଙ୍କୁ ବସାଇ ସାହିତ୍ୟର ବଜାର ଲଗିଥିବା ବେଳେ ଯୁବକ ହୁଏତ ଏଗୁଡ଼ାକୁ ମୋଟେ ମନେ କରି ପାରୁନଥିବ ବା, ସେଗୁଡ଼ାକୁ ଜାଣି ଜାଣି ପାସୋରି ରହିବାକୁ ସେ ଏହି ଆଡ଼ମ୍ବରଗୁଡ଼ାକୁ ମନ କରୁଥିବ ।

୯ । ୯ । ୮୦

ସାକ୍ଷରତା — ଦିବସ ଏକ ଜନଆନ୍ଦୋଳନରେ ପରିଣତ ହୋଇଥାନ୍ତା । ମାତ୍ର ଏହା କ୍ରମେ ଏକ ସରକାରୀ କାର୍ଯ୍ୟକ୍ରମରେ ହିଁ ସୀମାବଦ୍ଧ ହୋଇ ରହିବାକୁ ଆରମ୍ଭ କଲାଣି । ଏଥିଲାଗି ଉପରୁ ବାର୍ତ୍ତାମାନ ଦିଆଯାଉଛି । ନିଜନିଜର ସରକାରୀ କର୍ତ୍ତବ୍ୟର ଅନୁରୋଧରେ ହାକିମମାନେ ଗୋଟିଏ ଗୋଟିଏ ବିବୃତ୍ତି ଦେଉଛନ୍ତି । ଏଥିରେ ଆନ୍ତରିକତା ନାହିଁ, ଅନୁରାଗ ନାହିଁ, କୌଣସି ସ୍ୱାଭାବିକତା ମଧ୍ୟ ନାହିଁ ।

ନିରକ୍ଷର ଲୋକେ ସାକ୍ଷର ହେବାକୁ ଦାବୀ କରି ପାରୁଥାନ୍ତେ । ସାକ୍ଷର ହେବାକୁ ଦାବୀ କରି ପାରୁଥାନ୍ତେ । ସାକ୍ଷର ହେବାକୁ ସେମାନେ ନିଜର ଆଖି ଖୋଲିବାର ସମତୁଲ ବୋଲି ଅନୁଭବ କରି ପାରୁଥାନ୍ତେ । ଆମର ଶିକ୍ଷିତ ଓ ଶାସକମାନେ ଯଦି ଏହି ତିରିଶବର୍ଷ ଭିତରେ ସେତିକି କାର୍ଯ୍ୟକରି ପାରିଥାନ୍ତେ, ତେବେ ସାକ୍ଷରତା ଆନ୍ଦୋଳନ ଏବେ ମଧ୍ୟ କେବଳ ଏକ ସରକାରୀ ସ୍ତରରେ କଦାପି ରହିନଥାନ୍ତା । ଆଉଜଣେ ମଣିଷକୁ ସାକ୍ଷର କରାଇବା କାର୍ଯ୍ୟକୁ କଦାପି ଦରମା ଦ୍ୱାରା କରି ଯାଉଥିବା ଏକ ହୀନ କାର୍ଯ୍ୟ ବୋଲି ବିଚାର କରି ଯାଉନଥାନ୍ତା ।

ଏ ଦେଶରେ ସବୁଯାକ ପାଠ ବଡ଼ମାନେ ହିଁ କଲେ, ସବୁଯାକ ଯୁଦ୍ଧ ସେଇ ବଡ଼ମାନେ ହିଁ ଲଢ଼ିଲେ । ଏ ଦେଶରେ ଯେଉଁମାନେ ସବାଆଗ ଆନ୍ଦୋଳନ କରିଥାନ୍ତେ ଓ ଆଗକୁ ଯିବାକୁ ଇଚ୍ଛା କରିଥାନ୍ତେ, ସେମାନେ କାଳକାଳର ଗୁଳା ଭିତରେ ପୋତିହୋଇ ରହିଗଲେ । ସେମାନଙ୍କୁ କେହିହେଲେ ମଣିଷ ବୋଲି ସ୍ୱୀକାର କରିବାକୁ ଆସିଲାନାହିଁ । ତେଣୁ ଦେଶଟାଯାକ ନିଦ୍ରାଚ୍ଛନ୍ନ ହୋଇ ରହିଲା । ଉପରେ ଦଳେ ସବୁପ୍ରକାରର ସ୍ୱେଚ୍ଛାଚାର କଲେ ଏବଂ ତଳେ ବହୁସଂଖ୍ୟାକ ଲୋକ କେବଳ ଅନୁଗୃହୀତ ହେବାକୁ ହିଁ ଭାଗ୍ୟ ବୋଲି ମନେ କଲେ ।

୧୦ । ୯ । ୮୦

ରାଜନୀତିଜ୍ଞଗଣ ଏବେଯାଇ କ୍ଷମା ମାଗିଲେ । ଏମାନେ ସମସ୍ତେ, ଅର୍ଥାତ୍ ରାଜନୀତିରେ କ୍ଷମତାକୁ ହିଁ ଆଶ୍ରା କରି ରହିଥିବା ସମସ୍ତେ ଯେଉଁଦିନ ଗତ ତିରିଶି ବର୍ଷର ଯାବତୀୟ ଅପକାର୍ଯ୍ୟ ସକାଶେ ପ୍ରକୃତରେ ଅନୁତାପ କରିବେ ଓ କ୍ଷମା ମାଗିବେ, ହୁଏତ କେବଳ ସେତିକବେଳେ ଯାଇ ଆମର ଏଠି ପରବର୍ତ୍ତୀ ପରିବର୍ତ୍ତନର ପର୍ଯ୍ୟାୟ ଆରମ୍ଭ ହେବ ।

ରାଜନୀତିଜ୍ଞଗଣ ବର୍ତ୍ତମାନ କ୍ଷମତାରେ ନାହାନ୍ତି ! ଗତ ନିର୍ବାଚନରେ ସେ ପରାଭବ ପାଇଛନ୍ତି । ତାଙ୍କର ଶିବିର ବର୍ତ୍ତମାନ ଦୁର୍ବଳ ହୋଇ ପଡ଼ିଛି ଓ ଅନେକ କାରଣରୁ ଅନେକ ଲୋକଙ୍କ ଆଖିରେ ଭାରି ନ୍ୟୂନ ବି ଦେଖାଯାଉଛି । ଏସବୁ ଦେଖି ରାଜନୀତିଜ୍ଞ କ'ଣ ଆଉ ଜାଣିଶୁଣି ଭବିଷ୍ୟତ ସକାଶେ ବଳସଂଗ୍ରହ ଲାଗି ପୁଣି ସମସ୍ତଙ୍କର ଲାଞ୍ଜକୁ ଏକାଠି ବାନ୍ଧିବାଲାଗି ଏଭଳି ଏକ ବିନୟର କୌଶଳ କରୁଛନ୍ତି କି ? ଏମାନଙ୍କୁ କିଏ ଆସି ଏମାନଙ୍କର ହୃଦ୍‌ବୋଧ ହେଲାଭଳି କହିଦେଇ ପାରିବ ଯେ, ଏମାନଙ୍କର ଦିନ ସରି ଆସିଲାଣି, ଭାବପ୍ରବଣତାର ଦିନ ସରି ଆସିଲାଣି, ନେତୃତ୍ୱର ଶୈଳୀ ବି ବଦଳି ଆସିଲାଣି ଓ ରାଜନୀତି ସମେତ ସାମୂହିକ ଜୀବନର ସକଳ କ୍ଷେତ୍ରରେ ଆଜି ପୃଥିବୀ ସାରା ସମସ୍ତେ ଏକ ବିକଳ୍ପ ଖୋଜୁଛନ୍ତି ? ଭାରତବର୍ଷ ଲାଗି ମଧ୍ୟ ଏଠାରେ ଆଉଗୋଟାଏ ପ୍ରକାରର ନେତୃତ୍ୱ ଦରକାର, ଯାହାକି ମଣିଷକୁ ରାଜନୀତିଠାରୁ ବଡ଼ ବୋଲି ମାନୁଥିବ; ମଣିଷଲାଗି ହିଁ ଯାବତୀୟ ରାଜନୀତିର ଏକ ଔଚିତ୍ୟ ରହିଛି ବୋଲି ଅନୁଭବ କରୁଥିବ । କ୍ଷମତା ପଛରେ ଅନ୍ଧ ହୋଇ ଦଉଡ଼ୁଥିବା ବର୍ତ୍ତମାନର ବାଇଆମାନେ କଦାପି ସେହି ନେତୃତ୍ୱର ଯୋଗ୍ୟ ହୋଇ ପାରିବେ ନାହିଁ ।

୧୧ । ୯ । ୮୦

ମଣିଷ ମାତ୍ରକେ ସମସ୍ତଙ୍କୁ ସମ୍ମାନର ସହିତ ଦେଖିଲେ ନିଜର ଦେଶକୁ ମଧ୍ୟ ସମ୍ମାନର ସହିତ ଦେଖିହୁଏ । କିନ୍ତୁ ଅନେକ ଲୋକ, ଯେଉଁମାନେ ଆପଣାର ଦେଶଟାଲାଗି ହିଁ ଯାବତୀୟ ଭକ୍ତି, ଶ୍ରଦ୍ଧା ଓ ସମ୍ମାନ ଅଜାଡ଼ି ଦେଇ ତା'ରି ଭିତରେ କଏଦହୋଇ ବସିଥାନ୍ତି, ସେମାନେ ବୃହତ୍ତର ମନୁଷ୍ୟଜାତି ପ୍ରତି ସମ୍ମାନ ରଖି ପାରନ୍ତି ନାହିଁ । ସାଧାରଣତଃ ସେହିମାନେ ହିଁ ନିଷ୍ଠୁର ହୁଅନ୍ତି, ଅନ୍ଧ ଆଦର୍ଶବାଦୀ ହୁଅନ୍ତି, ନିର୍ମମ ବି ହୁଅନ୍ତି । ଏପରିକି, ଦେଶ ଓ ଜାତି ବୋଲି ଗୋଟିଏ ଗୋଟିଏ ବାହୁବାସ୍ତୁ ଅତନ୍ତ୍ର ଭିତରେ ସେମାନେ ଏପରି ଭାବରେ ଛନ୍ଦିହୋଇ ରହିଯାଆନ୍ତି ଯେ, ନିଜ ଦେଶର ମଣିଷଗୁଡ଼ାକଙ୍କୁ ମଧ୍ୟ ସେମାନେ ମଣିଷପରି ଦେଖନ୍ତିନାହିଁ, ଦେଶର ଭାଗ୍ୟ ଭିତରେ ସେମାନଙ୍କୁ ମୋଟେ ସୁମାରି କରନ୍ତି ନାହିଁ । ତେଣୁ, ତା'ପରେ

ରାଜନୀତିର ନାନା ଅନ୍ଧତା ପଶି ଦେଶଭକ୍ତି ପରି ବିଡମ୍ବିତ ହୋଇ ରହେ ଏବଂ ତାହା ସକଳ ଯଥାର୍ଥ ଭକ୍ତି ଓ ଯଥାର୍ଥ ଶ୍ରଦ୍ଧାକୁ ମଧ୍ୟ ଗଳି ପକାଇବାକୁ ବସେ । କାଳକ୍ରମେ ଦେଶ ନାଆଁରେ ଗୋଟାଏ ନିର୍ଦ୍ଦିଷ୍ଟ ଶ୍ରେଣୀର ଲୋକ ଆପଣାର ବୃଦ୍ଧି-ପାଇଁ ହିଁ ଆଉ ସମସ୍ତଙ୍କୁ ଧୋକା ଦିଅନ୍ତି ଓ ବୋକା ବନାଇ ରଖନ୍ତି ।

ତେଣୁ, ଦେଶପ୍ରତି ମଣିଷର ଭକ୍ତି ଆଦୌ ଏକ ରାଜନୀତିକ ସ୍ତରରେ ହୋଇ ରହିବା ଉଚିତ ନୁହେଁ । କୌଣସି ରାଷ୍ଟ୍ର ଓ ଏକ ଦେଶ ମଧ୍ୟରେ ସାଧାରଣ ମନୁଷ୍ୟବିବେକ ସର୍ବଦା ପାର୍ଥକ୍ୟ ନିର୍ଣ୍ଣୟ କରି ପାରୁଥିବା ଉଚିତ । ତା' ନହେଲେ ଅଗ୍ରଗତି ନାମରେ ଓ କ୍ଷମତାର ନାନା କ୍ରୂରତା ଭିତରେ ରାକ୍ଷସମାନଙ୍କୁ ହିଁ ପ୍ରଶ୍ରୟ ଦେବାଟା ସାମୂହିକ ଭାଗ୍ୟରେ ସାର ହୋଇ ରହିଯାଏ ।

୧୨।୯।୮୦

କାଲି ସନ୍ଥ ବିନୋବା ଭାବେଙ୍କର ଜନ୍ମଦିନ ଗଲା । ଭାରତର ଅନେକ ସନ୍ଥଙ୍କ ପରି ସନ୍ଥ ବିନୋବା ମଧ୍ୟ ଜଣେ ସନ୍ଥ ହୋଇ ରହିଲେ । ବିପ୍ଳବୀ ହୋଇ ପାରିଲେ ନାହିଁ । ଯେଉଁ ସମୟରେ ସିଏ ଭାରତର ଅସଲ ବିବେକ ହୋଇ ଆମ ସମସ୍ତଙ୍କ ତରଫରୁ ଅଥଚ ଆମ ସମସ୍ତଙ୍କୁ ବାଟ ଦେଖାଇବା ଭଳି କଥା କହି ପାରିଥାନ୍ତେ, ସନ୍ଥ ବିନୋବା ଠିକ୍ ସେତିକିବେଳେ ଚୁପ୍ ହୋଇଗଲେ । ତାହାର ନାନା କାରଣ ଥାଇପାରେ । ମାତ୍ର ଏପରି ହେବାଦ୍ୱାରା ସିଏ ଗୁମ୍ଫା ଭିତରେ ଲୁଚି ରହିଲେ । ବିବେକ ଯେତେବେଳେ ଗୁମ୍ଫା ଭିତରେ ଲୁଚି ରହିବାକୁ ମନ କରେ, ସେତେବେଳେ ତାହାକୁ ଏକ ଅନ୍ୟାୟ ବୋଲି ହିଁ କହିବାକୁ ହେବ ।

ମହାତ୍ମା ଗାନ୍ଧୀଙ୍କର ଜୀବନରେ ଠିକ ଏହାର ଓଲଟା ହିଁ ହୋଇଥିଲା । ଜୀବନରେ ସର୍ବଶେଷ ପର୍ଯ୍ୟାୟରେ ସିଏ ଅଧିକତର ଭାବରେ, ଘନିଷ୍ଠତର ଭାବରେ ଏହି ଦେଶର ମଣିଷମାନଙ୍କ ସହିତ ରହିଥିଲେ । ଚତୁର୍ଦ୍ଦିଗର ନାନା ବିପନ୍ନତା ଉପରେ ସିଏ ଏକ ଅଭୟପ୍ରଦାନକାରୀ ଆକାଶ ପରି ସାଥୀର କାର୍ଯ୍ୟ କରୁଥିଲେ । ସନ୍ଥ ମଣିଷ ହେବ ବୋଲି ଜିଦ ଧରି ବସିଲେ ବିପ୍ଳବ ହୁଏ । ସନ୍ଥ ଆପଣାକୁ ପ୍ରତ୍ୟାହୃତ କରି ରଖିବାକୁ ଇଚ୍ଛା କଲେ ସେ ଅନେକଙ୍କ ଦ୍ୱାରା ପୂଜା ପାଏ ସତ, ମାତ୍ର ତା'ର ତପସ୍ୟା ଦ୍ୱାରା ତା' ପରି ଭୂମିଟିରେ ହୁଏତ ଆଉ କିଛି ଲାଭ ହୁଏ ନାହିଁ ।

ସନ୍ଥ ବିନୋବା ତ ପଛକୁ ଅନାଇ ପାରୁଥିବେ ! ଗତ ପଇଁତିରିଶି ବର୍ଷ ପଛକୁ ଅନାଇ ଭାରତରେ ନେତୃତ୍ୱର ଭୂମିକା ଏବଂ ତାଙ୍କ ନିଜର ଭୂମିକା ବିଷୟରେ କ'ଣ ସେ ପ୍ରକୃତରେ ବିଚାର କରୁଥିବେ ?

୧୩ । ୯ । ୮୦

ସନ୍ଥ ବିନୋବା ସର୍ବପ୍ରଥମେ ସନ୍ଥଥିଲେ । ତା'ପରେ ବିପ୍ଳବୀ ହେଲେ; ଅର୍ଥାତ୍ ଅନୁରାଗୀ ହେଲେ । ଶେଷକୁ ପୁଣି ସନ୍ଥ ହେଲେ । ସଂସାରଠାରୁ ଆଡ଼େଇ ହୋଇ ରହିଲେ । ଦୁଃଖମାନଙ୍କଠାରୁ ଆଡ଼େଇ ହୋଇ ରହିଲେ । ସନ୍ଥ ହେଲେ କୁଆଡ଼େ ଏକ ନିର୍ଲିପ୍ତତା ଆସେ, ଯାହା ଫଳରେ କି ସବୁକିଛି ସହିହୁଏ । ଅତ୍ୟାଗ୍ରହ, ଅନ୍ୟାୟ, ଦୁଃଖ ଓ ମଳିନତାଗୁଡ଼ାକୁ ଦେଖି ମଧ୍ୟ ତଥାପି ଅବିଚଳିତ ରହି ହୁଏ । ସନ୍ଥ ବିନୋବା ଶେଷ ଚରଣଟିରେ ଏହିପରି ଏକ ସନ୍ଥଧର୍ମକୁ ଆଦରି ରହିଲେ ।

ଏହି ବୃତ୍ତିଟିକୁ ଅନେକ ପଣ୍ଡିତ ଲୋକ ଭାରତବର୍ଷର ଗୌରବ ବୋଲି କହନ୍ତି । ଅନ୍ୟ ମଣିଷ ପ୍ରତି ଉଦାସୀନ ରହିବାଟାକୁ ଯେ କିପରି ଗୌରବ ବୋଲି କୁହାଯିବ, ଜୀବନର ସୌନ୍ଦର୍ଯ୍ୟ ବୋଲି ଅନୁଭବ କରାଯିବ, ସେହି କଥାଟିକୁ ମୁଁ ଆଜିଯାଏ ବୁଝି ପାରିଲିନାହିଁ । ମଣିଷ ଆପଣା ଭିତରେ ଯେତିକି ଆଗକୁ ଯିବ, ସିଏ ସମସ୍ତଙ୍କର ସେତିକି ନିକଟକୁ ଆସିବ । ସିଏ ଏକାଠି ବାନ୍ଧି ରଖିଥିବା ସୂତ୍ରଟିକୁ ଚିହ୍ନିବ । ଜୀବନକୁ ସିଏ ସ୍ପର୍ଶ କରିପାରିବ । ତଥାପି ଛୁଆଁ ହେବନାହିଁ ।

ଭାରତରେ ଛୁଆଁ ହେବାଟାକୁ ହିଁ ସବୁଠାରୁ ବଡ଼ ପ୍ରମାଦ ବୋଲି କୁହାହୋଇ ଆସିଛି । ଛୁଆଁ ହେବାର ଭୟରେ ଆମେ ଏଠି ସମସ୍ତଙ୍କ ଠାରୁ ଯଥାସମ୍ଭବ ଅଧିକ ଦୂରରେ ରହୁଛୁ । ସିଏ ଜମା ଛୁଆଁ ହେଉନାହିଁ, ତାହାକୁ ସନ୍ଥ ବୋଲି କୁହାଯାଉଛି ।

୧୪ । ୯ । ୮୦

ଧର୍ମ ମଣିଷକୁ ଉଜ୍ଜ୍ୱଳ କରିଥାନ୍ତା, ମଣିଷକୁ ଉନ୍ମୋଚିତ କରି ଦେଇଥାନ୍ତା ! ଜୀବନର ଅସଲ ସୂତ୍ରଟି ସହିତ ଏଠି ଯୋଉଠି ଯାହାକିଛି ଯୁକ୍ତ ହୋଇ ରହିଛି, ଆମର ଧର୍ମ ଆମକୁ ସେହି ସବୁକିଛି ସହିତ ସମ୍ମିଳିତ କରି ରଖିଥାନ୍ତା । ଧର୍ମ ଆମକୁ ଭଗବାନଙ୍କ ପାଇଁ; ସଂସାର ପାଇଁ ଅର୍ଥାତ୍ ଆପଣା ଭିତରେ ଏକ ସମ୍ଭାବନାରୂପେ ନିହିତ ହୋଇ ରହିଥିବା ମହତ୍ତର ଜୀବନଟି ପାଇଁ ନିତ୍ୟ ପ୍ରସ୍ତୁତ କରି ଆଣିଥାନ୍ତା । ଜୀବନର ପ୍ରତ୍ୟେକ ଦିନ ଓ ସାନ-ବଡ଼ ପ୍ରତ୍ୟେକ ମୁହୂର୍ତ୍ତରେ ଆମେ ସତେଅବା କାହାର ଅଧିକରୁ ଅଧିକ ସମୀପବର୍ତ୍ତୀ ହୋଇ ଆସୁଥିବା ପରି ଅନୁଭବ କରୁଥାନ୍ତୁ ।

ଆମର ଧର୍ମ ତାହା କରି ପାରିନାହିଁ । ତାହା ଆମକୁ ଅଧିକ ଉଗ୍ର ଓ ଅଧିକ ରାଜସିକ ହେବାଲାଗି ଉତ୍ସାହ ଦେଇଛି, ଆମକୁ ସେଥିଲାଗି ଆବଶ୍ୟକ ଅହଂମଟିକୁ ଯୋଗାଇ ଦେଇଛି । ସେହି ଅହଂମକୁ ଖାଇଁ ଆମେ ଆମଭିତରେ ରହିଥିବା ଅସଲ

ଘରଟିର ପରିଚୟ ପାଇବାକୁ ଆପଣାକୁ ବଞ୍ଚିତ କରି ରଖିଛୁ । ସେହି ଘରଟିକୁ ହୁଏତ ଡ଼ରି ଆମେ ବାହାରେ ନାନା ବିଚ୍ଛିନ୍ନତାଧର୍ମୀ ଆନୁଷ୍ଠାନିକତା ଭିତରେ ଭୁଆଁ ବୁଲୁଛୁ, ଆପଣାକୁ ନାନାପ୍ରକାରେ ଅଲଗା ଓ ଅଛୁଆଁ କରି ବୁଲୁଛୁ । ବାହାରର ସାମର୍ଥ୍ୟଗୁଡ଼ାକ ବଢ଼ିବା ସଙ୍ଗେ ସଙ୍ଗେ ସେହି ଉଗ୍ରତାଗୁଡ଼ାକ କ୍ରମେ ବିଭତ୍ସତାର ସୀମାକୁ ମଧ୍ୟ ସ୍ପର୍ଶ କରୁଛନ୍ତି । ମାତ୍ର ଭିତରେ ଅସଲ ଆତ୍ମାଟି, ଅସଲ ଭାବଟି ଅତ୍ୟନ୍ତ ଅବହେଳିତ ହୋଇ ରହିଛି ।

୧୫ । ୯ । ୮୦

କାଲି ସଭାରେ ସାହିତ୍ୟିକ-ବନ୍ଧୁ କେତେ ଭାବପ୍ରବଣ ହୋଇ କହିଲେ ଯେ, ନିଜର ମାତୃଭାଷା ଓଡ଼ିଆକୁ ଅଧିକରୁ ଅଧିକ ଭଲଭାବରେ ଶିଖିବାଲାଗି ସିଏ ଜାଣିଶୁଣି ବଙ୍ଗଳା ବା ହିନ୍ଦୀ ପ୍ରଭୃତି ଅନ୍ୟ ଭାଷାକୁ ଭଲ କରି ଶିଖିବାଲାଗି ମୋଟେ ଚେଷ୍ଟା କରିନାହାନ୍ତି । ବନ୍ଧୁ କେତେ ଚୁଗୁଲି ନକଲେ ! ନା ସେ ସତକଥା କହିଲେ ବା ଆପଣାର ଭଲ ପାଇବା ବିଷୟରେ ଆମ ପାଖରେ କିଛି ପ୍ରକୃତ ସମ୍ବାଦ ଦେଲେ !

ମଣିଷ ଯେତେବେଳେ ଆଗ ନିଜର ବୋଲି ବାଛିନେଇ କୌଣସି ଦ୍ରବ୍ୟକୁ ଭଲ ପାଏ, ସେତେବେଳେ ସିଏ ଭଲ ପାଇବା ନାମରେ କୋଉଠି ନା କୋଉଠି ପଡ଼ି ଅବଶ୍ୟ ଲଟରପଟର ହେବାରେ ଲାଗିଥାଏ । ଜୀବନରେ ଠିକ୍ ଓଲଟା ହୁଏ, ଭଲ ପାଇବାକୁ ହୁଏ, ଭଲ ପାଇବାକୁ ହିଁ ଆପଣା ଜ୍ଞାନର ପଦ୍ଧତିରେ ପରିଣତ କରିବାକୁ ହୁଏ । ତା'ହେଲେ ସବୁ ଭଲ ଲାଗେ । ତା'ହେଲେ ସଂପ୍ରସାରଣ ଘଟେ, କାନ୍ଥ ଭାଙ୍ଗେ, ମଣିଷ ଧନ୍ୟ ହୁଏ । ଭଲପାଇବାକୁ ମାଧ୍ୟମ କରି ଯାହାକିଛି ଶିଖିଲେ ସକଳ ଶିଖିବା ସାର୍ଥକ ହୁଏ ଯଥାର୍ଥ ହୁଏ । ମାତ୍ର, ଏହି ସତ୍ୟଟିକୁ ଅସ୍ୱୀକାର କରି ଯିଏ ଭାବପ୍ରବଣ ହେବାକୁ ନିଜର ଶୈଳୀରୂପେ ବାଛିନିଏ, ସିଏ ନିଜର ମାତୃଭାଷାକୁ ମଧ୍ୟ ତାହାର ସମଗ୍ର ସମ୍ପଦଟି ସହିତ ଆଦୌ ଗ୍ରହଣ କରି ପାରେନାହିଁ । ସିଏ କେବଳ ଆପଣାକୁ ହିଁ ଗ୍ରହଣ କରେ, ଆପଣାକୁ ହିଁ ଫୁଲାଇ ରଖିଥାଏ । ନିଜ ଘରେ ନିଜକୁ ମରିବ କରି ରଖିଥାଏ । ତା' ଦ୍ୱାରା ଆଉ ଅଧିକ କିଛି ସମ୍ଭବ ହୋଇ ପାରେନାହିଁ ।

୧୬ । ୯ । ୮୦

ସାହିତ୍ୟରେ ଦେଖିବା ହେଉଛି ପ୍ରଧାନ । ଆଗ ଦେଖିବା, ତା'ପରେ ଲେଖିବା । ଦେଖିବାର ଅର୍ଥ ଅନୁଭବ କରିବା, ଅନ୍ତଃପ୍ରବେଶ କରିବା, ଏକାତ୍ମକ ହେବା,—ଆପଣାର ବୋଲି ସ୍ୱୀକାର କରିନେବା । ଏଗୁଡ଼ାକ ସବୁ ସଂପ୍ରସାରଣର ପାଠ । ଯେଉଁମାନେ ଢ଼ାଆଁ ପୂଜା କରୁ କରୁ ଢ଼ାଆଁକୁ ଯାବୁଡ଼ି ଧରନ୍ତି ଓ ତାହାରି

ଭିତରେ ହିଁ ଗିଳି ହୋଇ ରହନ୍ତି, ସେମାନଙ୍କର ଅସଲ ଦେବତାଦର୍ଶନଟି କଦାପି ହୋଇ ପାରେନାହିଁ । ଠିକ୍ ସେହିପରି, ଯେଉଁମାନେ ଖାଲି ଲେଖୁଥାନ୍ତି, ଆପଣାକୁ ଫୁଲାଇ ଫାଙ୍ଗାଇ ଲେଖୁଥାନ୍ତି,—ଦେଖିବାକୁ ମୋଟେ ମନ କରନ୍ତିନାହିଁ, ସେମାନଙ୍କର ସକଳ ଦେଖିବା ସେମାନଙ୍କର ଲେଖିବା ଭିତରେ ହିଁ ଗିଳିହୋଇ ରହିଯାଏ । ଲେଖିବାର ମାଧ୍ୟମରେ ପ୍ରାପ୍ତ କୌଣସି ଉନ୍ମୋଚନ ଅଥବା ସମ୍ପ୍ରସାରଣ ସମ୍ଭବ ହୁଏନାହିଁ । ସେମାନେ ଗଳ୍ପ, କବିତା ଅଥବା ଉପନ୍ୟାସ ପାଖରେ ରହିଯାଆନ୍ତି, ଅସଲ ସ୍ପର୍ଶ ବା ଅସଲ ପ୍ରବେଶର ସୌଭାଗ୍ୟକୁ ଲାଭ କରି ପାରନ୍ତିନାହିଁ ।

ସେମାନେ କେଡ଼େ କୃତ୍ରିମ ଦେଖାଯାଆନ୍ତି । ସେମାନଙ୍କର ଭିତର ବାହାର ସମାନ ନଥାଏ । ଆମ ଧର୍ମସ୍ତରଙ୍କର ଚକ୍ଷୁକୁ ସେମାନେ ଅଭିନୟରେ ଏପରି ଭୁଲାଇ ନେବାକୁ ବସନ୍ତି ଯେ, ସେମାନଙ୍କର ଅନ୍ତର୍ଜୀବନ ବୋଲି ପ୍ରକୃତରେ କିଛି ଅଛି ବୋଲି ଆମେ ଭାବିବାକୁ ମଧ୍ୟ ଭୁଲି ଯାଇଥାଉ । ସେମାନେ କ୍ରମେ ଆମକୁ ଗୋଟାଏ ଗୋଟାଏ ମୁଖା ପରି ପ୍ରତୀତ ହୁଅନ୍ତି । ସେମାନେ ବି ଜୀବନସାରା ସମ୍ଭବତଃ ସେହି ମୁଖା ପିନ୍ଧି ରହିଯାଆନ୍ତି ।

୧୭ । ୯ । ୮୦

ମୋ'ର ଅସନ୍ତୋଷଗୁଡ଼ାକ ମୋ' ଯାତ୍ରାପଥରେ ପ୍ରେରଣାରୂପେ ରୂପାନ୍ତରିତ ହୋଇଯାଉ । ଅସନ୍ତୋଷ ଯେତେବେଳେ ଏକ ବ୍ୟକ୍ତିଗତ ଅଭିଯୋଗର ସ୍ତରରେ ରହିଥାଏ, ସେତିକିବେଳେ ତାହା ମଣିଷକୁ ଆଗକୁ ଯିବାରୁ ଅଟକାଇ ରଖେ, କଣ୍ଟାଭିତରେ ଲୁଗା ଲାଖିଗଲା ପରି ସିଏ ଯେଉଁଠି ଥାଏ, ସେଇଠି ଠିଆ ହୋଇ ରହିଥାଏ । ଅଭିଯୋଗର ସୀମା ନଥାଏ, ତଥାପି ଗୋଡ଼ ପ୍ରାପ୍ତ ପାଦେ ହେଲେ ଆଗକୁ ପଡ଼ୁନଥାଏ ।

ମୋ'ର ଯାବତୀୟ ଅସନ୍ତୋଷ ଆପଣାକୁ ଆହୁରି ଅଧିକ ପରିମାଣରେ ଦେଇ ଦେବାଲାଗି ଏକ ଅନ୍ତର୍ଗତ ଅସନ୍ତୋଷ । ଏଥିମଧ୍ୟରେ କାହାରିଲାଗି ଆଦୌ କୌଣସି ଅଭିଯୋଗ ନାହିଁ । କାହାକୁ ପଛରେ ପକାଇଦେଇ ଆଗକୁ ଯିବା ଲାଗି ଆଦୌ କୌଣସି ଜ୍ୱର ନାହିଁ । ମୋ' ଭିତରେ ଏପରି ଜଣେ କିଏ କହୁଛି ଯେ ଆହୁରି ଅନେକ ସମ୍ଭାବନା ରହିଛି, ତେଣୁ ଆହୁରି ଅନେକ ବାଟ ବାକି ରହିଛି ; ଆହୁରି ଅନେକ ନିକଟବର୍ତ୍ତୀ ହୋଇପାରିବାର ଏକ ଅନ୍ତର୍ଗତ ଆହ୍ୱାନ ମୋତେ ସର୍ବଦା ଅସନ୍ତୋଷରେ ପୂର୍ଣ୍ଣ କରି ରଖିଛି । ସତେଯେପରି ମୋ' ଭିତରେ କେଉଁ ବନ୍ଧୁ ମୋତେ ମୋ' ମାଗିବା ଅନୁସାରେ ସବୁକିଛି ଦେଇଦେବ ବୋଲି

ଅପେକ୍ଷା କରି ବସିଛୁ, ମାତ୍ର ମୁଁ ନିଜେ ପ୍ରସ୍ତୁତ ହୋଇନାହିଁ ବୋଲି ସିଏ ମୋତେ ତାହା ଦେଇ ପାରୁନାହିଁ । ଏହି ଅସନ୍ତୋଷ ମୋତେ ଆଦୌ କୌଣସି ପ୍ରକାରେ ସଙ୍କୁଚିତ କରି ଦେଉନାହିଁ । ମାତ୍ର ପ୍ରସ୍ତୁତ କରୁଛି, ପ୍ରସାରିତ କରୁଛି ସ୍ଥିର କରି ଆଣୁଛି । ମୋ'ର ଯାବତୀୟ ଚିନ୍ତା ବା ଅଧିକରୁ ଅଧିକ ଯଥାର୍ଥ ହୋଇ ଆସୁଥିବା ସଙ୍ଗେ ସଙ୍ଗେ ମୋତେ ତାହା ଅଧିକରୁ ଅଧିକ ସ୍ଥିର କରି ଆଣୁଛି ।

୧୮ । ୯ । ୮୦

ମୁଁ ମୋ'ର ନିଜ ଭାଷାକୁ ନିଜର ବୋଲି ମଣେ; ସେଇଥିରେ ଚିନ୍ତାକରେ, ସେଇଥିରେ ସ୍ୱପ୍ନ ଦେଖେ । ମୁଁ ସେହି ଭାଷାକୁ ଭଲ ପାଏ ବୋଲି ତା' ସହିତ ମୋ'ର ସମ୍ବନ୍ଧକୁ ମୁଁ କେତେ କୁଆଡ଼େ ସମ୍ପ୍ରସାରିତ କରିଦେଇ ପାରେ । ଆହୁରି ଅନେକ ଭାଷା ଶିଖେ, ଅନେକ ଭାଷାର ଅନ୍ତଃପ୍ରବେଶ କରେ, ଏବଂ ତଦ୍ୱାରା ନିଜର ଭାଷାଟିକୁ ସମୃଦ୍ଧ କରେ ଅର୍ଥାତ୍ ସେହି ଭାଷାଟି ଲାଗି ମୁଁ ଅଧିକରୁ ଅଧିକ ଯୋଗ୍ୟ ହୋଇପାରେ ।

ଯୋଉମାନେ ଭଲପାଇବା ନାମରେ କେବଳ ସାବୁଡ଼ି ବା କାମୁଡ଼ି ରଖିବାକୁ ଚାହାନ୍ତି, ସେମାନେ ଛୁଆଁ ବାରନ୍ତି । ଆଉ ଗୋଟାକୁ କାମୁଡ଼ିବାକୁ ଗଲେ ନିଜ ପାଟିରେ ଆଗରୁ କାମୁଡ଼ି ଧରିଥିବା ବସ୍ତୁଟି ପାଟିରୁ ଖସିପଡ଼ିବ ବୋଲି ସେମାନେ ଯେଉଁଟିକୁ ଧରିଥାନ୍ତି, ତାହାକୁ ହିଁ ସ୍ୱର୍ଗାଦପି ଗରୀୟସୀ ବୋଲି କହନ୍ତି । ସେମାନଙ୍କର ସ୍ୱର୍ଗ ସେମାନଙ୍କ ନିଜ ଗାଡ଼ଟି ଭିତରେ ମିଳିଯାଏ । ତା'ପରେ ଆଦର୍ଶଗୁଡ଼ାକ ଅଫିମରେ ପରିଣତ ହୁଏ । ମୂଲ୍ୟବୋଧଗୁଡ଼ାକ ପ୍ରାୟ ଏକ କାମୁକତାରେ ପରିଣତ ହୋଇ ରହେ ।

ମୋ' ଘର ମୋତେ ସମଗ୍ର ପୃଥିବୀକୁ ବାଟ ବତାଇଦିଏ । ମୋ' ଭାଷା ମୋତେ ସମଗ୍ର ପୃଥିବୀର ସବୁ ଭାଷା ସହିତ ଏକ ଭାବସ୍ପର୍ଶ ଲାଭ କରିବାର ସୌଭାଗ୍ୟ ଆଣିଦିଏ । ମୋ'ର ଆକାଶ କ୍ରମେ ସବୁ ଆକାଶ ଭିତରେ ଆପଣାକୁ ପରିପୂର୍ଣ୍ଣ କରି ଶିଖେ । ଏହାଦ୍ୱାରା ହିଁ ବିମୋଚନ ସମ୍ଭବ ହୁଏ, ଆରୋହଣ ସମ୍ଭବ ହୁଏ ।

୧୯ । ୯ । ୮୦

ଏମାନେ କିଏ କେତେ କାଗାରେ ରହିଗଲେ । କିଏ ମୂର୍ତ୍ତି ପାଖରେ ରହିଗଲା, କିଏ ଧନ ପାଖରେ ରହିଗଲା, କିଏ କ୍ଷମତା ଭିତରେ ରହିଗଲା । ଏମାନେ ସମସ୍ତେ ବଡ଼ରୁ ଆହୁରି ଆହୁରି ବଡ଼ ହେବାକୁ ଆପଣାର ଶ୍ରେଷ୍ଠ ଶ୍ରେଷ୍ଠ ଥାନଗୁଡ଼ିକୁ ଆବୋରି କରି ରହିଗଲେ । କେତେ ଚମତ୍କାର ଭାବରେ ଖାପ ଖାଇଗଲେ ।

ସେମାନେ କୁଆଡ଼େ ଦେଶକୁ ବଦଳାଇ ଥାଆନ୍ତେ, ମଣିଷ ଭିତରେ ମୈତ୍ରୀର ଥାପନା କରିଥାନ୍ତେ । ସେମାନେ କୁଆଡେ ସେଇଥିପାଇଁ ହିନେ ଧର୍ମ, ସେବା ଓ ରାଜନୀତି ପ୍ରଭୃତିକୁ ନିଜର ଫନ୍ଦାରୂପେ ଗ୍ରହଣ କରିଥିଲେ । ସେହି ଫାନ୍ଦ ଭିତରେ ରହିଗଲେ । ନିଜ ଫନ୍ଦାକୁ ଏକ ପଥ କରି ଗ୍ରହଣ କରି ପାରିଲେନାହିଁ । ସେମାନେ ପଥର ହୋଇଗଲେ । ତା'ପରେ, ଯାହା ଯେମିତି ଅଛି, ତାହାକୁ ହିଁ ବଢ଼ିଆ ବୋଲି କହିଲେ । ରାଜାମାନଙ୍କୁ ଆଦରିନେଲେ । ହିନେ ରାଜା ହେବାକୁ ମନଥିଲେ ମଣିଷ ଯୋଉ ଖାତିରରେ ରାଜାମାନଙ୍କୁ ଲୋଡ଼େ, ପ୍ରାୟ ସେହିପରି ଏକ ଖାତିରରେ ସେମାନେ ରାଜାମାନଙ୍କୁ ଆଦରି ନେଲେ ।

ମୋ'ର ଏ ଜୀବନ କେଉଁଠିହେଲେ ଥିର ହୋଇ ରହି ପାରିଲାନାହିଁ । ପାଚେରୀ ଭିତରେ ରହିଲାନାହିଁ କିମ୍ବା ଗୃହନୀଡ଼ପରିକୁ ବି ଗଲାନାହିଁ । ଆପଣା ଭିତରକୁ ପଡ଼ିଥିବା ପଥଟିର ଆଘ୍ରାଣ ପାଇଲେ ବୋଧହୁଏ ଏମିତି ଏକ ଅନ୍ୟ-ପ୍ରକାର ଅନୁରାଗ ଆସି ଜୀବନଟାକୁ ଏକ ଅନ୍ୟପ୍ରକାରେ ସ୍ୱୀକାର କରିନିଏ, ଏକ ଅନ୍ୟଧାରାରେ ମନ୍ଦୁରାଇ ଦିଏ । ତାହା ଅସ୍ଥିରତା ଆଣି ଦିଏ,କିନ୍ତୁ ଆପଣା ଭିତରେ ଆପଣାକୁ ଛୁଇଁପାରିଥିବାର ଏକ ପ୍ରସନ୍ନତା ବି ଆଣିଦିଏ ।

୨୦ । ୯ । ୮୦

ଆଗକୁ ଆଗକୁ ଯୋଜନା ବଢ଼ୁଛି, ଅଭିଳାଷ ଏବଂ ଅନୁରାଗ ଗୁଡ଼ାକ ମଧ୍ଯ ବଢ଼ିବାରେ ଲାଗିଛି । ଉତ୍ସାହଗୁଡ଼ାକ କେତେ କୁଆଡ଼େ ଛୁଟି ଯାଉଥିଲା ପରି ମନେହେଉଛି । ଏହି ଜୀବନ ଅନିତ୍ୟ, ତେଣୁ ଏଠାରେ ଥିବା ସମସ୍ତରେ ଏଠୁ ମନକୁ ଯଥାସମ୍ଭବ ଛଡ଼ାଇ ରଖି ସେହି ନିତ୍ୟପୁରର ଚିନ୍ତା କରିବାକୁ ହେବ ବୋଲି ଯାବତୀୟ ବିଗ୍ଧର ଓ ବିବେକ ଏପର୍ଯ୍ୟନ୍ତ ଅନାବଶ୍ୟକ ବୋଲି ମନେ ହେଉଛି । ବନ୍ଧୁ ଯେତେବେଳେ ପାଖେ ପାଖେ ରହିଛି, ସେତେବେଳେ ଆଉ ଭୟ କରିବାର କ'ଣ ଅଛି ? ମୁଁ ଏହି ଭବସାଗରରେ ମୋଟେ ବୁଡ଼ି ଯାଉନାହିଁ । ମୁଁ ଏଠି ଘର କରି ରହିଛି । ମୋ' ବଗିଚାରେ ଫୁଲ ଫୁଟୁଛି,ମୋ ଡାଳରେ ଚଢ଼େଇ ଗାଉଛନ୍ତି, ମୋ'ର ମୁଣ୍ଡ ଉପରେ ଏହି ବିରାଟ ଆକାଶ ପିତାର ଆଶୀର୍ବାଦ ହୋଇ ରହିଛି । ମୋ' ରାସ୍ତା ଏହିଠାକୁ ଆସି ମୋଟେ ସରି ଯାଉନାହିଁ । ଆହୁରି କେତେ ଆଗକୁ ଚାଲି-ଯାଇଛି । ମୋ' ଆଗରେ ଥିବା ପାହାଡ଼ଗୁଡ଼ାକ ମୋଟେ ବାଧାପରି ମନେ ହେଉ ନାହାନ୍ତି । ସେମାନେ ମୋତେ ଅନ୍ତରଙ୍ଗ ବନ୍ଧୁ ପରି ଆହୁରି ଅଗକୁ ଓ ଆହୁରି ଆଗକୁ ଯିବାଲାଗି ଗୋଟିଏ ଗୋଟିଏ ଆକର୍ଷଣ ପରି ଠିଆ ହୋଇ ରହିଛନ୍ତି । ମୋ' ସହିତ ସେମାନେ ମଧ୍ଯ ବାଟ ଚାଲୁଥିବା ପରି ମନେ ହେଉଛନ୍ତି । ଏହି ଉଚ୍ଚ ପାହାଡ଼ର ସେପାଖରେ ମୋଟେ ଅନ୍ଧାର ନାହିଁ । ସେଠି ଆଲୁଅ ଅଛି । ମୋ'

ଅନ୍ତର ଭିତରର କେତେ ଘୃଣ୍ୟା ମୂର୍ତ୍ତି ରୂପ ଧାରଣ କରି ମୋତେ କେତେ କୁଆଡ଼େ ଗଅଁଠାଇ ନେଇଯିବେ ବୋଲି ଅପେକ୍ଷା କରି ରହିଛନ୍ତି । ତେଣୁ ଜୀବନକୁ ଜୀବନ ଲାଗିଛି । ଏକ ପ୍ରତ୍ୟକ୍ଷାନୁଭୂତ ଆଶୀର୍ବାଦ ହିଁ ଏଠି ଯାବତୀୟ ଯୋଡ଼ିବାର କାର୍ଯ୍ୟ କରୁଛି ।

୨୧ । ୯ । ୮୦

ଏମାନେ ଯେଉଁମାନେ ପ୍ରଳୟକୁ ଯେ ଅବଶ୍ୟମ୍ଭାବୀ ବୋଲି ଧରି ନେଇଛନ୍ତି, ତା'ର କାରଣ ହେଉଛି ଯେ, ଏମାନେ ପ୍ରଳୟକୁ ଡରୁଛନ୍ତି । ପ୍ରଳୟ ହେଲେ ମୃତ୍ୟୁ ସୁନିଶ୍ଚିତ ବୋଲି ଧରି ନେଇ ଏମାନେ ପ୍ରଳୟକୁ ଡରୁଛନ୍ତି । ଅର୍ଥାତ୍, ଏମାନେ ଜୀବନକୁ ବଞ୍ଚିବା ପାଇଁ ଯାହାକିଛି କରୁଛନ୍ତି, ସେଥିରେ ଜୀବନଲାଗି ଆସ୍ପୃହା ଯେତେ ନାହିଁ, ଏକ ଆତଙ୍କ ଓ ମୃତ୍ୟୁ ଭୀତରୁ ଯେ କୌଣସି ପ୍ରକାରେ ବଞ୍ଚିରହିବାର ଉଦ୍‌ବିଗ୍ନତା ଓ ଜୁଗୁଚ୍ଛନ୍ନତା ତା'ଠାରୁ ଅନେକ ଅଧିକ ପରିମାଣରେ ରହିଛି । ଆପଣାର ଜୀବନଟିକୁ ଯଥାର୍ଥ ଭାବରେ ବଞ୍ଚିବାକୁ ଗଲେ ପ୍ରତ୍ୟେକ ପଦରେ ଯେ ସ୍ୱନିର୍ବାଚିତ ଭାବରେ ମରି ମୃତ୍ୟୁର ଯାବତୀୟ ଭୟକୁ ଜୟ କରିବାକୁ ପଡ଼େ, ଏମାନେ ସେହି ଶିକ୍ଷାକୁ ନିଜର ଜୀବନରେ ଏପର୍ଯ୍ୟନ୍ତ ସ୍ୱୀକାର କରିନେଇ ପାରିନାହାନ୍ତି ।

ଜୀବନକୁ ବଞ୍ଚିବା ଅର୍ଥାତ ଜୀବନର ପଥରେ ପାଦ ପାଦ ଚାଲି ଯାଉଥିବା ସଙ୍ଗେ ସଙ୍ଗେ ନୂତନ ହୋଇ ଜନ୍ମଲାଭ କରୁଥିବା । ଏବଂ, ଏହି ନୂତନ ହୋଇ ଜନ୍ମି ପାରିବାକୁ ହେଲେ ସ୍ୱନିର୍ବାଚିତ ଭାବରେ ଯେ ପଦେ ପଦେ ମରିବାକୁ ହୁଏ, ଆମର ଅଙ୍ଗେ ନିଭାଇବା ଜୀବନ ଆମକୁ ମୂଳତଃ ଏହି ଶିକ୍ଷାଟି ଦେଇ ପାରୁଥିବା ଉଚିତ, ଅର୍ଥାତ୍ ଜୀବନଲାଗି ଯେତେ ଅନୁରାଗ ରହିବା ଉଚିତ, ଆମେ ସେତେ ଅନୁରାଗର ଯୋଗ୍ୟ ହୋଇ ପାରୁନାହୁଁ । ଆମେ ସମସ୍ତେ ମୃତ୍ୟୁକୁ ଡରୁ, ତେଣୁ ଯଥାର୍ଥ ଭାବରେ ମରି ପାରୁନାହିଁ, ଯଥାଥ ଭାବରେ ଜନ୍ମଲାଭ କରିପାରୁନାହିଁ ।

୨୨ । ୯ । ୮୦

ମୃତ୍ୟୁ ଭୟରୁ ମୁକ୍ତ ହୋଇ ରହିବାକୁ ହେଲେ ମୃତ୍ୟୁ ସହିତ ବଞ୍ଚିବାକୁ ହୁଏ, ଅର୍ଥାତ୍ ଜୀବନ ଉପରେ ବିଶ୍ୱାସ ରଖିବାକୁ ହୁଏ । ଜୀବନକୁ ହିଁ ମୃତ୍ୟୁ ପଛରେ ରହିଥିବା ମୂଳତର ସ୍ୱରୂପେ ମାନିନେବାକୁ ହୋଇଥାଏ । ଯୋଉମାନେ ଏହାର ପ୍ରମାଣ ଚାହାନ୍ତି, ସେମାନେ ଦୁଃଖଭୋଗ କରନ୍ତି, ତଥାକଥିତ ଜୀବନ ଭିତରେ ରହି ମଧ୍ୟ ସେମାନେ ତଥାପି ମୃତ୍ୟୁତ୍ରାସ ଦ୍ୱାରା ସର୍ବଦା ଜର୍ଜର ଏବଂ ଦରିଦ୍ର ହୋଇ ରହିଥାନ୍ତି । ଭାରି ଦରିଦ୍ର ହୋଇ ରହିଥାନ୍ତି ।

ସେମାନଙ୍କର ଆଖିଗୁଡ଼ାକ ଏହି ଆଖି ଆଗରେ ରହିଥିବା କାଳ, ଦେଶ ତଥା ତାତ୍ପର୍ଯ୍ୟ ଗୁଡ଼ାକର ସେପାଖକୁ ମୋଟେ ଯାଇ ପାରେନାହିଁ । ସେମାନଙ୍କର ଆତ୍ମବିବେକ ଅର୍ଥାତ୍ ଆତ୍ମପରିଚୟ ଗୁଡ଼ାକ ବି ଏଇପାଖର ଶାସ୍ତ୍ର ଓ ଏହିପାଖର ରକ୍ତଗୁଡ଼ାକ ଦ୍ୱାରା ନିର୍ଣ୍ଣିତ ହୁଏ । ଏ ପାଖରେ ଥାଇ ସେମାନେ ପ୍ରାପ୍ତ କରିଛନ୍ତି ବୋଲି ଛୁଇଁ ପାରନ୍ତି ନାହିଁ, ଆପଣାର କରି ପ୍ରାପ୍ତ କରିଛନ୍ତି ବୋଲି ଯାଇତ ରଖି ପାରନ୍ତି ନାହିଁ । ଭୟ କରନ୍ତି, ସାନ ହୋଇ ରହନ୍ତି, ଏକୁଟିଆ ହୋଇ ରହନ୍ତି । ଅବକ୍ଷୟକୁ ନେଇ କାବ୍ୟ କରନ୍ତି ଓ ଛନ୍ନଛନ୍ନ କଅଁଳ ସକାଳଟା ଭିତରେ ମଧ୍ୟ ଅପରାହ୍ଣକୁ ସ୍ମରଣ କରି ଭୟ କରିବାରେ ଲାଗିଥାନ୍ତି ।

ଏହି ସବୁକିଛି ଏକ ଅବିଚ୍ଛିନ୍ନ ମାଳାପରି ହୋଇ ରହିଛି । ମୋ'ର ସୂତ୍ରଟି ମୋ' ଭିତରେ ସମସ୍ତଙ୍କ ସହିତ ଲାଗି ରହିଛି । ଜୀବନର ଯାବତୀୟ ରାଗ ମର୍ମତଃ ଅନୁରାଗର ମହିମା ହୋଇ ରହିଛି । ସେହି ଅନୁରାଗ ଯେତେ ବଢ଼ୁଥିବ, ମୃତ୍ୟୁଭୟ ସେତିକି ଊଣା ହୋଇ ଯାଉଥିବ । ଅନୁରାଗ ବଳରେ ନିଜର ଜୀବନ ଭିତରେ କେତେ କେତେ ମରଣକୁ ସ୍ୱୟଂ ବରଣ କରି ମଧ୍ୟ ତଥାପି ଜୀବନ ମଧ୍ୟରେ ବାସ କରି ହେଉଥିବ, ତଥାପି ବାଟଗୁଡ଼ାକ ଆଗକୁ ଟାଣି ନେଉଥିବେ ।

୨୩ । ୯ । ୮୦

ବନ୍ୟାଜଳ ନଦୀବନ୍ଧ ଲଙ୍ଘିଲା । ବନ୍ୟାଜଳରୁ ପରିତ୍ରାଣ ପାଇବାଲାଗି କିଏ କୀର୍ତ୍ତନ କଲେ, କିଏ ଭଗବାନଙ୍କୁ ଡାକିଲେ, ସମସ୍ତେ ଆପଣା ଆପଣାର ପ୍ରାଣ ବଞ୍ଚାଇ ରଖିବାଲାଗି ନିଜର ଜୀବନ ସକାଶେ ଭଗବାନଙ୍କୁ କେତେ ପ୍ରାର୍ଥନା କଲେ ।

ବନ୍ୟାଜଳ ସବୁଦିନେ ନଦୀରେ ରହେନାହିଁ । ପାଣିରେ ଭରି ରହିଥିବା ନଈ ଶୁଖିଲା ହୋଇଗଲା ପରେ ମଣିଷ ଯେତେବେଳେ ତା'ର ପୁରୁଣା ଭୟ ଓ ତଜ୍ଜନିତ ହିଂସ୍ରତାଗୁଡ଼ାକୁ ନେଇ ସଂସାର ଭିତରକୁ ଯାଏ, ସେତେବେଳେ ତା' ହାତରୁ ପୁଣି ତା'ର ଅସଲ ରକ୍ତଗୁଡ଼ାକ ଗୁଣ୍ଡି ହୋଇଯାଏ । ସିଏ ପୁଣି ସ୍ୱାର୍ଥପର ହୁଏ, ଈର୍ଷାପରାୟଣ ହୁଏ, ସମସ୍ତଙ୍କୁ ବାଦ୍ ଦେଇ ଆପଣାକୁ କ୍ଷୋଡ଼େ, ସଂସାରଟାକୁ ଆପଣାର ଗାତ ଭିତରକୁ ଟାଣି ଆଣିବ ବୋଲି କେତେ ଫନ୍ଦି କରିବାରେ ଲାଗିଥାଏ । ଏହି ସଂସାର ସମେତ ନିଜର ଜୀବନକୁ ମଧ୍ୟ ସିଏ ଗୋଟାଏ ଜଙ୍ଗଲରେ ପରିଣତ କରି ରଖେ । ବିପଦରୁ ସିଏ କିଛି ଶିଖେନାହିଁ ।

ଯଦି ମଣିଷ ଏତେ ଭୟାକୁଳ ହୋଇନଥାନ୍ତା, ସମସ୍ତଙ୍କୁ ସାଙ୍ଗରେ ନେଇ ଯଦି ସେ ଭାଗ୍ୟ ତଥା ଜୀବନର ବିଚାର କରି ପାରୁଥାନ୍ତା, ତେବେ ସେ ବନ୍ୟାଜଳର ସ୍ଥାୟୀ ପ୍ରତିକାର କରିବାଲାଗି କିଛି ନା କିଛି କରିପାରନ୍ତା । ତା' ଦୁଃଖଟା କେବଳ ତା'ର ନିଜର ଦୁଃଖ ହୋଇ ରହିଛି ବୋଲି ହିଁ ଯେ ସିଏ ଦୁଃଖରେ ପ୍ରତିକାର କରି

ପାରୁନାହିଁ, ସେହି ଶିକ୍ଷା ତାଙ୍କୁ ସେଇ ଜଣେ ଦେଇପାରିବ । ସେତିକବେଳେ ଯାଇ ସେ ପ୍ରକୃତ ବଞ୍ଚାଳୀ ହେବ, ପ୍ରକୃତ ପଡ଼ୋଶୀ ହେବ; ପ୍ରକୃତ ସଙ୍ଗୀ ହୋଇପାରିବ । ଆପଣା ଭିତରେ ମଧ୍ୟ ସେତିକବେଳେ ଯାଇ ସିଏ ଅସଲ ସଙ୍ଗଟିକୁ ଓ ଅସଲ ନିର୍ଭରଟିକୁ ଲଭ କରିପାରିବ ।

୨୪ । ୯ । ୮୦

ବନ୍ୟାଜଳ ସମସ୍ତଙ୍କୁ ଗୋଟିଏ ଦୁଃଖର ନାବରେ ଆଣି ବସାଇଲା ବୋଲି ଅନେକ ଲୋକ କହୁଛନ୍ତି । ଦୁଃଖଦ୍ୱାରା ବାଧ ହୋଇ ମଣିଷ ଯେଉଁସବୁ ଭଲକଥା କହି ପକାଇଥାଏ, ଆପାତତଃ ସେହି ଦୁଃଖ ଘୁଞ୍ଚିଗଲେ, ସିଏ ସେହିସବୁ କଥାକୁ କୁଆଡ଼େ ଭୁଲିଯାଏ । ଧନୀ ସହାନୁଭୂତି ଭୁଲିଯାଏ, ନେତାମାନେ ସେମାନଙ୍କର କର୍ତ୍ତବ୍ୟ ଭୁଲିଯାଆନ୍ତି, ପଡ଼ୋଶୀ ପଡ଼ୋଶୀକୁ ବି ଭୁଲିଯାଏ । ତା'ପରେ ଉଗ୍ରତା, ରାଜସିକତା ଓ ତାମସିକତାର ରାଜତ୍ୱ ଆରମ୍ଭ ହୋଇଯାଏ । ତେବେ, ବର୍ତ୍ତମାନ ଏମାନେ ଯେଉଁମାନେ ଧରଣିର ବିଷୟରେ ଏତେ ଭାବୁଥିବା ପରି ମନେ ହେଉଛନ୍ତି ଏମାନଙ୍କର ଏହି ଖୋଇଟାକୁ ବି ରାଜସିକତା ଅଥବା ତାମସିକତା ବୋଲି କୁହା-ଯାଇ ପାରିବ କି ?

ଏଗୁଡ଼ାକ ହୁଏତ ଦୟା ହୋଇପାରେ । ଆମର ଧର୍ମସାହିତ୍ୟରେ ଉପରୁ ଥାଇ ପରଦୁଃଖରେ ଦୁଃଖୀ ହେବା ଏବଂ ପରକୁ ଦୟା ଦେଖାଇବା ବିଷୟରେ କେତେ ଗଳ୍ପ ଓ ଉପନ୍ୟାସ ଲେଖାଯାଇଛି । ମଣିଷ ଯେତେବେଳେ ତା'ଭିତରେ ଅନ୍ୟ ସମସ୍ତଙ୍କ ସହିତ ଲାଗିଥିବା ଡୋରଟିକୁ ଭୁଲିଯାଏ, ସେତେବେଳେ ସିଏ ଦୟା ବ୍ୟତୀତ ଆଉ କୌଣସି ଅଧିକଭଲ କର୍ତ୍ତବ୍ୟକୁ ମନେ କରି ପାରେନାହିଁ । ଦୟା କଲେ ପୁଣ୍ୟ ହୁଏ, ଦାନ କଲେ ଭଗବାନ ଆଦୃର ଦିଅନ୍ତି, ପୁରସ୍କୃତ କରନ୍ତି, ଏହି-ପରି କେତେ କେତେ ପ୍ରଲୋଭନ ବି ମଣିଷକୁ କଞ୍ଚିକ୍ ପରିମାଣରେ ଉନ୍ନତ କରି ପାରିବାର ଚେଷ୍ଟା କରିଥାଏ । ଏଗୁଡ଼ାକ କିଛି ନୁହେଁ । ସମାଜ, ସଂସ୍କୃତି ଓ ସଭ୍ୟତାକୁ ମଣିଷର ଯଥାର୍ଥ ଅଭ୍ୟୁଦୟର ଅନୁକୂଳ କରି ଗଢ଼ିବା ଦୃଷ୍ଟିରୁ ଏହା ପ୍ରକୃତରେ କିଛି ନୁହେଁ । ଆମକୁ ଅସଲ ଅଭାବଗୁଡ଼ାକ ବିଷୟରେ ବିସ୍ମୃତ କରି ରଖିବାକୁ ଏହା ଅନେକ ସମୟରେ ହୁଏତ ଏକ ଅଫିମ ପରି ବି କାମ କରିଥାଏ । ଭଗବାନ ତଥାପି ଅପୂଜା ହୋଇ ରହିଥାନ୍ତି ।

୨୫ । ୯ । ୮୦

ଗଣ୍ଠିଗୁଡ଼ାକ ଫିଟିଯିବା ପରେ ସଂସାରଯାକ ମୋ' ସହିତ ଗଣ୍ଠି ପଡ଼ି ରହିଥିବା ପରି ମନେହୁଏ, ମୁଁ ଜଣେ ସଂସାରର ସବୁରି ସହିତ ଗଣ୍ଠି ରହିଥିଲା ପରି ବି ଲାଗେ । ଏହି ଗଣ୍ଠି ଆଘାତ ଦିଏନାହିଁ, ବାନ୍ଧି ପକାଏନାହିଁ ବା ଆପଣାର

ଗାଣ୍ଠଗୁଡ଼ାକର ନାନା ତ୍ରାସ ଓ ଶଙ୍କାରେ ଅଣନିଶ୍ୱାସୀ କରି ଦିଏନାହିଁ । ଏହି ଗଣ୍ଠି ପ୍ରସାରିତ କରିଦିଏ । ଯେଉଁମାନେ ସଂସାର ପାଖରେ ବିରକ୍ତ ହୋଇ ହିମାଳୟ ପାହାଡ଼ର ଶିଖର ଉପରେ ଆପଣାକୁ ପ୍ରସାରିତ କରିଦେବାକୁ ଯାଆନ୍ତି, ଏଠାରେ ମୁଁ ସେମାନଙ୍କର କଥା ମୋଟେ କହୁନାହିଁ । ସେମାନେ ଆକାଶ ଭିତରେ ପବନ ଭିତରେ ଓ ତଥାକଥିତ ବିଜନତା ଭିତରେ ଆପଣାକୁ ପ୍ରସାରିତ କରି-ଦେବାକୁ ଦଉଡ଼ନ୍ତି । ଏମାନଙ୍କର ଗଣ୍ଠିଗୁଡ଼ାକ ହୁଏତ ମୋଟେ କେତେବେଳେ ହେଲେ ଫିଟେନାହିଁ ।

ଯେଉଁମାନେ ଏଇଠି ରହନ୍ତି, ଜାଗ୍ରା ନବାର ଏହିଠାରେ ହିଁ ଗଣ୍ଠି ପରେ-ଗଣ୍ଠି ଫିଟାଇ ଦିଅନ୍ତି, କବାଟ ଖୋଲିଦିଅନ୍ତି, ସବୁଟିକୁ ଆପଣା ସହିତ ସଂଯୁକ୍ତ କରି ରଖନ୍ତି, ସେହିମାନେ ଜ୍ୱରମୁକ୍ତ ହୁଅନ୍ତି । ସେହିମାନେ ପ୍ରସାରିତ ହୁଅନ୍ତି । ସମସ୍ତ ଜଗତକୁ ଆପଣା ଭିତରକୁ ପ୍ରବେଶ କରିବାକୁ ଦେଲେ ଯାଇ ମଣିଷ ଉଶ୍ୱାସ ହୁଏ । ନିଜ ଗାତଟାର ଧଳାଗୁଡ଼ାକୁ ଗ୍ରୁଡ଼ିଲେ ଯାଇ ଗାତର ପ୍ରକୋପରୁ ରକ୍ଷା ମିଳେ,—ତା'ପରେ ଆଉ କୋଉଠିହେଲେ ଭୟ ଲାଗେନାହିଁ । ସଂସାରରେ ନିଜକୁ ସତେଅବା ମୁକୁଳା ହୋଇ ରହିଥିବା ଆକାଶ ପରି ମନେହୁଏ । ତାହାହିଁ ଶ୍ରଦ୍ଧା । ଯେଉଁ ଶ୍ରଦ୍ଧା ଐହିକ ତଥା ପାରତ୍ରିକ ଯାବତୀୟ ଆତୁରତା ଓ କାମୁକତାରୁ ମୁକ୍ତି ଦିଏ, ସେହି ଶ୍ରଦ୍ଧା । ସେହି ଶ୍ରଦ୍ଧା ଯେଉଁ ନୂଆ ନୂଆ ଗଣ୍ଠିରେ ସଂସାର ସହିତ ନେଇ ବାନ୍ଧିଦିଏ, ତାହାହିଁ ଅସଲ ଜୀବନ । ତାହାରି ଦ୍ୱାରା ଭ୍ରାନ୍ତି କଟେ, ମମତାର ସଙ୍ଗ ବଦଳେ ।

୨୭ । ୯ । ୮୦

ଖୁବ୍ ସମ୍ଭବ ଚତୁର ମଣିଷ ହିଁ ସାହିତ୍ୟ ଭିତରେ ଗୃତୁସୀକୁ ଆଣି ପୂରାଇଲା । ଚତୁର ମଣିଷ ରାଜାନୁଗ୍ରହ ପାଇବାର ଲୋଭରେ ହୁଏତ ସର୍ବପ୍ରଥମେ ଚତୁର ହେବାକୁ ମନ ବଳାଇଥିଲା । କାହାକୁ ଖୁସୀ କରାଇବା ସକାଶେ ସାହିତ୍ୟ ଲେଖିବା,—ଇଏ ହେଉଛି ସର୍ବପ୍ରଥମେ ଗୋଟାଏ ଗୃତୁସୀ । ଏପରିକି ଆପଣା ଭିତରେ ରହିଥିବା କୌଣସି ଉଗ୍ର ତୋଷାମଦଲୋଭୀ ଅହଂପିଣ୍ଡକୁ ଖୁସୀ କରିବା ସକାଶେ ସାହିତ୍ୟ ଲେଖିବା ଅଥବା ସାହିତ୍ୟ ନାମରେ ଯାହାକିଛି ଲେଖିବା, ତାହା ମଧ୍ୟ ଗୃତୁସୀ । ଏସବୁଦ୍ୱାରା ଆପଣାକୁ ଯଥାର୍ଥରେ ଅଭିବ୍ୟକ୍ତ କରି ହୁଏନାହିଁ । ଆପଣାକୁ ନିବେଦନ କରିଦେଇ ହୁଏନାହିଁ । ଅସଲ ସାକ୍ଷାତ ଓ ଅସଲ ସ୍ପର୍ଶଗୁଡ଼ିକ ଭାରି ନିର୍ମମ ଭାବରେ ବ୍ୟାହତ ହୋଇ ରହିଥାଏ ।

ଚତୁର ମନର ଗୃତୁସୀ ହୃଦୟକୁ ଡରେ, ହୃଦୟ ସହିତ ହୃଦୟର ଛିଅ ଲଗାଇବାକୁ ଭୟ କରେ । ସେଥିଲାଗି ତାହା ଅଭିବ୍ୟକ୍ତି ନାଆଁରେ ଅଭିନୟ

କରେ । ଅଭିନୟଟାକୁ, ନିଜକୁ ଲୁଚାଇ ଆଉକିଛି ବୋଲି ଦେଖିବାକୁ, ହୃଦୟଟାକୁ ଲୁଚାଇ ମନଟାକୁ ଅଠରଶହ ଅଧିକ ଗୁଣ ଚପୁଡ଼ି ଚପୁଡ଼ି ଫୁଲେଇ ଦେବାକୁ ମନ କରିବାକୁ ସେତେବେଳେ ଶୈଳୀ ବୋଲି କୁହାଯାଏ । ଶୈଳୀକୁ ଯାହା ମିଳେ, ତାହାକୁ ହିଁ ଆନନ୍ଦ ବୋଲି କୁହାଯାଏ । ଆନନ୍ଦକୁ ବାଡ଼ ଦେଇ ବାହାରେ ରଖା ଯାଇଥାଏ । ମନଟା ପାଉଁଶ ବୋଳିହୋଇ ମିଛବୈରାଗୀ ହୋଇ ବାହାରିଥାଏ, ବୈରାଗ୍ୟକୁ ଯୋଗ ବୋଲି କହେ । ମାତ୍ର ଏଣେ ସବୁଯାକ ଖିଅକୁ ଛୁଟାଇ ଦେବାରେ ସହସ୍ର-ଅନୁବନ୍ଧ ଲାଗି ରହିଥାଏ ।'

୨୭ । ୯ । ୮୦

ନିବିଡ଼ତା ହେଉଛି ଆଧ୍ୟାତ୍ମିକତା, ଆନ୍ତରିକତା ହେଉଛି ଆଧ୍ୟାତ୍ମିକତା । ଆପଣାକୁ ସଂପ୍ରସାରିତ କରି ସବୁଟିର ସ୍ପନ୍ଦନକୁ ଆପଣା ଭିତରେ ଅନୁଭବ କରିବା, ସେହି ଅନୁଭବକୁ ମୂଳ କରି ଜୀବନ ବଞ୍ଚିବା ଓ ତାହାର ଅନୁସାରେ ଆପଣାକୁ ବଦଳାଇବା,—ତାହାହିଁ ଆଧ୍ୟାତ୍ମିକତା ।

ସ୍ୱର୍ଗଲୋକ, ଦେବଲୋକ ପରି ଆଧ୍ୟାତ୍ମିକ ଲୋକ ବୋଲି ଆଉ କେଉଁଠି ଗୋଟାଏ ଅଲଗା ଲୋକ ନାହିଁ । ଏପରି ଏକ ଅଲଗା ଲୋକ ଯେ କେଉଁଠାରେ ହେଲେ ନାହିଁ, ଯାହାକିଛି ଯେଉଁଠାରେ ଅଛି, ତାହା ଗୋଟିଏ ଅବଚ୍ଛିନ୍ନ ଆତ୍ମୀୟତାର ସୂତ୍ରରେ ମୋ' ସହିତ ଲାଗିଛି, ଅର୍ଥାତ୍ ତାହା ଏଇଠି ମୋ'ର ଭିତରେ ରହିଛି, ଏଇଠୁଁ ଆଧ୍ୟାତ୍ମିକତାର ଆରମ୍ଭ ହୋଇଥାଏ । ତେଣୁ,ଆଧ୍ୟାତ୍ମିକ-ତାର କୌଣସି ପୁରାଣ ନାହିଁ, ପାପପୁଣ୍ୟର ତତ୍ତ୍ୱ ନାହିଁ, ତା'ଭିତରେ କୌଣସି ଦଣ୍ଡ ବା ପୁରସ୍କାରର ବିସ୍ତାର ନାହିଁ । କୌଣସି ଉଚ୍ଚ ନାହିଁ କି ନୀଚ ନାହିଁ, କୌଣସି ପ୍ରଦର୍ଶନ ନାହିଁ, କୌଣସି କାତରତା ନାହିଁ,—କେବଳ ଆତ୍ମୀୟତା ରହିଛି ।

ଆତ୍ମୀୟତା ଭିତରେ ପ୍ରବେଶ କଲେ ଆଉ କେବେହେଲେ ଏକୁଟିଆ ଲାଗେ-ନାହିଁ । କେବେହେଲେ ସଂସାରର କୌଣସି ଥାନକୁ ଦୁଃଖମୟ ବୋଲି କହିବାକୁ ମନ ଯାଏନାହିଁ । ମୁଁ ଖାଲି ସୁଖ ପାଉଥିବି, ତାଙ୍କର ଅନୁଗ୍ରହ ପାଇଲେ ମୁଁ କଦାପି ଦୁଃଖ ପାଇବିନାହିଁ ବୋଲି ଭାବିବାକୁ ବି ମନ ହୁଏନାହିଁ । ଗୋଟାଏ ପ୍ରକାରର ଖୁସୀ, ଗୋଟାଏ affirmation,—ତାହାହିଁ ଆଧ୍ୟାତ୍ମିକତା । ଗୋଟାଏ ଦେହ ଭିତରେ ଥାଇ ମଧ୍ୟ ତଥାପି ଆପଣାକୁ କେବଳ ତାହାରି ଭିତରେ ସୀମାବଦ୍ଧ ହୋଇ ରହିଥିବା ପରି ଅନୁଭବ ନକରିବା,—ତାହାହିଁ ଆଧ୍ୟାତ୍ମିକତାର ନିକଟବର୍ତ୍ତୀ ହେବାର ଏକ ପଥ । ହଁ, ଆଧ୍ୟାତ୍ମିକତା ବୈରାଗ୍ୟ ନୁହେଁ, ତାହା ଏକ ବାସନା,—ଫୁଟି ଉଠିବାର ବାସନା,—ସମ୍ମିଳିତ ହେବାର ବାସନା ।

୨୮ । ୯ । ୮୦

ଏମାନେ ଯେତେବେଳେ ନିଜକୁ ଅଟକାଇ ପାରିଲେନାହିଁ, ଅନ୍ୟମାନଙ୍କୁ ଅଟକାଇବା ସକାଶେ ଏମାନଙ୍କର ଆଖି ଆଉ କୁଆଡ଼ୁ ଆସିବ ? ଏମାନେ ଆପଣାକୁ କ୍ଷମତା ପାଖରେ ଅଟକାଇ ପାରିଲେ ନାହିଁ, ପଇସା ପାଖରେ ଅଟକାଇ ପାରିଲେ ନାହିଁ,ନିଶା ପାଖରେ ତଥା ନିର୍ଲଜ୍ଜତା ପାଖରେ ବି ନିଜକୁ ଅଟକାଇ ପାରିଲେନାହିଁ, କ୍ଷମତା ଏମାନଙ୍କୁ ଗ୍ରାସ କଲା, ପଇସା ଗ୍ରାସ କଲା ଓ ନିଶା ଗ୍ରାସ କଲା,—ନିର୍ଲଜ୍ଜତା ହିଁ ଏମାନଙ୍କ ପାଖରେ ଏକମାତ୍ର ଭୂଷଣ ହୋଇ ରହିଲା, ଅବଲମ୍ବନ ହୋଇ ରହିଲା । ସେହିମାନଙ୍କର ପ୍ରାୟ ପଦାଙ୍କ ଅନୁସରଣ କରି କଲେଜର ପିଲାଏ ଯେତେବେଳେ ଧେଇକଥା କରିବାକୁ ଆରମ୍ଭ କଲେଣି, ସେତେବେଳେ ଏମାନଙ୍କୁ ଅଟକାଇ ରଖିବ କିଏ ?

ବଡ କୃତ୍ରିମତା କଦାପି ସାନ କୃତ୍ରିମତାକୁ ଅଟକାଇ ରଖି ପାରିବନାହିଁ । ବଡ଼ କ୍ରୂରତା ସାନ କ୍ରୂରତାଗୁଡ଼ାକୁ ଅଧିକ ପ୍ରୋତ୍ସାହନ ଦେଉଥିବ ସିନା, ତାହାକୁ କଦାପି ଅଟକାଇ ରଖି ପାରିବନାହିଁ । ସମ୍ଭବତଃ ତାହାହିଁ ହେଉଛି ଆମର ଏହି ସମଯ୍ଟିର ସବୁଠାରୁ ବଡ଼ ଅସହାୟତା । ଏହି ଅସହାୟତାକୁ ସେଇ ଦୂର କରି-ପାରିବ, ଯିଏ ନିଜେ ଅନ୍ୟଏକ ସ୍ତରରୁ ସହାୟ ପାଇ ପାରୁଥିବ । ନିଜଠାରୁ ହିଁ ଯିଏ ସବୁଠାରୁ ବଡ ସହାୟଟିକୁ ପାଇ ପାରୁଥିବ । ଯିଏ କୃତ୍ରିମ ହୋଇନଥିବ, କ୍ରୂର ହୋଇନଥିବ, ପଇସା ବା ନିଶା କେହି ତାକୁ ଗ୍ରାସ କରିନଥିବେ । ଏବଂ, ଯିଏ ମରିବାକୁ ବି ପ୍ରସ୍ତୁତ ଥିବ । ନିଜର ବାଟ ଖୋଲୁଥିବ । ନମ୍ର ହୋଇଥିବ, ଅଥଚ ହାଲ୍ଲିଶ୍ କରୁନଥିବ । ସେଇ ପାରିବ । ଆପଣା ଭିତରେ ରହିଥିବା ମଣିଷଟିକୁ ଅସଲ ସାଙ୍ଗ କରି ଯିଏ ଅନ୍ୟମାନଙ୍କର ଦ୍ୱାର ଡେ଼ଇଁ ଭିତରକୁ ପ୍ରବେଶ କରିପାରିବ ।

୨୯ । ୯ । ୮୦

ଖାଲି ବୁଦ୍ଧିର ଆଲୋଚନା ଶୁଣୁଥିବା ସମୟରେ କେଡେ କ୍ଳାନ୍ତ ଲାଗେ ! କାରଣ, ବୁଦ୍ଧିର ଆଲୋଚନା କରୁଥିବା ମଣିଷମାନେ କେବେ କୌଣସି ବାଟ ଖୋଲୁନଥାନ୍ତି; ନିଜ ମସ୍ତିଷ୍କ ଭିତରେ ସେମାନେ ପଡିଅଛା କେବଳ ବୁଣି ବୁଲିବାରେ ଲାଗିଥାନ୍ତି । ସେମାନେ ଯେଉଁ ସତ୍ୟଟିର ପକ୍ଷରେ ଯୁକ୍ତି କରୁଥାନ୍ତି, ସେମାନେ ସେଇଟିର ସପକ୍ଷରେ ମଧ୍ୟ ନଥାନ୍ତି । ସେମାନେ ହୁଏତ କାହାରି ପକ୍ଷରେ ନଥାନ୍ତି । ନିଜେ ଯାହା ଚିନ୍ତା କରୁଥାନ୍ତି ଓ ଯାହା କରୁଥାନ୍ତି, ତାହା ଭିତରେ କୌଣସି ସଙ୍ଗତି ନଥାଏ, କୌଣସି ସଂଯୋଗ ନଥାଏ । ମୁଁ ଯାହାକିଛି ଲେଖୁଛି, ଯାହାକିଛି କହୁଛି, ସେଗୁଡ଼ିକ ହେଉଛି ମୋ'ର ଉପଲବ୍ଧ ସତ୍ୟ, ସେଗୁଡ଼ିକୁ ମୁଁ ମୋ' ଭିତରୁ

ପାଇଛୁ, ସେଗୁଡ଼ିକ ମୋ'ର ଜୀବନରେ ହିଁ ପରିଣତ ହୋଇ ରହିଛନ୍ତି, —ସେହି ଶବ୍ଦମାନ ବୁଦ୍ଧିପ୍ରେମୀ ମାନଙ୍କୁ ଦେଖିଲେ ଏକଥା ମୋଟେ ମନେ ହୁଏନାହିଁ । କେବଳ ଗୋଟାଏ ଅସାଧୁତାର ଦୁର୍ଗନ୍ଧ ସତେଅବା ଆଘାତ କରିଦେଇ ଯାଉଥିବା ପରି ଲାଗୁଥାଏ । କେଉଁଠି ଗୋଟାଏ ସମଗ୍ରତାକୁ ଜାଣିଶୁଣି ଖଣ୍ଡିତ କରି ରଖା ହୋଇଥିବା ପରି ମନେ-ହେଉଥାଏ ।

ଏମାନେ ଯେତେବେଳେ କୌଣସି ଗୋଟିଏ ସମାଜର କର୍ତ୍ତା ଏବଂ ଭାଗ୍ୟଧର ହୋଇ ରହିଥାନ୍ତି, ସେତେବେଳେ ସେହି ସମାଜର ସେହିପରି ଦଶା ହୁଏ. ଯେପରି ଆମ ସମାଜର ଦଶା ବର୍ତ୍ତମାନ ହୋଇଛି । ସେଠି କୋଠା ଥାଏ, ଖବରକାଗଜ ଥାଏ, ବଢ଼ିଆ ଯନ୍ତ୍ରମାନେ ଗୋଟାଏ ଗୁଣ କଥାକୁ ଦଶଗୁଣ ବଢ଼ାଇ କୁହାଇବା ଲାଗି ଖଞ୍ଜା ହୋଇ ରହିଥାନ୍ତି । ତଥାପି ମଣିଷ ଅପଚରା ହୋଇ ପଡ଼ିଥାଏ । ଆଖିଗୁଡ଼ାକ କାଚ ଭିତରେ ସୁରକ୍ଷିତ ହୋଇ ରହିଥାଏ ।

୩୦ । ୯ । ୮୦

ଭିତରର ଅରାଜକତା ଯେତେବେଳେ କୁହୁଳି ବାହାରେ ପ୍ରକାଶ ପାଇବାକୁ ଆରମ୍ଭ କରେ, ସେତିକବେଳେ ଯାଇ ଶାସକ କାର୍ତ୍ତାରୁମାନେ ଶାନ୍ତିଭଙ୍ଗ ହେଲା ବୋଲି ହୁରି ପକାନ୍ତି । ମାତ୍ର; ଭିତରର ଅରାଜକତା ଗୁଡ଼ାକ ଯେତେବେଳେ ମଣିଷର ଭିତରେ ହିଁ ଦବି ରହିଥାନ୍ତି, ସେତେବେଳେ ସେମାନେ ସବୁ ଶାନ୍ତ ଅଛି ବୋଲି କହନ୍ତି । ତାହାକୁ ହିଁ ସେମାନେ ଶୃଙ୍ଖଳାର ଅବସ୍ଥା ବୋଲି କହନ୍ତି ।

ଗତ ତିରିଶିବର୍ଷ ହେଲା କେତେ ଅସନ୍ତୋଷକୁ ଭିତରେ କୁହୁଳିବାକୁ ଛାଡ଼ି ଦିଆଯାଇଛି । କେତେ ଅରାଜକତାକୁ ଉପର ମଞ୍ଚାଗୁଡ଼ାକରେ ସୃଷ୍ଟି କରାଯାଇଛି ଏବଂ ତାହାର ପ୍ରତିକ୍ରିୟାଗୁଡ଼ାକ ହୁଏତ ମୋଟେ କାହାରି ଉପରେ ପଡ଼ୁନଥିବ ବୋଲି ଆରାମରେ ବିଶ୍ୱାସ କରାଯାଇଛି । ଭିତରେ ରାକ୍ଷସ ପରି ଆଚରଣ କରୁଥିବା ମଣିଷମାନେ ବାହାରେ ଠାକୁରଙ୍କର କଥା କହୁଛନ୍ତି, ଆଦର୍ଶର କଥା କହୁଛନ୍ତି,ସାହିତ୍ୟ ଓ ସଂସ୍କୃତିର କଥାମାନ କହୁଛନ୍ତି । ମଣିଷ ମଣିଷ ଭିତରେ ଯେଉଁ ଅସଲ ବିଶ୍ୱାସଟି ବଞ୍ଚି ରହିଥିଲେ ଯେକୌଣସି ସାମୂହିକ ଜୀବନ ସମ୍ଭବ ହୁଏ, ସେହି ବିଶ୍ୱାସଟି କାଳକ୍ରମେ ତୁଟି ଯାଇଛି । ସେହି ବିଶ୍ୱାସ ଭିତରେ ବି ତୁଟି ଯାଇଛି । ତେଣୁ ବାହାର ପରି ଭିତରଟା ବି ଜଙ୍ଗଲପରି ହୋଇ ରହିଛି । ଉପରେ ଭଦ୍ରହୋଇ ଶୋଭା ପାଉଥିବା ମଣିଷଗୁଡ଼ାକ ଭିତରେ କେଡ଼େ ଚମତ୍କାର ଭାବରେ ହିଂସ୍ର ହୋଇ ରହି ପାରୁଛନ୍ତି । ଏହା ପ୍ରକୃତରେ ଅନେକ ଉଦ୍‌ବେଗର କାରଣ ହୋଇପାରେ । ତାହା ଆମଠାରୁ ପ୍ରକୃତରେ ଅନେକ ଅଧିକ ଦାବୀ କରିବାକୁ ଆସିପାରେ ।

୧ । ୧୦ । ୮୦

ଯେଉଁଠି ଯାହାକିଛି ହେଉଛି, ତାହା ଆମକୁ ଭଲ ଲାଗୁନାହିଁ, ଏତିକି କହିବା ଆଦୌ ଯଥେଷ୍ଟ ନୁହେଁ । ଏତିକି ଅନେକ ଲୋକ ଅନେକ ସମୟରେ କହିଥାନ୍ତି । ଏହି ସଂସାର ମୋଟେ ଭଲ ଲାଗୁନାହିଁ ବୋଲି ଏକ ସହଜବୈରାଗ୍ୟଯୁକ୍ତ ଭାବ ନେଇ ଯେପରି ଅନେକ ଲୋକ କହିଥାନ୍ତି, ପ୍ରାୟ ସେହିପରି ।

ସଂସାର ଭଲ ନଲାଗିବାଟା ମୋଟେ ବଡ଼ କଥା ନୁହେଁ । ବଡ଼ କଥା ହେଉଛି, ଏହି ସଂସାର ଯଦି ଭଲ ନଲାଗିଲା, ତେବେ ତାହାକୁ ଅନ୍ୟପ୍ରକାରେ ଗଢ଼ିବା ଏବଂ ସେହି ନବଗଠନ ଲାଗି ନିଜକୁ ପ୍ରସ୍ତୁତ କରିବା । ଯେଉଁଠି ଯାହାକିଛି ହେଉଛି, ସେଥିରେ କେବଳ ସନ୍ତୋଷ ନଆସିବା ମୋଟେ ବଡ଼ କଥା ନୁହେଁ । ସଂସାର ଯେମିତି ହେବା ଉଚିତ ସେହିପରି ଏକ ସ୍ପଷ୍ଟ ଚିତ୍ରକୁ ଆଖିଆଗରେ ରଖି ସଂସାରକୁ ଅନ୍ୟପ୍ରକାରେ ଗଢ଼ିବା ଓ ସେହି ଗଢ଼ିବାଲାଗି ଆପଣାକୁ ଅନୁରୂପ ଭାବରେ ଅର୍ଥାତ୍ ଅନ୍ୟପ୍ରକାରେ ପ୍ରସ୍ତୁତ କରିବା, ତାହାହିଁ ଅସଲ କଥା ।

ବର୍ତ୍ତମାନ ଓଡ଼ିଶାରେ ସାମ୍ବାଦିକତା ଯେପରି ଭାବରେ ଚାଲୁଛି, ତାହା ଭଲ ଲାଗୁନାହିଁ । ତେଣୁ ଅନ୍ୟପ୍ରକାର ସାମ୍ବାଦିକତାର ଏକ ଦୃଷ୍ଟାନ୍ତ ଦେଖାଇବା ସକାଶେ ଗୋଟାଏ ନୂଆଁ କାଗଜ ବାହାର କରିବାକୁ ହେବ, ଏହିପରି ଏକ ଉତ୍ସାହ ନେଇ ବାହାରିଥିବା ଦୁଇଜଣ ଯୁବକବନ୍ଧୁଙ୍କ ସହିତ କାଲି କଥାବାର୍ତ୍ତା ହେଉଥିଲି । ସେମାନେ ସାମ୍ବାଦିକତା ଦ୍ୱାରା ସମାଜର ଭବିଷ୍ୟକୁ ଗଢ଼ିବେ, ସେମାନେ ଏହିପରି ଏକ ସ୍ୱପ୍ନ ଦେଖୁଛନ୍ତି ଓ ସେହି ସ୍ୱପ୍ନ ଅନୁସାରେ କିଛି କରିବେ ବୋଲି ବାହାରିଛନ୍ତି । ସେମାନଙ୍କ ସହିତ କଥାବାର୍ତ୍ତା ହେଉଥିବା ସମୟରେ ପୂର୍ବଦିଗକୁ ଅନାଇ ବସିଥିଲି ପରି ମନେହେଲା ।

୨ । ୧୦ । ୮୦

ଗାନ୍ଧୀ ଯେଉଁଠି ଥିଲେ ଠିକ୍ ସେଇଠି ଅଛନ୍ତି । ଆମେ ଜଣେ ଜଣେ ମଣିଷ ହିସାବରେ ଯାହା ହୋଇ ପାରିଥାନ୍ତୁ, ଆମେ ତାହା ହୋଇ ପାରିଲୁନାହିଁ । ତେଣୁ ଗାନ୍ଧୀ ଆମଠାରୁ ଅନେକ ଦୂରକୁ ଚାଲିଗଲେ ବୋଲି ଅନୁଭବ କରିବାକୁ ଆରମ୍ଭ କଲୁ । ଆମଭିତରୁ ଯେଉଁମାନେ ବୁଦ୍ଧିକୁ ହିଁ ସର୍ବପ୍ରଧାନ ପାଠ ଓ ସର୍ବପ୍ରଧାନ ଶାଠରୂପେ ଗ୍ରହଣ କରି ନେଇଥାନ୍ତି, ସେମାନେ ବି ଆମର ଏହି ବର୍ତ୍ତମାନ ପରିସ୍ଥିତିରେ ଗାନ୍ଧୀଙ୍କର ଅଥବା ଗାନ୍ଧୀବିଚାରର ଆଦୌ କୌଣସି ପ୍ରାସଙ୍ଗିକତା ରହିଛି କି ନାହିଁ, ସେକଥା ବିଚାର କରିବାକୁ ଖୁବ ଭଲ ପାଉଛନ୍ତି । ସେମାନେ ଖୁବ୍ ସମ୍ଭବ ନିଜର ବିଚାରାଳୟରେ ଗାନ୍ଧୀଙ୍କୁ ଫାଶୀଦଣ୍ଡ ହୁକୁମ କରିଦେଇ ବିନା

କୌଣସି ବିବେକଗତ ଦ୍ୱନ୍ଦ୍ୱରେ ନିଜର ସାମ୍ରାଜ୍ୟଗୁଡ଼ାକୁ ନିଜେ ଭୋଗ କରିବେ ବୋଲି ଭରି ତରତର ହୋଇ ଏଭଳି ମନ କରିଥାନ୍ତି ।

ଗାନ୍ଧୀର ସମୟ ଆସୁଛି । ଚାଲି ଯାଉନାହିଁ, ଆସୁଛି । ଅନେକ ବର୍ଷ ପର୍ଯ୍ୟନ୍ତ ଗାନ୍ଧୀଙ୍କୁ ଆମେ ନିଜ ସମ୍ପତ୍ତି ପରି ବ୍ୟବହାର କରୁଥିଲୁ, ତାଙ୍କୁ ନିଜର ଘରଠାକୁର ପରି ମାନ୍ତବରି ରହିଥିଲୁ । କ୍ରମେ ସେ ଆମର ସେହି ଅତ୍ୟାଗ୍ରହ ଭିତରୁ ମୁକ୍ତ ହୋଇ ଏକ ବିଶ୍ୱସମ୍ପଦରେ ପରିଣତ ହେବାକୁ ଯାଉଛନ୍ତି । ଅନିତ୍ୟ ସଂସାରରେ ଷଣ୍ଢ ପରି ଭୋଗ କରିବାକୁ ମନ ନକରି ଯିଏ ଆଜି ଆମ ପୃଥିବୀରେ ବାଟଟିଏ ଖୋଜୁଛି, ଭବିଷ୍ୟଟିଏ ଖୋଜୁଛି, ଆପଣାକୁ ଖୋଜୁଛି, ମନୁଷ୍ୟସମାଜ ଲାଗି ଅନ୍ୟ ଗଠନଟିଏ ଖୋଜୁଛି, ସିଏ ଏହି ଗୋଲକର ଯେକୌଣସି ଦେଶରେ ଥାଉ ପଛକେ, ସିଏ ଗାନ୍ଧୀଙ୍କୁ ମନ କରୁଛି । ଗାନ୍ଧୀର ପଥଟା ହିଁ ତାକୁ ନିକଟତମ ପଥ ବୋଲି ଲାଗୁଛି । ଆମର ଯାବତୀୟ ଅସଲ ଅନୁରାଗ ଆମକୁ ଗାନ୍ଧୀଙ୍କୁ ଆମର ଅତି ନିଜର କେହି ଜଣେ ବୋଲି ଆବିଷ୍କାର କରିବାକୁ ପ୍ରେରଣା ଦେଉଛି ।

୩ । ୧୦ । ୮୦

ସମସ୍ତେ କାଲି କେତେ ଉଦାହରଣ ଦେଇ ବର୍ତ୍ତମାନର ପରିସ୍ଥିତି କଥା କହୁଥିଲେ । ସରକାରୀ ଚାକିରିରେ କିପରି କେତେ ଟଙ୍କା ଦେବାକୁ ପଡ଼େ,ସେମାନେ ସେହିସବୁ କଥାକୁ ଉଦାହରଣ ଦେଇ କହୁଥିଲେ ଓ ତ୍ରାସର ଏକ ଆବେଶ ସୃଷ୍ଟି କରିବାକୁ ଚେଷ୍ଟା କରୁଥିଲେ । ଏହିପରି ଏକ ଆବେଶସୃଷ୍ଟିରୁ ବେଶ୍ ଆନନ୍ଦ ଅନୁଭବ କରୁଥିଲେ ବୋଲି ମଧ୍ୟ ମନେ ହେଉଥିଲା ।

ପାଖରେ ଜଣେ ଶିଳ୍ପୀବନ୍ଧୁ ବସିଥିଲେ । ସିଏ କାନ ପାଖକୁ ମୁହଁକୁ ଲଗାଇ ଆଣି କହିଲେ, ଭାଇଭାଇ, କ'ଣ ପ୍ରକୃତରେ ଏସବୁ ଘଟିବ ? ଏଗୁଡ଼ାକ ହୁଏତ ପ୍ରକୃତରେ କୋଉଠି ହେଉଥିବ । ମାତ୍ର ଶୁଣିଲା ବେଳକୁ ତ ଭିତରଟା କ'ଣ ହୋଇ ଯାଉଛି ! ଏପରି ଏକ ଜଗତରେ ସୃଜନ କ'ଣ କରିବ, ସାହିତ୍ୟ କ'ଣ କରିବ, ଶିଳ୍ପ ବା କ'ଣ କରିବ ? ମୁଁ ଉତ୍ତର ଦେଇ କହିଲି, ଏହି ଜଗତ ସୃଜନ ସକାଶେ ହିଁ ତିଷ୍ଠି ରହିଛି । ଯେଉଁମାନେ ମରିହୁଡ଼ି ଯିବେ,ସେଇମାନେ ଟଙ୍କା ଦିଆ ଓ ଟଙ୍କା ନିଆ ଭିତରେ ନାକଯାଏ ବୁଡ଼ି ରହିଛନ୍ତି । ସେମାନେ କେହି ରହିବେ ନାହିଁ । ସେମାନେ ନିଜେ ରହିଯିବେ, ଜଗତ ଆଗକୁ ଚାଲିଯିବ । ଏଠି ଯାହାକିଛି ସୃଜନଶୀଳତା ରହିଛି, ତାହା ହିଁ ଆମ ସଂସାରକୁ ବଞ୍ଚାଇ ରଖିଛି । ସକଳ ପ୍ରକାରର କ୍ଷମତା, ନିଷ୍ଠୁରତା ଏବଂ ସହଜସିଦ୍ଧିର ଅସଭ୍ୟତା ସତ୍ତ୍ୱେ ଆମେ ଏଠି ଯେତିକି ଯଥାର୍ଥ ସୃଜନଶୀଳତା ସମ୍ଭବ କରି ପାରୁଛୁ, ଅର୍ଥାତ୍, ଆପଣାର ଶୁଭତମ ସମ୍ପର୍କବୃତ୍ତି ଗୁଡ଼ିକୁ ଦେଇ ଯେତିକି ସୃଜନଶୀଳ ହୋଇ ପାରୁଛୁ, ଆମର

ସଂସାର ସେମାନଙ୍କ ପରିମାଣରେ ତୃପ୍ତି ରହି ପାରୁଛି । ସେତିକି ଆଗକୁ ଯାଉଛି । ଜୀବନ ସେହି କାରଣରୁ ହିଁ ଜୀବନ ପରି ହୋଇ ରହିଛି ।

୪ । ୯ । ୮୦

ଆବିଷ୍କାର କରିବା ଅର୍ଥ ଅନୁଭବ କରିବା । ନିଜର ଆତ୍ମା ଓ ଆତ୍ମୀୟତାକୁ ଆବିଷ୍କାର କରିବା ହେଉଛି ସେଗୁଡ଼ିକୁ ଅନୁଭବ କରିବା । ଆପଣାର ଦେଶକୁ, ଧର୍ମକୁ ଓ ସଂସ୍କୃତିକୁ ଆବିଷ୍କାର କରିବା ହେଉଛି ସେଗୁଡ଼ିକୁ ଆପଣା ଭିତରେ ହିଁ ଅନୁଭବ କରିବା, ଆପଣା ଜୀବନ ଭିତରେ ସେଗୁଡ଼ିକ ସକାଶେ ସ୍ଥାନ ରଖିବା, ସେହିଗୁଡ଼ିକ ସହିତ ଓ ସେହିଗୁଡ଼ିକ ସକାଶେ ନିଜର ଜୀବନଟିକୁ ବଞ୍ଚିବା । ଆପଣାକୁ ଏକ ପ୍ରସାର ଦେବା, ଆପଣାର ବିଗ୍‌ବିଳୟ ଗୁଡ଼ିକୁ ଏକାତ୍ମକତାର ଗୋଟିଏ ଗୋଟିଏ ଆୟାମରେ ପରିଣତ କରିବା ।

ଅନେକ ସମୟରେ ଆମେ ଅନୁଭବ କରିବା ପୂର୍ବରୁ ବାହାରେ ଥାପନା କରି ରଖିବାକୁ ମନ ବଳାଉ । ସେହି ବାହାରର ଥାପନା ପାଖରେ ହିଁ ଅଟକି ରହି-ଯାଉ । ବାହାରେ ମୂର୍ତ୍ତି ଗଢ଼ୁ; ଦେଉଳ ତିଆରି କରୁ, ପବିତ୍ରତାର ପଥର ବେଢ଼ାଟିଏ ତିଆରି କରୁ, ଆରାଧନା ଓ ଉପାସନାର ନାନା କର୍ମକାଣ୍ଡ ତିଆରି କରୁ ଏବଂ ସେହିଗୁଡ଼ାକ ଭିତରେ ଅଟକି ରହିଯାଉ । ସେଇଠି ଅଟକି ଯାଉ, ବନ୍ଦୀ ହୋଇ ରହୁ । ଉଗ୍ର ହୋଇ ରହୁ । ଯେଉଁଥିରୁ ଘୃଣାର ଉଦ୍ଭବ ହୁଏ, ଭୟ ଓ ଶଙ୍କାଗୁଡ଼ାକ ଶାସ୍ତ୍ରକଥାର ନାନା ନିୟମ ବନି ଗିଳିବାକୁ ଆସନ୍ତି । ପ୍ରସାରିତ ହୋଇ ପାରିବାର, ଏକାତ୍ମକ ହୋଇ ପାରିବାର ସକଳ ସାଧନା ତା'ପରେ କେତେଟା ଉତ୍ତେଜନା ଭିତରେ ପର୍ଯ୍ୟବସିତ ହୋଇ ରହିବାକୁ ଆରମ୍ଭ କରେ । ଜୀବନ ଖର ହୋଇଯାଏ । ଜୀବନ ଶଙ୍କାପୂର୍ଣ୍ଣ ହୋଇଯାଏ, ନାନା କ୍ଷୁଦ୍ରତା ଭିତରେ ଅନୁରାଗଗୁଡ଼ାକ ସଢ଼ିଥିବା ଛଟପଟ ହେବାରେ ଲାଗିଥାନ୍ତି । ଦୁଆରମାନେ ବନ୍ଦ ହୋଇ ରହିଥାନ୍ତି ।

୫ । ୧୦ । ୮୦

ଋଷିମାନେ ସଂସାରକୁ ଭୟ କରିବେନାହିଁ, ସଂସାରକୁ ଘୃଣା କରିବେନାହିଁ; ସେମାନେ ଏହି ସଂସାରର ଯାବତୀୟ କ୍ଷେତ୍ର ଓ ଯାବତୀୟ ନିୟୃତି ସହିତ ସହାନୁଭୂତି ରଖିବେ । ସେମାନେ ମଣିଷର ଭବିଷ୍ୟ—ଉନ୍ମୋଚନ ଓ ଭବିଷ୍ୟ ଉନ୍ମେଳନର କ୍ଷେତ୍ରରେ ମଣିଷର ସହଚର ହୋଇ ରହିଥିବେ । ସେମାନେ ମନୁଷ୍ୟ ସହିତ ସମଭାଗୀ ହୋଇ ରହିଥିବେ । ମଣିଷକୁ ତା'ର ଅସଲ ବନ୍ଧୁ ପରି ସେମାନେ ଆଗକୁ, ଆହୁରି ଆଗକୁ ବାଟ ଦେଖାଇ ନେଇଯିବେ । ତାକୁ ପଥ

ସ୍ଥୂଳବାରେ ଉତ୍ସାହ ଦେବେ, ଆତ୍ମ ଆବିଷ୍କାର ପାଇଁ ଉତ୍ସାହ ଦେବେ, ଆତ୍ମ-ପ୍ରସାରଣ ଲାଗି ଉତ୍ସାହ ଦେବେ । ପ୍ରତ୍ୟେକ ମଣିଷ ଭିତରେ ଯେଉଁଠାରେ ଋଷିଟିଏ ଅପେକ୍ଷା କରି ରହିଥାଏ, ସେମାନେ ମନୁଷ୍ୟକୁ ସେହି ସ୍ଥାନକୁ ବାଟ ଦେଖାଇ ନେଇଯିବେ । ମନୁଷ୍ୟର ନାନା କ୍ଷୁଦ୍ରତା ଲାଗି ତାକୁ ପରିତ୍ୟାଗ କରି ପଳାଇବେ ନାହିଁ ।

ଏହି ଋଷି ବର୍ତ୍ତମାନ ଆମର ସାହିତ୍ୟରେ ଦରକାର, ଆମ ସମାଜରେ ଦରକାର, ଆମ ଶିକ୍ଷାକ୍ଷେତ୍ରରେ ଦରକାର; ଆମ ରାଜନୀତି ଭିତରେ ଆମକୁ ଅସଲ ପ୍ରେରଣାଟି ଦେଇ ପାରିବାକୁ ଆମର ପରମ ବନ୍ଧୁରୂପେ ତାହାରି ହିଁ ସବୁଠାରୁ ଅଧିକ ପ୍ରୟୋଜନ ରହିଛି । ସିଏ ଆମକୁ ଅସଲ ଘରଟି ମଧ୍ୟକୁ ବାଟ ଦେଖାଇ-ଦେଇ ପାରିବ, ଆମକୁ ଅସଲ ଉଦ୍‌ବୋଧନଟିକୁ ଦେଇ ପାରିବ, ଆମ ଭିତରେ ଜୀବନ ସହିତ ଅସଲ ଏକାତ୍ମକତାଟିକୁ ଜାଗ୍ରତ କରାଇ ପାରିବ । ସଂସାର ଭିତରେ ଓ ହୃଦୟ ଭିତରେ ମଣିଷ ଆଜି ସେହି ଋଷିର ସ୍ପର୍ଶ ଲାଗି ଅପେକ୍ଷା କରି ରହିଛି ।

୭ । ୧୦ । ୮୦

ମୋତେ ନୂଆ ଥାନ ମୋଟେ ନୂଆ ଲାଗେନାହିଁ । କିନ୍ତୁ ପବନ ନୂଆ ଲାଗେ, ଆକାଶ ନୂଆ ଲାଗେ । ଏହି ତାରାମାନେ ନୂଆ ବନ୍ଧୁପରି ଲାଗନ୍ତି, ଗଛ-ଗୁଡ଼ାକ ନୂଆ ହୋଇ ଚହଲୁଥିବା ପଡ଼ୋଶୀ ପରି ଲାଗନ୍ତି । ଏବଂ, ଏହିମାନଙ୍କୁ ଦେଖି ସଂସାରଟା ବି ନୂଆ ଲାଗେ; ସଂସାରକୁ ସବୁଦିନେ ସକାଳେ ସତେଅବା ନୂଆ କରି ସ୍ପର୍ଶ କରୁଥିବା ପରି ମନେହୁଏ ।

ହଁ ମଣିଷକୁ ବି ନୂଆ କରି ସ୍ପର୍ଶ କରୁଥିବା ପରି ମନେହୁଏ । ଭବିଷ୍ୟ-ଗୁଡ଼ାକ ନୂଆ ରଙ୍ଗରେ ଉକୁଟି ଉଠେ । ଅନୁରାଗଗୁଡ଼ାକରେ ନୂଆ ରଙ୍ଗ ଭରି-ଉଠେ । ତେଣୁ ସମ୍ପର୍କଗୁଡ଼ିକରେ ମଧ୍ୟ ଏକ ନୂତନ ବ୍ୟଞ୍ଜନାର ଅନୁଭବ ମିଳେ । ନୂଆ ହୋଇ କାହାକୁ ବନ୍ଧୁ କରି ନେଉଥିବା ପରି ମନେହୁଏ । ଶାସ୍ତ୍ରଗୁଡ଼ାକରୁ ନୂଆ ଅର୍ଥ ବାହାରେ, ମନ୍ତ୍ରଗୁଡ଼ାକୁ ନେଇ ଅନ୍ତରର ଅନେକ ନୂତନ ନୂତନ ଦେଶର ସନ୍ଧାନ ମିଳି ଯାଉଥିବା ପରି ଲାଗେ । ପୁରୁଣା ଆହ୍ୱାନ ଓ ଆକର୍ଷଣଗୁଡ଼ାକ ସତେଅବା ପୁନର୍ବାର ଏକାବେଳକେ ନୂଆ ହୋଇ ମୋ'ର ଏହି ଚହ୍ଲା ଭୂମି ଓ ଚହ୍ଲା ଘରଟି ମଧ୍ୟକୁ ଅବତୀର୍ଣ୍ଣ ହୋଇ ଆସୁଥିବା ପରି ମନେହୁଅନ୍ତି । ତେଣୁ ଭୂମିଟା ବି ନୂଆ ହୋଇ ଦିଶେ, ଘରଟା ବି ନୂଆ ପରି ଲାଗେ । ଏବଂ, ଯାହା କିଛି ଅଜାଡ଼ି ହୋଇ ପଡ଼ୁଥାଏ, ତାହା ଠିକ୍ ଏକ ଆଶୀର୍ବାଦ ପରି ମୋତେ ସ୍ପର୍ଶ କରୁଥିବା ପରି ମନେହୁଏ ।

ନୂଆ ସ୍ଥାନ, ନୂଆ ପରିଚୟ ଓ ନୂତନ ପରିବେଶକୁ ଏହିପରି ଭାବରେ ନିଜ ଭିତରକୁ ଆଘ୍ରାଣ କରି ନେଉଥିବା ପର୍ଯ୍ୟନ୍ତ ମୋ'ର ଚିନ୍ତା କରିବାର ଆଉ କିଛି ନାହିଁ । ବାହାରର ଏହି ଯାବତୀୟ ସୂତାକୁ ନିଜ ସହିତ ଗଅଁଠାଇ ରଖିଥିବା ପର୍ଯ୍ୟନ୍ତ ଏ ସୂତା କେବେ ଛିଣ୍ଡିଯିବ ବୋଲି ଭୟ କରିବାର ମଧ୍ୟ ଆଉ ମୋତେ କୌଣସି କାରଣ ନାହିଁ । ଭିତରର ଚେରଗୁଡ଼ାକ ଯେତେବେଳେ ଏକାବେଳେକେ ଆକାଶକୁ ଛୁଇଁକରି ରହିଥିବା ପରି ମନେହୁଏ, ସେତେବେଳେ ଜୀବନକୁ ଯାହାକିଛି ସ୍ପର୍ଶକରେ, ତାହାହିଁ କରୁଣା; ଏବଂ, ସେହି କରୁଣା ମୋତେ ନମିତରୂପେ ବ୍ୟବହାର କରି ଅନୁରାଗରୂପେ ପ୍ରକାଶିତ ହୋଇ ଉଠିବାରେ ଲାଗିଥାଏ ।

୮ । ୧୦ । ୮୦

ଜୀବନରେ ଯଦି ଆଉକିଛି ସାଧ୍ୟ ନହେବ, ତେବେ ଆସନ ମିଳିବ, କ୍ଷମତା ମିଳିବ, ପଦ ମିଳିବ, ପାଦୁକା ବି ମିଳିବ । ଯେତେବେଳେ ତୁମେ ଶାସ୍ତ୍ରର ଉଦ୍ଧାର କରି ଆଦର୍ଶ ଯେ କେତେ ଦୂରରେ ଏବଂ ତୁମେ ନିଜେ ଯେ କେତେ ତଳେ ଓ ଅନ୍ଧାର ଭିତରେ, ସେହି କଥାକୁ ନୂଆଇ ତେଳାସରସର କରି ଧର୍ମସ୍ଥଙ୍କ ଆଗରେ କହି ପାରୁଥିବ । ଆସନରେ ବସି, ପଦଗୁଡ଼ାକ ଦ୍ୱାରା ଅଳଙ୍କୃତ ହୋଇ ହସି ହସି ସେକଥା କହି ପାରୁଥିବ । ବ୍ୟଥିତ ହୋଇ ପଡ଼ୁଥିବ, –ତଥାପି କେଡ଼େ ପ୍ରସନ୍ନ ଭାବରେ ନିର୍ଲିପ୍ତ ଭାବରେ କହି ପାରୁଥିବ ।

ଜ୍ଞାନଗୁଡ଼ାକ ବୁଦ୍ଧିପାଖରେ ଆସି ଆପଣାକୁ ସମର୍ପଣ କରି ନପାରିଲେ ମଣିଷ ବାହାରେ ଯେଡ଼େ ବଡ଼ ହୋଇ ବସିଥିଲେ ମଧ୍ୟ ନିଜ ଭିତରେ ଏମିତି ସାନ ହୋଇ ବସିଥାଏ । ନୈରାଶ୍ୟ ଭିତରେ ବୁଡ଼ି ରହିଥାଏ, ଜୀବନର ଅସଲ ଗତିଗୁଡ଼ିକୁ, ଅସଲ ଝଙ୍କୁଗୁଡ଼ିକୁ ଓ ଅସଲ ସାହସଗୁଡ଼ିକୁ ହରାଇ ବସିଥାଏ । କିଛି କରୁନଥାଏ । ପରିସ୍ଥିତିକୁ ନିନ୍ଦୁଥାଏ, ତଥାପି ପରିସ୍ଥିତି ମଧ୍ୟରେ ସମ୍ଭବ ହେଉଥିବା ଉଚ୍ଚ ଆସନକୁ ଆବୋରି ବସିଥାଏ । ତାହା ଏକ କୃତ୍ରିମତା । ଯେଉଁଠି ବାଟ ଚାଲିବାର ଶ୍ରଦ୍ଧା ନଥାଏ, ମଣିଷ ସେଇଠି ବାଟ ଚାଲିବାର ଉପଦେଶ ଦେବାରେ ଭାରି ଉତ୍ସାହ ଦେଖାଏ । ସିଏ ବିଚରା କାହାକୁ ହେଲେ ବନ୍ଧୁ କରି ପାଏନାହିଁ । ଗୋଟାଏ ବଡ଼ ବହିରେ ନିଜର ନାଆଁକୁ ଲେଖାଇ ନିଜ ଭିତରେ ଯେଉଁଠି ଥାଏ, ସେଇଠି ରହିଥାଏ ।

ଆମେ ସବୁ ଯେଉଁମାନେ ବାଟି ଚାଲିବାକୁ ପଣ କରି ବାହାରିଛୁ, ଆମେ ତୁମ କଥାରେ କଦାପି ଦବି ଯିବୁନାହିଁ । ଆମେ କୌଣସି ପଦର ଡାଟିଆକୁ କାମୁଡ଼ି ମୋଟେ ଅଟକି ରହିଯିବୁ ନାହିଁ । ଆମେ କୃତ୍ରିମ ହେବୁନାହିଁ । ତୁମେ ରାସ୍ତା ଉଗାଳି ବସିଥିଲେ ଆମେ କଆବଣ ଭିତରେ ପଶି କୁଆଡ଼େ ଆଗକୁ ଖସି ବାହାରିଯିବୁ ।

ତୁମେ ହାକମ ହୋଇ ଷମତାର ବୋଝ ମୁଣ୍ଡାଇ ଯୋଉଠି ଅଛ,ସେଇଠି ବସିଥିବ । ଆମେ ତୁମର କଥା ମୋଟେ ମାନବୁନାହୁଁ ।

୯ । ୧୦ । ୮୦

ଅନେକ ସମୟରେ ରାଗ ପଛରେ ଅନୁରାଗ ରହିଥାଏ । ମାନ ପଛରେ ଏକ ଆକର୍ଷଣ ରହିଥାଏ । ଯିଏ ବାହାରେ ଯେତେବେଶୀ ଗୁଡ଼ ଘୁଞ୍ଚିଯିବାର ଉତ୍ତେଜନା ଦେଖାଉଥାଏ, ସିଏ ହୁଏତ ଭିତରେ ସେତକ ଅଧିକ ପାଖକୁ ଆସିବାର ଏକ ବାସନା ରଖିଥାଏ । ବାଟ ଖୋଜୁଥାଏ, ଖିଅ ଖୋଜୁଥାଏ;—ତଥାପି କୋଉଠି ଗୋଟାଏ ଗଣ୍ଠି ପାଖରେ ଅଟକି ରହି ଯାଉଥାଏ । ସେହି ଗଣ୍ଠି ଫିଟିଯିବା ଲାଗି ବି ଗୋଟାଏ ବେଳ ଆସି ପହଞ୍ଚେ । ସେହି ବେଳ ଆସି ପହଞ୍ଚିଲେ ଉତ୍ତେଜନା ଗୁଡ଼ାକ କୁଆଡ଼େ ଫସରଫାଟି ଯାଏ । ମାନର ବାଡ଼ଗୁଡ଼ାକ କୁଆଡ଼େ ମିଳାଇଯାଏ । ଟାଣ ଜାଗାଗୁଡ଼ାକ ନରମ ହୋଇଯାଏ । କେଡ଼େ ନିର୍ଭୟ ଲାଗେ । ସେତେବେଳେ ଆପଣା ଭିତରେ ହିଁ ଆପଣା ମିତ୍ରର ଅନୁଭୂତି ମିଳେ ଏବଂ ସେହି ମିତ୍ର ବନ୍ଦ ହୋଇ ଯାଇଥିବା ବାଟଗୁଡ଼ାକୁ ପୁଣି ଖୋଲି ଦେଇଯାଏ ।

ସେହି ଗଣ୍ଠିଗୁଡ଼ିକ ଖୋଲିଯିବା ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ହୁଏ । ଧୈର୍ଯ୍ୟର ସହିତ ଅପେକ୍ଷା କରିବାକୁ ହୁଏ, ବିଶ୍ୱାସର ସହିତ ଅପେକ୍ଷା କରିବାକୁ ହୁଏ । ସେହି ବିଶ୍ୱାସ ନିଜ ଭିତରୁ ମିଳେ, ବାହାରୁ ବି ମିଳେ । ବାହାରେ ସବୁଟି ସହିତ ଡୋର ଲାଗିଗଲା ବେଳକୁ ଭିତରେ ମଧ୍ୟ ଅତ୍ୟନ୍ତ ସ୍ୱାଭାବିକ ଭାବରେ ଡୋର ଲାଗି ଯାଇଥିଲା ପରି ମନେହୁଏ । ପୁଣି, ଭିତରେ ଡ଼ୋର ଲାଗିଯିବା ମାତ୍ରକେ ବାହାରଟା ଭିତରେ ବି କୋଉକାଳରୁ ପ୍ରସାରିତ ଓ ସଂଲଗ୍ନ ହୋଇ ରହିଥିବା ପରି ମନେହୁଏ । ସବୁ ସମାଧାନ ମିଳିଯାଏ । ଭିତର ବାହାର ମିଶି-ଯାଆନ୍ତି । ନିଜ ଭିତରେ ରହିଥିବା ସବୁ ଶତ୍ରୁ ଘରକୁ ଆସନ୍ତି । ତାଡିଗୁଡ଼ାକ ଯତେଅବା କେଉଁ ଅବର୍ଣ୍ଣନୀୟ ରସାୟନବିଧିର ବଳ ଭିତରକୁ ଆସି ଅନୁରକ୍ତିରେ ପରିଣତ ହୋଇଯାଆନ୍ତି । ସେତେବେଳେ ସବୁ ତାତ ମିଶି ଆପଣାକୁ ଏକ ସମଗ୍ର ପ୍ରସନ୍ନତାରେ ପରିଣତ କରି ଦିଅନ୍ତି । ତା'ପରେ ଆଉ କୋଉଠିକି ଯିବାକୁ ବି ମୋଟେ ଲାଜ ମାଡ଼େ ନାହିଁ । ସଙ୍କୋଚ ଦୂର ହୁଏ । ଦୁଆରଗୁଡ଼ାକ ଖୋଲି ରହିଥିଲେ ଯେ ପ୍ରକୃତିରେ କେତେ ଉଲ୍ଲାସ ଲାଗେ, କେଡ଼େ ଐଶ୍ୱର୍ଯ୍ୟମୟ ଲାଗେ, ତାହାର ଅନୁଭୂତି ମିଳିଯାଏ ।

୧୦ । ୧୦ । ୮୦

ବନ୍ଧୁଗୁଡ଼ାକ ହିଁ ଏ ଜୀବନରେ ସର୍ବପ୍ରଧାନ ମାଧ୍ୟମ ହୋଇ ରହିଲେ । ତାହାର ବୋଧହୁଏ ସବୁଠାରୁ ଅସଲ ଅର୍ଥ ହେଉଛି ଯେ, ଏ ଜୀବନରେ ଜାଣିବାଲାଗି ଆହୁରି ଅନେକ କଥା ଯେ ବାକୀ ରହିଛି, ମୋ' ଭିତରେ ସେହି ଅସନ୍ତୋଷଟି ସତେଅବା ଭାରି ଦୃଢ଼ମୂଳ ହୋଇ ରହିଗଲା । ଏଠି ଆହୁରି କେତେ କ'ଣ ବାଣ୍ଟି ଯିବାଲାଗି ବାକୀ ରହିଛି, କେତେ କେତେ ସ୍ଥାନରେ କେତେ ଭେଟ ହେବା ତଥାପି ବାକୀ ରହିଛି ଓ ଆପଣାକୁ ସାଙ୍ଗରେ ନେଇ କେତେ ପାହାଚ ଉଠିବା ଓ କେତେ ଦ୍ୱାରରେ ଯାଇ ଆଘାତ କରିବା ତଥାପି ବାକୀ ରହିଛି,—ଏହିପରି ଗୋଟାଏ ନିତ୍ୟ ଅନୁରାଗ ମୋତେ ପ୍ରାୟ ଜୀବନଯାକ ଭାରି ନିଅଣ୍ଟିଆ ଓ ଭାରି ଲୋଭୀ କରି ରଖିଲା । ଏହି ତଥାକଥିତ ମାଧ୍ୟମଗୁଡ଼ାକ ପାଖରେ ମୋତେ ଭାରି ବାନ୍ଧି କରି ରଖିଲା ।

ମୁଁ ଏତିକି ଜାଣିଛି, ଏହି ବନ୍ଧୁଗୁଡ଼ାକ ମୋ' ଲାଗି କଦାପି ଗୋଟାଏ ବୋଝ ହୋଇ ରହିବେ ନାହିଁ । ମୋ' ଜୀବନରେ ଜ୍ଞାନ କଦାପି ଗୋଟାଏ ବୋଝ ହୋଇ ରହିବନାହିଁ । ଜ୍ଞାନ ମୋ' ବୋଝଗୁଡ଼ାକୁ ଖସାଇବାରେ ଲାଗିଥିବ, ମୋତେ ଅଧିକରୁ ଅଧିକ ପ୍ରସ୍ତୁତ କରାଇ ନେଉଥିବ,- ନିଜେ ଧୂପ ପରି ଜଳି ସୁଗନ୍ଧରେ ପରିଣତ ହୋଇ ଯାଉଥିବ, ଶ୍ରଦ୍ଧାରେ ପରିଣତ ହୋଇ ଯାଉଥିବ । ମୋତେ ସବୁକାଳ ସକାଶେ ଠିକ୍ ଏମିତି ହାଲୁକା କରି ରଖି ଯାଉଥିବ । ତେଣୁ, ମୋତେ ଅଧିକରୁ ଅଧିକ ନିକଟବର୍ତ୍ତୀ କରି ଆଣୁଥିବ । ମୁଁ ଯେ କେଉଁଠିହେଲେ ଅଟକି ଯିବନାହିଁ ଓ କେଉଁଠୁହେଲେ କଦାପି ଫେରି ଯିବନାହିଁ, ମୋ'ର ଜ୍ଞାନ, ମୋ'ର ଭେଟ ଓ ମୋ'ର ପରିଚୟ ଗୁଡ଼ାକ ମୋତେ ସେହିପରି ଏକ ଦୃଢ଼ ଭକ୍ତି ଓ ବିଶ୍ୱାସ ଯୋଗାଇ ଦେଇ ଯାଉଥିବ ।

ଜ୍ଞାନ ଗୋଟାଏ ଆଖି, ଯେଉଁଥିରେ ସବୁ ନୂଆ ଦିଶେ, ଜ୍ଞାନ ଗୋଟାଏ ବନ୍ଧୁ, ଯିଏକି ଆପଣାକୁ ନୂଆ ନୂଆ ପରିଚୟରେ ଅନୁଭୂତ କରାଇ ଶିଖାଏ,– ଅସଲ ବନ୍ଧୁର ନିକଟ କରାଇ ଆଣେ, ହୃଦୟର ଆଡ଼କୁ ବାଟ କଢ଼ାଇଆଣେ ।

୧୧ । ୧୦ । ୮୦

ଏହି ଅତୀତ କ'ଣ ପ୍ରକୃତରେ ଥିଲା ? ନା ଅତୀତର କାବ୍ୟ ଓ କାବ୍ୟୋପନ୍ୟାସ ଗୁଡ଼ିକର ମଧ୍ୟଦେଇ ଅତୀତର ଦୃଷ୍ଟିଶୀଳ ମନୀଷ ଭବିଷ୍ୟର ଏକ ସ୍ୱପ୍ନ ଦେଖୁଥିଲା ? ଭବିଷ୍ୟଲାଗି ଏକ ଉଜ୍ଜ୍ୱଳତର ସମାଜ ଏବଂ ଉଜ୍ଜ୍ୱଳତର ସମ୍ଭାବନାର ହିଁ ଏକ ସ୍ୱପ୍ନ ଦେଖୁଥିଲା ?

ଇତିହାସକୁ ମୁଁ କଦାପି ଏକ ପ୍ରାକ୍‌କାଳୀନ ଗୌରବମୟତାରୁ ପରବର୍ତ୍ତୀ-କାଳୀନ ଏକ ଅବକ୍ଷୟ ମଧ୍ୟକୁ ଏକ ପତନ ବୋଲି କହିପାରିବନାହିଁ । ଇତିହାସକୁ

ମୁଁ ହୁଏତ ମୂଳତଃ ଏକ ଆକାଙ୍‌କ୍ଷା ବୋଲି କହିବି,—ଯାହାର ମଧ୍ୟଦେଇ ମଣିଷ ଏକ ଅଧିକ ସଙ୍ଗତିସମ୍ପନ୍ନ ଭବିଷ୍ୟଲାଗି ଆପଣାକୁ ସଚଳ କରି ରଖିଆସିଛି । ସେଇ ସଚଳ ରହିବାରେ ଓ ଆକାଙ୍‌କ୍ଷା କରିବାରେ ସିଏ କେତେଥର ଝୁଣ୍ଟିଛି, ପଡ଼ିଛି, ଆପଣାର ନାନା ଚତୁରତା ଓ ଅଧୀରତା ଦ୍ୱାରା ପ୍ରତାରିତ ହୋଇଛି,—ତଥାପି ଆକାଙ୍‌କ୍ଷା କରିଛି, ତଥାପି ସ୍ୱପ୍ନ ଦେଖିଛି । ପରସ୍ପରକୁ କେତେଥର ପ୍ରତାରଣା କରିଛି, ତଥାପି ପରସ୍ପର ସହିତ ସମ୍ମିଳିତ ହେବାକୁ ଆସିଛି । ଶତ୍ରୁକୁ ମିତ୍ର କରିଛି, ଘୃଣାକୁ ଶ୍ରଦ୍ଧାରେ ପରିଣତ କରିଛି, ଆପଣା କ୍ଷୁଦ୍ରତାର କେତେ ପର୍ବତ ଡେଇଁ ସିଏ କେତେପ୍ରକାରେ ଆହୁରି ଆଗକୁ ଦୃଷ୍ଟିପାତ କରିବାକୁ ଓ ଆପଣାର ନମୀଣ-କଳ୍ପନା ଗୁଡ଼ିକୁ ତଦନୁରୂପ କରି ଗଢ଼ିବାକୁ ଉଦ୍ୟମ କରିଛି । ଇତିହାସକୁ ଏହିପରି ଭାବରେ ଗ୍ରହଣ କଲେ ଇତିହାସର ମୂଳସୂତ୍ର ଗୁଡ଼ିକୁ ଯଥାସମ୍ଭବ ଅଧିକ ସଂଗତି ସହିତ ଧରିପାରିବା ସମ୍ଭବ ହୁଏ । ତା'ନହେଲେ ଇତିହାସଟା ସତେଯେପରି ଏକ ଭାବପ୍ରବଣତା ଏବଂ ଏକ ଅରାଜକତାରେ ପରିଣତ ହୋଇ ରହିଥିବା ପରି ମନେ ହୋଇଥାଏ । ଇତିହାସ ଦେଇ ସମଗ୍ର ବିଶ୍ୱ, ସମଗ୍ର ଜୀବନ ଓ ମନୁଷ୍ୟର ସମୁଦାୟ ନିୟତିଟିକୁ ଅନୁଭବ କରିବା ଆଦୌ ସମ୍ଭବ ହୁଏନାହିଁ ।

୧୬ । ୧୦ । ୮୦

ମଣିଷ ଯେଉଁଠାରେ ଆହୁରି ବଡ଼ ବଡ଼ ପାଚେରୀ ତିଆରି କରି ରଖିବା-ଲାଗି ଗୋଟାକପରେ ଗୋଟାଏ ଆୟୋଜନ କରିବାରେ ଲାଗିଛି, ସେଠାରେ ବିପ୍ଳବ କୁଆଡ଼ୁ ଆସିବ ? ସେଠାରେ ବିପ୍ଳବ ହୁଏତ ଏକ କଥାର ଭୂଷଣ ହୋଇ ରହିଯିବ । ଯେଉଁଠାରେ କବାଟଗୁଡ଼ାକ ବିଲ୍‌କୁଲ୍ ବନ୍ଦ ହୋଇ ରହିଛି ଓ ମୁହଁଗୁଡ଼ାକ ପ୍ରାୟ ଜ୍ୟୋତିହୀନ ପ୍ରାଣହୀନ କାଚପରି ହୋଇ ରହିଛି, ସେଠାରେ ସବୁ ମଣିଷଙ୍କ ପାଇଁ ଜାଗା ହୋଇପାରିବ କିପରି ? ଯେଉଁଠାରେ ମଣିଷ କେବଳ ବର୍ତ୍ତମାନର ଭରଣାଟି ଭିତରେ ପଡ଼ି ରହିଛି, ସେଠାରେ ପ୍ରବେଶ କରିବା ଲାଗି ଭବିଷ୍ୟ କିପରି ସାହସ କରିବ ?

ତେଣୁ ମୁଁ ଆହୁରି ଚୁପ୍ ହୋଇଯିବି । ଆହୁରି ଘନିଷ୍ଠ ହୋଇ ରହିବାକୁ ଚେଷ୍ଟା କରିବି । ଆହୁରି ଅଧିକ ସଂଯୁକ୍ତ ହୋଇ ରହିବି । ପାଚେରୀ ଗୁଡ଼ାକର ସେପାଖକୁ ଦେଖି ପାରିବାର ସାମର୍ଥ୍ୟ ଅର୍ଜନ କରିବି । ପ୍ରତ୍ୟେକ ମଣିଷ ଆପଣାର ଘନିଷ୍ଠ ସ୍ତରରେ ଯେଉଁଠାରେ ଅସଲ ଉନ୍ମୋଚନଟି ଲାଗି ଅପେକ୍ଷା କରି ରହିଛି, ମୁଁ ଠିକ୍ ସେଇଠାରେ ଯାଇ ତାକୁ ଭେଟିବାକୁ ଚେଷ୍ଟା କରିବି, ତା' ସହିତ ସେଇଠି ବନ୍ଧୁ ବାନ୍ଧିବି,—ସେଇଠୁ ଏକଜ ହୋଇ ବାହାରିବି । ମୁଁ ତାକୁ ଅଡ଼ାଇ ନେବାରେ ଆଦୌ କୌଣସି ଚେଷ୍ଟା କରିବିନାହିଁ । ମୁଁ ତା'ର ସାଙ୍ଗରେ ଯିବାକୁ

ଅଭିଳାଷ ରଖିବ । ଆମ ଶ୍ରଦ୍ଧାର ବୃନ୍ତଗୁଡ଼ାକୁ ଆମେ ଯଥାର୍ଥ ଭାବରେ ପ୍ରସାରିତ କରିପାରୁନାହୁଁ ବୋଲି ଯେ ଆମର ଆମର କ୍ଷୁଦ୍ର ଶ୍ରଦ୍ଧାଗୁଡ଼ାକ କୌଣସି ନା କୌଣସି ସ୍ଥାନକୁ ଆସି ଗୋଟାଏ ଗୋଟାଏ ମୁଦା ଦେଉଳ ହୋଇ ରହିଯାଉଛୁ, ମୁଁ ସମସ୍ତଙ୍କ ସହିତ ସେହି ବିଷୟରେ କଥା ପକାଇବ । ମୋ'ର ପରିଧି ସତତ ବଢ଼ି ବଢ଼ି ଚାଲିଥିବ । ମୋ'ର କେନ୍ଦ୍ରଟି ସବୁରି ଭିତରେ ଜନ୍ମଗ୍ରହଣ କଲାପରି ଅନୁଭବ କରୁଥିବ । ମୋ'ର ଯାବତୀୟ ଆକାଂକ୍ଷା ପ୍ରମାଦମୁକ୍ତ ହୋଇ ରହିଥିବ । ତେବେ ଯାଇ ହେବ ।

**୧୬ । ୧୦ । ୮୦**

କୋଳାହଳ ପଛରେ ଏକ ଅନିଚ୍ଛା ରହିଥାଏ । ଏବଂ ସେହି ଅନିଚ୍ଛା ପ୍ରାୟ ଏକ ପ୍ରସ୍ତୁତ ହୋଇନଥିବା ଅବସ୍ଥାକୁ ହିଁ ବୁଝାଏ । ଧର୍ମ ଏବଂ ଆଧ୍ୟାତ୍ମିକତାର କ୍ଷେତ୍ରରେ ଯେଉଁମାନେ ଆଗ କୋଳାହଳ କରନ୍ତି, ବାଦ୍ୟାଦି ଦଶପ୍ରହରଣ ଧରି ଯେଉଁମାନେ କୋଳାହଳରେ କ୍ଷେତ୍ର କମ୍ପାଇବାକୁ ଆସନ୍ତି, ସେମାନଙ୍କ ଭିତରେ ମୂଳତଃ ଏକ ଅନିଚ୍ଛା ହିଁ ରହିଥାଏ । ସେମାନେ ପ୍ରସ୍ତୁତ ହୋଇ ନଥାନ୍ତି । ଖୁବ୍ ସମ୍ଭବ ପ୍ରସ୍ତୁତ ହେବାଲାଗି ସେମାନଙ୍କର ମନ ବି ନଥାଏ ।

ଯେଉଁମାନେ ଆଖିବୁଜି ବସିଥାନ୍ତି, ସେମାନେ ଯେ କୋଳାହଳରୁ ମୁକ୍ତ ହୋଇ ରହିଥାନ୍ତି, ସେକଥା ମଧ୍ୟ କଦାପି କୁହାଯାଇ ପାରିବ ନାହିଁ । ହୁଏତ ମତବାଦଗତ କୌଣସି ଏକ କାରଣରୁ ସେମାନେ କୋଳାହଳ ନକରିବାକୁ ହିଁ ମନସ୍ଥ କରିଥାନ୍ତି । ଭଦ୍ରତା ଦେଖାଉଥିବା ଅନେକ ମଣିଷ ଯେପରି ଭିତରେ ଆଦୌ ଭଦ୍ର ହୋଇ ରହିନଥାନ୍ତି, ଅଥବା ଭଦ୍ର ହେବାକୁ ମୋଟେ ଇଚ୍ଛା କରୁ ନଥାନ୍ତି, ଏହି କଥାଟିକୁ ଆମେ ପ୍ରାୟ ସେହିପରି ବିଶ୍ଳେଷଣ କରିପାରିବା ।

ନୀରବତା ଏକ ritual ନୁହେଁ, ତାହା ପ୍ରକୃତରେ ଏକ ସମ୍ପଦ । ଏକ ଯନ୍ତ୍ର ହୋଇ ପରିଚାଳିତ ହେବାଲାଗି ସମ୍ପଦ । ସତତ ପ୍ରସ୍ତୁତ ହୋଇ ରହିବାର ଏବଂ ଆଦୌ କୌଣସି ଅଭିଯୋଗ ନକରିବାର ଏକ ସମ୍ପଦ । ନୀରବତା ହେଉଛି ବିଶ୍ୱାସର ଏକ ଅନ୍ୟ ନାମ, ବାଟ ଚାଲୁଥିବା ନିଜ ଭିତରର ସଙ୍ଗୀଟି ଉପରେ ଅଟଳ ବିଶ୍ୱାସର ଏବଂ ଆପଣାର ହାତ ଧରି ଅତ୍ୟନ୍ତ ସ୍ୱାଭାବିକ ଭାବରେ ବାହାର କରି ନେଉଥିବା ସେହି ପରମସଙ୍ଗୀ ଉପରେ ଅଟଳ ବିଶ୍ୱାସର ଏକ ଅନ୍ୟ ନାମ । ଏହି ବିଶ୍ୱାସ ରହିଥିଲେ ଆମ ପାଖରେ ଆମ ନୀରବତାରୁ ହିଁ ସକଳ ଉତ୍ତର ଆସି ମିଳିଯାଏ । ନୀରବତା ନିର୍ଦ୍ଦେଶ ଦିଏ, ଏବଂ ସେହି ନୀରବତା ହିଁ ନିର୍ଦ୍ଦେଶ ମାନେ । ଅସଲ ସ୍ୱର୍ଗ ଓ ଅସଲ ସେତୁଟି ଆପେ ଆପେ ସମ୍ଭବ ହୋଇଯାଏ । ଜୀବନଟା କେବଳ ଏକ ଅନନ୍ତ ଓ ଅପାର ଖୁସୀ ଛଡ଼ା ଆଉ କିଛି ବୋଲି ମନେ ହୁଏନାହିଁ ।

୧୪।୧୦।୮୦

ଜୀବନରେ ସଂଗ୍ରହ ଓ ବିତରଣ ଏକା ସମୟରେ ହୋଇ ପାରୁଥିବା ଉଚିତ । ଅନେକ ମଣିଷ ଅଛନ୍ତି, ଯେଉଁମାନେ କି ଆଗ ସଂଗ୍ରହ କରିସାରିଲେ ଯାଇ ତା'ପରେ ବିତରଣ କରିବା ସମ୍ଭବ ହେବ ବୋଲି ଭାବୁଥାନ୍ତି । ସେମାନେ କାଳକ୍ରମେ ସଂଗ୍ରହଲୋଭୀ ହୋଇଯାନ୍ତି । ବିତରଣ କରିବାର ସମୟ ଆସିବା ବେଳକୁ ସେମାନେ ହୁଏତ ପୁଣ୍ୟର ଲୋଭରେ ତାହା କରନ୍ତି । ସେମାନେ ଆପଣାକୁ କେବେହେଲେ କାହାରି ପାଖରେ ବା କାହାରି ଲାଗି ଦେଇ ପାରନ୍ତି-ନାହିଁ । ସଂଗ୍ରହର ନିରାପଦ ସୀମାଗୁଡ଼ିକୁ ବଜାୟ ରଖି ଯାହାକିଛି ବିତରଣ କରୁଥାନ୍ତି ଓ ତେଣୁ ଆପଣାର କୂପଗୁଡ଼ିକ ମଧ୍ୟରୁ କେବେହେଲେ ମୁକ୍ତି ପାଇ ପାରନ୍ତିନାହିଁ । ଏମାନେ ଜୀବନଯାକ ଲୋଭୀ ହୋଇ ରହିଯାଆନ୍ତି ।

ସଂଗ୍ରହ କରିବା ଜୀବନର ଯେମିତି ଏକ ଧର୍ମ, ବିତରଣ କରିବା ମଧ୍ୟ ଠିକ୍ ସେହିପରି ଏକ ଧର୍ମ । ସଂଗ୍ରହ ସହିତ ବିତରଣ କି ଲାଗି ରହିଥିଲେ ଆମ ସଂଗ୍ରହର ମାନଟି ମଧ୍ୟ କ୍ରମଶଃ ବଢ଼ିବାରେ ଲାଗିଥାଏ । ଆମର ସଂଗ୍ରହଗୁଡ଼ାକ ମଧ୍ୟ ଆମର ଉତ୍ତରୋତ୍ତର ଉନ୍ମୋଚନ ଲାଗି ସହାୟକ ହୁଏ । ଯଥାର୍ଥ ସଂଗ୍ରହ ସମ୍ଭବ ହୁଏ । ଆମ ବିତରଣଗୁଡ଼ାକ ମଧ୍ୟ ଆମ ଜୀବନକୁ ଆହୁରି ଅଧିକ ଉନ୍ମୋଚିତ ହୋଇ ରହିବାକୁ ସାହାଯ୍ୟ କରିପାରନ୍ତି । ବିତରଣ ଭିତରୁ ଯାବତୀୟ ଦମ୍ଭ ଅପସାରିତ ହୁଏ,—ଏହି ସଂସାରରେ ଆପଣାକୁ ସମସ୍ତଙ୍କ ସହିତ ସମଭାଗୀ ବୋଲି ମନେହୁଏ ଆପଣାକୁ ଜଣେ ପୂର୍ଣ୍ଣ ମଣିଷରୂପେ ଆବିଷ୍କାର କରିବାକୁ ସୁଯୋଗ ମିଳେ ।

ମୋ'ର ଯାବତୀୟ ସଂଗ୍ରହ ଓ ଯାବତୀୟ ବିତରଣ ମୋତେ ଏକ ମହତ୍ତର ସହଜୀବନ ଲାଗି କ୍ରମଶଃ ଯୋଗ୍ୟ କରିନେଉ, ମୋତେ ଯାବତୀୟ ପ୍ରକାରର କୂପରେ ଆବଦ୍ଧ ହୋଇ ରହିବାର ଦୁର୍ଭାଗ୍ୟରୁ ମୁକ୍ତ କରି ଆଣୁଥାଉ ।

୧୫।୧୦।୮୦

ଏମାନେ ପ୍ରାୟ ସମସ୍ତେ ସଂସାର ଲାଗି ବା ସଂସାରରେ କିଛି ନା କିଛି କରିବାକୁ ବାହାରିଥିଲେ । ମାତ୍ର ସେମାନେ ଯାହାକିଛି କଲେ, ତଦ୍ଦ୍ୱାରା ହୁଏତ କେବଳ ନିଜକୁ ପାଇଲେଏବଂ ସଂସାରକୁ ହରାଇ ବସିଲେ । ଭାରତର ଶାସ୍ତ୍ରରେ ସର୍ବପ୍ରଥମେ ଆପଣାକୁ ଉପଲବ୍ଧି କରିବାର କଥା କୁହାଯାଇଛି । ଆପଣାର ଏହି ତଥାକଥିତ ଉପଲବ୍ଧି ଲାଗି କେଡ଼େ ଚମତ୍କାର ଭାବରେ କେତେ ସାଧନା ଓ କେତେ ମାର୍ଗ ଖଞ୍ଜି ଦିଆଯାଇଛି । ଭାରତର ଅନେକ ସାଧକ ସେହିସବୁ ନାନା ବାଟରେ ଯାଇ ଆତ୍ମୋପଲବ୍ଧି କି କରିଛନ୍ତି । ମାତ୍ର ସଂସାରକୁ

ହୋଇଯାଇଛନ୍ତି । ନିଜକୁ ଆପଣାର ଉପଲବ୍ଧି କରି ସଂସାରକୁ ଆପଣା ସହିତ ନେବାର ଯେଉଁ କାର୍ଯ୍ୟକ୍ରମଟି ପ୍ରଥମରୁ ରହିଥିଲା, ସେମାନେ ସେଇଟି ସହିତ ଛିନ୍ନ ହୋଇ ବସିଛନ୍ତି ।

ସଂସାରକୁ ଉପଲବ୍ଧି କରିବାର ଅସମର୍ଥତା ଜନିତ ଅସଫଳତାକୁ ଭୁଲିଯିବାର ଏକ ଅନ୍ୟବାଟ ରୂପେ ଆଉ କ'ଣ ଭାରତବର୍ଷରେ ଆତ୍ମଉପଲବ୍ଧି ବୋଲି କୁହାଯାଇଛି କି ? ସଂସାରଲାଗି ଆପଣାକୁ ସଂଯୁକ୍ତ କରି ରଖିବାର ଏବଂ ସଂସାର ଭିତରେ ହିଁ ଆପଣାକୁ ଉପଲବ୍ଧି କରିବାର ଅସମର୍ଥତାରୁ ଓ ତଜ୍ଜନିତ ନୈରାଶ୍ୟରୁ ମଣିଷକୁ ଭୁଲାଇ ରଖିବାକୁ କ'ଣ ଆମ ଶାସ୍ତ୍ରକାର ଓ ଦର୍ଶନକାରମାନେ ଆତ୍ମ-ଉପଲବ୍ଧି ବିଷୟରେ ଏତେ ଅଧିକ ଉତ୍ସାହିତ ଏବଂ ଏକଦେଶୀ ଭାବରେ ଏତେଗୁଡ଼ାଏ କଥା କହିଛନ୍ତି କି ? ଭାରତବର୍ଷରେ ଜୀବନର ମାର୍ଗଟି ହୁଏତ କ୍ରମେ ନିଜ ବିଷୟରେ ଏତେ ଅଧିକ ପରିମାଣରେ ଛନ୍ଦହୋଇ ରହି ସଂସାରକୁ ହରାଇ ହରାଇ ଆସିଛି । ସଂସାର ଭିତରେ ଯେ ମୋ'ର ଖୋଜୁଥିବା ସତ୍ୟଟି ରହିଛି, ଏହି ସବୁଟି ସହିତ ଯେ ମୁଁ ଅତ୍ୟନ୍ତ ଅନ୍ତରଙ୍ଗ ଭାବରେ ସଂଯୁକ୍ତ ହୋଇ ରହିଛି, ଏଇଟି ଉପରେ ଗୁରୁତ୍ୱ ନଦେଇ ଭାରତରେ ଆତ୍ମୋପଲବ୍ଧିର ବାଟକୁ ମଧ୍ୟ ଭାରି ଏକମୁହାଁ କରି ଦିଆଯାଇଛି, ଏଥିମଧ୍ୟରୁ ସମଗ୍ରପୂର୍ଣ୍ଣତାର ଉପାଦାନଟିକୁ ଗ୍ରହଣ କରି ନିଆଯାଇଛି ।

୧୭।୧୦।୮୦

ଏମାନେ ଯେଉଁମାନେ ଆଗ ବାଧାଗୁଡ଼ିକୁ ଦେଖୁଛନ୍ତି, ସେମାନେ ଯାହା ହେବା ଉଚିତ ଓ ଯାହାଲାଗି ବଞ୍ଚିବା ଉଚିତ, ତାହାକୁ ମୋଟେ ଦେଖି ପାରୁନାହାନ୍ତି କିମ୍ବା ଦେଖିଲେ ମଧ୍ୟ ତାହାକୁ ଟାଳିଦେବାରେ ଲାଗିଛନ୍ତି । ସେମାନଙ୍କୁ ଆଉ କେହି ବୁଝାଇ ପାରିବେନାହିଁ । ଏମାନେ ହେଉଛନ୍ତି ଆମ ସଂସାରରେ ଗେହ୍ଲା ପିଲା । ଏମାନେ ସବୁ ବଦଳିଯିବା ଉଚିତ ବୋଲି କହନ୍ତି, ମାତ୍ର ଗୋଡ଼ ଦୁଇଟିକୁ ନାନା ନିରାପତ୍ତାର ଦଉଡ଼ିରେ ବାନ୍ଧିକରି ରଖିଥାନ୍ତି । ଆଗ ସବୁ ପ୍ରତିକୂଳ ଅବସ୍ଥା ଦୂର ହୋଇଯିବ ଓ ତା'ପରେ ଯାଇ ମୁଁ କିଛି ଅନ୍ୟପ୍ରକାର ହେବ ବା 'ଅନ୍ୟପ୍ରକାର କରିବ,—ଏହିପରି ଚିନ୍ତା କରି ଯୋଉଠି ସେଇଠି ବସି ରହିଥିବା ମଣିଷମାନେ ବର୍ତ୍ତମାନର ଜଙ୍ଗଲଟା ଭିତରେ ହୁଏତ ଗୋଟିଏ ଗୋଟିଏ ବଢ଼ିଆ ଗୁଳୁ ହୋଇ ଶୋଭା ପାଇ ରହିବାକୁ ଚାହାନ୍ତି । ସେମାନଙ୍କ ଭିତରୁ କେହି କେବେ କୌଣସି ଆଘାତ ପାଇଲେ ହୁଏତ ସେମାନଙ୍କର ଏହି ଉପେକ୍ଷାଭାବରେ କୌଣସି ଆଘାତ ଆସିବା ସମ୍ଭବ ହେବ । ଅଥବା, କେହି ସେମାନଙ୍କର ଅତ୍ୟନ୍ତ ଅନ୍ତରଙ୍ଗ ହୋଇ ପାଖକୁ ଆସି ସେମାନଙ୍କୁ ହଲାଇଦେଇ ପାରିଲେ ହୁଏତ କିଛି ସମ୍ଭବ ହେବ ।

ଏମାନେ ଆପଣାର ଚାରିପାଖରେ କେତେ ଦର୍ଶନ, ନ୍ୟାୟ ଓ ବାସ୍ତବବାଦୀ ଯୁକ୍ତିର ଏକ ବହଳ ଅଭେଦ୍ୟପ୍ରାୟ ପରସ୍ତ ତିଆରି କରି ତାହାରି ଭିତରେ ଅନାହତ ହୋଇ ବସି ରହିଥାନ୍ତି,—ସେମାନଙ୍କୁ ସାଙ୍ଗ କରି ପାରିଲେ ଯାଇ ସେମାନଙ୍କ ଭିତରକୁ ଭେଦ କରି ପାରିବା ।

ଗତ ଗୋଟାଏ ପୁରୁଷ ଭିତରେ ଆମ ଦେଶରେ ଏହିମାନଙ୍କର ସଂଖ୍ୟା ହୁଏତ ବହୁ ପରିମାଣରେ ବଢ଼ିଛି । ସେଥିଲାଗି ଏହି ସମସ୍ୟାଟା ବି ଆମ ଉପରେ ଅଟଳପ୍ରାୟ ଆସନ ମାଡ଼ି ବସିଛି । ଏହି ଅଟଳଟାକୁ ଟଳାଇବା ତଥାପି ସମ୍ଭବ ହେବ ।

୧୮ । ୧୦ । ୮୦

ଆମେ ସଂସାରକୁ ଯେତିକି ଖରାପ ବା ଯେତିକି ଭଲ ହେବାକୁ ଇଚ୍ଛା କରୁଛୁ, ଏହି ସଂସାର ସେତିକି ଭଲ ବା ସେତିକି ଖରାପ ହିଁ ହେଉଛି । ତେଣୁ, ସଂସାରଟା ଭାରି ଖରାପ ହୋଇ ଯାଉଛି ବୋଲି ଯେଉଁମାନେ ପ୍ରାୟ ଉତ୍ତେଜିତ ଭାବରେ ଆତଙ୍କ ପ୍ରକାଶ କରୁଛନ୍ତି, ସେମାନଙ୍କର ସବାଆଗ ଏହି କଥାଟିକୁ ଉପଲବ୍ଧି କରିବା ଦରକାର । ଭାବପ୍ରବଣତାକୁ ସାରକରି ଧରି ଏହି ଦେଶରେ ତିରିଶି ବର୍ଷରୁ ଅଧିକ ଅତିବାହିତ ହୋଇଗଲାପରେ ଆମର ଅନ୍ତତଃ ଏତିକି ଚେତା ହୋଇ ପାରିବା ଉଚିତ ।

ଆମ ସମାଜରେ ବର୍ତ୍ତମାନ ଯେତେ ଯାହା ନୃଶଂସତା ଓ ଅମାନୁଷିକତା ଘଟୁଛି । ସେହିସବୁ ନୃଶଂସତା ଓ ଅମାନୁଷିକତାର ବୀଜ ଆମରି ଭିତରେ ରହିଛି । ଆମେ ଯେତେ ପରୋକ୍ଷରେ ହେଲେ ମଧ୍ୟ ସେଗୁଡ଼ିକୁ ବେଶ୍ ପ୍ରଶ୍ରୟ ଦେଇ ଆସିଛୁ । ଅନେକ ସମୟରେ ଆମେ ସେଗୁଡ଼ାକରୁ ଲାଭବାନ୍ ବି ହୋଇଛୁ । ଜୀବନକୁ ଆମେ ପ୍ରଧାନତଃ ଅଧିକରୁ ଅଧିକ ସୁବିଧାର ଉପଭୋଗ ବୋଲି ଗ୍ରହଣ କରି ନେଇଛୁ । ମଣିଷକୁ ମଣିଷ ପରି ଦେଖିଲେ ଯେଉଁ ବିନୟ ଓ ଯେଉଁ ସଂଯମ ସ୍ୱାଭାବିକ ଭାବରେ ଆମ ପକ୍ଷରେ ସମ୍ଭବ ହୋଇ ପାରନ୍ତା; ତାହା ଆଉ ଆମଲାଗି ମୋଟେ ସମ୍ଭବ ହେଉନାହିଁ । ଆମର ବିନୟ; ସଂଯମ ଓ ସବୁକିଛି କେବଳ ସଭାର ଉପଦେଶ ଏବଂ ଶାସ୍ତ୍ରର ଉଡ଼ାକଥା ହୋଇ ରହିଛି । ଯେଉଁ ଅସଲ ଭକ୍ତି ରହିଥିଲେ ଆମେ ଶାସ୍ତ୍ରରୁ ମଧ୍ୟ ଜୀବନକୁ ପରିଚାଳିତ କରି ପାରିବାର ଏକ ପ୍ରେରଣା ପାଇ ପାରୁଥାନ୍ତୁ, ତାହା ଆମଠାରୁ ଏବେ ବହୁଦୂର ହୋଇ ରହିଲାଣି । ଭକ୍ତି ବଦଳରେ ବାହ୍ୟାଚାର ଅତି ପ୍ରବଳ ହେଲାଣି । ଯେଉଁ ଶ୍ରଦ୍ଧା ଥିଲେ ଆମେ ଜଣେ ମଣିଷ ଭାବରେ ଅନ୍ୟ ପ୍ରତ୍ୟେକ ମଣିଷକୁ ଆମର ନିକଟବର୍ତ୍ତୀ ବୋଲି ଅନୁଭବ କରି ପାରୁଥାନ୍ତୁ ସେହି ଶ୍ରଦ୍ଧାକୁ ଆମେ କେଉଡ଼େ

ଚତୁରତା ସହିତ କୋଉଁ ଦିନରୁ ଜୁଡ଼ି ବସିଲୁଣି । ତେଣୁ, ଆମ ଭିତରେ ଯାହାସବୁ ପ୍ରଶ୍ରୟ ପାଇ ଆସିଥିଲା ଏବେ ସେହିଗୁଡ଼ାକ ହିଁ ବାହାରକୁ ବାହାରିବାକୁ ଆରମ୍ଭ କଲାଣି ।

୧୯ । ୧୦ । ୮୦

ବିଶ୍ୱାସ ରଖିବି ତ ଆପଣା ଉପରେ ବିଶ୍ୱାସ ରଖିବି ଭକ୍ତି କରିବି ତ ଆପଣା ଭିତରେ ରହିଥିବା ସେହି ମହତ୍ତମ ଐଶ୍ୱର୍ଯ୍ୟକୁ ହିଁ ଭକ୍ତି କରିବି । କାରଣ, ସେହି ଐଶ୍ୱର୍ଯ୍ୟକୁ ଚିହ୍ନି ପାରିଲେ ହିଁ ମୁଁ ଏହି ଭୁବନ ମଧ୍ୟରେ ଭରି ରହିଥିବା ଐଶ୍ୱର୍ଯ୍ୟକୁ ମଧ୍ୟ ଚିହ୍ନିବି, ମଣିଷ ମଣିଷ ଭିତରେ ପଡ଼ିଥିବା ସେହି ଅସଲ ସେତୁଟିକୁ ମୁଁ ଚିହ୍ନିପାରିବି ଓ ଆପଣା ଭିତରେ ଅନୁଭବ କରି ପାରିବି । ଯେଉଁମାନେ ଭିତରେ ନିଦେଖାଜନ୍ତି, ସେମାନେ ଭିତରେ ବା ବାହାରେ କୋଉଠି ହେଲେ ପାଇ ପାରନ୍ତି ନାହିଁ । ସେମାନେ ମନ୍ଦିର ଭିତରେ, ଧର୍ମ ଭିତରେ ଓ ତତ୍ସଂଜାତ ଯାବତୀୟ ଭୋଗାତୁରତା ଓ ଆଡ଼ମ୍ବର ଭିତରେ ଆପଣାକୁ କୁଆଡ଼େ ପୋତି ରଖିଥାନ୍ତି । ବାହାରର ଯାବତୀୟ ବହୁଳତା ଭିତରେ ବଡ଼ ଅବର୍ଜିଆ ଭାବରେ ଜମା ହୋଇ ରହିଥିବା ନାନା ଭାବପ୍ରବଣତା ହିଁ ଜୀବନଟାକୁ ଅତି ପ୍ରବଳ ଭାବରେ ଚିପି ଧରିଥାନ୍ତି । ସେହି ଭାବପ୍ରବଣତା କେତେବେଳେ ଯେ ଏକ ଛଦ୍ମବେଶୀ ଅନିଚ୍ଛା ଏବଂ ଅସାଧୁତାରେ ପରିଣତ ହୋଇଯାଏ, ସେକଥା ଅନେକ ସମୟରେ ମୋଟେ ଜାଣି ହୁଏନାହିଁ ।

ଏସବୁ ଅବଶିଷ୍ଟକୁ ମୋ'ର ମୋଟେ ମନ ନାହିଁ, ଏସବୁ ଆଡ଼ମ୍ବରକୁ ମୋ'ର ମୋଟେ ମନ ନାହିଁ । ଆପଣାର ସମ୍ବେଗଗୁଡ଼ାକୁ ମୁଁ ଏହି ଆଡ଼ମ୍ବର ଭିତରେ ଆଦୌ ସାରି ଦେବିନାହିଁ । ମୁଁ ଆପଣାକୁ ଠିକ୍ ଏକ ସେତୁପରି ବ୍ୟବହାର କରିବି, ପରବର୍ତ୍ତୀ ଭବିଷ୍ୟର ସେତୁରୂପେ ତିଆରି କରି ରଖିବି । ମୋ'ର ଭକ୍ତି, ମୋ'ର ଜ୍ଞାନ; ମୋ'ର ଉପାସନା ଓ ମୋ'ର ଯାବତୀୟ ବାଟଚଲା ସେଇଥିଲାଗି ହିଁ ସେତୁ ହୋଇ ରହିବ । ମୋ'ର ସହଯୋଗରେ ବର୍ତ୍ତମାନର ସ୍ୱପ୍ନଗୁଡ଼ାକ ଭବିଷ୍ୟତର ସତ୍ୟରୂପେ ପରିଣତ ହୋଇ ଯାଉଥିବ ।

୨୦ । ୧୦ । ୮୦

ବାଟ ଏକାଠି ହୁଏ, ପୁଣି ବାଟ ଅଲଗା ହୋଇଯାଏ । ପୁଣି ଅତ୍ୟନ୍ତ ଅପ୍ରତ୍ୟାଶିତ ଭାବରେ ଛାଡ଼ି ଆସିଥିବା ଝୁରୁଥିବା ମଣିଷଟି ସହିତ ସେହି ବାଟ ଉପରେ ହିଁ ଦେଖା ହୋଇଯାଏ । ଛିଡ଼ି ଯାଇଥିବା ଜଞ୍ଜିର ଗୁଡ଼ାକ ପୁଣି ଯୋଡ଼ି ହୋଇଯାଏ । ବାଟଗୁଡ଼ାକ ପୁଣି ଆସି ପରସ୍ପର ମିଳି ଯାଉଥିବା ପରି ମନେ ହୁଅନ୍ତି ।

ବାଟକୁ ବାଟ ମିଳାଯିବାର ପର୍ଯ୍ୟାୟଟାକୁ ଅନେକେ ବନ୍ଧୁତା ବୋଲି କହନ୍ତି ଏବଂ ବାଟରୁ ବାଟ ଛାଡ଼ିଯିବାର ପର୍ଯ୍ୟାୟକୁ ସେମାନେ ଶତ୍ରୁତା ବୋଲି କହନ୍ତି । ସଂସାରଟାକୁ ଏହିପରି ଭାବରେ ବନ୍ଧୁ ଓ ଶତ୍ରୁ ଦୁଇଭାଗରେ ବିଭକ୍ତ କରି ସଂସାରର ଆମେ ଅନେକ ଲୋକ ଭାରି ସୌଖିନ୍ ହୋଇ କାନ୍ଦୁ, ଭାରି ସୌଖିନ୍ ହୋଇ ହସୁ; ଭାରି ସୌଖିନ୍ ହୋଇ ଭଲ ପାଉ, ପୁଣି ସେହିପରି ଭାରି ସୌଖିନ୍ ହୋଇ ଘୃଣା କରୁ । କେତେ ବଡ଼ ବଡ଼ ପଥର ଦେଇ ପାଚେରିଗୁଡ଼ାକୁ ମଜବୁତ କରି ରଖୁ, ବାଟଗୁଡ଼ାକୁ ପ୍ରାୟ ଗୋଟାଏ ଗୋଟାଏ କବୁକ ଗାତରେ ପରିଣତ କରି ରଖିଥାଉ । ସେହି ଗାତଗୁଡ଼ାକୁ ନେଇ କାବ୍ୟ କରୁ, କବିତା କରୁ, ଉପନ୍ୟାସ ରଚୁ । ଏହିସବୁ କାଣ୍ଡଗୁଡ଼ାକ ଭିତରେ ଠାକୁରମାନଙ୍କୁ ଭାଗୀ କରାଉ । ଏହାଦ୍ୱାରା ଜୀବନଗୁଡ଼ାକ ଭାରି ବିଚିତ୍ର ଏବଂ ବର୍ଣ୍ଣାଢ୍ୟ ହୋଇ ରହିଥାଏ ସତ, ମାତ୍ର ଆକାଶଗୁଡ଼ାକ କୁଆଡ଼େ ଅଦୃଶ୍ୟ ହୋଇ ରହିଥାନ୍ତି ।

ଏହି ଗୀତଗୁଡ଼ାକୁ ମାନିବନାହିଁ ବୋଲି ମୁଁ କୋଉକାଳୁ ଠିକ୍ କରି ସାରିଛି । କାରଣ, ବାଟ ଉପରେ ହିଁ ମୁଁ ମୋ'ର ସର୍ବୋତ୍ତମ ଶ୍ରଦ୍ଧାଟିକୁ ସ୍ଥାପନ କରି ରଖିଛି । ଯିଏ ମୋ' ବାଟରୁ ଛାଡ଼ି ଅଉ କୁଆଡ଼େ ଚାଲି ଯାଇଛି ବା ଯାଉଛି, ସିଏ ମଧ୍ୟ ବାଟରେ ଅଛି; ସେଇଥିରେ ହିଁ ମୋ'ର ସବୁଠାରୁ ବଡ଼ ଆନନ୍ଦ । ଅନ୍ୟ କୌଣସି ବ୍ୟକ୍ତିର ବାଟକୁ ମୁଁ କଦାପି ଆପଣାବାଟ ସହିତ ତୁଳାଇ ତୁଳାଇ ରଖି କାହାର ବାଟ ଉଗାଳି ବସିବି ନାହିଁ । ଯିଏ ଯୋଉଠି ଯେତେ ବାଟରେ ଯାଉଛି, ତାକୁ ମୁଁ ବନ୍ଧୁ ବୋଲି ଓ ସାଥୀ ବୋଲି ଗ୍ରହଣ କରିନେବି ।

୨୧ । ୧୦ । ୮୦

ଏହି ଶ୍ୟାମଳ ଧାନବିଲ ଓ ଘନଶ୍ୟାମଳ ତୋଟାମାଳ,—ଏଗୁଡ଼ାକ ମଣିଷର ଆଖିକୁ ସୁନ୍ଦର ହିଁ ଦେଖାଯିବାର କଥା । ମଣିଷ ଯଦି ଏଗୁଡ଼ିକ ସହିତ ଆତ୍ମୀୟତା ଅନୁଭବ କରି ପାରୁଥାନ୍ତା, ଅର୍ଥାତ୍ ସେଗୁଡ଼ିକର ଅନ୍ତଃସତ୍ୟର କ୍ଷେତ୍ରରେ ଯେଉଁ ମହିମା କରୁଣିତ ହୋଇ ରହିଛି; ସେହି ମହିମା ତା'ର ଭିତରେ ରହି ତା'ର ଆଖିକୁ ସଞ୍ଚାଳିତ କରି ନେଉଛି ବୋଲି ଯଦି ସେ ଅନୁଭବ କରୁଥାନ୍ତା, ତେବେ ଯାଇ ମଣିଷକୁ ଏସବୁ ଶୋଭାର ଭଣ୍ଡାର ଯଥାର୍ଥରେ ଶୋଭାମୟ ରୂପେ ଅନୁଭୂତ ହେଉଥାନ୍ତା । ଅର୍ଥାତ୍, ଆପଣା ଭିତରେ ଏକ ସର୍ବାନ୍ତର୍ଗତ ଭକାଶ ସମଞ୍ଜସତା ଅନୁଭବ କରି ପାରୁଥିଲେ ଯାଇ ତାହା ସମ୍ଭବ ହେଉଥାନ୍ତା ।

ମାତ୍ର ତାହା ସବୁ ସମୟରେ ହୋଇ ପାରୁନାହିଁ । କୃତ୍ରିମତା ଜନିତ ନାନା ବିରକ୍ତିରୁ ଘଡ଼ିକଲାଗି ପଳାଇ ଯାଇ ପ୍ରଧାନତଃ କୃତ୍ରିମ ରହିଥିବା ମଣିଷ ଯେତେବେଳେ ଏହି ଦୃଶ୍ୟଗୁଡ଼ାକ ଭିତରେ କିଞ୍ଚିତ୍ ଶାନ୍ତି ଲାଭ କରୁଛି, ସେତେବେଳେ ସିଏ

କବିତା ଓ ଭାବପ୍ରବଣତା ଭିତର ଦେଇ ଏଗୁଡ଼ିକୁ ସୁନ୍ଦର ବୋଲି କହୁଛୁ । ଏହା ଆତ୍ମୀୟତା ନୁହେଁ, ଏହାକୁ ଆମେ ସାମୟିକ ଏକ ଆତୁରତା ବୋଲି କହିପାରିବା । ଜୀବନର ଅସଲ ପ୍ରଶ୍ନ ଗୁଡ଼ିକରେ କେତେ କ'ଣ ବରଞ୍ଚ ସତେଅବା ଧର୍ମପରି ଜୀବନର ଯାବତୀୟ ଗତି ଓ ବୃତ୍ତିକୁ କାମୁଡ଼ି ଧରି ରଖିଥାଏ । ସେଠି ହୁଏତ କୌଣସି ଦୀକ୍ଷା ଗ୍ରହଣ ସମ୍ଭବ ହୋଇ ନଥାଏ । ମାତ୍ର, ତେଣେ ଘଡ଼ିକ ଲାଗି ଶୁସ୍ଥ ହେବାଲାଗି ଆମ ସଚେତନତାର ଗୋଟାଏ ପାଖ ପ୍ରକୃତି ଭିତରକୁ ପଳାଇ ଯିବାର ମତଲବ ରଖିଥାଏ । ଏପରି କରି ପ୍ରକୃତରେ କିଛି ଜାଣି ହୁଏନାହିଁ । କିଛି ଅନୁଭବ କରି ହୁଏନାହିଁ । ଆମ ସମ୍ମୁଖରେ ଶୋଭାର ପୃଥିବୀ ବିଦ୍ୟମାନ ରହିଥିଲେ ମଧ୍ୟ ତଥାପି ଆମ ଭିତରେ ଶୋଭାର କୌଣସି ସନ୍ଦୀପନ ସମ୍ଭବ ହୁଏନାହିଁ ।

୨୨ । ୧୦ । ୮୦

ଏହି ଗାଆଁଗୁଡ଼ାକ ସହର ହୋଇଥାନ୍ତା । ଅର୍ଥାତ୍, ସହର କହିଲେ ଆମେ ଯେଉଁସବୁ ସୁଖ ଓ ସୁବିଧାକୁ ବୁଝାଉ, ସେହି ସବୁଯାକ ଗାଆଁରେ ଉପଲବ୍ଧ ହେଉଥାନ୍ତା । କିନ୍ତୁ ତାହା ହୋଇ ପାରିଲାନାହିଁ । ଗାଆଁରେ ଯେଉଁ ମଣିଷମାନେ ଥିଲେ; ସେମାନେ ସୁଖକାମୀ ହୋଇ ଗାଆଁ ଛାଡ଼ି ସହରକୁ ଚାଲିଗଲେ । ସହରର ଦୁର୍ଦ୍ଦଶା ବଢାଇଲେ । ଏବଂ ଗାଆଁଗୁଡ଼ାକୁ ଅଲକ୍ଷଣ କରିଦେଇ ଗଲେ ।

ଗାଆଁରେ ରାସ୍ତା ଆସନ୍ତା, ଗାଆଁରେ ଆଲୁଅ ଆସନ୍ତା, ସ୍ୱାସ୍ଥ୍ୟକର ଜୀବନଯାପନର ଯାବତୀୟ ପରିବେଶ ରହିଥାନ୍ତା, ମଣିଷ ଏଇଠି ଏଇ ସାନ ଗାଆଁଟିରେ ବସି ସାରା ପୃଥିବୀକୁ ଦେଖି ପାରୁଥାନ୍ତା ଓ ସାରା ପୃଥିବୀକୁ ସ୍ପର୍ଶ କରି ପାରୁଥାନ୍ତା । ତା'ର କାମ କରିବାର ଓ ଜୀବିକା ଉପାର୍ଜନ କରିବାର ଜାଗା ତା' ଘରପାଖରେ ଏଇଠି ଗାଆଁରେ ଆସିଥାନ୍ତା । ଏଇଠି ବସି ତା'ର ନାନା ଝରକା ଦେଇ ସିଏ ନୂତନ ଜୀବନର ଯାବତୀୟ ଆସ୍ୱାଦନକୁ ଲାଭ କରି ପାରୁଥାନ୍ତା । ତା' ଚେରଗୁଡ଼ାକ ଏଇଠି ଏହି ମାଟି ଭିତରେ ଲାଗିଥାନ୍ତା, ତା'ର ଭାଗ୍ୟ ତା' ନିଜ ହାତରେ ରହିଥାନ୍ତା । ତା' ପରିଶ୍ରମ ମଧ୍ୟରେ ହିଁ ତା'ର ବିଶ୍ୱାସ ନିହିତ ହୋଇ ରହିଥାନ୍ତା । ପାଠ ପଢ଼ିସାରି ପାଠକୁ ବିକି ପଇସା କମାଇବା ସକାଶେ ତାକୁ ଆଉ କୌଣସି ପ୍ରକାରେ ଚେରଛିଣ୍ଡା ହେବାକୁ ପଡ଼ୁନଥାନ୍ତା ।

ଗାଆଁ ଯେମିତି ଅବସ୍ଥାରେ ଅଛି, ତାହା ଜୀବନର ମୋଟେ ଉପଯୋଗୀ ନୁହେଁ । ବର୍ତ୍ତମାନର ସହରଗୁଡ଼ାକ ଯେପରି ଭାବରେ ଗଢି ଉଠୁଛି, ତାହା ମଧ୍ୟ ଜୀବନର ଉପଯୋଗୀ ନୁହେଁ । ସହର କହିଲେ ଆମେ ଯେଉଁ ସୁଖ ଓ ସୁବିଧାଗୁଡ଼ିକୁ ମନେ ପକାଇଥାଉ, ଏକ ସୁସ୍ଥ ଦୃଷ୍ଟିକୋଣ ସହିତ ସେହିଗୁଡ଼ିକୁ ଗାଆଁରେ ସମ୍ଭବ କରାଇବା, ଏହି ନୂଆ ଭାଗ୍ୟ ଏହି ଦେଶରେ କେବେ ଫଳିବ କେଜାଣି ?

୨୪ । ୧୦ । ୮୦

ମଣିଷ ପରି ବଞ୍ଚିବା, ଆପଣାକୁ ଆପଣାର ବନ୍ଧୁ କରିନେଇ ଆପଣାର ଜୀବନଟିକୁ ବଞ୍ଚିବା, ସମ୍ମାନର ସହିତ ବଞ୍ଚିବା,—ହୁଏତ ଏହାହିଁ ବର୍ତ୍ତମାନ ଭଳି ଏକ ସମୟରେ ସବୁଠାରୁ କଷ୍ଟକର କଥା । କୌଣସି ଗୋଟାଏ ଗୁଳାରେ ପଡ଼ିଯିବା ପାଇଁ ଚାରିଆଡ଼ୁ କେତେ ନା କେତେ ପ୍ରଲୋଭନ,—ବହୁଜନଙ୍କ ପରି ଦିଶିବାକୁ ଏବଂ ବହୁଜନଙ୍କ ପରି ବ୍ୟବହାର ଓ ଆଚରଣ କରିବାକୁ ବାହାରୁ କେତେନା କେତେ ପ୍ରବର୍ତ୍ତନା । ତଥାପି, ଯେଉଁପରି ବଞ୍ଚିବାକୁ ମୁଁ ଯଥାର୍ଥ ଜୀବନ ବୋଲି ଭାବୁଛି, ଠିକ୍ ସେହିପରି ଏକ ଘାତରେ ଜୀବନ ବଞ୍ଚିବାର ସଙ୍କଳ୍ପକୁ ହିଁ ମୁଁ ବର୍ତ୍ତମାନର ସକଳ କ୍ରୂରତା ବିରୁଦ୍ଧରେ ମଣିଷର ସର୍ବପ୍ରଥମ ପ୍ରତିବାଦ ବୋଲି କହିବି ।

ଏ ଧର୍ମ, ଏ ସାହିତ୍ୟ, ଏହି ସଂସ୍କୃତି ଓ ସଭ୍ୟତା ମଣିଷକୁ ବିମୁକ୍ତ କରିବାଲାଗି ତିଆରି ହୋଇଥିଲା, ଫୁଲଗଛରେ ଫୁଲ ଫୁଟାଇବାକୁ ଏହି ବଗିଚା-ଗୁଡ଼ିକ ତିଆରି ହୋଇଥିଲା । ମଣିଷମାନେ ବାଟ ଚାଲିବେ ବୋଲି ଏହି ଭୂଇଁ-ଗୁଡ଼ାକ ତିଆରି ହୋଇଥିଲା । ଏକଦା ସଂସାରର ମଣିଷମାନେ ଏଗୁଡ଼ିକୁ ଆଧୁନିକ ଏକ ଯୁଗର ନାନା ଐଶ୍ୱର୍ଯ୍ୟ ଓ ସମ୍ପଦ ବୋଲି କେତେମନ୍ତ୍ରେ ସ୍ୱାଗତ କରିଥିଲେ । କିନ୍ତୁ ଯେହି ପ୍ରକ୍ରିୟାଟି ଭିତରେ ହୁଏତ ସ୍ୱୟଂ ଜାଲ ଭିତରେ ଛନ୍ଦି ହୋଇ ରହିଗଲେ । ତଥାପି ମୁଁ ଜାଲଗୁଡ଼ାକର ଦୋଷ ଦେବିନାହିଁ । ମୁଁ ନିଜେ ଜାଲରେ ପଡ଼ିବି କି ନାହିଁ, ସେହି କଥାଟିକୁ ପ୍ରତ୍ୟେକ ବ୍ୟକ୍ତି ନିଜେ ନିଷ୍ପତ୍ତି କରିବ । ସିଏ ଭଲରେ ରହିବ ନା ସମ୍ମାନର ସହିତ ରହିବ,—ସେକଥା ସେ ସ୍ୱୟଂ ନିଷ୍ପତ୍ତି କରିବ । ସେହି ନିଷ୍ପତ୍ତିଟିର ଅଧିକାରକୁ ନିଜର ହାତଛଡ଼ା କରିଦେଲେ ସିଏ ଆଉ କଦାପି ମଣିଷ ପରି ନିଜର ଜୀବନଟିକୁ ବଞ୍ଚି ପାରିବ ନାହିଁ, ମଣିଷ ପରି କଦାପି ବାଟ ଚାଲି ପାରିବ ନାହିଁ ।

ମୋ'ର ବାଟଟି ମୋ' ନିଜଦ୍ୱାରା ନିର୍ବାଚିତ ବାଟ, ମୋ'ର ଶୈଳୀଟି ଏକାବେଳେକେ ଆପଣାର ଶ୍ରଦ୍ଧାଗୁଡ଼ିକ ଦ୍ୱାରା ନିର୍ବାଚିତ ହୋଇଥିବା ଶୈଳୀ । ସେଇଥିଲାଗି ଏହି ବାଟ ଚାଲିବା ଏତେ ଭଲ ଲାଗୁଛି, ସେଇଥିଲାଗି ତାହା ମୋତେ ସତତ ଏକ ପରିପୂର୍ତ୍ତିତାର ଅନୁଭୂତି ଆଣିଦେଇ ପାରୁଛି ।

୨୫ । ୧୦ । ୮୦

ଏଷଣା ସାହିତ୍ୟର ନୁହେଁ, ଏଷଣା ଜୀବନର । ସାହିତ୍ୟର ମାଧ୍ୟମରେ ଜୀବନର ଏଷଣା । ସଙ୍ଗୀତ ଓ କଳାର ମାଧ୍ୟମରେ ଜୀବନର ଏଷଣା । ଆତ୍ମ-ଅନୁସନ୍ଧାନର ମାଧ୍ୟମରେ ଜୀବନର ଏଷଣା । ଏବଂ, ତପସ୍ୟାର ମାଧ୍ୟମରେ

ଜୀବନର ଏଷଣା । ପୂର୍ଣ୍ଣତର ଜୀବନର ଏଷଣା, ଏକ ବ୍ୟାପକତର ଏବଂ ଉଚ୍ଚତର ଜୀବନର ଏଷଣା । ଏହି ବୃତ୍ତଟିର ମାଧ୍ୟମରେ ପରବର୍ତ୍ତୀ ବୃତ୍ତଟିର ଏଷଣା, ଏହି ପ୍ରସ୍ଥଗୁଡ଼ିକର ମାଧ୍ୟମରେ ଆହୁରି ଅନେକ ପ୍ରସ୍ଥର ଏଷଣା ।

ଏଷଣା ଅଧିକ ପାଣ୍ଡିତ୍ୟ ଲାଗି ନୁହେଁ । ପାଣ୍ଡିତ୍ୟ, ଚାତୁର୍ଯ୍ୟ, ଶୈଳୀ ପ୍ରଭୃତି ଅଳପଗୁଡ଼ାକୁ ଡେଇଁଯିବାର ଏଷଣା, ଅଳପର ମାଧ୍ୟମରେ ଭୂମାକୁ ସ୍ପର୍ଶ କରିବାର ଏଷଣା । ଆମର ନାନା ସ୍ତରର ଗ୍ରହଣଚେତନା ଦ୍ୱାରା ଆମେ ରସକୁ ସର୍ବଦା ନାନା ପ୍ରକାରର ବ୍ୟଞ୍ଜନା ଦେଇଆସିବା । ଆମେ ଯେତିକି ଗଭୀରକୁ ଭେଦ କରୁଥିବା, ଆମର ଏଷଣା ଦ୍ୱାରା ଉପଲବ୍ଧ ରସଟି ମଧ୍ୟ ଠିକ୍ ସେତିକି ଗଭୀର ହେବାରେ ଲାଗିଥିବ, ଆମ ଗଭୀରତା ଗୁଡ଼ିକର ବ୍ୟଞ୍ଜନା ସେତିକି ଅଧିକ ପ୍ରସାରିତ ହେବାରେ ବି ଲାଗିଥିବ । ଆମେ ଯେଉଁମାନେ ସାହିତ୍ୟ କରୁ, ସେମାନେ ନିଜର ସୀମାଗୁଡ଼ିକ ଭିତରେ ହିଁ ଅନେକ ସମୟରେ ରସ ଓ ସେର ବୃତ୍ତଗୁଡ଼ିକୁ ଆବଦ୍ଧ କରି ରଖିଥାଉ । ଏହା ଫଳରେ ଆମେ ସାହିତ୍ୟକୁ ସଙ୍କୁଚିତ କରି ରଖୁ । ସାହିତ୍ୟ ଦ୍ୱାରା ଆମ ଜୀବନରେ ହୁଏତ ଯେଉଁ ଉନ୍ମୋଚନ ଘଟି ପାରିଥାନ୍ତା, ସେକଥାଟି ଆଉ ହୋଇ ପାରେନାହିଁ । ଆମେ ଆମ ନିଜର ଗୁମ୍ଫାଟି ଭିତରେ ବନ୍ଦୀ ହୋଇ ରହିଯାଉ । ଆମ ସାହିତ୍ୟ ସତେଅବା ଗୋଟାଏ ଖେଳବିଳାସ ହୋଇ ରହିଯାଏ, ଆମର ଅସଲ ଅପୂରଣଗୁଡ଼ାକ ବିଷୟରେ ଆମକୁ ଭୁଲାଇ ରଖିବାର ଏକ ସାଧନ ହୋଇ ବ୍ୟବହୃତ ହେବାରେ ଲାଗିଥାଏ ।

୨୭ । ୧୦ । ୮୦

ଜଣେ ମଣିଷକୁ ମାରି ଆଉଜଣେ ମଣିଷ ଯେତେବେଳେ ନିଜକୁ ନିଷ୍କଣ୍ଟକ କରି ରଖିବାକୁ ବାହାରେ, ସେତେବେଳେ ଆକାଶରୁ ସତେଅବା କଣ୍ଟାବୃଷ୍ଟି ହେଉଥିବା ପରି ମନେହୁଏ । ଜୀବନ ସହିତ ଜୀବନର ଖିଅ ଲାଗିଛି, ନାନା ସମ୍ବନ୍ଧ ମଧ୍ୟରେ ହିଁ ଜୀବନ ସୋପାନରୁ ସୋପାନ ହୋଇ ଆଗଯାଉ ହେବାରେ ଲାଗିଛି,— ଏହି କଥାଟି ଉପରୁ ଆସ୍ଥା ତୁଟିଗଲେ ଯାଇ ଜଣେ ମଣିଷ ଆଉଜଣେ ମଣିଷକୁ ପ୍ରାଣରେ ମାରିଦେବାକୁ ବାହାରେ । ନିଜର ଅନ୍ତର ଭିତରେ କୋଉଠି ସବୁଯାକ ସୂତା ଛିଣ୍ଡିଗଲେ ଯାଇ ଆଉଜଣେ ମଣିଷକୁ ପ୍ରାଣରୁ ମାରି ଦେବାର ନୃଶଂସତା ଲାଗି କେହି ସାହସ କରେ ।

ଅଧିକରୁ ଅଧିକ ଖିଅ ଲଗାଇବାର ଉଦ୍ୟମ କରି ଆମେ ଏହି ନୃଶଂସତାର ଯଥାର୍ଥ ପ୍ରତିବାଦ ଓ ପ୍ରତିକାର କରି ପାରିବା । ଏହିସବୁ ଘଟଣାରେ କେହି କେହି ହୁଏତ ଏକାବେଳେକେ ହତବଳ ହୋଇ ପଡ଼ିବେ ଏବଂ କହିବେ ଯେ, ସଂସାରରେ ଆଉ କୌଣସି ଖିଅ ବୋଲି ଆଉ କିଛିହେଲେ ରହିଲାନାହିଁ ।

ଆସ୍ଥାର କ୍ଷେତ୍ରରେ ସେମାନେ ଏକ ସଙ୍କଟର ହିଁ ପ୍ରତ୍ୟକ୍ଷ କରିବାକୁ ଆରମ୍ଭକରିବେ । ଆପଣାର ଦୃଷ୍ଟିରେ ସେମାନେ ରୁକ୍ଷ ମାୟାବାଦୀ ହୋଇ ବାହାରିବେ । ମାତ୍ର ଏହାଦ୍ୱାରା ନୃଶଂସତା କେବେହେଲେ ଯିବନାହିଁ । ସଂସାରର ଦୁଃଖ ଦୂର ହେବନାହିଁ । ତୋରଗୁଡ଼ାକୁ ଆହୁରି ଅଧିକ ଯୋଡ଼ିବାକୁ ହେବ । କେବଳ ନିଜର ବ୍ୟକ୍ତିଗତ ଜୀବନରେ ନୁହେଁ, ଆପଣାର ସାମୂହିକ ଜୀବନର ବିଭିନ୍ନ କ୍ଷେତ୍ରରେ ମଧ୍ୟ ଖିଅଗୁଡ଼ିକୁ ଯୋଡ଼ିବାକୁ ହେବ, ସମ୍ବନ୍ଧଗୁଡ଼ିକୁ ହୁଏତ ଏକାବେଳେକେ ପୁନଃବିନ୍ୟସ୍ତ କରିବାର ପ୍ରୟାସ କରିବାକୁ ହେବ । ତେବେଯାଇ ନୃଶଂସତାଗୁଡ଼ିକ ଯିବ, ପ୍ରୀତି ସମ୍ଭବ ହେବ, ଜୀବନ ଉପରେ ବିଶ୍ୱାସ ଫେରିଆସିବ ।

୨୭ । ୧୦ । ୮୦

ଯଦି ଆମେ ପୃଥିବୀର ମଣିଷସଂସାରରେ ମଣିଷର ବିକାଶୋପଯୋଗୀ ଏକ ପରିବେଶ ସୃଷ୍ଟି କରିବାକୁ ପ୍ରକୃତରେ ଇଚ୍ଛା କରୁଥାଉ, ତେବେ ଏସବୁ କିଛି ଚଳିବନାହିଁ । ଏ କପଟତା ଚଳିବ ନାହିଁ, ଏହି କୃତ୍ରିମତା ଚଳିବନାହିଁ, ଏହି ଅତିଭଦ୍ରତା ଗୁଡ଼ାକ ବି ମୋଟେ ଚଳିବନାହିଁ । ମୁହଁରୁ ମୁଖାଗୁଡ଼ାକୁ ଓହ୍ଲାଇ ଦେବାକୁ ପଡ଼ିବ । ସେତିକି ବିଶ୍ୱାସ ଥିଲେ ମୁଖାଗୁଡ଼ାକ ବଳେବଳେ ମୁହଁ ଉପରୁ ଖସିପଡ଼େ; ଅର୍ଥାତ୍ ମୁଖାଗୁଡ଼ାକର ଆଉ ଆଦୌ କୌଣସି ଆବଶ୍ୟକତା ରହେନାହିଁ, ଆମକୁ ସେତିକି ବିଶ୍ୱାସର ଭାଜନ ହେବାକୁ ପଡ଼ିବ । ସେହି ବିଶ୍ୱାସ ଆମର ଅର୍ଥନୀତି ଓ ଆମର ରାଜନୀତି ମଧ୍ୟକୁ ବି ସଂକ୍ରାମିତ ହୋଇ ପାରୁଥିବ । ଅର୍ଥାତ୍, ବିଶ୍ୱାସଟା ଆମଲାଗି କେବଳ ଘଡ଼ିକର ଏକ ଭୂଷଣ ପରି ହୋଇ ନରହି ଆମର ସମଗ୍ର ସମ୍ବନ୍ଧଗତ ଜୀବନର ସଞ୍ଚାଳକ ହୋଇ ରହିଥିବ । ଆମ ଜୀବନର ଅସଲ ଉତ୍ପ୍ରେରକ ହୋଇ ରହିଥିବ । ସେହି ବିଶ୍ୱାସ ହିଁ ଆମ ଜୀବନଯାପନର ମୂଳ ସୂତ୍ରଗୁଡ଼ାକୁ ଏକାବେଳେକେ ବଦଳାଇ ଦେଇ ପାରୁଥିବ ।

ଏହି ଅବିଶ୍ୱାସମୟ ଗହନ ଜଙ୍ଗଲଟା ଭିତରେ ତଥାପି ବିଶ୍ୱାସକୁ ହିଁ ମୂଳ କରି ଜୀବନ ବଞ୍ଚିବାକୁ ଆଗ୍ରହ କରିଥିବା କେତେଜଣ ମଣିଷ ଆଗକୁ ବାହାରି ଆସିଲେ ତାହାକୁ ହିଁ ସେହି ଦିଗରେ ଏକ ନିର୍ଭରଯୋଗ୍ୟ ପଦକ୍ଷେପ ବୋଲି କୁହାଯାଇ ପାରିବ । ଏମାନେ ଅବିଶ୍ୱାସ ଭିତରେ ବିଶ୍ୱାସର କଥା କହିବେ ଓ ବିଶ୍ୱାସର ଜୀବନ ବଞ୍ଚିବେ, ଅନ୍ଧକାର ଭିତରେ ଆଲୋକର କଥା କହିବେ,—ଚରମ ଭୀରୁତାଗୁଡ଼ାକ ଭିତରେ ଏମାନେ ତଥାପି ସାହସର କଥା କହି ପାରୁଥିବେ ।

୨୮ । ୧୦ । ୮୦

ସଂସାର ଭିତରେ ଯେତିକି ଯେତିକି ଅନ୍ଧାର ଦେଖିଲି, ଅନ୍ଧାର ଉପରେ ବିଶ୍ୱାସଗୁଡ଼ାକ ସେତିକି ସେତିକି ଅଧିକ ଫୁଟିଗଲା । ମଣିଷ ମୂଳତଃ ଖରାପ ବୋଲି ସାଧୁ ଏବଂ ସତର୍କମାନେ ଯେତିକି ଅଧିକ ବିଜ୍ଞବାଣୀ ଶୁଣାଇ ମୋ' ହାତରୁ ମୋ'ର ଅସଲ ଜିନିଷଗୁଡ଼ାକୁ ଛଡ଼ାଇ ନେବାକୁ କଳ୍ପନା କଲେ, ମଣିଷର ଭିତରେ ତଥାପି ଅସଲ ସତ୍ୟଟି ଅବସ୍ଥିତ ରହିଛି ବୋଲି ମୋ'ର ବିଶ୍ୱାସ ବଢ଼ିବାକୁ ଲାଗିଲା । ତେଣୁ, ଏହି ସଂସାର ଏବଂ ଏହି କାଳର ତଥାକଥିତ ବିଜ୍ଞତାଗୁଡ଼ାକ ସହିତ ମୁଁ ଯେ, ମେଳଟେ ଖାପ ଖାଇ ପାରିଲିନାହିଁ, ସେହି କଥାଟି ଏକାବେଳେକେ ପରିଷ୍କାର ହୋଇଗଲା ।

ଏହାଦ୍ୱାରା ମୁଁ ହାରିଲି ନା ଜିତିଲି ଯେଉଁମାନେ ଏହି ସଂସାରରେ ସବୁ ଅଞ୍ଚଳରେ ଖାଲି ଜିତିବେ ବୋଲି ବାହାରିଥାନ୍ତି, ସେମାନେ ଜିତିବା ପଢ଼ଟା ଆଡ଼କୁ ଆଉଜି ପଡ଼ି ନିଜ ଜୀବନର ସବୁ ସମସ୍ୟାଗୁଡ଼ିକୁ ଅତି ସହଜରେ ସମାଧାନ କରି ଦେବାଲାଗି ସବୁବେଳେ ମନ କରିଥାନ୍ତି । ତେଣୁ ସେମାନଙ୍କ ଜୀବନରେ କେବେହେଲେ କୌଣସି ନିଷ୍ପତ୍ତି ଗ୍ରହଣ କରିବାର ଅବସର ଆସି ପହଞ୍ଚେ ନାହିଁ । ସେମାନେ ଖାପ ଖାଇଯାଆନ୍ତି ଓ ତାହାରି ଦ୍ୱାରା ହିଁ ଆପଣାକୁ ବଳୀୟାର ବୋଲି ଭାବୁଥାନ୍ତି । ସେମାନଙ୍କର ସଂଖ୍ୟା ଏହି ଜଗତରେ ପ୍ରାୟ ସବୁବେଳେ ଅଧିକ ବୋଲି ଦେଖାଯାଉଥିଲେ ମଧ୍ୟ ଜୀବନରେ ତଥାପି ଏକ ନିଷ୍ପତ୍ତି ଗ୍ରହଣ କରିବାକୁ ହୁଏ, ସତ୍ୟକୁ ଖୋଜିବାକୁ ହୁଏ । ଆପଣାର ବିଶ୍ୱାସ ଅନୁସାରେ କିଛି ବର୍ଜନ କରିବାକୁ ହୁଏ ଓ କିଛି ଗ୍ରହଣ ବି କରିବାକୁ ହୁଏ । ଏହି ନିଷ୍ପତ୍ତି ଗ୍ରହଣ ଜୀବନରେ ଏକ ଭୂମି ଯୋଗାଇ ଦେଇଯାଏ, ଏକ ଆକାଶ ଯୋଗାଇ ଦେଇଯାଏ ।

୨୯ । ୧୦ । ୮୦

ମୋ'ର କର୍ତ୍ତବ୍ୟର ପରିସର ବୃଦ୍ଧି,—ମୋ' ଜୀବନର ବିକାଶର ମାନଚିତ୍ରରେ ତାହା'ଲାଗି ସର୍ବଦା ଏକ ସ୍ଥାନ ଅବଶ୍ୟ ରହିଥିବ । ମୋ'ର ବିକାଶ, ମୋ'ର ଉନ୍ନତି, ମୋ'ର ଗୁଣଗୁଡ଼ିକର ବିକାଶ ଓ ଗୁଣଗୁଡ଼ିକର ସ୍ୱୀକୃତି,— ଏଗୁଡ଼ାକ ଲାଗି ମୁଁ କଦାପି ସମାଜକୁ ଗିଳି ପକାଇବାକୁ ମନ କରିବିନାହିଁ ।

ଆମ ଜୀବନରେ ଯେତେବେଳେ ନାନାବିଧ ବ୍ୟାଧି ଆସି ଆମର ଆଗ୍ରହଗୁଡ଼ାକୁ ଗିଳି ପକାଇ ବସନ୍ତି, ସେତେବେଳେ ମୁଁ ଏହି ସଂସାରରେ ହୁଏତ କେବଳ ନିଜକୁ ହିଁ ଦେଖୁଥାଏ । ମୋ' ଦେଶ, ମୋ' ସମାଜ, ମୋ' ସାହିତ୍ୟ,— ସେତେବେଳେ ଏହି ସବୁଗୁଡ଼ିକ ହିଁ ମୋ' ଯଶୋଲିପ୍ସାର ପେଟଟି ଭିତରେ

ନଷ୍ଟ ହୋଇ ରହିଥାନ୍ତି । ଯେତେବେଳେ ସବୁକିଛି ନକ୍ସଲ ହୋଇପଡ଼େ, ସବୁକିଛି ଅଡୁଆ ହୋଇଯାଏ । ଶିକ୍ଷା ବଢ଼ିଲେ ଘୃଣା ବି ବଢ଼େ, ନୈତିକତା ବଢ଼ିଲେ ହିଂସା ବି ବଢ଼ିବାରେ ଲାଗିଥାଏ । ମଣିଷଗୁଡ଼ାକ ଆଉ ମଣିଷକୁ ଭଲ ଲାଗନ୍ତି ନାହିଁ । ତଦ୍ଦ୍ୱାରା ମଣିଷ ଭିତରେ ଥିବା ଓ ପ୍ରତିପତ୍ତି ବିସ୍ତାର କରିବାରେ ଲାଗିଥିବା ଗୋଟାଏ ପଶୁକୁ ହିଁ ପ୍ରୋତ୍ସାହନ ମିଳିବାରେ ଲାଗିଥାଏ । ଆମ ସମାଜରେ ବର୍ତ୍ତମାନ ସେହି ପଶୁଟାହିଁ ଅଧିକରୁ ଅଧିକ ପ୍ରବଳ ହେବାରେ ଲାଗିଛି । ଯେଉଁମାନେ ଉପରସ୍ତରରେ ଅଛନ୍ତି, ସେମାନେ ଅନେକ ସମୟରେ ମଣିଷର ମୁଖା ପିନ୍ଧିଥିବା ଗୋଟାଏ ବଡ଼ ବଡ଼ ପଶୁପରି ଦେଖା ଯାଉଛନ୍ତି । ଖବରକାଗଜ ଗୁଡ଼ାକ ପ୍ରାୟ ସେହିମାନଙ୍କ ଭଣ୍ଡାରର ତାରିଫ୍ କରିବାରେ ଲାଗିଛନ୍ତି । ଦେଶଟା ଧର୍ମବାର ଗୁଡ଼ାକ ଭିତରେ ଅଣନିଃଶ୍ୱାସୀ ହୋଇ ରହିଛି ।

୩୦ । ୧୦ । ୮୦

ଶକ୍ତିକୁ ବାହାରେ ଆପଣା କରି ପୂଜା ଓ ଆଡ଼ମ୍ବରର କାରଣଗୁଡ଼ିକ ଯେତିକି ବଢ଼େ, ସମ୍ଭବତଃ ମଣିଷ ତା' ନିଜ ଭିତରେ ସେତିକି ସେତିକି ଅଧିକ ଭୀରୁ ହେବାରେ ଲାଗିଥାଏ ଓ ତା'ର ଜୀବନଗତ ସମ୍ବନ୍ଧଗୁଡ଼ାକୁ ସେତିକି ସେତିକି ଅଧିକ ଭୀରୁତା କାମୁଡ଼ି ଧରିବାରେ ଲାଗିଥାଏ । ମଣିଷ ତଦ୍ଦ୍ୱାରା ଶକ୍ତିମାନ୍ ହୁଏନାହିଁ, ସିଏ ଅଧିକରୁ ଅଧିକ ଉଗ୍ର ଓ ତାମସିକ ହୁଏ, ତେଣୁ ଭୀରୁ ହୁଏ । ଶକ୍ତିରୂପୀ ଦେବତାକୁ ପୂଜାଦ୍ୱାରା ଆୟତ୍ତ କରିପାରିଛି ବୋଲି ସେ ଅହଙ୍କାରୀ ହୁଏ, ଆପଣାକୁ ବାହାରର ଯାବତୀୟ ଆତ୍ମସୂତ୍ରତାରୁ ବିଚ୍ଛିନ୍ନ କରିଆଣେ ଏବଂ ସ୍ୱାର୍ଥପର ହୁଏ ।

ଶକ୍ତି ଭିତରେ ବଢ଼ିଥାନ୍ତା । ବ୍ୟକ୍ତିର ଶକ୍ତି ସମଷ୍ଟିଗତ ନାନା ଅବସରକୁ ମଧ୍ୟ ଶକ୍ତିମନ୍ତ କରି ରଖି ପାରୁଥାନ୍ତା । ଏବଂ, ସେହି ଶକ୍ତି ପ୍ରସନ୍ନ କରାଇ ପାରୁଥାନ୍ତା, ନୀରବ କରି ଆଣୁଥାନ୍ତା; ଯେଉଁ ସାହସ ସମ୍ଭବ ହେଲେ ଜଗତର ଗହନ ପଥଗୁଡ଼ାକ ତଥାପି ଗନ୍ତବ୍ୟ ବୋଲି ଅନୁଭୂତ ହୁଅନ୍ତି, ଉକ୍ତ ଶକ୍ତି ଆମ ଭିତରେ ସେହି ସାହସର ଉଦ୍‌ବୋଧନ ଦେଇ ପାରୁଥାନ୍ତା । ଆମର ଯାବତୀୟ ପୂଜା ଆମକୁ ଅଧିକ ଆତ୍ମୀୟତା ଲାଗି ଯୋଗ୍ୟ କରି ପାରୁଥାନ୍ତା ।

ଶକ୍ତିର ସଞ୍ଚୟ ଆମ ଭିତରେ ହୋଇଥାନ୍ତା, ଆପଣାକୁ ଅଧିକରୁ ଅଧିକ ପ୍ରସ୍ତୁତ କରି ଆଣିବାରେ ହିଁ ତାହା କାର୍ଯ୍ୟୋକୃତ ହୋଇ ପାରିଥାନ୍ତା । ଆମେ ତାକୁ ଜାତି, ଦେଶ, ଧର୍ମ ସହିତ ଯୋଡ଼ି ଏକ ଅନ୍ୟ ଅନୁରକ୍ତିକୁ ପ୍ରଶ୍ରୟ ଦେବାରୁ କ'ଣ ତାହା ଆମ ଜୀବନରେ ଏପରି ଅନ୍ୟପ୍ରକାରେ କାର୍ଯ୍ୟ କଲା କି ? ଆମର ସମଷ୍ଟିଗତ ବାଦ ଓ ମାଦକଗୁଡ଼ାକ ଆମକୁ ଅସଲ ଶକ୍ତିଠାରୁ ଛିଅଚ୍ଛଣ୍ଡା କରି ରଖିଦେଲା କି ?

୩୧ । ୧୦ । ୮୦

ଏମାନଙ୍କ ଭିତରୁ ଯେତେ ଯିଏ ଜୀବନଟାକୁ ମୂଳତଃ ଅନିତ୍ୟ ଏବଂ ତେଣୁ ତାତ୍ପର୍ଯ୍ୟହୀନ ବୋଲି ମାନିନେଇ ଉତ୍କଣ୍ଠିତ କେବଳ କେତେଟା ସଂଗ୍ରହ ଏବଂ ସଞ୍ଚୟ ବୋଲି ବୁଝୁଛନ୍ତି ଓ ସେହି ଦୃଷ୍ଟିରୁ ଆପଣାକୁ ଗୋଟାଏ ହିଂସ୍ର, ଦ୍ୱେଷପୂର୍ଣ୍ଣ, ସଦାସଶଙ୍କ ସାନ ଦୁର୍ଗଟିଏ କରି ରଖିବାକୁ ଚେଷ୍ଟା କରୁଛନ୍ତି, ସେମାନଙ୍କର କଥାକୁ ମୁଁ କଦାପି ସ୍ୱୀକାର କରି ନେବିନାହିଁ । ମୁଁ ସେମାନଙ୍କ ଠାରୁ ନଶିଖି ଏହି ଆକାଶ-ଠାରୁ ଶିଖିବି, ଏହି ପବନଠାରୁ ଶିଖିବି ଓ ଏହି ଫୁଲଠାରୁ ଶିଖିବି । ମୁଁ ଆପଣାକୁ ପ୍ରସ୍ତୁତ କରିବି, ଆପଣାକୁ ବିସ୍ତାରିତ କରି ରଖିବି;—ଆପଣା ଭିତରୁ ଆପଣାକୁ ବିକଶିତ କରି ଆଣିବି, ଆପଣାର ସର୍ବଶ୍ରେଷ୍ଠ ସମ୍ଭାରଗୁଡ଼ିକୁ ସବୁଟିଲାଗି ଉନ୍ମୋଚିତ କରି ଧରିରଖି ମୁଁ ସମସ୍ତଙ୍କ ଲାଗି, ଭଗବାନଙ୍କ ଲାଗି ଫୁଟି ଉଠିବି । ମୁଁ ଆପଣାକୁ ବିତରିତ କରିଦେବି ଓ ତେଣୁ ଯାବତୀୟ ପାଚେରୀକୁ ଭାଙ୍ଗିଦେବି, ଏହି ସମଗ୍ର ଜୀବନକୁ ପବନ ଓ ଆଲୋକର ଅବାଧ ପ୍ରବେଶ ଓ ଅବାଧ ସଞ୍ଚାରଣ ଲାଗି ଉନ୍ମୁକ୍ତ କରି ରଖିବି ।

ମୁଁ କାହାରିକୁ ଈର୍ଷା କରିବି ନାହିଁ, ସଂସାରରେ କୌଣସି ସ୍ଥିତିକୁ ବି ଦୁର୍ବହ ମନେ କରିବିନାହିଁ । ଏଠି ଦୁଃଖଗୁଡ଼ାକୁ ନିନ୍ଦା କରିବି ନାହିଁ କି ସେଗୁଡ଼ାକୁ ଡରିବି ନାହିଁ । ମୋତେ ଯାହାକିଛି ଓ ପ୍ରରୋଚନା ଅଲଗ କରି ରଖିଦେବାକୁ ଇଚ୍ଛା କରୁଛି, ମୁଁ ସେଗୁଡ଼ାକୁ ଅସ୍ୱୀକାର କରିବି । ସେଗୁଡ଼ାକୁ ମୋ'ର ସ୍ୱଧର୍ମର ବାହାରେ ବୋଲି ଜାଣିବି । ମୋ'ଲାଗି ଅନାବଶ୍ୟକ ବୋଲି ଜାଣିବି, ମୁଁ ଅପେକ୍ଷା କରି ଜାଣିବି ପ୍ରସ୍ତୁତ ହୋଇ ଜାଣିବି, ବିଶ୍ୱାସ ରଖି ଜାଣିବି । ଏହିପରି ଭାବରେ ହିଁ ଆପଣାକୁ ସମ୍ମତ କରି ରଖିଥିବି ।

୧ । ୧୧ । ୮୦

ପଛରେ କେତେ ସ୍ମୃତି, କେତେ ଗଣ୍ଠି । ପଛଟା ଯେ ଆମକୁ ସବୁବେଳେ ଆଗକୁ ଯିବାରୁ ଅଟକାଇ ରଖିଥାଏ, ସେ କଥା ମୋଟେ ନୁହେଁ । ପଛ ଆମକୁ ବାନ୍ଧି ରଖିପାରେ, ଆଗକୁ ଯିବାଲାଗି ପ୍ରେରଣା ବି ଦେଇପାରେ । କାରଣ, ପଛରେ ଯେଉଁ ବନ୍ଧୁ ସହିତ ସାକ୍ଷାତ ଘଟିଥାଏ, ଆଗରେ ବି ତ ସେହି ବନ୍ଧୁ ଆମଲାଗି ଅପେକ୍ଷା କରି ରହିଥାଏ । ତେଣୁ, ଜୀବନରେ ଅସଲ ବନ୍ଧୁଟି ସହିତ ଡୋରି ଲାଗି ରହିଥିଲେ ଓ ଆପଣା ଭିତରେ ଅସଲ ସ୍ପର୍ଶଟିକୁ ପାଇବା ସମ୍ଭବ ହେଉଥିଲେ, ସ୍ମୃତିଗୁଡ଼ାକ ବି ଭବିଷ୍ୟ ଭିତରକୁ ନେଇଯିବାରେ ସାହାଯ୍ୟ କରନ୍ତି । ସ୍ମୃତି ଓ ସମ୍ପର୍କଗୁଡ଼ିକ କିପରି ଯେ ଏହି ଜୀବନର ଆଖିଆଗରେ ଗୋଟିଏ ଗୋଟିଏ ବାଟରେ ପରିଣତ ହୋଇ ଯାଆନ୍ତି, ମୁଁ ସେକଥା ଅନେକ ଜାଣିଛି ।

ତେଣୁ ମତେ ପଛକୁ ଅନାଇଲେ ମୋଟେ ଡର ମାଡ଼େନାହିଁ । ଆଗକୁ ଅନାଇଲେ ଯେପରି ଡର ମାଡେନାହିଁ, ଠିକ୍ ସେହିପରି । ଆଗରେ ଅଭୟ ଦେଖୁଥିବା ପରି ମୁଁ ମୋ' ପଛରେ ମଧ୍ୟ ଅଭୟ ଦେଖିବାକୁ ପାଏ । ଯେଉଁମାନେ ଆଗକୁ ମୋଟେ ଯିବେ ନାହିଁ ବୋଲି ମନସ୍ଥ କରି ପଛଟା ଭିତରେ ଗୁରେଇ ତୁରେଇ ହୋଇ ରହିଥାନ୍ତି, ମୋ'ର ସେହିମାନଙ୍କ ସହିତ ହିଁ ବିବାଦ ଲାଗେ । ମୁଁ କହେ, ସେମାନେ ପଛକୁ ଯଥାର୍ଥ ଭାବରେ ପାଇନାହାନ୍ତି । ପଛଟାକୁ ବି ଯଥାର୍ଥ ଭାବରେ ଚିହ୍ନିନାହାନ୍ତି । ତା' ନହେଲେ ପଛ ସହିତ ଆଗକୁ ଗୋଟିଏ ଶ୍ରଦ୍ଧାର ଦୃଷ୍ଟି ଭିତରେ ମିଶାଇ ସେମାନେ ନିଜଆଡ଼କୁ ଚାହିଁ ନପାରନ୍ତେ କିପରି ?

୬ । ୧୧ । ୮୦

ଏଠି କାରଖାନାରେ ବି ସୂର୍ଯ୍ୟ ଉଏଁ, ଏଠି ବି ସକାଳ ହୁଏ । ଅରଣ୍ୟକୁ ଆଶ୍ରା ଦେଇ ଅଭୟ ଦେଇ ରହିଥିବା ଆକାଶ ଏଠି ବି ରାତି ନପାହୁଣୁ ପ୍ରସନ୍ନ ହୋଇ ଉଠେ, ଉଜ୍ଜ୍ୱଳ ହୋଇଉଠେ, ଆନତ ହୋଇଆସେ,—ଦିହକୁ ସ୍ପର୍ଶ କରି ପକାଇବା ପରି ଅନୁଭୂତ ହେଉଥାଏ । ତା'ପରେ ସିନ୍ଦୂର ଗୋଳାହୁଏ, ସିନ୍ଦୂର ବିଞ୍ଚାହୁଏ, ସିନ୍ଦୂର ଫାଟେ । ଜୀବନଟା ସତେଅବା ଗୋଟାଏ କାରଖାନା ପରି ଚାଲୁଛି ବୋଲି ଗୋଟାସୁଦ୍ଧା ଭୁଲି ହୋଇଯାଏ । ଆପଣାର ଭିତରେ ରହିଥିବା ସହସ୍ର ଆକୂତିର ସହସ୍ର ହାତ ସତେଅବା କେଉଁ ଜନନୀର ଦୃଷ୍ଟି-ଆଶୀର୍ବାଦକୁ ଲାଭ କରିଥିବା ପରି ଏକାବେଳେକେ କୃତଜ୍ଞଭାବେ ପ୍ଲାବିତ ହୋଇ ଯାଆନ୍ତି ।

କାରଖାନା ବଢ଼ୁ; କାରଖାନା ଭିତରେ ମଣିଷ ରହିଥାଉ ପଛକେ, ମାତ୍ର ତଥାପି ଏହି ସୂର୍ଯ୍ୟୋଦୟ ଜାତ ହେଉଥାଉ । ଏହି ସୂର୍ଯ୍ୟୋଦୟକୁ ନିଜ ଆପଣା ଭିତରକୁ ଗ୍ରହଣ କରି ନେବାଲାଗି କଦାପି ଶ୍ରଦ୍ଧାର ଅଭାବ ନହେଉ । କଦାପି ଦ୍ୱାରର ଅଭାବ ନହେଉ । ଆମର ଅକୃତ୍ରିମ ନିଃଶ୍ୱାସଗୁଡ଼ାକର ମଧ୍ୟଦେଇ ଆମେ ଯେପରି ଏହି ବ୍ୟାପ୍ତିଟିକୁ, ଏହି ସୌନ୍ଦର୍ଯ୍ୟଟିକୁ ଏବଂ ଏହି ଐଶ୍ୱର୍ଯ୍ୟମୟ ବିପୁଳତାକୁ ଆପଣା ଭିତରକୁ ଗ୍ରହଣ କରି ନେଇପାରୁ । ତା'ପରେ ତାହା ଆମ ଭିତରକୁ ଯାଇ ଆମ ପୁରୁଣା ବିରକ୍ତିର ଗଣ୍ଠିଗୁଡ଼ାକୁ ଖୋଲିଦେଉ, ନିଜର ଅସଲ ଗଣ୍ଠିଗୁଡ଼ିକୁ ପକାଉ, ଆମକୁ ଅସଲ ବନ୍ଧନରେ ବାନ୍ଧୁ, ଗଅଁଠାଇ କରି ରଖୁ । ତେବେ କାରଖାନାଗୁଡ଼ାକ ଯେତେ ବଢ଼ିଲେ ମଧ୍ୟ ମଣିଷ ତା' ଉପରେ ମାଲିକ ହୋଇ ବସିଥିବ । ତା' ରୁଟିନ୍ ଗୁଡ଼ାକୁ ସେ ନିଜେ ତିଆରି କରିପାରିବ, ତା ଇତିବୃତ୍ତିଟିକୁ ସେ ନିଜେ ଲେଖିବାର ସମର୍ଥତା ଲାଭ କରିପାରିବ ।

୪ । ୧୧ । ୮୦

ସୁନ୍ଦରଗୁଡ଼ିକୁ ତଥାପି ଆବିଷ୍କାର କରିବାକୁ ପଡ଼ିବ । ମୁଁ ଯେପରି ଦାବୀ କରୁଛି ଅଥବା ଇଚ୍ଛା କରୁଛି, ସୁନ୍ଦରଗୁଡ଼ିକ ଯେ ଠିକ୍ ତାହାରି ଭଳି ହେବ, ତାହାର ଆଦୌ କୌଣସି କାରଣ ନାହିଁ । ସୁନ୍ଦରଗୁଡ଼ିକ ରହିଛି, ମୋତେ ସେଗୁଡ଼ିକର ଆବିଷ୍କାର କରିବାକୁ ହେବ । ସଂସାରଟା ମୋ'ର ବରାଦ ଅନୁସାରେ ଅଥବା ମୋ'ର ଦମ୍ଭଗୁଡ଼ିକ ଅନୁସାରେ ଅନୁରୂପ ଭାବରେ ସଜାଡ଼ି ହୋଇ ମୋ' ପାଖକୁ ଆସିବ ନାହିଁ । ଓଲଟି ମୁଁ ନିଜେ ସଂସାରର ଅନୁରୂପ ହୋଇ ଅର୍ଥାତ୍ ସଂସାରର କାମରେ ଲାଗିଲା ଭଳି ଆପଣାକୁ ପ୍ରସ୍ତୁତ କରିବି; ମୁଁ ଆଗ ଦ୍ୱାରଟି ଖୋଲିଦେଇ ଅପେକ୍ଷା କରି ପାରୁଥିବି । ମୋ'ଠାରେ ଆଦୌ କୌଣସି ଅସୂୟା ନଥିବ, କୌଣସି ଅହଙ୍କାର ନଥିବ, ଆଉ କାହାକୁ ପରାଭୂତ କରିବାର ମୋଟେ କୌଣସି ଉତ୍ତେଜନା ବି ନଥିବ । ତେବେ ଯାଇ ସୁନ୍ଦରଗୁଡ଼ିକ ଧରାଦେବ, ସୁନ୍ଦରଗୁଡ଼ିକ ଅବଶ୍ୟ ରହିଛି ବୋଲି ଯଥାର୍ଥ ପ୍ରତ୍ୟୟ ଆସିବ ।

ଆପଣାକୁ ସବୁଠିଅବା ଏକମାତ୍ର କେନ୍ଦ୍ର ବୋଲି ମନେକରି ମୁଁ ଯେତେବେଳେ କେତେ କ'ଣ ପ୍ରତ୍ୟାଶା କରି ବସୁଛି, ହୁଏତ ଠିକ୍ ସେତିକବେଳେ ଗୋଟାଏ କୌଣସି ଉଗ୍ରତା ହେତୁ ହାତଗୁଡ଼ାକରୁ ସୂତାଟି ଚାଲି ଗଲାପରି ମନେ ହେଉଛି । ଆପଣାକୁ ଏକୁଟିଆ ବି ଲାଗୁଛି । ବନ୍ଧୁମାନେ ଦୂରକୁ ଚାଲି ଯାଉଥିବା ପରି ମନେ ହେଉଛନ୍ତି । ଏବଂ ନିଜେ ହାରିଯାଇଥିଲା ପରି ମନେହେଉଛି । ଜିତିବା ଆଉ ହାରିବାର ଆନ୍ଦୋଳନ ଭିତରେ ଧାରିହୋଇ ରହିଥିବା ପର୍ଯ୍ୟନ୍ତ ସୁନ୍ଦରସବୁ ଅତି ପାଖରେ ରହିଥିଲେ ମଧ୍ୟ ମୁଁ ସେଗୁଡ଼ିକୁ କଦାପି ସ୍ୱାଭାବିକ ଭାବରେ ଅନୁଭବ କରି ପାରିବନାହିଁ । କେବଳ ଆପଣାର କ୍ଷୁଦ୍ରତା ଓ ତଜ୍ଜନିତ ନାନା ଉତ୍ତାପକୁ ନେଇ କ୍ଷିପ୍ତ ହୋଇ ରହିଥିବା ସାର ହେବ ।

୫ । ୧୧ । ୮୦

ଆପଣାକୁ ଅନାଇବା ସମୟରେ କେବଳ ମହିମାଗୁଡ଼ାକୁ ହିଁ ଅନାଇ ରହିଥିବା ପରି ମନେ ହେଉଥାଏ । ପୃଥିବୀ ଆଡ଼କୁ ଅନାଇବା ସମୟରେ ଏହି ପୃଥିବୀର ଐଶ୍ୱର୍ଯ୍ୟଗୁଡ଼ାକ ହିଁ ଯେପରି ଅନ୍ତଃନୟନର ଆଗରେ ଉଦ୍ଭାସିତ ହୋଇ ଉଠୁଥିବା ପରି ମନେହୁଏ, ଠିକ୍ ସେହିପରି । ଆପଣାକୁ ଆବିଷ୍କାର କରିବାକୁ ବାହାରିଥିବା ସମୟରେ ସବୁଠାରୁ ଅଧିକ ହାଲୁକା ଲାଗେ, ନିଜ ଭିତରେ ଅସଲ ସ୍ଥାନଟିକୁ ସ୍ପର୍ଶ କରି ପାରୁଥିବା ସମୟରେ ଅସଲ ବନ୍ଧୁର ଦର୍ଶନ ମିଳେ, ଅସଲ ସୁନ୍ଦରଟିକୁ ଓ ଅସଲ ସାନ୍ନିଧ୍ୟଟିକୁ ପାଇ ଯାଉଥିଲା ପରି ମନେହୁଏ । ଏହି ଆବିଷ୍କାର କରିବା; ଏହି ସ୍ପର୍ଶ ଓ ସାନ୍ନିଧ୍ୟ ଲାଭ କରିବା, ଏହିଗୁଡ଼ିକ ତ ପୁରୁଣାକୁ ନୂଆ

କରେ, ବିଭବଗୁଡ଼ାକୁ ଆହୁରି ବିଭବମୟ କରେ, ଆପଣାକୁ ଆପଣା ପାଖରେ ମହିମାମୟ କରି ରଖେ । ତାହାହିଁ ଏହି ଯାବତୀୟ ପୁରୁଣା ଭିତରେ ନବଜନ୍ମର ଅନୁଭୂତି ଆଣିଦେଇ ଯାଉଥାଏ, ଅପହଞ୍ଚ ଯାବତୀୟ ସବୁକିଛିକୁ ଏକ ଅନୁଭୂତି ଝଙ୍କା ଦେଇ ଯାଉଥାଏ ।

ଚିରଦିନ ମୁଁ ଏହିପରି ଶିଶୁଟିଏ ହୋଇ ରହିବି, ଆପଣାକୁ ଉନ୍ମୋଚିତ କରି ରଖିଥିବି, ଆପଣାକୁ ଗଅଁଠାଇ କରି ରଖିଥିବି । ସବୁରି ପଦକ୍ଷେପ ଭିତରେ ଆପଣାର ପଦକ୍ଷେପଗୁଡ଼ିକୁ ଅନୁଭବ କରି ପାରୁଥିବି । ଆପଣାର ସୋପାନଗୁଡ଼ିକ ଉପରେ ଏକ ଅନ୍ତରଙ୍ଗତମ ବନ୍ଧୁର ପଦକ୍ଷେପଗୁଡ଼ିକୁ ମୁଁ ବାରି ପାରୁଥିବି । ଉଚ୍ଛ୍ୱାସ ହୋଇ ପାରୁଥିବି, ନବଜନ୍ମ ଲାଭ କରି ପାରୁଥିବି । ଏହାହିଁ ପଥ, ଏହାହିଁ ଧର୍ମ, ଏହାହିଁ ଆଗ୍ରହ । ଆଜି ସକାଳର ଉଜ୍ଜ୍ୱଳ ପ୍ରସନ୍ନ ସୂର୍ଯ୍ୟକିରଣ ପରି ଏହା ଏକାବେଳେକେ ସତ୍ୟ ।

୬ । ୧ । ୮୦

ଯିଏ ଉଦାସୀନ ହୁଏ, ସେଇ ପୁଣି ଉତ୍ସାହରେ ଭରିଯାଏ । ତେଣୁ, ଉଦାସ ହୋଇ ବସିବାଟା ଯେ ସବୁବେଳେ କେବଳ କ୍ଷତିକାରକ, ସେକଥା ହୁଏତ ମୋଟେ କୁହାଯାଇ ପାରିବନାହିଁ । ଏଠାରେ ଖୁବ୍ ସମ୍ଭବ ଆଉଗୋଟାଏ କଥା ଉପରେ ଆମକୁ ଲକ୍ଷ୍ୟ ରଖିବାକୁ ପଡ଼ିବ ।

ଯେଉଁ ମଣିଷର ଉଦାସୀନତା ଏକାନ୍ତ ସ୍ୱାର୍ଥପ୍ରଣୋଦିତ ହୋଇ ରହିଥାଏ, ତା'ର ଉତ୍ସାହଗୁଡ଼ାକ ମଧ୍ୟ ସ୍ୱଭାବତଃ ସେହିପରି ସ୍ୱାର୍ଥପ୍ରଣୋଦିତ ହୋଇ ରହିଥାଏ । ଏବଂ, ମଣିଷର ଉତ୍ସାହଗୁଡ଼ାକ ଯେତେବେଳେ ପ୍ରଧାନତଃ ସ୍ୱାର୍ଥକେନ୍ଦ୍ରିତ ହୋଇ ରହିଥାଏ, ସେତେବେଳେ ତା'ର ଉଦାସୀନତାଗୁଡ଼ାକ ମଧ୍ୟ ପ୍ରାୟ ସେହିପରି ସ୍ୱାର୍ଥକେନ୍ଦ୍ରିତ ହୋଇ ରହିଥାଏ । ନିଜେ ନିଜକୁ କେନ୍ଦ୍ର କରି ଯିଏ ଉତ୍ସାହିତ ହେଉଥାଏ, ସିଏ ସାଧାରଣତଃ ସେହିପରି ନିଜକୁ କେନ୍ଦ୍ର କରି ଉଦାସ ହୋଇ ରହିବାରେ ଅଭ୍ୟସ୍ତ ହୋଇ ରହିଥାଏ । ସଫଳତାରେ ଉତ୍ସାହିତ ହୁଏ, ସଫଳତା-ଗୁଡ଼ାକ ଦୂରବର୍ତ୍ତୀ ହୋଇ ଯାଉଥିବା ପରି ମନେ ହେଉଥିଲେ ସିଏ ଉଦାସୀ ହୁଏ ।

ଗୋଟାଏ ଉତ୍ସାହକୁ ଯେପରି ସୃଜନାତ୍ମକ ବୋଲି କୁହାଯାଇ ପାରିବ, ସେହିପରି ଗୋଟାଏ ଉଦାସୀନତାକୁ ମଧ୍ୟ ସୃଜନାତ୍ମକ ବୋଲି କୁହାଯାଇ ପାରିବ । ଅନେକ ସମୟରେ ଆପଣାକୁ ସମଗ୍ର ଭାବରେ ଅଗ୍ରସର କରାଇ ନେବାକୁ ହୁଏତ ସମଗ୍ର ଭାବରେ ନିଜକୁ ପ୍ରତ୍ୟାହୃତ କରି ରଖିବାର ଏକ ଆବଶ୍ୟକତା ବି ଅନୁଭୂତ ହୋଇପାରେ ।

୭ । ୧୧ । ୮୦

କେବଳ ଆପଣାର ଦ୍ୱାରୋଦ୍‌ଘାଟନ, ଆପଣା ପାଖରେ ଆପଣା ନିକଟରୁ ନିକଟତର ପରିଚୟ, ନିଜ ଭିତରେ ଏପରି ଗୋଟିଏ ଆଖି ଅର୍ଜନ କରିବାର ଭାଜନ ହେବା, ଯାହାକି ଉପରର ସକଳ ପରସ୍ତକୁ ଭେଦିଯାଇ ପାରିବ, ଯାହାକି ଆପଣା ଘର ଓ ଆପଣା ସଂସାରର ବୃତ୍ତିଗୁଡ଼ିକୁ ସତତ ପ୍ରସାରିତ କରି ପାରୁଥିବ,—ସମ୍ଭବତଃ ଏହାହିଁ ଶୈଳୀ, ଏହାହିଁ ମାର୍ଗ ଓ ଏହାହିଁ ମୁକ୍ତି । ଯାବତୀୟ ଅହଙ୍କାର ଅଭିମାନ ଏବଂ ମିଥ୍ୟା—ଦୂରତାରୁ ମୁକ୍ତ ହୋଇ ପାରିବାଲାଗି ମୋ'ଆଡ଼ୁ ଏତିକି ହୋ'ଇ ପାରୁଥିବା ଦରକାର ।

ବାହାରେ ଗୁଡ଼ାଏ ଦୀପ ଜାଳି ଗୁଡ଼ାଏ କୋଳାହଳ କଲେ ଭିତରର ଅଥବା ବାହାରର ଅନ୍ଧକାର କଦାପି ତୁଟିବ ନାହିଁ । ତଦ୍ୱାରା ଉଗ୍ରତା ବଢ଼ିବ, ଅନ୍ଧାରଗୁଡ଼ାକ କେତେଟା ମୁହୂର୍ତ୍ତିଲାଗି ସତେଅବା ଆଲୁଅ ହୋଇଗଲା ପରି ମନେହେବ । ଆଲୁଅକୁ ଅନ୍ୱେଷଣ କରିବାର ବାସନାଟି ହୁଏତ କେବଳ ଏକ ପର୍ବ ଓ ଏକ ବିଧି ହୋଇ ରହିଯିବ । ତେଣୁ, ନିଜ ଭିତରେ ହିଁ ଅନ୍ଧାରର ବାଡ଼ଗୁଡ଼ାକୁ ଭାଙ୍ଗି ଆଲୁଅ ଭିତରକୁ ପ୍ରସାରିତ ହୋଇଯିବାକୁ ହୋଇଥାଏ । ଆଲୁଅ ଉପରେ ରହିଥିବା ବିଶ୍ୱାସକୁ ଆପଣାର ଜୀବନରେ ପରିଣତ କରିବାକୁ ହୁଏ । ନିଜ ଭିତରେ ଅସଲ ଆଲୁଅଟିକୁ ସ୍ପର୍ଶ କରି ତା'ପରେ ବାହାରେ ମଧ୍ୟ ସେହି ଆଲୁଅର ଝିଅଗୁଡ଼ିକୁ ଅବିଷ୍କାର କରିବାକୁ ହୋଇଥାଏ । ତେବେଯାଇ ହୁଏ, ତେବେଯାଇ ଦୁଃଖ ଯାଏ, ତେବେଯାଇ ଅସଲ ସିଦ୍ଧି ମିଳେ, ଅର୍ଥାତ୍ ଉନ୍ମୋଚନଟି ସମ୍ଭବ ହୁଏ ।

୮ । ୧୧ । ୮୦

ଏହି ସମାଜରେ ଆନନ୍ଦ ବି ଆନନ୍ଦ ନୁହେଁ, ଏହା ପ୍ରଧାନତଃ ଏକ ପ୍ରଦର୍ଶନ । ଅନ୍ୟ ଅନେକଙ୍କ ଠାରୁ ମୋ' ପାଖରେ କେତେ ଅଧିକ ରହିଛି, ପ୍ରାୟ ତାହାରି ଏକ ପ୍ରଦର୍ଶନ । ଆମର ପର୍ବ ଓ ଉତ୍ସବର ଦିନମାନଙ୍କରେ ଏହି କଥାଟା ଅତି ଆଖି ଆଗରେ ପଡ଼େ ଓ ବିବେକକୁ ମଧ୍ୟ ବାଧା ଦିଏ । ଯେଉଁ ଦେଶରେ ଭଗବାନଙ୍କ ବିଷୟରେ ଏତେ ଉପାସନା ପଥ ଗଢ଼ାହୋଇଛି ଏବଂ ଭଗବତ୍ ସତ୍ୟକୁ ନେଇ ଦ୍ରଷ୍ଟାମାନେ କୁଆଡ଼େ କେତେ ଆକାଶମାର୍ଗକୁ ସ୍ପର୍ଶ କରି ପାରିଛନ୍ତି, ସେଠାରେ ମଣିଷ ମଣିଷଠାରୁ ଏପରି ନିଷ୍ଠୁର ଭାବରେ ଦୂର ହୋଇ ରହିପାରିଲା କିପରି, ଏଠି ଧର୍ମାଚରଣ ଗୁଡ଼ାକ ମଣିଷଠାରୁ ମଣିଷକୁ ଏପରି ନିର୍ମମ ଭାବରେ ବିମୁଖ କରି ରଖିଲା କିପରି ? ମୋହମୁକ୍ତ ଭାବରେ ଏହି ପ୍ରଶ୍ନଟିର ଉତ୍ତର ପାଇବାକୁ ହେଲେ ଆମକୁ ଅତି ଅତ୍ୟନ୍ତ ସ୍ଥିର ହୋଇ ପାରିବାକୁ ହେବ, ସକଳ ଭାବପ୍ରବଣତାରୁ ମୁକ୍ତ ରହିବାକୁ ପଡ଼ିବ ; ଅର୍ଥାତ୍, ଭାବଗୁଡ଼ିକ ମଧ୍ୟରେ

ସେଠକ ଅନ୍ତରଙ୍ଗ ଭାବରେ ପ୍ରବେଶ କଲେ ଭାବପ୍ରବଣତାର ମୁଖାବରଣ ଗୁଡ଼ାକ ଆପେ ଆପେ ଖସିପଡ଼େ, ଆମକୁ ସେଠକ ଭାବରେ ଯୋଗ୍ୟ ହେବାକୁ ପଡ଼ିବ ।

ଯେବେଯାଇ ହେବ । ଏହି ପର୍ବ ଓ ଏହି ଉତ୍ସବଗୁଡ଼ାକ ମଧ୍ୟ ଆମ ଅସୁନ୍ଦର ସାମାଜିକ ଜୀବନର ଏକ ଦର୍ପଣ ପରି ହୋଇ ରହିଛି, ଆମ ଠାକୁର-ମାନେ ମଧ୍ୟ ଠିକ୍ ଆମରି ପରି ସାନ ହୋଇ ଆମରି କବଳରେ ଆସି ପଡ଼ିଛନ୍ତି । ଏହି ଦୁଃଖଦ ସତ୍ୟଟିର ଯୋଗ୍ୟ ହେବାକୁ ହେଲେ ଆମକୁ ଅନେକ ସହାନୁଭୂତର ବ ଯୋଗ୍ୟ ହେବାକୁ ପଡ଼ିବ ।

୯ । ୧୧ । ୮୦

ବନ୍ଧୁ ପଚାରିଲେ, ଭବିଷ୍ୟତ ପ୍ରକୃତରେ କ'ଣ ହେବାକୁ ଯାଉଛି ! ସମାଜରେ ପାରସ୍ପରିକ ଆସ୍ଥା ତୁଟିଯାଉଛି, ମଣିଷ ଆଉ କାହାରିକୁ ମଣିଷ ବୋଲି ସ୍ୱୀକାର କରିବାକୁ ରାଜି ହେଉନାହିଁ । ତା' ଭିତରେ କୋଉଠି କେଉଁ ଅସ୍ଥି ଟି ଭାଙ୍ଗିଯାଉଛି କେଜାଣି, ସିଏ ଯାହାକିଛି ଦେଖୁଛି, ସେହି ସବୁକିଛିକୁ ଖାଲି ଭାଙ୍ଗି ପକାଉଛି । ସତେଯେପରି ତା' ନିଜର ଅସଲ ଦଉଡ଼ିଟି ମଧ୍ୟ ତା'ର ହାତଛଡ଼ା ହୋଇଯାଇଛି । ପ୍ରତ୍ୟେକ ଦିନ ଘଟୁଥିବା ନାନା ଘଟଣା ପ୍ରଧାନତଃ ଏହାର ପ୍ରମାଣଗୁଡ଼ାକୁ ଆଣି ଦେଇଯାଉଛି । ଏହାର ପରେ କ'ଣ ହେବ ?—ବନ୍ଧୁ ଭାରି ବ୍ୟଗ୍ର ଭାବରେ ମୋତେ ପଚାରିଲେ ।

ମୁଁ ଉତ୍ତର ଦେଲି, ଭବିଷ୍ୟତ କ'ଣ ହେବ, ମୁଁ ସେକଥା କହି ପାରିବି ନାହିଁ । କିନ୍ତୁ ଏତକ କହିପାରିବି ଯେ, ବର୍ତ୍ତମାନର ଏହି ନେତୃତ୍ୱ ଗୁଡ଼ାକ ବଦଳିଯିବ । ସେହି ନେତୃତ୍ୱଗୁଡ଼ାକୁ ଅବଲମ୍ବନ ଓ ସମର୍ଥନ ଦେଇ ରଖିବାଲାଗି ଆମ ପ୍ରତ୍ୟେକଙ୍କ ଭିତରେ ଯେଉଁ ବ୍ୟକ୍ତିଗତ ଅନ୍ଧବିଶ୍ୱାସ ଓ ଅଳସତାମାନ ରହିଛି, ସେଗୁଡ଼ାକ ବଦଳିଯିବ । ସେଗୁଡ଼ାକ ଯେତେଶୀଘ୍ର ବଦଳିଯିବ, ଅର୍ଥାତ୍ ସେଗୁଡ଼ିକ ଉପରୁ ଯେତେଶୀଘ୍ର ଆମର ଆସ୍ଥା ତୁଟିଯିବ, ସେତେ ଶୀଘ୍ର ଏକ ଅନ୍ୟ ଭୂମି ପ୍ରସ୍ତୁତ ହୋଇଯିବ; ଏକ ଅନ୍ୟ ଭୂମି ଯେ ପ୍ରସ୍ତୁତ ହେଉଛି, ସେହି ବିଷୟରେ ଆମର ଆସ୍ଥା ହେବାକୁ ଆରମ୍ଭ କରିବ । ତେଣୁ, ଅସଲ ଆରମ୍ଭଟି ମୋ' ନିଜ ଭିତରେ ହେବ, ଅସଲ ଅନ୍ଧକାଟିକୁ ମୁଁ ନିଜ ଭିତରେ ସବା ଆଗ ମାରିବି, ମୋ'ର ଯାବତୀୟ ସମ୍ଭ୍ରମରୁ ମୁଁ ତାହାକୁ ଦୂର କରିବି । ମୁଁ ଖାପ ଖାଇବି ନାହିଁ, ଏସବୁର ସେପାଖକୁ ଦେଖି ପାରିବା ଲାଗି ସମର୍ଥ ହେବି । ତେବେଯାଇ ଏହି ଗଡଗୁଡ଼ାକ ଭାଙ୍ଗିବ ।

୧୦ । ୧୧ । ୮୦

ବନ୍ଧୁ କହିଲେ, ଆମେ ବାହାରେ ରହିବା, ମୋଟେ କୋଉଠି ହେଲେ ବାନ୍ଧିହୋଇ ଯିବାନାହିଁ । କାରଣ, ବାନ୍ଧି ହୋଇଗଲେ ହିଁ ପ୍ରମାଦ ଆସି ପହଞ୍ଚିବ । ବାନ୍ଧି ହୋଇ ନରହିବା ଦ୍ୱାରା କ'ଣ ପ୍ରମାଦ ଆସି ପହଞ୍ଚିବାର ଆଶଙ୍କା ରହୁଛି ? ସଂସାରରୁ ନିର୍ଲିପ୍ତ ରହିବାଲାଗି ଯେଉଁ ମହତ୍ତ୍ଵଜନମାନେ ସଂସାରର ସକଳ ବନ୍ଧନ ଭିତରୁ ଆପଣାକୁ ମୁକ୍ତ କରି ରଖିଛନ୍ତି, ସେମାନେ ଆପଣାକୁ ପ୍ରାୟ କାଠ କରି ରଖିଛନ୍ତି, ସେମାନଙ୍କର ହୃଦୟଦ୍ୱାର ଏକାବେଳକେ କିଳିହୋଇ ରହିଛି । ସେମାନଙ୍କର ଆଖିଆଗରେ ଘଟୁଥିବା କେତେ କେତେ ଦୁଃଖ ଓ ଦଣ୍ଡଭୋଗକୁ ସେମାନେ କଳକାଙ୍କ ପରି ଦେଖିବାରେ ଲାଗିଛନ୍ତି । ଏପରି କରିବାଦ୍ୱାରା ସେମାନେ ହୁଏତ ନାନା ପଙ୍କର ବାହାରେ ରହି ଯାଉଛନ୍ତି ସତ, ମାତ୍ର ଯେଉଁ ଭଗବାନଙ୍କ ଲାଗି ସେମାନେ ସଂସାରକୁ ବର୍ଜନ କରିଛନ୍ତି, ସେହି ଭଗବାନଙ୍କ ଲାଗି ସେମାନେ ସଂସାରକୁ ବର୍ଜନ କରିଛନ୍ତି, ସେହି ଭଗବାନଙ୍କ ସଂସାରଟିର ଦଶା ପ୍ରକୃତରେ କ'ଣ ହେଉଛି ? ଅର୍ଥାତ, ଭଗବାନଙ୍କୁ ଆଶ୍ରା କରି ନିଜେ ଶାନ୍ତିରେ ରହିବି ବୋଲି ତାଙ୍କୁ ନଭଜି ଯିଏ ଭଗବାନଙ୍କ ପ୍ରତି ଏକ 'ଆକର୍ଷଣ ଅନୁଭବ କରି ତାଙ୍କୁ ଲୋଡୁଛି, ସିଏ କଦାପି ସଂସାର ଭିତରେ ଉଚ୍ଚ ବା ଦୂର ଜାଗାଟିଏ ବାଛିନେଇ ସେଇଠି ନିର୍ବୁଜ ହୋଇ ବସି ରହିଯାଇ ପାରିବନାହିଁ । ଏହି ସଂସାରଲାଗି ତା'ର ଏକ ଆକର୍ଷଣ ଅବଶ୍ୟ ରହିବ, ସତ୍ୟ ଲାଗି ଆକର୍ଷଣ ରହିବ । ଯାବତୀୟ ଅନ୍ଧାର ଭିତରେ ତଥାପି ଯେଉଁ ସତ୍ୟ ସମ୍ଭାବନା ଉନ୍ମୋଚନ ଲାଗି ଅପେକ୍ଷା କରି ରହିଛି, ସିଏ ସେଥିଲାଗି ନିଶ୍ଚୟ ଏକ ଆକର୍ଷଣ ଅନୁଭବ କରିବ । ସିଏ ନିଶ୍ଚୟ ଟାଣିହୋଇ ଆସିବ; ଶ୍ରଦ୍ଧାରେ ଟାଣିହୋଇ ଆସିବ, ଶ୍ରଦ୍ଧାରେ ବାନ୍ଧିହୋଇ ରହିବ ।

୧୧ । ୧୧ । ୮୦

ଏଇ ଅସନ୍ତୋଷଗୁଡ଼ିକୁ ଯଥାର୍ଥ ଭାବରେ ସଂଗଠିତ କରିବାଲାଗି ଏକ ଯଥାର୍ଥ ନେତୃତ୍ୱ ଦରକାର । ଏପରି ଏକ ନେତୃତ୍ୱ, ଯାହାକି ଯାବତୀୟ ପ୍ରକାରର କାର୍ଯ୍ୟକ୍ରମରେ ମଣିଷକୁ ସବାଆଗ ରଖିଥିବ, ମଣିଷ କହିଲେ ସବୁ ମଣିଷଙ୍କୁ ବୁଝୁଥିବ, ଏବଂ ସର୍ବୋପରି, କେବଳ ରାଜନୈତିକ କ୍ଷମତା ହାସଲ ବା ଅଧିକାର କରିବା ହିଁ ଯାହାର ଲକ୍ଷ୍ୟ ହୋଇ ରହିନଥିବ ।

ଅସନ୍ତୋଷ ନାନା ପ୍ରକାରରେ ଓ ନାନା ସ୍ତରରେ ଫୁଟି ଉଠିଲାଣି । ଏକ ପରିବର୍ତ୍ତନ, ଅର୍ଥାତ୍ ସାମୂହିକ ଜୀବନକୁ ଗୋଟିଏ ଅସ୍ଥାଗତ ସମଗ୍ର ଭିତରେ ବାନ୍ଧି ରଖିବାଲାଗି ଏକ ନୂତନ କେନ୍ଦ୍ର ଯେ ଏକାନ୍ତ ଆବଶ୍ୟକ, ତାହା ଅତ୍ୟନ୍ତ ସ୍ପଷ୍ଟ ଭାବରେ ପ୍ରକଟ ହୋଇ ଉଠିଲାଣି । ପୁରୁଣା କେନ୍ଦ୍ରଗୁଡ଼ାକ କ୍ରମେ ଭାରି ଅକାମି

ହୋଇ ପଡ଼ିଲେଣି, ପୁରୁଣା ଅର୍ଗାନଗୁଡ଼ାକରେ ଆଉ ମୋଟେ କାମ ହୋଇ ପାରୁନାହିଁ । ଉପଦେଶଗୁଡ଼ାକ ଏକାବେଳେକେ ଫମ୍ପା ଲାଗିଲାଣି । କୃତ୍ରିମତାର ଅନ୍ତଃଶକ୍ତିମାନ ମଣିଷର ଅସଲ ଆନ୍ତରିକତା ଗୁଡ଼ାକୁ କୁଆଡ଼େ ଗିଳି ପକାଇ ସାରିଲେଣି । ଏସବୁ ଆଉ କୌଣସି କାମ ଦେବେନାହିଁ । ବର୍ତ୍ତମାନ ଏପରି ଏକ ନେତୃତ୍ୱ ଦରକାର, ଯାହାକି ଏହି ଅସନ୍ତୋଷଗୁଡ଼ାକୁ ଏକ ସମ୍ଭାବ୍ୟ ସମ୍ଭାବନା ମଧ୍ୟରେ ଠଉରି କରି ଦେଖି ପାରୁଥିବ, ଏକ ଅନ୍ୟ ସ୍ୱପ୍ନ ଦେଖି ପାରୁଥିବ, ଯିଏ ଅସନ୍ତୋଷଗୁଡ଼ାକରେ ଚକ୍ରିତ ହୋଇ ପଡ଼ୁନଥିବ, ଦାବିଗୁଡ଼ିକୁ ଯଥାର୍ଥ ଭାବରେ ଧରି ପାରୁଥିବ, ଯିଏ ଯୁଗର ପରବର୍ତ୍ତୀ ଆବଶ୍ୟକତାଟିକୁ ଜଳଜଳ କରି ଦେଖି ପାରୁଥିବ ।

୧୬।୧୧।୮୦

କୌଣସି ଆନ୍ଦୋଳନକୁ ଯଦି ମୁଁ ସ୍ୱାଗତଯୋଗ୍ୟ ବୋଲି ଅନୁଭବ କରିବି, ତେବେ ମୁଁ ସକ୍ରିୟ ଭାବରେ ସେହି ଆନ୍ଦୋଳନରେ ଯୋଗ ଦେବି । ଅନ୍ତତଃ, ମୋ' ଜୀବନରେ ମୁଁ ଏପରି କିଛି କରୁନଥିବି, ଯାହାକି ସେହି ଆନ୍ଦୋଳନର ପଥରେ ବାଧା ସୃଷ୍ଟି କରୁଥିବ ।

ବର୍ତ୍ତମାନ ଦେଶରେ କେତେ କ'ଣ ଘଟୁଛି । ଘଟୁଥିବା ପ୍ରାୟ ସବୁ ଘଟଣା ପଛରେ ଅସନ୍ତୋଷ ରହିଛି । ମାତ୍ର, ସବୁ ଅସନ୍ତୋଷ ଯେ ଆମକୁ ଆମର ପରବର୍ତ୍ତୀ ଆଗାମୀ ସୋପାନଟି ଆଡ଼କୁ ନିର୍ଦ୍ଦେଶିତ କରି ନେଇଯିବ, ସେକଥା ଆଦୌ ନୁହେଁ । ସେହି କଥାଟି ଅନେକ ପରିମାଣରେ ନିଜ ପାଖରେ ମୋ'ର ରହିଥିବା ନିଷ୍ଠା ଉପରେ ନିର୍ଭର କରୁଥିବ । ଯଦି ମୁଁ ଭିତରେ ଅମଙ୍ଗ ଗନ୍ଧ ଅଥବା ଧୂର୍ତ୍ତ ଶଗାଳଟାଏ ହୋଇ ବସିଥିବି, ତେବେ ଉପରେ କର୍ତ୍ତବ୍ୟର ଅନୁରୋଧରେ ପଡ଼ି ମୁଁ ଯେତେକଥା କହୁଥିଲେ ମଧ୍ୟ ମୁଁ ପ୍ରକୃତରେ ମୋଟେ କୌଣସି କ୍ଷେତ୍ରରେ ନେଇ ଆପଣାକୁ ସମ୍ମିଳିତ କରିପାରିବି ନାହିଁ ।

ଯେଉଁ ବୁଢ଼ାମାନେ ଟୋକା ଥିଲାବେଳେ ଯେଉଁସବୁ ତୋଟାଭଙ୍ଗା ଓ ପାଟେଖଣ୍ଡିଆଁ କାମ କରିଥିଲେ, ବର୍ତ୍ତମାନ କେବଳ ସେହିଗୁଡ଼ାକର ରୋମନ୍ଥନ-ଆନନ୍ଦ ମଧ୍ୟରେ ନିଜର ସକଳ ଉତ୍ସାହକୁ ସେମାନେ ଗଣ୍ଠି ପକାଇଦେଇ ବସିଛନ୍ତି ଓ ଆଗାମୀ ଭବିଷ୍ୟରେ ନାନା ଆଶଙ୍କା ଭିତରେ ଆନ୍ଦୋଳିତ ହେବାରେ ଲାଗିଛନ୍ତି, ସେମାନଙ୍କର ନିଷ୍ଠାଗୁଡ଼ାକ ମଧ୍ୟ ପ୍ରାୟ ସେହି ସ୍ତରର ହୋଇ ରହିଛି । ସେମାନେ ରାଜନୀତିଟାକୁ ଭାରି ଭଲ ପରିଦୃଷ୍ଟ କରି ରଖିଛନ୍ତି । ଘରିଆଡ଼ ଯାକକୁ ଭାରି କାଉଁଦା କରି ରଖିଛନ୍ତି ।

୨୩ । ୧୧ । ୮୦

ମଣିଷ ଉପରୁ ବିଶ୍ୱାସ ଯେ ଏକାବେଳେକେ ତୁଟିଯାଉଛି, ସେକଥା କ୍ରମେ କେତେ ଲୋକ କହିବାକୁ ବି ଆରମ୍ଭ କଲେଣି । ମଣିଷକୁ ଆଗେ ପ୍ରଳୟର ଭୟ ଦେଖା ଯାଉଥିଲା ଓ ତଦ୍ୱାରା ବିଶ୍ୱାସ କରାଯାଉଥିଲା ଯେ ସିଏ ଅନ୍ତତଃ ତାହାର ଭୟରେ ପଛକୁ ଫେରି ଆସିବ, ନିଜପାଖକୁ ଫେରିଆସିବ, ସଂସାର ଭିତରକୁ ଫେରି ଆସିବ । ସେକଥାଟି ହୁଏତ କେତେ ମଣିଷଙ୍କ କ୍ଷେତ୍ରରେ ସାମୟିକ ଭାବରେ ସଫଳ ମଧ୍ୟ ହେଉଥିଲା । କିନ୍ତୁ ତାହା ଆରୋଗ୍ୟ ନୁହେଁ, କଦାପି ଏକ ସମାଧାନ ନୁହେଁ ।

ଆମେ ଯେତେ ମଣିଷ ବର୍ତ୍ତମାନର ଏହି ଅବିଶ୍ୱାସର ଜାଲଭିତରେ ପଡ଼ି ଛଟପଟ ହେଉଛୁ ଓ ନିଜ ଭିତରେ ଭୟଜନିତ ନାନା ଉତ୍ତେଜନାର ପରିଣାମ ଭୋଗ କରୁଛୁ, ଏହି ଅବିଶ୍ୱାସକୁ ପଦପଦ କରି ଗଢ଼ିବାରେ ଆମ ପ୍ରତ୍ୟେକଙ୍କର ଏକ ଭାଗ ରହିଛି । ନିଜ ବ୍ୟକ୍ତିଗତ ଓ ସମ୍ବନ୍ଧଗତ ଜୀବନରେ ଏହାଦ୍ୱାରା ବେଶ୍ ଫାଇଦା ହେବ ବୋଲି ଆମେ ମଣିଷମାନଙ୍କୁ ଅବିଶ୍ୱାସ କରିବାକୁ ଆରମ୍ଭ କରିଛୁ, ଧୋକା ଭିତରେ ପଶିଛୁ ଓ ଧୋକାକୁହିଁ ଜୀବନ ବୋଲି ଗ୍ରହଣ କରିଛୁ । ଏବଂ ତା'ପରେ ଆମେ ସମସ୍ତେ ପ୍ରଧାନତଃ ସେହି ଧୋକାର ହିଁ ଶିକାର ହୋଇଛୁ । ଏବଂ, ତାହାର ଗ୍ରାସ ଭିତରେ ପ୍ରାୟ ପୂରାପୂରି ପଡ଼ି ସାରିବା ପରେ ଆମେ ଆଜି ଅତ୍ୟନ୍ତ ବ୍ୟସ୍ତ ହୋଇ ପଡ଼ିବାରେ ଲାଗିଛୁ ।

ଏହାର ସମାଧାନ କେଉଁଠି ? ପୁନର୍ବାର ବିଶ୍ୱାସ ପାଖକୁ ଫେରିଯିବାକୁ ହେବ, ବିଶ୍ୱାସ ଉପରେ ଭରସା ରଖିବାକୁ ହେବ, ସକଳ ଅବିଶ୍ୱାସ ସତ୍ତ୍ୱେ ତଥାପି ବିଶ୍ୱାସକୁ ଅବଲମ୍ବନ କରି ବାଟ ଚାଲିବାକୁ ହେବ ।

୨୪ । ୧୧ । ୮୦

ବିଶ୍ୱାସଗୁଡ଼ାକ ଭାଙ୍ଗି କାହିଁକି ଏପରି ଏକ ଯୁଗନାଶକାରୀ ଅବିଶ୍ୱାସରେ ପରିଣତ ହେଲା, ଜୀବନର ଯାବତୀୟ ସହଜ ସହାନୁଭୂତିଗୁଡ଼ାକ କ୍ରମେ ମରିଯାଇ ମଣିଷ ଏପରି ନିର୍ମମ, ନୃଶଂସ ଏବଂ ଲଜ୍ଜାହୀନ କାହିଁକି ଯେ ହେଲା, ଏହାର ଅନେକ କାରଣ ରହିଛି । ସେହି କାରଣ ଯେଉଁ ସ୍ତରର ହୋଇଥାଉ ପଛକେ, ଆମ ସମସ୍ତଙ୍କର ସେଥିରେ ଭାଗ ରହିଛି ।

ଆମେ ଯେଉଁମାନେ ଗତ ତିରିଶିବର୍ଷ ଧରି ରାଜନୀତି କରିଛୁ, ଜୀବନର ସମସ୍ତ ବଖରାଟିଭିତରେ ରାଜନୀତିକୁ ଆଣି ପୂରାଇ ଦେଇଛୁ ଏବଂ ଯାବତୀୟ ସମସ୍ୟାର ଏକ ରାଜନୈତିକ ସମାଧାନ ରହିଛି ବୋଲି ବିଶ୍ୱାସ କରିଛୁ, ବର୍ତ୍ତମାନର ଏହି ଅବିଶ୍ୱାସ ସକାଶେ ଆମେ ପ୍ରଥମେ ଦାୟୀ । ଆମେ ଏହି ଦେଶରେ ମଣିଷର ଅସଲ ଭୂଇଁଗୁଡ଼ାକୁ ଭାରି ନିର୍ମମ ଭାବରେ ଭୁଷୁଡ଼ାଇ ପକାଇଛୁ । ଦ୍ୱିତୀୟ କାରଣ ହେଉଛି,

ଆମେ ରାଜନୀତି ଜରିଆରେ ଏହି ଦେଶରେ ଲୋକମାନଙ୍କ ଲାଗି ଯେତିକ କରିପାରି-ଥାନ୍ତୁ, ତାହା କରି ପାରିବାକୁ ଯଥେଷ୍ଟ ଚେଷ୍ଟା ଦେଖାଇନାହୁଁ । ଆମ କ୍ଷମତା ହିଁ ଆମଲାଗି ଆମ ସର୍ବପ୍ରଧାନ ଅନୁରକ୍ତିର ବିଷୟ ହୋଇ ରହିଛି । ଏହି କ୍ଷମତାଗୁଡ଼ାକୁ ନେଇ ଆମ ପରସ୍ପର ଭିତରେ ଦ୍ୱନ୍ଦ୍ୱ ଲାଗିଛି, ସେଥିଲାଗି ଆମେ ମଣିଷ ଓ ତା'ର ବିବେକଗୁଡ଼ାକୁ ପଇସା ଦେଇ କିଣିଛୁ ଓ ପଇସା ଦେଇ ବିକିବାକୁ ବି ମନ କରିଛୁ । ମଣିଷଗୁଡ଼ାକୁ ଆମ କ୍ଷମତାରେ ତିଷ୍ଠି ରହିବାର ସାଧନ ରୂପେ ଆମେ ବ୍ୟବହାର କରିଆସିଛୁ । ସଂସ୍କୃତି ନାମରେ ଗୁଡ଼ାଏ ରାଜସିକତାକୁ ରାଜକୀୟ ବୃଦ୍ଧି ଓ ସ୍ଥିତି ଦେଇ ମଣିଷର ସହଜ ସଂସ୍କୃତିକାମିତା ଗୁଡ଼ିକୁ ଏକାବେଳେକେ ନଷ୍ଟ କରି ଦେଇଛୁ । ଆମେ ଯାହା ଅର୍ଜିଛୁ, ବର୍ତ୍ତମାନ ତାହାର ଫଳମାନ ଫଳୁଛି ।

୨୫ । ୧୧ । ୮୦

ଏକ ଅନ୍ୟ ନେତୃତ୍ୱ ଦରକାର । ଏହି ନେତୃତ୍ୱ ଆପଣାକୁ କୌଣସି ସଭାରେ ନାଗରି ପିଟି ଘୋଷଣା କରିବ ନାହିଁ ଅଥବା କୌଣସି ରାଜନୀତିର ସାହାରା ନେଇ ଆପଣାକୁ ଏକ ଉପଦ୍ରବୀ ଅବଶକ୍ତିରେ କଦାପି ପରିଣତ କରିବାକୁ ଯିବନାହିଁ । ଏହି ନେତୃତ୍ୱ କୌଣସି ପ୍ରକାର ସଙ୍କଟରୁ ଅନ୍ୟମାନଙ୍କ ତୁଳନାରେ ଅପେକ୍ଷାକୃତ ଅଧିକ ଫାଇଦା ଉଠାଇବା ଲାଗି ମନ କରିବନାହିଁ ।

ତା'ହାର ଅର୍ଥ ନୁହେଁ ଯେ, ଏହି ନେତୃତ୍ୱ ରାଜନୀତିକୁ ଏକାବେଳେକେ ଛାଡ଼ିଦେବ । ଏହା ରାଜନୀତି ଭିତରେ ରହିବ, ତଥାପି କ୍ଷମତାର ଜାଲ ଭିତରେ ପଡ଼ିଯାଇ ତାହା ଆପଣାକୁ କେବେହେଲେ ଏକାନ୍ତ ଅସହାୟ ଭାବରେ ଉଗ୍ର କରି ରଖିବାପାଇଁ ମନ କରିବନାହିଁ । ସେହି ନେତୃତ୍ୱ ଧର୍ମ ଭିତରେ ରହିବ, କିନ୍ତୁ ସିଏ ଆପଣାକୁ ସମସ୍ତଙ୍କ ଭିତରେ ଦେଖିବ, ଆପଣାର ଯାବତୀୟ ଅର୍ଜନକୁ ସିଏ ସମସ୍ତ ସଂସାରର ସେବାରେ ବାଣ୍ଟି ଦେବ । ଏହି ନେତୃତ୍ୱ ଶିକ୍ଷାଳୟ ମଧ୍ୟରେ ଆପଣାକୁ ପୂର୍ଣ୍ଣଭାବେ ସମର୍ପିତ କରି ରଖିବ । ସିଏ ଅଧିକରୁ ଅଧିକ ଦେବ, ଦ୍ୱାରୋନ୍ମୋଚନରେ ସାହାଯ୍ୟ ଏବଂ ସହଯୋଗ କରିବ । କୌଣସି ପରିସ୍ଥିତିରେ ମଧ୍ୟ ଆପଣାକୁ ନେଇ କଦାପି ଅନ୍ୟମାନଙ୍କ ଉପରେ ଲଦି ଦେବନାହିଁ । ବୟସର ପାର୍ଥକ୍ୟ, ଅର୍ଥର ପାର୍ଥକ୍ୟ ଓ ଏପରିକି ଯୋଗ୍ୟତାର ପାର୍ଥକ୍ୟକୁ ଅନୁଭବ କରିବା ପୂର୍ବରୁ ବୟସ, ଅର୍ଥ ଓ ଜ୍ଞାନର ନିର୍ବିଶେଷରେ ସବୁ ମଣିଷ ଭିତରେ ସର୍ବପ୍ରଥମ ସଞ୍ଚାରକ ଓ ସ୍ଥିତିନିଧି ହୋଇ ରହିଥିବା ଐକ୍ୟଟିକୁ ଅନୁଭବ କରିବ, ଆଧାରଟିକୁ ଅନୁଭବ କରିବ । ଆତ୍ମାଟିକୁ ଅନୁଭବ କରିବ ।

ଆଗ କ୍ଷୁର ଗୁଡ଼ାକ ଓହ୍ଲାଇ ଆସିଲେ ହୁଏତ ଆମର ଏହି ସମାଜରେ ମଧ୍ୟ ଯେଉଁ ନେତୃତ୍ୱଲାଗି ଏକ ନୂଆ ଭୂମି ତିଆରି ହେବା ଆରମ୍ଭ ହେବ ।

୧୬ । ୧୧ । ୮୦

ଯୁଗ ସରଯାଉନାହିଁ, ଯୁଗ ଆସୁଛି । ମୋ' ଭିତରର ସ୍ନେହସଞ୍ଚିତ ଧର୍ମବୋଧଟିରେ ଅତଡା ଖସି ଯେଉଁଟି ମୋଟେ ଉଜୁଡି ଯିବାକୁ ଯାଉନାହିଁ, ପଦ୍ମ ଫୁଲର କଢଟିଏ ଯେ ତାହାର ଭିତରେ କୋଉଠ ଅତ୍ୟନ୍ତ କୋଲାହଳଶୂନ୍ୟ ଅଥଚ କଣ୍ଟିତ ଭାବରେ ଜନ୍ମଲାଭ କରିଆସୁଛି, ସେକଥାକୁ ମୁଁ ଅଧିକରୁ ଅଧିକ ସ୍ପଷ୍ଟ ଭାବରେ ଅନୁଭବ କରିପାରୁଛି । ମୋ' ମୁହଁଟି ଅପେକ୍ଷା ମୋ' ପୁଅଟିର ମୁହଁ ମୋତେ ଅଧିକ ଆପଣାର ଲାଗୁଛି, ଅଧିକ ଆନନ୍ଦଦ ସୂଚକ ଲାଗୁଛି । ଏବଂ, ବାହାରେ ଯେଉଁମାନେ ଆକାଶଗୁଡାକ ଏକାବେଳେକେ ଭାଙ୍ଗି ପଡିଲାଣି ବୋଲି ଦାଣ୍ଡଯାକ ହୁରି ପକାଇବାରେ ଲାଗିଛନ୍ତି, ସେମାନେ ମଧ୍ୟ ଯଦି ନିଜପାଖରେ ଥିର ହୋଇ ବସିବେ, ସ୍ନେହପୂର୍ଣ୍ଣ ଭାବରେ ନିଜକୁ ସ୍ୱୀକାର କରିବେ, ଥିର ହୋଇ ଆପଣାକୁ ସ୍ପର୍ଶ କରିପାରିବେ, ତେବେ ସେମାନେ ଅନାଗତ ଅପେକ୍ଷାମାଣଙ୍କୁ ଦେଖିବାକୁ ସମଥ ହେବେ । ତେବେ ସେମାନଙ୍କୁ ବଞ୍ଚି ପାରିଲାଭଳି ଗୋଟାଏ କ୍ଷେତ୍ର ନିଶ୍ଚୟ ମିଳିଯିବ ।

ଯେତିକ ଭାଙ୍ଗି ଯାଉଛି, ତାହା ମୋଟେ ଯଥେଷ୍ଟ ନୁହେ । ଆହୁରି ଅଧିକ ଭାଙ୍ଗିବ । ଆମ ଜୀବନବୋଧରର ଯେତେ ଯେଉଁଠି ଯେତେ ନକଲି ସୂତା ରହିଛି, ଗୋଟି ଗୋଟି କରି ସବୁ ଛିଡିବ । ଆମ ଅଧିବାଧର ନକଲି ଭୂଇଁଗୁଡାକ ପ୍ରକୃତରେ ନକଲି ବୋଲି ଧରା ପଡିଯିବେ । ତା'ପରେ ଯାଇ ଅସଲ ସ୍ୱୀକୃତିର ପର୍ଯ୍ୟାୟ ଆସିବ । ସେପର୍ଯ୍ୟନ୍ତ ଥିର ହୋଇ ଅଥଚ ଦୃଢ ହୋଇ ଯିଏ ବସି ପାରିଥିବ, ସେଇ ଆଗାମୀ ଯୁଗର ବିଶ୍ୱକର୍ମା ହେବ, ନେଇ ନୂଆ କରି ଗଢିବ, ଏହି ବିଶ୍ୱକୁ ତା' ନିଜ ଘର ପରି ଗଢିବ ।

୧୭ । ୧୧ । ୮୦

ସଦିଚ୍ଛା ଏବଂ ସାହସ ଦୁଇଟିଯାକ ଏକାବେଳେକେ ରହିଥିବା ଦରକାର । ଅନେକ କ୍ଷେତ୍ରରେ ଖାଲି ସଦିଚ୍ଛା ରହିଥିବାର ଦେଖାଯାଏ । ସେଠାରେ ଆମେ ଏପରି ସଜ୍ଜନମାନଙ୍କର ସାକ୍ଷାତ ଲାଭକରୁ ଯେଉଁମାନେ ସତ୍ପଥରେ ଚାଲୁଥାନ୍ତି, ଭଲ ମଣିଷ ହୋଇ ରହିଥାନ୍ତି. କେତୋଟି ଭଲ ନିୟମକୁ ଆଦରି ନେଇ ତାହାର ବାଡଗୁଡାକ ଭିତରେ ନିରାପଦ, ନିର୍ମଳ ଏବଂ ନିଶ୍ଚଳ ହୋଇ ରହିଥାନ୍ତି । ଅପର ପକ୍ଷରେ, ଯେଉଁଠି ଖାଲି ସାହସ ଆଏ, କୌଣସି ପ୍ରକାର ସତ୍ଇଚ୍ଛା ସେହି ସାହସକୁ ବାଟ ଦେଖାଇବା ସକାଶେ ମହଜୁଦ ନଥାନ୍ତି, ସେଠାରେ ମଣିଷ ଗୁଣ୍ଡା ପାଲଟି ଯାଏ । ସିଏ କେତେ କ'ଣ ଭାଙ୍ଗେ, କିନ୍ତୁ ଭୁଚ୍ଛାଟାରେ ଭାଙ୍ଗେ । ଖିଆଲଗୁଡାକ ତା'ର ସେହି ସାହସ ଉପରେ ଅନେକ ସମୟରେ ସବାର ହୋଇ ବସିଥାନ୍ତି । ଏହିପରି ଭୁଚ୍ଛାଟରେ ଗୋଡ଼ହାତ କଟାଇ ଡାକ୍ତର କ'ମୁଣ୍ଡ ତା'ର ଉଡ଼ି ଯାଏ । ସିଏ

ବାହାର ହୋଇ ପାରେନାହିଁ । ନିଜ ଜୀବନରେ କୌଣସି ବାଟ ନଥିବାରୁ ସିଏ ନିଜର ବି ହୋଇ ପାରେନାହିଁ ।

ସାହସ ନଥାଇ ଖାଲି ସଦିଚ୍ଛା ରହିଥିଲେ ଅନେକ ସମୟରେ ମଣିଷ ଭାରି ଭୀରୁ ହୋଇଯାଏ । ଅନେକ ସମୟରେ ନିଜର ଭୀରୁତାଗୁଡ଼ାକୁ ହିଁ ସିଏ ସଦିଚ୍ଛା ବୋଲି ଦେଖାଇଦିଏ । ଆମ ସମାଜରେ ଏହିପରି ସଦିଚ୍ଛାବାନ୍ ଭୀରୁ ଲୋକ ବୋଧହୁଏ ଅତ୍ୟଧିକ ସଂଖ୍ୟାରେ ରହିଛନ୍ତି । ତେଣୁ, ଗୁଣ୍ଡାମାନେ ମାଡିଲେ ସେମାନେ ଏପରି ଅଶାନ୍ତ ହୋଇ ଉଠୁଛନ୍ତି । ନିଜ ଭିତରେ ଥିବା ଏକ ମୂଳଭୂତ ଅସମର୍ଥତା ସେମାନଙ୍କୁ ଅଶାନ୍ତ କରି ପକାଉଛି । ଏହିସବୁ କ୍ଷେତ୍ରରେ ସେମାନଙ୍କର ସଦିଚ୍ଛା ଆଦୌ କୌଣସି କାମ ଦେଇପାରିବା ବିଷୟରେ ସେମାନଙ୍କ ମନରେ ଭାରି ସଂଶୟ ବି ରହିଛି ।

ତେଣୁ, ସଦିଚ୍ଛା ଥାଉ, ତା' ସଙ୍ଗେସଙ୍ଗେ ସାହସ ବି ଥାଉ । ଆମ ସଦିଚ୍ଛାଗୁଡାକ ଆମକୁ ଭୀରୁ ହୋଇ ରହିବାରେ ମୋଟେ ସାହାଯ୍ୟ ନକରନ୍ତୁ ।

୧୮ । ୧୧ । ୮୦

କେନ୍ଦ୍ରଟି ଯେଉଁଠାରେ ଥାଉ ପଛକେ, ତାହାକୁ ସେଠାରେ ମଧ୍ୟ ଆବିଷ୍କାର କରି ପାଇବାକୁ ହେବ । ମୋ' ଭିତରେ ମଧ୍ୟ ମୁଁ ଅନେକ ସମୟରେ କେନ୍ଦ୍ରଟି ଥାଇ ବି କେନ୍ଦ୍ର ପର୍ଯ୍ୟନ୍ତ ପହଞ୍ଚି ପାରେନାହିଁ । କେନ୍ଦ୍ରଟି ହୁଏତ ଅଛି ବୋଲି ବି ସେତେବେଳେ ମୋଟେ ମନରେ ନଥାଏ । ସେଇଟିରୁ ଯାବତୀୟ ପ୍ରକାରର ମାଳିନ୍ୟ ଓ ରୁଗ୍ଣତା ଆସି ପହଞ୍ଚେ; ହଠାତ୍ ଆପଣାର କ୍ଷୁଦ୍ରତାଗୁଡ଼ାକ ଏତେ ବଡ଼ ବଡ଼ ଆକାର ଧରି ମୋତେ ବାନ୍ଧିବାକୁ ଦଉଡ଼ି ଆସନ୍ତି ।

ବାହାରେ ମଧ୍ୟ ସେହି କେନ୍ଦ୍ରଟିର ଅନୁଭୂତ ହୋଇ ପାରୁଥିବା ଦରକାର । କେନ୍ଦ୍ରଟିକୁ ଚିହ୍ନିନେବାର ଶ୍ରଦ୍ଧା ଏବଂ କଳାଟିକୁ ଅର୍ଜନ କରି ପାରିଲେ, ସେହି କେନ୍ଦ୍ରଟି ପ୍ରକୃତରେ ଉପସ୍ଥିତ ନଥିବାର କୌଣସି ଜାଗା ହୁଏତ ମୋତେ ଅନୁଭୂତ ହେବନାହିଁ । ମୋ'ର ସକଳ ସମ୍ବନ୍ଧ ମଧ୍ୟରେ ସେହି କେନ୍ଦ୍ରଟି ଅବସ୍ଥିତ ରହିଛି । ମୋ'ର ସକଳ ସ୍ୱପ୍ନ ଓ ସକଳ ଉତ୍ସର୍ଗ ଭିତରେ ମଧ୍ୟ ସେହି କେନ୍ଦ୍ରଟି ରହିଛି । ଏବଂ ସେହି କେନ୍ଦ୍ରଟି ଅଛି ବୋଲି ମୁଁ ରହିଛି । ସେଇଟି ଅଛି ବୋଲି ମୋ'ର ସଂସାରଟି ରହିଛି ଏବଂ ଏହି ଯାବତୀୟ ଖିଅ ଲଗାଇବା ସମ୍ଭବ ହୋଇ ପାରୁଛି । ଏହି କେନ୍ଦ୍ରଟି ସହିତ ଖିଅ ଲଗାଇ ଆପଣାର ଭିତରେ ଓ ବାହାରେ ବାଟ ଚାଲିବାର ଅର୍ଥ ହେଉଛି ଆପଣାର ଯଥାର୍ଥ ସାଥୀ ସହିତ ବାଟ ଚାଲିପାରିବା । ବାହାରଟା କିଛି ନୁହେଁ, ଭିତରଟା ଅସଲ ବୋଲି ଅନେକେ କହନ୍ତି । ଆମେ ଭିତରଟାକୁ ନପାଇଲେ ବାହାରଟା ବି କଦାପି ଉପଲବ୍ଧ ହୋଇ ପାରିବନାହିଁ

ବୋଲି ଆହୁରି ଅନେକେ କହିଥାଆନ୍ତି । ସେମାନେ ଯାହା ଅନୁଭବ କରନ୍ତି, ହୁଏତ ତାହାହିଁ କହନ୍ତି । କିନ୍ତୁ ମୁଁ ଏହି ବାହାର ଆଉ ଭିତର ମଧ୍ୟରେ କୌଣସି ପୃଥକତା ଦେଖି ପାରେନାହିଁ । ନିଜକୁ ମୁଁ ଯେତିକି ବ୍ୟାଧିମୁକ୍ତ କରି ରଖିପାରେ, ଏହି ଦୂରତା ସେତିକି ଉଭେଇ ଯାଉଥାଏ । ଖାଲି କେନ୍ଦ୍ରଟି ଦେଖାଯାଏ, ଖିଅଗୁଡ଼ାକ ଦେଖାଯାଏ ।

୧୯ । ୧୧ । ୮୦

ଭାରତବର୍ଷ କୃଷକର ଦେଶ । ସେହି କୃଷକମାନେ ଯେତେବେଳେ ସେମାନଙ୍କର ଭାଗ୍ୟକୁ ନିଜେ ଗଢ଼ିବାକୁ ଚାହିଁବେ, ସେତିକିବେଳେ ଯାଇ ଭାରତବର୍ଷରେ ଯଥାର୍ଥ ରାଜନୀତିକ ପରିବର୍ତ୍ତନର ବେଳ ଆସି ପହଞ୍ଚିଲା ବୋଲି ଅନୁମାନ କରାଯାଇ ପାରିବ । କୃଷକମାନେ ସାଧାରଣତଃ କୌଣସି ପରିବର୍ତ୍ତନ ଇଚ୍ଛା କରନ୍ତି ନାହିଁ, ଭାଗ୍ୟବାଦୀ ହୋଇ ରହିଥାଆନ୍ତି ଓ ତେଣୁ ପ୍ରାୟ ସର୍ବଦା ପ୍ରତିକ୍ରିୟାଶୀଳମାନଙ୍କ ହାତରେ କ୍ରୀଡ଼ନକ ପରି ହୋଇ ରହିଥାଆନ୍ତି, ବିପ୍ଳବର କେତେକ ସିଦ୍ଧାନ୍ତରେ ଏପରି ଏକ ଅପବାଦ ମଧ୍ୟ ରହିଛି । ବିଶେଷ କରି ଯେଉଁ ଦେଶରେ ଜମିମାଲିକ ଅଣଚାଷୀ ଓ ଭୂମିହୀନ ପ୍ରକୃତଚାଷୀ ବୋଲି ଦୁଇଟି ଭାଗରେ କୃଷିକ୍ଷେତ୍ରର ରାଜନୀତି ବିଭକ୍ତ ହୋଇ ରହିଥିବ, ସେହି ଦେଶରେ କୃଷକମାନଙ୍କ ମଧ୍ୟରେ ଏକ ନୂତନ ଅନ୍ୟପ୍ରକାର ସମାଜଚେତନା ସମ୍ଭବ ହେବା ପ୍ରକୃତରେ ଅଧିକ କଷ୍ଟକର ହୋଇପଡ଼ିବ ।

ଭାରତବର୍ଷରେ ଶ୍ରମିକ ଏପର୍ଯ୍ୟନ୍ତ ପୂରା ଶ୍ରମିକ ହୋଇନାହିଁ । ଏପର୍ଯ୍ୟନ୍ତ ସିଏ ଅଧିକାଂଶ ଯାଗାରେ ପ୍ରଧାନତଃ ଅଧିକ ମଜୁରି ସକାଶେ ଲଢ଼ୁଛି । ଅଧିକ ମଜୁରି ପାଇଲେ ଆହୁରି ଅଧିକ ମଜୁରି ସକାଶେ ଲଢ଼ୁଛି । କୌଣସି ଏକ ସମାଜ, ଯେଉଁଠି ଶ୍ରମିକ ଓ କୃଷକ ସମସ୍ତେ ମଣିଷପରି ରହିବେ, ମଣିଷପରି ଅନୁଭବ କରିବେ ଓ ମଣିଷପରି ଆଗକୁ ଅନାଇ ପାରିବେ, ସେପରି ସମାଜଲାଗି ଏପର୍ଯ୍ୟନ୍ତ ପ୍ରାୟ ଉଦ୍ୟମ ହୋଇନାହିଁ । ଉଦ୍ୟମଗୁଡ଼ାକୁ ରାଜନୀତିକ ବହିଃସ୍ଥମାନଙ୍କର କ୍ଷମତାଗତ ଉଗ୍ରତା ପଣ୍ଡ କରି କରି ଆସିଛି । ଏଗୁଡ଼ାକର ପରିବର୍ତ୍ତନ ନିଶ୍ଚୟ ହେବ । ତାହାର ଉପଯୁକ୍ତ ନେତୃତ୍ୱ ଲାଗି ଅପେକ୍ଷା ରହିଛି ।

୨୦ । ୧୧ । ୮୦

ଜ୍ଞାନର ମାର୍ଗ ମୂଳତଃ ଶ୍ରଦ୍ଧାର ମାର୍ଗ । ଜାଣିବାର ମାର୍ଗ ମଧ୍ୟ ଭକ୍ତିର ମାର୍ଗ । ଯୋଉମାନେ ବାହ୍ୟ ବୁଦ୍ଧିରେ ଜ୍ଞାନଠାରୁ ଭକ୍ତିକୁ ଅଲଗା କରି ଦେଖାଇବାକୁ ଚେଷ୍ଟା କରୁଛନ୍ତି, ଓ ସେହି ଉତ୍ସାହରେ ଆହୁରି ଉତ୍ସାହିତ ହୋଇ ଆଉ ଯେଉଁମାନେ ଜ୍ଞାନ ଓ ଭକ୍ତିକୁ ନେଇ ଦୁଇଟା ଅଲଗା ସମ୍ପ୍ରଦାୟ ଗଢ଼ିଛନ୍ତି,

ସେମାନଙ୍କର ଗହନ ଭିତରେ ପଶିଗଲେ ମାନସକେ ମୁଁ ସଚେତପଣେ ନିଜ ଭିତରକୁ ମଧ୍ୟ ବାଟ ପାଇ ପାରେନାହିଁ । ସଂସାର ଭିତରକୁ ବାଟ ପାଇବାତ ଆହୁରି ଦୂରର କଥା ।

ମୋ' ଭିତରେ ଜ୍ଞାନ ଭକ୍ତିର ସଙ୍ଗେ ସଙ୍ଗେ ରହିଥାଏ, ଭକ୍ତି ଜ୍ଞାନର ସଙ୍ଗେ ସଙ୍ଗେ ରହିଥାଏ, ଭଲ ପାଇବା ମୋ'ର ବୁଝିବାରେ ସାହାଯ୍ୟ କରେ, ମୋ'ର ବୁଝିବା ମୋ'ର ଭଲ ପାଇବାକୁ ଅଧିକ ମୋହମୁକ୍ତ ଓ ପ୍ରସାରଯୁକ୍ତ ହେବାରେ ସାହାଯ୍ୟ କରେ । ଜ୍ଞାନରେ ଅଗ୍ରସର ହେଲେ ଯେତେବେଳେ ଅନ୍ତ ପାଖରେ ଆସିଗଲା ପରି ମନେହୁଏ, ଠିକ୍ ସେତିକିବେଳେ ଭିତରେ ଅପେକ୍ଷା କରି ରହିଥିବା ଓ ବିଶ୍ୱାସ କରି ବସିଥିବା ଅସଲ ମଣିଷଟି ଆପଣାର ଥାନ ପାଇ ଯାଇଥିବା ପରି ଭିତରୁ ବାହାରିଆସେ ଓ ଆପଣାକୁ ସମର୍ପଣ କରିଦିଏ । ଜ୍ଞାନ ମୋ'ର ଦୂରତାଗୁଡ଼ାକୁ ଦୂର କରିଦିଏ, ଭକ୍ତି ସ୍ପର୍ଶ କରିବାକୁ ସଜ ହେଉଥାଏ । ମୋ' ଭିତରେ କୌଣସି ଦ୍ୱନ୍ଦ୍ୱ ନଥାଏ । ଦୁହିଁଙ୍କୁ ପରସ୍ପରଠାରୁ ଅଲଗା କରି ଦେଖିବାରୁ ହିଁ ଦ୍ୱନ୍ଦ୍ୱ ଆସେ, ମଳିନତା ଆସେ, ସେଥିରେ ଦୁହେଁ ଭାରି କ୍ଷତବିକ୍ଷତ ହୋଇ ପଡ଼ନ୍ତି । ବାଟଟି ମଧ୍ୟ ଭାରି ଅସ୍ପଷ୍ଟ ହୋଇଗଲା ପରି ମନେହୁଏ । ଏବଂ ଉତ୍ତେଜନା ବୃଦ୍ଧି ପାଏ ।

୨୧ । ୧୧ । ୮୦

ଶୀତ ଭିତରେ ବି ଦିନେଦିନେ ହଠାତ୍ ବସନ୍ତ ପଡ଼ିଗଲା ପରି ଲାଗେ । ଯାହାଲାଗି ଅପେକ୍ଷା କରି ଯାଉଥାଏ, ସିଏ ଅନେକ ସମୟରେ ଠିକ୍ ଏହିପରି ହଠାତ୍ ଖବରରେ ଆସି ଉପସ୍ଥିତ ହୋଇଯାଏ । ଅଭିଭୂତ କରିପକାଏ; ଅନେକ ଅସ୍ପଷ୍ଟତାକୁ ସ୍ପଷ୍ଟ କରିଦିଏ, ଏହିପରି ଯାବତୀୟ ଅନ୍ଧାର ଭିତରେ ତଥାପି ଗୋଟାଏ ବାଟ ରହିଛି ବୋଲି ଏକ ପ୍ରତ୍ୟୟ ଦେଇଯାଏ । ଦେଶର ଜୀବନରେ ବି ବେଳେ-ବେଳେ ସେହିପରି ଘଟେ । ମନେ ହେଉଥାଏ, ଏହି ଦେଶରେ ହୁଏତ କେବେ-ହେଲେ କୋଉଠି କିଛି ମୋଟେ ବଦଳିବ ନାହିଁ । ଜଳାଶୟଗୁଡ଼ାକ ଜଳାଶୟ ହୋଇ ରହିଥିବେ, କାନ୍ଥଗୁଡ଼ାକ କାନ୍ଥ ହୋଇ ରହିଥିବେ ଏବଂ କଥାର କପଟତା-ଗୁଡ଼ାକ ହୁଏତ ଆହୁରି ଉଚ୍ଚ ହୋଇ ଆକାଶଗୋଟାକୁ ବି ଆଚ୍ଛନ୍ନ କରିଦେବାରେ ଲାଗିଥିବେ । ଏହି ଅବିଶ୍ୱାସର ଶୀତ ଭିତରେ ହଠାତ୍ ବସନ୍ତ ବହିଲାପରି ମନେ-ହୁଏ, ହଠାତ୍ କେଉଁଠି ଏକ ନୂତନ ପବନର ସ୍ପର୍ଶ ବାଜିଲାଣି ଓ ନିଶ୍ଚୟ କ'ଣ ଗୋଟାଏ ହେବାକୁ ଯାଉଛି ବୋଲି ମନେହୁଏ । ଅପେକ୍ଷାଗୁଡ଼ାକ ଧନ୍ୟ ହୁଅନ୍ତି । ଅନେକ ଅନିଚ୍ଛା ଇଚ୍ଛାରେ ପରିଣତ ହୁଅନ୍ତି ।

ବସନ୍ତ ଆସିବ,—କାରଣ ବସନ୍ତ ଆସିବାର ଆଭାସ ଆସି ଦେହରେ ବାଜିବାକୁ ଆରମ୍ଭ କଲାଣି,—ଏହି ସତ୍ୟଟିକୁ ବାରିପାରିବାଲାଗି ଆମର ଦ୍ୱାରଗୁଡ଼ାକ ଉନ୍ମୁକ୍ତ ରହିଥିବା ଦରକାର । ଅନ୍ତତଃ କେତେଜଣଙ୍କର ଦ୍ୱାର ଉନ୍ମୁକ୍ତ ରହିଥିବା ଦରକାର । ତେବେ ନୂଆ ପବନ ଏହି ପୁରୁଣା ତମ୍ବୁଗୁଡ଼ାକୁ କୁଆଡ଼େ ମନ କୁଆଡ଼େ ଉଡ଼ାଇ ନେଇଯିବ । ଆମେସବୁ ସେଥିରେ ନାନାଭାବେ ଗୋଟିଏ ଗୋଟିଏ ନିମିତ୍ତ ପରି ବ୍ୟବହୃତ ହେବା ।

୨୨।୧୧।୮୦

କାଲି ପୁଅ କହିଲା, ତୁ ଆଗରେ ବସ, ମୁଁ ତୋତେ ସାଇକେଲରେ ନେଇଯିବି । ସେଥିଲାଗି ମୁଁ ପ୍ରସ୍ତୁତ ନଥିଲି, ତେଣୁ ଟିକିଏ ଆଶ୍ଚର୍ଯ୍ୟ ବି ଲାଗିଲା । ପୁଅ ଯେ କ୍ରମେ ବଡ ହେଲାଣି, ତା'ର ବିଶ୍ୱାସ ବଢ଼ିଲାଣି, ସିଏ ଆଉଜଣକୁ ସାହାଯ୍ୟ କରିପାରିବ ବୋଲି ଅନୁଭବ କଲାଣି, ସିଏ ତାହାର ସେହି କଥାର ପ୍ରମାଣ ହେଲା ।

ଅନେକ ସମୟରେ ବଡ଼ମାନେ ନିଜ ବିଷୟରେ ଏତେ ବେଶୀ ସଚେତନ ହୋଇ ରହିଥାନ୍ତି ଯେ, ସାନ ପିଲାଟିଏ କେତେବେଳେ ଯେ ବଡ ହୋଇ ଆପଣାକୁ କ୍ରମେ ଜଣେ ସ୍ୱତନ୍ତ୍ର ମଣିଷ ବୋଲି ଭାବୁଛି, ସେମାନେ ସେକଥା ଜାଣି ପାରନ୍ତିନାହିଁ । ପିଲାଟିଏ ସବୁଦିନେ ହିଁ ସେହି ପିଲାଟିଏ ହୋଇ ରହିଥିବ ବୋଲି ସେମାନେ ଭାବୁଥାନ୍ତି । ଅନେକ ସମୟରେ ବାପମାନେ ଜୀବନଯାକ ନିଜ ପିଲାମାନଙ୍କ ଲାଗି ବାପ ହୋଇ ରହିଥିବେ ବୋଲି ଭାରି ମାନ କରି ବାହାରିଥାନ୍ତି । ପିଲାଟି ବଡ ହୋଇ ଯେ ଦିନେ ସମକକ୍ଷ ହେବ, ଶ୍ରଦ୍ଧା ଓ ସମ୍ବନ୍ଧର ଯେ ଏକ ସମକକ୍ଷତାର ସ୍ତର ରହିଛି, ସେକଥା ସେମାନେ ମୋଟେ ବୁଝି ପାରନ୍ତିନାହିଁ । ସଂସାରରେ ସେମାନେ ସତେଅବା ଯାବଜ୍ଜୀବନ ଅଭିଭାବକ ହୋଇ ରହିବାକୁ ମନ କରିଥାନ୍ତି । ନିଜକୁ କେବେହେଲେ କାହାର ସମାନ ବୋଲି ମନେ କରି ପାରନ୍ତିନାହିଁ । ବାପାର ଏକ ଭୂମିକା ଅବଶ୍ୟ ରହିଛି, ତଥାପି ବାପାଲାଗି ନିଜର ପିଲାଙ୍କ ନିମନ୍ତେ ଜଣେ ବନ୍ଧୁ ହେବାର, ସମକକ୍ଷ ହେବାର ମଧ୍ୟ ଗୋଟିଏ ଭୂମିକା ଅବଶ୍ୟ ରହିଛି । ଯିଏ ସେହି ଭୂମିକାଟି ଗ୍ରହଣ କରିପାରେ, ସେଇ ଯଥାର୍ଥରେ ବାପାର ସମଗ୍ର ଭୂମିକାଟିକୁ ତୁଲାଇବାକୁ ସମର୍ଥ ହୁଏ ।

୨୩।୧୧।୮୦

ମୋ ନିଜର କୌଣସି ପରିଚୟ ନାହିଁ; ମୁଁ ଯା କହିବି, ମୋ' ସରକାରଙ୍କର ପ୍ରତିନିଧି ହୋଇ ତାହା କହିବି । କୌଣସି ଦେଶର କୂଟନୀତିଜ୍ଞ ହିସାବରେ ସ୍ୱୀକାର କରି ଯେଉଁମାନଙ୍କୁ ଦିନପରେ ଦିନ ଏହିପରି ଏକ ନିକୃଷ୍ଟ କୃଚ୍ଛ୍ର କରିବାକୁ ପଡ଼ୁଥାଏ, ମୁଁ

ସେମାନଙ୍କୁ ପ୍ରକୃତରେ ଦସ୍ୟୁମାନ ବୋଲି କହିବ । ସେମାନେ କେତେ ସୁନ୍ଦର ମୁଖା ପିନ୍ଧିଥିବେ, କେତେ ଆଡ଼ମ୍ବର ସହକାରେ ତାଙ୍କ ଦେଶ ଅମୁକ କରୁଛି ଓ ସମୁକ କରୁଛି ବୋଲି ତୁମକୁ ଦୃଢ଼ ପ୍ରତ୍ୟୟ ଦେବାରେ ଲାଗିଥିବେ,—କୌଣସି କମ୍ପାନୀର ଏଜେଣ୍ଟ ପରି ତୁମକୁ କେତେ ପ୍ରକାରେ ଫୁସୁଲେଇବାରେ ଲାଗିଥିବେ ଅଥଚ ନିଜେ କେଉଁଠି ହେଲେ ନଥିବେ, ମୋଟେ ଧରା ଦେଉନଥିବେ,—ମୁଁ ହୁଏତ ଗୋଟାଏ ଦିନ ବି ଏହି ନାଟକ କରି ପାରନ୍ତିନାହିଁ । ମୋ' ଦେଶ ମୋ' ପାଇଁ ନିଶ୍ଚୟ ବଡ଼, ମୋ'ର ଦେଶ ମୋ'ର ଅତ୍ୟନ୍ତ ପ୍ରିୟ, କିନ୍ତୁ ଦେଶ ବିଷୟରେ ରହିଥିବା ମୋ'ର ସକଳ ଶ୍ରଦ୍ଧାକୁ ମୁଁ କୌଣସି ସରକାରୀ ମୁଖା ପିନ୍ଧିବାର ଅସ୍ୱାଭାବିକ ଭିତରେ କଦାପି ପଶି କରି ଦିଅନ୍ତିନାହିଁ ।

କମ୍ୟୁନିଷ୍ଟଙ୍କ ତା' ନିଜ ଦେଶ ବିଷୟରେ କୌଣସି ସତକଥା କହିବନାହିଁ । ସିଏ ତୁମକୁ ଭୁଲାଇ ଭୁଲାଇ ଅସଲ ସତ୍ୟଗୁଡ଼ିକୁ ତୁମଠାରୁ ଅନ୍ତରାଳ କରି ରଖିଥିବ । ତୁମକୁ କେତେ ଅନ୍ୟପ୍ରକାରେ ପ୍ରଲୁବ୍ଧ ଓ ବିସ୍ମିତ କରି ରଖିବାକୁ ଚେଷ୍ଟା କରୁଥିବ । ତା' ଦେଶରେ ସରକାର ଓ ଲୋକଙ୍କ ଭିତରେ ଆଦୌ କୌଣସି ପ୍ରଭେଦ ନାହିଁ ବୋଲି ସ୍ୱର୍ଗରୁ ଉପମା ଆଣି ତୁମକୁ କହିବାରେ ଲାଗିଥିବ, ତୁମକୁ ଭଣ୍ଡାଇବାରେ ଲାଗିବ ।

୨୪ । ୧୧ । ୮୦

ସମସ୍ତେ କହୁଛନ୍ତି, ଏସବୁ କ'ଣ ସତେ ବଦଳିବ ? ଅସଲ ପ୍ରଶ୍ନ ହେଉଛି, ମୁଁ କ'ଣ ସତରେ ଏତେବେଶୀ ବଦଳି ଯିବାପାଇଁ ନିଜେ ସମ୍ମତ ହେବ ? ମୁଁ ନିଜେ ସମ୍ମତ ହୋଇଯାଇ ପାରିଲେ ମୁଁ ଏକ ଅନ୍ୟଦୃଷ୍ଟିରେ ପୃଥିବୀକୁ ଦେଖିବାକୁ ଆରମ୍ଭ କରିବ । ବର୍ତ୍ତମାନ ମୁଁ ସଂଶୟୀ ହୋଇ ରହିଛି, ତେଣୁ, ସାରା ପୃଥିବୀକୁ ମୂଳତଃ ଏକ ସଂଶୟର ଦୃଷ୍ଟିରେ ହିଁ ଦେଖୁଛି । ମୁଁ ନିଜେ ବଦଳି ପାରୁନାହିଁ ଅଥବା ବଦଳିବାକୁ ସମ୍ମତ ହୋଇ ପାରୁନାହିଁ । ତେଣୁ, ଅନ୍ୟମାନେ ବି ବଦଳି ପାରିବେନାହିଁ ଅଥବା ବଦଳି ଯିବାଲାଗି କଦାପି ସମ୍ମତ ହେବେନାହିଁ ବୋଲି ଭାବିବାରେ ଲାଗିଛି । ଅର୍ଥାତ୍, ମୁଁ ନିଜେ ଯେତେବେଳେ ବଦଳିବାକୁ ସମ୍ମତ ହୋଇଯିବ, ସେତେବେଳେ ଅନ୍ୟମାନେ ମଧ୍ୟ ସେହିପରି ସମ୍ମତ ହୋଇପାରିବେ ବୋଲି ଅନ୍ୟମାନଙ୍କ ବିଷୟରେ ମୋ'ର ଏକ ପ୍ରତ୍ୟୟ ଆସିଯାଇ ପାରିବ । ସେତେବେଳେ ସେମାନଙ୍କ ସହିତ ମୋ'ର ଦୃଷ୍ଟିସମ୍ବନ୍ଧର ସୂତ୍ରଗୁଡ଼ାକ ମଧ୍ୟ ଅଲଗା ହୋଇଯିବ । ସେମାନଙ୍କୁ ମୁଁ ଆଉ ମୋ' ଠାରୁ ଏତେ ଦୂରବର୍ତ୍ତୀ ହୋଇ ରହିଥିବାର କଦାପି ଅନୁଭବ କରିବନାହିଁ । ମୋ'ର ସ୍ୱପ୍ନ ଓ ମୋ'ର ଉଦ୍ୟମ ଭିତରେ ମଧ୍ୟ ମୁଁ ସେମାନଙ୍କୁ ସାଙ୍ଗ କରି ପାଇପାରିବ ।

ତେଣୁ , ଏହି କ୍ଷେତ୍ରରେ ଆଶାବାଦୀ ଅଥବା ନିରାଶବାଦୀ ହେବାର କୌଣସି ପ୍ରଶ୍ନ ଉଠୁନାହିଁ । ମୁଁ ନିଜସହିତ କେତେଦୂର ସଖ୍ୟ ସ୍ଥାପନ କରିପାରିଛି, ନିଜକୁ କେତେଦୂର ସମ୍ମତ କରାଇନେଇ ପାରିଛି, ସବୁକିଛି ପ୍ରାୟ ତାହାରି ଉପରେ ନିର୍ଭର କରୁଛି । ଅସଲ ମୁହୂର୍ତ୍ତିଟି ତାହାରିଲାଗି ଅପେକ୍ଷା କରିଛି ।

୨୫ । ୧୦ । ୮୦

ବହିକୁ ମଣିଷ ଲେଖିଛି । ବହିଭିତରେ ମଣିଷର କଥା ଅଛି । ବାଟ-ଗୁଡ଼ାକର କଥା ଅଛି । ଜୀବନର କଥା ଅଛି । ସ୍ୱପ୍ନ ଅଛି, ଉଦ୍ୟମ ଅଛି, ସାହସ ଅଛି, ଅଭୀପ୍ସା ମଧ୍ୟ ଅଛି । ଅଳପ ଆଉ ବହୁତ ଭିତରେ ଏହି ବହିଗୁଡ଼ିକର ମଧ୍ୟ-ଦେଇ ଏକ ସେତୁ ନିର୍ମାଣ କରିବାର ଚେଷ୍ଟା କରାଯାଇଛି । ଦୂରତାଗୁଡ଼ାକୁ ଅସ୍ୱୀକାର କରାଯାଇଛି । ମତେ ଏହି ବହିଗୁଡ଼ାକ ବୋଧହୁଏ ସେଇଥି ସକାଶେ ଏତେ ଭଲ ଲାଗନ୍ତି । ବହିଭିତରେ ପଶିଥିଲାବେଳେ ମତେ ଯଥାର୍ଥ ସଂସାର ଓ ଯଥାର୍ଥ ଆଗ୍ରହ-ଗୁଡ଼ିକର ସଂସାର ଭିତରେ ପଶିଥିବା ପରି ମନେହୁଏ ।

ଅନେକେ ବହି ପାଇଲେ ସଂସାରକୁ ଭୁଲନ୍ତି, ବୈରାଗୀ ହୁଅନ୍ତି, ବାବାଜୀ ହୁଅନ୍ତି । ସେମାନେ କୁଆଡ଼େ ଶାନ୍ତିକୁ ପାଆନ୍ତି ବୋଲି ଏଠାରେ ଥିବା କ୍ଷଣଗୁଡ଼ାକରୁ ନିଜକୁ ମୁକ୍ତ କରି ନେଇ ପାରନ୍ତି । ମୁଁ ବହିଭିତରୁ ସେହି କ୍ଷଣଗୁଡ଼ିକୁ ସେଗୁଡ଼ିକର ସମଗ୍ର ପରିପ୍ରେକ୍ଷୀରେ ଆବିଷ୍କାର କରିବାକୁ ସମର୍ଥ ହୁଏ । ନିଜଭିତରେ ରହିଥିବା ଯାବତୀୟ ଅସନ୍ତୋଷକୁ ତା'ର ଅସଲ ଅନୁରାଗ ଓ ଅସଲ ଆୟତନ ଗୁଡ଼ିକ ସହିତ ଚିହ୍ନିବାକୁ ସମର୍ଥ ହୁଏ । ଅତୀତ ବର୍ତ୍ତମାନ ସହିତ ଯୋଡ଼ି ହୋଇଯାଏ, ବର୍ତ୍ତମାନ ଭବିଷ୍ୟତ ମଧ୍ୟକୁ ପ୍ରଲମ୍ବିତ ହୋଇଯାଏ । ସବୁକିଛି ସବୁ-କିଛି ସହିତ ସଂଯୁକ୍ତ ହୋଇଯାଏ । ଭିତରେ ଏପରି ଏକ ଗଣ୍ଠି ଫିଟିଯାଏ, ଯାହାକି ତା'ପରେ ଗୁଡ଼ାଏ ଖିଅରେ ପରିଣତ ହୋଇ ଜୀବନ ସହିତ କେତେପ୍ରକାର ଗଣ୍ଠିରେ ଯାଇ ବାନ୍ଧି ହୋଇଯାଏ ।

୨୭ । ୧୧ । ୮୦

ଏମାନେ ଯେଉଁମାନେ କିଛି ହୋଇ ପାରିବନାହିଁ ବୋଲି କହୁଛନ୍ତି, ଏମାନେ ଯେଉଁଠି ଅଛନ୍ତି, ସେଇଠି ଲକ୍ଷିକରି ରହି ଯାଇଛନ୍ତି । ସେହି ଜାଗାଟି ସେମାନଙ୍କୁ କମେ ଭାରି ଆରେଇ ଗଲାଣି । ହୁଏତ ସେମାନଙ୍କର ମନଟା ବି ସେଇଟି ସହିତ ବେଶ୍ ଏକ ବୁଝାମଣା କରିନେଇ ସାରିଲାଣି । ଇଏ ବି ଗୋଟାଏ ପ୍ରକାରର ନିଷ୍କ୍ରିୟତା । ଏହି ନିଷ୍କ୍ରିୟତାକୁ ଆଦରିନେଲେ ମଣିଷ ତା'ର ନମିତ୍ତ୍ୱ ଭୁଲିଯାଏ ।

ହଁ; ମଣିଷର ଅସଲ ପରିଚୟ ତା'ର କର୍ମିତ୍ୱ । ସିଏ ଏହି ସଂସାରରେ ରହିଛି, ଜୀବନଧାରଣ କରିଛି, - ଏଇଟା ତା' ଜୀବନରେ ଅସଲ କଥା ନୁହେଁ । ଅସଲ କଥା ହେଉଛି ସିଏ କ'ଣ ପାଇଁ ବଞ୍ଚିଛି, କାହାପାଇ ବଞ୍ଚିଛି, କେଉଁ ବାଟଟିକୁ ଚାଲିବାଲାଗି ଏକ ନିଷ୍ପତ୍ତି ଗ୍ରହଣ କରିଛି । ଅନେକ ସମୟରେ ଆପଣାର ଏହି କର୍ମିତ୍ୱଟିକୁ ଭୁଲିଯାଇ ମଣିଷ ସମ୍ପୂର୍ଣ୍ଣଭାବେ ଅଟକି ରହିଯାଏ । ଅବସ୍ଥା ସହିତ ନିଜକୁ ଯଥାସମ୍ଭବ ଅଳ୍ପ ଭାବରେ ଖାପ ଖୁଆଇ ନେବାଟାକୁ ହିଁ ସିଏ ସତେଅବା ପରମଧର୍ମ ପରି ଗ୍ରହଣ କରିନିଏ । ସେତେବେଳେ ମଣିଷ ପାଖରେ ସବୁ ଥାଏ, ତଥାପି ତା'ର ରକ୍ଷୁଗୁଡ଼ାକ ଯେପରି ମୋଟେ ତା' ନିଜ ହାତରେ ନଥାଏ । ତା' ଆଗରେ ଆଦୌ କୌଣସି ବାଟ ନଥାଏ । କୌଣସି ସ୍ୱପ୍ନ ବି ନଥାଏ । ଦିନପରେ ଦିନ କେବଳ ଏକ ପୁନରାବୃତ୍ତି ଭାବରେ ଚାଲିଯିବାରେ ଲାଗିଥାଏ । ଘରେ ଥାଇ ମଧ୍ୟ ମଣିଷ ଘରେ ନଥାଏ । ଦର୍ଶନଗୁଡ଼ାକ କେବଳ ନିର୍ବୋଧତାର ଦର୍ଶନ ହୋଇ ରହିଥାନ୍ତି । କିଛି ଯେ ମୋଟେ ସମ୍ଭବ ନୁହେଁ, ତା'ପରେ ଏହି ବିଷୟରେ ଗୋଟାଏ ତତ୍ତ୍ୱ ବାହାର କରିବାକୁ ଆଦୌ ବେଶୀ ସମୟ ଲାଗେନାହିଁ ।

୬୭ । ୧୧ । ୮୦

ଭୀରୁ ଯାହା କରେ, ଲୁଚି ଲୁଚି କରେ । ଲୁଚି ଲୁଚି ସଂସାରଗୋଟାକୁ ଗିଳି ପକାଇବି ବୋଲି ମନ କରୁଥାଏ । ଏବଂ, ଯେତେବେଳେ ତା'ର ଭୀରୁତା ଏବଂ ତଜ୍ଜନିତ ଉଗ୍ରତାଗୁଡ଼ାକ ପ୍ରତି ଆହ୍ୱାନ ଜଣାଇ କେହି ତା'ର ସମ୍ମୁଖୀନ ହେବାକୁ ଆସନ୍ତି, ତେବେ ସିଏ ସେଥିରେ ଭୀତତ୍ରସ୍ତ ହୋଇପଡ଼େ । ସିଏ ଯେ ଏହିସବୁ ନାନା ପରିଣତିର ମୂଳରେ ରହିଛି, ସେତେବେଳେ ସିଏ ସେହି କଥାକୁ ବୁଝି ମଧ୍ୟ ବୁଝି ପାରେନାହିଁ । ଭୀରୁତାଗୁଡ଼ାକ ତା'ର ବୁଝିବାର ପଥରେ ସର୍ବପ୍ରଧାନ ଅନ୍ତରାୟ ହୋଇ ଠିଆ ହୋଇଥାଏ । ତାକୁ ତା' ଆପଣା ଭିତରେ କାଲିରଖେ ।

ଏପର୍ଯ୍ୟନ୍ତ ଏହି ଦେଶକୁ ପ୍ରଧାନତଃ ଭୀରୁମାନେ ଶାସନ କରି ଆସିଛନ୍ତି । ସେମାନେ ଲୁଚି ଲୁଚି ଜଗତଟାକୁ ଗୋଟାସୁଦ୍ଧା ଗିଳି ପକାଇବାକୁ ମନ କରିଛନ୍ତି । ଗିଳି ପକାଇବା ଲାଗି ଯେଉଁ ପରିବେଶ ଅନୁକୂଳ ହେବ, ସେମାନେ ସେହିପରି ଏକ ପରିବେଶ ସୃଷ୍ଟି କରିଛନ୍ତି । ବାହାରେ ଶିଷ୍ଟ ହୋଇ ସେମାନେ ଭିତରେ ଅନେକ ଅସାଧୁତାକୁ ଅଳିଅଳି କରି ବଢ଼ାଇଛନ୍ତି । ସେହି ପରିବେଶ ବଦଳି ଯିବାର ସମୟ ଆସିଲାଣି । ତାହାର ଲକ୍ଷଣଗୁଡ଼ାକ ବର୍ତ୍ତମାନ ଚତୁର୍ଦ୍ଦିଗରେ ଦୃଷ୍ଟିଗୋଚର ହେବାକୁ ଆରମ୍ଭ କଲାଣି । ସେଥିଲାଗି ଆଜି ଭୀରୁମାନଙ୍କର ଘରେ ଭାଲେଣି ପଡ଼ିଛି । ସିଏ ତଥାପି ନିଜ ଭିତରକୁ ଅନାଇ ପାରିନ୍ତା, ପରିଣତିଗୁଡ଼ିକ ପଛରେ ଯେଉଁଠି ସେ

ନିଜେ ବସିରହିଛି ବୋଲି ଅସ୍ୱୀକାର କରିପାରନ୍ତା, ହୁଏତ ତା'ର ନିଜ ଭିତରେ ତଥାପି କିଛି ସାହସ ରହିଛି ବୋଲି ପ୍ରମାଣ ମିଳନ୍ତା । ମାତ୍ର ଏହି ଭୀରୁମାନେ ସେତିକର ବି ଯୋଗ୍ୟ ହେବେନାହିଁ । ସେମାନେ ହୁଏତ ଆହୁରି ଉଗ୍ର ହେବେ, ଆହୁରି ଧରା ପଡ଼ିବେ ।

୨୮ । ୧୧ । ୮୦

ନିଷ୍କାର ସହାରପଟ ବୃଲିଥିବା ସମୟରେ ଗାନ୍ଧୀର କଥା ସବୁଠାରୁ ଅଧିକ ମନେପଡ଼ୁଛି । ଗାନ୍ଧୀଙ୍କର ନାମ ନେଇ ଯେଉଁମାନେ ଧାର୍ମିକ ହେଲେ, ଅହିଂସାର ନାମ ନେଇ ଯେଉଁମାନେ ଭୀରୁହେଲେ, ଆଜି ସେମାନଙ୍କୁ ଏହି ଦେଶବ୍ୟାପୀ ନିଷ୍ଠାହୀନତା ମଧ୍ୟରୁ ବାହାର କରି ଚିହ୍ନିପାରିବା ପ୍ରକୃତରେ ଭାରି କଷ୍ଟକର ହୋଇ ପଡ଼ିଛି । ସଙ୍କଟ ସମୟରେ କାହାରହେଲେ ପାଟି ଫିଟୁନାହିଁ କାହିଁକି ? ସଙ୍କଟ ସମୟରେ ହିଁ ଅସଲ ବନ୍ଧୁର କଥା ମନେପଡ଼େ । ଏହି ଦେଶର ଯେପରି ଆଜି ଜଣେ କେହିହେଲେ ବନ୍ଧୁନାହାନ୍ତି, ଅନେକ ସମୟରେ ପ୍ରାୟ ସେହିପରି ମନେହେଉଛି । ଯେଉଁମାନେ ନେତୃତ୍ୱ ଦେବାର ସ୍ଥାନମାନଙ୍କରେ ଅଛନ୍ତି, ସେମାନେ ସମସ୍ତେ ଏତେବେଶୀ ଆତ୍ମସଚେତନ ହୋଇ ରହିଛନ୍ତି ଓ ପରସ୍ପର ବିଷୟରେ ଏତେ ଦୂର ଅସୂୟାଯୁକ୍ତ ହୋଇ ରହିଛନ୍ତି ଯେ, ଏମାନଙ୍କୁ ଆଉ ଦେଶ ବିଷୟରେ କୌଣସି ଖିଆଲ ନାହିଁ ।

ଏ ଦେଶରେ ମଣିଷ ରହିଲେ ଯାଇ ଦେଶ ରହିବ । ମଣିଷକୁ ମଣିଷ ପରି ସ୍ୱୀକାର କରାଗଲେ ଯାଇ ରାଜନୀତି ରହିବ, ଶାସନ ଶାସନପରି ଲାଗିବ ଦେଶଟା-ଯାକ ଘରପରି ଲାଗିବ । ତା' ନହୋଇଥିବା ପର୍ଯ୍ୟନ୍ତ ଅରାଜକତା ଲାଗିଥିବ । ବାବୁ-ମାନେ ଧର୍ମକଥା କହୁଥିବେ; ଦେହରେ ଏତେ ବହଳର ଚିତା ବୋଲି ହୋଇଥିବେ, ତଥାପି ସବୁ ଭାଙ୍ଗି ପଡ଼ୁଥିବ । ଗୋଡତଳୁ ମାଟିଗୁଡାକ ଖସିଯିବାରେ ଲାଗିଥିବ । ଏମାନେ ନିଜକୁ ମଧ୍ୟ କଦାପି ରକ୍ଷା କରିପାରିବେ ନାହିଁ ।

୨୯ । ୧୧ । ୮୦

କାଲି ପୁଅକୁ କେତୋଟି ବହି କିଣିଦେଲି । ବର୍ତ୍ତମାନର ସଂସାରରେ ଆମେ ଯାହାସବୁକୁ ଧନ ଓ ସମ୍ପଦବୋଲି ଭାବୁଛୁ,ପୁଅ ବଡ଼ହୋଇ ସଂସାର ଭିତରେ ପ୍ରବେଶ କଲାବେଳେ ସେଗୁଡ଼ିକୁ ହୁଏତ ଧନ ଓ ସମ୍ପଦ ବୋଲି ସ୍ୱୀକାର କରା ଯିବନାହିଁ । କିଏ କହୁଛି, ପୃଥିବୀ ଏପରି ଏକ ମନ୍ଦ ରାସ୍ତା ଭିତରେ ଆସି ପଡ଼ିଲାଣି ଯେ, ଭବିଷ୍ୟତକୁ ହୁଏତ ଆଉ କିଛିହେଲେ ବି ରହିବନାହିଁ । ତଥାପି ଏ ବହି ରହିବ । ବହିଗୁଡ଼ିକ ଭିତରେ ରହିଥିବା ସ୍ୱାକ୍ଷରମାନ ରହିବ । ଧ୍ୱଂସସ୍ତୂପ ଭିତରୁ ପୁନଃ-ଜାଗ୍ରତ ମଣିଷ ଯେତେବେଳେ ତା' ଘରଟିକୁ ପୁନର୍ବାର ସାଉଁଟି ଆଣି ଗଢ଼ିବାକୁ

ମନ କରିବ, ସେତେବେଳେ ଏହି ଜ୍ଞାନ ହିଁ ତା'ର ସହଚର ଏବଂ ମାର୍ଗଦର୍ଶକ ହେବ ।

ତେଣୁ ମୁଁ ସ୍ଥାୟୀ ଅଲଗି ବନ୍ଧୁ କଣିବଏ । ଯାହା ସବୁଦିନଲୁ ରହିବ, ସବୁ କାଳକୁ ରହିବ, ତା'ଲାଗି ମୁଁ ତାହାହିଁ କଣିବଏ । ଯାହା ସବୁଦିନକୁ ରହିବ, ପୃଥିବୀର କେତେକ ମଣିଷ ଚିରଦିନ ତାହାର ମୂଳଦୂଆ ପକାଇ ଆସିଛନ୍ତି । ପୃଥିବୀକୁ ଗୋଟାସୁଦ୍ଧା ଗୋଟାଏ ଧ୍ୱଂସସ୍ତୂପ ଗାଡ଼ରେ ପରିଣତ କରିଦେବା ଲାଗି ଲଣ୍ଡଭଣ୍ଡ ହେଉଥିବା ମଣିଷଙ୍କର ସମାନ୍ତରାଳ ଭାବରେ ଏହି ମୂଳଦୂଆଟି ଯୁଗେଯୁଗେ ପ୍ରତ୍ୟେକ ଦେଶ ଓ ମହାଦେଶରେ ପଡ଼ିଆସିଛି । ଆମର ଟିପ ତାହାର ଭିତରେ ରହୁ, ଆମର ଅନୁରାଗ ତାହାକୁ ହିଁ ଲୋଡ଼ୁ । ତାହାହିଁ ମଣିଷ ଜାତିର ସର୍ବପ୍ରଧାନ ଧନସମ୍ପତ୍ତି ଓ ସର୍ବପ୍ରଧାନ ନିର୍ଭରଶୀଳା ରୂପେ ସ୍ୱୀକୃତ ହେଉ । ତେବେ ତଥାପି ଆଶା ବଞ୍ଚିରହିବ, ସ୍ୱପ୍ନ ଲାଗି ଏକ ଭବିଷ୍ୟ ମଧ୍ୟ ବଞ୍ଚିରହିବ । ଏବଂ, ସେହି ସ୍ୱପ୍ନଲାଗି ନିଜକୁ ତିଆରି କରି ଆମ ଜୀବନ ସାର୍ଥକ ହେବ ।

୩୦।୧୧।୮୦

ଯେଉଁମାନେ ଖାଲି ପ୍ରୀତିକର କଥା ଶୁଣିବେ, ବୋଲି ଅପେକ୍ଷା କରୁଥାନ୍ତି, ସେମାନେ ହୁଏତ କେବେହେଲେ ନିଜର ବି ସମ୍ମୁଖୀନ ହୋଇ ପାରୁନଥିବେ । ଯେଉଁ ଅନୁକୂଳ ଅଥଚ ଅତିସଂକୀର୍ଣ୍ଣ ପରିସରଟି ସେମାନେ ନିଜଲାଗି ତିଆରି କରି ରଖିଥିବେ, ସେମାନେ, ସର୍ବଦା ତାହାର ଭିତରେ ହିଁ ମୁଖ ମଧୁର କରି ପଡ଼ି ରହିଥାନ୍ତି, ସୁଖରେ ରହିଥାନ୍ତି ବୋଲି ଭାବୁଥାନ୍ତି । ଜୀବନଟାର ଯେ ଏକ ଆତ୍ମୋନ୍ନୟନମ ରହିଛି, ଏଠି ଯେ ନିଜଭିତରେ ମଧ୍ୟ ଉଠି ଉଠି ଯିବାକୁ ପଡ଼େ, ନିଜଭିତରେ ସତତ ନାନା ବାଡ଼ ଉଠାଇବାକୁ ପଡ଼ୁଥାଏ; ଏହିସବୁ କଥା ଭିତରକୁ ପ୍ରବେଶ କରିବାଲାଗି ସେମାନେ ହୁଏତ କେବେହେଲେ ସାହସ କରି ପାରନ୍ତିନାହିଁ ।

ମୋ'ର ପ୍ରୀତିଦାୟକ ହୋଇ ରହିବାପାଇଁ ସମସ୍ୟାଗୁଡ଼ିକର ଆଦୌ ସୃଷ୍ଟି ହୋଇନାହିଁ ଏବଂ ମୋତେ ପ୍ରୀତିକର ଲାଗିଲାଭଳି ଯେ ସବୁବେଳେ ସେଗୁଡ଼ିକର ସମାଧାନ ହୋଇପାରିବ, ତାହାର ମଧ୍ୟ କୌଣସି କାରଣ ନାହିଁ । ସମସ୍ୟାଗୁଡ଼ିକର ସମାଧାନ ସତ୍ୟର ଭୂମିଉପରେ ହେବ; ସମସ୍ୟାଟିର ଯେତିକ ବ୍ୟାପ୍ତି, ସେତିକ ବ୍ୟାପ୍ତି ଉପରେ ତାହାର ସମାଧାନ ହେବ । ତେଣୁ, ବାଡ଼ଗୁଡ଼ାକୁ ଉଠାଇ ନପାରୁଥିଲେ ମୁଁ କିପରି କୌଣସି ସମାଧାନର ବା କୌଣସି ସତ୍ୟର ଯୋଗ୍ୟ ହୋଇ ପାରିବ ? ସତ୍ୟଗୁଡ଼ାକୁ ମୋ' କୁମ୍ଭି ଭିତରେ ପକାଇ ବିକୃତ କରି ପକାଇବି

ସିନା, ମାତ୍ର ସେଗୁଡ଼ିକର କଦାପି ଯୋଗ୍ୟ ହୋଇ ପାରିବନାହିଁ । ତେଣୁ ମୋତେ ପ୍ରୀତିକରତାର ଓ ପ୍ରୀତିର ସଂଜ୍ଞାଗୁଡ଼ାକୁ ବି ବଦଳାଇବାକୁ ପଡ଼ିବ ।

୧ । ୧୨ । ୮୦

ଜଣଜଣଙ୍କ ପାଖରେ କୋଡ଼ିଏ କୋଡ଼ିଏ ଘରୁ ବାହାଘର ନିମନ୍ତ୍ରଣ । କେହି କାହାର ପଡ଼ୋଶୀ ନୁହନ୍ତି । କେହି କାହାର ଆତ୍ମୀୟ ନୁହନ୍ତି । ହୁଏତ ସେମାନେ ଏକା ଅଫିସ୍‌ରେ କାମ କରନ୍ତି କିମ୍ବା ଏକା କଲେଜରେ ପାଠ ପଢ଼ାନ୍ତି । କେହି କେବେହେଲେ କାହାର ଜୀବନରେ କୌଣସି ଅଂଶଗ୍ରହଣ କରନ୍ତି-ନାହିଁ । ପରସ୍ପର ସହିତ ସେମାନଙ୍କର ପ୍ରାୟ କୌଣସି ଆତ୍ମୀୟଭାବନା ନଥାଏ । ତଥାପି ଉପହାର ଦିଆହୁଏ, ଦାନ୍ତ ନକୁଟି ହସଗୁଡ଼ାକ ବାହାରେ ଏବଂ ଭୋଜି ଖିଆହୁଏ । କେହି କେହି ମଟରଗାଡ଼ିରେ ଗୋଟାଏ ଫେରି ବୁଲିଆସି ସମସ୍ତଙ୍କ ଘରେ ଶୁଭେଚ୍ଛା ଜ୍ଞାପନ କରି ଆସନ୍ତି । ବାହାରେ କେତେ ନା କେତେ ଆଡ଼ମ୍ବର ଅଜାଡ଼ି ହୋଇ ପଡ଼ୁଥାଏ । ସମାଜରେ ହୁଏତ ଯିଏ ଯେତେ ଧାଷାଣ୍ଡ ପରି ଅନ୍ୟ ମଣିଷଙ୍କର ସର୍ବନାଶ କରିଥାଏ ଓ ସେହି ଉପାୟରେ ଧନୀ ହୋଇଥାଏ, ସେଠାରେ ଆଡ଼ମ୍ବରଗୁଡ଼ାକ ସେତିକି ଅଧିକ ହୋଇଥାଏ । ମନେ-ହୁଏ, ଆମେ ସମସ୍ତେ ଭିତରେ କେତେ ଅବର୍ଜିଆ ହୋଇ ରହିଥିଲେ ମଧ୍ୟ ବାହାରେ କେତେ ସୁନ୍ଦର ଦିଶୁଥାଉ, କେତେ ସଦିଚ୍ଛାର ଛଳନା କରୁଥାଉ ।

ଗରିବ ପିଲାଗୁଡ଼ାକ ତଥାପି ଅଇଁଠା ପତରକୁ ଅନାଇ ବସିଥାନ୍ତି । ସେମାନଙ୍କ ଲାଗି ବି ଏହି ଦିନଟି ଏକ ଆଡ଼ମ୍ବରର ଓ ଭୋଜିଭାତର ଦିନ ହୋଇ ରହିଥାଏ । ସେମାନେ ତ ପବନରୁ ଉଡ଼ି ଆସିଥାନ୍ତି । ସେମାନଙ୍କର କୌଣସି ଘର ଅଛି ବୋଲି କେହି ପଚାରେନାହିଁ । ମାତ୍ର, ସେମାନେ ଅତ୍ୟନ୍ତ ସୁନିଶ୍ଚିତ ଭାବରେ ସେଠାରେ ରହିଥାନ୍ତି ଓ ବର୍ଣ୍ଣାଢ୍ୟ ବେଶ ମଉଜ ଭିତରେ ଭାରି ସୁସ୍ପଷ୍ଟ ହୋଇ ଦେଖା ଯାଉଥାନ୍ତି । ସେମାନଙ୍କ କଥା ଯେତେବେଳେ କିଏ ଭାବେ କେଜାଣି ?

୨ । ୧୨ । ୮୦

ଏଠି ମୁଁ କଦାପି ଅଟକି ଯିବିନାହିଁ । ଭିତରେ ଆହୁରି କେତେ ଗଭୀର ପ୍ରଦେଶ ରହିଛି, ଯାହାର ସ୍ପର୍ଶ ଲାଭ କରିବାକୁ ହେବ; ଅର୍ଥାତ୍, ତାହାର ପରି-ପ୍ରେକ୍ଷୀରେ ଆପଣାର ଆହୁରି ଅଧିକ ପୂର୍ଣ୍ଣ ପରିଚୟ ଲାଭ କରିବାକୁ ହେବ । ଆପଣାର ପାହାଚଗୁଡ଼ିକରେ ଆହୁରି ଊର୍ଦ୍ଧ୍ବକୁ ଉଠିଯିବାକୁ ପଡ଼ିବ; ଯେପରିକି ଆପଣାକୁ ଆହୁରି ଅଧିକ ପ୍ରସାରିତ ଓ ପରିବ୍ୟାପ୍ତ ଭାବରେ ଆବିଷ୍କାର କରିବା ସମ୍ଭବ ହେବ ।

ଆଗକୁ ଆହୁରି କେତେକେତେ ପର୍ଯ୍ୟାୟକୁ ମୁଁ ଏଠାରୁ ଥାଇ ମଧ୍ୟ ଅନୁଭବ କରି ପାରୁଛି । ଯେ ଗୁଡ଼ିକ ହୁଏତ ଅବା ମୋ'ରି ଲାଗି ଅପେକ୍ଷା କରି ରହିଛନ୍ତି । ସେହି ପର୍ଯ୍ୟାୟଗୁଡ଼ିକୁ ସ୍ପର୍ଶ କରିବାକୁ ହେବ, ସେହି ପର୍ଯ୍ୟାୟଗୁଡ଼ିକୁ ଅତିକ୍ରମ କରିବାକୁ ପଡ଼ିବ । ମୋ'ର ଦେହ, ମୋ'ର ପ୍ରାଣ ଓ ମୋ'ର ମନ ସମସ୍ତେ ସେହି ଅସଲ ଆକାଂକ୍ଷାଟିର ବୋଲ ମାନିବାଲାଗି ପ୍ରସ୍ତୁତ ହୋଇ ରହିଛନ୍ତି । ସେମାନେ ବି ଏଠାରେ କଦାପି ଅଟକି ରହି ଯିବେନାହିଁ । ଏହି ସନ୍ତୁଷ୍ଟ ସକାଳ, ଏକ ଅନ୍ତରଙ୍ଗ ବନ୍ଧୁ ପରି ଶରୀରକୁ ଆସି ସ୍ପର୍ଶ କରୁଥିବା ଏହି ଆଲୋକ, ମୋ'ରି ଭିତରେ ଗୋଟି ଗୋଟି ହୋଇ ଖୋଲିବାଲାଗି ରାଜି ହୋଇ ରହିଥିବା ଏହି ଝରକାଗୁଡ଼ିକ,— ଏମାନେ ସମସ୍ତେ ମୋତେ ଅନନ୍ତ ବିଶ୍ୱାସର ସହିତ କହି ଯାଉଛନ୍ତି ଯେ, ଏଠାରେ ମୁଁ କଦାପି ଅଟକି ରହିବିନାହିଁ । ବର୍ତ୍ତମାନ ମୁଁ ଯୋଉଠି ଉଭିଛି; ଅସଲ ସତ୍ୟ ତାହାକୁ ଭୂମିପରି ବ୍ୟବହାର କରିବ ଏବଂ ଆହୁରି ଆଗକୁ ଚାଲିଯିବ । ଏବଂ, ଏହି ଜୀବନରେ ତାହାହିଁ ଅଭିପ୍ରେତ ହୋଇ ରହିଛି । ତାହାହିଁ ମୋ' ଜୀବନର ଅସଲ ଇଚ୍ଛା, ମୋତେ ବାଟ ଦେଖାଇ ନେଉଥିବା ଅସଲ ବନ୍ଧୁଟିର ଇଚ୍ଛା ।

୩ । ୧୨ । ୮୦

ବିଲାତର ଯୁବରାଜ ଆଗ ଯୁବକ ହୋଇଥାନ୍ତେ, ତା'— ପରେ ଯାଇ ଯୁବରାଜ ହୋଇଥାନ୍ତେ । ଆପଣାର ପିଲାଟି ଦିନରୁ ତାଙ୍କୁ ଯେ ବଂଶୀୟ ସଂସ୍କାର ଭିତରେ ପ୍ରାୟ ଗୋଟାପୁଣା ବନ୍ଦୀ କରି ରଖାଯାଇ ଆସିଛି, ଯୁବରାଜଙ୍କର ବେଖାପରୁ ତାହାର ପରିଚୟ ମିଳୁଛି । ଏହି ବୃହତ୍ତର ପୃଥିବୀରେ ଜଣେ ଯୁବରାଜଙ୍କର ଯେ ହେଉ ହେବାକୁ ଦିଆ ଯାଇନାହିଁ, ସେଥିଲାଗି ସର୍ବପ୍ରଥମେ ସେହି ଯୁବରାଜ ହିଁ ଦାୟୀ । ଯୁବରାଜ ଯେତେବେଳେ ରାଜା ହେବେ, ସେତେବେଳେ ତାଙ୍କ ହାତରେ କୌଣସି ରାଜ୍ୟ ନଥିବ, କୌଣସି ରାଜକ୍ଷମତା ନଥିବ, ସିଏ କେବଳ ଜଣେ ବେତନଭୋଗୀ କଣ୍ଢେଇ ହିସାବରେ ପ୍ରଧାନତଃ ପ୍ରଦର୍ଶନ ଲାଗି ମହଜୁଦ ହୋଇ ରହିଥିବେ । ଏଗୁଡ଼ାକ ଏହି ଯୁଗରେ କେଉଁ ଯୁବକକୁ ଭଲ ଲାଗିବ କେଜାଣି ?

ଯେଉଁ ଯୁଗ ଆସୁଛି, ସେହି ଯୁଗରେ ସମସ୍ତେ ମଣିଷ ହେବେ, ମଣିଷ ହିସାବରେ ହିଁ ଆପଣାର ସର୍ବଶ୍ରେଷ୍ଠ ଗୌରବକୁ ଅନୁଭବ କରିବେ । ସେତେବେଳେ ରାଷ୍ଟ୍ରର ସଜ୍ଞା ହିଁ ବଦଳିଯିବ, ଏବଂ ଗୋଟାଏ ଗୋଟାଏ ରାଷ୍ଟ୍ରର ଜୀବନ୍ତ ଯନ୍ତ୍ରକଳ୍ପେ ବର୍ତ୍ତମାନ ଯେଉଁ ରାଜା, ରାଣୀ ଓ ଯୁବରାଜମାନେ ରହିଛନ୍ତି, ସେମାନେ ହୁଏତ ଆପଣାକୁ ମଣିଷସ୍ତରକୁ ଆଣିବେ, ନଚେତ୍ ମିଉଜିଅମ୍ ଭିତରେ ଯାଇ ରହିବେ । ଆମେ ସମସ୍ତେ ଭବିଷ୍ୟର ସ୍ୱପ୍ନ ଦେଖୁଥିବା ସମୟରେ ଯେଉଁମାନେ ଅତୀତର

ଓଡ୍ଡଲଗୁଡ଼ାକୁ ଧରି ଲଟକି ରହିଛନ୍ତି, ସେମାନଙ୍କୁ କେବଳ ଦୟା ହିଁ ଦେଖା-
ଇବା କଥା । ମଠର ମହନ୍ତ ଆଉ ଗୋଟାଏ ରାଜ୍ୟର ଯୁବରାଜ,—ଏ ଦୁଇ ପଦ
ଭିତରେ ଯେ ହୁଏତ କୌଣସି ଫରକ ନାହିଁ, ପୃଥିବୀର ଯୁବରାଜମାନେ କ'ଣ
ସେକଥା ଅନୁଭବ କରି ପାରୁନାହାନ୍ତି ?

୪ । ୧୨ । ୮୦

ପରିବର୍ତ୍ତନ ଅନେକ କଷ୍ଟ । ସେଇଥିଲାଗି ପରିବର୍ତ୍ତନ ବେଳକୁ ସମସ୍ତଙ୍କର ଏତେ ପ୍ରତିବାଦ । ଏବଂ, ପ୍ରତିବାଦ ପଛରେ ଯଦି ସେତେବେଶୀ ନିର୍ଭରଯୋଗ୍ୟ ବଳ ନଥାଏ, ତେବେ ରାଷ୍ଟ୍ରବଳ, ସୈନ୍ୟବଳ ଓ ଅସ୍ତ୍ରବଳର ସାହାଯ୍ୟ ନେଇ ପରିବର୍ତ୍ତନର ପ୍ରତିବାଦ କରିବା ଓ ପ୍ରତିରୋଧ କରିବା । ସମାଜ ଯେପରି ଅଛି ସେହି-ପରି ଥିବ, ଠାକୁରମାନେ ଶାସ୍ତ୍ର ଅନୁସାରେ ଯେପରି ରହିଛନ୍ତି ଠିକ୍ ସେହିପରି ରହିଥିବେ, ମଣିଷ ନିଜେ କିଛିହେଲେ ନିଜ ଭିତରେ ଅନୁଭବ କରିବନାହିଁ କେବଳ ବୋଲ ମାନି ଯାଉଥିବ, ପୁରାତନ ଅପସଂସ୍କାର ଗୁଡ଼ାକୁ ମାନି ଯାଉଥିବ ଏବଂ କ୍ଷମତାକୁ ମଧ୍ୟ ମାନି ଯାଉଥିବ । ଏହିସବୁ କାରଣରୁ ହିଁ ପରିବର୍ତ୍ତନ ଆସିବା ସମୟରେ ଘଟିଥିବା ଏକ ଅରାଜକତା ଘୋଟି ଆସିବାପରି ମନେ ହୋଇଥାଏ । ସବୁକିଛି ଘଟିଥିବା ଭାଙ୍ଗିପଡ଼ିବ ବୋଲି ମନେ ହେଉଥାଏ । ସ୍ୱାର୍ଥୀମାନେ ଅତିରିକ୍ତ ଭାବରେ ଉତ୍ତେଜିତ ହୋଇ ଉଠନ୍ତି ଏବଂ ଅତ୍ୟନ୍ତ ଆତଙ୍କିତ ଭାବରେ ଆଗ ଆପଣାର ଅସ୍ତ୍ରଗୁଡ଼ାକୁ ଲୋଡନ୍ତି, ଆପଣାର ସୈନ୍ୟବଳକୁ ଲୋଡନ୍ତି ।

ମଣିଷ ଭିତରେ ଏପରି ଏକ ଉପାଦାନ ରହିଛି, ଯାହାକି ଆହୁରି ଆଗକୁ ଯିବ, ଅନ୍ତର ଭିତରେ ଆହୁରି ଗଭୀରକୁ ପ୍ରବେଶ କରିବ । ସିଏ ସମ୍ବନ୍ଧଗୁଡ଼ାକୁ ବଦଳାଇବ, ଏକାତ୍ମକତାର ପରିଧିଗୁଡ଼ାକୁ ଅଧିକରୁ ଅଧିକ ବଢ଼ାଇ ସିଏ ସମାଜକୁ ମଧ୍ୟ ଅନ୍ୟପ୍ରକାରେ ତିଆରି କରିବ; କ୍ଷମତା ଉପରୁ ତା'ର ବିଶ୍ୱାସ ଯେତିକି ଅଧିକ ତୁଟି ଯାଉଥିବ, ଶ୍ରଦ୍ଧା ଉପରେ ତା'ର ବିଶ୍ୱାସ ମଧ୍ୟ ସେତିକି ଅଧିକ ବୃଦ୍ଧି ପାଉ-ଥିବ । ତାକୁ କୌଣସି ବିରୋଧୀ ନେତୃତ୍ୱ କିଛି କାଳ ଅଟକାଇ ଦେଇପାରେ, ମାତ୍ର ତା'ର କଦାପି ପୂର୍ଣ୍ଣ ଗତିରୋଧ କରି ପାରିବନାହିଁ ।

୫ । ୧୨ । ୮୦

ପୁଚୁଣା ଯେ ଆଉ ମୋଟେ ଚଳିବନାହିଁ, ବର୍ତ୍ତମାନ ସେହି କଥାଟିକୁ ବ୍ୟକ୍ତ କରିବାଲାଗି ଅଧିକରୁ ଅଧିକ ଲୋକ ଏକ ଆବଶ୍ୟକତା ଅନୁଭବ କଲେଣି । ନୂଆ ଯାହା ଆସିବ, ତାହା ଯେ କିପରି ହେବ, ସେବିଷୟରେ ଅନେକ ଲୋକ ଅବଶ୍ୟ ଆଦୌ ସ୍ପଷ୍ଟ ନୁହନ୍ତି । ତଥାପି ସେମାନେ ଗୋଟାଏ ନୂଆ କିଛି ଖୋଜୁଛନ୍ତି । ବର୍ତ୍ତମାନ ଯେପରି ଦେଶ ଚାଲୁଛି, ଯେପରି ପାଠପଢ଼ା ହେଉଛି, ସରକାର ଓ

ରାଜନୀତି ଯେପରି ଚାଲୁଛି, ସେଗୁଡ଼ିକ ଆଉ କାହାର ଗ୍ରାହ୍ୟ ହେଉନାହିଁ । ସେଗୁଡ଼ାକ ଯେ ଅସଲ ମଣିଷ ପଣିଆ ଓ ଗୋଷ୍ଠୀଭାବନା ଗୁଡ଼ିକୁ ଅଧିକ ତଳକୁ ତଳକୁ ନେଇ-ଯିବାରେ ଲାଗିଛି, ସେକଥା ସମସ୍ତେ ଅନୁଭବ କଲେଣି । ସମସ୍ତେ ମିଶି ଯେପରି ଆଉ ଅନ୍ୟପ୍ରକାର କିଛି ଇଚ୍ଛା କରୁଛନ୍ତି । ଅନ୍ୟପ୍ରକାର ସ୍ୱପ୍ନ, ଅନ୍ୟପ୍ରକାର ସମ୍ବନ୍ଧ, ଅନ୍ୟପ୍ରକାର ରାଜନୀତି, ଅର୍ଥାତ୍ ଏକ ଅନ୍ୟପ୍ରକାର ଆତ୍ମୀୟତା ।

ବର୍ତ୍ତମାନ ସମସ୍ତଙ୍କୁ ସତେଅବା ନାନାପ୍ରକାର ଖାଉଟିତା ଭିତରୁ ଗୋଟାସୁଦ୍ଧା ଗିଳିକରି ରହିଛି । ବାହାରେ ଅର୍ଥ ବଢ଼ୁଛି, ଆଡ଼ମ୍ବର ବଢ଼ୁଛି, ବୁଦ୍ଧି ଓ ବିଦ୍ୟାଗୁଡ଼ାକ ପାହାଚ ପାହାଚ ହୋଇ ବଢ଼ୁଛି । ତଥାପି ଖାଉଟିତାଗୁଡ଼ାକ ମଧ୍ୟ ଖାଲି ବଢ଼ିବାରେ ଲାଗିଛି । ସେହି ଖାଉଟିତା ମଣିଷକୁ ଅତ୍ୟନ୍ତ ଅହେତୁକ ଭାବରେ ଅଧିକରୁ ଅଧିକ ଉଗ୍ର କରିବାରେ ଲାଗିଛି । ମଣିଷ ମଣିଷକୁ ଆଉ ସହୋଦର ଓ ସମଭାଗୀ ବୋଲି ଗ୍ରହଣ କରି ପାରୁନାହିଁ । ତାହାର ଫଳରେ ବାହାରର ଯାବତୀୟ ବୁଦ୍ଧିମତ୍ତା ମଣିଷର ଜୀବନ ଓ ଆକାଂକ୍ଷାଗୁଡ଼ିକୁ କ୍ରମଶଃ ଅଧିକରୁ ଅଧିକ ତଳକୁ ଟାଣିଆଣୁଛି । ବର୍ତ୍ତମାନ ହେଲେ ଅଧମତା ବିରୁଦ୍ଧରେ ଆଲୋଡ଼ନ ଆରମ୍ଭ ହେଲାଣି । ଏହି ଆଲୋଡ଼ନ ଅହୁରି ଅନେକ କଥାକୁ ଜନ୍ମ ଦେଇ ପାରିବ ।

୭ । ୧୨ । ୮୦

ଆମେ ଯାହାସବୁ ଜମା କରୁଛୁ, ସେଗୁଡ଼ାକୁ ଆମେ କେହିହେଲେ ସାଙ୍ଗରେ ନେଇ ଯିବାନାହିଁ । କିନ୍ତୁ, ଏଠାରେ କ'ଣ ରଖିଦେଇ ଯିବା, ତାହାହିଁ ଆମକୁ ଏହି ସଂସାରରେ ପ୍ରିୟ ବା ଅପ୍ରିୟ, ଗ୍ରାହ୍ୟ ବା ଅଗ୍ରାହ୍ୟ କରି ରଖିବ । ଆମେ ଗଲାପରେ ଏହି ଦେଶ ଆମକୁ କ'ଣ କହିବ ? ଏହି ସମାଜ ଆମକୁ କ'ଣ କହିବ ? ଆମର କ୍ଷମତା ଛଡ଼ା ଯଦି ଆଉ କୌଣସି କଥାକୁ କେହି ଚିହ୍ନୁନାହାନ୍ତି, ତେବେ ଆମ ହାତରୁ ଏହି କ୍ଷମତାଟା ଖସିଗଲେ ଆମ ଭିତରେ ଆଉ ଅଧିକ କ'ଣ ରହିଛି ଯେ, ସମସ୍ତେ ଆମକୁ ଶ୍ରଦ୍ଧାର ସହିତ ଚାହିଁବେ ବା ଶ୍ରଦ୍ଧାର ସହିତ ଆମକୁ ମନେ ପକାଇବେ ?

ଆମର ସାହିତ୍ୟ, ସଂସ୍କୃତି, ଆମର ପାଠଶାଠ, ସବୁ ଯେପରି ଆମକୁ ଅଧିକ କ୍ଷମତା ଆଣି ଦେବାଲାଗି ଗୋଟାଏ ଗୋଟାଏ ସାଧନ ପରି ବ୍ୟବହୃତ ହେଉଛି । ଆମର ରାଜନୀତି ପଛରେ ଏହି କ୍ଷମତା ବ୍ୟତୀତ ତ ଆଉ କିଛିହେଲେ ନାହିଁ । ଆମେ ଦେଶକୁ ଉଦ୍ଧାର କରିବୁ ବୋଲି କହୁଛୁ, କେବଳ ଆପଣାଲାଗି ଅଧିକରୁ ଅଧିକ କ୍ଷମତା ଠୁଳ କରିବୁ ବୋଲି । ଏହି ରାଜନୀତି ଆମ ଜାତିକୁ ମଧ୍ୟ ଯେ କେଉଁ ଗାତକୁ ନେଇଯାଉଛି, ସେକଥା ଆମେ କେବେ ବୁଝିବାକୁ ସମର୍ଥ ହେବା ? କୋଡ଼ିଏ

ବର୍ଷ ତଳେ ଆମ ଦେଶ ଓ ତା'ର ରାଜନୀତି ଥିଲା ଓ ତା' ପଛରେ ଯେଉଁ ବିଶ୍ୱାସ ରହିଥିଲା, ସେସବୁ ବର୍ତ୍ତମାନ କେଉଁଠିହେଲେ ଦେଖିବାକୁ ମିଳୁନାହିଁ । ନେତୃତ୍ୱର ଅଭିଧାନ ଭିତରୁ ସେଗୁଡ଼ାକ ଏକାବେଳେକେ ପୋଛିହୋଇ ଗଲାଣି ଓ ତାହାର ବିଷାକ୍ତ ପ୍ରଭାବମାନ ସାମୂହିକ ଜୀବନର ଅନ୍ୟାନ୍ୟ ସବୁ କ୍ଷେତ୍ରରେ ମଧ୍ୟ ଯାଇ ପଡ଼ୁଛି । ମଣିଷ ମଣିଷ ଭିତରେ ଏହି ଦୂରତା ଗୁଡ଼ାକୁ ସତେଅବା ଆନୁଷ୍ଠାନିକ ଭାବେ ସୃଷ୍ଟି କରାଯାଉଛି ।

୭ । ୧୨ । ୮୦

ଯେଉଁମାନେ ଦେଶଟାକୁ, ମଣିଷର ଏହି ବୃହତ୍ତର ସଂସାରଟାକୁ ନଦେଖି ନିଜର ଉନ୍ନତି ଓ ନିଜ ରାଜନୀତିକ ଦଳଟିର ବିଜୟଟାକୁ ହିଁ ସବାଆଗ ଦେଖୁଛନ୍ତି, ସେମାନଙ୍କର ରାଜନୀତି ଯଥାର୍ଥ ରାଜନୀତି ନୁହେଁ; ତାହା ଜୀବନପ୍ରତି କେବଳ ଘାତକ ବୋଲି ପ୍ରମାଣ କରିବ । ତେଣୁ, ଏମାନେ ମୋଟେ କୌଣସି ଦୋଷ କରନ୍ତି ନାହିଁ; ଏମାନଙ୍କର ତଥାକଥିତ ବିରୋଧୀମାନେ ହିଁ ଦୋଷ କରନ୍ତି । ସେମାନେ ନିଜର ଦଳଟିକୁ ଯେକୌଣସି ପ୍ରକାରେ ପ୍ରତିଷ୍ଠିତ କରି ରଖିବାକୁ ହିଁ ଏକମାତ୍ର ନୀତି ବୋଲି ଗ୍ରହଣ କରନ୍ତି । ସାମୂହିକ ଜୀବନର ଯାବତୀୟ ବିପଦ ଏହିଠାରୁହିଁ ଆରମ୍ଭ ହୁଏ । ମଣିଷ, ମଣିଷର ଭାଗ୍ୟ, ମଣିଷ ଲାଗି ଏକ ଅନ୍ୟ ପୃଥିବୀ ସମ୍ଭବ କରିବା ବିଷୟରେ ଯାବତୀୟ ସ୍ୱପ୍ନ, ଏସବୁ ଆଉ ଦୃଷ୍ଟିର ଆୟତନଟି ମଧ୍ୟରେ କୋଉଠି ହେଲେ ନଥାନ୍ତି ।

ବର୍ତ୍ତମାନ ଏଗୁଡ଼ାକୁ ଉପେକ୍ଷା କରି ତଥାପି କହିପାରିବ ଯେ ଏହି ରାଜନୀତି ଆଦୌ ମଣିଷଲାଗି ନୁହେଁ, ଏଇଟା ଆମ ସମସ୍ତଙ୍କୁ ଗୋଟିଏ ଗୋଟିଏ ରାକ୍ଷସରେ ପରିଣତ କରି ପକାଇବ । ସାମୂହିକ ଜୀବନରେ କେବଳ ରାକ୍ଷସଗୁଡ଼ାକଙ୍କୁହିଁ ସହ୍ୟ କରିବା ସାର ହେବ । ବର୍ତ୍ତମାନ ଏପରି ଏକ ନେତୃତ୍ୱ ଦରକାର, ଯିଏ କି ଏଗୁଡ଼ାକୁ ସିଧା ମନା କରିଦେଇ ପାରିବ । ସିଏ ଆପଣାକୁ ଯାବତୀୟ କାର୍ଯ୍ୟକ୍ରମର ଆଗରେ ରଖିବ । ଆପଣାର ବିବେକକୁ କଦାପି ନିଜର ଦଳ ପାଖରେ ବିକି ଦେବନାହିଁ । ତା'ର ରାଜନୀତି ଅନୁସାରେ ପ୍ରତ୍ୟେକ ରାଜନୀତିକ ଦଳ ଆଗ ଏକ ଉଚ୍ଚତର ବିବେକକୁ ମାନିବେ, ସକଳ ବିବେକକୁ ବିସର୍ଜନ କରି ତାହା କଦାପି ଆପଣାର ଦଳଟାକୁ ହିଁ ସର୍ବେସର୍ବା ବୋଲି ମାନି ନେବନାହିଁ । ସେହି ନେତୃତ୍ୱ ଭାରତବର୍ଷରେ କିଏ ଦେବ ? ସେହି ଅନ୍ୟପ୍ରକାରର କଥା ଏହି ବଜାର ଭିତରେ କିଏ କହିବ ?

୮।୧୨।୮୦

ଆମେ ନିଜଠାରୁ ନିଜ ହାତରେ ରହିଥିବା କ୍ଷମତାକୁ ବଡ଼ କରି ଧରିଛୁ ଏବଂ ସେହି କାରଣରୁ ହୁଏତ ପରସ୍ପର ସହିତ ମଣିଷ ହିସାବରେ ସମ୍ମିଳିତ ହୋଇ ପାରୁନାହୁଁ । ହୁଏତ ସେଇଥିଲାଗି ଆମେ ପରସ୍ପରଠାରୁ ଅଧିକରୁ ଅଧିକ ଦୂରବର୍ତ୍ତୀ ହୋଇଯିବାରେ ଲାଗିଛୁ ।

ତେଣୁ ଏ ଲଢ଼ାଇ ଆହୁରି ଅନେଦିନକ ପର୍ଯ୍ୟନ୍ତ ଚାଲିବ । ମଣିଷ ନିଜ ହାତରେ ଥିବା କ୍ଷମତା ଉପରେ ଅଧିକ ନିର୍ଭର କରି ରହିଥିବା ପର୍ଯ୍ୟନ୍ତ ହୁଏତ ଏହିସବୁ କ୍ଷତିକାରକ ଲଢ଼ାଇ କେବେହେଲେ ଶେଷ ହେବନାହିଁ । ଏବଂ, କାହା-ପାଖରେ କେତେ ଅସ୍ତ୍ରଶକ୍ତି ଅଥବା ବୁଦ୍ଧିଶକ୍ତି ରହିଛି, ତାହାରି ବଳ ଉପରେ ନିର୍ଭର କରି ହିଁ ଏହି ଲଢ଼ାଇର ସାମୟିକ ମୀମାଂସାମାନ ହେବାରେ ଲାଗିଥିବ । ତଦ୍ଦ୍ୱାରା ଅସଲ ସମାଧାନ ଆଦୌ କିଛି ହୋଇ ପାରିବନାହିଁ । ସମାଧାନଗୁଡ଼ାକୁ ଆହୁରି ଅଧିକ ଜଟିଳ କରି ରଖିବାକୁ ଏବଂ ଦୂରତାଗୁଡ଼ାକୁ ଆହୁରି ଅଧିକ ଅନତିକ୍ରମ୍ୟପ୍ରାୟ କରିଦେବାକୁ ଅସ୍ତ୍ର ବଢ଼ୁଥିବ, ଦ୍ୱେଷ ବଢ଼ୁଥିବ, ହିଂସ୍ରତା ବଢ଼ୁଥିବ । ମାତ୍ର ସମାଧାନ ହୋଇ ପାରିବନାହିଁ । ବିଶେଷ କରି ଭାରତବର୍ଷ ପରି ଗୋଟାଏ ଦେଶରେ ତାହା ଅନେକ ଅନଗ୍ରସରତାର କାରଣ ହୋଇ ରହିଥିବ । ଆମେ ସମସ୍ତେ ପରସ୍ପରର ଗୋଡ଼କୁ ପିଟିବାରେ ଅଧିକ ଉତ୍ସାହ ରଖୁଥିବା, ତେଣୁ ଦେଶର କଥାଗୁଡ଼ାକ ଅର୍ଥାତ୍ ମୂଳ ଦାୟିତ୍ୱଗୁଡ଼ାକ ଆଉ କାହାରି ହେଲେ ମନେ ରହୁନଥିବ । କିନ୍ତୁ ଏ ଆତ୍ମଘାତୀ ପ୍ରହସନ କେତେ ଦିନଯାଏ ଚାଲିବ ?

୯।୧୨।୮୦

ଏ ଦେହ ବି ସାଙ୍ଗେ ସଙ୍ଗେ ରହିଛି, ବାହାରର କର୍ମ ହୋଇ ରହିଛି, ଆନନ୍ଦ ସଂଗ୍ରହର ଭାଣ୍ଡ ହୋଇ ରହିଛି, ଆପଣାକୁ ବିତରିତ କରିଦେବାର ଅସଲ ପାତ୍ରଟି ହୋଇ ରହିଛି । ମୁଁ ଯେତେବେଳେ ଯେଉଁଠାରେ ପ୍ରବେଶ କରିବି, ଯେଉଁ ସୋପାନରେ ଆରୋହଣ କରିବି, ଏହି ଦେହ ମଧ୍ୟ ସାଙ୍ଗେ ସାଙ୍ଗେ ରହିଥିବ; ଅତ୍ୟନ୍ତ ସୁନିଶ୍ଚିତ ଭାବରେ ସାଙ୍ଗେ ସାଙ୍ଗେ ରହିଥିବ, ଏହି ଦେହ ମୋ'ର ଦେହ ବୋଲି ମୁଁ କେବେହେଲେ କହିବନାହିଁ, କିନ୍ତୁ ତାହା ଯେ ମୋ'ର ସାଙ୍ଗେ ସାଙ୍ଗେ ରହିଛି, ମୋ'ର ଅତି ପରିଚିତ ହୋଇ ରହିଛି, ସେଥିରେ ଆଦୌ କୌଣସି ସନ୍ଦେହ ନାହିଁ ।

ଦେହଟାକୁ ଯେତେବେଳେ ମୁଁ କେବଳ ଆପଣାର ସମ୍ପତ୍ତି ବୋଲି ଭାବିବାକୁ ଆରମ୍ଭ କରେ, ସେତେବେଳେ ଭାରି ଦୟନୀୟ ଭାବରେ ସେହି ଦେହଟା ଭିତରେ କିଳିହୋଇ ରହିଯାଏ । ଦେହର ଅଧୀନ ହୋଇ ରହେ । ଠିକ୍ ସେତିକିବେଳେ ହିଁ

ଦେହ ଏକ ବାଧା ହୋଇ ମୋ' ସମ୍ମୁଖରେ ଆସି ଠିଆହୋଇ ରହେ । ସେତିକି-ବେଳେ ମାତ୍ରାତି ନାନା ଦର୍ଶନର ସାହାଯ୍ୟ ନେବାକୁ ପଡେ । ନଚେତ୍ ନିଜ ଭିତରେ ଆଉ କୌଣସି ସଙ୍ଗତି ମୋତେ ମିଳେନାହିଁ । ଆପଣାର ଅଦଳ କେନ୍ଦ୍ରଟି ସହିତ ଦେହଟିକୁ ଗଅଁଠାଇ ରଖିବା ସେତେବେଳେ ଖୁବ କଷ୍ଟକର ହୋଇପଡ଼େ । ସେତିକବେଳେ ଅସୁସ୍ଥତା ଆସି ପହଞ୍ଚେ । ଅସୁସ୍ଥ ହେଲେ ଯାଇ ଏହି ଦେହକୁ ସାଙ୍ଗରେ ନେବା ଉଚିତ ଥିଲା ବୋଲି ସ୍ମରଣ ହୁଏ । ଔଷଧ ଖାଇ ସେହି ସଙ୍ଗତିଟିକୁ ଫେରି ପାଇବାଲାଗି ଏକ ଭିନ୍ନ ଅସହଜ ବ୍ୟାକୁଳତା ମଧ୍ୟ ସେତେ-ବେଳେ ପ୍ରାୟ ସମସ୍ତ ସ୍ଥାନକୁ ଅଧିକାର କରିବସେ । ଅସଲ ସ୍ଥାନଟିର ଧ୍ୟାନ ଚ୍ୟୁତ ହୋଇଯାଏ । ତା'ପରେ ଔଷଧ ଖାଇଲେ ମଧ୍ୟ ଅସଲ ରୋଗଟି ଭଲ ହୁଏନାହିଁ । ତେଣୁ, ଅସଲ ପ୍ରତିକାର ହେଉଛି, ଏ ଦେହ ମୋ'ର ସମ୍ପତ୍ତି ନୁହେଁ, ତାହା ହେଉଛି ମୋ'ର ସଙ୍ଗୀ, ମୋ'ର ସହଯୋଗୀ । ମୋ' ଜୀବନର ସଙ୍ଗତି ଓ ସହିତ ମଧ୍ୟରେ ଏକ ଅପରିହାର୍ଯ୍ୟ ଅଙ୍ଗ ।

୧୦ । ୭.୬ । ୮

ଏହି ଦେହ ମୋ'ର ସଙ୍ଗେ ସଙ୍ଗେ ରହିଛି । ତାକୁ ସତେଅବା ଆପଣାର ଭୃତ୍ୟ ମନେକରି ମୁଁ ଯେତେବେଳେ ନିଜେ ତା' ଉପରେ ଆପଣାର ଦୌରାତ୍ମ୍ୟ ଆରମ୍ଭ କରୁଛି, ସେତିକବେଳେ ଏହି ଦେହ ମୋ'ର ସାଙ୍ଗ ଛାଡ଼ି ଚାଲିଗଲା ପରି ଲାଗୁଛି । ସେତିକବେଳେ ଯାବତୀୟ ପ୍ରକାରର ଅସୁସ୍ଥତା ଭୋଗ କରିବାକୁ ପଡ଼ୁଛି ।

ଯେତେବେଳେ ଦେହ ସଙ୍ଗେସଙ୍ଗେ ରହିଥାଏ, ମୋ' ବିଶ୍ୱାସର ବୃତ୍ତି ଭିତରେ ଯେତେବେଳେ ଏହି ଦେହଟି ମଧ୍ୟ ସ୍ୱାଭାବିକ ଭାବେ ଅନ୍ତର୍ଗତ ହୋଇ ରହିଥାଏ, ସେତେବେଳେ ଏହି ଦେହର ଏକ ଅଲଗା ବୋଝ ରହିଛି ବୋଲି ଆଦୌ ଅନୁଭବ ହିଁ ହୁଏନାହିଁ । ଦେହ ମନ ଓ ଆହୁରି ସବୁକିଛି ସେତେବେଳେ ସତେଅବା ଗୋଟିଏ ସୂତ୍ରରେ ବନ୍ଧାହୋଇ ରହିଥାଏ । ସେହି ସୂତ୍ରଟି ସେତେବେଳେ ଆପଣାର ଏତେ ଆତ୍ମୀୟ ହୋଇ ରହିଥାଏ ଯେ, ମୋ'ର ସମଗ୍ର ଅସ୍ତିତ୍ୱଟି ସତେଅବା ତାହାରି ଲାଗି ସମର୍ପିତ ହୋଇ ରହିଥାଏ, ଆପଣାର ପୂର୍ଣ୍ଣ ପ୍ରତିଷ୍ଠା ଓ ସ୍ୱଳକର ସହିତ ମହିଜୁଡ଼ ହୋଇ ରହିଥାଏ । କୌଣସି ସଂଘର୍ଷ ନଥାଏ, କୌଣସି ସଂଗ୍ରାମ ବି ନଥାଏ । କୌଣସି ପ୍ରତିରୋଧ କେଉଁଠି ହେଲେ ନଥାଏ । କାହାକୁହେଲେ ବାଛିବୁଛି ପ୍ରସ୍ତୁତ କରିବାକୁ ପଡ଼େନାହିଁ । କେବଳ ଏକ ସ୍ୱାଭାବିକ ସମ୍ମତି ରହି-ଥାଏ । ଏହି ସମ୍ମତି ନିଜ ପାଖରେ, ନିଜେ ଗ୍ରହଣଥିବା ମାର୍ଗଟି ପାଖରେ, ମୋ' ଆଗରେ ରହି ମୋତେ ବାଟ ଚଲାଇ ନେଉଥିବା ସେହି ଅନନ୍ତ ଆତ୍ମୀୟତାଟି

ପାଖରେ ଓ ଏହି ସମଗ୍ର ଜୀବନଟି ପାଖରେ । ଯେଉଁ ଜୀବନ ଏହି ସବୁଟିର ଅନ୍ତର୍ଗତ ହୋଇ ରହିଛି, ତାହାର ପାଖରେ । ସେତେବେଳେ ଏ ଦେହ ବୋଲି ଅଲଗା ହୋଇ କିଛି ନଥାଏ । ସବୁ ସାଙ୍ଗ ହୋଇ ଥାଆନ୍ତି ।

୧୧ । ୧୬ । ୮୦

କାଲି ରାତିରେ ପୂରା ବହିଟିର ଯୋଜନା କେଡ଼େ ସ୍ୱାଭାବିକ ଭାବରେ ମୋ' ଆଗରେ ସ୍ପଷ୍ଟ ହୋଇଗଲା । ପ୍ରତ୍ୟେକ ପରିଚ୍ଛେଦର ଶୀର୍ଷକଗୁଡ଼ିକ ବି କ'ଣ ହେବ, ସେଗୁଡ଼ିକ ସତେଅବା ଗୁହିବା ମାତ୍ରକେ ମୋତେ ଦୃଶ୍ୟ ହୋଇଗଲା । ରାତି ପ୍ରାୟ ଦୁଇଟା ସମୟ ହୋଇଥିବ । ନିଦ ପୂରା ଭାଙ୍ଗି ନଥିଲା, ପୂରା ନିଦ ବି ନଥିଲା । କାରଣ, ପ୍ରାୟ ଏକ ଅର୍ଦ୍ଧସ୍ୱପ୍ନର ଅବସ୍ଥାରେ ମୁଁ ଯାହାସବୁ ଦେଖୁଥିଲି, ତାହାକୁ ସ୍ପଷ୍ଟ ଓ ସଚେତନ ଭାବରେ ମନେରଖି ପାରୁଥିଲି । ଏସବୁଡ଼ାକ ତ ମୋଟେ ଅଦ୍ଭୁତ ଲାଗିଲାନାହିଁ । ମାତ୍ର ଯେଉଁ ଶୀର୍ଷକଗୁଡ଼ିକ ଲାଗି ମୁଁ ଗତ ବେଶ୍ କେତେଦିନ ହେଲା କେତେକ'ଣ ଧନ୍ଦି-ହେବାରେ ଲାଗିଥିଲି, ତାହା ଯେ କେଡ଼େ ସହଜରେ ସମାହିତ ହୋଇଗଲା, ତାହାହିଁ ଭାବି ମୋତେ ଅନେକ ସମୟ ପର୍ଯ୍ୟନ୍ତ ମୋଟେ ନିଦ ବି ହେଲାନାହିଁ । ଆପଣାର ଘନିଷ୍ଠ ସଙ୍ଗୀଟି ପରି ଆପଣା ପାଖରେ ରହି ମୁଁ ଭିତରକୁ ଅନାଇ ଏହି-ଗୁଡ଼ିକୁ ଦେଖୁଥିଲି ।

ଅର୍ଥାତ୍ ସବୁ କିଛି ଏଇ ଭିତରେ ଥାଏ । ଅଥବା, ଭିତରେ ଥିବା କୌଣସି ଅନ୍ତରଙ୍ଗ ସାଥୀ ବାହାରୁ ଭୁବନଯାକରୁ କେଡ଼େ ସ୍ନେହରେ ସବୁକିଛି ଆଣି ଭିତରେ ଯୋଗାଇ ଦେଇ ଯାଇଥାଏ । ଭିତର ଆଉ ବାହାର ମଧ୍ୟରେ କୋଉଠି କେତେ ଅନ୍ତରଙ୍ଗ ସୂତ୍ର ଯେ ରହିଛି, ସେତେବେଳେ ସେହି କଥାଟି ଭାରି ସ୍ପଷ୍ଟ ଭାବରେ ଅନୁଭବ କରିହୁଏ । ମାତ୍ର କେବଳ ବୁଦ୍ଧିଗୁଡ଼ାକୁ ଦେଇ ବାହାରେ ଯେତେଯାହା ପରିଶ୍ରମ କଲେ ମଧ୍ୟ ଅଧିକାଂଶ ସମୟରେ ହାତରେ ପ୍ରାୟ କିଛିହେଲେ ବାଜେନାହିଁ । ସବୁକିଛି ଏତେ ପାଖରେ ଥାଏ, ଅଥଚ ସତେଅବା କେତେ ଦୂର କେଉଁ ଗହନ ଭିତରେ ଲୁଚି ରହିଥିବା ପରି ମନେ ହେଉଥାଏ ।

୧୬ । ୧.୬ । ୮୦

ଆହୁରି ଅନେକ ପାଖକୁ, ଆହୁରି ଅନେକ ଗଭୀରକୁ ଆହୁରି ଅନେକ ବିଶ୍ୱାସ, ଆହୁରି ଅନେକ ନିର୍ଭରତା । ମୁଁ କିଛିହେଲେ ମାଗିବି ନାହିଁ, କିଛି ହେଲେ ଆଶା କରିବିନାହିଁ । କୌଣସି କୋଳାହଳ କରିବିନାହିଁ କି କୌଣସି ଅଭିଯୋଗ କରିବି-ନାହିଁ । କେବଳ ବାଟ ଚାଲିଯିବି । ମୋ'ର ଏହି ପଥଟି ଯେ ମୁଁ ଚାହିଁଥିବା ପରମ ଅନ୍ତରତମର ବେଢ଼ାଟିକୁ କପର ବେଷ୍ଟନ କରି ରହିଛି, ସେହି କଥାଟିକୁ ଅଧିକରୁ

ଅଧିକ ସତ୍ୟରୂପରେ ଅନୁଭବ କରି ପାରୁଥିବି । ଏଥିରେ ମୁଁ କେତେ କ'ଣ ଫଳ ପାଇବି, ମୁଁ ସେକଥା ମଧ୍ୟ ଚିନ୍ତା କରିବିନାହିଁ । ଭିତରେ ଶ୍ରଦ୍ଧା ରହିଥିଲେ ଏହି ଚିନ୍ତା ପ୍ରାୟ ଅନାବଶ୍ୟକ ହୋଇପଡ଼େ ।

ଏଇ ପୁଲକ, ଏଇ ନୀରବତା, ସମ୍ମିଳିତ ହୋଇ ରହିବାର ଏହି ନିଚ୍ଛକ ଶାନ୍ତି,—ଏଗୁଡ଼ିକ ସବୁ ମୋ' ଭିତରେ ହିଁ ମୁଁ ଅନୁଭବ କରି ପାରୁଛି । ସେଇଥି-ଲାଗି ଏଠୁ ଘୁଞ୍ଚିଯିବାକୁ ମୋଟେ ମନ ହେଉନାହିଁ । ମୁଁ ଯାହାକୁ ଖୋଜୁଛି, ଯିଏ ସତେଅବା ଏଇଠି ମୋ'ର ଚତୁର୍ଦ୍ଦିଗରେ ମୋ'ରି ଲାଗି ହିଁ ଅପେକ୍ଷା କରି ରହିଛି । ମୋ'ର ଆଖିଭିତରେ ହିଁ ସେହି ତୋରଣଗୁଡ଼ିକୁ ମୁଁ ଅନୁଭବ କରିପାରୁଛି, ଯାହାକି ମୋତେ ମୋ'ର ସେହି ମନ୍ଦିରଚୂଡ଼ାଟି ସହିତ ସମ୍ମିଳିତ କରି ରଖିଛି । ଏହି ମାବତୀୟ ସ୍ୱପ୍ନ, ଯାବତୀୟ ଭବିଷ୍ୟର ଆକାଂକ୍ଷା,—ଏଗୁଡ଼ିକ ଯେପରି ମୋ' ଭିତରେ ରହିଥିବା ତଥାକଥିତ କ୍ଷୁଦ୍ର ମୁହୂର୍ତ୍ତଗୁଡ଼ିକୁ ବି ଏତେ ମହିମାମୟ କରି ରଖିପାରୁଛି । ଏସବୁ କିଛି ଅସାର ନୁହେଁ, ଏସବୁ କିଛିହେଲେ କଦାପି ବ୍ୟର୍ଥ ହୋଇ ପାଉନାହିଁ । ଏହି ସବୁକିଛି ତାକୁ ମୋ'ର ଅଧିକ ନିକଟବର୍ତ୍ତୀ କରି ଆଣୁଛି ଅର୍ଥାତ୍ ମୋତେ ହିଁ ତା'ର ଅଧିକ ନିକଟବର୍ତ୍ତୀ କରି ଆଣୁଛି, ମୋତେ ଅଭେଦ ସୂତ୍ରଟିର ପ୍ରତ୍ୟୟ ଓ ସୂତ୍ର ଆଣି ଦେଇଯାଉଛି ।

୧୩ । ୧୨ । ୮୦

ସତ୍ୟ ଓ ସାଧୁତା ବର୍ତ୍ତମାନ ଦେଶରେ କେଉଁଠିହେଲେ ନାହିଁ ବୋଲି ଯେଉଁମାନେ ଏଡ଼େ ପାଟିକରି କହିବାକୁ ଆରମ୍ଭ କଲେଣି, ସେମାନେ ହୁଏତ ନିଜ ଆଡ଼କୁ ମୋଟେ ଅନାଉ ନାହାନ୍ତି । ନିଜର ଜୀବନରେ ଥିବା ସତ୍ୟ ଓ ସାଧୁତା ଉପରେ ସେମାନଙ୍କର ସବୁଯାକ ବିଶ୍ୱାସ ତୁଟି ସାରିବାପରେ ଯାଇ ସେମାନେ ହୁଏତ ଏଭଳି କହିବାକୁ ଆରମ୍ଭ କରିଛନ୍ତି । ଅର୍ଥାତ୍, ଏପରି ବି ହୋଇପାରେ ଯେ, ସେମାନଙ୍କ ନିଜ ଭିତରେ ଅସତ୍ୟ ଏବଂ ଅସାଧୁତା ଲାଗି ଯେଉଁ ପ୍ରବଣତା ରହିଛି, ତାହାହିଁ ସଂସାରରେ ସବୁଠାରେ ସତ୍ୟ ସାଧୁତା କୁଆଡ଼େ ବିଲୁପ୍ତ ହୋଇ ଗଲାଣି ବୋଲି ଦେଖିବାକୁ ଇଚ୍ଛା କରୁଛି, ତାହାହିଁ ଏପରି ଦେଖୁଛି । ମୋ' ନିଜ ଭିତରେ ସତ୍ୟ ଏବଂ ସାଧୁତା ଲାଗି କୋଉଠି ଏତେଟିକିଏ ହେଲେ ସ୍ଥାନ ରହିଛି ଓ ମୁଁ ସେହି ସ୍ଥାନଟିକୁ ପ୍ରକୃତରେ ଏକ ସ୍ୱୀକୃତି ଦେଉଛି ବୋଲି ଯଦି ମୋ' ଭିତରେ ଏକ ଅନୁଭବ ରହିଥାଏ, ତେବେ ମୁଁ ବାହାରକୁ ଅନାଇ କଦାପି ଖାଲି ଅସତ୍ୟ ଓ ଅସାଧୁତା ଦେଖିବିନାହିଁ ।

ଏକଥା ମୁଁ ବାହାରେ ଆଉ କାହାକୁ ନକହିବି ପଛକେ, ଅନ୍ତତଃ ନିଜ ପାଖରେ ବାରବାର କହୁଥିବି । ନିଜଭିତରେ ରହିଥିବା ମୋ'ର ସେହି ବିଶ୍ୱାସଟିକୁ

ମୁଁ ବାରବାର ଦୋହଗ୍ରସ୍ତ ଥିବ, ବାରବାର ସେହି ବିଶ୍ୱାସଟି ପାଖରେ ଆପଣାକୁ ନେଇ ଶପଥ କରାଇ ଆଣୁଥିବି । ତା'ନହେଲେ କେତେବେଳେ ଯେ ହାତରୁ ଅସଲ ଦଉଡ଼ିଗୁଡ଼ିକ ଖସିଯିବ, ଯେକଥା ମୁଁ ଜାଣି ବି ପାରିବିନାହିଁ ଓ ତା'ପରେ ତଥାକଥିତ ସଂସାରର ତାଳ ଅନୁସାରେ ନାଚିବାକୁ ଆରମ୍ଭ କରିବି । ସେତେବେଳେ ମୁଁ ମଧ୍ୟ ଏହି ମେରୁଦଣ୍ଡହୀନତା ମଧ୍ୟରେ ସାମିଲ୍ ହୋଇଯିବି ।

୧୪ । ୧୨ । ୮୦

ଭିତର ମନକୁ ସତେଯେପରି ଆମ ସାମୂହିକ ଜୀବନର ସ୍ତମ୍ଭଗୁଡ଼ାକ ଖସି ଖସି ଯିବାରେ ଲାଗିଛି । ଆଉ କେଉଁଥିକୁ ହେଲେ ବିଶ୍ୱାସ ପାଉନାହିଁ । କେଉଁଥି ଉପରେ ବିଶ୍ୱାସ ନାହିଁ । ଭେଳା ବୁଡ଼ିଗଲା ବେଳେ ସମସ୍ତେ ଯେପରି ଅତି ବିକଳରେ ଯେକୌଣସି ମତେ ଆପଣାକୁ ବଞ୍ଚାଇବା ଲାଗି ଉଚ୍ଛନ୍ନ ହୋଇ ପଡ଼ନ୍ତି, ଘର ପୋଡ଼ି ଯାଉଥିବା ସମୟରେ ଯେପରି ସମସ୍ତେ ଏକା ଏକା ଯାହାକିଛି ପାରନ୍ତି ଉଠାଇନେଇ ପଳାଉଥାନ୍ତି ଓ ଯେକୌଣସି ମତେ ବଞ୍ଚିଯିବାର ଓ ରକ୍ଷା ପାଇବାର ବିଚାର କରୁଥାନ୍ତି, ବର୍ତ୍ତମାନ ଘଟୁଥିବା ଅଧିକାଂଶ ଘଟଣା ପ୍ରାୟ ସେହିପରି ଘଟୁଛି ।

କିନ୍ତୁ ଏପରି ଏକ ବିଚାରକୁ ଆଶ୍ରୟ କରି ଯେଉଁ ରାଜନୀତି ଚାଲେ ତାହା କୌଣସି ସମାଜକୁ ବା ଦେଶକୁ ବଞ୍ଚାଇ ପାରିବ କିପରି ? ଆମ ଦେଶରେ ଯେଉଁମାନେ ରାଜନୀତି କରୁଛନ୍ତି, ସେମାନେ ଉପର ମୁହଁରେ ଯାହା କହନ୍ତୁ ପଛକେ, ଭିତରେ ହୁଏତ ଆଉ ପ୍ରାୟ କୌଣସି ଭରସା ରଖି ପାରୁନାହାନ୍ତି । ନିଜ ଭିତରେ କି କୋଉଠି କୌଣସି ସମ୍ଭାଳି ରଖିବାପରି ସ୍ତମ୍ଭ ରହିଛି ବୋଲି ସେମାନଙ୍କର ବିଶ୍ୱାସ ହେଉନାହିଁ । ତେଣୁ ଯାହା ସମ୍ଭବ, ସେତିକ ଧରି ସମସ୍ତେ ଯିଏ ଯୁଆଡ଼େ ପଳାଇ ଯାଉଥିବା ପରି ଆଚରଣ କରୁଛନ୍ତି । ତେଣୁ, ବର୍ତ୍ତମାନ ଏପରି ଏକ ବିଶ୍ୱାସ ଲୋଡ଼ା, ଯାହାକି ଭିତରର ସ୍ତମ୍ଭଗୁଡ଼ିକୁ ପୁନର୍ବାର ଆପଣା ଜାଗାରେ ପ୍ରତିଷ୍ଠିତ କରି ରଖିପାରିବ ।

୧୫ । ୧୨ । ୮୦

ସକାଳ ବେଳକୁ ସବୁକିଛି ସତେଅବା ଯୋଡ଼ିହୋଇ ଆସିବା ପରି ଲାଗେ । ଆକାଶ ସହିତ ପୃଥିବୀ ଯୋଡ଼ି ହୋଇଯାଏ; ଆଲୁଅ ସହିତ ଅନ୍ଧାର ଯୋଡ଼ି ହୋଇଯାଏ, ସକଳ ପ୍ରକାରର ନିଦ୍ରା ଏକ ନବଜାଗରଣ ମଧ୍ୟରେ ଆପଣାକୁ ସମର୍ପିତ କରିଦେଇ ଧନ୍ୟ ହୁଏ । ଏହି ଯୋଡ଼ି ହେବାର ପ୍ରକ୍ରିୟାଟି ବାହାରେ ଯେମିତି ହୁଏ, ମୋ' ନିଜ ଭିତରେ ମଧ୍ୟ ଠିକ୍ ସେହିପରି ହୁଏ । ନିଜ ପାଖକୁ ପୁଣି ଫେରି ଆସିବା ପରି ମନେହୁଏ ।

ନିଜଭିତରେ ସବୁ ଯୋଡ଼ିହୋଇ ଆସିବା ସମୟରେ ଆଖିଗୁଡ଼ାକ ଏକା-ବେଳେକେ ଅନ୍ୟପ୍ରକାର ମନେହୁଏ । ନିଜ ଭିତରକୁ ଅନାଇ ଦେଲାବେଳକୁ ସତେ ଯେପରି ଖୁସୀ ଏବଂ ବିଶ୍ୱାସର ସହିତ କାହା ସହିତ ମିଳିବାଲାଗି ଅପେକ୍ଷା କରି ରହିଥିବା ପରି ମନେହୁଏ । ଦେହର ହାଡ଼ଗୁଡ଼ାକ ଭିତରେ ମଧ୍ୟ ମୁଁ ଯୋଡ଼ିହୋଇ ଯିବାର ପ୍ରକ୍ରିୟା ଏବଂ ଉଷ୍ମତାଟିକୁ ଭାରି ସ୍ପଷ୍ଟ ଭାବରେ ଅନୁଭବ କରିପାରେ । ମୋ' ଭିତରେ ଯେ ସବୁକିଛି ଏକାଠି ଯୋଡ଼ିହୋଇ ରହିଛି, ସବୁକିଛି ଗୋଟିଏ ହୃଦୟରେ ପରିଣତ ହୋଇ ଅପେକ୍ଷା କରି ରହିଛି, ଠିକ୍ ସେହିପରି ମନେହୁଏ । ଏହିପରି ଏକ ଖୁସୀର ଉଦୟାଚଳ ଉପରେ ଦିନର ସୂର୍ଯ୍ୟଟି ଉଦିତ ହୋଇଆସେ । ବାହାରେ ସେହି ସୂର୍ଯ୍ୟୋଦୟଟିକୁ ମୁଁ ଯେଉଁପରି ଦେଖିପାରେ, ନିଜ ଭିତରେ ମଧ୍ୟ ଠିକ୍ ସେହିପରି ପ୍ରତ୍ୟକ୍ଷ କରିପାରେ । ସେତେବେଳେ ମୋ'ର ସବୁଯାକ ଭୂମି ଉପରେ ସେହି ନୂତନ ସୂର୍ଯ୍ୟର ସ୍ପର୍ଶ ଆସି ବାଜେ, ସେତେବେଳେ ଆପଣାକୁ ସତେ-ଅବା କେଡ଼େ ନିକଟରେ ବୋଲି ମନେ ହେଉଥାଏ । ଏବଂ, ଆପଣାକୁ ଏହିପରି ନିକଟ ଓ ଅନ୍ତରଙ୍ଗ ବୋଲି ମନେ ହେଉଥିବା ପର୍ଯ୍ୟନ୍ତ ନିଜଭିତରେ ଆଉ କୌଣସି ଗ୍ଲାନି ରହେନାହିଁ, ଆଖି ଭିତରେ ଆଉ କୌଣସି ମଳି ରହେନାହିଁ ଏବଂ ଶରୀର ସମେତ ଭିତରେ ସତେଅବା କୌଣସି ବ୍ୟାଧି ମଧ୍ୟ ରହେନାହିଁ ।

୧୬ । ୧୨ । ୮୨

ଏଠି ଅନେକ କିଛି ସହିତ ମୁଁ ମୋଟେ ଖାପ ଖାଇ ପାରିଲିନାହିଁ । ତାହାର ସର୍ବପ୍ରଧାନ କାରଣ ହେଉଛି ଯେ, ମୁଁ ଅନ୍ୟଏକ ସ୍ତରର ଜୀବନକୁ ଲୋଡ଼ିଲି, ଅନ୍ୟଏକ ସ୍ତରର ସମ୍ବନ୍ଧକୁ ଲୋଡ଼ିଲି, ଅନ୍ୟଏକ ଚେତନାକୁ ଆତ୍ମୀୟ ବୋଲି ଗ୍ରହଣ କଲି । ସଫଳତାକୁ ଛାଡ଼ି ମୁଁ ଅନ୍ୟକିଛି ଲୋଡ଼ିଲି, ସୁଖକୁ ଛାଡ଼ି ଆତ୍ମୀୟତାକୁ ଲୋଡ଼ିଲି । ଏଗୁଡ଼ାକ ପାଇଁ ମୁଁ ଲଜ୍ଜିତ ନୁହେଁ । ତଥାପି, ଏଠି ଖାପ ଖାଇ ପାରିଲିନାହିଁ ବୋଲି ଏଠୁ କଦାପି ଛୁଟି କରି ପଳାଇ ଯିବିନାହିଁ । ମତେ ଏଇଠି ରହିବାକୁ ହେବ । ଏଇଠି ରହି ସେହି ଅନ୍ୟଟିର ସ୍ୱପ୍ନ ଦେଖିବାକୁ ହେବ, ଏହି ସଂସାରରେ ରହି ଅନ୍ୟ ଏକ ସଂସାରର ସ୍ୱପ୍ନ ଦେଖିବାକୁ ହେବ, ଏହି ଅସମ୍ବନ୍ଧଗୁଡ଼ାକ ଭିତରେ ରହି ମଧ୍ୟ ତଥାପି ଅସଲ ସମ୍ବନ୍ଧଟିକୁ ଅନୁଭବ କରିବାକୁ ପଡ଼ିବ, ଅନ୍ୟ ମଣିଷଟିକୁ ଲୋଡ଼ିବାକୁ ପଡ଼ିବ, ଅନ୍ୟ ରତ୍ନଗୁଡ଼ିକର ଆବିଷ୍କାର କରିବାକୁ ହେବ ।

ଏଇଠି ଆପଣାର ଅସଲ ଆତ୍ମୀୟତା ଓ ଅସଲ ସ୍ୱପ୍ନଟି ସହିତ ତିଷ୍ଠି ରହିବାକୁ ହେଲେ ଅନେକ ବଳ ଦରକାର । ଅନେକ ବିଶ୍ୱାସ ଦରକାର । ଖାଲି ଆପଣା ଉପରେ ନୁହେ, ଅନ୍ୟ ସମସ୍ତଙ୍କ ଉପରେ ମଧ୍ୟ ଆହୁରି ଅନେକ ବିଶ୍ୱାସ ଦରକାର । ମଣିଷ ଉପରେ, ଏହି ସଂସାର ଉପରେ ଅନେକ ବିଶ୍ୱାସ ଦରକାର ।

ଏଗୁଡ଼ିକ ଯେ ଦିନେ ବଦଳିଯିବ, ତାହାର ଉପରେ ଏକ ଐକାନ୍ତିକ ବିଶ୍ୱାସ ଦରକାର । ତେବେଯାଇ ମୁଁ ଯେପରି ଚାହୁଁଛି, ସେହିପରି ହୋଇ ଉଠିପାରିବା ସମ୍ଭବ ହେବ । ତେବେଯାଇ ସକଳପ୍ରକାର ଅନାତ୍ମୀୟତା ସତ୍ତ୍ୱେ ଆତ୍ମୀୟତା ସହିତ ବଞ୍ଚିପାରିବା ତଥାପି ସମ୍ଭବ ହେବ । ମୁଁ ସେହି ବଳ ଲାଗି ପ୍ରାର୍ଥନା କରିବି, ସେହି ବିଶ୍ୱାସ ଲାଗି ପ୍ରାର୍ଥନା କରିବି ।

୧୭ । ୧୬ । ୮୦

ଭାରତୀୟ ସୁପ୍ରୀମ୍ କୋର୍ଟ୍‌ର ଜଣେ ପୂର୍ବତନ ବିଚାରପତି କହିଛନ୍ତି ଯେ, ରାଜନୀତିକ ନେତାମାନଙ୍କ ବିରୁଦ୍ଧରେ ଦେଶରେ ବର୍ତ୍ତମାନ ବିପ୍ଳବ ଆସନ୍ନ ହୋଇ ଆସୁଛି । ଏହି ବିପ୍ଳବ ଜନସାଧାରଣ କରିବେ । ସେହି ବିପ୍ଳବକୁ ଏଡ଼ାଇ ଦେବାକୁ, ସେଥିରୁ ଲୋକଙ୍କର ମନକୁ ଅନ୍ୟଆଡ଼େ ବିବ୍ରତ କରିନେବାକୁ ରାଜନୀତିକ ନେତାମାନେ ଭାରି ଚେଷ୍ଟା କରୁଛନ୍ତି । ବିରୋଧୀଦଳ ଓ ସରକାରୀ ଦଳ ଉଭୟେ ସେହି ଚେଷ୍ଟା କରୁଛନ୍ତି ।

ଆମେ ପ୍ରତ୍ୟେକେ ଜଣେ ଯେଉଁ ବିପ୍ଳବରେ ଯୋଗ ଦେଲେ ଆସନ୍ନ ବିପ୍ଳବ ଆହୁରି ଅଧିକ ଆସନ୍ନ ହୋଇ ଆସିବ । ଆମେ ବାହାରେ ଠିଆହୋଇ ଏକ ବିପ୍ଳବ ଆସନ୍ନ ହୋଇ ଆସୁଛି ବୋଲି କହୁଥିବା ପର୍ଯ୍ୟନ୍ତ ଏହା ହୁଏତ ଠିକ୍ ସେହିପରି ଆସନ୍ନ ଅଥଚ ଦୂରବର୍ତ୍ତୀ ହୋଇ ରହିଥିବ । ଅନେକଙ୍କ ଲାଗି ଆତଙ୍କ ପରି ହୋଇ ରହିଥିବ ସତ, ମାତ୍ର ତଥାପି ଦୂରବର୍ତ୍ତୀ ହୋଇ ରହିଥିବ । କେବଳ ରାଜନୀତି ଭିତରେ ପଶିଲେ ଯେ ଏହି ବିପ୍ଳବରେ ଆମେ ସହଯୋଗ କରିପାରିବା, ସେକଥା ମୋଟେ ନୁହେଁ, ଆମେ ସାହିତ୍ୟ ଭିତରେ ରହି ଏହି ସହଯୋଗ କରିପାରିବା, ବିଦ୍ୟାଳୟ ଭିତରେ ରହି ସେହି ସହଯୋଗ କରି ପାରିବା, ସାଧାରଣ ଜୀବନରେ ମଧ୍ୟ ସେହି ବିପ୍ଳବରେ ସହଯୋଗ କରିପାରିବା । ଆମେ ଅନ୍ୟପ୍ରକାରେ ହେବାକୁ ବଦଳିବାକୁ ଏବଂ ସେହି ଅନୁସାରେ ଜୀବନକୁ ବଦଳାଇବାକୁ ଯଥାର୍ଥରେ ଚାହିଁଲେ ହିଁ ସେହି ସହଯୋଗର ଏକ ଯଥାର୍ଥ ଆରମ୍ଭ ହୋଇପାରିବ । ଆମେ ଆଉକିଛି ଇଚ୍ଛା କରିବା, ଆଉକିଛିର ଆବଶ୍ୟକତା ଅନୁଭବ କରିବା । ଯାହାକିଛି ରହିଛି, ତାହାକୁ ମାନି ନେବାନାହିଁ । ଏକଥା କେବଳ ରାଜନୀତିର ମାଧ୍ୟମରେ ଯେ ବ୍ୟକ୍ତ କରାଯାଇ ପାରିବ, ସେକଥା କେବେ ନୁହେଁ । କେବଳ ରାଜନୀତି କରିଆରେ ବିପ୍ଳବ କରାଯିବା ସମ୍ଭବ ବୋଲି ବିଶ୍ୱାସ କରୁଥିବା ପର୍ଯ୍ୟନ୍ତ ହୁଏତ ଆପଣାର ଅସଲ ଶକ୍ତିଉତ୍ସଟିକୁ ସ୍ପର୍ଶ କରିବା ଆମଲାଗି କଦାପି ସମ୍ଭବ ହେବନାହିଁ ।

୧୮ । ୧୨ । ୮୦

ବିପ୍ଳବ ଆସନ୍ନ ହୋଇ ଆସୁଥିବ ଏବଂ ଆମେ କେବଳ ସେହି କଥାଟିକୁ ଆଘ୍ରାଣ କରୁଥିବା, ବିପ୍ଳବ ହେବ, ଆମେସବୁ ସେହି କଥାଟିକୁ ଆମ ନିଜ ନିଜର ନିରାପଦ ଅଳିନ୍ଦଗୁଡ଼ିକରେ ବସି ତାହାକୁ ଦେଖୁଥିବା । ବିପ୍ଳବ ହୋଇଯିବ, ଆମେସବୁ ସେଗୁଡ଼ିକ ବିଷୟରେ ଲେଖିବା, ସେଗୁଡ଼ିକୁ ନେଇ ସାହିତ୍ୟ କରିବା । ଇଏ ଏକ ଅଦ୍‌ଭୁତ ପ୍ରକାରର ଭଦ୍ରଲୋକୀ, ଏବଂ ଏହିପରି ଲୋକେ ହିଁ ପ୍ରାୟ ସବୁ ଦେଶରେ ସବୁଠାରୁ ବେଶୀ କଥା କହନ୍ତି, ସବୁଠାରୁ ଅଧିକ ବାହାଦୁରି କରନ୍ତି ଓ ସବୁଠାରୁ ଅଧିକ କବିତ୍ୱ କରନ୍ତି ।

ଏମାନେ ବସିଥିବେ, କଥା କହୁଥିବେ, କବିତ୍ୱ କରୁଥିବେ; ଏବଂ ତେଣେ ବିପ୍ଳବ ହେବାରେ ଲାଗିଥିବ । ଅନେକ ସମୟରେ ଅତ୍ୟନ୍ତ କୋଳାହଳହୀନ ଭାବରେ ତାହା ହେଉଥିବ, – ମଣିଷମାନଙ୍କର ଅନ୍ତରକୁ ଆନ୍ଦୋଳିତ କରିବାରେ ଲାଗିଥିବ, ଏବଂ ପରିବେଶଟିକୁ ପ୍ରସ୍ତୁତ କରିବାରେ ଲାଗିଥିବ । ସାନ ସାନ କେତେ କଥା ଘଟୁଥିବ ଓ ସେଇଥିରେ ହିଁ ମଣିଷମାନଙ୍କର ଭୟ ଭାଙ୍ଗି ଯାଉଥିବ, ପୁରୁଣାର ଖୁଣ୍ଟ ଗୁଡ଼ାକ ଯେ କ୍ରମେ ଭାରି ଦୁର୍ବଳ ହୋଇ ଆସିଲେଣି, ସେକଥା ଜଳଜଳ ହୋଇ ଧରାପଡ଼ି ଯାଉଥିବ ଏବଂ ନୂତନର ଆଗମନ ଅଧିକରୁ ଅଧିକ ନିକଟବର୍ତ୍ତୀ ହୋଇ ଆସୁଥିବ । ଏବଂ ସବାଶେଷରେ ଯେତେବେଳେ ଅସଲ ପରିବର୍ତ୍ତନଟି ଆସିବ, ତଦ୍ଦ୍ୱାରା ବିପ୍ଳବ ଶେଷ ହୋଇ ଯିବନାହିଁ, ନୂତନ ଭାବେ ନିର୍ମାଣ କରିବାର ପର୍ଯ୍ୟାୟଟି ସେଇଠାରୁ କେବଳ ଆରମ୍ଭ ହିଁ ହେବ । ଏକ ନୂଆ ବିଶ୍ୱାସ, ନୂତନ ସାହସ ଓ ନୂଆ ପାରସ୍ପରିକତା,—ଏହିଗୁଡ଼ିକ ହିଁ ନୂତନ ଆସିବାର ସୂଚକ ହୋଇ ରହିବେ । ଆମେ ସେତେବେଳେ ବି କ'ଣ ସେହି ଘ୍ରାଣର ସ୍ତରରେ ରହିଥିବା, କେବଳ କଥା କହୁଥିବା ଓ ନିରାପଦ ଦୂରତା ରଖି କବିତ୍ୱ କରୁଥିବା ?

୧୯ । ୧୨ । ୮୦

ଯୋଉ ବହିଟି ବର୍ତ୍ତମାନ ଲେଖୁଛି, ସେଇଟି ବିଷୟରେ ରାତିରେ ମଧ୍ୟ ସ୍ୱପ୍ନ ଦେଖୁଛି । ପରବର୍ତ୍ତୀ ବିଷୟଗୁଡ଼ିକ ଏବଂ ପରବର୍ତ୍ତୀ ଅଧ୍ୟାୟଗୁଡ଼ିକ କ'ଣ ହେବ, ସେଗୁଡ଼ିକର ନାମକରଣ କିପରି ହେବ, ସେଗୁଡାକ ମଧ୍ୟ ସେହି ସ୍ୱପ୍ନାବସ୍ଥାରେ ମୋତେ ସତେଅବା ଦିଶି ଦିଶି ଯାଉଛି ।

ଏହାର କାରଣ ହେଉଛି, ମୁଁ ଯାହା ଲେଖୁଛି, ମୋ' ସମୟର ଅଧିକାଂଶ ଭାଗରେ ହିଁ ମୁଁ ତାହାରି ଭିତରେ ରହିଛି । ବାହାରେ ଯେତେ ଯାହା କରୁଥାଏ

ପଢ଼ିଲେ, ମୋ' ଭିତରେ ମୁଁ ପ୍ରଧାନତଃ ସେହି ପ୍ରସଙ୍ଗଟି ଭିତରେ ନିମଗ୍ନ ହୋଇ ରହିଛି । ମୋ'ର ଯାବତୀୟ ଲେଖାବେଳେ ପ୍ରାୟ ସେହିପରି ହୁଏ । ଯେତେବେଳେ ମୋ'ର ବିଶେଷ କିଛି କହିବାର ରହିଥାଏ, ସେତିକିବେଳେ ହିଁ ମୁଁ କିଛି ଲେଖିବାକୁ ନିଷ୍ପତ୍ତି ଗ୍ରହଣ କରେ । ତେଣୁ, ସେଇଟିକୁ କିପରି କହିବି, କାହିଁକି କହିବ, ଓ କେଉଁସବୁ ଶବ୍ଦର ବ୍ୟବହାର କରି କହିବ,,ସେଗୁଡ଼ିକୁ ମୁଁ ଲେଖିବା ଆଗରୁ ଅତ୍ୟନ୍ତ ସ୍ପଷ୍ଟ ଭାବରେ ସ୍ଥିର କରିନିଏ । ଲେଖିଲାବେଳେ ମୋ'ର ବେଶୀ କିଛି କଷ୍ଟ ହୁଏ ନାହିଁ । କାରଣ,ମୁଁ ଯାହା ଲେଖିବାକୁ ଯାଉଥାଏ;ତାହାର ଭିତରେ ମୁଁ ଆଗରୁ ବାସ କରୁଥାଏ, ତାହାକୁ ଅନୁଭବ କରୁଥାଏ ଓ ତାହାକୁ ହିଁ ବ୍ୟକ୍ତ କରି ପାରିବାଲାଗି ବ୍ୟଗ୍ର ଓ ପ୍ରସ୍ତୁତ ହୋଇ ରହିଥାଏ । ସେଇଥିଲାଗି ମୋ'ର ସଚେତନ ଜୀବନର କାର୍ଯ୍ୟଗୁଡ଼ିକର ମୋ' ଅବଚେତନ ଓ ଅଚେତନ ମନରେ ମଧ୍ୟ ଚେର ଲାଗି ରହିଥାଏ । ସେହି ଚେରରୁ ମୁଁ ମୋ'ର ଭାଷା, ଭାବ ଏବଂ ଭଙ୍ଗୀଟିକୁ ସଂଗ୍ରହ କରିଆଣେ । ମୋ'ର ଏହି ସମଗ୍ର ସେତୁଟିକୁ ଆଧାର କରି ମୁଁ ଏହି ଜୀବନ ବଞ୍ଚେ ।

୨୦ । ୧୨ । ୮୦

ମଣିଷର ପ୍ରକୃତି ଯେମିତି ଅଛି ସେମିତି ରହିଥିବ, ସିଏ ମୂଳତଃ ଯେଉଁପରି ଅଛି, ପ୍ରାୟ ଅପରିବର୍ତ୍ତନୀୟ ଭାବରେ ସେହିପରି ରହିବ ବୋଲି ଆମର ବିଶ୍ୱାସ ରହିଥିବ, ଏବଂ ଏଣେ ଆମେ ଧର୍ମ, ରାଜନୀତି, ଅର୍ଥନୀତି ଏବଂ ଶିକ୍ଷାଦ୍ୱାରା ସଂସାରକୁ ବଦଳାଇ ଦେବାକୁ ଉଦ୍ୟମ କରୁଥିବା —ଏପରି କଦାପି ହୋଇ ପାରିବନାହିଁ । ଆମେ ଯେଉଁମାନେ ଏହିସବୁ ଉଦ୍ୟମରେ ଲାଗିଛୁ, ଆଗ ଆମକୁ ଆମର ବିଶ୍ୱାସ ଅର୍ଥାତ୍ ଅବିଶ୍ୱାସଗୁଡ଼ାକୁ ବଦଳାଇବାକୁ ପଡ଼ିବ । ତେବେଯାଇ ଆମ ଉଦ୍ୟମର ଅସଲ ଫଳପ୍ରଦତା ସମ୍ଭବ ହୋଇ ପାରିବ ।

ଅସଲ କଥା ହେଉଛି, ଆମେ ଭାବୁ ଆମର ପ୍ରକୃତି ଅନ୍ୟପ୍ରକାର ହୋଇ ସାରିଲାଣି ଓ କେବଳ ଅନ୍ୟମାନଙ୍କର ପ୍ରକୃତି ଯଥେଷ୍ଟ ପରିମାଣରେ ବଦଳି ପାରି-ନାହିଁ ବୋଲି ସଂସାରରେ କୌଣସି ପରିବର୍ତ୍ତନ ହୋଇ ପାରୁନାହିଁ । ଏପରି ଏକ ଅବିଶ୍ୱାସ ନେଇ ଆମେ ଆମର ନାନା କାର୍ଯ୍ୟର ଜରିଆରେ ସଂସାରରେ ଧର୍ମକାର୍ଯ୍ୟ ଓ ଜାତିକାର୍ଯ୍ୟ କରିବାକୁ ବାହାରିଥାଉ । ଆମ ନିଜର *ପ୍ରକୃତି ଭିତରେ ହୁଏତ କୋଉଠି କିଛି ଅନମନୀୟ ଏବଂ ଅସମ୍ମତ ହୋଇ ରହିଥାଏ ବୋଲି ଆମେ ତାହାକୁ ଢୋଡ଼ାଇ ରଖିବାର ଫିକିରରେ ବିଫଳତାର କାରଣଗୁଡ଼ାକୁ କେବଳ ଅନ୍ୟମାନଙ୍କର ପ୍ରକୃତି ଉପରେ ନେଇ ଆକ୍ଷେପ କରିବାରେ ଲାଗିଥାଉ । ଏହାଫଳରେ ଆମ ଦେଉଳଗୁଡ଼ାକ ଉପରେ ଓ ଆମ ନୀତିଶାସ୍ତ୍ରଗୁଡ଼ାକ ଉପରେ ବାନା ଫରଫର ହୋଇ ଉଡ଼ୁଥାଏ ସତ, ମାତ୍ର ସଂସାର ଯୋଉଠି

ସେଇଠି ପଡ଼ିଥାଏ । ସଂସାର ଯୋଉଠି ସେଇଠି ପଡ଼ିଛୁ ବୋଲି ଆମେ ନିଜ ମନଭିତରେ ଗୋଟାଏ ପ୍ରକାରର ଆନନ୍ଦ ବି ହୁଏତ ଅନୁଭବ କରୁଥାଉ ।

୨୧ । ୧୨ । ୮୦

ଏବେ ଯେଉଁ ପରିବର୍ତ୍ତନ ଆସୁଛି, ତାହା କେବଳ ଏକ ରାଜନୀତିକ ପରିବର୍ତ୍ତନ ଠାରୁ ଅନେକ ଅଧିକ ହେବ । ଯେଉଁ ରାଜନୀତିକ ନେତାମାନେ ଆଗାମୀ ପରିବର୍ତ୍ତନ ଭିତରେ ନିଜ ଭାଗ୍ୟଲାଗି ଗୋଟିଏ ଗୋଟିଏ ପ୍ରତିଷ୍ଠାସ୍ଥାନ ତିଆରି କରି ରଖିବାକୁ ଧାଇଁବାରେ ଆରମ୍ଭ କଲେଣି ଏବଂ ସେହି ଅଭିପ୍ରାୟରେ ନାନା ଭାବେ ତାହା ସହିତ ସଂପୃକ୍ତ ହେବାକୁ ଆରମ୍ଭ କଲେଣି, ସେମାନେ ନିଶ୍ଚୟ ଶେଷରେ ନିର୍ବୋଧ ବୋଲି ପ୍ରମାଣିତ ହେବେ । ବର୍ତ୍ତମାନ ଯେଉଁ ପରିବର୍ତ୍ତନ ହେବାକୁ ଯାଉଛି, ତାହା କେବଳ ଗୋଟାଏ ଦଳ ରାଜନୀତିକ ନେତାଙ୍କୁ ଉଠାଇ ସେମାନଙ୍କ ଜାଗାରେ ଆଉ ଗୋଟାଏ ଦଳକୁ ଆସନ ଉପରେ ବସାଇ ଦେବାରେ ହିଁ ସନ୍ତୁଷ୍ଟ ହୋଇ ରହି ଯିବନାହିଁ । ଏହି ପରିବର୍ତ୍ତନର ଆଘାତଟି ଆହୁରି ଅନେକ ଗଭୀରକୁ ଯିବ । ଏକ ନୂଆ ମୂଳଦୂଆ ତିଆରି କରିବାଲାଗି ଏହା ଉଦ୍ଦିଷ୍ଟ ହେବ । ଏହି ପରି-ବର୍ତ୍ତନରେ କେବଳ ରାଜନୀତିକୁହିଁ ସବାଆଗରେ ରଖା ଯିବନାହିଁ, ଏଥିରେ ମଣିଷ ହିଁ ସବାଆଗରେ ରହିବ । ଆମ ଭିତରୁ ଯେଉଁମାନେ ନିଜ ଭିତରେ ରହିଥିବା ମଣିଷଟିକୁ ହିଁ ଅଗ୍ରସର କରାଇ ନେବାକୁ ଇଚ୍ଛା କରୁଥିବେ, ସେହିମାନେ ଏହି ପରିବର୍ତ୍ତନଟିକୁ ଯଥାର୍ଥ ଭାବରେ ବୁଝିପାରିବେ ଓ ସେଥିରେ ଯଥାର୍ଥ ଭାବରେ ସହଯୋଗ କରିପାରିବେ ।

କାଲି ବନ୍ଧୁ ଏହି ପରିବର୍ତ୍ତନରେ ପ୍ରକୃତ ନେତୃତ୍ୱ କେଉଁଠୁ ଆସିବ, ସେହି ବିଷୟରେ ସନ୍ଦେହ ପ୍ରକାଶ କରୁଥିଲେ । ଅବସ୍ଥାର ସମଗ୍ର ଆହ୍ୱାନଟି ହିଁ ଯଥାର୍ଥ ନେତୃତ୍ୱଟିକୁ ବିକଶିତ କରି ଆଣିବ—ଜୀବନକୁ ସମଗ୍ର ଭାବରେ ସମ୍ମୁଖରେ ରଖି ଏହି ନେତୃତ୍ୱ ଆପଣାକୁ ଗଠନ କରି ଆଣିବ । ତୁଚ୍ଛା ରାଜନୀତି ବାଲାମାନେ ପଛକୁ ହଟିଯିବେ, ଧରା ପଡ଼ିଯିବେ । କ୍ଷମତାଗୁଡ଼ାକ ଅପଦସ୍ଥ ହୋଇ ରହିବ । ସେହି ନୂଆ ନେତୃତ୍ୱଟି ଲାଗି ଆମେ ନିଜକୁ ପ୍ରସ୍ତୁତ କରି ରଖିବା, ତାହାହିଁ ବର୍ତ୍ତମାନର ସବୁଠାରୁ ବଡ ଆହ୍ୱାନ ।

୨୩ । ୧୨ । ୮୦

ଜୀବନଟା ରୁଟିନ୍ ହୋଇ ନଯାଉ, ପାପପୁଣ୍ୟର ବିଚାର କରି ଆପଣାକୁ ନାନାପ୍ରକାରେ ସଙ୍କୁଚିତ କରି ରଖିଥିବା ଗୋଟାଏ ନିର୍ମମ ଦଣ୍ଡଶାଳାରେ ପରିଣତ ହୋଇ ନଯାଉ । ତେବେ ମୋ' ଭିତରେ ବ୍ୟାପ୍ତ ହୋଇ ରହିଥିବା ଅସଲ

ବର୍ଗିଗୁଡ଼ିକୁ ମୁଁ ମୋଟେ ଚହ୍ନି ପାରିବିନାହିଁ, ମୋ' ଭିତରେ ରହିଥିବା ଅସଲ ବନ୍ଧୁଟିର ମୁଁ କଦାପି ଯୋଗ୍ୟ ହୋଇ ପାରିବି ନାହିଁ । ସଂସାର ଭିତରକୁ ଅନାଇବା ସମୟରେ ମଧ୍ୟ ମୁଁ କଦାପି କାହାକୁ ହେଲେ କୌଣସି ଦଣ୍ଡଶାଳା ଭିତରକୁ ଟାଣିଆଣି ନିଜେ ବିଚାରପତିର ଆସନରେ ବସିବାକୁ କଦାପି ମନ କରିବିନାହିଁ । ସଭିଙ୍କ ଭିତରେ ମୋ'ରି ପରି ଜଣେ ଯାତ୍ରୀ ରହିଛି, ମୋ'ର ଜଣେ ସଦାଉଦ୍ୟମଶୀଳ ସହଯାତ୍ରୀ ଯେ ରହିଛି, ଅନ୍ୟ ପ୍ରତ୍ୟେକ ମଣିଷକୁ ମୁଁ ମର୍ମତଃ ସେହିପରି ଭାବରେ ବିଚାର କରିବି । ଯାହାକୁ ମୁଁ ଉଦ୍ଦେଶ୍ୟ ଭାବରେ କେତେବେଳେ ହୁଏତ ନିଜର ଶତ୍ରୁ ପରି ଭାବୁଛି, ତା' ଭିତରେ ମଧ୍ୟ ମୁଁ ସେହି ଅନୁଭବଟି ଦେଇ ପ୍ରବେଶ କରିବାକୁ ଚେଷ୍ଟା କରିବି ।

ପିଲାଦିନରୁ ମୋତେ ଭଲ ଓ ମନ୍ଦକୁ ଦୁଇଟା ଏକାବେଳେକେ ଅଲଗା ଜିନିଷ ବୋଲି ଦେଖାଇ ଦିଆଯାଇ ଆସିଛି । ମନ୍ଦକୁ ଛାଡ଼ି ଭଲକୁ ଆସିବାକୁ, ମନ୍ଦର ନିନ୍ଦା କରିବାକୁ କୁହାଯାଇଛି । ମାତ୍ର ଏହି ତଥାକଥିତ ଭଲ ଓ ମନ୍ଦର ନାନା ଦ୍ୱନ୍ଦ୍ୱ ଏବଂ ତଳଗୋଳ ଭିତରେ ପ୍ରତ୍ୟେକ ମଣିଷ ଭିତରେ ଯେଉଁ ଅସଲ ଜୀବନଟି ପ୍ରତ୍ୟେକ ମୁହୂର୍ତ୍ତରେ ତଥାପି ଆଗକୁ ଯିବାଲାଗି ଚେଷ୍ଟା କରୁଛି, ତାହାକୁ ସବୁ-କିଛିର ପଛରେ ସର୍ବପ୍ରଧାନ କରି ଚହ୍ନି ରଖିବାଲାଗି ମୋତେ ହୁଏତ କେହିହେଲେ କହିନାହାନ୍ତି । ତଥାପି ମଣିଷକୁ ସାଙ୍ଗରେ ନେବାକୁ ହେବ, ଆପଣାକୁ ବି ସାଙ୍ଗରେ ନେବାକୁ ହେବ ।

୨୪ । ୧୨ । ୮୦

ନିଜଠାରୁ ଅଧିକରୁ ଅଧିକ ଦାବୀ କରୁଥିବି ଏବଂ ନିଜପାଇଁ ଅଧିକରୁ ଅଧିକ ଇଚ୍ଛା କରୁଥିବି, ଅସ୍ପୃହା କରୁଥିବି । ମୁଁ ନିଜଠାରୁ ଯେତେବେଳେ ଯାହାକିଛି ଦାବୀ କରିଛି, ଭିତରେ ରହିଥିବା ମୋ'ର ଅତି ଅନ୍ତରଙ୍ଗ ସବୁ ଜାଣୁଥିବା ସାଥୀ ମୋତେ ତାହା ଆଣି ଯୋଗାଇ ଦେବାରେ କଦାପି କୌଣସି କୃପଣତା କରିନାହିଁ । ଆଗକୁ ଅନାଇ ମୁଁ ଯେତେବେଳେ ଯାହାକିଛିକୁ ମନ କରିଛି, ଆସ୍ପୃହା କରିଛି, ମୋ'ର ସବୁଯାକ ଆଖି ଓ ସବୁଯାକ ଗୋଡ଼ ତହିଁ ସଙ୍ଗେ ସଙ୍ଗେ ତାହାରିଲାଗି ପ୍ରସ୍ତୁତ ହୋଇ ଆସିବାପରି ମୁଁ ଅନୁଭବ କରିଛି । ତେଣୁ, ମୁଁ ଯାହାକିଛି ପାଏ, ତାହା ସବୁକିଛି ମୋ' ଭିତରେ ହିଁ ରହିଥାଏ । ଭିତରେ ଅସଲ ଦୁଆରଟିକୁ ଖୋଲି ସେଇଠି ଯାଇ ପହଞ୍ଚି ପାରିବାଟା ହିଁ ଯାହା ବାକି ରହିଥାଏ ।

ନିଜଠାରୁ ଅଧିକରୁ ଅଧିକ ଦାବୀ କରିବାର ଅର୍ଥ ହେଉଛି,—ତାଙ୍କର ଆଖିରେ ନିଜକୁ ଦେଖିବା, ନିଜଭିତରେ ଅଧିକରୁ ଅଧିକ ନିକଟବର୍ତ୍ତୀ ହୋଇ ଆସୁଥିବା ପରି ଅନୁଭବ କରିବା । ସେତେବେଳେ ସବୁ ପାଚେରି ସତେଅବା

ଏକାବେଳେକେ ଭାଙ୍ଗିପଡ଼େ । ଗ୍ରନ୍ଥିର ସବୁଯାକ ପାଚେରି ସକାଳର ସତ୍ୟୋ-ନ୍ମୋଚନ ପାଖରେ ଆପଣା ମନକୁ ଭାଙ୍ଗିପଡ଼େ । ଏହି ପାଚେରିସବୁ କେବେ ପ୍ରକୃତରେ ରହିଥିଲା ବୋଲି ଆଦୌ ମନେ ହୁଏନାହିଁ । ପ୍ରତ୍ୟେକ ଦିନ ସକାଳେ ମୋ' ଜୀବନରେ ଯେଉଁ ସୂର୍ଯ୍ୟୋଦୟ ହୁଏ, ତାହାହିଁ ସତେଅବା ମୋ' ଭିତରେ ଓ ମୋ' ଆଗରେ ରହିଥିବା ସବୁଯାକ ଗନ୍ତାଘରକୁ ଏକାବେଳେକେ ଉଦ୍‌ଘାଟିତ କରିଦେବାରେ ଲାଗିଥାଏ ।

୨୪ । ୧୨ । ୮୦

ପଛର ସ୍ମୃତିଗୁଡ଼ାକ ଯେତେବେଳେ ମନକୁ ମନ ଯୋଡ଼ିହୋଇ ଆସୁଥିବା ପରି ଲାଗେ, ସେତେବେଳେ ଭବିଷ୍ୟ ଭିତରକୁ ପଡ଼ିଥିବା ଆହୁରି ଥୋଡ଼ାଏ ବାଟ ସତେଅବା ଆହୁରି ସ୍ପଷ୍ଟଭାବରେ ଦୃଷ୍ଟିଗୋଚର ହେବାକୁ ଲାଗେ । ପଛରେ ସାଙ୍ଗ ହୁଡ଼ି ରହିଯାଇଥିବା ସାଥୀମାନେ ଯେତେବେଳେ ପୁନର୍ବାର ମନେ ପକାଇ ପାଖକୁ ଆସନ୍ତି, ସେତେବେଳେ ଆମେ ଏକାଠି ହୋଇ ପୁଣି ଥୋଡ଼ାଏ ବାଟ ଆଗକୁ ଚାଲିଯାଇ ପାରିବା ବୋଲି ଭାରି ବିଶ୍ୱାସ ହୁଏ । ଏ ବାଟ ମୋ'ର ନୁହେଁ । ମୋ' ବାଟ ପ୍ରକୃତରେ ମୋ'ର ନୁହେଁ । ସିଏ ମୋତେ ଏହି ବାଟରେ ଗୌରବର ସହିତ ଚାଲିବାର ଅନୁମତି ଦେଇଛି, ବାଟ ଚଲାଇ ସଙ୍ଗେ ସଙ୍ଗେ ସିଏ ମୋ' ଭିତରୁ ତା' ନିଜ ସିଂହାସନଯାଏ ପଡ଼ିଥିବା ସମ୍ପୂର୍ଣ୍ଣ ବାଟଟିକୁ ଏକାବେଳେକେ ଦେଖାଇ ଦେବାରେ ଲାଗିଛି, ଏହି ସବୁଯାକ ବାଟ ତା'ର । ମୋ'ର ଚାଲିବାକୁ ରହିଥିବା ବାଟଟି କେତେଦୂର କ'ଣ ସବୁଛି, ସେକଥା ମୁଁ ଆଜିଯାଏ କେବେହେଲେ ଜାଣି ପାରିଲିନାହିଁ । ମାତ୍ର, ଏହି ବାଟ ଯେ ତା'ର ବାଟ, ସିଏ ମୋ'ଲାଗି ନିରୂପିତ କରି ଦେଇଥିବା ବାଟ, ଜୀବନରେ ଯେହି ଅନୁଭବଟା ହିଁ ଅଧିକରୁ ଅଧିକ ସ୍ପଷ୍ଟ ହେବାରେ ଲାଗିଛି । ଏବଂ, ଏତିକି କ'ଣ କମ୍ ସିଦ୍ଧି ?

୨୬ । ୧୨ । ୮୦

ପୁଣି ସମସ୍ତଙ୍କର ଘରକୁ ଯାଇ ଡାକି ଆଣିବାକୁ ମନ ହେଉଛି । ଦିନେ ଯେଉଁସବୁ ଫୁଲଗଛକୁ ଆମେ ଏକାଠି ବଗିଚାରେ ନେଇ ଲଗାଇଥିଲେ; ଆଜି ସମସ୍ତଙ୍କୁ ଡାକି ସେହିସବୁ ଫୁଲଗଛ ମୂଳେ ଏକାଠି ଧ୍ୟାନସ୍ଥ ହୋଇ, ଶ୍ରଦ୍ଧାନୁଭରି ଓ ନୀରବ ହୋଇ ବସିଯିବାକୁ ମନ ହେଉଛି, ମୋ' ଭିତରେ ଏତେ ଟିକିଏ ହେଲେ ଅଭିଯୋଗ ନାହିଁ । ଏତେ ଟିକିଏ ହେଲେ ବି ବୈରାଗ୍ୟ ନାହିଁ । କେତେ ଏକାଠି ଖୋଜିବାର ଓ ଏକାଠି ଆବିଷ୍କାର କରିବାର ସ୍ମୃତିଗୁଡ଼ାକ ହିଁ ଆଖିରେ ଅଞ୍ଜନ ପରି ବୋଳି ହୋଇ ରହିଛି ।

ଜୀବନରେ ଯେଉଁଠି କବାଟ ପକାଇ ଦିଆହୋଇଛି, ସେଠାରୁ ମୁଁ ଅତ୍ୟନ୍ତ ଶାନ୍ତ ଏବଂ ନୀରବ ଭାବରେ ବାହାରି ଆସିଛି । ଏବଂ ଅପେକ୍ଷା କରି ରହିଛି । ଏହି ସଂସାରରେ କେବେହେଲେ କେଉଁଥି ସକାଶେ ଅପମାନିତ ବି ଲାଗିନାହିଁ । ଆଘାତଗୁଡ଼ାକ ମୋତେ ଅଧିକ ନମନୀୟ ହେବାର ଶିକ୍ଷା ଦେଇଛନ୍ତି । ଆହୁରି ଅଧିକ ଅପେକ୍ଷା କରି ଶିଖାଇଛନ୍ତି । ବେଳେ ବେଳେ ଏପରି ବି ଭାରି ମନେହୁଏ ଯେ, ମୁଁ ସତେଯେପରି କୋଉଠିହେଲେ କାହାକୁ ବି ପଛରେ ଛାଡିଦେଇ ଆସିନାହିଁ । ଯିଏ ମୋତେ ଛାଡ଼ିଦେଇ ପଛରେ ରହିଯାଇଛି, ମୁଁ ତାକୁ ମଧ୍ୟ କେତେ ଲୋଭରେ ଓ କେତେ ପ୍ରତ୍ୟାଶାରେ ସାଙ୍ଗରେ ଆଣିଛି । ଏଗୁଡ଼ାକ ମୋ' ଜୀବନର ବୋଝ ନୁହେଁ, ଏଗୁଡ଼ାକ ଅତୀତର ବୋଝ ମୋଟେ ନୁହେଁ । ଏଗୁଡ଼ାକ ମୋ' ଅନୁଭବର ସୋପାନ । ତେଣୁ, ଆଜି ସେମାନଙ୍କୁ ପ୍ରତ୍ୟେକଙ୍କୁ ମୋ'ର ପ୍ରଣାମ ଜଣାଉଛି ।

୨୮ । ୧୨ । ୮୦

ଏହି ସମୁଦ୍ର, ଏହି ଆକାଶ, ଦୂରରୁ ଭାସି ଆସୁଥିବା ଏହି ସଙ୍ଗୀତ ଏବଂ ତରଙ୍ଗର ଉଲ୍ଲୋଳ ଶବ୍ଦ,— ଏବଂ ସର୍ବୋପରି ଏହି ସବୁକିଛିକୁ ଠିକ୍ ଜନନୀ ପରି ଆପଣାର ବ୍ୟାପ୍ତ କୋଳ ଭିତରେ ସମାହିତ ରଖିଥିବା ଏହି ଅନ୍ଧକାର, ଏସବୁ ମୋତେ କେଡ଼େ ସହଜରେ ବାହାରୁ ମଧ୍ୟ ଭିତରକୁ ସଂବୃତ କରି ନେଇଆସେ । ଅନେକ ସମୟ ପର୍ଯ୍ୟନ୍ତ ମୁଁ ବାହାର ଭିତର କିଛି ବାରି ପାରେନାହିଁ, ଆଲୁଅ ଅନ୍ଧାର ବି ବାରି ପାରେନାହିଁ, ସ୍ଥିରତା ଆଉ ଚଞ୍ଚଳତାକୁ ପରସ୍ପରଠାରୁ ଅଲଗା କରି ମୋଟେ ଦେଖି ପାରେନାହିଁ । କେବଳ ସବୁକିଛି ଭାରି ସ୍ୱାଭାବିକ ଲାଗେ; ଭାରି ହାଲୁକା ଲାଗେ, ଭାରି ସହଜ ଲାଗେ ଓ ଭାରି ନିଜର ବୋଲି ଲାଗେ । ଏହି ସବୁକିଛି ମୋ'ର ଅତ୍ୟନ୍ତ ନିଜର । ଏହି ସବୁକିଛି ଗୋଟିଏ ଡୋର ହୋଇ ମୋତେ ବିଶ୍ୱର ପରମ ବ୍ୟାପ୍ତିଟି ସହିତ ଏକାଠି ବାନ୍ଧି ରଖିଛି ଅଥବା ମୋତେ ସବାଆଗ ଗୋଟିଏ ଡୋର ପରି ବ୍ୟବହାର କରି ବିଶ୍ୱବ୍ରହ୍ମାଣ୍ଡକୁ ସତେଅବା ହାତପାଆନ୍ତାର ଓ ସମ୍ପୂର୍ଣ୍ଣ ଭାବରେ ଛୁଇଁ ହେଲାଭଳି ଗୋଟିଏ ବିନ୍ଦୁରେ ଆଣି ଠୁଳ କରି ରଖିଛି । ଏହି ସକାଳ ଭାରି ନିଜର ଲାଗେ । ଆପଣାର ସମସ୍ତ ଦିଗ୍‌ବଳୟକୁ ଧନ୍ୟ କରି ଏହି ସକାଳଟି ସତେଅବା ଖାଲି ମୋତେ ନିଜକୁ ହିଁ ରାତ୍ରିର ସାଗର ଭିତରୁ ଆଲୋକର ସାଗର ମଧ୍ୟକୁ ଉଠାଇ ଆଣୁଥିବା ପରି ମନେହୁଏ ।

ଏସବୁ ମୁହୂର୍ତ୍ତରେ ସବୁ କୁଣ୍ଠା କୁଆଡ଼େ ବାଟ ଛାଡ଼ିଦେଇ ପଳାଇ ଯାଆନ୍ତି । କେବଳ ସବୁ ଭଲ ଲାଗେ, ସବୁ ହାଲୁକା ଲାଗେ, ସବୁ ଖୁସୀ ଲାଗେ,

ଏହି ସବୁକିଛି ସତେଅବା କେତେ ଆତ୍ମୀୟତାରେ ପୂର୍ଣ୍ଣ ହୋଇ ରହିଥିବା ପରି ଅନୁଭବ ହୋଇଥାଏ ।

୩୦ । ୧୨ । ୮୦

ବରଷଟି ଶେଷ ହେବାକୁ ଯାଉଛି ବୋଲି ମନେ ପଡ଼ିଲା ବେଳକୁ ଆଗାମୀ ବରଷଟିର ଦୂରସ୍ପର୍ଶ ଆସି ସତେଅବା ଦେହ ଉପରେ ବାଜିଯିବାକୁ ଆରମ୍ଭ କଲାଣି । ଯେଉଁ ବର୍ଷଟି ଯାଉଛି ଏବଂ ଯେଉଁ ବର୍ଷଟି ଆସୁଛି, ଦୁଇଟି ମଧ୍ୟରେ ମୋ' ଭିତରେ ସତେଅବା ଗୋଟାଏ ସୂତା ଛିଅପରି ଲାଗିରହିଛି ବୋଲି ମନେ ହେଉଛି ।

ବର୍ଷ ପରେ ବର୍ଷ ଚାଲି ଯାଉଥିଲେ ମଧ୍ୟ ସିଏ କଳେ ଆଦୌ କୌଣସି ପଥ ଚାଲି ପାରେନାହିଁ, ହୁଏତ ସେହି ବ୍ୟକ୍ତି ପୁରୁଣା ସହିତ ନୂଆଟିକୁ ମୋଟେ ଯୋଡ଼ି ପାରେନାହିଁ । ତେଣୁ, ସେ ପଛକୁ ଅନାଇ ଖାଲି ଦୁଃଖ ପାଏ, ଆଗକୁ ଅନାଇ ବି ଖାଲି ଭୟ ପାଏ । ପଛଟା ତା' ଜୀବନରେ ସତେଅବା ଗୋଟାଏ ଫାଶ ପରି ଗୁଡ଼ାଇହୋଇ ରହିଥାଏ ଏବଂ ଭବିଷ୍ୟଟା ବି ତାକୁ ଗୋଟାଏ ଏକାବେଳେକେ ଅଜ୍ଞାତ ଗିରିଗୁମ୍ଫା ପରି ଦେଖା ଯାଉଥାଏ । ଏବଂ, ନିଜ ଭିତରେ ସିଏ ଗୋଟାଏ ବରଷ ବୁଢ଼ା ହୋଇ ଯାଉଥିବା ପରି ଅନୁଭବ କରୁଥାଏ । ଯାହା ଆସୁଛି, ସିଏ ସେଇଟାକୁ ମୋଟେ ଗୋଟିଏ ପଥ ପରି ଗ୍ରହଣ କରି ପାରେନାହିଁ । ଏହି ପଥର ଯେ ଆଦୌ କୌଣସି ଶେଷ ନାହିଁ, ସେକଥାଟିର ସିଏ କଳ୍ପନା ବି କରି ପାରେନାହିଁ । ସିଏ ପୁରୁଣାର କେତେ କ'ଣ ସ୍ମୃତି ଓ ସାମଗ୍ରୀକୁ ନିଜର ବ୍ୟାକୁଳ ଘରଟି ଭିତରେ ସତେଅବା ଗୋଟାଏ ମିଉଜିଅମ୍ ପରି ସାଇତି ରଖିଥାଏ । ତା'ର ବୁଦ୍ଧିଟି ସ୍ମୃତିକାତର ହୋଇ ରହିଥାଏ ।

୩୧ । ୧୨ । ୮୦

ପୁରୁଣା ବର୍ଷରେ ସାଇତି ଧରିଥିବା ସବୁକିଛି ସାମଗ୍ରୀ ନେଇ ମୁଁ ନୂଆ ବର୍ଷରେ ପ୍ରବେଶ କରିବି । ପୁରୁଣା ବୋଲି କିଛି ଛାଡିଦେଇ ଯିବିନାହିଁ । ପୁରୁଣା ବର୍ଷର ଲୋଡ଼ା, ଅଲୋଡ଼ା ସବୁକିଛି ମୋ' ଉପରେ ଯେଉଁ ଚିହ୍ନ ରଖିଯାଇଛି, ସେହି ଚିହ୍ନଗୁଡ଼ିକୁ ମୁଁ ସମ୍ୟକ ପରି ବ୍ୟବହାର କରି ଆଜିର ଦୁଆରବନ୍ଧକୁ ଡେଇଁ ସେପାଖକୁ ଯିବି । ଏବର୍ଷର ପୂର୍ଣ୍ଣକୁମ୍ଭଟିକୁ ନେଇ ମୁଁ ଆସୁଥିବା ବରଷଟିର ପାଦ-ଉପରେ ଢାଳିଦେବି । ଧନ୍ୟ ହେବି ।

ଏହି ବର୍ଷର ସମଗ୍ର ମାର୍ଗଟି ଯାଇ ଯେଉଁଠି ଆସୁଥିବା ବର୍ଷଟି ସହିତ ସମ୍ପୂର୍ଣ୍ଣ ଭାବରେ ମିଶିଯାଇଛି, ନୂଆ ବର୍ଷଟି ଆସିବା ପୂର୍ବରୁ ମଧ୍ୟ ମୁଁ ସେହି ସ୍ଥାନଟିକୁ ଅତ୍ୟନ୍ତ ସ୍ପଷ୍ଟ ଭାବରେ ଦେଖିବାକୁ ପାଉଛି । ମନେ ହେଉଛି, ପୁରୁଣା ବର୍ଷ ଓ ନୂଆ

ବର୍ଷ ବୋଲି ସଚେତନପରି ଆଗ୍ରହୀ କିଛିହେଲେ ନାହିଁ । କେବଳ ପରିଚୟଗୁଡ଼ିକ ଗୋଟିକପରେ ଗୋଟିଏ ହୋଇ ଗୋଟିଏ ସୋପାନ ପରି ହୋଇ ଏଠୁ ସେଯାଏ ପଡ଼ିଛି । ଏହି ସୋପାନଗୁଡ଼ିକର ପୁରୁଣା ବା ନୂଆକୁ ବାଛିବାଲାଗି ମୁଁ କେବେ-ହେଲେ ଆବଶ୍ୟକ ମନେ କରିନାହିଁ । ଭିତରେ ଏପରି ଏକ ବନ୍ଧୁ, କେତେ ଅନୁ-ରାଗକୁ ଗୋଟିଏ ଆସ୍ଥିରେ ପରିଣତ କରି ବସିଛି, ଯିଏକି ମୋ'ଲାଗି ପୁରୁଣାଗୁଡ଼ାକୁ ନୂଆ ସହିତ ଏବଂ ନୂଆଗୁଡ଼ିକୁ ପୁରୁଣା ସହିତ ସଂଯୁକ୍ତ କରି ରଖିଛି । ମୁଁ ଚାଲି ଯାଉଥିବା ବରଷଟିରେ ମୋଟେ କିଛି ହରାଇନାହିଁ, କିଛିହେଲେ ଅନାଦର କରି ଫିଙ୍ଗି ଅସିନାହିଁ । ତେଣୁ, ଉପଲବ୍ଧ ଓ ଅନୁପଲବ୍ଧ ଭିତରେ ଆପଣାକୁ କେବଳ ଏକ ସେତୁ ପରି ମନେହେଉଛି ।



୧।୧।୮୧

ମୋ'ର ଭିତରେ ପୁରୁଣା ଭିତରେ ଯାହାକିଛି ନୂଆ ଜନ୍ମଲାଭ କରୁଛି ଆଜି ନୂତନ ବର୍ଷର ଅବସରରେ ମୁଁ ସେହିଗୁଡ଼ିକ ପ୍ରତି ମୋ'ର ଅଭିନନ୍ଦନ ଜଣାଉଛି । ପୁରୁଣାକୁ ଛାଡ଼ି ନୂଆ ଭିତରେ ପ୍ରବେଶ କରିବା,—ଜୀବନରେ ମୁଁ ଏପରି କେବେହେଲେ ଅନୁଭବ କରିନାହିଁ । ପୁରୁଣା ଚାଲି ଯାଏନାହିଁ । ପୁରୁଣା ପୁଞ୍ଜିରୂପେ ବ୍ୟବହୃତ ହୁଏ । ଏହି ଦୃଷ୍ଟିରୁ ଦେଖିଲେ ପୁରୁଣାର ଖିଅଟି ନୂଆ ସହିତ ସବୁବେଳେ ଲାଗିଥାଏ । ପୁରୁଣା ହିଁ ଏକ ନୂତନ ଆକାଂକ୍ଷା ନେଇ ନୂଆ-ରୂପେ ପ୍ରତିଭାତ ହୋଇଉଠେ । ତେଣୁ ଆଜି ଯେଉଁ ବର୍ଷଟି ଗଲା, ତାକୁ ମୋ'ର ନମସ୍କାର; ଯେଉଁ ବର୍ଷଟି ଆରମ୍ଭ ହେଲା, ତାକୁ ମଧ୍ୟ ମୋ'ର ନମସ୍କାର । ମୁଁ ଯଦି ଜୀବନର ପ୍ରତ୍ୟେକ ମୁହୂର୍ତ୍ତିରେ ଏହିପରି ଭାବରେ ନିଜ ଜୀବନରେ ଓ ନିଜ ଅନୁଶୀଳନ ଗୁଡ଼ିକରେ ପୁରୁଣା ଓ ନୂଆ ଭିତରେ ଗୋଟିଏ ସେତୁ ପରି ହୋଇ ରହି ପାରୁଥିବି, ତେବେ ମୋତେ ପୁରୁଣା ବା ନୂଆ କାହାକୁହେଲେ ବି ଡ଼ରିବାକୁ ପଡ଼ିବନାହିଁ ।

ଗଣି କରି ସମୟର ହୃଦୟକୁ ଜାଣୁଥିବା ଜ୍ୟୋତିର୍ବିଜ୍ଞମାନେ କହୁଛନ୍ତି ଯେ ଆଗକୁ ଭାରି ଖରାପ ସମୟ ଆସୁଛି । ସେମାନେ ଆଗାମୀ ଚାରି ପାଞ୍ଚ ବର୍ଷ ଭିତରେ କ'ଣସବୁ ବିପଦ ଓ ଦୁର୍ବିପାକ ଘଟିବ, ସେଗୁଡ଼ାକୁ ଗଣି କରି କହିଦେଲେଣି । ସେଗୁଡ଼ାକ ଉପରେ ମୋ'ର ବିଶ୍ୱାସ ନାହିଁ, ଅବିଶ୍ୱାସ ବି ନାହିଁ । ଯେଉଁଗୁଡ଼ାକ ଉପରେ ବିଶ୍ୱାସ ରଖି ମୁଁ ଜୀବନର ବାଟ ଚାଲୁଛି, ସେଇଗୁଡ଼ିକ ମୋର ଆଖି ଆଗରେ ସବୁବେଳେ ରହିଥିବା ପର୍ଯ୍ୟନ୍ତ ମୋ'ର କୌଣସି ଅବିଶ୍ୱାସରେ ଆଦୌ

କୌଣସି କାର୍ଯ୍ୟ ନାହିଁ । ମୁଁ ସେହି ବିଶ୍ୱାସଗୁଡ଼ାକର କଥା ମାନିବି, ମୁଁ ସେହି ବିଶ୍ୱାସଗୁଡ଼ାକର ବାଟ ହିଁ ଖୋଲିବି ।

୩ । ୧ । ୮୧

ମଣିଷ ଯେତିକ ଯେତିକ ପାଖ ହୋଇ ଆସୁଥାଏ, କ୍ଷୁଦ୍ରଗୁଡ଼ାକ ସେତିକ ବୃହତ୍ତ୍ ହୋଇ ଦିଶନ୍ତି, ଅଳ୍ପଗୁଡ଼ାକ ବହୁତ ହୋଇ ଦିଶନ୍ତି । ପରମାନେ ସମସ୍ତେ ଆପଣାପର ଦିଶିବାକୁ ଆରମ୍ଭ କରନ୍ତି । ଦୂରତାଗୁଡ଼ାକ ଖିଅ ପରି ଦିଶନ୍ତି । ତେଣୁ ଲୋଭ ଯାଏନାହିଁ, ଲୋଭ ବଢ଼େ । ଏତିକ ପାର୍ଥକ୍ୟ ଯେ, ସେହି ଲୋଭ ସଙ୍କୁଚିତ କରି ପକାଏ ନାହିଁ, ତାହା ପ୍ରସାରିତ କରେ ।

ଏହି ପ୍ରସାରିତ ହୋଇଯିବାକୁ ହିଁ ମୁଁ ଜୀବନର ସବୁଠାରୁ ବଡ଼ ଧର୍ମ ବୋଲି ଗ୍ରହଣ କରିଛି । ସଙ୍କୁଚିତ ହୋଇ ପଡ଼ିବା ହିଁ ସବୁଠାରୁ ବଡ଼ ପ୍ରମାଦ । ସେହି ଭଳି ଅନୁଭବ କରିପାରିଲେ ସମସ୍ତେ ଗୋଟିଏ ହୋଇ ଦିଶନ୍ତି, ସତେଅବା ଗୋଟିଏ ଆତ୍ମୀୟତା ମଧ୍ୟରେ ବାନ୍ଧିହୋଇ ରହିଥିବାର ଦେଖାଯାଆନ୍ତି, ସେହି ଅନୁଭବ ହିଁ ମୋତେ ନିଜର ଅନେକ ଅଡ଼ୁଆ ଆଉ ଅଳନ୍ଧୁ ଭିତରୁ ଆଗକୁ ଆଗକୁ ଭିତରକୁ ଭିତରକୁ ବାଟ କଢ଼ାଇ ନେଇଛି । ନିଜର ଗଭୀରକୁ ଅଧିକରୁ ଅଧିକ ଶ୍ରଦ୍ଧା ଓ ଗ୍ରହଣଶୀଳତା ସହିତ ପ୍ରବେଶ କରିବା ସଙ୍ଗେ ସଙ୍ଗେ ମୁଁ ଯେପରି ଅନ୍ୟ ସମସ୍ତଙ୍କର ଓ ସବୁଟିର ଅଚଳ ସଦନଟିକୁ ପ୍ରବେଶ କରିବାର ଅନୁମତି ପାଇ-ଯାଇଛି । ମୋ'ର ସକଳ କର୍ମ, ଜ୍ଞାନ ଓ ଭକ୍ତିର ଏହାହିଁ ଯେ ଲକ୍ଷ୍ୟ, ଏହି କଥାଟିକୁ ମୁଁ ନିଜ ଭିତରେ ଅଧିକରୁ ଅଧିକ ସ୍ପଷ୍ଟ କରି ଗ୍ରହଣ କରିଛି । ଏତିକ ମୁକ୍ତି କ'ଣ ସହଜ ହୋଇଛି ? ଏହାପରେ ଆଉ କୋଉଠି କି ସ୍ୱର୍ଗ ଅଛି, ସେକଥା ମୁଁ ଜାଣେନାହିଁ, କିନ୍ତୁ ଏଇଠି ମୁଁ ମୋ'ର ଅଚଳ ସମ୍ପଦଟିକୁ ପାଇଛି ।

୪ । ୨ । ୮୧

ଜୀବନର ସ୍ୱାଭାବିକ ଅବସ୍ଥା ହେଉଛି ସୁସ୍ଥ ଅବସ୍ଥା । ସୁସ୍ଥ ଅବସ୍ଥା ହେଉଛି ଏକ ସମଗ୍ର ଅବସ୍ଥା, ଅନ୍ତରୁ ଆନନ୍ଦପାଏ ଆପଣାକୁ ଏକ ଅବିଚ୍ଛିନ୍ନ ସମଗ୍ରତାରୂପେ ଅନୁଭବ କରିବାର ଅବସ୍ଥା । ଯେତେବେଳେ ଭିତରେ କେହି କାହାରିଠାରୁ ଅଲଗା ବୋଲି ମୋଟେ ମନେ ହୁଏନାହିଁ । ଦେହ ମଧ୍ୟ ସାଙ୍ଗରେ ରହିଥାଏ । ଦେହକୁ ଜବରଦସ୍ତି ଶୃଙ୍ଖଳା ଭିତରେ ରଖିବାର ଆଦୌ କୌଣସି ଆବଶ୍ୟକତା ନଥାଏ, ଦେହକୁ ଅବିଶ୍ୱାସ କରିବାର ଆଦୌ କୌଣସି ଅବସର ମଧ୍ୟ ନଥାଏ । ଦେହଟାକୁ ନାନା କଠୋର ବେଡ଼ୀଦ୍ୱାରା ବାନ୍ଧି କରି ଓ ବାଧ୍ୟ କରି ରଖିବାର ଆଦୌ କୌଣସି ଆବଶ୍ୟକତା ନଥାଏ ।

ହଁ, ଦେହ ପ୍ରକୃତରେ ସାଙ୍ଗେ ସାଙ୍ଗେ ରହିଥାଏ । ଦେହକୁ କୌଣସି କାରଣରୁ ଅଲଗା କରିଦେବା ସଙ୍ଗେ ସଙ୍ଗେ ହିଁ ରୋଗର ସୂତ୍ରପାତ ହୁଏ । ତେଣୁ, ଏହି ଦେହ କୌଣସି ଅବସ୍ଥାରେ ମଧ୍ୟ ସାଙ୍ଗ ଛାଡ଼ି ରହିଯିବାକୁ ମୋଟେ ମନ କରେନାହିଁ । ଆମର ଭାବନା ଓ ଅନୁଭବଗୁଡ଼ାକ ସଂସ୍କାରଗତ ନାନା କାରଣରୁ ଖଣ୍ଡିତ ହୋଇପଡ଼େ, ଗୋଟାକୁ କେବଳ ଅନ୍ନ ବା କେବଳ ଜଡ଼ କରି ଆମେ ଆଉଗୋଟାକୁ କେବଳ ଆନନ୍ଦ ବୋଲି କହିବାକୁ ଆରମ୍ଭ କରୁ । ଏବଂ ସେଇଥିଲାଗି ସେଆଡ଼କୁ ପଳାଇବାର ପାଞ୍ଚ କରୁଥାଉ । ଏବଂ, ଏଠି ଯୋଉଠି ରହିଥାଉ, ତା'ପ୍ରତି ପ୍ରଧାନତଃ ଏକ ଅବଜ୍ଞାଭାବ ପୋଷଣ କରୁଥାଉ । ଯାବତୀୟ ଅବଜ୍ଞା ରୋଗ ଲାଗି ବାଟ ଖୋଲିଦିଏ, ସ୍ୱାସ୍ଥ୍ୟକୁ ଅନ୍ତରାଳ କରି ରଖେ ।

୧୨ । ୧ । ୮୧

ଦେହ ବିରୁଦ୍ଧରେ ଅଭିଯୋଗ କରିବିନାହିଁ, ଦେହକୁ ବି ସାଙ୍ଗରେ ନେଇକରି ଯିବାକୁ ହେବ । ଏହି ବାଟଚଲାରେ ମୋ' ଦେହର ମଧ୍ୟ ପୂର୍ଣ୍ଣ ଭାଗ ରହିଛି । ଆମ ଜୀବନରେ ଆମେ ଅନେକ ସମୟରେ ଦେହକୁ ସତେଅବା ଏକ ଭୃତ୍ୟପରି ବ୍ୟବହାର କରିଥାଉ, ଭୃତ୍ୟପରି କାମରେ ଲଗାଇଥାଉ ଓ ଭୃତ୍ୟପରି ବିଚାର କରିଥାଉ । ସତେ ଯେପରି ଏହି ଦେହଟାର କେବଳ ବୋଲ ମାନିବା ବ୍ୟତୀତ ଆଉ ଅନ୍ୟ କୌଣସି ଧର୍ମ ନାହିଁ ବା ଅନ୍ୟ କୌଣସି ନିଯୁକ୍ତି ନାହିଁ । ଦେହ ଉପରେ ଯେତେବେଳେ ମନର ଓ ପ୍ରାଣର ଦୌରାତ୍ମ୍ୟ ଚାଲିଥାଏ, ସେତିକିବେଳେ ଦେହଟାକୁ ନେଇ ଆମେ ଯାବତୀୟ ପ୍ରକାରର ଭ୍ରାନ୍ତିପୂର୍ଣ୍ଣ ଆଚରଣ କରିଥାଉ । ଦେହକୁ ସେତେବେଳେ ଆମେ କେତେ ଦାସ୍ୟମାତ୍ର ଭାବରେ ସଜ୍ଞାହୀନ କରି ନ ରଖୁ !

ମୁଁ ଦେହକୁ ସାଙ୍ଗରେ ନେବି । ତା'ର ପରିପୂର୍ଣ୍ଣ ଅସ୍ତିତ୍ୱ ଏବଂ ପରିପୂର୍ଣ୍ଣ ନିଯୁକ୍ତିଟିକୁ ସ୍ୱୀକାର କରିବି । ନିଜର ଦେହଟିକୁ ମୁଁ ଆପଣା ଅଭୀପ୍ସାର କ୍ଷେତ୍ରଟିରେ ଏକ ପୂର୍ଣ୍ଣ ସହଯାତ୍ରୀରୂପେ ସ୍ୱୀକାର କରିନେବି । ଏହି ପବନ, ଆଲୋକ ଏବଂ ଆନନ୍ଦରେ ଯେ ଦେହର ପୂର୍ଣ୍ଣ ଅଧିକାର ରହିଛି, ସେକଥା ମୁଁ ସ୍ୱୀକାର କରିବି । ଦେହର ସୁସ୍ଥତା ଓ ଅସୁସ୍ଥତା ମୋ' ମନର ଖିଆଲଟା ଅନୁସାରେ କଦାପି ପରିଚାଳିତ ହେବନାହିଁ । ମୋ' ଦେହର ଅସଲ ସ୍ପନ୍ଦଟି ଯେ କେବଳ ମୋ'ର ଅସଲ କେନ୍ଦ୍ରଟି ସହିତ ଲାଗିଛି, ମୁଁ ଏକଥା ସ୍ୱୀକାର କରିବି, ଏହି କଥାଟିକୁ ନିଜ ଜୀବନର ଏକ ସତ୍ୟରୂପେ ଅନୁଭବ କରିବାକୁ ସମର୍ଥ ହେବି ।

୨୫ । ୧ । ୮୧

ଖାଲି ଗୋଟିଏ ଜାଗାରେ ବସି ଆପଣା ଆଡ଼କୁ ଅନାଇବାକୁ ଇଚ୍ଛା ହେଉଛି, ଆପଣାକୁ ଅନାଇବା ସଙ୍ଗେ ସଙ୍ଗେ ସମଗ୍ର ବିଶ୍ୱଭୁବନ ଆଡ଼କୁ ଅନାଇବା

ଯେ ସମ୍ଭବ ହୋଇ ପାରିବ, ସେହି ବିଶ୍ୱାସଟିକୁ ଅନୁଭବ କରିବାଲାଗି ଆଉ କୌଣସି କଷ୍ଟ କରିବାକୁ ପଡ଼ୁନାହିଁ । ଆପଣାକୁ ଯଥାର୍ଥ ଭାବରେ ସ୍ପର୍ଶ କରିପାରିଲେ ସମସ୍ତ ବିଶ୍ୱଭୁବନକୁ ମଧ୍ୟ ଯେ ସ୍ପର୍ଶ କରିପାରିବା ସମ୍ଭବ, ସେକଥାରେ ଅନ୍ତଃପ୍ରତ୍ୟୟ ଆସିଗଲାଣି ।

ଚାରିଆଡ଼େ ଖାଲି କୋଳାହଳ ଲାଗିରହିଛି । ସମସ୍ତେ ସତେଅବା ସେଇ କୋଳାହଳଗୁଡ଼ାକ ଉପରେ ଆଶ୍ରୟ କରି ରହିଛନ୍ତି । ଯିଏ ଯେତେ ଅଧିକ କୋଳାହଳ କରିପାରୁଛି, ସିଏ ସେତେ ସାଫଲ୍ୟ ଅର୍ଜନ କରିବ ବୋଲି ସତେଅବା ଭାରି ଦେଖାଇ ହେବାକୁ ଚାହୁଁଛି । ଗୋଟାଏ ଜାଗାକୁ ଆସି ଭାରି ନିରାପଦ ହୋଇ ଅଟକି ଯାଇଥିବାରୁ ହୁଏତ ସିଏ କୋଳାହଳ କରିବାରେ ଲାଗିଛି । ମୋ' ବାଟଟି ମୋତେ ଭାରି ପରିଷ୍କାର ହୋଇ ଦିଶିଯାଉଛି । ତେଣୁ, ମୋ' ଜୀବନରେ କୋଳାହଳ କରିବାର, ଅଫିମ ଖାଇବାର ଅଥବା ଅଟକି ରହି ସଂସାର ଗୋଟାକୁ ସେଇଠାକୁ ଟାଣିବାଲାଗି ମୋ'ର ମୋଟେ କୌଣସି ଆବଶ୍ୟକତା ନାହିଁ । ଜାହାକୁ ଭଲ ପାଇଲେ ଯେମିତି ଚୁପ ହୋଇ ଯିବାକୁ ମନ ହୁଏ, ସେମିତି ଆପଣା ଭିତରେ ବିଶ୍ୱଭୁବନକୁ ଅନାଇ ରହିବାକୁ ମନ ହୁଏ, ଏବେ ଠିକ୍ ସେମିତି ଲାଗୁଛି । ହଁ କୋଳାହଳର ଆଉ ମୋଟେ କୌଣସି ଆବଶ୍ୟକତା ନାହିଁ । କେବଳ ଅଧିକରୁ ଅଧିକ ସମୀପବର୍ତ୍ତୀ ହେବାର ହିଁ ଆବଶ୍ୟକତା ରହିଛି ।

୨୭ । ୧ । ୮୧

କାଲି ପ୍ରଣାମ କଲାବେଳେ ଭାରତବର୍ଷର ମାନଚିତ୍ରକୁ ମୋ' ସମ୍ମୁଖରେ ଦେଖିବାକୁ ପାଇଲି । ମାନଚିତ୍ରଟି ଠିକ୍ ତାଙ୍କର ଚରଣପ୍ରାନ୍ତରୁ ଏପାଏ ଲମ୍ବି ଆସିଥିଲା ଏବଂ ସମଗ୍ର ମାନଚିତ୍ରଟି ଉପରେ ବହଳ ହୋଇ ଗଙ୍ଗଶିଉଳୀ ଫୁଲ ଜମା ହୋଇ ରହିଥିଲା, ପ୍ରଣାମ କରୁଥିବା ସମୟରେ ମୁଁ ମଧ୍ୟ ତାହାର ଭିତରେ ଗୋଟିଏ ଗଙ୍ଗଶିଉଳୀ ଫୁଲ ପରି ଅନୁଭବ କରିବାକୁ ଲାଗିଲି । ଏ ଦେଶ ସହିତ ମୋ'ର ସମ୍ପର୍କ ପ୍ରକୃତରେ ଏକ ଅଭୀପ୍ସାର ସମ୍ପର୍କ, ଏକ ସମର୍ପଣର ସମ୍ପର୍କ ।

ଏହି ଦେଶକୁ ମୁଁ କେବେହେଲେ ଆପଣାର ଏକ ସମ୍ପତ୍ତି ବୋଲି ମନେ କରିନାହିଁ । ଏହି ଦେଶ ଯେ ମୋତେ ନିଜକୁ ଏତେ ସମଗ୍ର ଭାବରେ ସମର୍ପିତ କରି ରଖିବାର ସୁଯୋଗ ଦାନ କରିଛି, ସେଇଥିଲାଗି ଏହି ଦେଶ ପ୍ରତି ସଦା କୃତଜ୍ଞ ହୋଇ ରହିଥାଏ । କୃତଜ୍ଞତା ଯେତିକି ଘନିଷ୍ଠ ହେଲେ ଏହି ଦେଶ ପ୍ରକୃତରେ ମୋ' ନିଜ ଦେଶ ବୋଲି ଅନୁଭୂତ ହେବ, ଏହି କୃତଜ୍ଞତା ପ୍ରକୃତରେ ସେତିକି ଘନିଷ୍ଠ ହୋଇ ରହିଛି । ଏହି ଘନିଷ୍ଠତା ମୁଖ୍ୟତଃ ସେହି ଅଭୀପ୍ସା ଓ ସେହି ସମର୍ପଣଜନିତ ଘନିଷ୍ଠତା । ସମ୍ଭବତଃ ସେଇଥିଲାଗି ହିଁ ଏହି ଦେଶ ଏତେ ଭଲଲାଗେ,

ଏତେ ଅପଣାର ଲାଗେ । ଏହି ଦେଶର ବିସ୍ତାର ଭିତରେ ଆପଣାର ଭୂମିଟିକୁ ଅନୁଭବ କଲାବେଳେ ସବୁ ଅହଂକାର ଓ ସବୁ ବିଚ୍ଛିନ୍ନତା ଲୁଆଡେ ଅନ୍ତର୍ହିତ ହୋଇଯାଏ । ଏହି ଦେଶର ମାଧ୍ୟମରେ ମୋ'ର ପ୍ରଣାମଟି ସତେଯେପରି ସିଧା ତାଙ୍କର ପାଦଯାଏ ଯାଇ ପହଞ୍ଚି ଯାଉଥିବା ପରି ଲାଗେ ।

୨୮ । ୧ । ୮୧

ମଣିଷ ନିଜକୁ ଦେଖି ପାରୁଥିଲେ ମଧ୍ୟ ଏହି ସଂସାରର ସବୁକିଛିକୁ ଦେଖି-ପାରୁଥାନ୍ତା, ତାହାର ସହିତ ଏହି ସଂସାର ଭିତରେ ବାସ କରୁଥିବା ଅନ୍ୟ ସମସ୍ତଙ୍କୁ ବି ଦେଖି ପାରୁଥାନ୍ତା । ଯେଉଁମାନେ କେବଳ ନିଜକୁ ଦେଖି, ନିଜର ଭଲ ଓ ନିଜର ସ୍ୱାର୍ଥ, ନିଜର ନିତ୍ୟପରମ୍ପରାଗୁଡ଼ିକୁ ଦେଖିବାକୁ ଯାଇ ଆଉ କିଛିହେଲେ ଦେଖି ପାରନ୍ତିନାହିଁ, ସେମାନେ ସମ୍ଭବତଃ ନିଜକୁ ମଧ୍ୟ ଯଥାର୍ଥରେ ଦେଖି ପାରନ୍ତିନାହିଁ । ସେମାନେ ଆପଣାର ଅସଲ କେନ୍ଦ୍ରଟିର ଚାରିପାଖରେ ଘୂରି ବୁଲୁଥାନ୍ତି ସିନା, ମାତ୍ର ଅସଲ କେନ୍ଦ୍ରଟିକୁ ମୋଟେ ସ୍ପର୍ଶ କରି ପାରନ୍ତିନାହିଁ । ନିଜର ଅସଲ କେନ୍ଦ୍ର-ଟିରେ ଯେ ଆଉ ସବୁଯାକ କେନ୍ଦ୍ର ଏକାଠି ଆସି ମିଳିତ ହୋଇଛନ୍ତି ସେମାନେ ସେଇଟିକୁ ମୋଟେ ଠଉରାଇ ପାରନ୍ତିନାହିଁ ।

ଯଥାର୍ଥ ଭାବରେ ଜୀବନପରାୟଣ ହୋଇପାରିଲେ ଆଉ କେବଳ ସ୍ୱାର୍ଥ-ପରାୟଣ ହୋଇ ରହିବା ମୋଟେ ସମ୍ଭବ ହୋଇ ପାରେନାହିଁ । ଆପଣାକୁ ପାଇବା ବାଟରେ ସମସ୍ତଙ୍କ ସହିତ ନିବିଡ଼ ଭାବରେ ଲାଗିଥିବା ଅସଲ ଖିଅଟିର ବି ଧରିବାକୁ ମିଳିଯାଏ ଏବଂ ତାହାହିଁ ଆପଣାର ସମଗ୍ର ପରିଚୟଟିକୁ ଲାଭ କରିବାରେ ସବୁଠାରୁ ଅଧିକ ସହାୟକ ହୁଏ । ମୋ'ର ଯାବତୀୟ ଧର୍ମ ଏବଂ ଯାବତୀୟ ଅନ୍ୱେଷଣ ମୋତେ ଅଧିକରୁ ଅଧିକ ପରିମାଣରେ ଏହି କଥାଟିକୁ ଅନୁଭବ କରି ଶିଖାଇଛି । ଠିକ୍ ଏହି କଥାଟିକୁ ଯେ ସମସ୍ତେ ଅନୁଭବ କରନ୍ତୁ, ସେକଥା ମୁଁ କଦାପି ଦାବୀ କରିବାକୁ ଯିବିନାହିଁ । କିନ୍ତୁ, ଯିଏ ନିଜର ନିକଟବର୍ତ୍ତୀ ହେବାକୁ ଯାଇ ଅନ୍ୟ ସମସ୍ତଙ୍କ ଠାରୁ ନିର୍ମମ ଭାବରେ ଦୂରବର୍ତ୍ତୀ ହୋଇଯିବାକୁ ମନ କରେ, ମୁଁ ତା' ଭିତରେ ନିଶ୍ଚୟ କେଉଁଠି ଏକ ଅସ୍ୱାଭାବିକତା ରହିଛି ବୋଲି ନିଶ୍ଚିତ ଭାବରେ ଅନୁଭବ କରିଥାଏ ।

୨୯ । ୧ । ୮୧

ଗୁଡ଼ାଏ ପଇସା ହୋଇଗଲା ପରେ ଯଦି ମଣିଷ ଆଉକିଛି ଅଧିକ ବଡ଼ ପାଇଁ ସେହି ପଇସାଗୁଡ଼ାକୁ ବ୍ୟବହାର କରିବାର ବାଟ ନପାଏ, ତେବେ ତାକୁ ଏକ ଦାରୁଣ ଗ୍ଲାନି ଭିତରେ ଶୁଖି ଶୁଖି ରହିବାକୁ ପଡ଼ିଥାଏ । ଯେତେବେଳେ ପଇସା

ନଥାଏ ଓ ମଣିଷ ପଇସା ଚାହୁଁଥାଏ, ଯେତେବେଳେ ପଇସା ଛଡ଼ା ଆଉ ଅନ୍ୟ ଇଷ୍ଟ କିଛି ନାହିଁ ବୋଲି ଗୋଟାଏ ପ୍ରକାରର ନିଶା ବେଶ୍ ସକ୍ରିୟ ଓ ଉଦ୍ଦୀପ୍ତ କରି ରଖିଥାଏ । ମାତ୍ର ଯେତେବେଳେ ପଇସା ମିଳିବାକୁ ଲାଗେ ଏବଂ ସେଗୁଡ଼ାକର ପ୍ରକୃତରେ କୌଣସି ଆବଶ୍ୟକତା ନଥାଏ, ଖାଲି ପଇସା ଉପରେ ପଇସା ଲଦା ହେବାରେ ହିଁ ଲାଗିଥାଏ, ସେତେବେଳେ ପଇସା ପାଖରେ ମଣିଷ ଭାରି ଶୋଚନୀୟ ଭାବରେ ହାରିଯାଏ । ଆଉ, ମଣିଷ ନିଜ ପାଖରେ ଏହିପରି ଭାବରେ ହାରିଗଲେ ପଇସା ତାକୁ ଆଉ ଉଜ୍ଜ୍ୱଳ ଓ ଉଦ୍ଦୀପ୍ତ କରି ରଖିବାରେ ମୋଟେ ସମର୍ଥ ହୁଏ ନାହିଁ । ପଇସା ଅଧିକରୁ ଅଧିକ ହୋଇ ଯାଉଥିବା ସଙ୍ଗେ ସଙ୍ଗେ ମଣିଷ ଯେ ତା'ର ଭିତରେ ସତେଅବା ତଳକୁ ଖସି ଖସି ଯାଉଛି ଓ ଆପଣାର ପ୍ରଭା ହରାଇ-ବାରେ ଲାଗିଛି, ତା ମୁହଁକୁ ଅନାଇଲେ ବି ତାହା ସ୍ପଷ୍ଟ ଭାବରେ ଦେଖାଯାଏ ।

ଭାରତବର୍ଷ ପରି ଏକ ଦରିଦ୍ର ଦେଶରେ ପଇସାକୁ ଆମେ କେଡ଼େ ସାର୍ଥକ ଭାବରେ ବ୍ୟବହାର କରି ପାରୁଥାନ୍ତେ ! କିନ୍ତୁ, ମଣିଷକୁ ହିଁ ସବୁଠାରୁ ଅଧିକ ଶ୍ରେୟର ଆସ୍ପଦରୂପେ ଦେଖି ପାରୁଥିଲେ ସିନା ସିଏ ଏକଥା କରି ପାରୁଥାନ୍ତା !

୩୦ । ୧ । ୮୧

ସମସ୍ତେ କହୁଛନ୍ତି, ଗାନ୍ଧୀକଥା ଭୁଲି ଭୁଲି ହୋଇ ଯାଉଛି । ଦେଶ ବା ପୃଥିବୀ କୁଆଡ଼େ ଗାନ୍ଧୀଙ୍କଠାରୁ ଅଧିକ ଦୂରକୁ ଦୂରକୁ ଚାଲିଯିବାରେ ଲାଗିଛି । ମୁଁ କିନ୍ତୁ ଠିକ୍ ଓଲଟାଟା ହିଁ ଅନୁଭବ କରୁଛି ! ଏହିପରି ଏକ ସମୟରେ ଗାନ୍ଧୀକଥା ସବୁଠାରୁ ଅଧିକ ମନେ ପଡ଼ୁଛି । ଗାନ୍ଧୀ ସତେଅବା ଏଇଠି କେଉଁଠି ପାଖରେ ଠିଆ ହୋଇ ଯାବତୀୟ ମୃତ୍ୟୁ ସତ୍ତ୍ୱେ ଜୀବନ ଉପରେ ବିଶ୍ୱାସ ରଖିବା ଲାଗି ଉଦ୍‌ବୋଧନ ଦେବାରେ ଲାଗିଛନ୍ତି । ସମସ୍ତ ପୃଥିବୀ ହୁଏତ ଠିକ୍ ସେହିପରି ଗାନ୍ଧୀକଥାକୁ ଅଧିକରୁ ଅଧିକ ମନେ ପକାଉଛି ।

ଯେଉଁ ମନୁଷ୍ୟମାନେ ମନୁଷ୍ୟ ଜାତିର ନେତାପରି ହୋଇ ଆମ ସମସ୍ତଙ୍କ ଲାଗି ଅଧିକ ଦେଖିଲେ, ଅଧିକ ଅନୁଭବ କଲେ, ଅଧିକ ସହିଲେ ଓ ପ୍ରାୟ ସବୁଠାରୁ ଅଧିକ ବାଟ ଚାଲିଲେ, ସେହିମାନଙ୍କର କଥା ପ୍ରକୃତରେ ଆଜି ସବୁଠାରୁ ବେଶୀ ମନେ ପଡୁଛି । ଆମେ ପୃଥିବୀରେ ସମସ୍ତେ ସତେଅବା ଅଧିକରୁ ଅଧିକ ଜାଣି, ଅଧିକରୁ ଅଧିକ ଚତୁର ହୋଇ ଆମ ନିଜ ଭିତରେ କେଉଁଠି ଅଟକି ରହିଯାଇଛୁ, ଆପଣା ଠାରୁ ଲୁଚିକରି ବସିଛୁ ଏବଂ ଆପଣାର ଦୁର୍ମତିଗୁଡ଼ାକୁ ଆହୁରି ବଢ଼ାଇବାରେ ଲାଗିଛୁ । ଆମର ବିଶ୍ୱାସଗୁଡ଼ାକ କୁଆଡ଼େ ଭାଙ୍ଗିରୁଜି ଗଲାଣି, ଆମର ନିଷ୍ଠାଗୁଡ଼ାକ

ସତେଅବା ଆପଣା ଉପରେ ହିଁ ସଂଶୟ ପ୍ରକାଶ କରିବାକୁ ଆରମ୍ଭ କଲେଣି । ଏହା ଫଳରେ ଆଉ କୌଣସି ବାଟ କେଉଁଠି ରହିଛି ବୋଲି ସତେଯେପରି କୌଣସି ଭରସା ହେଉନାହିଁ । ତେଣୁ, ମନୁଷ୍ୟ ଜାତିର ସବୁଠାରୁ ବଡ଼ ବନ୍ଧୁମାନଙ୍କୁ ଆଜି ଭାରି ମନେପଡ଼ୁଛି, ପୁଣି ସେମାନଙ୍କର ସ୍ୱର୍ଗମଣ୍ଡଳ ଭିତରକୁ ଆସିବାକୁ ପ୍ରାଣ ପ୍ରସ୍ତୁତ ହୋଇ ଆସୁଥିବା ପରି ମନେ ହେଉଛି ।

୩୧ । ୧ । ୮୨

ବଡ଼ମାନେ ଭାବୁଛନ୍ତି, ସାନମାନଙ୍କୁ କଥାରେ ହିଁ କେତେଟା ନୀତିଶିକ୍ଷା ଦେଇଦେଲେ ହିଁ ନୀତିଶିକ୍ଷା ହୋଇଯିବ ଏବଂ ଆମ ସମାଜ ପୁନର୍ବାର ନୀତିକୁ ଫେରି ଆସିବ ।

କଥାଗୁଡ଼ାକ ମାନିଲେ ଉପରେ ସବୁ ଠିକ୍ ଥିଲାପରି ଏକ ମିଛ ଆଶ୍ୱାସନା ମିଳିଥାଏ । ସେଥିଲାଗି ନିଜ ଭିତରେ ଦମ୍ଭୀ, ଗର୍ବୀ, ଦ୍ୱେଷୀ ଏବଂ ଅସହିଷ୍ଣୁ ହୋଇ ରହିବାଲାଗି ଆମକୁ ଅନେକ ସମୟରେ ଗୋଟାଏ ମିଛ ସାହସ ମଧ୍ୟ ମିଳି ଯାଇଥାଏ । ସେହି ସାହସ ଆମକୁ ଭାରି କଠିନ କରି ରଖେ, ଭାରି କପଟୀ କରି ରଖେ; ଆମର ସକଳ ଉଦୟସମ୍ଭାବନାକୁ ତାହା ଏକାବେଳେକେ ପଣ୍ଡ କରି ରଖିଥାଏ । ଅର୍ଥାତ୍, ଆମେ ସବୁ ଭିତରେ ଭାରି ଅସମର୍ଥ ହୋଇ ବସିଥାଉ ଏବଂ ବାହାରେ ନିଜକୁ ନୀତିବାଦୀ ବୋଲି ଜାହିର କରିବାରେ ଲାଗିଥାଉ । ଆହୁରି ଅବର୍ଜିଆ କଥା ହେଉଛି ଯେ, ଆମେ ଅନ୍ୟମାନଙ୍କ ଉପରେ ମଧ୍ୟ ନୀତିଗୁଡ଼ାକୁ ନେଇ ଜୋର୍ କରି ଲଦିଦେବାକୁ ବି ମନ କରୁଥାଉ । ଅର୍ଥାତ୍, କୋମଳ ହେବା ପରିବର୍ତ୍ତେ ଆମେ ଅଧିକରୁ ଅଧିକ କର୍କଶ ହେବାରେ ଲାଗିଥାଉ । ସମ୍ଭବତଃ ନୀତିବାଦୀମାନେ ହିଁ ଜଗତରେ ସବୁଠାରୁ ଅଧିକ କଠିନ ଏବଂ କର୍କଶ ହୋଇ ପାରିଛନ୍ତି । ଏକ ନୂତନ ନୈତିକତା ଦରକାର, ଯାହାକି ଶ୍ରଦ୍ଧାରୁ ଉତ୍ପନ୍ନ ହେଉଥିବ, ଯାହା ସହିଷ୍ଣୁତା ଓ ବିଶ୍ୱାସକୁ ଆଶ୍ରୟ କରି ରହିଥିବ, ଯାହା ମଣିଷକୁ ଅଧିକରୁ ଅଧିକ ପରିମାଣରେ ଦେବାଲାଗି ଯଥାର୍ଥରେ ସମର୍ଥ କରି ପାରୁଥିବ ।

୪ । ୨ । ୯୧

ଏହି ଦେହ ମଧ୍ୟ କୃତଜ୍ଞ ରହିବ । ସେହି କୃତଜ୍ଞତାଟିକୁ ପ୍ରକାଶ କରିବା ସମୟରେ ମୁଁ ଯେପରି ଅନୁଭବ କରି ପାରୁଛି ଯେ, ଏହି ଦେହ କେବଳ ମୋ'ର ଦେହ ନୁହେଁ । ମୋ'ର ସମଗ୍ର ସତ୍ତାଟି ଯେଉଁ ବିଶ୍ୱସତ୍ତା ସହିତ ଲାଗି ରହିଛି, ଏହି ଦେହଟି ମଧ୍ୟ ତା'ର । ତେଣୁ ଏଇଟି ମୋ'ର । ଏହା ମୋ'ର ସମ୍ପତ୍ତି ନୁହେଁ । ଏହା ମୋ'ର ସଙ୍ଗୀ ।

ଆଜି ଅନେକ ଦିନପରେ ହାତଟା ଭାରି ଭଲ ଲାଗିଲା । ପ୍ରାୟ ସମ୍ପୂର୍ଣ୍ଣ ସୁସ୍ଥ ହୋଇ ଯାଇଥିବା ପରି ଲାଗିଲା । ମୁଁ ସେ ବିଷୟରେ ଆଦୌ କିଛି ଭାବିବା ପୂର୍ବରୁ ହିଁ ସିଏ ଯେପରି କାହାର ଉଦ୍ଦେଶ୍ୟରେ ଆପଣାର ଅଣୁ ଅଣୁ ଭିତରେ କୃତଜ୍ଞ ହୋଇ ଉଠିଲା, କାହାର ଚରଣ ସ୍ପର୍ଶ କରି ଆସିବାକୁ ବ୍ୟାକୁଳ ହୋଇ ଉଠିଲା । ସତେ ଯେପରି କୌଣସି କାରଣରୁ ତାହା ଯେଉଁଠାରୁ ଦୂରରେ ପଡ଼ି ରହିଥିଲା, ତାହାର ପୁନର୍ବାର ନିକଟବର୍ତ୍ତୀ ହୋଇ ଆସିଲା ଏବଂ ସେଥିଲାଗି ଏକାବେଳେକେ ପୁଲକିତ ହୋଇ ଉଠିଲା । ଏହି ପୁଲକ କୃତଜ୍ଞତାର ଅଭିବ୍ୟକ୍ତି । ଏମିତି ହାତ ପରେ ଗୋଡ଼ର ବି ପାଳି ଆସିବ । ସିଏ ବି ନୀରବ ହୋଇ ତା'ର ସେହି ମୁହୂର୍ତ୍ତଟି ଲାଗି ଅପେକ୍ଷା କରି ବସିଛି । ମୁହୂର୍ତ୍ତ ସବୁଟି ପାଇଁ ଆସିବ, ସମସ୍ତଙ୍କ ପାଇଁ ଆସିବ । ଏହି ଆଶା କରି ଅପେକ୍ଷା କରି ରହିବା ମଧ୍ୟ ଗୋଟିଏ ପ୍ରକାରର କୃତଜ୍ଞ ହୋଇ ରହିବା । ସମସ୍ତ ଦେହକୁ ପୂର୍ଣ୍ଣ କରି ବ୍ୟକ୍ତ ହୋଇ ଆସୁଥିବା ଏହି ବିଶ୍ୱାସ, ଏହା ହିଁ ତ କୃତଜ୍ଞତା ।

୧୧ । ୨ । ୮୧

ଏହି ଆକାଶ ଯେମିତି ରହିବ, ଆଲୋକ ଯେମିତି ରହିଥିବ, ଏହି ମଣିଷ ଠିକ୍ ସେମିତି ରହିଥିବ । କାରଣ, ଏହି ଆକାଶ ଓ ଆଲୁଅ ଭିତରେ ସତକୁ ସତ ଯାହା ରହିଛି, ଏହି ମଣିଷ ଭିତରେ ସତକୁ ସତ ତାହାହିଁ ରହିଛି । ଏବଂ, ସେହି ଅଚଳ ସତ୍ତ୍ୱଟିର ମୃତ୍ୟୁ ନାହିଁ । ତାହାର ଭିନ୍ନ ଭିନ୍ନ ପରିପ୍ରକାଶ ରହିଛି ସତ, କିନ୍ତୁ ମୃତ୍ୟୁ ନାହିଁ ।

ଏକଥା ମୁଁ କାହାକୁ ଖଡ଼ୀ ଧରି ବୁଝାଇଦେଇ ପାରିବି ନାହିଁ । କିନ୍ତୁ ମୋ' ସହିତ ଏକାଠି ଯଦି କେହି ବାଟ ଚାଲିବାକୁ ମନ କରିବ, ସିଏ ମଧ୍ୟ ଯେ ଠିକ୍ ମୋ'ର ପରି ଉକ୍ତ କଥାଗୁଡ଼ିକରେ ବିଶ୍ୱାସ କରିବାକୁ ଆରମ୍ଭ କରିବ, ସେହି କଥାଟିକୁ ମୁଁ ଅତ୍ୟନ୍ତ ଦୃଢ଼ତାର ସହିତ କହି ପାରିବି । ହଁ, ମଣିଷ ନିଜ ଉପରେ ପିନ୍ଧିଥିବା ଖୋଳଗୁଡ଼ାକ ବା ନିଜର ମୁହଁ ଉପରେ ପିନ୍ଧିଥିବା ମୁଖାଗୁଡ଼ାକ ଥର-ଥର କରି କେତେ ପ୍ରକାରେ ଖସି ପଡ଼ିବ, ସିଏ କେତେଥର ଏମିତି ଧରାପଡ଼ି ଯାଉଥିବ । ଯୋଉଦିନ ନିଜପାଖରେ ଧରା ପଡ଼ିଯିବ, ସେଦିନ ସିଏ ଆଉ ପୁନର୍ବାର ଖୋଳ ଲଗାଇବାକୁ ଅଥବା ମୁଖାଗୁଡ଼ାକ ପିନ୍ଧିବାକୁ କଦାପି ମନ କରିବନାହିଁ । କେବଳ ଅନ୍ୟମାନଙ୍କ ପାଖରେ ଧରା ପଡି ଯାଉଥିବା ପର୍ଯ୍ୟନ୍ତ ସିଏ ଆପଣାକୁ ଆହୁରି ଅଧିକ ବ୍ୟାକୁଳ ଭାବରେ, ଚତୁର ଭାବରେ ଲୁଚାଇ ରଖିବାର ଚେଷ୍ଟା କରୁଥିବ । ଗୋଟାଏ ଖୋଳକୁ ଲୁଚାଇ ରଖିବାକୁ ଯାଇ ସେ ଆଉଗୋଟାଏ ଖୋଳକୁ ମନ କରୁଥିବ, ମୁଖା ପରେ ମୁଖାକୁ ମନ କରୁଥିବ । ମାତ୍ର, ଦିନେ ନା ଦିନେ

ପୁର୍ଣ୍ଣୋନ୍ମୋଚନର ଦିନ ଆସିବ । ଆପଣା ପାଖରେ ଆଗଣାର ଦାବିର ଭିତର ଏକାବେଳେକେ ଉନ୍ମୋଚିତ ହୋଇଗଲେ ଯେକଥା ହେବ ।

୧୩ । ୭ । ୮୧

ଦେହ, ମନ ବା ପ୍ରାଣ,— ଏମାନେ କେହି ପାଖ ଘୁଞ୍ଚି ଆଉ କୁଆଡେ ପଳାଇ ଯାଇ ନଥାନ୍ତି । ଏମାନେ ସମସ୍ତେ ଏଇଠି ଥାଆନ୍ତି, ଏକାଠି ଥାଆନ୍ତି । ମୁହିଁ ନାନା ଅନ୍ୟ କାରଣରୁ ଓ ଅନ୍ୟ ଆଶ୍ରିତାର ବଶବର୍ତ୍ତୀ ହୋଇ ସେମାନଙ୍କୁ ଅଲଗା ଅଲଗା କରି ଦେଖୁଥାଏ ବୋଲି ସେମାନଙ୍କୁ ଗୋଟିଏ କରି ଦେଖି ପାରେ-ନାହିଁ । ଦେହକୁ ଦେଖିଲାବେଳେ ମନକୁ ଦେଖି ପାରେନାହିଁ, ମନ ସହିତ ପୂର୍ଣ୍ଣଭିତର ଭାବରେ ବାସ କରିବ ବୋଲି ଦେହକୁ ସତେଅବା ପଛରେ ଛାଡିଦେଇ ଯିବାଲାଗି ମନ କରିବାରେ ଲାଗିଥାଏ, ପୁଣି କେତେବେଳେ ଦେହଟାକୁ ବାନ୍ଧି ରଖିବ ବୋଲି ମନର ରୂପ ଧରି ଦଉଡି ଓ ଫାଶ ନେଇ ଆସି ପହଞ୍ଚିଯାଏ ଓ ଦେହକୁ ନେଇ ଏକୁଟିଆ ରହିବ ବୋଲି ମନଠାରୁ ଭିନ୍ନ ଅଲଗା ହୋଇ ରହିବ ବୋଲି ଚେଷ୍ଟା ମଧ୍ୟ କରୁଥାଏ । ତାହାହିଁ ସବୁ ଅସୁସ୍ଥତାର ସର୍ବମୂଳ କାରଣ । ଅସୁସ୍ଥ ହୋଇ ପଡିଥିବା ସମୟରେ ହିଁ କୌଣସି ଗୋଟିଏ ଭାଗକୁ ପଛରେ ପକାଇ ଆସିଛୁ ବୋଲି ମନେ ହେଉଥାଏ ।

ଯେତେବେଳେ ସମସ୍ତେ ଗୋଟିଏ ଅଭୀପ୍ସା ଭିତରେ ଗଣ୍ଠି ହୋଇ ରହିଥାନ୍ତି, ସେତେବେଳେ ଦେହ, ମନ ବା ପ୍ରାଣ ଏମାନେ ଅଲଗା ଅଲଗା ବୋଲି ମୋଟେ ବୋଧ ହୁଏନାହିଁ । ସେତେବେଳେ କେଡ଼େ ହାଲୁକା ଲାଗେ, ନିଜକୁ ଗୋଟାସୁଦ୍ଧା ଗୋଟାଏ ବୋଲି ମନେହୁଏ । ଏହି ଗୋଟିଏ ବୋଲି ଅନୁଭବ ହେବା, ଏହାକୁ ହିଁ ଆନନ୍ଦ ବୋଲି କୁହଯାଏ । ପଥ ଉପରେ ଆପଣାକୁ ଏହିପରି ସଂବଦ୍ଧ କରି ଚଳାଇ ନେଉଥିବା ସମୟରେ ଆପଣା ଭିତରୁ ସବୁ କ୍ଷତ ହତେଅବା ହୁରୁଡି ପଳାଇ ଯାଇଥାନ୍ତି, ଅସଲ ଶ୍ରଦ୍ଧା ଓ ଅସଲ ସଂକଳ୍ପଟିକୁ ବାଟ ଛାଡ଼ିଦେଇ ପଳାଇ ଯାଇଥାନ୍ତି ।

୧୪ । ୭ । ୮୧

ଏହି ସକାଳଠାରୁ ମୁଁ କେବେହେଲେ କିଛି ମାଗିନାହିଁ । ଏହି ସକାଳ ପାଖରେ କେବଳ ନୀରବ ହୋଇ ବସି ରହିବାକୁ ହିଁ ଇଚ୍ଛା କରିଛି । ଏହି ସକାଳ ଭିତରକୁ ପ୍ରବେଶ କରିବା ମାତ୍ରକେ ମୋ' ନିଜ ଭିତରଟା ଆପଣାଛାଏଁ ନୀରବ

ହୋଇ ଆସିଛି, ଯେଉଁ ନୀରବତା ଭିତରେ ହିଁ ସିନ୍ଦୂର ଫାଟିଛି, ଗୀତ ପାହିଛି, ଭେଟ ମିଳିଛି, ଆପଣାର ଘରଟି ଆଲୋକମୟ ହୋଇ ଉଠିଛି ।

ମୋ' ଦେଶ ପାଖରୁ ମୁଁ କେବେହେଲେ କିଛି ମାଗିନାହିଁ । ଏହି ଦେଶକୁ ମୁଁ ଆପଣାର ବୋଲି ଗ୍ରହଣ କରି ନେଇଛି । ମଣିଷ ଯାହାକୁ ଆପଣାର ବୋଲି ଗ୍ରହଣ କରିନିଏ, ସିଏ ତା' ପାଖରେ ଆଉ ଅଭିନୟ କରି ପାରେନାହିଁ । ଆପଣାର କରି କିଛି ପାଇବା ମାତ୍ରକେ ତା'ର ସବୁ କୋଳାହଳ ବନ୍ଦ ହୋଇଯାଏ । ସିଏ ପୂର୍ଣ୍ଣ ହୁଏ, ଅର୍ଥାତ୍ ଆପଣାକୁ ଦେବାର ଯୋଗ୍ୟ ହୁଏ । ଆଉ ପଳାଇ ଯିବାର କିଛି ନଥାଏ । ମୋ' ଜୀବନରେ ଠିକ୍ ସେହିକଥା ଘଟିଛି । ଗୋଟିଏ ଦେଶରେ ଜନ୍ମ ହୋଇଛି ଓ ସେହି ଦେଶକୁ ଆପଣାର ବୋଲି ଗ୍ରହଣ କରି ନେଇଛି ବୋଲି ମୁଁ ଆପଣାର ଭିତରେ ଅନେକ ଅଡ଼ୁଆର ସମାଧାନ କରିପାରିଛି, ନିଜକୁ ଦେଇ ପାରିବାର ଅର୍ଥାତ ଆପଣାର ଜୀବନକୁ ପୂର୍ଣ୍ଣ କରି ପାରିବାର ନିକଟ କ୍ଷେତ୍ରଟିଏ ମୁଁ ପାଇଯାଇଛି । ଏହା କ'ଣ କମ୍ ଭାଗ୍ୟ ? କୌଣସି ଭୂମିକୁ ନିଜର ଭୂମି ବୋଲି ଗ୍ରହଣ କରି ପାରିନଥିଲେ ମୁଁ ହୁଏତ ଆଜି ମଧ୍ୟ ଅଭିନୟ କରି ବୁଲୁଥାନ୍ତି, ଭାରି କୋଳାହଳ କରୁଥାନ୍ତି । ମୁଁ ସେହି ଦୁର୍ଭାଗ୍ୟକୁ ଅତିକ୍ରମ କରିଯାଇଛି । ଏହି ଦେଶ ପାଖରେ ମୁଁ ଅତ୍ୟନ୍ତ କୃତଜ୍ଞ, ଠିକ୍ ଯେପରି ଏହି ସକାଳ ପାଖରେ ମଧ୍ୟ କୃତଜ୍ଞ ।

—o—